
# ସେପାରି

## ନଭେମ୍ବର ୨୦୨୨



ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ବର୍ତ୍ତମାନ ସାରା ଭାରତ ବର୍ଷରେ ଚାଲିଛି ପର୍ବପର୍ବାଣୀର ମେଳା । ବିଭିନ୍ନ ପ୍ରାନ୍ତ ଓ ପ୍ରଦେଶରେ ଦେଶବାସୀ ସମସ୍ତ ପର୍ବପର୍ବାଣୀକୁ ଭାରି ଯାକଜମକରେ ପାଳନ କରିବାରେ ଲାଗିଛନ୍ତି । ବିଗତ ଦୁଇ ବର୍ଷ ହେଲା କରୋନା ଭୂତାଣୁ ଜନିତ ମହାମାରୀ ରୁ ମୁକ୍ତି ମିଳିଥିବାରୁ ଜନସାଧାରଣ ଭଗବାନଙ୍କୁ ନିଜର ଖୁସି ଜଣାଇବା ସହ ତାଙ୍କର ଆଶୀର୍ବାଦ ଭିକ୍ଷା ମଧ୍ୟ କରୁଛନ୍ତି । ଆଉ ଆଗେଇ ଚାଲିଛି ଭଗବାନଙ୍କର ଗୌରବ ଗାଥା ।

ପର୍ବପର୍ବାଣୀ ଭଗବାନଙ୍କ ଆଗରେ ଆମକୁ ନତମସ୍ତକ କରି ଆମର ମନକୁ ଶାନ୍ତ କରିଥାଏ । ମନ୍ଦିର ପରିଶର ଭିତରେ ନିଜକୁ ପାଇଲେ ମଣିଷ ଯେପରି ନିଜକୁ ମଧ୍ୟ ଭୁଲିଯାଏ ଆଉ ସଂପୂର୍ଣ୍ଣଭାବରେ ସମର୍ପି ଦେଇଥାଏ ନିଜକୁ ଭଗବାନଙ୍କ ପାଖରେ । ପର୍ବପର୍ବାଣୀ ମଧ୍ୟ ମନକୁ ଶାନ୍ତ କରିବାରେ ସାହାଯ୍ୟ କରିଥାଏ ଏବଂ ଏହାଦ୍ୱାରା ପରିବାର ମଧ୍ୟରେ ସ୍ନେହ ଓ ଶ୍ରଦ୍ଧା ବଢାଇଥାଏ । ଆଜିର ବ୍ୟସ୍ତବହୁଳ ଜୀବନରେ ପର୍ବପର୍ବାଣୀ ହିଁ ହେଉଛି ଏକମାତ୍ର ପନ୍ଥା ଯେଉଁଥିରେ ପରିବାରର ସମସ୍ତେ ଏକଯୁଟ ହୋଇଥାନ୍ତି ଅନେକ ଦିନ ପରେ ଆଉ ପରସ୍ପର ମଧ୍ୟରେ ନିବିଡତା ମଧ୍ୟ ବଢିଥାଏ । ପୂଜାପାର୍ବଣୀ ଆମ ସଂସ୍କୃତିକୁ ବଞ୍ଚାଇ ରଖିବାରେ ସାହାଯ୍ୟ କରିଥାଏ ।

ISSN NO.
2582-208X

ଅନ୍ୟ ପକ୍ଷରେ ବିଭିନ୍ନ ପ୍ରକାର ପର୍ବପର୍ବାଣି ମନାଇବା ଦ୍ୱାରା ଦେଶର ଅର୍ଥନୀତି ବଢିବାରେ ମଧ୍ୟ ସାହାଯ୍ୟ କରିଥାଏ । କୌଣସି ବି ପର୍ବରେ ଦୋକାନ ବଜାରରେ ନାହିଁନଥିବା ଭିଡ ଦେଖିବାକୁ ମିଳେ । ଫୁଲ ଠାରୁ ଆରମ୍ଭ କରି ଧୂପ, ଦୀପ, ଭୋଗ ସାମଗ୍ରୀ, ପୂଜା ସାମଗ୍ରୀ, ବସ୍ତ୍ର, ଫଳ, ବିଭିନ୍ନ ପ୍ରକାର ପନିପରିବା ଇତ୍ୟାଦି ଇତ୍ୟାଦିର ବିକ୍ରି ହୋଇଥାଏ । ଏହାଛଡା ବଡ ବଡ ପର୍ବରେ ଯେପରିବି ଦିପାବଳୀରେ ଅନେକ ପରିବାର ନୂଆ ବସ୍ତ୍ର, ବାସନକୁସନ କିମ୍ବା ଅଧିକ ପଇସା ଥିଲେ ସୁନା, ରୂପା କିଣିଥାନ୍ତି । ଏହାଛଡା ଦିପାବଳୀରେ ବାଣ ଲାଇଟ୍, ମହମବତୀ ଇତ୍ୟାଦିର ବିକ୍ରି ଅନେକ ହୋଇଥାଏ ।  ଦୁର୍ଗା ପୂଜା, ଗଣେଶ ପୂଜା, ଲକ୍ଷ୍ମୀ ପୂଜା, ସରସ୍ୱତୀ ପୂଜା, ବିଶ୍ୱକର୍ମା ପୂଜା, କାଳୀପୂଜା ଇତ୍ୟାଦିରେ ମୂର୍ତ୍ତି କାରିଗର ମାନେ ଅନେକ ଦିନ ପାଇଁ ରୋଜଗାରର ପନ୍ଥା ପାଇଥାନ୍ତି । ଏକ ମନ୍ଦିର ପାଖରେ କେତେବେଳେ ଯାଇ ଦେଖନ୍ତୁ ଯେ ଅନେକ ପ୍ରକାରର ଦୋକାନ ବଜାର କେବଳ ମନ୍ଦିରକୁ ନେଇ ହିଁ ଚାଲିଛି । ଏହାଦ୍ୱାରା ଏନେକ ଲୋକେ ରୋଜଗାର ମଧ୍ୟ ପାଉଛନ୍ତି ।

ଏଣୁ ପର୍ବପର୍ବାଣୀ ମନୁଷ୍ୟକୁ ଆଧ୍ୟାତ୍ମିକତା ର ରାସ୍ତା ଦେଖାଇବା ସଙ୍ଗେ ସଙ୍ଗେ ଅନେକ ଲୋକଙ୍କୁ ରୋଜଗାରର ପନ୍ଥା ମଧ୍ୟ ଦେଇଥାଏ ଏବଂ ଆମ ସଂସ୍କୃତିକୁ ବଞ୍ଚାଇ ରଖିଥାଏ, ଏଥିରେ କୌଣସି ସନ୍ଦେହ ନାହିଁ । ଆସନ୍ତୁ ବିଭିନ୍ନ ପ୍ରକାରର ପର୍ବପର୍ବାଣୀ ମନାଇବା ସହ ମନୁଷ୍ୟ ମନରୁ ଇର୍ଷା, ଦ୍ୱେଷ କମାଇ ନିଜ ଜୀବନକୁ ସାର୍ଥକ କରିବା  ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର



ISSN NO.
2582-208X

# ଭିତର ପୃଷ୍ଠାରେ....



| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୨ |
| ଦ୍ୱୈତବାଦ(ସ୍ରଷ୍ଟା ଓ ସୃଷ୍ଟିର ସ୍ୱାତନ୍ତ୍ର୍ୟ ସ୍ୱୀକୃତି) | ଇଂ. ସୁଶାନ୍ତ କିଶୋର ବଳ | ୨୩ |
| ଶାରଦ | ଡ. ଶକୁନ୍ତଳା (ନାୟକ) | ୨୭ |
| ଦକା - ଆପେକ୍ଷିକ, ଷଷ୍ଠ ଭେଟ | ଡକ୍ଟର ବିଜ୍ଞାନୀ ଦାସ | ୨୯ |
| ଅବୁଝା ମନ | ଡ. ପ୍ରସନ୍ନ କୁମାର ବଳ | ୪୦ |
| ବଢ଼ାଇ ଦେବକି ହାତ ? | ଶଶଧର ମହାପାତ୍ର | ୪୨ |
| ପରମାତ୍ମା | ଡ଼ ସୁନନ୍ଦା ମିଶ୍ର ପଣ୍ଡା | ୪୫ |
| ମା'ଙ୍କ ମହିମା | ଶାନ୍ତିଲତା ମିଶ୍ର | ୪୮ |
| ବାହୁଡା ପକ୍ଷୀ | ଡକ୍ଟର  ପ୍ରବୀଣା ପରିଡା | ୫୧ |
| କାର୍ତ୍ତିକ ପୂର୍ଣ୍ଣିମା | ଅଦ୍ୱୈତ କୁମାର ସାମନ୍ତରାୟ | ୫୩ |
| ଶରତ ସମ୍ଭାର | ଶେଷଦେବ ପଣ୍ଡା | ୫୭ |
| ଲଳିତ ନିବନ୍ଧ-ବେଇମାନ | ବଦ୍ରୀ ମହାନ୍ତି | ୫୯ |
| ସକଳ ଜୀବର ଆଧାର | ଜୟନ୍ତୀ ଦେବୀ | ୬୩ |
| ଚିଠି | କୁଞ୍ଜବିହାରୀ ରାଉତ | ୬୫ |
| ମାଆ ଆସିଛନ୍ତି | ସଂଯୁକ୍ତା ସାହୁ | ୬୭ |
| ଯୁଦ୍ଧ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୬୯ |
| ଯୋଡ଼ି ବଣି | ଅମ୍ବିକା ସ୍ୱାଇଁ | ୭୧ |
| ଜଗନ୍ନାଥ ଭକ୍ତି ଭଜନ ବିଚିତ୍ରା | ଦଣ୍ଡାସି ପ୍ରଧାନ | ୭୭ |
| ମା ଦଶଭୂଜା | ବାସନ୍ତୀ ଲତା ଜେନା | ୮୨ |
| ତଥାପି ମୁଁ ହସୁଛି | ଡ. ଜ୍ଞାନେଶ୍ୱର ମିଶ୍ର | ୮୪ |

ISSN NO.
2582-208X


| | | |
|---|---|---|
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୮୫ |
| ବାରିଦ ବରନ | ଡ. ଅର୍ଜୁନ ଚରଣ ବାରିକ୍ | ୯୨ |
| ଦେଖିଛ କୀ? | ତରୁଣ କୁମାର ଦାସ | ୯୪ |
| ଶୁଭ ଚିନ୍ତନ | ଡଃ ଅଭିମନ୍ୟୁ କାନୁନଗୋ | ୯୫ |
| ବେଦନା ସିକ୍ତ ହୃଦୟ | ଭାସ୍କର ଚନ୍ଦ୍ର ଖଣ୍ଡା | ୯୭ |
| ଆଦିବାସୀ ସଂସ୍କୃତି ଓ ପରିବେଶ | ଅସିତ ମହାନ୍ତି | ୯୯ |
| ତଥାପି ଜୀଇଁଛି | ଦୀପ୍ତିମୟୀ ସାହୁ | ୧୦୨ |
| ମୁଁ | ବିନୋଦିନୀ ଦାଶ | ୧୦୪ |
| ଜୀବନ ସଂଜ୍ଞା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୦୭ |
| କବିଟିଏ ମୁହିଁ ହେବି | ରଘୁନାଥ ତ୍ରିପାଠୀ | ୧୦୯ |
| ଓଡ଼ିଶାର ଲୋକଗୀତ | ଡାକ୍ତର ରବି ରଞ୍ଜନ ସାହୁ | ୧୧୧ |
| ଭଉଁରୀ | ଆଶୁତୋଷ ମେହେର | ୧୧୬ |
| ରାଧା | ଅଳକା ମହାନ୍ତି | ୧୧୭ |
| ଚକାଆଖି | ସତ୍ୟନାରାୟଣ ପ୍ରସାଦ ନାୟକ | ୧୧୯ |
| ମାଣିକ | ଅଧ୍ୟାପକ ଅବିନାଶ ବାରିକ୍ | ୧୨୧ |
| ଅଗ୍ନି ପୂଜକ : ପାର୍ସି ସମ୍ପ୍ରଦାୟ | ପ୍ରିୟବ୍ରତ ପାତ୍ର | ୧୨୩ |
| ଭୁଲି ହୁଏନା | ବିଜୟ କୁମାର ସାହୁ | ୧୨୬ |
| ଆଜି ଆମେ ଏହି ଶପଥ ନେବାରେ | ଅମୃତନାରାୟଣ ଶତପଥୀ | ୧୨୭ |
| ତୁଳସୀ ଦାସଂକ ଦିଅଁ ଖୋଜା | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୧୨୯ |
| ଦୁଃଖଦ ଉନ୍ନତି | ପ୍ରଦୀପ୍ତ କୁମାର ମିଶ୍ର | ୧୩୧ |
| ଭଲ ପାଏ ବୋଲି | ଅରୁଣ କୁମାର ମହାପାତ୍ର | ୧୩୪ |
| ଇଚ୍ଛାହୁଏ | ଡ଼ ପଲିମର ଦାଶ | ୧୩୬ |
| ଜୀବନ ଦର୍ଶନ | ଝରଣା ବାରିକ | ୧୩୭ |

ISSN NO.
2582-208X


| | | |
|---|---|---|
| ଏଇ ତ ଜୀବନ | ପୁଷ୍ପାଞ୍ଜଳି ମିଶ୍ର | ୧୩୮ |
| ସାଥୀ | କୁଞ୍ଜ ବିହାରୀ ସାହୁ | ୧୪୦ |
| ସ୍ୱଳ୍ପ ସମୟ | କୀର୍ତ୍ତି ଦେବୀ | ୧୪୬ |
| ଐତିହାସିକ ବାଲିଯାତ୍ରା | ଛବି ରାଣୀ ପତି | ୧୪୭ |
| ଆତ୍ମୀୟତାର ଅନ୍ୟନାମ: ଜୀବନ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୪୮ |
| ଦୀପାବଳି | ତ୍ରିପତି ପ୍ରଧାନ | ୧୪୯ |
| ଶିଶୁ | ବେଣୁଧର ସୂତାର | ୧୫୧ |
| ଅତୀତର ବାସ୍ନା | ପୁରୁଷୋତ୍ତମ ମିଶ୍ର | ୧୫୨ |
| ମେଞ୍ଚାଏ ଅନ୍ଧାର | ପ୍ରାଧ୍ୟାପିକା ଜ୍ୟୋସ୍ନା ରାୟ | ୧୬୩ |
| ଦୋଷୀ କିଏ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୬୪ |
| ଅଭୁଲା ତୁମର ସ୍ୱଦେଶ ପ୍ରେମ | ରାଜକିଶୋର ସାଇଁ | ୧୬୬ |
| ଦୀପାବଳି | ଅଲେଖ ମେହେର | ୧୬୮ |
| ମାଟି ଆଉ ଆକାଶ | ଗଜାନନ ମିଶ୍ର | ୧୬୯ |
| ଗୋଟିଏ କୁନି ଝିଅ ଓ ଦୁର୍ଗା ମେଢ | ଦୀନବନ୍ଧୁ ବେଜ | ୧୭୧ |
| ପାଣ୍ଡବ ପ୍ରତି | ମନୋରଞ୍ଜନ ସୁରୁଜାଲ | ୧୭୫ |
| ଆସିବ ମାତାରାଣୀ | ପୂର୍ଣ୍ଣଚନ୍ଦ୍ର ରଣା | ୧୭୬ |
| ମା ଦୁର୍ଗା | ପୂର୍ଣ୍ଣିମା ଗୋଛାୟତ | ୧୭୮ |
| ମାଆ | ବିଷ୍ଣୁପ୍ରିୟା ଦାସ | ୧୮୦ |
| କଳାକାର ବନମାଳିଆ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା) | ୧୮୧ |
| ନାଟକ-ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୮୨ |
| ଥ୍ୟାଙ୍କ ୟୁ ଭଗବାନ | ବାଙ୍କାବିହାରୀ ମହାକୁର | ୧୮୮ |
| ଜଗା ଦର୍ଶନ | ସିଦ୍ଧେଶ୍ୱର ତ୍ରିପାଠୀ | ୧୯୦ |
| ଏକଥା ଅଟଇ ଥୟ | ନନ୍ଦିନୀ ରାଉତ | ୧୯୧ |

ISSN NO.
2582-208X


| | | |
|---|---|---|
| ଏକାନ୍ତ ସମୟ | ଜୟ କୁମାର ମିଶ୍ର | ୧୯୨ |
| ବୈଧବ୍ୟ ପ୍ରଥାର ଅପସଂସ୍କୃତି | ଅମରନାଥ ବାରିକ | ୧୯୪ |
| ଶରତ ଆକାଶ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୧୯୭ |
| ଜୀବନୀ ଗୀତିକା | ଅଜିତ ପାଢ଼ି | ୧୯୮ |
| ବିଧବା କାଶତଣ୍ଡୀ | ରୁଦ୍ର ନାରାୟଣ ଦାଶ | ୨୦୦ |
| ସିଏତ ଆମରି ମା | ରୁପାଞ୍ଜଳୀ ସାମଲ | ୨୦୨ |
| ସ୍ମୃତି (ଏକ ଆବେଗ) | ସସ୍ମିତା ରାଉତ ଜେନା | ୨୦୪ |
| ତଥାପି ! | ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ | ୨୦୬ |
| ବୟସର ଅପରାହ୍ନରେ | ଅଭିମନ୍ୟୁ ବେହେରା | ୨୦୭ |
| ବିବାହ ବନ୍ଧନ | ସୁବ୍ରତ କୁମାର ପ୍ରଧାନ | ୨୧୦ |
| ଏମିତି ବିତିଯାଉ | ଦୁଷ୍ମନ୍ତ ବେହେରା | ୨୧୨ |
| ଆଲୋକର ପର୍ବ | ଲୀଳାବତୀ ପରିଡ଼ା | ୨୧୩ |
| ସିନ୍ଦୁର | ଅଧର ବିଶ୍ୱାଳ | ୨୧୫ |
| ଗାଁ ମନ୍ଦିର | କୃଷ୍ଣ ଚନ୍ଦ୍ର ବାରିକ | ୨୧୮ |
| ପଳେଇବି କଲିକତା | ଜୟନ୍ତ କୁମାର ମଲ୍ଲିକ୍ | ୨୧୯ |
| ତ୍ରିବେଣୀ ସ୍ନାନ | ଗୁପ୍ତେଶ୍ୱର ଚାନ୍ଦ | ୨୨୦ |
| ନାରୀ | ଶ୍ୟାମସୁନ୍ଦର କୁମ୍ଭାର | ୨୨୨ |
| ଅଚିହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୨୪ |
| ଗୀତା ଗଙ୍ଗା ଗାୟତ୍ରୀ ଗୋବିନ୍ଦ | ଦେବଜାନୀ ବାରିକ୍ | ୨୨୭ |
| ନୀଳ କଇଁ | କାଳିପ୍ରସାଦ ମହାପାତ୍ର | ୨୨୯ |
| ଶରତକାଳ | ପ୍ରଶାନ୍ତ କୁମାର ଦାଶ | ୨୩୧ |
| ଆସ ଏ ଧରା ଧାମକୁ | ସୁହାସିନୀ ବାରିକ୍ | ୨୩୨ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନିତା ପଣ୍ଡା | ୨୩୩ |

www.vedantimagazine.com

ISSN NO.
2582-208X


| | | |
|---|---|---|
| କୃଷ୍ଣ ଜଣାଣ | ସୌମ୍ୟ ରଞ୍ଜନ ଷଡ଼ଙ୍ଗୀ | ୨୪୧ |
| ପାର୍ଥକ୍ୟ ମାନସିକତାରେ | ରାଧାମୋହନ ପୂଜାହାରୀ | ୨୪୬ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୪୯ |
| ଶିକ୍ଷାଦୀକ୍ଷା | ନିରଞ୍ଜନ ସାହୁ | ୨୫୩ |
| ଦଶହରା | ପ୍ରଶାନ୍ତ କୁମାର ନାଥ | ୨୫୪ |
| ତବ ଆଗମନେ | ମୋନାଲିସା ପଣ୍ଡା | ୨୫୬ |
| କୁଞ୍ଜବନେ କିଏ ଗୋ | ନମିତା ଦାଶ | ୨୫୮ |
| ଓଡିଆ ଉପନ୍ୟାସକୁ ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ ଙ୍କ ଅବଦାନ | ପ୍ରତାପ ଚନ୍ଦ୍ର ସାହୁ | ୨୫୯ |
| କବିତାରେ ଦେଲି କହି | ଶିଶିର କୁମାର ପଣ୍ଡା | ୨୬୨ |
| ଆଲୋଡନ | ଆୟୁଷ ବଡ଼ାଇ | ୨୬୩ |
| ନୟନାଭିରାମ ପୁରୁଷଉତ୍ତମ | ମାଳତୀ ଦେବୀ | ୨୬୫ |
| ପେଟ ପାଇଁ ନାଟ | ସୂର୍ଯ୍ୟ ନାରାୟଣ ସାହୁ | ୨୬୬ |
| ଜୟ ଦଶଭୂଜା | ଅଳକା ବାରିକ୍ | ୨୭୦ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୭୧ |
| ପ୍ରୀତି ଶିଳ୍ପ | ତାରାପ୍ରସାଦ ଜେନା | ୨୭୩ |
| ମହାଳୟା - ପିତୃପକ୍ଷ - ଶ୍ରାଦ୍ଧ | ସାଇପ୍ରସାଦ ସାହୁ | ୨୭୫ |
| କଳିଯୁଗେ ହୁଏ ସେମିତି | ଶାନ୍ତା କୁମାରୀ ନନ୍ଦ | ୨୭୯ |
| ପଡୋଶୀ | ସରୋଜ କୁମାର ସାହୁ | ୨୮୧ |
| ପ୍ରିୟତମା | ସତ୍ୟରଞ୍ଜନ ଘିଓ୍ୱାଲା | ୨୮୨ |
| ଭାଗ୍ୟର ବିଡମ୍ବନା | ସୀତାରାମ ଦାଶ | ୨୮୩ |
| ଯାଇଥିଲି କଲିକତା | ଶିଶିର କୁମାର ପଣ୍ଡା | ୨୯୦ |
| ଅକୁହା କଥା | ସ୍ମୃତିରେଖା ପରିଡା | ୨୯୧ |

ISSN NO.
2582-208X


| | | |
|---|---|---|
| ସନ୍ଥ ଚନ୍ଦ୍ରମଣି | ଶୁଭେନ୍ଦୁ ମେହେର | ୨୯୨ |
| ଚିରଞ୍ଜିବୀ | ଜୀବନଜ୍ୟୋତି ମହାନ୍ତି | ୨୯୬ |
| ଅଛୁଆଁ ଜାତି | ଶିବରାମ ଦଳେଇ | ୨୯୭ |
| ଜହ୍ନ | ଶ୍ରୀକ୍ଷେତ୍ର ସୁନ୍ଦର | ୩୦୦ |
| ସୂର୍ଯ୍ୟାସ୍ତେ ଗମନ | ଅଧ୍ୟାପିକା ଦୀପା ମହାନ୍ତି | ୩୦୧ |
| ଆତ୍ମତୃପ୍ତି | ଲକ୍ଷ୍ମଣ ମହାନ୍ତି | ୩୦୩ |
| ବ୍ରହ୍ମବେତ୍ତା ଯାଜ୍ଞବଲ୍କ୍ୟଙ୍କ ବିଷୟରେ କିଛି ଜାଣିବା | ନରେନ୍ଦ୍ର ପ୍ରସାଦ ବେହେରା | ୩୦୫ |
| ଦେବୀ | ବିଶ୍ୱଜିତ୍ ନାଥ | ୩୦୮ |
| ତତେ ନେଇଯିବି | ଚିତରଂଜନ ବେହେରା | ୩୧୦ |
| କାଶତଣ୍ଡୀ ଫୁଲ | ଦୀପକ କୁମାର ନାୟକ | ୩୧୧ |
| ସ୍ୱର୍ଗ ଆମ ସ୍ୱପ୍ନ | ହାସ୍ୟମୟୀ ରାଜ୍ | ୩୧୨ |
| ଇନ୍ଦୁରୂପା | ଗୌରୀ ନାଗ | ୩୧୪ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକି ନାୟକ | ୩୧୫ |
| ଯୁଗେ ଯୁଗେ ଅବତାର | ମଞ୍ଜୁଲତା ନାୟକ | ୩୧୭ |
| ଗୁରୁ ପାଦେ ଶରଣମ | ମନୋରମା ମହାନ୍ତି | ୩୧୯ |
| ରେଖା | ମିତ୍ରଭାନୁ ବିଶ୍ୱାଳ | ୩୨୦ |
| ଈଶ୍ୱରଙ୍କୁ ପ୍ରଶ୍ନ | ନିକୁଞ୍ଜ କୁମାର ଘୋଷ | ୩୨୨ |
| ସମକାଳୀନ ସମୟର ସମ୍ବେଦନଶୀଳ ଯୁବ ଚିତ୍ରଶିଳ୍ପୀ: ମନୋଜ କୁମାର ବେହେରା | ଦୀପ୍ତିମୟୀ ସାହୁ | ୩୨୩ |
| ସତ୍ୟ ଶାନ୍ତି କ୍ଷମା ଦୟା | ଅଭିଳାଶ ବାରିକ୍ | ୩୨୯ |
| ଏଇ ବୋଧେ ପ୍ରେମ | ଜନ୍ମେଜୟ ନାୟକ | ୩୩୦ |
| ଜୟ ମା ଦୁର୍ଗା | ଈଶ୍ୱରୀ ବେହେରା | ୩୩୨ |

ISSN NO.
2582-208X


| | | |
|---|---|---|
| ଭଲପାଇବା | ସଙ୍ଗୀତା ମହାନ୍ତି | ୩୩୪ |
| ସ୍ମୃତିର ରାତ୍ରି | ଜ୍ୟୋତି ପଧାନ | ୩୩୫ |
| ମେଘ | ଲତା ବେହେରା | ୩୩୬ |
| ଭଲପାଏ ବୋଲି | ଲକ୍ଷ୍ମୀପ୍ରିୟା ସେଠୀ | ୩୩୮ |
| ରଙ୍ଗ ନମ୍ବର | ଟଙ୍କଧର ସାହୁ | ୩୪୦ |
| ଚୁମ୍ବନ | ଲିନା ମହାନ୍ତି | ୩୪୩ |
| ହଁ, ମୁଁ ଈଶ୍ୱରଙ୍କୁ ଦେଖିଛି | ମକରଧ୍ୱଜ ସାହୁ | ୩୪୪ |
| ଆସିଲାଣି ଅଶିଣ | ପ୍ରକାଶ କୁମାର ଚାନ୍ଦ | ୩୪୫ |
| ପ୍ରେମିକା ସୂର୍ଯ୍ୟ ହେଲେ ବାନ୍ଧବୀ ମୋର ଚନ୍ଦ୍ର | ଅନନ୍ତ ପ୍ରସାଦ ପ୍ରଧାନ | ୩୪୬ |
| ଚାହିଁ ଚାହିଁ ତୋର ପ୍ରେମ ବାଟକୁ | ଯଶୋବନ୍ତ ନାୟକ | ୩୪୮ |
| ଏଇତ ଜୀବନ ମୋର | ରାଧାରାଣୀ ରାଉଳ | ୩୫୦ |
| ବିଦେଶ ଖବର | ଦେବାଶିଷ ରାଉତ | ୩୫୧ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ବିଭିନ୍ନ ରୋଗର ମହୋଷଧି ପ୍ରସାରଣୀ, ବେଲ ଓ ତୁଳସୀ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୫୬ |
| **ଆମ ହାଣ୍ଡିଶାଳ** | | |
| ଆଳୁ ଚଣା ଚାଟ୍ | ଜୟନ୍ତୀ ଦେବୀ | ୩୬୧ |
| ମୁଗଡାଲି ପକୁଡି | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୬୨ |
| ଛେନା ମୁଡୁକି | ଅଳକା ବାରିକ୍ | ୩୬୩ |
| **ଆଞ୍ଚଳିକ** | | |
| କଥାନି - ମମତା | ସତ୍ୟନାରାୟଣ ମିଶ୍ର | ୩୬୫ |

ISSN NO.
2582-208X

www.vedantimagazine.com


| | | |
|---|---|---|
| ମଦ | ସୁଜ୍ଞାନ ବାଘ | ୩୬୭ |
| ଧଏନ୍ ରେ ମୁନୁଷ୍ ତୋର୍ ଜୀବନ୍ | ମୀର୍ ବାଇ ପାଣିଗ୍ରାହୀ | ୩୬୯ |
| ମରଡି | ସୁନୀଲ କୁମାର ଅଗସ୍ତି | ୩୭୧ |
| କଁସର୍ ଅଭିମାନ୍ | କୁମରଲ୍ଲ ରଣା | ୩୭୨ |
| ଯାହାର ବାଟେ ସେ (କଥାନି) | ପ୍ରକାଶ ମେହେର | ୩୭୪ |
| **ଶିଶୁ ବିଭାଗ** | | |
| ଡ୍ରାଗନ ର ଫଳ | ଡ଼ଃ ରଞ୍ଜିତ କୁମାର ସାହୁ | ୩୭୭ |
| ଜେଜେଙ୍କ ପରିବା କିଣା | ନୀଳମାଧବ ସାହୁ | ୩୮୦ |
| ରାଜା ହେବାକୁ ଯୋଗ୍ୟ କିଏ | ଅମରନାଥ ବାରିକ | ୩୮୩ |
| ଜହ୍ନମାମୁଁ | ମୀନାକ୍ଷି ପାଢ଼ୀ | ୩୮୬ |
| ବୃକ୍ଷ ରୋପଣ | ଅରୁଣ କୁମାର ମେହେର | ୩୮୮ |
| ଚାଚା ହେ! ଚାଚା | ନୀଳମଣି ଚାନ୍ଦ | ୩୮୯ |
| ସକାଳ ଭାଙ୍ଗିଲା ବୋଉର ନିଦ | ପ୍ରଶାନ୍ତ କୁମାର ଦାଶ | ୩୯୧ |
| କୁନି ଅତିଥି.... | ର୍ଧାର୍ଣୀ ର୍ଉଳ | ୩୯୩ |
| ଚିତ୍ର | ଆଦବିକା ପଟ୍ଟନାୟକ | ୩୯୪ |
| ପୂଜା ଖବର | ଅଭୟ କୁମାର ମିଶ୍ର | ୩୯୫ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୩୯୮ |
| ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୦୧ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୦୨ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୫–ଛୋଟ ଜାହାଜର ଲମ୍ବା ଡେକ

"ସେମାନଙ୍କର ପ୍ରମୁଖ ବ୍ୟକ୍ତିମାନେ?"- ଶୋଭନା ପଚାରିଥିଲେ । ଶୋଭନା ଆଉ ମୋଇତ୍ର ବାବୁଙ୍କ ଝିଅ ଦୁହେଁ ମଣିଷମାନଙ୍କ ବିଷୟ ଜାଣିବାକୁ ବହୁ ଇଚ୍ଛୁକ ଥିଲେ । ଏମିତି ବି ଅସୀମ ମଧ୍ୟ ପ୍ରସିଦ୍ଧ ନିକୋବରୀମାନଙ୍କ ବିଷୟରେ ଜାଣିନଥିଲେ । ତା'ପରେ ମୋଇତ୍ରବାବୁ କହିଥିଲେ ଜନ ରିଚାର୍ଡସନଙ୍କ କଥା ଆଉ ଏକ ଆଶ୍ଚର୍ଯ୍ୟଜନକ ସମ୍ବନ୍ଧର କଥା । ଏକ ଜାରଓ୍ୱା ମହିଳା ନିକୋବର ଆସି ଏକ ନିକୋବରୀକୁ ବିବାହ କରି ରହିଯାଇଥିଲା ।

### ହା–ଚେବ–କା (ଜନ ରିଚାର୍ଡସନ)

ନିକୋବର କଥା ମନେ ପକାଇଲେ ଜଣେ ପ୍ରମୁଖ ବ୍ୟକ୍ତିଙ୍କ ବିଶପ ଜନ ରିଚାର୍ଡସନଙ୍କ କଥା ମନେପଡେ । ସେ ନିକୋବରର ଖ୍ରୀଷ୍ଟିଆନ ଚର୍ଚ୍ଚର ପ୍ରଥମ ନିକୋବରୀ ବିଶପ । ତାଙ୍କର ପ୍ରକୃତ ନିକୋବରୀ ନାମ ଥିଲା ହା–ଚେବ–କା (Ha-Chev-Ka) । କାର ନିକୋବରର ଉତ୍ତରକୁ ଅବସ୍ଥିତ ମୁସ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ବର୍ମାର ମାଣ୍ଡାଲେରେ ଥିବା ଖ୍ରୀଷ୍ଟିଆନ ମିସନାରୀ ସ୍କୁଲରେ ପାଠ ପଢିଥିଲେ । ଉଭୟ ଇଂରାଜୀ ଆଉ ନିକୋବାରୀ ଭାଷା ଉପରେ ଭଲ ଦଖଲ କରିପାରିଥିଲେ । ଅନ୍ୟ ନିକୋବରୀଙ୍କ ଭଳି କୁସ୍ତି ଆଉ ଫୁଟବଲ ଥିଲା ତାଙ୍କର ପ୍ରିୟ ଖେଳ । ସେ ରୋମାନ ସ୍କ୍ରିପ୍ଟ ବ୍ୟବାହର କରି ନିକୋବରୀ

ISSN NO.
2582-208X

ଭାଷାକୁ ସମୃଦ୍ଧ କରିଥିଲେ । ନିଜ ଗ୍ରାମରେ ଜୁନ ୩ ତାରିଖ ୧୯୭୮ ମସିହାରେ ୯୫ ବର୍ଷ ବୟସରେ ନିଜ ପରିବାରର ଗହଣରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ତାଙ୍କ ସମୟରେ ଜାପାନୀମାନେ ନିକୋବର ଅଧିକାର କରିନେଇଥିଲେ । ସାତ ହଜାର ପାଖାପାଖି ଜାପାନୀ ନିକୋବରରେ ଓହ୍ଲାଇ ପଡିଥାନ୍ତି ଆଉ ଇଂରେଜମାନେ ସେତେବେଳକୁ ପଳାୟନ କରିସାରିଥାନ୍ତି । ବଡ କଠିନ ସମୟ ନିକୋବର ଉପରେ ବିତିଯାଉଥିଲା । ସେ ନିଜ ଡାଇରୀରରେ ଲେଖିଥିଲେ ସେହି ସମୟର ଦୁଃଖ ଆଉ ଅତ୍ୟାଚାରର କାହାଣୀ । ଇଂରେଜମାନେ କେମିତି ପ୍ରଥମେ ଥିଲେ, କେମିତି ଲଢେଇମାନ ହୋଇଯାଉଥିଲା, କେମିତି ଜାପାନୀଜ ମାନେ ଆସିଲେ, ଯୁଦ୍ଧର କିଛି ଘନଘଟା, ଜାପାନୀମାନଙ୍କର କେମିତି ଶେଷରେ ପରାଜୟ ହୋଇଥିଲା ।

ମନ ଛୁଇଁଯାଇଥିଲା ନିଜ ପୁଅ ଉପରେ ତାଙ୍କର ଲେଖା ପାଇଁ –

"ପରଦିନ କୁହାଗଲା ଗୁପ୍ତଚର କେଶରେ ଚିହ୍ନିତ ହୋଇଥିବା କିଛି ନିକୋବରୀ କଇଦୀଙ୍କୁ ଖାଦ୍ୟର ଅଭାବ ହେତୁ ଅନ୍ୟ ଯାଗାକୁ ନିଆଯିବ । ସେମାନଙ୍କ ଭିତରେ ମୋ ନିଜ ପୁଅ ଜନ ଥିଲା । ସେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସମସ୍ତଙ୍କୁ କହୁଥିଲା– ଆମେମାନେ ନିର୍ଦ୍ଦୋଷ । ଆମେ ସାହାସର ସହ ମରିବା ।

କିଛିଦିନ ପରେ ମୁଁ ସ୍ୱପ୍ନରେ ଜନକୁ ମୋ ପରଲୋକଗତା ସ୍ତ୍ରୀ ଆଉ ଆଗରୁ ମୃତ୍ୟୁ ବରଣ କରିଥିବା ପୁଅ ଆଲେକଜାଣ୍ଡାର ସହ ମୋ ପାଖରେ ଏକ ସମୁଦ୍ରକୂଳରେ ଠିଆ ହୋଇଥିବାର ଦେଖିଲି । ସେତେବେଳେ ମୁଁ ଜାଣିଲି ଜନ ଆଉ ଏ ଦୁନିଆରେ ନାହିଁ । ସେ ତା' ମାର ଆଶ୍ରୟକୁ ଚାଲିଯାଇଛି ।

ତା ଆତ୍ମା ଶାନ୍ତିରେ ରହୁ ।"

ସେମିତି ସେ ତାଙ୍କ ପୁତୁରା ଉପରେ ଲେଖିଥିଲେ ।

"ଦିନେ ରାତିରେ ମୋ ପୁତୁରା ହେନେରୀ ଜେମସ ମୋତେ ରାତିରେ ନିଦରୁ ଯେମିତି ଉଠାଇଲା ଆଉ କହିଲା– ଦାଦା, ଆମେ ତୁମ ପାଇଁ ଜୀବନ ଦେଉଛୁ । ଦୁଃଖ କରନାହିଁ।"

ISSN NO.
2582-208X

ଆଉ ତାଙ୍କ ପୁତୁରାକୁ ମଧ୍ୟ ଜାପାନୀମାନେ ମାରିଦେଇଥିଲେ । ପରେ ରିଚାର୍ଡସନଙ୍କୁ କଇଦୀ କରିବାର ଥିଲା । ତାଙ୍କ ନାଁ ପ୍ରଥମରୁ ଜାପାନୀମାନଙ୍କ ଲିଷ୍ଟରେ ଥିଲା । ଜାପାନୀମାନେ ବହୁ ଚେଷ୍ଟା କଲେ ଯେମିତି ହେଲେ ସେ କୁହନ୍ତୁ ସେ ହେଉଛନ୍ତି ନିକୋବରରେ ହେଉଥିବା ଗୁପ୍ତଚରୀ ଷଡଯନ୍ତ୍ରର ମୁଖ୍ୟ ପୁରୋଧା । ଜାପାନୀମାନେ ତାଙ୍କୁ ବହୁତ ଡରାଇଲେ । ମୃତ୍ୟୁର ଧମକ ମଧ୍ୟ ଦେଲେ । କିନ୍ତୁ ମୃତ୍ୟୁ ଆସିନଥିଲା । ୨୨ ଅକ୍ଟୋବର, ୧୯୪୫ ମସିହାରେ ଇଂରେଜ ଜାହାଜ ନିକୋବରରେ ପହଞ୍ଚିଲା ।

ସେ ଇଂଲାଣ୍ଡ ବୁଲିଥିଲେ । ଭାରତର ରାଷ୍ଟ୍ରପତି ତାଙ୍କୁ ୧୯୬୫ ମସିହାରେ ପଦ୍ମଶ୍ରୀରେ ସମ୍ମାନିତ କରିଥିଲେ । ଆଉ ତାଙ୍କର ସମାଜ ସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ୧୯୭୩ ମସିହାରେ ପଦ୍ମ ବିଭୂଷଣ ମଧ୍ୟ ମିଳିଥିଲା ।

## ଟପସି

୧୯୧୯ ମସିହାରେ ଜାରୱା ଆକ୍ରମଣ ପୋର୍ଟବ୍ଲେଆରରେ ହୋଇଯାଇଥିଲା । ସେମାନଙ୍କ ଆକ୍ରମଣର ଉପଯୁକ୍ତ ପ୍ରତିରୋଧ କରାଗଲା ଆଉ ସେମାନେ ପଛଘୁଞ୍ଚା ଦେଲେ । କିନ୍ତୁ କେମିତି ଏକ ଜାରୱା ମା' ଆଉ ତା' ଛୁଆ ଛୋଟ ଝିଅ ରହିଗଲେ । ଜାରୱା ମହିଳାଟି ହସପିଟାଲରେ ମୃତ୍ୟୁବରଣ କଲା । ଝିଅଟି ଏବେ ଅନାଥ ହୋଇଗଲା । ବିଶପ ରାଚାର୍ଡସନ ତା'କୁ କାର ନିକୋବର ନେଇଗଲେ ଆଉ ମୁସ ଗ୍ରାମରେ ସେହି ଝିଅଟି ନୂଆ ଜୀବନ ଆରମ୍ଭ କଲା । ତା' ନାଁ ଦିଆଗଲା ବେଟସି ଟପସି । ବେଶି ଲୋକ ତା'କୁ ଟପସି ନାମରେ ଜାଣନ୍ତି । ପରେ ଟପସି ଏକ ନିକୋବରୀ ରେଭେରେଣ୍ଡକୁ ବିବାହ କଲା । ତା'ର ଦୁଇଟି ଛୁଆ ହେଲେ ।

ଟପସି ବିଷୟରେ ତା' ସ୍ୱାମୀ କହିଥିଲେ ଯେ ସେ ଜଣେ ବହୁତ ଭଲ ରୋଷେଇଆ ଆଉ ଘର କାମଦାମ ଭଲଭାବରେ କରେ । କିନ୍ତୁ ଛୁଆ ପିଲାର ଏତେ ଯତ୍ନ ନେଇପାରେନି । ବେଳେବେଳେ ସେ ରାଗିଯାଏ କିନ୍ତୁ ହିଂସ୍ର ଆଚରଣ କରେନାହିଁ । ସ୍ୱାମୀ ହିସାବରେ ସେ ତା'କୁ ଭଲ ପାଆନ୍ତି ।

"ଆଉ ପରେ ଆସିବ ଚୌରା ଦ୍ୱୀପ ।"-ମୋଇତ୍ରବାବୁ କହିଲେ ।

ISSN NO.
2582-208X

"ଚୌରା ଏକ ସୁନ୍ଦର ଦ୍ୱୀପ ।"-ଅସୀମ କହିଲେ । ସେଇଟା ସେ ଆଗରୁ ପଢିଜାଣିଥିଲେ।

"ପାଣି ବେଶି ନାହିଁ । ଲୋକେ ସାମାନ୍ୟ ଲୁଣିପାଣି ମଧ୍ୟ ପିଇ ନିଅନ୍ତି ।"-ଉତ୍ତର ଥିଲା ମୋଇତ୍ରବାବୁଙ୍କର ।

"ଶୁଣିକରି ଅସମ୍ଭବ ଲାଗେ ।"-ସୋମନା ମଧ୍ୟ କହିଲା ।

"ଆବଶ୍ୟକତା । ସବୁବେଳେ ନଡିଆ ପାଣି ମିଳେନା । ଆଉ ପାଣି ନିଜ ଜମିରୁ ପିଇବାକୁ ପଡିବ । ଅନ୍ୟ ଜମିରୁ ନେବା କଥା ନୁହେଁ । ତେଣୁ ସାମାନ୍ୟ ଲୁଣିପାଣି ପିଇ ନେବାକୁ ପଡେ । ଉପାୟ ନାହିଁ ।"-ମୋଇତ୍ରବାବୁ ଉତ୍ତର ଦେଇଥିଲେ ।

"ଜଙ୍ଗଲ ବେଶି ପ୍ରାୟ ନାହିଁ, କିନ୍ତୁ ସେମାନେ କାନୋଏ ବନାଇବାରେ ଓସ୍ତାଦ । ସମୁଦ୍ରରେ କାନୋଏ ଚଳାଇବା ଭଳି ପାରଙ୍ଗମତା ଆଉ ଏଠାରେ ଅନ୍ୟ କେଉଁ ଦ୍ୱୀପବାସୀଙ୍କର ନାହିଁ, ଏମିତିକି ନିକୋବରୀମାନେ ମଧ୍ୟ ସେମାନଙ୍କର ସରି ନୁହନ୍ତି ।"-ମୋଇତ୍ରବାବୁ ଦୂରରୁ ଏକ ଦ୍ୱୀପକୁ ଦେଖି କହୁଥିଲେ ।

"କାଠ ମଧ୍ୟ ବେଶି ନାହିଁ କହୁଛନ୍ତି, କିନ୍ତୁ କାଠ କେଉଁଠୁ ଆଣନ୍ତି?"-ଶୋଭନା ପଚାରିଲେ।

"ସେମାନେ ଆଉ ଏକ ଦ୍ୱୀପ ତେରେସାରୁ କାଠ ସଂଗ୍ରହ କରି କାନୋଏ ବନାନ୍ତି । ସେହି କାନୋଏକୁ ନିକୋବରକୁ ବାର୍ଟାର ସିଷ୍ଟମରେ ଆଗରୁ ବିକୁଥିଲେ । କାନୋଏକୁ ନିଜ ଭାଷାରେ କୁହନ୍ତି 'ଆପ' । କଡର କାଠକୁ କୁହନ୍ତି 'ହନ୍ତାହ୍' ।"-ମୋଇତ୍ରବାବୁ ଉତ୍ତର ଦେଲେ ।

ଅସୀମଙ୍କୁ ଲାଗିଲା ସେ ଯେମିତି ଏକ ମାଷ୍ଟର କାନୋଏ ତିଆରି କଲାବାଲାକୁ ଦେଖୁଛନ୍ତି । କାନୋଏ ବା ନିକୋବରୀ ହୁଡି ଏକ ଅତି ଛୋଟ ଜଳଯାନ ଆଉ ସେଥିରେ ଅଥଳ ସମୁଦ୍ରକୁ ଅତିକ୍ରମ କରୁଥିବା ଲୋକମାନେ ଅସାଧାରଣ । ସେ ଜାଣିନେଇଥିବା ତଥ୍ୟ ହିସାବରେ ଏକ ଚୌରାବାସୀର କାନୋଏ ସମୁଦ୍ରରେ ହାଲିସ ମାରି ମାରି ଯାତ୍ରା କରେ ଆଉ ପାଲ ଦ୍ୱାରା ଭାସିଯାଏ । ଏମିତି ଯାତ୍ରା ପାଇଁ ସମୁଦ୍ର କରେଣ୍ଟ ବା ସ୍ରୋତ ଆଉ ପବନର ଦିଗ ଭଲଭାବେ

ISSN NO.
2582-208X

ଆକଳିବାକୁ ପଡେ । ଉଭୟେ କାର ନିକୋବର ଆଉ ଚୌରା ଛୋଟ ଛୋଟ ଦ୍ୱୀପ । ଯଦି ଦିଗରେ ସାମାନ୍ୟ ଭୁଲ ହେଲା କାନୋଏ ଆଉ କାର ନିକୋବରରେ ପହଞ୍ଚି ପାରିବନି । ତା'ପରେ ଅସରନ୍ତି ମହାସାଗର । ଅତି ଗଭୀର ପାଣି । ଯାତ୍ରା ପ୍ରାୟ ଏକ ରାତି ଲାଗେ । ହାଲିସ ମାରି ମାରି, ଅତି ପରିଶ୍ରମ କରି ଚୌରାର ଲୋକମାନେ କାନୋଏରେ କାର ନିକୋବର ଯାତ୍ରା କରନ୍ତି । ଆବଶ୍ୟକତା ଆଡଭେଞ୍ଚରକୁ ଜନ୍ମ ଦେଇଛି ।

ଏକ ଛୋଟ ଦ୍ୱୀପରେ ଜନ୍ମ ନେବା ସତ୍ୱେ ଏହି ଲୋକମାନେ ନିଶ୍ଚିତ ଭାବେ ଅସାଧାରଣ ଥିବେ । ଏଇ ଯେମିତି ଅସୀମଙ୍କ ମନରେ ଏକ ଏକ ମୂର୍ତ୍ତୀ ଖୋଦିତ ହେଉଥିଲା । ଗ୍ରୀସର ଅସାଧାରଣ ବୀରମାନଙ୍କର ମୂର୍ତ୍ତୀ ଆଜିବି ଖୋଦିତ ହୋଇଛି ବହୁ ପୁସ୍ତକରେ । ଏକ ଏକ ଚିତ୍ର, କିନ୍ତୁ କେତେ ଲୋକଙ୍କ ମନରେ ଚିତ୍ରମାନ ପ୍ରତି ମୁହୁର୍ତ୍ତରେ ଜୀବନ୍ତ ରହୁଛି । ମୂର୍ତ୍ତୀ ହେଉଛି କଥା ନକହୁଥିବା ଆଉ ପ୍ରେରଣା ଦେଉଥିବା ଜୀବନ୍ତ ମନୁଷ୍ୟ । ଭାଇକିଙ୍ଗମାନେ ବଡ ଜଳଯାତ୍ରା କରିଛନ୍ତି । ଏଠି ଚୌରାବାସୀ ନିଜର ସାଧନ କମ ହେବାରୁ ଛୋଟ କିନ୍ତୁ ଦୁଃସାହାସିକ ଜଳଯାତ୍ରା କରିପାରିଛନ୍ତି ।

"ଏଠି ଲୋକମାନେ ମଧ୍ୟ ବେଶ ଖୁସିବାସିଆ ।"- ମୋଇତ୍ରବାବୁ କହିଲେ ।

ଅସୀମ ତଥା ଶୋଭନା ନୀଳ ଜଳରାଶି ଆଉ ନଡିଆଗଛରେ ସଜାଇ ହୋଇଥିବା ଏକ ଦ୍ୱୀପ ଦେଖି ସେଠାକାର ଲୋକମାନଙ୍କ କଥା ଭାବୁଥିଲେ । ଲୋକମାନେ ସେଇ ତ ନିକୋବରୀ ଶ୍ରେଣୀୟ ଆଉ ସେମାନେ ପ୍ରାୟ ହସୁଛନ୍ତି । ଛୋଟ ଦ୍ୱୀପମାନଙ୍କରେ ଲୋକେ ଏତେ ହସନ୍ତି କଣପାଇଁ? ନୀଳସାଗରର ଢେଉ ସେମାନଙ୍କ ଦ୍ୱୀପକୁ ସଜାଇ ଦେଉଛି, ସେଇଥିପାଇଁକି ମନରେ ଏତେ ଖୁସି ଚାଲିଆସେ ? କେଜାଣି ?

"ସେମାନେ ଅନେକ ପର୍ବ ପର୍ବାଣି ମନାନ୍ତି । ମୁଖ୍ୟତଃ ନିଜକୁ ଖୁସି ରଖିବା ପାଇଁ ସେମାନେ ଏ ପର୍ବ ପର୍ବାଣି ତିଆରି କରିଛନ୍ତି । ଏକ ପର୍ବ ତ ଚର୍ଚ୍ଚ ତରଫରୁ ମଧ୍ୟ ମନାଯାଏ । ଏହା ଛଡା ଘୁଷୁରିକୁ ନେଇ କିଛି ପର୍ବ ମନାଯାଏ । ଘୁଷୁରି ସହ କୁସ୍ତି କରି ଶେଷରେ ଘୁଷୁରିକୁ ମାରି ସାମୂହିକ ପର୍ବମାନ ମନାନ୍ତି । ପର୍ବରେ ଫୁଟବଲ ଖେଳାଯାଏ, ପୁରସ୍କାର ଦିଆଯାଏ, ସାମୂହିକ ଗାନ କରାଯାଏ । ପୁରସ୍କାର ପାଇଥିବା ଘୁଷୁରି ବା ସେଇମିତି କିଛି ଖାଇବା ଜିନିଷ ପ୍ରକୃତରେ ସାମୂହିକ ଭୋଜରେ ବ୍ୟବହୃତ ହୁଏ । ସମସ୍ତଙ୍କୁ ଖାଇବାକୁ ନିମନ୍ତ୍ରଣ କରାଯାଏ । ପର୍ବମାନଙ୍କରେ ନିଜ ଘରେ ନିଜେ କରିଥିବା ଜିନିଷମାନ ପ୍ରଦର୍ଶନ କରାଯାଏ

ISSN NO.
2582-208X

ଆଉ ତା'କୁ ଅନ୍ୟ ଲୋକମାନେ ପଇସା ଦେଇ କିଣିପାରନ୍ତି । କେହି ନିଜକୁ ଛୋଟ ମନେ କରନ୍ତି ନାହିଁ ।"– ମୋଇତ୍ରବାବୁ କହୁଥିଲେ ।

"ବହୁତ ଭଲ ଜୀବନ କହୁଛନ୍ତି । ଆକାଶରେ ଭାସିଯାଉଥିବ ମେଘ, ନୀଳ ଜଳରାଶିରେ ଭାସୁଥିବ ଡୁଡି ବା କାନୋଏ ଆଉ ଏକ ଚୌରାବାସୀ ହସି ନିଜ ଫିଶିଙ୍ଗ ବା ମାଛ ଶିକାରରେ ବା କାର ନିକୋବର ଯାତ୍ରାରେ ବାହାରି ଯାଉଥିବ । ସମୟ କାହିଁ ଆଉ କାହା ବିଷୟରେ ଭାବି ନିଜକୁ ଛୋଟ କରିବାର ପାଇଁ?"–ଅସୀମ କହିଲେ । ସେ ନିଜକୁ ନିଜେ ଏକ ନୂଆ ଜୀବନ ଯେମିତି ସୃଷ୍ଟି କରୁଥିଲେ । ନିକୋବରୀ ଲୋକେମାନେ ଲାଗୁଥିଲା ସବୁଠି ସବୁବେଳେ ଖୁସିରେ ଜୀବନ ବିତାନ୍ତି । ନିକୋବର ଗ୍ରୁପର ସବୁ ଦ୍ୱୀପପୁଞ୍ଜରେ ରହୁଥିବା ଲୋକଙ୍କୁ ନିକୋବରୀ କୁହାଯାଏ । ସେମାନେ ତ କିଛି ଦିନ ଗ୍ରେଟ ନିକୋବରରେ ରହିବେ। ତାହାହେଲେ କିଛିଦିନ ପରେ ଅସୀମ ଆଉ ଶୋଭନାଙ୍କୁ ମଧ୍ୟ ଲୋକେ ନିକୋବରୀ କହିବେ । ମଜାହେବ । ସେମାନେ ତାହେଲେ ସମୁଦ୍ର ଉପରେ ନିର୍ଭର କରି ଚଳିବେ । ଗ୍ରେଟ ନିକୋବରର ଶୋମ୍ପେନମାନେ କିନ୍ତୁ ଜଙ୍ଗଲ ଉପରେ ବେଶି ନିର୍ଭର କରନ୍ତି । ସେଇଠି ଅସୀମ ଆଉ ଶୋଭନାଙ୍କ ପାଇଁ ଟିକେ ପ୍ରଶ୍ନ ରହିଯିବ । ଜଙ୍ଗଲରେ ସବୁବେଳେ ବୁଲିବା ପାଇଁ ଦୁହିଁଙ୍କ ପାଖରେ ଏତେ ଶକ୍ତି ତ ନାହିଁ । ଅସୀମ ମନେମନେ କିଛି ମଜାଦାର ଯୁକ୍ତି ନିଜ ଭିତରକୁ ନେଇଆସୁଥିଲେ ଆଉ ତାଙ୍କ ମୁହଁରେ ସାମାନ୍ୟ ହସ ଖେଳିଯାଉଥିଲା ।

"ସବୁବେଳେ ଖୁସି ରହୁଥିବା ଏହି ଲୋକମାନଙ୍କ ସମାଜରେ ଚୋରୀ ଡକାୟତି ନାହିଁ । ସେମାନେ ନିଜ ଭିତରେ ପ୍ରାୟ କଳି କତରାଳ କରନ୍ତି ନାହିଁ ।"–ମୋଇତ୍ରବାବୁ କହିଲେ ।

"ସ୍ୱର୍ଗର ଜୀବନ । ଏଇ ଧରିତ୍ରୀରେ ଯେଉଁଠି ଇର୍ଷା ନାହିଁ, କଳି ନାହିଁ, ବଡ ଛୋଟର ଭେଦଭାବ ନାହିଁ, ତାହାତ ଏକ ସ୍ୱର୍ଗ ।"–ଅସୀମ କହିଲେ ।

"ସଂମ୍ପୂର୍ଣ ହୋଇନପାରେ । ମନୁଷ୍ୟ ମନରେ ସବୁବେଳେ ସାମାନ୍ୟ ଅନ୍ଧବିଶ୍ୱାସ ରହିଯାଇଛି। ଏତେ ଖୁସି ପରେ ମଧ୍ୟ କିଛି ଅବିଶ୍ୱାସ ଅଛି ।"– ମୋଇତ୍ରବାବୁ କହୁଥିଲେ।

ISSN NO.
2582-208X

"କାହିଁକି ରହୁଛି ?"-ଅସୀମ ନିଜକୁ ଯେମିତି ପ୍ରଶ୍ନ କରୁଥିଲେ । ମନୁଷ୍ୟ ଆଉ ଉପରକୁ ଯାଇପାରିବ ନାହିଁ । ଏତିକି ପର୍ଯ୍ୟନ୍ତ ଯାତ୍ରା । ଏକ ସୀମାନ୍ତରେ ପହଞ୍ଚିବା ପରେ ଆଉ ଯାତ୍ରା ନାହିଁ ।

"ଭୁତ ପ୍ରେତ ପ୍ରତି ଡର ବହୁତ । ମଣିଷ ମରିଗଲା ପରେ ତା' ଆତ୍ମା ଦ୍ୱୀପରେ ରହିଯାଏ କୁଆଡେ । ସନ୍ଧ୍ୟାପରେ ଗ୍ରାମରୁ ଲୋକେ ପ୍ରାୟ ବାହାରକୁ ବାହାରନ୍ତି ନାହିଁ । ଯଦି ଯିବେ ପୂରା ନମ୍ବର ଥିବା ସମୟ ଯଥା ସାତଟା, ଆଠଟା ଇତ୍ୟାଦିରେ ବାହାରିବେ ନାହିଁ । ଏହା ସାତଟା ପନ୍ଦର, ଆଠଟା କୋଡିଏ ଏମିତି ହୋଇପାରେ । ସେମାନେ କାଠର ମୂର୍ତ୍ତୀ ବନାନ୍ତି। ତା'କୁ କୁହନ୍ତି କାରେ-ଓ୍ୱା ଆଉ ତା'କୁ ବ୍ଲାକ ମ୍ୟାଜିକ ବା ଗୁଣିଟୁଣିରେ ବ୍ୟବହାର କରାଯାଏ। ଏହା ପୁଣି ଆଉ କିଛି କିଛି ଦ୍ୱୀପରେ ମଧ୍ୟ ପ୍ରଚଳିତ ଅଛି ।"-ମୋଇତ୍ରବାବୁ କହିଲେ ।

ଅସୀମ ନୀଳ ଜଳରାଶିକୁ ଅନାଇ ଭାବୁଥିଲେ, କି ସୁନ୍ଦର ଦ୍ୱୀପମାନ । ସତେ ଯେମିତିକି ଧରିତ୍ରୀକୁ ସଜାଇ ନୀଳ ପାଣିରେ ବୋଇତ ଭଳି ଭସାଇ ଦିଆଯାଇଛି । ଯେତେଦୂର ସମ୍ଭବ ସେତେଦୂର ପାଣିରେ ହଲିହଲି ଭାସିଯାଉଥିବ । ଲୋକମାନେ ସକାଳେ ଉଠି ସୂର୍ଯ୍ୟୋଦୟ ଦେଖୁଥିବେ ଆଉ ସେମାନଙ୍କର ମୁହଁ ଖୁସିରେ ଝଲମଲ ହେଉଥିବ । ସନ୍ଧ୍ୟାରେ ସେଏମାନେ ନିଜ ହଟରେ ଶୋଇଯାଉଥିବେ ଆଉ ଆକାଶରେ ଆତ୍ମାମାନ ତାରା ହୋଇ ଜୁକୁଜୁକୁ କରୁଥିବେ । ଏହି ସାମାନ୍ୟ ଅବିଶ୍ୱାସ ବା ତଥାକଥିତ ଅନ୍ଧବିଶ୍ୱାସ ଯଦି କେମିତି ହଟିଗଲେ ପ୍ରକୃତରେ ଦୁନିଆ ସ୍ୱର୍ଗ ହୋଇଯିବ । ମଣିଷ ସହ ସବୁବେଳେ କମ ବା ବେଶି ହେଉ ଶଙ୍କା ରହେ କଣପାଇଁ ?

ତା'ପରେ ମୋଇତ୍ରବାବୁ ସେଠାକାର ଲୋକାଚାର ବିଷୟରେ କିଛି କହିଲେ । ନାନକୌରୀ ଭଳି ଦ୍ୱୀପମାନଙ୍କରେ ଜଣେ ଲୋକ ମରିଗଲେ ତା'କୁ ଅନ୍ୟଯାଗା ଭଳି ସମାଧି ଦିଆଯାଏ । କିନ୍ତୁ ତା' କଫିନରେ ସେହି ଲୋକର ନିଜ ବ୍ୟବହୃତ ବହୁ ମୂଲ୍ୟବାନ ଜିନିଷକୁ ରଖିଦିଆଯାଏ । କେହି ତା'କୁ ସେହି ଜିନିଷର ବ୍ୟର୍ଥ ବ୍ୟବହାର କହିପାରନ୍ତି । ତା'ପରେ ଚାରି ପାଞ୍ଚ ବର୍ଷ ପରେ କବର ଖୋଳାଯାଏ ଆଉ ତା'ର ଖପୁରୀକୁ ବାହାର କରିଦିଆଯାଏ । ଘରର ବଡ ପୁଅର ଘରର ପଛଆଡେ ଏକ କାଠର ମୂର୍ତ୍ତୀ ତିଆରି କରି ଏଥିରେ ସେହି ଖପୁରୀକୁ ଖଞ୍ଜି ଦିଆଯାଏ ।

ISSN NO.
2582-208X

"ଏହି ମୂର୍ତ୍ତୀର ମହତ୍ୱ କ'ଣ ?"

"ଲୋକମାନେ ବିଶ୍ୱାସ କରନ୍ତି ମରିଯାଇଥିବା ଲୋକଟି ଏକ ପ୍ରକାର ଗଭୀର ନିଦରେ ଶୋଇଯାଇଛି । ତେଣୁ ସେହି କାଠର ମୂର୍ତ୍ତୀକୁ ଭଲ ଭାବରେ ଦେଖାରଖା କରାଯାଏ । ଖାଇବାକୁ ଦିଆଯାଏ । କପଡା ପିନ୍ଧାଇ ଦିଆଯାଏ । ସାବୁନରେ ଗୋଧୋଇ ଦିଆଯାଏ ଆଉ ତା'କୁ ଭଲଭାବେ ସଜାଇ ଦିଆଯାଏ । ଏମିତିକି ସେହି ପ୍ରତିମାକୁ ସିଗାରେଟ ମଧ୍ୟ ଦିଆଯାଏ । ଏହି ପ୍ରଥା ପିଲିପିଲୋ, କାକନା, ଡାରିଙ୍ଗ, କୋଣ୍ଡୁଲ ଆଦି ଜାଗାରେ ବହୁଳ ପ୍ରଚଳିତ ।"- ଏମିତି ବହୁ କଥା ମୋଇତ୍ରବାବୁ ନିକୋବରୀଙ୍କ ଉପରେ କହିଥିଲେ । ଜାହାଜ ଚାଲିଥିଲା । ସମୁଦ୍ରକୂଳରେ କେବେକେବେ ଆସୁଥିଲା ଭୂମି । ତାଙ୍କୁ ଉତ୍ସୁକତାର ସହ ଅସୀମ ଆଉ ଶୋଭନା ଦେଖୁଥିଲେ । ଏମିତି କେଉଁଠି ଶେଷରେ ସବୁଠାରୁ ବଡ ଦ୍ୱୀପରେ ସେମାନେ ପହଞ୍ଚିବେ ।

"କାଲି ସକାଳେ ଆପଣ କ୍ୟାମ୍ପବେଲ ବେ ପହଞ୍ଚି ଯିବେ ।"- ମୋଇତ୍ରବାବୁ କହିଲେ । ଆଉ ଗ୍ରେଟ ନିକୋବରରେ ରହୁଥିବା ନିକୋବରୀଙ୍କ ବିଷୟରେ କିଛି ତଥ୍ୟ ଦେଲେ ।

ଗ୍ରେଟ ନିକୋବର ଦ୍ୱୀପର ନିକୋବରୀମାନଙ୍କ ଉପରେ ସାମାନ୍ୟ ତଥ୍ୟ-

ଗ୍ରେଟ ନିକୋବର ଦ୍ୱୀପର ପଶ୍ଚିମ ଉପକୂଳରେ ନିକୋବରୀମାନେ ପ୍ରାୟ ରୁହନ୍ତି । ପୁଲୋବାବି ସବୁଠାରୁ ବଡ ନିକୋବରୀ ବସ୍ତି । ଅନ୍ୟ ବସ୍ତି ଗୁଡିକ ହେଲା ପୁଲୋ କୁଞ୍ଜି, କୋପେନହିଟ, ପୁଲୋ ପକା, ଝିଙ୍ଗମ ଇତ୍ୟାଦି । ଆଉ ବେଳେବେଳେ ସେମାନଙ୍କ ହୁଡିରେ ପୁଲୋବାବିରୁ କୋଣ୍ଡୁଲକୁ ଯାତ୍ରା କରନ୍ତି । ଏକ ପ୍ରକାରର କମ୍ପିଟିସନ । ରାତିରୁ ଯାତ୍ରା ଆରମ୍ଭ ହୋଇଯାଏ ।

ଉପକୂଳରେ ନିକୋବରୀ ଘରଗୁଡିକ ଉପକୂଳ ସହ ପ୍ରାୟ ଏକ ରେଖାରେ ଥାଏ ଆଉ ପ୍ରତି ହଟ୍ ପାଇଁ ଯଥେଷ୍ଟ ଜାଗା ଥାଏ । ଘର ପାଖରେ ବହୁତ ନଡିଆ ଗଛ ଲଗାଯାଇଥାଏ । ଅମୃତଭଣ୍ଡା ଆଉ ଗୁଆ ମଧ୍ୟ କିଛି କିଛି ପରିମାଣରେ ମିଳେ । ସେମାନେ ନିଜ ବସ୍ତିକୁ ସଫା ସୁତୁରା ରଖନ୍ତି । ପ୍ରତିଦିନ ଅପରାହ୍ନରେ ଆଖପାଖ ଝାଡୁ ମାରନ୍ତି ଆଉ ଅଳିଆକୁ ବସ୍ତି ବାହରେ ଜମା କରନ୍ତି । ନିକୋବରୀମାନେ ଦିନକୁ ପ୍ରାୟ ଦୁଇଥର ଗାଧୋଇଥାନ୍ତି ।

ISSN NO.
2582-208X

ଦେହରେ ନଡିଆ ତେଲ ଲଗାନ୍ତି । ଗାଁରେ ବିଜୁଳି ଆଲୋକର ବନ୍ଦୋବସ୍ତ ନଥାଏ । ସୂର୍ଯ୍ୟ ଆଉ ଚନ୍ଦ୍ର ସେମାନଙ୍କର ଆଲୋକର ଉତ୍ସ ।

ସେମାନଙ୍କର ପାରମ୍ପରିକ ରହିବା ଘରଗୁଡିକ ଗୋଲ ଆକୃତିର । ଏବେ କିଛି ଚାରିକୋଣିଆ ହଟ୍ ମଧ୍ୟ ତିଆରି ହେଉଛି । ଘରର ଛାଉଣୀ ପାଇଁ ସେମାନେ ଧନି ପତା ବ୍ୟବହାର କରନ୍ତି । ଘରର ପଛପଟେ ପ୍ରାୟ ଗୁଆ ବା ନଡିଆ ଶୁଖାଇବା ପାଇଁ ଜାଗା ଥାଏ । ଘରକୁ ଯିବା ପାଇଁ କାଠ ଶିଡି ବା ଖୋପ ଥିବା କାଠ ଥାଏ । ଘର ଭିତରକୁ ବାରିଆଡ ଦେଇ ମଧ୍ୟ ଆସିହୁଏ । ନିକୋବରୀ ହଟ୍ ହେଉଛି ଏକ ବଡ କୋଠରୀ । ସେଥିରୁ କିଛି ଅଂଶ ରୋଷାଇ ପାଇଁ ରଖାଯାଏ । ଅନ୍ୟ ଅଂଶ ଶୋଇବା ପାଇଁ ବ୍ୟବହାର କରାଯାଏ ।

ନଡିଆ ଆଉ ପାଣ୍ଡାନାସ ସେମାନଙ୍କର ମୁଖ୍ୟ ଖାଦ୍ୟ । ମାଛ ସେମାନେ ପ୍ରାୟ ସିଝାଇ ଖାଇଥାନ୍ତି । ନଡିଆ ଗଛର ତାଡି ସେମାନଙ୍କର ଏକ ପ୍ରିୟ ମାଦକ ଦ୍ରବ୍ୟ । ପୁରୁଷ ଆଉ ମହିଳା ପ୍ରାୟ ପାନ ଚୋବାଉଥାନ୍ତି । ନିକୋବରୀମାନେ ଘୁଷୁରୀ, କୁକୁର ଆଉ କୁକୁଡା ରଖିଥାନ୍ତି । ଘୁଷୁରୀମାନଙ୍କୁ ନଡିଆ ଆଉ ପାଣ୍ଡାନାସ ଖାଇବାକୁ ଦିଆଯାଏ । ଉତ୍ସବ ସମୟରେ ସେମାନେ ଘୁଷୁରୀ କାଟି ଭୋଜି କରିଥାନ୍ତି ।

ଶିକାର କରିବା ସେମାନଙ୍କର ଏକ ପ୍ରିୟ କାମ । ସେମାନେ ବର୍ଚ୍ଛା ଆଉ ଦାଓ ନେଇ ଶିକାର କରନ୍ତି । ଆଗରୁ ଗୁଆ ଗଛରୁ ସେମାନେ ପ୍ରାୟ ବର୍ଚ୍ଛା ତିଆରି କରୁଥିଲେ । ଶିକାରରେ ଦୁଇରୁ ଛଅଜଣ ପୁରୁଷ ଯାଇଥାନ୍ତି । ସାଙ୍ଗରେ ଦୁଇ ତିନୋଟି କୁକୁର ମଧ୍ୟ ଯାଇଥାନ୍ତି । ଯିବାବେଳେ ଜଙ୍ଗଲରେ ଚିହ୍ନ ରଖିରଖି ଯାଆନ୍ତି । ନହେଲେ ଜଙ୍ଗଲରେ ବାଟ ଖୋଜିବା ସମ୍ଭବ ନୁହେଁ । ବନ୍ୟ ଶୂକରର ଗନ୍ଧ ପାଇଲେ କକୁର ଭୁକେ ଆଉ ଇଙ୍ଗିତ ପାଇ ଶିକାରକୁ ଗୋଡାଏ । ଶିକାର ଧୀରେ ଧୀରେ ଥକିଯାଏ ଆଉ ଏଣେ ତେଣେ ଦୌଡେ । ତା'ପରେ ଶିକାରୀମାନେ ପାଖେଇ ଆସନ୍ତି ଆଉ ଏକ ଉଚ୍ଚ ଜାଗା ଯଥା ପଥର ଉପରୁ ବା ଗଛ ଡାଳରୁ ଶିକାର ଉପରକୁ ବଲ୍ଲମ ଫିଙ୍ଗନ୍ତି । ଯଦି ଶିକାର ବଡ ଥାଏ ତେବେ ସେତିକିରେ ସେମାନେ ଫେରି ଆସନ୍ତି । ଅନ୍ୟଥା ଆଉ ଅଧିକ ଶିକାର ପାଇଁ ଚେଷ୍ଟା କରନ୍ତି । ମୃତ ଶିକାରର ଗୋଡ ବାନ୍ଧି ଦିଆଯାଏ ଆଉ ବାଡିରେ ଝୁଲାଇ ବସ୍ତି ପର୍ଯ୍ୟନ୍ତ ବୋହି ଅଣାଯାଏ । ବନ୍ୟ ଶୂକରର ମାଂସକୁ ପୋଡାଯାଏ । ଫଳରେ ଉପର ବାଳ ଜଳିଯାଏ । ବସ୍ତିର ସମସ୍ତଙ୍କୁ ଏହି ଶୂକର ମାଂସ ମିଳେ ।

ISSN NO.
2582-208X

ସେମିତି ଜଣେ ଦୁଇଜଣ ଯାଇ କଚ୍ଛପ ଶିକାର କରନ୍ତି । ଏହା ବର୍ଷା ସମୟରେ ହୋଇଥାଏ। ମାଛ ଧରା ସେମାନଙ୍କର ମୁଖ୍ୟ କାମ । ମାଛଧରାରେ ସଂମ୍ପୂର୍ଣ ପରିବାର ଭାଗ ନେଇଥାଏ । ସେମାନେ ମାଛ ଧରି ଏକ ବେତରେ ଗୁନ୍ଥି ଦେଇଥାନ୍ତି । ଛୋଟମାଛ ଧରିବା ପାଇଁ ଦାଓର ବ୍ୟବହାର ହୁଏ ଆଉ ବଡମାଛ ପାଇଁ ହାର୍ପୁନ ବ୍ୟବହାର କରାଯାଏ । ରାତିରେ ସେମାନେ ବେଳେବେଳେ ମାଛ ଧରିଥାନ୍ତି ।

ନିକୋବରୀମାନେ ବିଭିନ୍ନ ପ୍ରକାରର ବାସ୍କେଟ ତିଆରି କରିଥାନ୍ତି । ବେଳେବେଳେ ଏହି ବାସ୍କେଟ ମଧ୍ୟ ଶୋମ୍ପେନମାନଙ୍କ ସହ ବାର୍ଟରିଙ୍ଗ ସିଷ୍ଟମରେ ବଦଳାଯାଏ । ଗାଁରେ କେହି ବଢେଇ ନଥାନ୍ତି । ପ୍ରତି ପୁରୁଷକୁ କିଛି ନା କିଛି ବଢେଇ କାମ ଆସେ । ସେମାନେ କାଠରେ ବାକ୍ସ, ଦୁଆର, ଝରକା, ଟେବୁଲ, ଷ୍ଟୁଲ ଇତ୍ୟାଦି ତିଆରି କରିପାରନ୍ତି । ନିକୋବରୀ ଲୋକମାନେ ଆମୋଦପ୍ରିୟ । ସଙ୍ଗୀତ ସେମାନଙ୍କ ଜୀବନର ଏକ ଅଂଶ । ସେମାନେ ଗୀଟାର ବଜାଇବା ଜାଣନ୍ତି ।

ମୋଇତ୍ରବାବୁଙ୍କ କହିବା ମୁତାବକ ଜାହାଜ ସକାଳୁ ସକାଳୁ ଲାଗିଲା କୋଣ୍ଡୁଲ ଦ୍ୱୀପରେ । ଏକ ନୀଳ ସମୁଦ୍ରରେ ଭାସୁଥିବା ସବୁଜ ଦ୍ୱୀପ । ତା'ପରେ ଆଉ ଚାରିଘଣ୍ଟା ଯାତ୍ରା । ଦିନ ଦଶଟାରେ କ୍ୟାମ୍ପବେଲ ବେରେ ଜାହାଜ ପହଞ୍ଚିଗଲା । ଏକ ବଡ ସାଲ୍ୟୁଟ ମାରିଲେ ଲମ୍ବା ନିଶଥିବା ଲୋକଟିଏ । ସେହି ସାଲ୍ୟୁଟରେ ଅମାପ ଶକ୍ତି ଭରିଥିଲା ପରି ଅସୀମ ଆଉ ଶୋଭନାଙ୍କୁ ଲାଗୁଥିଲା । ଏକ ଶକ୍ତିର ପ୍ରବାହ, ଦୁହେଁ ଶିହରି ଗଲେ । ହସହସ ମୁହଁରେ ସ୍ୱାଗତ କରିନେଲେ ସାଧାରଣ ଶରୀରଧାରୀ ଏକ ଯୁବ ନିକୋବରୀ । ମୁହଁ ଖୁସିରେ ଫୁଲି ଉଠିଲା ଏକ କଳା ଲୋକର ଆଉ ମୁଣ୍ଡରେ ହ୍ୟାଟ ପିନ୍ଧି ଏକ ସୁସ୍ଥ ସବଳ ଗୋରା ଲୋକ ତାଙ୍କୁ ଘରେ ସ୍ୱାଗତ କଲେ ।

"ଜାହାଜରେ ଯାତ୍ରା ସରିଗଲା ଅସୀମ ।"-ଶୋଭନା କହିଲେ । ଦିନ ଆଲୋକରେ ଜେଟି ଚମକୁଥିଲା । କେତେ ଗୋଡ ଆଗକୁ ଯିବାପାଇଁ ଲମ୍ବି ଯାଉଥିଲା । ସମସ୍ତଙ୍କ ମୁହଁ ଭୂମିଆଡକୁ ବୁଲିଯାଇଥିଲା ଆଉ ନୀଳ ପାଣି ପଛରେ ଥିଲା ।

"ଆଉ ଏକ ଯାତ୍ରା ଆରମ୍ଭ ହୋଇଯାଉଛି ଶୋଭନା ।"-ଅସୀମ ଉତ୍ସାହରେ କହିଲେ । ଦୁହେଁ ଏକା ସାଥିରେ ଭୂମିରେ ପାଦଦେଲେ । ସେମାନଙ୍କର ମୁହଁ ସବୁଜ ଭୂମି ଆଡକୁ

ISSN NO.
2582-208X

ହୋଇଯାଇଥିଲା ଆଉ କୂଳରେ ଥିଲା ଅନେକ ନଡିଆ ଗଛ । ହଳଦିଆ ନଡିଆମାନ ମଣିଷ ମୁହଁ ପରି ଲାଗୁଥିଲା, ସମସ୍ତେ ଯେମିତି ହସୁଛନ୍ତି ।

ଗୋଟାଏ ଗାଡି ସାଏଁ କିନା କଳା ରାସ୍ତା ଉପରେ ଦୌଡିଗଲା ଆଉ ଏକ ବଡ ଗେଟ ଆପେ ଖୋଲିଗଲା । ଅସୀମ ଆଉ ଶୋଭନା ନଡିଆ ଗଛ ଘେରା ଘର ଦେଖି ବେଶ ଖୁସି ହୋଇଗଲେ । ସେମାନେ ତଳେ ଓହ୍ଲାଇ ଆକାଶକୁ ଅନାଇଲେ । ଆକାଶ ଥିଲା ଘନ ନୀଳ। ସେମାନଙ୍କ ଘରକୁ ପବନ ଧିରେ ପଶିଆସୁଥିଲା । ଏକ ନରମ ରୋମାଞ୍ଚ ସେମାନଙ୍କୁ ଛୁଇଁଯାଉଥିଲା । ଶୋଭନା ନିଜର ଆଖି ବନ୍ଦ କରି ସେହି ପବନକୁ ନିଜ ଭିତରେ ବୋହିଯିବାକୁ ଦେଲେ । ଚିଲ୍ ଭେରାଏ ଦୌଡିଯାଇ ଭାଉ ଭାଉ କରି ଉଠିଲା । ନଡିଆ ଗଛ ବାହୁଙ୍ଗାରେ ବସି ପକ୍ଷୀମାନେ ଡାକୁଥିଲେ । ଘରର ଝରକା କବାଟ ଖୋଲାଥିଲା ଆଉ ସବୁଆଡକୁ ପବନ ଛୁଇଁଦେଉଥିଲା, ଫୁଲ ସବୁ ଗଛରେ ଫୁଟିଯାଇଥିଲା ।

ଅସୀମଙ୍କ କଥା ତାଙ୍କ କାନରେ ଗୁଞ୍ଜରି ଉଠୁଥିଲା । "ଆଉ ଏକ ଯାତ୍ରା ଆରମ୍ଭ ହେଉଛି ଶୋଭନା ।"


-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ଦ୍ୱୈତବାଦ(ସ୍ରଷ୍ଟା ଓ ସୃଷ୍ଟିର ସ୍ୱାତନ୍ତ୍ୟ ସ୍ୱୀକୃତି)



ଇଂ. ସୁଶାନ୍ତ କଶୋର ବଳ

*କିଛି ଘଟଣ, ଅଘଟଣ, ଦୂର୍ଘଟଣ ସୃଷ୍ଟି*
*ପାଇଂ ଦାୟୀ ଆମ ସ୍ୱକୃତ କାର୍ଯ୍ୟପନ୍ଥା.*
*ଆମ ନିଜସ୍ୱ କର୍ମ, କୂକର୍ମ, ଦୁଷ୍କର୍ମ ହିଁ*
*ଖୋଲିଦେଇଥାଏ ତାର ରାସ୍ତା *
*ନିଜେ ଯଦି ପ୍ରତ୍ୟହ ମଂଦିର ଯାଇ*
*ଦେବଂକ ଗଳାରେ ଚଢାଇବ ପୁଷ୍ପହାର,*
*ବିଲ୍ୱପତ୍ରେ କରି ସଶ୍ରଦ୍ଧ ଜଳାଭିଷେକ .*
*ପୁଣ୍ୟ ଅରଜିବ କରୁଣା ଲଭିବ*
*ଏତ ନୀଶ୍ଚିତେ କାନ୍ଥବାଡେ ଲେଖା .*

*କିନ୍ତୁ ଅହୋରହ ଅନ୍ୟର କୁଚିନ୍ତାରେ*
*ମନ ବଳାଇବ, ତାକୁ ପ୍ରହାରେ ଧ୍ୟାନ ନିବେଶିବ, ତେବେ ବିପରୀତ ନିଜପାଇଁ.*
*ନିଜପାଦେ ଯଦି ନିଜେ କୂରାଢୀ ମାରିବ,*
*ନିଜ ଜୀହ୍ୱା ଯଦି ନିଜେ ଛେଦିବ,*
*ନିଜରି ହିଁ ନିଜେ ପ୍ରଭୂତ ଖ୍ୟତି ସାଧିବ*
*କେହି କି ଥିବେ ତା'ର ପ୍ରତିବାଦୀ ?*
*ଜନ୍ମିତ ତମେ ତାଂକରି ମହିମାରୁ,*

ISSN NO.
2582-208X


*ହେଲେ ନିଜ ଭାଗ୍ୟରେଖା ନିଜହସ୍ତେ ଲେଖା*
*ତାକୁ ପାରିବକି କେ କରି ଆନ ?*
*କେବଳ ଆଉ କେବଳ ସୁକର୍ମ ବଳେ*
*ମନୁଷ୍ୟର ନିଜର ଭାଗ୍ୟ ବଦଳେ .*
*ବଦଳୁ ଅବା ନବଦଳୁ ହେଲେ*
*ସ୍ଖଳନ ହେବାରୁ ବଂଚିତ ତ ହୁଏ .*
*ଯେଉଁ ଜୀବର ନିଜ ଉପରେ ପ୍ରକଟେ*
*ଅଦମ୍ୟ ବିଶ୍ୱାସ, ସେ ନୀସଂଶୟେ*
*ନୀଡରେ ଅଚିନ୍ତ୍ୟେ ମାଡିଚାଲେ ଅଗ୍ରେ*
*ବିନାଭାବି ବିନାଚିନ୍ତି କିହେବ ପରିଣାମ ?*
*ସ୍ୱୟଂଭୂର ଆଭିମୁଖ୍ୟେ ଅଗ୍ରେ ଧାବତି ସେ*
*ହୋଇବି ପାରେ ସେ ସଫଳକାମୀ .*
*କହିପାର ତାକୁ ଆତ୍ମବିଶ୍ୱାସୀ ଆତ୍ମଲବ୍ଧି*
*ନିଜ ପରାକ୍ରମେ ଥାଏ ସେ ବିଶ୍ୱାସୀ .*

*କିନ୍ତୁ ଇଶ୍ୱରଂକ ଉପରେବି ଥାଏତା'* *ଭରୋଷା*
*ତାକଂ ମହିମାରବି ଦିଏ ସାଧୂବାଦ.*
*ଯିଏ ନିଜ ସଫଳତା ପାଇଂ ତାଂକୁ*
*ବି ଦେଖାଇଥାଏ ନିଜ ଅନୁରକ୍ତି,*
*ତାଂକୁ ବି ସଭକ୍ତି କରେ ପ୍ରଣିପାତ.*

*ଏପରି ଦ୍ୱୈତ ଚିନ୍ତନ ବଖ୍ୟେ ଯେବହେ*
*ତାକୁ କୁହାଯାଏ ଦ୍ୱୈତବାଦୀ .*
*କହିହୁଏ ନାହିଁ ତାକୁ ଆତ୍ମବଡି*
*ଦୁଇ ଚିନ୍ତନର କରେସେ ସମ୍ମିଳନ*
*ଦୁହିଂରେ ଥାଏସେ ଭରୋଷିତ .*

ISSN NO.
2582-208X

*ସୃଷ୍ଟି ଯଦି ମହୀରୁହ ସ୍ରଷ୍ଟାବି ମହୀୟାନ*
*ସୃଷ୍ଟିଯଦି ପୌରୁଷେୟ, ସ୍ରଷ୍ଟାବି ଅଲୌକିକ*
*ସୃଷ୍ଟି ଯଦି କରୁଥାଏ, ସଷ୍ଟା କରାଉଥାଏ*
*ସୃଷ୍ଟି ଯଦି ଗଂଗା, ସ୍ରଷ୍ଟା ନୁହେଂକି* *ଗଂଗୋତ୍ରୀ ?*
*ସୃଷ୍ଟିଯଦି ଜଳ, ସ୍ରଷ୍ଟା ନୁହେଂକି* *କାଦମ୍ବିନୀ ?*

*ପରିଶେଷେ ସୃଷ୍ଟି ଯଦି ଶକ୍ତିବାନ,*
*ସ୍ରଷ୍ଟା ନୁହେଂକି ସର୍ବଶକ୍ତିମାନ ?*
*ସୃଷ୍ଟି ବିହୀନେ ସ୍ରଷ୍ଟା ର କି ମୂଲ୍ୟ ?*
*ସ୍ରଷ୍ଟା ବିହୀନେ ସୃଷ୍ଟି ନୁହେଂକି ନର୍କତୁଲ୍ୟ ?*
*ଧନ୍ୟବାଦ ଦିଅ ସେ ମହାନ ସ୍ରଷ୍ଟାଂକୁ*
*ଯିଏ ନକରି କୀଟ, ପତଂଗ  ଦେଇଛନ୍ତି*
*ଆମକୁ ଅମୂଲ୍ୟ ମନୁଷ୍ୟ ଜନମ .*
*ସେ ଜନମର କିଯେ ମୂଲ୍ୟବୋଧ ,*
*ସହଯେ ନହୁଏ ତାର ମୂଲ୍ୟାଂକନ !*

*ସେଦିନଥିଲା ବିଜେଯାତ୍ରା, ଆଜି ବାହୁଡା*
*ଭାତୃ, ଭଗ୍ନୀ ସାଥେ ଫେରୁଛନ୍ତି ଆଜି* *ଜଗା,*
*ସେହି ସାଜସଜା ସେହି ଉନ୍ମାଦ*
*ସେହି ଉଦ୍ଦୀପନା ସେହି ଜମାବେଡା .*
*ବରଷଯାକ ଜଗର ଦାୟିତ୍ୱ ତୁଲାଇ*
*କ୍ଳାନ୍ତ ଅବସନ୍ନ ହୋଇଯାଇଥିଲେ ପରା.*
*ମାଉସୀମାଂକ ହସ୍ତୁ ଅନ୍ନ, ଖିରି, ପିଠା ଖାଇ*
*ଶରଧାବାଲିରେ ଆନଂଦେପ୍ରୀତେ ବୁଲି*
*ଭୂଲି ସାମୟିକେ ଦାୟିତ୍ୱ, କର୍ମଭାର.*
*ରିକ୍ତ ପଡିଥିଲା ରତ୍ନସିଂହାସନ ,*
*ନୀଶୂନ ପଡିଥିଲା ମଂଦିର ବେଢା*

ISSN NO.
2582-208X

*ନଥିଲେ କାକ,କୋଇଲି , ଜନପ୍ରାଣୀ*
*ମ୍ରୀୟମାଣ ଥିଲା ନୀଶବ୍ଦ ପଡିଥିଲା*
*ସେହି ମଂଦିରତୁଂଗର ନୀଳାଚଳ ବାନା.*
*ଆଜି ପୁନଃ ଲେଉଟାଣି ପଥେ ଆସିବେ*
*ତ୍ରୀମୂର୍ତୀ ଗିଡିଗିଡିହୋଇ ସୁସଜ୍ଜିତ ରଥେ*
*ବାଟେ 'ଭକ୍ତ ସାଲବେଗ' ସାଥେଭେଟ ହୋଇ*
*ନିଜମନର ଚିନ୍ତଟି ତାଂକୁ କହି ଶେଷେ*
*ଭରିଯିବ ହର୍ଷୋଲ୍ଲାସେ  ବିଭୋରେ ସେହି କଥାକୁହା ଚଳଚଂଚଳ ବଡଦାଣ୍ଡ .*
*ଏତେଦିନ ଧରି ମଂଦିର ପରିଚାଳନ*
*କରୁଥିଲୁ ଆମେ ଅଧମେ ମୃତପ୍ରାୟେ.*
*ଏବେ ପୁନଃ ଚାଲିବ ତାଂକର ଶାସନ*
*ଚାଲିବ ତାଂକଶକ୍ତ ବେତମାଡ ଆମପୃଷ୍ଠେ.*
*ହସ୍ତଯୋଡି ଥିବୁ ଆମେଯେତେ ଅଧସ୍ତନ.*
*........*
*ହେ ପତିତପାବନ ତମେ ଆମ ସ୍ରଷ୍ଟା*
*ଆମେ ଯେତେସବୁ ତମ ସୃଷ୍ଟି !*
*ସ୍ରଷ୍ଟାରସାଥେ ସୃଷ୍ଟି କେଭେକି ତୁଳନୀୟ ?*
*ଯଦି ସେପରି ଦୁଃସାହାସେ କେହି ମନେ*
*ଆଣିଥାଏ ସେପରି ଉଦ୍ଭଟ ଚିନ୍ତନ,*
*ହେବଯେ ସିୟେ ଅଚିରେ ଭୂଲୁଂଠିତ.*
*ଏଟିତଅଟେ ପ୍ରାମାଣିତ ନୀର୍ଭୂଲ ସତ୍ୟ,*
*ନଥାଏ ଏଥେ କିଛି ଦ୍ୱଂଦ ବା ଦ୍ୱିମତ !*

କଟକ

ISSN NO.
2582-208X

# ଶାରଦ



ଡ. ଶକୁନ୍ତଳା (ନାୟକ)

ଭୋର ବେଳାର ଚଢ଼େଇ ବଚନେ
ମାଳ ଫୁଟିଯାଏ ଅପରାଜିତା ବଦନେ
କନିଅରି ବନଫୁଲେ ମନ ଲାଖିଯାଏ
ଚାଙ୍ଗୁଡ଼ି ଭରିଲା ବେଳେ

ସକାଳର ଘଣ୍ଟ ଶଙ୍ଖ ମନ୍ଦିର ବେଢ଼ାରେ
ଦେବଦେବୀ ପ୍ରସନ୍ନ ମନ୍ଦାର ଯୋଡ଼ାରେ
ବାଟ ମଞ୍ଜୁଳି ଗୁଡ଼ପଣା ସିନ୍ଦୂର ଟିପା
ମାଟିଦୀପେ କର୍ପୁର ଜଳେ

ଚୂନାବୋଳା ବଉଦ ଛବି ଚହଲେ
ଗାଁମୁଣ୍ଡ ବନ୍ଧ-ପାଣି ବତାସେ ଦୋହଲେ
ଚିଙ୍ଗୁଡ଼ିଆ-ଦଳର ପହଁର ଛୁଆଁ
ଅପହଞ୍ଚ ଶାରଦୀ କଇଁକୁଳେ

ଗୁଳିଆ ପାଣିରେ ନଈବାଙ୍କ ଅସମ୍ଭାଳ
ଆଣ୍ଠୁଏ ଗାଡ଼ିଆ ପାତିଛି ବରଷା ଜଳ

ISSN NO.
2582-208X

ଧାଡ଼ିକି ଧାଡ଼ି ଖଜୁରୀ କୋଳି
ଲାଦୁବାଦୁ ଅଧାଡୁଆ ତାଳମୂଳେ

ପାଦେ ଆଗେଇଲେ ଗହୀର ବିଲ
ବିଲ ଚାରି କରେ କାଶଚଅଁର
ପଣସ ନଡ଼ିଆ ଆମ୍ବ ତୋଟାରେ
ମଝଲି-ଛାଇ ପଟାଦୋଳି ଖେଳେ

ଝୁଣା ମହମହ ହାଜିରି ସଞ୍ଜବତୀର
ଅଲରା ଗବବୁଦାଟି ଚୁଇଁପକ୍ଷୀର ଘର
ନିଦ ଢୁଲୁଢୁଲୁ ସଞ୍ଜର ଆଖି
ବଗୁଲି-ମହଲ ଠୁଳ ଝଙ୍କା-ବଟ ଡାଳେ

ମେଲାଣି ଦେଲା ଡିବିରି ତେଲ
ଚେଁଇ ଉଠିଲା ଦୁଆରେ ଶିଉଳି ଫୁଲ
ଶରଦିନ୍ଦୁ ଆଉଁସିଲା ଗଛ ପତରେ
ତୁନି ହେଲେଣି ଗାଈ ବାଛୁରୀ ଗୁହାଳେ ।

ରାଉରକେଲା

ISSN NO.
2582-208X

# ଦକା – ଆପେକ୍ଷିକ, ଷଷ୍ଠ ଭେଟ



ଡକ୍ଟର ବିଜ୍ଞାନୀ ଦାସ

ଗତ କାଲିଠାରୁ ଅନୁପର ନୂଆବର୍ଷ ଦିନ ସେମାନଙ୍କ ଘରକୁ ଆସିବାର ଖବରଟା ସହଜରେ କାହିଁକି ବିଶ୍ୱାସ ହେଉନଥିଲା ମଧୁସ୍ମିତାର । ଗତକାଲି ସନ୍ଧ୍ୟା ବେଳେ ବିଭା ଆଣ୍ଟିଙ୍କ ଘରୁ ଆସି ସେମାନେ ଅରୁଣା ଆଣ୍ଟିଙ୍କ ଘରକୁ ଯାଇଥିଲେ । ସେ ପାର୍ଟି ପ୍ରତିବର୍ଷ ଭଳି ଥିଲା । ମଧୁସ୍ମିତାର ସାଙ୍ଗମାନେ ସମସ୍ତେ ମହଜୁଦ ଥିଲେ । ନାନା ରକମର ସୁସ୍ୱାଦୁ ବ୍ୟଞ୍ଜନରେ ସମସ୍ତେ ଆନନ୍ଦିତ ଥିଲେ । ସେହି ଗପସପ, କିଛି ସଙ୍ଗୀତ, କିଛି ଥଟ୍ଟାମଜା, କିଛି ନୂଆବର୍ଷ ଟୋପି ପିନ୍ଧା, ଫଟୋ ଉଠା ଇତ୍ୟାଦି ଚାଲିଥିଲା । ହେଲେ କେଉଁଥିରେ କାହିଁକି ମଧୁସ୍ମିତାର ମନ ଲାଗୁନଥିଲା । ତାକୁ ଏକା ଆଣ୍ଟିମାନଙ୍କ ଗହଣରେ ନିମଗ୍ନ ହୋଇ ବସି ରହିବାର ଦେଖି, ତା ସାଙ୍ଗ ନିଭା କେତେବେଳେ ଯେ ଆସି ତାକୁ କୁଣ୍ଢେଇ ଧରି ଆଲିଙ୍ଗନ କଲାଣି ଜାଣି ପାରିଲାନଥିଲା ସିଏ । ହଠାତ୍ ସିଏ ଏତେ ଜୋରରେ ଚମକିପଡିଲା ଯେ, ସବୁ ଆଣ୍ଟିମାନେ ଫଟୋସୁଟ୍ ଛାଡି ତା' ଆଡେ ଚାହିଁଲେ ।

ଟୁନି ଆଣ୍ଟି ମଜାକରି କହିଲେ, "ଏ ଝିଅଟା ଗଲା । ପି.ଏଚ୍.ଡି. କରିବା ପୂର୍ବରୁ ତ ଏମିତି ବିଉଟିଫୁଲ୍ ମାଇଣ୍ଡ୍ ହେଲାଣି, ପି.ଏଚ୍.ଡି. କଲେ ତ ତାକୁ ଆମେ ଆଉ କେହି ଦେଖାଯିବୁନି। ସିଏ ସବୁବେଳେ ସେହି ଗ୍ରହ, ତାରାଙ୍କ ଭିତରେ ମଜି ରହିବ । ତା ଧ୍ୟାନ ଭାଙ୍ଗିବାକୁ ଗୋଟିଏ ଗୋଟିଏ ଆଲୋକ ବର୍ଷ ଲାଗିଯିବ । ନା କଣ ସ୍ମିତା, ମୁଁ ଠିକ୍ କହିଲି ନା ।'

ISSN NO.
2582-208X

ଟୁନି ଆଣ୍ଟି ସବୁବେଳେ ପ୍ରାୟ ବିଜ୍ଞାନ ବିଷୟରେ ଜୋକ୍ ଖେଳନ୍ତି । ତାଙ୍କ ଜୋକ୍ ଶୁଣି ସମସ୍ତେ ହସିଲେ । ମଧୁସ୍ମିତା ବି ହସିଲା । "ବାଃ ଟୁନି ଆଣ୍ଟି, କଣ ନ କହିଲ ମ, ମୁଁ ବିଉଟିଫୁଲ୍ ମାଇଣ୍ଡ୍ ହେଲିଣି, ଜାଣିଛ ତ ଆଣ୍ଟି, ସେଇଟା ସୁନ୍ଦରତା ନୁହେଁ, ସେଇଟା ହେଲା ସ୍କିଜୋଫ୍ରେନିଆ ରୋଗ । ଭଲ ଆଉ, ତମେ ମତେ ମାନସିକ ରୋଗୀ କରିଦେଲ ।'

ସେ ଆଣ୍ଟି ନିଭାର ମା' । ମଧୁସ୍ମିତାର ସବୁଠାରୁ ଭଲ ସାଙ୍ଗର ମା' ହେତୁ ସିଏ ପ୍ରାୟ ତା' ବିଷୟରେ ସବୁକିଛି ଜାଣନ୍ତି । ତାର ପି.ଏଚ୍.ଡି. ପାଇଁ ପ୍ରସ୍ତୁତି କରିବା ବିଷୟରେ ସିଏ ଜାଣିଥିଲେ ।

ଏବେ ମଧୁସ୍ମିତା ସମସ୍ତଙ୍କର କେନ୍ଦ୍ରବିନ୍ଦୁ ହୋଇଗଲା । ସବୁ ଆଣ୍ଟିମାନେ ତାର ଭବିଷ୍ୟତ ଲକ୍ଷ୍ୟ ବିଷୟରେ ପଚାରିବାକୁ ଲାଗିଲେ । "କୋଉ ୟୁନିଭର୍ସିଟିରେ ପି.ଏଚ୍.ଡି. କରିବୁ ? ଶୁଣିଥିଲି ତୁ ନାସାରେ କାମ କରୁଛୁ । କଣ ଭଲ ଲାଗୁନି ?' – ସାନୁ ଆଣ୍ଟି ପଚାରିଲେ ।

"ଏ ପ୍ରଶ୍ନର କି ଉତ୍ତର ଦେଇହେବ । କାମ ଭଲଲାଗିବା ନ ଲାଗିବା ସହିତ କଣ ଜୀବନର ଲକ୍ଷ୍ୟ ସଂଯୁକ୍ତ ?' – ତନୁଜା ଆଣ୍ଟି ନିଜ ମତାମତ ରଖିଲେ । ସିଏ ପୁଣି ସଂଯୋଗ କଲେ, "ସେସବୁ ଆପେକ୍ଷିକ, ମାନେ ସମ୍ବନ୍ଧୀତ । ସଂପୂର୍ଣ୍ଣ ସତ୍ୟ ନୁହେଁ । ଭଲ ଲାଗିବା, ନ ଲାଗିବା, ସବୁକିଛି ଏ ଦୁନିଆରେ ଆପେକ୍ଷିକ ।'

ସେଇ ଆଳରେ ସବୁ ଆଣ୍ଟିମାନେ ନିଜନିଜ ପିଲାମାନଙ୍କ ବିଷୟରେ ଗପିବା ଆରମ୍ଭକଲେ । ହଠାତ୍ ପାର୍ଟିର ପରିବେଶରେ ଶହେ ଅଶୀ ଡିଗ୍ରୀ ପରିବର୍ତ୍ତନ ହୋଇଗଲା । କଥା ନିଭା ଉପରକୁ ମଧ୍ୟ ଆସିଲା । ଟୁନି ଆଣ୍ଟି ହିଁ ସେ କଥା ଆରମ୍ଭକଲେ । "ଦେଖୁନ ନିଭାକୁ । କଣ ଭାବିକରି ମେଡିକାଲ୍ ସ୍କୁଲ୍ ରେ ଭର୍ତ୍ତି ହୋଇଥିଲା । ଏବେ ତା' ମନ ଗଲାଣି ପବ୍ଲିକ୍ ହେଲ୍‌ଥ୍‌କୁ । କହୁଚି, ଘାନା ଯାଇ କିଛି ଏନ୍.ଜି.ଓ. ସହିତ କାମ କରିବ । ସେଇ କଥା ଭାବିକି ମୋ ମୁଣ୍ଡ ଜମା କାମ କରୁନି । ଇଏ କଣ ମନ ନା ପାଣିପାଗ ? ପ୍ରତି ସମୟରେ ବଦଳ ?'

ISSN NO.
2582-208X

ଆଣ୍ଟି ମାନଙ୍କର ଏହିଭଳି ଗପଶପ ହୁଏତ ଆଉ କିଛି ସମୟ ଚାଲିଥାନ୍ତା । ହେଲେ ଏଇ ସମୟରେ କଲିଂ ବେଲ୍ ବାଜିଲା ଓ ଅନୁ ଆଣ୍ଟି ଆସି ପହଞ୍ଚିଲେ ।

ସମସ୍ତଙ୍କ ଧ୍ୟାନ ଅନୁ ଆଣ୍ଟିଙ୍କ ଆଡେ ଗଲା । "ଏତେ ଡେରିରେ ଆସୁଛ । ତମେ ପରା ପାଖରେ ରହୁଛ ।' - ଏମିତି ସବୁ ପ୍ରଶ୍ନ, ଉତ୍ତରକୁ ଆଉ ଅପେକ୍ଷା ନକରି ଅନୁ ଆଣ୍ଟି ଓ ସୀତାନାଥ ଅଙ୍କଲ୍‌ଙ୍କୁ ମୁଣ୍ଡିଆଟିଏ ମାରି ନିଭା ମଧୁସ୍ମିତାକୁ ଟାଣିଟାଣି ତଳକୁ ବେସମେଣ୍ଟ ନେଇଗଲା ।

ତଳେ ସେମାନେ ସମସ୍ତେ ମଜା କଲେ ଓ ମଧୁସ୍ମିତା ମଧ୍ୟ ନିଜର ବର୍ତ୍ତମାନର ଉପସ୍ଥିତିକୁ ଫେରି ଆସିଲା । ସତକଥା ହେଲା, ସିଏ ଏବେ ବେଳେବେଳେ ଅନୁପର ଭାବନାରେ ଏମିତି ମଜିଯାଉଛି ଯେ ନିଜର ପାରିପାର୍ଶ୍ୱିକ ପରିସ୍ଥିତିକୁ ଭୁଲିଯାଉଛି । ତନୁଜା ଆଣ୍ଟି ଠିକ୍ କହୁଥିଲେ । ଭଲ ଲାଗିବା, ନ ଲାଗିବା ସବୁ ଆପେକ୍ଷିକ । ସେଇ ଏକା ଜିନିଷ ଥିବ, ପରିବେଶ ଥିବ, ସାଙ୍ଗସାଥୀ ଥିବେ । ହେଲେ ସେ ମୁହୂର୍ତ୍ତକୁ ଉପଭୋଗ କରିବା, ନ କରିବା ସବୁ ଆପେକ୍ଷିକ । ଏବେ ଆସନ୍ତା କାଲି ଅନୁପର ସ୍ୱାଗତାର୍ଥେ ସିଏ କେମିତି ପ୍ରସ୍ତୁତି କରିବ, ସେ ବିଷୟରେ ବି ଚିନ୍ତା କରୁଥିଲା । ତେଣୁ ପାର୍ଟିର କୌଣସି କାର୍ଯ୍ୟକ୍ରମ ତାକୁ ପ୍ରଭାବିତ କରିପାରୁନଥିଲା ।

ସେଥିପାଇଁ ସେମାନେ ବାରଟା ପନ୍ଦର ବେଳକୁ ଅରୁଣା ଆଣ୍ଟିଙ୍କ ଘରୁ ବିଦାୟ ନେଇଥିଲେ । ଅରୁଣା ଆଣ୍ଟି କେତେ ଅଟକାଇଥିଲେ, "କାଲି ତ ଛୁଟି ଅଛି । ତମେ ସବୁ ଏତେ ତରତର ହୋଇ ଫେରୁଛ କାହିଁକି ? ଆଉଟିକେ ସମୟ ରହିଯାଅ ।' ଏମିତି ଅନେକ ଥର ସେମାନେ ରହିଯାଆନ୍ତି ବି । ଫେରିବା ମୁହୂର୍ତ୍ତରେ ପୁଣି ଏମିତି ଗପ ଲାଗିଯାଏ ଯେ, ଫେରିବାକୁ ଭାବିଥିବା ମୁହୂର୍ତ୍ତର ଗୋଟିଏ ଘଣ୍ଟା ଦ୍ୱାର ପାଖରେ କେମିତି ବିତିଯାଏ ଜଣାପଡେନି । ହେଲେ ସେ ସମୟର କଥା ନିଆରା ଥିଲା । ଆଉ ଏ ସମୟର କଥା ନିଆରା । ଆପେକ୍ଷିକ? ତନୁଜା ଆଣ୍ଟିଙ୍କୁ ଭାବି ମନେମନେ ହସିଲା ମଧୁସ୍ମିତା । ମା' ମଧ୍ୟ ଚିନ୍ତିତ ଥିଲେ । ଅନୁପକୁ ତ ହଠାତ୍ ଡାକିଦେଲେ, ହେଲେ କଣ କେମିତି ରନ୍ଧାରନ୍ଧି କରିବେ, ସେ ବିଷୟ ନେଇ ହୁଏତ ଭାବୁଥିଲେ ।

ISSN NO.
2582-208X

ଘରେ ପହଞ୍ଚିବା ପରେ ଉଭୟ ମା' ଓ ମଧୁସ୍ମିତା ଶୋଇ ପାରିନଥିଲେ । ବାବା ତାଙ୍କର ଆରାମରେ ଶୋଇପଡିଲେ । ବିଛଣା ଧରୁଧରୁ ତାଙ୍କୁ ନିଦ ଆସିଗଲା । ମଧୁସ୍ମିତାର ମା' ସୋଫା, ଟେବୁଲ୍ ଇତ୍ୟାଦି ଘରର କିଛି ଭାଗ ସଜାଡି ଦେଲେ । ଛୋଲେ କରିବେ ବୋଲି ଚଣାଡାଲି ଭିଜେଇଲେ ଓ ବରା କରିବେ ବୋଲି ବୁଟଡାଲି ଓ ମସୁର ଡାଲି ଭିଜେଇଲେ । ଏଠୁରି ପିଠା ତିଆରି କରିବା ପାଇଁ ବିରିଡାଲି ମଧ୍ୟ ଭିଜେଇଲେ । ତାପରେ ସିଏ ଶୋଇବାକୁ ଗଲେ । ମଧୁସ୍ମିତା ଭାବୁଥିଲା କାଲି ଅନୁପଙ୍କୁ କେମିତି ଭାବେ ଆତିଥେୟତା କରାଯିବା ଉଚିତ । ଘରକୁ ଆଉ ତ କେହି ଆସିବାର ନାହାନ୍ତି । ଖାଲି ଭାଇ ଆସିବ । ସିଏ ତା' ସାଙ୍ଗମାନଙ୍କ ସହିତ ତିନିଦିନ ତଳେ କାଙ୍କୁନ୍ ଯାଇଥିଲା । ଫେରିବ । ଅଧିକ ଲୋକ ଥିଲେ ଅଲଗା ପ୍ରୋଗ୍ରାମ୍ କରାଯାଇଥାନ୍ତା । ଏବେ ଖାଲି ଅନୁପ ଏକମାତ୍ର ଅତିଥି । ବିଭା ଆଣ୍ଟିଙ୍କୁ ଡାକିଦେଲେ ହୁଅନ୍ତା ଯେ, ହେଲେ ସେମାନଙ୍କୁ ଏବେ ଅନେକ କଥା ବିଚାର କରି ସିଦ୍ଧାନ୍ତ ନେବାକୁ ପଡିବ । ଅଙ୍କଲ୍‌ଙ୍କୁ କେମିତି ଜାମିନରେ ଆଣିବେ ଓ ସେମାନଙ୍କର ଭାରତ ଯିବା କଥା କଣ ହେବ ? ସେମାନଙ୍କୁ ସେମାନଙ୍କ ବିଷୟରେ ଚିନ୍ତା କରିବାକୁ ଛାଡିଦେବା ଭଲ ।

ସେମିତି ଭାବିଭାବି ମଧୁସ୍ମିତା ଶୋଇପଡିଥଲା । ସମସ୍ତେ ସେଦିନ ଡେରିରେ ଉଠି, ଗାଧୋଇପାଧୋଇ, ବିନା ସକାଳ ଭୋଜନରେ ମନ୍ଦିର ଯାଇଥିଲେ । ଆଉ ଦେଖ କି ସଂଯୋଗ, ଦେଖା ହୋଇଗଲା ଅନୁପ ।

ନୂଆବର୍ଷ ଦିନ ମନ୍ଦିରରୁ ପୂଜା ସାରି ଫେରିବା ପରେ ମଧୁସ୍ମିତା ପୁଣି ଚିନ୍ତିତ ହୋଇଗଲା । ଆଜି କଣ ପିନ୍ଧିଲେ ଭଲ ହେବ ? ନିତିଦିନିଆ ଆମେରିକାନ୍ ପୋଷାକ, ଭାରତୀୟ ସାଲୱାର୍ କମିଜ୍ କି ଲେହେଙ୍ଗା । ମନେପଡିଲା, ଗତଥର ଆଈ ତାକୁ ଗୋଟିଏ ବଢିଆ ସମ୍ବଲପୁରୀ ଡିଜାଇନ୍‌ର ଡ୍ରେସ୍‌ଟିଏ ଦେଇଥିଲେ । ସେଇଟାକୁ ପିନ୍ଧିଲେ ଭଲ ହେବ ।

ନୂଆବର୍ଷ ଦିନର ସନ୍ଧ୍ୟା । ରାତିରେ ଅଳ୍ପ କିଛି ବରଫ ପଡିବ ବୋଲି ଟିଭିରେ ସିଏ ଶୁଣିଥିଲା । ତଥାପି ଦିନରେ ସେମିତି କିଛି ଜଣାପଡୁନଥିଲା । ଭଲ ପାଗ ଥିଲା । ସନ୍ଧ୍ୟା ସମୟରୁ ହିଁ ମଧୁସ୍ମିତା ଅନୁପର ବାଟ ଚାହିଁ ବସିଛି । ମା' ଖାଦ୍ୟ ପ୍ରସ୍ତୁତି ଓ ଟେବୁଲ୍ ସଜେଇବାରେ ବ୍ୟସ୍ତ ଥିଲେ । ମଧୁସ୍ମିତାକୁ ବେଳେବେଳେ ସାହାଯ୍ୟ କରିବାପାଇଁ

ISSN NO.
2582-208X

ଡାକୁଥିଲେ। ବାବାଙ୍କ ସାହାଯ୍ୟ ନେଇ କିଛି ନୂଆ ରକମର ଲାଇଟ୍ ରେ ବାହାରପଟ ସଜେଇଦେଲା ମଧୁସ୍ମିତା । ଘରେ ମଧ୍ୟ ଦ୍ୱାର ଦେଶରେ ନାଲି, ନୀଳ ଆଲୁଅ ଲଗେଇଦେଲା । ବାବା ବେଳେବେଳେ ମା'ଙ୍କୁ ଚିଡୋଉଥାନ୍ତି, "ଜଣେ ହିଁ ତ ଅତିଥି । ତମେ ଏତେ ବ୍ୟସ୍ତ ହେଉଛ କାହିଁକି ? କଣ ୧୦ ଜଣ ନା କୋଡିଏ ଜଣ । ତାପରେ ସିଏ ତ ଏବେକାର ପିଲା, କଣ ଖାଇବ, ନ ଖାଇବ । କିଛି ବି ରୋଷେଇବାସର ଆବଶ୍ୟକତା ନଥିଲା । ତାଙ୍କର ପିଜା, ବରିଟୋ ହେଲେବି ଚଳିବ । ସିଏ କଣ ଆମ, ତମ ଭଳି ଓଡିଆ ହୋଇଛନ୍ତି ଯେ, ଛଅ ତରକାରି, ନଅ ଭଜା ଦରକାର ।'

ମା' ବି ଅନୁରୂପ ଉତ୍ତର ଦେଉଥିଲେ, "ହେଲେ ମୁଁ ତ ଦେଖିଛି, ସେ ପୁଅ ସବୁ ରକମର ଭାରତୀୟ ଖାଦ୍ୟ ଭଲପାଆନ୍ତି । ଦେଖିବା, ଆଜି ସିଏ କଣ ପସନ୍ଦ କରୁଛନ୍ତି ।'

ଅନୁପ ଠିକ୍ ୭ଟା ବେଳକୁ ପହଞ୍ଚିଲା । ଭାଇ ସେତେବେଳକୁ ଶୋଇଥିଲା । ସିଏ କାଙ୍କୁନ୍‌ରୁ ଫେରି କ୍ଳାନ୍ତ ଥିଲା । ଏବେ ଅନୁପର ସମସ୍ତ ଚର୍ଚ୍ଚାର ଦାୟିତ୍ୱ ମଧୁସ୍ମିତା ଉପରେ ପଡିଲା । ତା' ପୋଷାକ ଉପରେ ଅନୁପର ନଜର ସ୍ଥିର ହୋଇଯିବା ଦେଖି ସିଏ ଅନୁପକୁ ହଲେଇଦେଇ ପଚାରିଲା, "ଆରେ ଏତେ କଣ ଦେଖୁଛ ?'

"ଡିଜାଇନ୍‌କୁ । ବହୁତ ସୁନ୍ଦର । ଆଉ ଜାଣିଛ ସ୍ମିତା, ତମେ ଏ ପୋଷାକରେ ଅଦ୍ୱିତୀୟ ଲାଗୁଛ ।'

"ତା ଅର୍ଥ କଣ ? ଅଦ୍ୱିତୀୟ ଲାଗୁଛି ମାନେ । ଏଭଳି ଡିଜାଇନ୍ ତ ଏବେ ଓଡିଶାରେ ମାଳମାଳ । ମୁଁ ଆଉ ଅଦ୍ୱିତୀୟ ହେଲି କେମିତି ?'

"ତମେ ଅଦ୍ୱିତୀୟ ମାନେ ତମ ଚେହେରା ଅଦ୍ୱିତୀୟ । ଆଉ ତମର ଏ ଅଦ୍ୱିତୀୟ ଚେହେରା ଉପରେ ଏମିତି ଏକ ନୂଆ ଡିଜାଇନ୍‌ର ପୋଷାକ ।'

ISSN NO.
2582-208X

"ହେଲେ ଅନୁପ, ସମସ୍ତଙ୍କର ତ ଅଦ୍ୱିତୀୟ ଚେହେରା । ସେଥିରେ ଆଉ ସ୍ୱତନ୍ତ୍ରତା ରହିଲା କେମିତି ? ତେବେ ମୋ ଆଇ ହିଁ ଏ ଡିଜାଇନ୍‌ର ସ୍ରଷ୍ଟା । ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଏମିତି ଡିଜାଇନ୍‌ର ସୃଷ୍ଟି ।'

"ତମ ଆଇଙ୍କୁ ମୋ ତରଫରୁ ମୋର ପ୍ରଶଂସା ଜଣେଇଦେବ । ସତରେ ବହୁତ ସୁନ୍ଦର ଡିଜାଇନ୍ । ଯଦି କେବେ ସମ୍ଭବ ହୁଏ, ମୁଁ ଚାରୁ ଅପା ପାଇଁ ଏମିତି ଏକ ସ୍ୱତନ୍ତ୍ର ଡିଜାଇନ୍‌ର ପୋଷାକ କରାଇ ତାକୁ ତା' ବିବାହ ବାର୍ଷିକୀରେ ଉପହାର ଦେବି ।'

"ନିଶ୍ଚୟ । ମତେ ଜଣେଇବ ତ, ମୁଁ ଆଇଙ୍କୁ କହି କରେଇପାରିବି ।'

ମା' ଆସି ଖାଇବାକୁ ଡାକିଲେ । ଭାଇ ଉଠି ସାରିଥିଲା । ସିଏ ଆସି ଅନୁପଙ୍କ ସହିତ ଗପ ଜୋଡିଲା । ବାପା ବି ସେମାନଙ୍କ ସହିତ କଥାପକୋଥନରେ ଯୋଗ ଦେଲେ । ଅନୁପ ପଚାରିଲା, "ଆଉ କେହି ଆସିବେ କି ?'

ମା' କହିଲେ, "ନା । ଆମ ଘରର ପାର୍ଟି ତ ଗତ ସପ୍ତାହରେ ଥିଲା । ଆମର ଏ ରିଚ୍‌ମଣ୍ଡର ଓଡିଆ ମାନଙ୍କ ଭିତରେ ଏମିତି ଗୋଟିଏ ଅଲେଖା ଚୁକ୍ତି ରହିଯାଇଛି । ସମସ୍ତେ ସବୁ ପର୍ବପର୍ବାଣି ବାଛି ନେଇଛନ୍ତି । ଏ ନୂଆବର୍ଷ ଦିନଟି ସମସ୍ତେ ନିଜ ପରିବାର ସହିତ କଟାନ୍ତି ।'

"ତାମାନେ ଆଜିଠାରୁ ମୁଁ ଆପଣଙ୍କ ପରିବାରର ହୋଇଗଲି । ବହୁତ ଧନ୍ୟବାଦ ଆଣ୍ଟି । ମତେ ଏ ସମ୍ମାନରେ ସମ୍ମାନିତ କରିଥିବାରୁ ।'

ଅନୁପର ଏ ମଜାରେ ଜବାବ ଦେବାକୁ ବାବା ଭୁଲିଲେନି । "ନିଶ୍ଚୟ ଅନୁପ । ତମ ନିଶା ଦିଦି ଯେବେଠୁଁ ଆମର ବୋହୂ ହୋଇଗଲେଣି, ତମେ ତ ସମସ୍ତେ ଆମର ସଂପର୍କୀୟ ହୋଇଗଲ । ତାପରେ ତମେ ତ ଜାଣିଛ, ଏ ବିଦେଶ ଭୂମିରେ, ବନ୍ଧୁତାର ସଂପର୍କ ରକ୍ତର ସଂପର୍କ ଠାରୁ ବି ଅଧିକ ଶକ୍ତିଶାଳୀ । ନିଶାଠାରୁ ଯେତିକି ଶୁଣିଛୁ, ତମ ଦୁହିଁଙ୍କ ପରିବାର

ISSN NO.
2582-208X


ଭିତରେ ପ୍ରଗାଢ଼ ବନ୍ଧୁତା । ସେଇଥିପାଇଁକି କଣ ସିଏ ଓଡ଼ିଆ ଘରର ବୋହୂ ହୋଇଗଲା । ଆଉ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା, ସିଏ ଓଡ଼ିଆ ବି ଠିକ୍ ଭାବେ କହିଯାଉଛି ।'

"ସତ କଥା ଅଙ୍କଲ୍ । ଆମମାନଙ୍କ ପରିବାର ଭିତରେ ଅନେକ ଭଲ ସଂପର୍କ । ମା' ତ ବେଳେବେଳେ ଓଡ଼ିଶା ଗଲେ, ଚାରୁଅପା ପାଇଁ ଯେ କୌଣସି ଜିନିଷ କିଣନ୍ତି, ନିଶାଦିଦି ପାଇଁ ବି ସେମିତି ଆଉ ହଳେ କିଣିଦିଅନ୍ତି । ସେମିତି ନିଶାଦିଦିର ପରିବାର ମଧ୍ୟ ଆମମାନଙ୍କ ପାଇଁ କରନ୍ତି । ଏମିତି କି ଥରେ ଦୁଇଥର ଆମେ ସମସ୍ତେ ସାଙ୍ଗ ହୋଇ ଭାରତ ଯାଇଛୁ, ସମସ୍ତେ ଆମ ଘରେ ଓଡ଼ିଶାରେ କିଛିଦିନ ରହୁ ଓ ଆଉ କିଛି ଦିନ ବରୋଦାରେ ରହୁ । ବହୁତ ମଜା ଆସେ ଅଙ୍କଲ୍ ।'

ଅନୁପର ଏ କଥାରେ ଭାଇ ଏକଦମ୍ ପ୍ରଭାବିତ ହୋଇଗଲା । 'ଏଇଆକୁ କହନ୍ତି ଗ୍ରେଟ୍ ଫ୍ରେଣ୍ଡସିପ୍ ।'

ଅନୁପ ସହିତ କଥାବାର୍ତ୍ତା କରୁଥିବା ବେଳେ ଅନେକ କଥା ଜଣାପଡିଲା । ତାର ରୁଚି, ଅରୁଚି, ଶିକ୍ଷାଗତ ଯୋଗ୍ୟତା, ଚାକିରି ଇତ୍ୟାଦି ଏମିତି ଅନେକ ସବୁ ବିଷୟରେ । ଅନୁପ ଘିଅ ଖାଏନି । ଅନୁପ ମିଠା ଭିତରେ ରସଗୋଲା ଭଲପାଏ । ଅନୁପ ଏରୋନଟିକାଲ୍ ଇଞ୍ଜିନିୟରିଙ୍ଗ ରେ ପି.ଏଚ୍.ଡି ସାରିଛି । କିନ୍ତୁ ଚାକିରି ସିଏ ଆରମ୍ଭ କରିଥଲା ଚାରିବର୍ଷର କଲେଜ୍ ଲାଇଫ୍ ପରେପରେ ।

ମା' କାନ ଡେରି ସବୁ ଶୁଣୁଥାନ୍ତି । ମଧୁସ୍ମିତାକୁ ଲାଗୁଥାଏ, ଅନୁପକୁ ନେଇ ମା' ଯେମିତି ମନରେ କିଛି ଗୋଟିଏ ରଖିଛନ୍ତି ।

ଏଇ ସମୟରେ ଡୋର୍ ବେଲ୍‌ର ଶବ୍ଦ ଶୁଣାଗଲା ।

ନିଶା ଭାଉଜ ଓ ଶାନ୍ତନୁ ଭାଇଙ୍କୁ ଦେଖି ଆଖିକୁ ବିଶ୍ୱାସ କରି ପାଇଲାନି ମଧୁସ୍ମିତା । ମା' ତ କହୁଥିଲେ ଆଉ କାହାକୁ ଡାକିନାହାନ୍ତି ବୋଲି । ପୁଣି ଏମାନେ କେମିତି ?

ISSN NO.
2582-208X

ଅନୁପ ବି ସେମିତି ଚକିତ ହୋଇଗଲା । "ନିଶା ଦିଦି, ତମେ ?'

ନିଶା ଭାଉଜ ସେମିତି ରାଗ ଦେଖେଇ କହିଲେ, "ଆଉ ତୁ କଣ ଭାବିଥିଲୁ, ଏମିତି ରିଚ୍‌ମଣ୍ଡ ଆସିବୁ ଓ ମତେ ନ ଜଣେଇ, ଦେଖାନକରି ଫେରିଯିବୁ ।'

ଅନୁପ ଟିକେ ଅପ୍ରତିଭ ହୋଇଗଲା । "ତମେ ବୁଝିବନି ନିଶା ଦିଦି । ସତକଥା ହେଲା ଗୋଟିଏ ସାଙ୍ଗକୁ ରାଇଡ୍ ଦେଇ ରିଚ୍‌ମଣ୍ଡ ଆସିଥିଲି ଆଉ ଆଣ୍ଟିଙ୍କ ସହିତ ଦେଖାହୋଇଗଲା। ଆଜି ଫେରିଯାଇଥାନ୍ତି । ହେଲେ ଆଣ୍ଟି ମତେ ନିମନ୍ତ୍ରଣ କରିଦେଲେ ତ ମୁଁ ଟାଳି ପାରିଲିନି ।'

"ହଁ, ମୁଁ ଜାଣିଛି ।'

ନିଶା ଭାଉଜ କୈଫିୟତ୍ ଦେଲେ । "ସରି ଅଙ୍କଲ୍, ସରି ଆଣ୍ଟି, ଆମେ ଆପଣଙ୍କୁ କନ୍‌ଫର୍ମ ନକରି ଚାଲିଆସିଲୁ ।'

ତାପରେ ସିଏ ଅନୁପକୁ ଜଣେଇଲେ, "ଅସଲରେ ଆଣ୍ଟି ଆମକୁ ଏମିତି ପଚାରି ଦେଇଥିଲେ, ଅନୁପ ଆସୁଛି, ଆମେ ଆସିପାରିବୁ କି ନା ବୋଲି । ଆମେ ବି ତ ଜାଣିନଥିଲୁ ଆମେ ଆସିପାରିବୁ କି ନା । ଆଜି ଆମ ଘରକୁ ବି କିଛି ପରିବାର ସଦସ୍ୟଙ୍କର ଆସିବାର ଥିଲା । ହେଲେ ସେମାନେ ଶେଷ ସମୟରେ ଆସିପାରିବେନି ବୋଲି ଜଣେଇଲେ ତ ଶାନ୍ତନୁ କହିଲେ ଚାଲ ଯିବା ଆଣ୍ଟିଙ୍କ ଘରକୁ । ଆଣ୍ଟିଙ୍କୁ ଆଉ ଡାକିଲୁନି ଭାବିକି କି ସିଏ ପୁଣି ଆମ ପାଇଁ ବ୍ୟସ୍ତ ହେବେ ।'

କମଳା ଦେବୀ ଏଥିରେ ନିଶାକୁ ଯାଇ ଆଲିଙ୍ଗନ କରି କହିଲେ, "ବହୁତ ଭଲ କଲ ତମେମାନେ । ଅନୁପ ହୁଏତ ଏକାଏକା ଅନୁଭବ କରୁଥିବେ । ତମେମାନେ ଆସିଲ, ତାଙ୍କୁ ଭଲ ଲାଗିବ ।'

ISSN NO.
2582-208X

ଅନୁପ ଥଟ୍ଟା କରି ନିଶାକୁ କହିଲା, "ମୁଁ ଜାଣିଛି ତ ଦିଦି, ତମେ ସବୁବେଳେ ମୋ ଦାନାରେ ଭାଗନେବାକୁ ଚାଲିଆସ । ଆଜି ବି ସେମିତି କଲ । ହେଲେ ଏବେ ଜଣକ ବଦଳରେ ତମ ପାଇଁ ସାଥୀଟିଏ ମିଶେଇଦେଲ । ଆଜି ମୋ ଦାନାରେ ଦୁଇଦୁଇଟି ଲୋକ ଭାଗ ବସେଇବେ।'

ମଧୁସ୍ମିତା ବି ଅନେକ ହାଲୁକା ଅନୁଭବ କଲା । ଅନୁପର ମୁହଁରେ ମଧ୍ୟ ବିବ୍ରତ ହେବାର ଛାପ ଆଉ ରହିଲାନି । ଏହି ସମୟରେ ଉଭୟ ଶାନ୍ତନୁ ଭାଇ ଓ ନିଶା ଭାଉଜଙ୍କର ଦୃଷ୍ଟି ମଧୁସ୍ମିତାର ପୋଷାକ ଉପରେ ପଡିଲା । ସେମାନଙ୍କ ଆଖି ସେଇଠି ଲାଖିଗଲା । ଶାନ୍ତନୁ ପ୍ରଶଂସା କଲେ, "ବାଃରେ ମୋଟି, ତୁ ତ ଆଜି କଳିଙ୍ଗ କନ୍ୟା ଓ ରାଣୀ ଭଳି ଦିଶୁଛୁ ।

ଅନୁପ ଧରିନେଲା, "ମୋଟି, ମୋଟି କିଏ ?'

ମଧୁସ୍ମିତା ଚିଡିଗଲା । "ତମକୁ କଣ ସ୍ଥାନ, କାଳ, ପତ୍ର କିଛି ବୁଝା ପଡେନି । ଏମିତି କି ବାହାଘର ପରେ ବି ତମର କିଛି ପରିବର୍ତ୍ତନ ହେଇନି । ଯେଉଁ ମୁଣ୍ଡାକୁ ସେଇ ମୁଣ୍ଡା ।'

ନିଶା ଓ ଅନୁପ ଦୁହେଁ ଆମୋଦ ଅନୁଭବ କରୁଥାନ୍ତି । "ଆଚ୍ଛା, ଏ ମୋଟି ଓ ମୁଣ୍ଡାର ରହସ୍ୟ କଣ ?'

"ରହସ୍ୟ ଆଉ କଣ, ସ୍ମିତାଟା ଛୋଟବେଳେ ଟିକେ ମୋଟା ଥିଲା, ସେଥିପାଇଁ ଏମାନେ ସବୁ ତାକୁ ଚିଡୋଉଥିଲେ ।'

"ଟିକେ ? ତମ ଝିଅ ବୋଲି ତମେ ଲୁଚେଇଦେଉଛ ଆଣ୍ଟି, ପୂରା ବୋଇତାଳୁ ଥିଲା ସିଏ।' - ଶାନ୍ତନୁ ଯୋଗକଲେ ।

"ଆଉ, ତମେ କି ମୁଠା ଥିଲ କୁହତ । ତମକୁ ଡ୍ରାମାରେ ହନୁମାନ ପାର୍ଟ ଦିଆ ଯାଇଥିଲା । ହେଲେ ମଞ୍ଚରେ ତମେ ରାମଙ୍କ ଡାଇଲଗ୍ କହିଗଲ । ଶୁଣୁଥା ନିଶା ଭାଉଜ, ତମ ମୁଣ୍ଡା ପତିଙ୍କ କାହାଣୀ ।'

ISSN NO.
2582-208X

ପରିବେଶରେ ଏତେ ହସ ଭରିଗଲା ଯେ, ସମସ୍ତେ ହସିହସି ନାକେଦମ୍ ହେଲେ । ମଧୁସ୍ମିତା ସେ "ଆପେକ୍ଷିକ' ଶବ୍ଦକୁ ଆଉଥରେ ମନେ ପକାଇଲା । ସେଇ ଏକା କଥା ଥିବ, ହେଲେ ମଣିଷକୁ ନେଇ ପରିବେଶ କେମିତି ବଦଳିଯିବ, ଏକଥା ନ ଦେଖିଲେ, ଅନୁଭବ ନକଲେ କେହି ବିଶ୍ୱାସ କରିବେନି ।'

ପୁଣି କଲିଂବେଲ୍ ବାଜିଲା । "ଏବେ ପୁଣି କିଏ ହୋଇପାରେ ?' ମଧୁସ୍ମିତା ଏମିତି ଭାବୁଭାବୁ ତାର ବାବା, ମାନେ ରଙ୍ଗାଧର ବାବୁ ଯାଇ କବାଟ ଖୋଲିଲେ । ଦେଖିବା ବେଳକୁ ରଞ୍ଜନ ଓ ଲିପ୍‌ସା । ମଧୁସ୍ମିତା ସେମାନଙ୍କୁ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲା । କେବଳ କମଳାଙ୍କ ଛଡା ଅନ୍ୟ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲେ ।

ଅନୁପ ପଚାରିଲା, "ରଞ୍ଜନ ଓ ଲିପ୍‌ସା, ତମେ ? କାହିଁ ମତେ ତ କିଛି କହୁନଥିଲ । ନହେଲେ ତ ଆମେ ସମସ୍ତେ ସାଙ୍ଗ ହୋଇ ଆସିଥାଆନ୍ତେ । ସବୁ ଠିକ୍ ଅଛି ତ ?'

ରଞ୍ଜନ ଜଣେଇଲେ, "ମାଇଁ ଏବେ କିଛିଦିନ ଅମି ଅପାର ଘରେ ରହିବେ । ତେଣୁ ଆମେ ଭାବିଲୁ, ଆମେ ତୋ ସହିତ ଫେରିଯିବୁ । ଏମିତ ଭାବିବା ଭିତରେ, ନିର୍ଣ୍ଣୟ କରିବା ଭିତରେ, ସମୟ ହିଁ କମ୍ ଥିଲା । କମଳା ଆଣ୍ଟି ଆଜି ଆମକୁ ଡାକି ସେହି କଥା କହିଥିଲେ। ଯଦି ମାଇଁ ସେଠି ରହିବାକୁ ଚାହାନ୍ତି, ତେବେ ଆମେ ଆସିବୁ ବୋଲି ତାଙ୍କୁ କଥା ଦେଇଥିଲୁ । ସେଥିପାଇଁ ମାଇଁଙ୍କ ସହିତ କଥାବାର୍ତ୍ତା ହୋଇ ଆମେ ଉବର୍ ନେଇ ଚାଲିଆସିଲୁ । ଆମେ ଖାଇକି ଆସିଛୁ । ଆଣ୍ଟିଙ୍କୁ ଆମ ପାଇଁ ଚିନ୍ତା କରିବାର ନାହିଁ ।'

ଏବେ ମଧୁସ୍ମିତା ମନେମନେ ମା'ଙ୍କ ଉପରେ ଚିଡିବା ଆରମ୍ଭକଲା । ଇଏ କେମିତିକା ପାର୍ଟି। କିଏ ଆସିବ, ନ ଆସିବ ଜଣା ନାହିଁ । ଅବଶ୍ୟ ରଞ୍ଜନ ଭାଇ ଓ ଲିପ୍‌ସା ଭାଉଜଙ୍କୁ ସିଏ ପୂର୍ବଦିନରୁ ଜାଣିଛି । ହେଲେ ମା' କାହାକୁ କିଛି ନ ଜଣେଇ ଏମିତି ସବୁ କେତେ ଲୋକଙ୍କୁ ଡାକିଛନ୍ତି କିଏ ଜାଣେ ?'

ମଧୁସ୍ମିତାର ବାବା, ରଙ୍ଗାଧର ବାବୁ ମଧ୍ୟ ଆଶ୍ଚର୍ଯ୍ୟହେଲେ । କମଳା ସତରେ ଆଉ କେତେ ଲୋକଙ୍କୁ ଏମିତି ଡାକିଛନ୍ତି ? ଡାକିଛନ୍ତି, କିଛି ଖରାପ ନୁହେଁ । ହେଲେ ଘରର କାହାକୁ

ISSN NO.
2582-208X

ଜଣେଇନାହାନ୍ତି । ତଥାପି ମୁହଁରେ ହସ ଫୁଟେଇ ସିଏ ରଞ୍ଜନ ଭାଇ ଓ ଲିପ୍‌ସା ଭାଉଜଙ୍କୁ ସ୍ୱାଗତ କଲେ । ଜଣେଇଲେ, "ସେଇଥିପାଇଁ ବୋଧହୁଏ ତମମାନଙ୍କ ଆଣ୍ଟି ଆଜି ଏତେ ରକମର ଖାଦ୍ୟ ରାନ୍ଧିଛନ୍ତି । ତାଙ୍କର ଷଷ୍ଠ ଇନ୍ଦ୍ରିୟ ହୁଏତ ତାଙ୍କୁ ସେମିତି କିଛି ସଙ୍କେତ ନିଶ୍ଚୟ ଦେଇଥିଲା । ନହେଲେ ଆଜି ଯେତିକି ରୋଷେଇ ସିଏ କରିଛନ୍ତି, ମୁଁ ତ ଭାବୁଥିଲି, ଆମମାନଙ୍କ ପାକସ୍ଥଳୀ ଆଜି ଅଳିଆଗଦା ହୋଇଯିବ । ନୂଆବର୍ଷରେ ଆସିଲ, ଭଲ କଲ । ଆମ ଘର ସବୁବେଳେ ଏମିତି ପରିପୂର୍ଣ୍ଣ ହୋଇ ରହୁ ।'

ସିଏ କମଳାଙ୍କୁ ପଚାରିଲେ, "ଏବେ ଆମେ ଖାଇବା ତ ?'

କମଳା ଜାଣିନଥିଲେ ଏମାନେ ସବୁ ଆସିଯିବେ ବୋଲି । ଯଦିଓ ସିଏ ସେମାନଙ୍କୁ ନିମନ୍ତ୍ରଣ କରିଦେଇଥିଲେ । ହେଲେ କେହି ସେମାନଙ୍କୁ "ହଁ ବୋଲି କହିନଥିଲେ । ତଥାପି ସିଏ ରାନ୍ଧିବାରେ କିଛି କମ୍ କରିନଥିଲେ । ପୁଣି ଘରର ପରିବେଶ ବଦଳିଗଲା । ଏବେ ଘରେ ଅଧିକ ମଣିଷ ହୋଇଗଲେ । ଶାନ୍ତନୁ ଭାଇ ଓ ନିଶା ଭାଉଜ ଆଗରୁ ରଞ୍ଜନ ଭାଇ ଓ ଲିପ୍‌ସା ଭାଉଜଙ୍କୁ ଚିହ୍ନିନଥିଲେ । ଏବେ ଚିହ୍ନିଲେ । ଯଦିଓ ସମସ୍ତେ ନାହିଁନାହିଁ କରୁଥିଲେ, ହେଲେ ସମସ୍ତେ ପେଟ ଭରି ଖାଇଲେ । କମଳାଙ୍କ କଦଳୀ କୋପ୍ତା ତରକାରି ଓ ରସଗୋଲା ରିଚ୍‌ମଣ୍ଡର ଓଡିଆମାନଙ୍କ ମଧ୍ୟରେ ପ୍ରସିଦ୍ଧ । ଅନ୍ୟମାନେ ତ ଟିକେ ସଂଭ୍ରମରେ ଖାଉଥିଲେ । ହେଲେ ଶାନ୍ତନୁ ଭାଇ ଟକଟକ ହୋଇ ଖାଇବାରେ ଟିକେ ବି ଲାଜ କଲେନି ।

ଏମିତି ଏକ ଅଦ୍‌ଭୁତ ରକମର ପାର୍ଟିରେ ଅନୁପ ଓ ମଧୁସ୍ମିତାର ଷଷ୍ଠ ଭେଟ ହୋଇଗଲା । ମଧୁସ୍ମିତା ମନେମନେ ଚିନ୍ତାକଲା, ଏଇଟା ବି ଆପେକ୍ଷିକ । ୧୮୦ ଡିଗ୍ରୀ ପରିବର୍ତ୍ତନ ନା' ଆଉ କିଛି ଡିଗ୍ରୀ କୁହାଯିବ ।

ଅନୁପ ଭାବୁଥିଲା, "ଆଉ ଗୋଟିଏ ମାତ୍ର ଭେଟ ବାକିରହିଲା । ତାପରେ ସିଏ ମଧୁସ୍ମିତାକୁ ତା' ପ୍ରତି ଥିବା ନିଜ ହୃଦୟର ପ୍ରେମ ଅନୁଭବକୁ ଜଣେଇଦେବ ।'

ରଦରଫୋର୍ଡ ୱେ, ଡେଟନ୍, ମେରୀଲ୍ୟାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଅବୁଝା ମନ



ଡ. ପ୍ରସନ୍ନ କୁମାର ବଳ

ଅବୁଝା ମନକୁ ବୁଝାଇବାଟା ତ ଏତେଟା ସହଜ ନୁହଁ,
ବୁଝିବି ଅବୁଝା ହେଲେ ପୁଣି କଏ କରିକ ପାରିବ କୁହ ।୧।
ଯେତେ ବୁଝାଇଲେ ବୁଝିତ ପାରେନା ଅବୁଝା ମନଟି ସତେ,
ନବୁଝିବା ପାଇଁ ପଣ କରିଥିଲେ ପରିଶ୍ରମ ବୃଥା ଅଟେ ।୨।
ବୁଝିବାଟା କଣ ନହାତି ଜରୁରୀ ସ୍ୱତଃ ମନେ ପ୍ରଶ୍ନ ଉଠେ,
ନ ବୁଝି ପାରିବା କଛି ସମୟରେ କାଳପୋଯୋଗୀ ତ ସତେ ।୩।
ଜୀବନ ଗଣିତ ବହୁତ କଠିନ ବୁଝିବାଟା ହିଁ ତ କଷ୍ଟ,
ନ ବୁଝି ନ ଶୁଝି ଜୀବନ କାଟିଲେ ପାଇବେ ଅବଶ୍ୟ କଷ୍ଟ ।୪।
ଜୀବନ ରାସ୍ତାରେ ବହୁତ ଜିନଷ ବଦଳ ଯାଇଛି ସତେ,
ଏତେ ଅଙ୍କା ବଙ୍କା ହୋଇଛି ଏ ରାସ୍ତା ଆଶ୍ଚର୍ଯ୍ୟ ଲାଗୁଛି ମୋତେ ।୫।
ମାନବ ଚରିତ୍ର, ଆଚରଣ ପୁଣି ସଂପୂର୍ଣ୍ଣ ବଦଳଗଲା,
ବଡଙ୍କୁ ସମ୍ମାନ ଛୋଟଙ୍କୁ ଆଦର ଏ ସମାଜ ଭୂଲି ଗଲା ।୬।
ଯୋର ଯାହାର ମୁଲକ ତାହାର ଭାବ ହିଁ ମେଲିଲା କାୟା,
ଗୁଣ୍ଡା ଗର୍ଦ୍ଦି କରି ରାଜ କରିବାକୁ ସମସ୍ତଙ୍କୁ କଲା ବାୟା ।୭।
କଥା କଥାକରେ ଖଣ୍ଡା ଓ ବନ୍ଧୁକ ଗ୍ଭଲୁଛି ରାଜ ରାସ୍ତାରେ,
ଏ ସଭ୍ୟ ସମାଜ ମୁକ ସାକ୍ଷୀ ସାଜି ଦେଖୁଛି ସ୍ୱଚକ୍ଷୁରେ ।୮।
ପରିବାର ମଧ୍ୟେ କେତେ ଯେ ଅଶାନ୍ତ ବସା ବାନ୍ଧୁଅଛି ଆଜି,

ISSN NO.
2582-208X

ଏକ ତ ଅନ୍ୟର ସୁଖ ଦେଖେ ନାହିଁ ସଂପର୍କ ପଡିଛି ବାଜି ।୯।
ପଡୋଶୀ ତ କାଳେ ଅତି ଆପଣାର ଯେହେତୁ ପାଖରେ ଥାଏ,
ଆଜି ଏ ପଡୋଶୀ ବଦଳ ଯାଇଛି ଲାଗେ ବହୁଦୂରେ ଥାଏ ।୧୦।
ଏ ସବୁକୁ କଣ ବୁଝିବାଟା ପୁଣି ଅତି ଦରକାର ଅଛି,
ଯେତିକ ବୁଝିବା କଷ୍ଟ ହିଁ ପାଇବା ନ ବୁଝି ପାରିଲେ ଶାନ୍ତ ।୧୧।
ଚାକରୀ ଜୀବନ ସରିତ ଯାଇଛି ବୟସ୍କ ହୋଇଚେ ଆମେ,
ଅବୁଝା ମନ ତ ବୁଝୁନାହିଁ ତାହା ବୁଝାଇ ପାରିବ ତମେ ? ।୧୨।
ଚାଲୁ ଏ ଜୀବନ ଏହି ପରି ପୁଣି ବୁଝା ଅବୁଝା ମଧ୍ୟରେ,
ବୁଝିବା ଆଗରୁ ଜୀବ ଚାଲିଯାଉ ସବୁ ଚନ୍ତାର ଉପରେ ।୧୩।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ବଢ଼ାଇ ଦେବକି ହାତ ?


ଶଶଧର ମହାପାତ୍ର

ସକାଳେ ଓ ସଂଜେ ମୁଣ୍ଡିଆଟେ ମାରି
ଡାକେ ଆହେ ଚକାଡୋଳା
ତୁମ ପାଶେ ଯଦି ଡାକ ନପହଞ୍ଚେ
ବୁଡ଼ିଯିବ ମୋ'ର ଭେଳା ।।
କରୋନା ସାଜିଛି ବାଧକ ଆମର
ମନ୍ଦିରକୁ ଯିବା ମନା
ସବୁଥିରୁ ପ୍ରଭୁ ବଂଚିତ ହେଇଛୁ
ମୁହଁରେ ବାନ୍ଧୁଛୁ କନା ।।
ଦାସିଆ ବାଉରୀ ହାତରୁ ନଡ଼ିଆ
ନେଇଥିଲ ଜଗନ୍ନାଥ
ଭୋଗ କି ନୈବେଦ୍ୟ ଘରୁ ବାଢ଼ିଦେଲେ
ବଢ଼ାଇଦେବ କି ହାତ ?
ପେଟ ଶୁଖୁଥିବ ଭୋକ ଉପାସରେ
ନଖାଇକି ଭୋଗରାଗ

ISSN NO.
2582-208X

ଷାଠିଏ ପଉଟି ଯିଏ ଭୁଞ୍ଜୁଥିଲା
ତାହାର ବି ଏ ଦୁର୍ଭାଗ୍ୟ ?
ଖଣ୍ଡିଆ ହାତକୁ ବଢ଼େଇ ଦେଇଛ
ଭକ୍ତଟିଏ ଡାକେ ଯେବେ
ଖଣ୍ଡିଆ ଗୋଡ଼ରେ ବ୍ରହ୍ମାଣ୍ଡ ବୁଲୁଛ
ଚାଲୁଥାଅ ବେଗେବେଗେ ।।
ତୁମ ଚକା ଆଖି ଜଗତ ଦେଖୁଛି
ଯୁଗଯୁଗ ଧରି ପ୍ରଭୁ
କରୋନା ଭୟରେ ଗୃହବନ୍ଦୀ ହେଲୁ
କରୋନା କରୁଛି କାବୁ ।।
କରୋନା ଦେଉଛି ଅଶେଷ ଯନ୍ତ୍ରଣା
ଭୟ ଆସେ ଆମ ମନେ
ସାରା ବିଶ୍ୱ ଆଜି ତ୍ରାହି ତ୍ରାହି ଡାକେ
ପଡୁନାହିଁ ତୁମ କାନେ ।।
ନିଜେ ଭୋଗୁଅଛ ଦୁନିଆ ଭୋଗୁଛି
ତୁମର ସେ ଚିନ୍ତା ନାହିଁ
ନା ଜାଣି ଶୁଣି ଘଟାଉଛ ସବୁ
ଚେତନା ଆଣିବା ପାଇଁ ।।
କିଏ କାମ କରେ ନିଜ ଘରେ ରହି
ପେଟ ପାଟଣା ପାଇଁ
ତିନିଦିନ ପାଇଁ ସପ୍ତାହରେ ନିଜେ
କାମକୁ ଯାଉଛି ସାଇଁ ।।
ଘରୁ ବାହାରିଲେ ଆସୁଅଛି ଜର

ISSN NO.
2582-208X

କାଶ ହୁଏ ଛାନିଆରେ
କାଳେ ଆସିଗଲା କରୋନା ଭୂତାଣୁ
ଛାତି ଥରେ ଆଶଙ୍କାରେ ।।
ଯଦି ମୋତେ ନିଅ ତୁମ ପାଶେ ପ୍ରଭୁ
କରିବିନି ଅଭିମାନ
ଯନ୍ତ୍ରଣା ଓ କଷ୍ଟ ନ ଭୋଗେ ଯେମିତି
ସେଥିପାଇଁ ନିବେଦନ ।।

(କରୋନା ଆରମ୍ଭ ହେବା ସମୟରେ ପ୍ରାୟ ଦି'ମାସ ପର୍ଯ୍ୟନ୍ତ ମୋତେ ସପ୍ତାହରେ ତିନି ଦିନ ଧରି କାମକୁ ଯିବାକୁ ପଡୁଥିଲା ଯେତେବେଳେ ଅଧିକାଂଶ ଲୋକମାନେ ନିଜ ଘରୁ କାମ କରୁଥିଲେ । ତା' ପରେ ସପ୍ତାହରେ ପାଞ୍ଚ ଦିନ ଯିବାକୁ ହେଲା । ଏବେ ମଧ୍ୟ ଅଧିକାଂଶ ଲୋକ ଘରୁ କାମ କରୁଛନ୍ତି ।)

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ପରମାତ୍ମା



ଡ଼ ସୁନନ୍ଦା ମିଶ୍ର ପଣ୍ଡା

ପ୍ରିୟ ସଖା ମୋର ...
ଦେଖ ଦୂରେ
ପୁନେଇଁ ଚ୍ଛନ୍ଦ ଧୀରେ
ଆକାଶ ବୁକୁରେ ଦେଖାଦେଲାଣି
ପାହାଡ ଆରପାରୁ
ସନ୍ଧ୍ୟା ନଇଁଆସେ
ସୂରୁଜ ମାଗିନଏ ମେଲାଣି ।

ମୋ ମନର କେତେ ଆଶା
ଆପଣାଛାଏଁ ମରେ
କନ୍ତୁ
ହେ ମୋର ହରତାକରତା (ପରମାମ୍ସା )
ତୁମେ କ ବୁଝିପାର
ଆଜିର ଏ ଦୁନଆର ରୀତିନୀତି
ସଭ୍ୟତା ଖୋଳତଳେ ପଶୁତ୍ୱ ଲୁଚଥାଏ
କେବଳ
ସାପଟା ଖାଲି କାତି ଛାଡେ ।

ISSN NO.
2582-208X

ଜୀବନ ଆମର ଖଣ୍ଡାଧାରେ ଛିଡା
ବନ୍ଧୁକ ଗୁଳରେ ମରଇ
ମଣିଷ ବୁଝେନାହିଁ ମଣିଷ ମନଭାବ
ଜୀବନ ନେଇ ଖେଳ ଖେଳଇ ।

ସତ୍ୟ ଓ ପ୍ରେମର କଥା ତୁମେ କୁହ,
ମିଥ୍ୟାର ଝଲକ ଝଲସୁଛି ଅହରହ
ଭୁଲିଛି ଦୁନଆ ତାର ନଜ ରୂପ,
ଝରୁଛି ଗର୍ବ, ହିଂସା ଓ
ଅହଂକାରର ଝରଣା,
ସତେ ଏ କଣ କଳଯୁଗର ପ୍ରାରମ୍ଭ (?)

ତଥାପି ବୟସ ଭୁଲୁନ ତାର ରୂପ (ମୋହ)
ପ୍ରେମ ଓ ପ୍ରଣୟର ନଶାରେ ମସଗୁଲ,
ପୁଅ, ଝିଅ, ବଡ ଓ ସାନର (ବୟସ )
ନାହିଁ ଭେଦ ଭାବ,
ପ୍ରେୟସୀ ବୁକେ, ମଥା ଥାମି ରଚେ ଅଭିସାର
ସତେ
ଚାନ୍ଦିନୀ ରାତି ଭଳି ଲାଗେ ଦିବାନିଶି ।

ହେ ସଖା
ଏସବୁ ପ୍ରହେଳିକା ଦିନକପାଇଁ ଗଢା
ସତ୍ୟର ଦୁନିଆରେ (ଦିନେ ହେବ )
ମାନବ ହେବ ଅସ୍ଥି, ଚର୍ମଛଡା

ISSN NO.
2582-208X

ରୂପ ବି ଲୁଚବ, ଧନଦୌଲତର
ଗର୍ବ ବି ଚୁରମାର ହେବ ।

ହେ ପରମାତ୍ମା!
ପ୍ରିୟ ସଖା ମୋର,
ଶେଷରେ କେବଳ ମୋ'
ଏତିକ ମାଗୁଣି –
ସୁଖ କାଳେ ଦୂରକରି ଅନ୍ଧକାର
ଗର୍ବ ଓ ଅହଂକାରର
ଭରିଦିଅ ମନରେ ମୋ '
ଦୁଃଖ କାଳେ ଉଜ୍ଜ୍ୱଳ ଆଲୋକ
ସୀମାହୀନ ଧୀରତା ଓ ସ୍ଥିରତାର ।

ଟରୋଣ୍ଟୋ, କାନାଡ଼ା
Email – drsunanda.panda@gmail.com
ଫୋନ : 6478389884

ISSN NO.
2582-208X


# ମା'ଙ୍କ ମହିମା



ଶାନ୍ତଲତା ମିଶ୍ର

ଆଜି ବଗିଚ୍ଛରେ ଅନେକ ଫୁଲ ଫୁଟିଛି । ନାନା ରଙ୍ଗର ଫୁଲ ଦେଖି "ସିନି'ର ମନ ବହୁତ ଖୁସି । ମନ୍ଦାର, ଟଗର, କନିଅର, ମାଳତୀ, ଏପରିକି ସେ ଲଗେଇଥିବା ଗୋଲାପ ଗଛଗୁଡାକରେ ଅତି କମରେ ଦଶଟା ଫୁଲ ଫୁଟିଛି । କାଲି ଦଶହରା ପୂଜା । ବୋଉ କହିଛି ଅଳ୍ପ ଫୁଲ ଆଜି ଘର ପୂଜା ପାଇଁ ତୋଳିକି ଆଣିବୁ । କାଲି ବସ୍ତିରେ ହେଉଥିବା ପୂଜା ମଣ୍ଡପରେ ଦେବୀ ଦୁର୍ଗା ମା'ଙ୍କ ପାଇଁ ଦିଟା ଫୁଲ ମାଳ କରିକ ନବାକୁ ହେବ । ସେଥି ପାଇଁ ବହୁତ ଫୁଲ ଦରକାର । ଅଧା ଫୁଟା ଫୁଲ ସବୁ କାଲି ପାଇଁ ଗଛରେ ଛାଡିକୁ ଆସିବୁ ।

ସିନ ଗୁଣୁ ଗୁଣୁ ହୋଇ ଗୀତ ବୋଲି ବୋଲି ଫୁଲ ତୋଳାରେ ମନ ଦେଲା । କଛି ଫୁଲଙ୍କୁ ହାତରେ କେବଳ ସ୍ପର୍ଶ କରି ଦେଇ ଖୁସି ହୋଇ ଯାଉଥାଏ । ତାକୁ ସବୁଦିନ ଫୁଲ ଦେଖିବାକୁ ଓ ତାଳବାକୁ ଭଲ ଲାଗେ । ଏ ବଗିଚ୍ଛଟା ତାର କହିଲେ ଚଳେ । ସେ ବାପା ବୋଉଙ୍କୁ ଗଛ ଲଗେଇବାରେ, ଗଛରେ ପାଣି ଦେବାରେ ସବୁଦିନ ସାହାଯ୍ୟ କରେ । ବାପା ନର୍ସରୀରୁ ସବୁବେଳେ ନୂଆ ନୂଆ ଗଛ ସବୁ ଆଣି ତାକୁ ତା ଜନ୍ମ ଦିନରେ ବା ବିଶେଷ ଦିନ ମାନଙ୍କରେ ଉପହାର ଦିଅନ୍ତୁ ।

ହଳଦିଆ ଗୋଲାପ ଟା କ ସୁନ୍ଦର ହୋଇଛି । କାଲି ସେ ମାଳା ଗୁନ୍ଥଲା ବେଳେ ମାଳାର ମଝିରେ ଲକେଟ ପରି ଝୁଲେଇବାକୁ ଭାବିନେଲା । ଗୋଲାପ ଗୁଡିକର ଖୁବ ନକଟକୁ ମୁହଁ ନେଇ ଦେଖିବାକୁ ଲାଗିଲା ବେଳେ ହଠାତ ତା ଭିତରେ ବସିଥିବା ମହୁ ମାଛି ତିନ ଚ୍ଛରିଟା ଉଡି ଆସି ତା ଗୋଟେ ଗାଲକୁ, କପାଳକୁ ଓ ଆଙ୍ଗୁଠିକୁ କାମୁଡି ଦେଲେ । ଯନ୍ତ୍ରଣାରେ

ISSN NO.
2582-208X

ଚକ୍କାର କରି ଉଠିଲା ସିନି । ବୋଉ ଆସି ତାକୁ ନେଇ ତା ହାତ ମୁହଁ ସବୁ ଧୋଇବାରେ ସାହାଯ୍ୟ କଲେ ସତ କିନ୍ତୁ କିଛି ସମୟ ପରେ ସିନି ହାତ ମୁହଁ ସବୁ ଫୁଲିଗଲା । ତା ସହିତ ଯନ୍ତ୍ରଣା ବି କମିବାକୁ ବେଶ୍ କିଛି ଘଣ୍ଟା ଲାଗିଗଲା ।

ମନରେ ତାର ଭୀଷଣ ଦୁଃଖ ହୋଇଗଲା । ସେ ମା'ଙ୍କ ପାଇଁ ଏତେ ଖୁସିରେ, ଶ୍ରଦ୍ଧା ଭକ୍ତିରେ ଫୁଲ ତୋଳିକି ନଉଥିଲା ତାର ପରିଣାମ କଣ ଏଇଆ । ରାଗିଗଲା ସେ ମା'ଙ୍କ ଉପରେ । ସେ ଯାହା ସବୁ ବାପା ବୋଉ ବା ଅନ୍ୟାନ୍ୟ ଗୁରୁଜନ ମାନଙ୍କ ଠାରୁ ଶୁଣିଥିଲା ସବୁ ମିଛ ଲାଗିଲା । ନା ସେ ଆଜି ପୂଜା କରିବନି କି ବସ୍ତିର ପୂଜା ଦେଖିବାକୁ ଯିବନି । ସେଠାରେ ଅବଶ୍ୟ ମେଳଣ ନାଚ, ଗୀତ ସାଙ୍ଗ ସାଥି ମଜା ମଜିଲିସ ବହୁତ ହୁଏ କିନ୍ତୁ ସେ ଏ ବର୍ଷ ଯିବନି କି କୋଉ ବର୍ଷ ଯିବନି ଦେଖିବାକୁ । ସେଠାକୁ ବିଭୁତି ବି ଆସିଥିବ । ତା ନାଲି ପଡି ଯାଇଥିବା ଫୁଲିଲା ମୁହଁକୁ ଦେଖି ହସିବ ଥଟ୍ଟା ବି କରିବ । ସେ ଯିବନି ।

ତା ପର ଦିନ ନା ସେ ଘର ପୂଜାରେ ସାମିଲ ହେଲା ନା ବସ୍ତି ପୂଜାରେ । ନା ପ୍ରସାଦଖାଇଲା ନା ନୂଆ ଲୁଗାପଟା ପିନ୍ଧିଲା । ଦର୍ପଣ ଆଗରେ ଫୁଲିଲା ମୁହଁ ଦେଖି ସେ କେବଳ କାନ୍ଦୁଥାଏ । ଦେବୀ ମା'ଙ୍କୁ ମନେ ମନେ ଗାଳି ଦେଉଥାଏ । ତା ଯୋଗୁ ବାପା ବୋଉ ବି ସେଦିନ ଯାଇ ପାରିଲେନି ବସ୍ତି ପୂଜାକୁ । ସେମାନେ ବି ସିନିର ନଯିବାର ଜିଦି ଦେଖି, ମନ ଦୁଃଖରେ ଘରେ ରହିଲେ । ତାକୁ ଏକା ଘରେ ଛାଡିଦେଇ ଯିବାକୁ ଇଚ୍ଛା ହେଲାନି ସେମାନଙ୍କର ।

ଦୂରରୁ ନାଚ ଗୀତ ହୋ ହଲ୍ଲା, ମୃଦଙ୍ଗ, ଝାଞ୍ଜର ମଧୁର ଧ୍ୱନି ସବୁ ଶୁଭୁଥାଏ । ଏସବୁ ସିନିକୁ ଭଲ ଲାଗେ ଶୁଣିବାକୁ କିନ୍ତୁ ଆଜି ସେ କାନରେ ହାତ ଦେଇଦେଲା ନା ସେ ମା'ଙ୍କ ଉପରେ ଆଜି ଭୀଷଣ ଭାବରେ ରାଗିଛି ।

ହଠାତ ଅସ୍ୱାଭାବିକ କୋଳାହଳ କିଛି ଦୂରରୁ ଶୁଭିଲା । କଣ ବୋଲି ସେମାନେ କିଛି ଜାଣି ପାରିଲେନି । ବାପା ବୋଉ ଘର ବାହାରକୁ ଯାଇ ବୁଝିବାକୁ ଚେଷ୍ଟା କଲେ । ଯଦିଓ ପଡିଶାରେ ବିଶେଷ ଲୋକ ନଥିଲେ । ସମସ୍ତେ ପୂଜା ଦେଖି ଯାଇଥିଲେ । ଯିଏ ବି ଥିଲେ

ISSN NO.
2582-208X

ସେମାନେ ଏ କୋଳାହଳ ବିଷୟରେ ଅଜ୍ଞାତ ଥିଲେ । ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ଘଟଣା ବିଷୟରେ ଅବଗତ ହେବା ପାଇଁ ।

ସକାଳୁ ସାଇ ପଡିଶାଙ୍କଠୁ ଶୁଣିଲେ ଯେ କାଲି ରାତି ପୂଜାବେଳେ ଦୁଇଟା ଷଣ୍ଢ ମାଡି ଆସି ପୂଜା ମଣ୍ଡପକୁ ଭାଙ୍ଗିଦେଇ ଲୋକ ମାନଙ୍କ ଉପରେ ଚଢି ଯାଇ ଥିଲେ । ଲୋକମାନେ ପ୍ରାଣ ବିକଳରେ ଯିଏ ଯୁଆଡେ ଦୌଡିବାକୁ ଲାଗିଥିଲେ । ଦଳା ଚକଟାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା ଆଉ ଦଶ କି ବାର ଲୋକ ଆଘାତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି । ଏ ଖବର ଶୁଣିବା ପରେ ବାପା ବୋଉ ମା'ଙ୍କୁ ଯାଇ ହଜାର ପ୍ରଣାମ ଜଣାଇଥିଲେ । ପୂଜା ଅର୍ଚ୍ଚନା କରିଥିଲେ ।

ଆଉ ସିନିର କାନ୍ଦ, ରାଗ ଅଭିମାନ ସବୁ ବନ୍ଦ । ଏହା କଣ ସତ ! କାଲି ଯାହା ଘଟିଗଲା ତା ସହିତ, ତା ଥିଲା ମା'ଙ୍କର ଇଛାକୃତ ତାହାଲେ । କାନ୍ଦି କାନ୍ଦି ଘରେ ଥିବା ମାଙ୍କ ପ୍ରତିମା ତଳେ ପ୍ରଣାମ କରି ଚାଲିଥିଲା ସିନି, ବାପା ବୋଉଙ୍କ ସହିତ । କାଲି ତାଙ୍କୁ ମା ଆସି ଅଟକାଇ ଥିଲେ ସେଠିକୁ ନଯିବାକୁ । ବାପା କହିଥିଲେ । ମାଙ୍କ ମହିମା ଯେ କେତେ ଗଭୀର କେତେ ବ୍ୟାପକ ଆମେ ସାଧାରଣ ଲୋକ କଣ ସେଥିରୁ ବୁଝିବା । ସିନି ସେଦିନ ଶପଥ ନେଇଥିଲା ଆଗକୁ ଯେତେ କଷ୍ଟର ସମ୍ମୁଖୀନ ହେଲେ ବି ସେ କେବେ ବି ମା'ଙ୍କ ଉପରୁ ଆସ୍ଥା ବା ବିଶ୍ୱାସ ହରେଇବନି । ତାକୁ ଟିକେ କଷ୍ଟ ଦେଇ ବହୁତ ବଡ ଅସମ୍ଭାବନୀୟ ବିପଦରୁ ଉଦ୍ଧାର କଲେ । ସିନି ଯାହା ସବୁ ପଢିଥିଲା ବା ଗୁରୁଜନ ମାନଙ୍କ ଠାରୁ ଶୁଣିଥିଲା ତାକୁ ସବୁ ସତ ପରି ମନେ ହେଲା । ମା ଅଯାଚିତ ମନରେ ଶ୍ରଦ୍ଧା, ଭକ୍ତି ଓ ପ୍ରାର୍ଥନା ସ୍ୱୀକାର କରନ୍ତି ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ବାହୁଡା ପକ୍ଷୀ



ଡକ୍ଟର ପ୍ରବୀଣା ପରିଡା

ହୃଦୟର ତନ୍ତ୍ରୀ
ନୀରବ ଯେବେ
ମନର ଆକାଶେ
ଭ୍ରମମାନ  ବାଦଲ ରୂପକ
ଅବିଶ୍ୱାସ ର ଛାଇ
ଲଦି ହୋଇ ବର୍ଷିଯାଏ,
ଛାତିଭର୍ତ୍ତି କୋହ
ମାଟି ଫଟାଇ ଯନ୍ତ୍ରଣାର ଛଟା
ଅମାନିଆ  ଲୁହ ବୋଲ ମାନେନା,
ଆବେଗଭର୍ତ୍ତି ମୁହୂର୍ତ୍ତ
ଧସେଇ ପଶିଆସେ
ଦର୍ଶିଣ୍ଡିଗୁଲେ
ଜୀବନକୁ ପାଇବାର ସମସ୍ତ ରାସ୍ତା
କୋଣେ ଅନୁକୋଣେ

ISSN NO.
2582-208X

ଆଶାର ସମ୍ଭାର,

ସମ୍ଭାବନାର ମଞ୍ଜି ଅଙ୍କୁରିତ

ଆଲୋକର ସୂକ୍ଷ୍ମ ଅନୁଭବରେ

ବତୁର୍ ମନକୁ ସାନ୍ତ୍ୱନା ଦେବାରେ ।

ମନର ଝଡରେ ଶୀତଳତା

ଶୁଭ ମୁହୂର୍ତ୍ତ କୁ ସ୍ୱାଗତ କରିବାରେ,

ଏକ ନୂଆ ସକାଳର

ଆହ୍ୱାନ ରେ ଥମିଯାଏ

ଦିଗହର୍ ମନ,

ଯୋଡିଦିଏ ସ୍ମୃତିର ଡୋର

ଏକ ସୂକ୍ଷ୍ମ ଅନୁଭବରେ ।

ଭୁବନେଶ୍ୱର
୮୮୯୫୫୫୪୭୭୬

ISSN NO.
2582-208X

# କାର୍ତ୍ତିକ ପୂର୍ଣ୍ଣିମା



ଅଦ୍ୱୈତ କୁମାର ସାମନ୍ତରାୟ

ଆକାଶେ ଜୋଛନା ମଳନ ପଡିଲ
ନାହିଁ ତ ପୂରୁବେ ଅରୁଣ ବିମ୍ବ
ପାହିଲ ଯାମିନୀ ପତତ୍ରୀ କୂଜନ
ରଚନ-ପାଦପ-ଗହଳେ-ଅବା

ଫୁଟିଲ ଅମ୍ବୁଜ ହସିଲ ସୁରୁଜ
ପଲ୍ଲବ-ବିତାନୁ-ଶିଶିର ଝରେ
ବାରୁଣୀ ବିଳାସୀ ଅସ୍ତମାନ ଶଶୀ
ଚନ୍ଦ୍ରିକା ଝରଇ ତଟିନୀ ନୀରେ

ତରୁଣୀ ଚପଳା ଗୃରୁ ପ୍ରେମ ଶୀଳା
କୁମାରୀ ମାନଙ୍କ ଗହଣେ ଆସି
ସଦ୍ୟ ସ୍ନାନ ଅନ୍ତେ ଧରମ ଡଙ୍ଗା କୁ
ମେଲିଲେ ତଟିନୀ ତଟରେ ବସି

ତାମ୍ବୁଳ ଗୁଆକୁ ରଖି ସରାଗରେ
ଭସାଇଲେ ଡଙ୍ଗା ତଟିନୀ ନୀରେ
ଡଙ୍ଗା ଭସିଗଲା ବାଟରେ ତାହାର
ଦିଶି ନ ଦିଶିଲା କ୍ଷଣକ ପରେ

ତରଙ୍ଗେ ତରଙ୍ଗେ ନାଚି ନାଚି ଡଙ୍ଗା
ସମୀର ଝଙ୍କାରେ ଗଲାଣି ଭାସି
ପଣନ୍ତ କାନିରେ ବାନ୍ଧିଲେ ଲଳନା
ମାସକ ଧରମ ତଟରେ ବସି

କ୍ଷଣ ତାରକୀତ ନଭସ ଲୁଚିଲା
ତରଣି ଆତପେ ହସିଲା ଧରା
ଘଣ୍ଟ ଘଣ୍ଟା ନାଦ ମିଶିଲା ସମୀରେ
ଆଜିଏ କାର୍ତ୍ତିକ ପୂର୍ଣ୍ଣିମା ପରା

ISSN NO.
2582-208X

ଦେବ ମନ୍ଦିରରେ ମଙ୍ଗଳ ଆରତୀ
ଦେବ–ଦେବାଙ୍ଗନା–ମର୍ତ୍ତ୍ୟ–ବିଳାସ
ତରୁଣୀ କଣ୍ଠର ଶୁଭ ହୁଳହୁଳି
ଭେଦିଲା ଗଗନ ରଚି ଉଲ୍ଲାସ

ଭାଗବତ ପାଠ ହରିବଂଶ ଧ୍ୱନି
ରଚିଲା ସ୍ପନ୍ଦନ ସମୀରେ ମିଶି
ବରଷକେ ଥରେ ରାଇ ଦାମୋଦର
ପୂଜାର ସଂଗୀତ ଆସିଲା ଭାସି

ରଙ୍ଗ ଅବିରର ଶୋଭା ଚହଟିଲା
ବାରୁଣୀ ରେ ଗଲେ ତପନ ହଜି
ପରାଚୀ ଦିଗନ୍ତ ମଣ୍ଡିଲେ ସୁଧାଂଶୁ
ଗଗନୁ ଚନ୍ଦ୍ରିକା ପଡ଼ିଲା ଭିଜି

ପ୍ରାଚୀ ଦିଗନ୍ତରେ ଚାରୁ ଚନ୍ଦ୍ର ବିଭା
ଅମ୍ବରୁ ନୀଳିମା ଗଲାଣି ହଜି
ଆକାଶେ ଲିପିଛି ଧବଳ ଚନ୍ଦ୍ରିକା
କାର୍ତ୍ତିକ ପୂର୍ଣ୍ଣିମା ଧରାରେ ଆଜି

ଚନ୍ଦ୍ରଶାଳା ଶୀରେ ଚନ୍ଦ୍ର ଅଭିସାର
ଚନ୍ଦ୍ରିକା ଝରିଲା ତିମିର ଭେଦି
ତାମସୀ ପ୍ରଦୋଷ କ୍ଷଣେ ହଜିଗଲା
ବାରୁଣୀ ଶିଖରେ ଲୋହିତ ଛବି

ଶିଶିର ଭ୍ରମରେ ବରଷେ ପୀୟୁଷ
ହିମ ଋତୁ ଆଜି ଧରା ଛୁଇଁଛି
ପାଦପ–ବଲ୍ଲରୀ ପତ୍ର ଗହଳରେ
ରଜତ–ଜୋଛନା ଝରି ପଡ଼ିଛି

ନଭସ ବିତାନେ ସୁଧାଂଶୁ ସ୍ୟନ୍ଦନ
ସତେକି ଅହଲ୍ୟା ଲଭିବା ପାଇଁ
ଶୁଭ ମୁହୂର୍ତ୍ତରେ ରଚି ଅନୁକୂଳ
ଗମିଲେ ବ୍ରହ୍ମାଣ୍ଡ ବିହାର ପାଇଁ ? *

ପ୍ରିୟତମା ତାରା ଶିରିଷ ପ୍ରସୂନ
ପ୍ରେମ–ରସ–ସ୍ନାତ ସ୍ମୃତିକୁ ଆଣି
ଅନଭ୍ର ଅମ୍ବରେ ଗମନ କରିଲେ
ଭେଟିବା ପ୍ରୟାସେ କି ନିଶାମଣି ? **

ପ୍ରାନ୍ତରେ ପ୍ରାନ୍ତରେ ଝରିଲା ଚନ୍ଦ୍ରିକା
ବିପିନ–ବ୍ରତତୀ–ପାଦପ ଭେଦି
ପଲକେ ପଲକେ ରଚିଲା ପୁଲକ
କାମିନୀ ହୃଦୟ ପଲଙ୍କେ ଆଜି

ସମୀରେ ସମୀରେ ବାସ ଚହଟିଲା
ଟଗର ତରାଟ ଫୁଟି ଉଠିଲା
ମନ୍ଦିରେ ମନ୍ଦିରେ ଘଣ୍ଟ ଘଣ୍ଟା ଧ୍ୱନି
କାହାଳି ଶବଦ ପ୍ରସରି ଗଲା

ISSN NO.
2582-208X

ଶିଖରେ ଶିଖରେ  ଝରନ୍ତା ଚାନ୍ଦିନୀ
ହୁଅନ୍ତା ପୂର୍ଣ୍ଣିମା ବର୍ଷକ ସାରା
ତାମସୀ ସର୍ବରୀ  ଅପସରି ଯାଇ
ଚନ୍ଦ୍ରାତପେ ପରା ହସନ୍ତା ଧରା

ନିଳୟେ ନିଳୟେ  ହବିଷାନ୍ନ ବାସ
ମହକ ଛୁଟିଲା ସମୀରେ ଭାସି
ତଡାଗେ ତଡାଗେ  ଶୋଭିଲା ପୁଷ୍କର
ଭ୍ରମରେ ଭ୍ରମରେ ଭ୍ରମନ୍ତି ଆସି

ବୃନ୍ଦାବତୀ ପାଶେ  ଜଳିଲା ଦୀପାଳୀ
ପ୍ରଦୋଷ-ଆକାଶ-ତମସ-ଭେଦି
ସନ୍ଧ୍ୟା ତାରା ଭ୍ରମେ  ଦକ୍ଷ କନ୍ୟା ଗଣ
ଜାଳିଲେ ଦୀପାଳୀ ହରଷେ ମଜି

ଜୀବନ ଦୀପାଳି  ଲିଭି ଲିଭି ଆସେ
କିଏବା ଜଗତେ ରହିଛି କାହିଁ ?
ବଞ୍ଚି ଥିଲେ ପୁଣି  ଆର ବରଷକୁ
ଦେଖିବା କାର୍ତ୍ତିକ ଛୁଇଁବ ମହି

ପଦ ଚିହ୍ନ କେତେ  ଲିଭିତ ଗଲାଣି
ସମୟ ସିନ୍ଧୁ ର ସିକତା ପରେ
କବିତା ମୋହର  ଭୁଲିବନି ସଖି
ଲେଖୁଛି ମୁଁ ଏ ରାତି ପାହାନ୍ତି ରେ

ISSN NO.
2582-208X

"ମୋର ସମସ୍ତ ବନ୍ଧୁ ମାନଙ୍କୁ
କାର୍ତ୍ତିକ ପୂର୍ଣ୍ଣିମାର ହାର୍ଦ୍ଦିକ ଶୁଭେଚ୍ଛା"

ବିତାନ – ଗନ୍ଧୁଆ
ଦକ୍ଷକନ୍ୟା – ଦକ୍ଷ ପ୍ରଜାପତି ଙ୍କ ୨୭ କନ୍ୟା ଚନ୍ଦ୍ର ଙ୍କୁ ବିବାହ କରି ଆକାଶ ରେ ନକ୍ଷତ୍ର ରୂପରେ ରହିଛନ୍ତି ।
ପୁଷ୍କର – ପଦ୍ମ
ସର୍ବରୀ – ରାତି
ବ୍ରତତୀ – ଲତା
ଅନଭ୍ର – ମେଘ ମୁକ୍ତ
ନଭସ – ଆକାଶ

* ଅସାମାନ୍ୟା ରୂପସୀ ଅହଲ୍ୟା ଙ୍କୁ ବିବାହ କରିବା ପାଇଁ ବ୍ରହ୍ମାଙ୍କ ସର୍ତ୍ତ ଅନୁସାରେ ଚନ୍ଦ୍ର ଏକ ଶୁଭ ମୁହୂର୍ତ୍ତରେ ବ୍ରହ୍ମାଣ୍ଡ ପରିକ୍ରମା ପାଇଁ ବାହାରି ଯାଇଥିଲେ ।

** ଦେବ ଗୁରୁ ବୃହସ୍ପତିଙ୍କ ପାଖରେ ଅଧ୍ୟୟନ ସମୟରେ ଚନ୍ଦ୍ର ;ରୂପସୀ ତାରାଙ୍କ ପ୍ରଣୟ ପାଶରେ ଆବଦ୍ଧ ହୋଇ ପଡନ୍ତି ଓ ତାରାଙ୍କୁ ଭୁଲି ପାରନ୍ତି ନାହିଁ

ଦୂରଭାଷ – ୭୯୭୮୧୩୩୮୦୮

ISSN NO.
2582-208X

# ଶରତ ସମ୍ଭାର



ଶେଷଦେବ ପଣ୍ଡା

ଧରାରେ ପ୍ରବେଶନ୍ତେ ରମ୍ୟ ଶରଦ କାଳ
ମହୀ ହୋଇଲା ଧବଳତ,
ଉପବନେ ଟଗର ମଲ୍ଲିକା ମନୋହର
ହରଷ କଲେ ସର୍ବ ଚିତ୍ତ,
ସେ କାଶତଣ୍ଡୀ.....
ନଦୀପଠା ଯତନେ ମଣ୍ଡି,
ବାଳକେ କ୍ରୀଡାରେ୍ଳେ ଲେ୍ଡି,
ମୁଖର ପଲ୍ଲୀପୁର ଜନପଦ ସହର
ଶାରଦୋତ୍ସବର ଏ ଘଡି ।।

ସରସୀରେ ଶୋଭିତ ସମୀରଣେ ଦୋଳତ
କୁମୁଦ କମଳର ଆଭା,
ଜଳଦ କାଳ ଅନ୍ତେ ଦର୍ପଣ ସମ ସ୍ୱଚ୍ଛ
ନଭ ମଣ୍ଡଳ ଦିବ୍ୟ ପ୍ରଭା,
ସେ ପଲ୍ଲୀ ବାଳା,
ଗ୍ରାମଦାଣ୍ଡେ କରନ୍ତୁ ଖେଳା,
ସାନନ୍ଦେ ହୋଇ ମେଳା ମେଳା,

ISSN NO.
2582-208X

ଫୁଲ ବଉଳ ବେଣୀ ତୋଳ ଏ ମିଷ୍ଟ ଧ୍ୱନ
ଅମିୟ ପାର୍ବଣର ବେଳା ।।

ଭୂମିରୁ ଭୂମା ଯାଏ ସରଗର ସୁଷମା
କ ଅବା ହେଲା ବିଚ୍ଛୁରିତ,
ପ୍ରକୃତି ରାଣୀ କୋଳ ଦିଶଇ ପରିପୂର୍ଣ୍ଣ
ମୃଦୁ ଅନଳ ପ୍ରବାହିତ,
ସେ ବସୁମାତା,
ସବୁଜ ବସନେ ଭୂଷିତା,
ଶସ୍ୟାବଳୀ ଅଙ୍କେ ଶୋଭିତା,
ରୂପେଲି ଆଲୁଅରେ ହସେ ଶରଦ ଜହ୍ନ
ଅବନୀ ଚନ୍ଦ୍ରିକା-ଚର୍ଚ୍ଚିତା ଯେ ।।

ଏ କାଳେ ଦୁର୍ଗାୟଣୀ ମାତା ସିଂହବାହିନୀ
ମୃଣ୍ମୟୀ ମୂର୍ତ୍ତି ମନୋହର,
ବରଦ ମୁଦ୍ରା ହସ୍ତେ ବର ଦ୍ୟନ୍ତ ଭକତେ
ମହିମା ଯାର ଅକୂପାର,
ସେ ହେମବର୍ଣ୍ଣା,
ଶକ୍ତସ୍ୱରୂପା ବହ୍ନିକନ୍ୟା,
ବିଶ୍ୱମୋହିନୀ ଅନ୍ନପୂର୍ଣ୍ଣା,
ଶରଣ ସେ ପଦାବ୍ଜେ ଏ ଦୀନ କବି ଭଜେ
ଜନ ହିତରେ ଅବତୀର୍ଣ୍ଣା ଗୋ ।।

ସୃଜନ ନଳୟ
ପାଟଣାଗଡ, ବଲାଙ୍ଗିର

ISSN NO.
2582-208X

# ଲଳିତ ନିବନ୍ଧ- ବେଇମାନ



ବଦ୍ରୀ ମହାନ୍ତ

ଭଲ ପାଇବା, ପ୍ରେମ କରିବା, ଶ୍ରଦ୍ଧା କରିବା, ସ୍ନେହରେ ବୁଡ଼ାଇଦେଇ କୃତଜ୍ଞ ହେବା ସରଳ ପ୍ରାୟ ପ୍ରତୀତ ହେଲେ ସୁଦ୍ଧା ଏହା ସହଜ ନୁହେଁ। ନିଜକୁ ନିଜେ ଦେଇଦେବା, ଅନ୍ୟର ଆବଶ୍ୟକତା ଦୁଃଖ ଯନ୍ତ୍ରଣାକୁ ଆପଣାର ମଣି ଆତ୍ମସ୍ଥ କରିବା କତିପୟଙ୍କ ଭାଗ୍ୟରେ ଥାଏ। ମାତ୍ର ଗୋଟାଏ ବୃହତ୍ତର ଗୋଷ୍ଠୀ ଜୀବନ ବ୍ୟାପୀ କେବଳ ଅନ୍ୟର ହାତ ଟେକାକୁ, ଅନ୍ୟର ଅଂଶୀଦାର ହେବାକୁ ଅପେକ୍ଷା କରିଥାନ୍ତି। ପ୍ରତି ମୁହୂର୍ତ୍ତରେ ଲୋଡୁଥାନ୍ତି, କିଏ ଜଣେ ଆସି ଦେଇ ଯାଆନ୍ତା କି ଦୁନିଆର ସବୁ ସୁଖ ସୌଭାଗ୍ୟ ଅର୍ଥ ପ୍ରତିପତ୍ତି ଓ ସମ୍ମାନ। ଆଉ ପ୍ରତି ବଦଳରେ କିଛି ହିଁ ଆଶା କରନ୍ତା ନାହିଁ। କେବେ କେଉଁଠି ପ୍ରକାଶ କରନ୍ତା ନାହିଁ ତା ଅଂଶୀଦାର ଥିବା କଥାଟିକୁ। ସେ ଛାତି ଫୁଲେଇ ହାତ ହଲେଇ ଗାଇ ବୁଲୁଥାନ୍ତା ନିଜ ସଫଳ କାହାଣୀ। ପିଛିଲ୍ କଥା, ପୁରୁଣା ମଣିଷ ଓ ସେମାନଙ୍କର ଦାନକୁ ସହଜରେ ଭୁଲି ନୂଆ ନୂଆ ରାସ୍ତାକୁ ଓହ୍ଲେଇ ଆସନ୍ତା। ଏହାକୁ କୃତଘ୍ନତା ବା ବେଇମାନୀ ମନେ ନକରି ପ୍ରଦର୍ଶିତ କରନ୍ତା ନିଜ ପାରିଲ୍ ପଣିଆ। ଜ୍ଞାନ ବୁଦ୍ଧିକୁ ବିଜ୍ଞାପିତ କରନ୍ତା।

ଆମ ଚାରି ପାଖରେ ଘୂରି ବୁଲୁଥିବା ଅସଂଖ୍ୟ ଚରିତ୍ର ମଧ୍ୟରୁ ବେଇମାନମାନଙ୍କୁ ଖୋଜିବା କଷ୍ଟସାଧ୍ୟ। ଅନ୍ୟ ପାଇଁ ତ୍ୟାଗ ସ୍ୱୀକାର କରିଥିବା, ମନ ପ୍ରାଣ ଦେଇ ଲଢେଇ କରି ଜୟମାଲ୍ୟ ପିନ୍ଧାଇ ଥିବା ନିରୋଳା ବ୍ୟକ୍ତି ଜଣକ ପ୍ରଚାର ପ୍ରସାର ପ୍ରତି ପ୍ରାୟ ବିମୁଖ ଦେଖା ଯାଇଥାଏ। ଅନ୍ୟ ଆଗରେ ନିଜ ତ୍ୟାଗ ସେବା ଓ ମୂଲ୍ୟ ପ୍ରଦାନକୁ ସେ ଖୋଲି ଧରି

ISSN NO.
2582-208X

ପାରେନା। କେମିତି କେମିତି ଶଙ୍କୋଚ ବୋଧ କରେ ନିଜ ଭିତରେ। ଭାବୁଥାଏ ପ୍ରକାଶ୍ୟରେ ସବୁ ଗୋପନ ରହସ୍ୟକୁ ଖୋଲି ଧରିଲେ ନିଜ କର୍ମ କରଣୀର ମହତ୍ତ୍ୱ ରହିବ ତ ! ଏହାଦ୍ୱାରା ମଜବୁତ ହୋଇଉଠେ ବେଇମାନର ସଂସାର। ଅନ୍ୟର ଭରସା ଓ ବିଶ୍ୱାସକୁ ଗୋଟାଏ ମୁହୂର୍ତ୍ତରେ ଖଣ୍ଡ ବିଖଣ୍ଡିତ କରିବା ପରେ ସୁଦ୍ଧା କେବେ ସେ ଅନୁତାପ କରେ ନାହିଁ। ସଫଳତା ପ୍ରତିପତ୍ତି କୀର୍ତ୍ତି ନାମ ଅର୍ଜନ ପାଇଁ ଯେଉଁ ରାସ୍ତାଟିକୁ ଆପଣାଉ କରିଥାଏ ସେଥିରୁ ନିର୍ଗତ ହୁଏ ବେଇମାନୀ ର ଗନ୍ଧ। ମିଥ୍ୟା, ଭ୍ରଷ୍ଟାଚାର, ଧୋକା, ଦୁର୍ବ୍ୟବହାର ଓ ଚୋରିକୁ ଅସ୍ତ୍ର ରୂପେ ପ୍ରୟୋଗ କରି ବେଇମାନ ପ୍ରତିଷ୍ଠା କରେ ନିଜ ସାମ୍ରାଜ୍ୟ।

ଅସତ୍ ଉପାୟରେ ହାସଲ କରିଥିବା ବୈଭବ ଏବଂ ପ୍ରତିଷ୍ଠା ଅସ୍ଥାୟୀ ସତ, କିନ୍ତୁ ଏହା ଆହତ କରେ ସାଧାରଣ ଓ ଆପଣାର ମଣିଷକୁ। ସତ୍ୟନିଷ୍ଠ ଇମାନଦାର ବ୍ୟକ୍ତି ସାମ୍ନାରେ କୌଣସି କାଳେ ବେଇମାନଟିଏ ସଳଖ ଭାବରେ ଆଖି ମିଳାଇ ଛିଡା ହୋଇ ପାରେନା। ସତ୍ୟକୁ ସାମ୍ନା କରିବାର ସାମର୍ଥ୍ୟ ନ ଥାଏ ତା ପାଖରେ। ଗୋଟାଏ ମିଥ୍ୟାକୁ ଲୁଚାଇବାକୁ ଯାଇ ଅସୁମାରୀ ମିଥ୍ୟା ବା ମିଥ୍ୟାର ଏକ ଚେନ୍ ନିର୍ମାଣ କରେ। ବେଇମାନ ଓ ମିଛୁଆଙ୍କ ନିବାସ ପ୍ରାୟ ପାଖାପାଖି। ଲୋଭ ଓ ଲାଳସା ଏମାନଙ୍କୁ କୌଣସି ପାପ କରିବାରୁ ବିରତ କରିପରେନା। ପ୍ରତି କଥା ବା ସମସ୍ୟାକୁ ଜଟିଳରୁ ଜଟିଳତର କରି ଚରିତାର୍ଥ କରନ୍ତି ନିଜର ନିହିତ ସ୍ୱାର୍ଥ। ଏହା ପ୍ରକାଶ୍ୟରେ ଘଟୁ ନଥିବାରୁ ଅନ୍ୟ ପାଇଁ ଜାଣିବାର ସୁଯୋଗ ନ ଥାଏ। ମିଡ଼ିଆ, ଖବର କାଗଜର ନକାରାତ୍ମକ ଚିନ୍ତା ସହିତ ଆଧୁନିକ ବିଜ୍ଞାନ ଓ କାରିଗରୀ ବିଦ୍ୟା ଆଣି ପହଞ୍ଚାଇ ଦେଇଛି ବେଇମାନୀର ନୂଆ ନୂଆ ଉପାୟ।

ବେଇମାନର ଲକ୍ଷଣ ଅନ୍ୟ ଗୁଣଗ୍ରାହୀଙ୍କ ଠାରୁ ନିଆରା। କଅଁଳ ବଚନ ଛଳନାପୂର୍ଣ୍ଣ ଶବ୍ଦ ମଧ୍ୟରେ ଏମିତି ମୋହିତ କରି ଦିଅନ୍ତି ଯେ ସାଧାରଣ ଭାବରେ ଧରିବା କଷ୍ଟକର ହୋଇ ପଡେ। ଆଲୋଚନା ବେଳେ ଅନ୍ୟକୁ ସୁଯୋଗ ନଦେଇ କଥାକୁ ଆବଶ୍ୟକ ସ୍ଥଳେ ବିଭିନ୍ନ ରାସ୍ତାରେ ନେଇ ଯାଆନ୍ତି। ନିଜ ଭାବନାକୁ ଶୀଘ୍ର ଶୀଘ୍ର ବଦଳାଉ ଥିବାରୁ ସମ୍ମୁଖ ବ୍ୟକ୍ତି ଜଣକ ଅସହାୟ ହୋଇ ଆଶ୍ରା ଖୋଜୁଥାଏ। ସଠିକ୍ ଭାବେ କଳନା କରି ସାମ୍ନା କରିପାରେନାହିଁ ପ୍ରତିଟି ଭାବକୁ। ତେଣୁ ବେଇମନ ନିଜ ଲକ୍ଷ୍ୟ ଓ ଇଚ୍ଛାଟିକୁ ଅନାୟସରେ

ISSN NO.
2582-208X

ସାକାର କରି ପାରିଥାଏ। ସବୁକଛି ତୁରନ୍ତ ବଖାଣି ଯାଏ ପ୍ରତ୍ୟୟ ସୃଷ୍ଟି କରିବା ପାଇଁ। ତା ନକଟରେ ଅଭାବ ଥାଏ ସହାନୁଭୂତି ଓ ସଦଭାବନା। କସ୍ମିନ କାଳେ ନଜ କୃତକର୍ମ ଓ ଭୁଲ୍ ସ୍ୱୀକାର କରେନାହିଁ, ଯଦିଓ ସବୁ ଭୁଲ ତା ଜ୍ଞାତ ସାରରେ ରୂପ ନେଉଥାଏ। ନଜସ୍ୱ ବିଗ୍ଦର ଧାରଣା ବକ୍ତବ୍ୟ ଓ ପ୍ରତିଶ୍ରୁତି  କୌଣସିଥିରେ ସେ ସ୍ଥିର ରହେନାହି। ଅନାୟସରେ ଓ ସ୍ୱଚ୍ଛ ଦିବାଲୋକରେ ବାରମ୍ବାର ତାର ମନ ଓ ମତକୁ ବାଦଲାଉଥିଲେ ସୁଦ୍ଧା ଆନୁଶୋଚନା ନ ଥାଏ।

ସମୟ ଓ ସୁଯୋଗ କପରି ସଦୁପଯୋଗ କରିବାକୁ ପଡେ ତାକୁ ଜଣାଥିବାରୁ ଜଣକୁ ଅନ୍ୟ ସହିତ ଲଢ଼ାଇବାରେ ସମର୍ଥ ହୋଇପାରେ। ନଜ ନଜ ଭିତରେ ସଂଘର୍ଷ ଓ କଟାକଟିରୁ ତୃତୀୟ ପକ୍ଷ ରୂପେ ସୁଯୋଗ ନଏ ବେଇମାନ। ବିଶ୍ୱାସରେ ବିଷ ମିଶେଇ ଦେବା ଭରସାକୁ ପଛପଟୁ ଛୁରୀ ମାରିବା ପରି ନଷ୍ଠୁରତା ତାର ଚରିତ୍ର ହୋଇଥିବା ଯୋଗୁଁ ସହଜରେ ଲୁଗ୍ଦଇପାରେ ଧୋକା ଦେବା ଗୁଣଟିକୁ। କୃତ୍ରିମ ଆଚରଣ, ଅଭିନୟ, ହସ ଓ ଆପଣାପଣ ପ୍ରଦର୍ଶିତ କରି ନଜ ଯୋଜନାକୁ ସଫଳ କରିବା ପରେ ଦେଖେଇ ହୁଏ ନଜର ନ ଜାଣିଲାପଣ।

ବେଇମାନୀ ରୂପକ ଅସ୍ତ୍ର ବଳରେ ଜୟଯୁକ୍ତ ହେବାର ପ୍ରଚୁର ଦୃଷ୍ଟାନ୍ତ ରହିଛି ଆମ ଗ୍ଦରି ପାଖରେ। ସମାଜର ଏମିତି କୌଣସି କ୍ଷେତ୍ର ନାହିଁ, ଯେଉଁଠି କେହି ନା କେହି ଏ ଅସ୍ତ୍ର ପ୍ରୟୋଗ କରି ତଥା କଥିତ ସଫଳତା ହାସଲ କରୁନାହିଁ ଅସ୍ଥାୟୀ ହେଲେ ସୁଦ୍ଧା। ଗ୍ଦତାଗ୍ଦତି ବଡଲୋକ କୋଟିପତି ସମ୍ପନ୍ନ ବିତ୍ତଶାଳ ହେବାର ସ୍ୱପ୍ନରେ ମସଗୁଲ ବର୍ତ୍ତମାନ ଯୁବ ପୀଢ଼ି ମନେକରୁଛି ଯଦି ସାମାନ୍ୟ ଅସାଧୁ ଉପାୟ ଦ୍ୱାଗ୍ଦ ବଦଳ ଯାଉଛି ଦୃଶ୍ୟପଟ, ତେବେ ପ୍ରୟୋଗ କରିବାରେ କ୍ଷତି କଣ ? ସେ ମନେ କରୁଛି ଯଦି ଏହା ନକରେ ତେବେ ସେ ପଛେଇ ଯିବ। ସମକକ୍ଷ ହୋଇ ପାରିବ ନାହିଁ ପ୍ରତିଦ୍ୱନ୍ଦୀ ସହିତ ବା ଜୟଯୁକ୍ତ ହୋଇ ପାରିବ ନାହିଁ। ନଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ତ ଦୂରର କଥା ଅପହଞ୍ଚ ଦୂରତାକୁ ଗ୍ଦଲିଯିବ ତାର ସବୁ ସ୍ୱପ୍ନ।

ISSN NO.
2582-208X

ଛଳନା ଓ ମିଥ୍ୟାର ପୋଷାକ ପିନ୍ଧି କେବଳ ନିଜସ୍ୱ ସ୍ୱାର୍ଥ ପାଇଁ ଅହରହ ବ୍ୟସ୍ତ ଥିବା ବ୍ୟକ୍ତି ଜଣକ ଭାବୁଥାଏ କିଛି କ୍ଷତି କରୁନାହିଁ ବ୍ୟକ୍ତିର ସମାଜର । ମାତ୍ର ନିଜ ଅଗୋଚରରେ ବେଇମାନ ସମୟ ସହିତ ଖେଳ ଖେଳ ଯେଉଁ ମହାପାପ ଅର୍ଜନ କରୁଛି ତାହା ପ୍ରତିଟି ପୀଢ଼ିକୁ ଆକ୍ରାନ୍ତ କରୁଛି। ପରୋକ୍ଷରେ କଳୁଷିତ ହେଉଛି ସମାଜ ଜୀବନ। ତେଣୁ ବାଇ ମହାନ୍ତି ବେଇମାନର ସାମ୍ରାଜ୍ୟ ଭିତରେ ପ୍ରବେଶ କରି କହନ୍ତି, "ମୂର୍ଖତାର ଅର୍ଗଳୀରୁ ବାହାରି ଆସି ଥରୁଟିଏ ସତ୍ୟନିଷ୍ଠ ଭାବେ ନିଜ ଭିତରେ ପାଳି ପୋଷି ବଢ଼େଇଥିବା ବାଇମନକୁ ପଚାର, ଯାହା କରୁଛ, ଯାହା କହୁଛ, ଯାହା ଦେଖାଉଛ ଆଉ ଯେଉଁ ସିଂହାସନ ଉପରେ ବସି ଭୋଗ କରୁଛ ବିଳାସ ବ୍ୟସନ, ତାହା କାହାର ତ୍ୟାଗ ! କାହାର ଦାନ ! କଣ୍ଠ ଫଟେଇ ବାଜା ବଜେଇ ତାର ଜୟ ଜୟକାର ନକର, ତାକୁ କିଛି ନ ଦିଅ, ଫୁଲ ମାଳରେ ପୋତି ଦିଅନା ପଛେ, ବେଇମାନୀ କରନା । ନହେଲେ ଆସନ୍ତା କାଲି ତୁମକୁ ଛାଡ଼ିବ ତ!"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ସକଳ ଜୀବର ଆଧାର



ଜୟନ୍ତୀ ଦେବୀ

ସକଳ ଜୀବର ଆଧାର ଶ୍ରୀଧର କମ୍ବୁ ନଗ୍ର ଅଧିଶ୍ୱର ।
ରତ୍ନ ସିଂହାସନ ମଣ୍ଡନ ମୋହନ କେଶବ କୃପାସାଗର ।୧।
ରମଣୀୟ ରୂପ କୃଷ୍ଣ ବିଶ୍ୱରୂପ ଦର୍ଶନେ ହରେ ଦୂରୀତ ।
ତନୁ ମନ ତାରେ କର ଅରପଣ ନାଶ ହେବ ଭବ ଭୀତ ।୨।
ତପନ ବଂଶରେ ତ୍ରେତୟା ଯୁଗରେ ଜନମି ରାମ ରାଘବ ।
ବିଶ୍ରବା ନନ୍ଦନ କରିଲେ ନିଧନ ଆବର ଅନ୍ୟ ଦାନବ ।୩।
ବିଶ୍ୱମ୍ବର ହରି ରାମ ଭାବଶାରୀ ଭଜରେ ମନ ବାରଣ ।
ନବନୀତ ଚୋରୀ କରିଲେ ଗୋପରେ ରଙ୍ଗାବତାରେ ଶ୍ରୀକୃଷ୍ଣ ।୪।
ନଟବର ମୋହନ ମୂରଲୀଧର କେଶବ ଗରୁଡଧ୍ୱଜ ।
ଜୟ ରାମ ହରି ବୈକୁଣ୍ଠ ବିହାରୀ ମାଧବ ଦେବାଧିରାଜ ।୫।
ଜଳ ଶୟନ ଶ୍ରୀହରି ନାରାୟଣ କଳାକର କଳାମୁଖ ।
ଖଣ୍ଡେ ସର୍ବାପଦ ସେ କଳାଗୋବିନ୍ଦ ମୁକୁନ୍ଦ ପୁଣ୍ଡରିକାକ୍ଷ ।୬।
କ୍ଷନ୍ଦୀ କୂଳ ରାହୁ ହରି ମହାବାହୁ ଶ୍ରୀକୃଷ୍ଣ ନୀଳାଦ୍ରୀ ବାଘ ।
ଘନବର ନିଆ ସେ ଚକାଡୋଳିଆ ଦରଶନେ ହରେ ଅଘ ।୭।
ଘର ଯାହାର ଅଟଇ ଶ୍ରୀମନ୍ଦିର ପତ୍ନୀ କମଳା ବିମଳା ।
ଲାଭଏ ସଂସାରେ ଶ୍ରୀହରି ଭଜନ ହରି ଭବ ସିନ୍ଧୁ ଭେଳା ।୮।

ISSN NO.
2582-208X


ଲ୍ଟଙ୍କର ଶ୍ରେଷ୍ଠ ସେହି ବଡଲ୍ଟ ଏବାର ବେନ ପୁରର ।
ରତ୍ନାକର ଯାର ଅଟନ୍ତ ଶ୍ୱଶୁର ସେ ଶ୍ରୀହରି ରମାବର ।୯।
ରଞ୍ଜନ କରଇ କୋଟି ଜନମନ ଲଗାଇ ତା ଭ୍ୱବ ଡୋର ।
ରବିନନ୍ଦନ ଦଣ୍ଡ ଖଣ୍ଡନ କାରୀ ଶ୍ରୀପତି ଶ୍ରୀମତୀ ବର ।୧୦।
ରଘୁନନ୍ଦନ ର୍‌ଘବ ଭଜମନ କଳ କଲୁଶ ନାଶନ ।
ନବୀନ ଘନ ମୂରତୀ ରଘୁପତି ଶ୍ରୀର୍‌ମ ରଘୁନନ୍ଦନ ।୧୧।
ନୟନାଭିର୍‌ମ ପୁରୁଷ ଉତ୍ତମ ନରହରି ଜଗଦୀଶ ।
ଶରଣ ବତ୍ସଳ ନନ୍ଦର ଦୁଲ୍ଲ ହରଇ ବିଷୟା କଷ ।୧୨।

ମହୁ, ଆଳ, କେନ୍ଦ୍ରାପଡା
ଦୂରଭାଷ-୮୮୯୫୪୫୦୧୧୦

ISSN NO.
2582-208X

# ଚଠି



କୁଞ୍ଜବିହାରୀ ରାଉତ

ତୁମେ କେବେ ଅନୁଭବ କରିଛକ ?
ଅକ୍ଷର ର ହୃଦୟ ଥାଏ
କାଗଜରେ ପ୍ରକୃତିର ଆତ୍ମା ଥାଏ
ମନର ଆବେଗ ସହ ହୃଦୟର କଥା
ସବୁ ଫେଣ୍ଟାଫେଣ୍ଟି ପରେ
ହୃଦୟର ଉଚ୍ଛ୍ୱାସ
ଯେଉଁ ଅକୁହା କଥା କହିଥାଏ
ସେ ଚଠି, ମୋ ଡାକବାଲାର ଚଠି
ଯାହାପାଇଁ ମୋ ଆତୁରର ସୀମା ନଥାଏ
ଚାତକ ଭଳି ମୁଁ ଚାହିଁ ରହିଥାଏ ......
କେତେ ହସ, କେତେ ଖୁସି
କେତେ ସରାଗ, କେତେ ଦୁଃଖ, କେତେ ମନମାଳିନ୍ୟର
ପୁଣି କେବେ ବର୍ଷାର ପ୍ରଥମ ସ୍ପର୍ଶରେ
ଧରିତ୍ରୀ ହସିଲା ପୁରିଲା ପରି
ମାନ ଅଭିମାନ ପରେ ଆନନ୍ଦର ଝଲକ
ଏବେ ସ୍ମୃତି ପାଲଟୁଛି ଧିରେ ଧିରେ
ବଦଳ ଯାଉଛି ଚଠିର ରୂପ
ଇ ମେଲ, ହ୍ୱାଟ୍ସଅପ, ଇନଷ୍ଟାଗ୍ରାମ ମାଧ୍ୟମରେ

ISSN NO.
2582-208X

ଚଠି ମୋର ପ୍ରକୃତିର ବାସ୍ନାୟିତ ଫୁଲ ପରି
ପ୍ଲାଷ୍ଟିକ ଫୁଲ କଣ ତା'ର ସ୍ଥାନ ନେଇପାରେ !!
ତେବେ ଚଠି, ହୃଦୟର କଥାରେ ପୁଲକତ
କେତେବେଳେ ବସନ୍ତର କୋମଳ ସ୍ପର୍ଶ
ପୁଣି କେତେବେଳେ ନିଦାଘର ଧୁ ଧୁ ଖରା
ସବୁ ପରେ ବି ଚଠି ମୋର ଆପଣାର, ବର୍ଷାର ନିର୍ଝର
ହୈମନ୍ତୀକ ରାତ୍ରିର କେତେବେଳେ
ବିନ୍ଦୁ ବିନ୍ଦୁ ଲୁହର ଶିଶିର
ଯାହାପାଇଁ ଦୁଇ ହୃଦୟ ହୁଏ ଆପଣାର
ସେ ଚଠି ମୋର
ଦୁଇ ହୃଦୟର,
ଅବୁଝା ବୁଝାମଣାର ସ୍ୱର ଓ ସ୍ୱାକ୍ଷର.....

ପ୍ଲଟ-୧୪୮/୫,କନ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩,ମୋ=୯୦୯୦୦୯୦୨୨୫

ISSN NO.
2582-208X

# ମାଆ ଆସିଛନ୍ତ



ସଂଯୁକ୍ତା ସାହୁ

ମାଆ ଆସିଛନ୍ତି ମାଆ ଆସିଛନ୍ତି
ହସୁଛି ଆଜି ଏ ଧରା
ତୁମ ସ୍ୱାଗତରେ କାଶତଣ୍ଡି ଫୁଲ
ହାତରେ ଧରିଛି ପସରା ।
ପ୍ରକୃତି ରାଣୀର ଅପରୂପ ଶୋଭା
ଶିଶିର ଗାଳିଚା ବୁଣିଛି
ଆକାଶରେ ମେଘର ବାଦଲ ଖଣ୍ଡ
ମଝିରେ ଉଙ୍କି ମାରୁଛି ।
କି ସୁନ୍ଦର ଦିଶୁଥାଏ ସବୁଜ ଭରା
କ୍ଷେତଟି ଚାଷୀ ଭାଇର
ବାଡ଼ି ବଗିଚାରେ ନା ନା ରଙ୍ଗ ଫୁଲ
ସୌନ୍ଦର୍ଯ୍ୟଭରା ସମ୍ଭାର ।
ଆସିଛି ପାର୍ବଣ ଷୋଡ଼ଶ ଉପଚାର
ତୁମ ପୂଜା ପରା ହେଉଛି
ପ୍ରତି ଦେବୀ ମନ୍ଦିର ଉଠୁଛି ପଡୁଛି
ଘଣ୍ଟ ଘଣ୍ଟା ଶଙ୍ଖ ବାଜୁଛି ।

ISSN NO.
2582-208X

କେଡେ ମନଲୋଭା ତୁମ ତୋରଣ
ରଙ୍ଗୀନ ଆଲୋକରେ ସଜା
ପୂଜା ମେଢ଼ ଆଖି ଝଲସାଇଦେଉଛି
ବାଜୁଛି କାହାଳୀ, ବାଜା ।
ଆସ ଆସ ଅବତରୀ ଜଗତଜନନୀ
ଶକ୍ତିପ୍ରଦାୟିନୀ ମାଆ
ମହିଷାମର୍ଦ୍ଦିନୀ ମାଆ ଦୁର୍ଗା ଭବାନୀ
ହୋଇଥାଅ ତୁମେ ସାହା ।
କଲ୍ୟାଣମୟୀ ମାଆ ସଙ୍କଟତାରିଣୀ
ମର୍ତ୍ତ୍ୟକୁ ଓହ୍ଲାଇ ଆସ
ଏତିକି ମାଗୁଣି କରୁଛୁ ତୁମକୁ ମାଆ
ପାପ ହୋଇଯାଉ ନାଶ ।
ହେ ବିଶ୍ୱ ଜନନୀ ସତ୍ୟ ସନାତନୀ
କରୁଅଛୁ କୋଟି ପ୍ରଣାମ
ସ୍ନେହ , ପ୍ରୀତି, ମୈତ୍ରୀ ଭାବ ଭରିଯାଉ
ପୂର୍ଣ୍ଣ ହେଉ ମନୋସ୍କାମ ।

ଗ୍ରାମ, ଜଗତସିଂହପୁର

ISSN NO.
2582-208X


# ଯୁଦ୍ଧ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଗଦା ଗଦା ପାଉଁଶ
ସତେ ଯେମିତି ପାଉଁଶ ର ପାହାଡ଼
ତୁହାକୁ ତୁହା ଅଗ୍ନି ବର୍ଷା
ନରମ  କଅଁଳ ଜୀବନ ଉପରେ
ରକ୍ତର ସୁଅ ଛୁଟେ ସବୁଜ ଧରଣୀ ବକ୍ଷରେ
ମାଆର ପଣତ ଭିଜେ ସନ୍ତାନର ଆଖିର ଲୁହରେ
ତଥାପି ଅହଂକାରୀ ଅନ୍ଧ ଶାସକ ବୁଝେନା
କ୍ଷତାକ୍ତ ପ୍ରାଣର ଚିତ୍କାର। ।

ବର୍ବର ଆକ୍ରମଣର ଜ୍ୱଳନ୍ତ ଉଦାହରଣ
ହିରୋସୀମା ନାଗାସାକୀ
ଆଜିବି କାନ୍ଦୁଛି ବିକଳାଙ୍ଗ
ସହୁଛି ଅସହ୍ୟ ଯନ୍ତ୍ରଣାରେ
କାହାକୁ ଶୁଭୁଛି ତାର
ବେଦନାରେ ଭରା ଅସ୍ପଷ୍ଟ ସ୍ୱର
ଚାଲିଛି ବଳ କଷାକଷି
ବୁଝୁନି ବାହୁବଳୀ
ବିଦୀର୍ଣ୍ଣ କରୁଛି ମାଟିକୁ ଶତବାର
ଗୋଟିଏ ଜୀବନ ପାଇଁ ନେଉଛି

ISSN NO.
2582-208X

କୋଟିଏ ଜୀବନ
କମ୍ପି ଉଠୁଛି ଜଳ ସ୍ଥଳ ମାଟି ପୁଣି ଆକାଶ
ଅସୁରଙ୍କ ଭୟରେ ଦେବତାମାନେ ଆଶ୍ରୟ
ନିଅନ୍ତି ବଙ୍କର ଭିତରେ। ।

ତୃଷାର୍ତ୍ତ ପ୍ରାଣର ଅର୍ତ୍ତନାଦ ଶୁଭୁଥାଏ
ଜଳ ବିନ୍ଦୁଏ ପାଇଁ
ହା ଅନ୍ନର କରୁଣ ଚିତ୍କାର
ଜଳେ ମନ
ଜଳେ ଫୁଲ ବନ
ପୋକ ମାଛିପରି  ନିରୀହ ସରଳ ପ୍ରାଣୀମାନେ
ଆହୁତି ହୁଅନ୍ତି ଯୁଦ୍ଧର  ଜ୍ୱଳନ୍ତ ଶିଖାରେ ।

ତଥାପି ଜନ୍ମ ନିଅନ୍ତି ନାହିଁ ଈଶ୍ୱର
ନାଶିବାକୁ କଂସ ଆଉ ରାବଣ ମାନଙ୍କୁ
ତେବେ କେମିତି ଉଡ଼ିବ ଶାନ୍ତିର କପୋତ ଏ
ମାଟିର ପୁଣ୍ୟ ତପୋବନେ
କେମିତି  ରାତ୍ରିର ଶେଷ ପ୍ରହର ରେ ଝରି ପଡୁଥିବା
ଫୁଲମାନେ  ଶାନ୍ତିରେ ଆଖି ବୁଝିବେ
କେମିତି ହସିବେ ମନଖୋଲି
ଫୁଟୁଥିବା ଫୁଲମାନେ। ।
କେମିତି ? କେମିତି ? କେମିତି ?

ଶିକ୍ଷୟତ୍ରୀ, କେନ୍ଦ୍ରାପଡା

ISSN NO.
2582-208X

# ଯୋଡ଼ି ବଣି



ଅମ୍ବିକା ସ୍ୱାଇଁ

ସନ୍ଧ୍ୟା ସମୟ ରୀତା ଦେବୀ ଠାକୁର ଘରେ ଆଳତୀ କରୁ ଥାନ୍ତି, ହଠାତ ଫୋନର ଘଣ୍ଟି ବାଜି ଉଠିଲା । ରୀତା ଦେବୀଙ୍କର ସ୍ୱାମୀ ଶ୍ରୀକାନ୍ତ ବାବୁ ଫୋନ୍ ଟି ଉଠାଇ ହ୍ୟାଲୋ କହିବା ମାତ୍ରେ ପୁଅ ଚିନ୍ମୟ ନମସ୍କାର ଜଣାଇ କହିଲା ବାବା ! ମା' ନାହାନ୍ତି କି ମା'ଙ୍କୁ ଫୋନ ଦିଅ ମା'ଙ୍କ ସହିତ କଥା ଅଛି । ଶ୍ରୀକାନ୍ତ ବାବୁ ଡାକ ଛାଡିଲେ ଆରେ ରୀତା କୁଆଡେ ଗଲ ଚିନ୍ମୟ ଫୋନ କରିଛି ଆସ ।ରୀତା ଦେବୀ ତରତର ହୋଇ ପୂଜା ଘରୁ ଧାଇଁ ଆସିଲେ, ଫୋନ ଧରି ହଁ ବେଟା କହ । ପୁଅ ସେ ପଟୁ କହି ଉଠିଲା ମାମା ଶୁଣ, ବାବା ଆଉ ତୁମେ ଦୁଇ ଜଣ ଯାକ ବାଙ୍ଗାଲୋର ଆସିବ, ମୁଁ ଫ୍ଲାଇଟ ଟିକଟ ଆଜି କରି ଦେଇଛି ଆସନ୍ତା ରବିବାର ଦିନ ଦିନ ୨ଟାରେ ଫ୍ଲାଇଟ ଅଛି । ରିତାଦେବୀ ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇ ଗଲେ ଆରେ ବେଟା ଆମକୁ ନ ପଚାରି ଟିକେଟ କାଟି ସାରିଲୁଣି ? ହଁ ମାମା ମୁଁ ତୁମକୁ ସରପ୍ରାଇଜ ଦେବା ପାଇଁ ଟିକଟ କରିଦେଇଛି । ପ୍ଲିଜ ମାମା ! ବାବାଙ୍କର ତୁମର ଆସ ମୁଁ ତୁମକୁ କେବେ ଠାରୁ ଦେଖିନି ଦେଖିବାକୁ ଭାରି ଇଛା ହେଉଛି, ଆସିଲେ ନା ତୁମ ପାଇଁ surprise ରହିଛି ।ଭାରି ଅନୁନୟ ହୋଇ କହିଲା ଚିନ୍ମୟ, ହଉ ହେଲା ବେଟା, ତୁ ତ ଟିକେଟ କରି ସାରିଲୁଣି ଆମକୁ ନ ଯାଇ ବାଟ କାହିଁ ଯେ ! ଆମେ ନିଶ୍ଚୟ ଯିବୁ । ଆଉ ମାତ୍ର ତିନି ଦିନ ଅଛି, ତେଣୁ ରୀତା ଦେବୀ ବାଙ୍ଗାଲୋର ଯିବା ପାଇଁ ପ୍ରସ୍ତୁତିରେ ଲାଗି ପଡିଲେ ଧୀରେ ସମୟ ପାଖେଇ ଆସିଲା ରାତି ପାହିଲେ ରବିବାର, ରୀତା ଦେବୀଙ୍କ ଗୋଡ ତଳେ ଲାଗୁ ନ ଥାଏ । ସବୁ ପ୍ୟାକିଂ କରି ସାରି ରାତିରେ ଶୋଇପଡିଲେ । ସକାଳୁ ସକାଳୁ ଶ୍ରୀକାନ୍ତ ବାବୁ ରୀତା ଦେବୀଙ୍କୁ ନିଦରୁ ଉଠାଇ ଜଲଦି ଜଲଦି କାମ ସାର ରୀତା, ଏୟାରପୋର୍ଟ ଦୁଇ ଘଣ୍ଟା ପୂର୍ବରୁ ଶୀଘ୍ର ଯିବାକୁ ପଡିବ । ହଁ ମ ଶୁଣ ଚିନୁ ଆମର ଭାରି ଭଲପାଏ କାକରା ପିଠାକୁ ତ ଅଳ୍ପ କିଛି ବନେଇ ଦିଏ ନେଇ

ISSN NO.
2582-208X

ଯିବା। ହଉ ଠିକ ଅଛି ତେବେ ବନେଇ ଦିଅ, ମା' ତା'ର ପୁଅ ପାଇଁ ପିଠା କରିନେବ ମୁଁ କଣ ମନା କରି ପାରିବି, ଏ କଣ ଠିକ୍ କଥା ! କହି ସ୍ମିତହାସ୍ୟ ଟିଏ ଦେଲେ । ରୀତାଦେବୀ ଏଇ ମଉକାରେ ଟିକେ ଗେହ୍ଲେଇ ହୋଇ କହିଲେ ହେଇଟି ଶୁଣ ମ ଟିକେ ମୋତେ ହେଲ୍ପ କର ନା ! ଶ୍ରୀକାନ୍ତ ବାବୁ କହିଲେ ଆଛା କଣ ହେଲ୍ପ ଦରକାର ? ହଁ ମ ସକାଳୁ ଉଠି ହାତ ଗୁଡା ଭାରି ଦରଜ ମୁଠେଇ ହେଉନି, ତୁମେ ଟିକେ ନଡ଼ିଆ କୋରି ଦିଅ ତ ! ମୁଁ ଜନ୍ଦୁଣି କରିଦିଏ ଜଲଦି ପିଠା ହୋଇଯିବ । ସ୍ୱାମୀ ମୁରୁକି ହସାଟିଏ ଦେଇ କହିଲେ ହଉ ବାବା ବ୍ୟସ୍ତ ନାହିଁ, ଏଇ ଗୋଟେ କଥା ! ଗୋଟିଏ ବୋଲି ପତ୍ନୀ ମୋର ତାଙ୍କ କଥା ମାନିବି ତ କେମିତି ହେବ ! ନିହାତି ନଡ଼ିଆ କୋରାରେ ସାହଯ୍ୟ କରିବି ନା ! ପତି ପତ୍ନୀଙ୍କ ଭିତରେ ଏମିତି ସ୍ନେହ ସରାଗ ପୂର୍ଣ୍ଣ କଥାବାର୍ତ୍ତା ରିତିମତ ଚାଲେ । ଏହି ତ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଅଗାଧ ପ୍ରେମର ନିର୍ଦ୍ଦଶନ । ପରସ୍ପର ଭିତରେ ବୁଝାମଣାର ଜୀବନ ।ଏଇ ବୁଝାମଣାରେ ଜୀବନ ହୋଇ ଉଠେ ସରସ ସୁନ୍ଦର ମଧୁମୟ । ଖାଲି ଆଜି ନୁହେଁ ଅନେକ ସମୟରେ, ଶ୍ରୀକାନ୍ତ ବାବୁ ରିତାଙ୍କୁ ରୋଷଇରେ ସାହାଯ୍ୟ କରନ୍ତି, ବେଳେ ବେଳେ ଶାଗବଛା, ପରିବା କଟା, ରସୁଣରୁ ଚୋପା ଛଡେଇବା କାମ ମଧ୍ୟ କରି ଦିଅନ୍ତି, ଘରେ ଯେବେ ମାଂସ ଆସେ ଶ୍ରୀକାନ୍ତ ବାବୁ ସେଦିନ ରାନ୍ଧିବେ ହିଁ ତ ରାନ୍ଧିବେ । ସେଦିନ ସ୍ତ୍ରୀ ଯୋଗାଡ଼ିଆ ହୁଅନ୍ତି, ସ୍ୱାମୀ ରାନ୍ଧନ୍ତି । ଏହିପରି ସ୍ୱାମୀ ସ୍ତ୍ରୀ ଙ୍କ ଭିତରେ ମଧୁର ସମ୍ପର୍କ ।

ତେଣୁ ଆଜି ରୀତା ଦେବୀଙ୍କ ସ୍ନେହପୁର୍ଣ ଅର୍ଡରରେ ଶ୍ରୀକାନ୍ତ ବାବୁ କାଳ ବିଳମ୍ବ ନ କରି ନଡ଼ିଆ କୋରି ଦେଲେ । କାକର ପିଠା ତିଆରି ସରିଗଲା । ସମସ୍ତ ନିତ୍ୟକର୍ମ ସାରି ବାହାରି ପଡିଲେ ସ୍ୱାମୀ ସ୍ତ୍ରୀ ଦୁହେଁ ।ଡ୍ରାଇଭର ଗାଡ଼ି ବାହାର କଲା ୨ ଘଣ୍ଟା ପୁର୍ବରୁ ଏୟାରପୋର୍ଟରେ ପହଂଚିବାର ଅଛି । ସ୍ୱାମୀ ସ୍ତ୍ରୀ ପ୍ରସ୍ତୁତି ହୋଇ, ଘରର ଲାଇଟ, ଫ୍ୟାନ ସବୁ ବନ୍ଦ କରି ଘର ତାଲା ପକାଇ ଜିନିଷ ପତ୍ର ଧରି ଦୁହେଁ ଗାଡ଼ିରେ ବସିଲେ । ଗାଡି ଚାଲିଲା ଆଗକୁ । ହଠାତ ଗୋପବନ୍ଧୁ ଛକ ପୂର୍ବରୁ ରାସ୍ତାରେ ଜମା ହୋଇଥାନ୍ତି ଲୋକ ରାସ୍ତା ପୂରା ଜାମ୍ । ଗାଡ଼ି ଆଗକୁ ନ ଯିବାର କାରଣ କଣ ଜାଣିବାକୁ ଶ୍ରୀକାନ୍ତ ବାବୁ ଗାଡ଼ିରୁ ଓହ୍ଲାଇ ଦେଖିବାକୁ ଗଲେ ଯାହା ଦେଖିଲେ ସ୍ତମ୍ଭିଭୁତ ହୋଇ ଗଲେ । ତଳେ ପଡିଛି ଲହୁ ଲୁହାଣ ହୋଇ ଜଣେ ସ୍ତ୍ରୀଲୋକ ମୁଣ୍ଡ ପୂରା ମାଡ଼ ହୋଇ ଯାଇଚି ସ୍ତ୍ରୀ ଲୋକଟି ଚିହ୍ନା ଚିହ୍ନା ଲାଗୁଛି, କିନ୍ତୁ ଶ୍ରୀକାନ୍ତ ବାବୁ ଙ୍କର ସ୍ମରଣ ଭିତରକୁ ହଠାତ ଆସୁନାହିଁ । ସଂଗେ ସଂଗେ ଦୌଡ଼ି ଆସି ରୀତାକୁ କହିଲେ । ରୀତା ଗାଡ଼ିରୁ ବାହାରି ଆସିଲେ ଦେଖି ଆଶ୍ଚର୍ଯ୍ୟ

ISSN NO.
2582-208X

ହେଲେ, କୋହ ସମ୍ଭାଳି ପାରିଲେନି, ଆରେ ଏତ ମୋ ପିଲାଦିନର ସାଙ୍ଗ ଅଳକା । ବ୍ୟସ୍ତ ହୋଇ ପଡିଲେ ରୀତାଦେବୀ । ଯାହାହେଉ ଏହି ସମୟରେ ଆମ୍ବୁଲାନ୍ସ ଆସି ପହଂଚିଗଲା । ତୁରନ୍ତ ସମ୍ ହସ୍ପିଟାଲରେ ଅଳକାକୁ ଆଡ଼ମିଶନ କରାଗଲା । ସ୍ୱାମୀ ସ୍ତ୍ରୀ ଆଉ ଏୟାରପୋର୍ଟ କଣ ଯିବେ ? ସେ ବି ଆମ୍ବୁଲାନ୍ସ ପଛେ ପଛେ ହସ୍ପିଟାଲକୁ ଗଲେ । ଅଳକାର ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହେଲା ପରେ ତାର ସେନସ୍ ନଥାଏ । ଡାକ୍ତର କହିଲେ ବ୍ଲଡ଼ ଦେବାର ଆବଶ୍ୟକତା ପଡୁଛି । କଣ କରାଯିବ ତେଣୁ ହସ୍ପିଟାଲର ନିୟମ ଅନୁସାରେ ବ୍ଲଡ଼ ବଦଳରେ ବ୍ଲଡ଼ ଦିଆଯିବ ତେଣୁ ଶ୍ରୀକାନ୍ତ ବାବୁ ଓ ରୀତା ଦେବୀ ବ୍ୟସ୍ତ ହୋଇ ପଡୁଥାନ୍ତି କଣ କରିବେ ବୋଲି ଚିନ୍ତା କରୁଥାନ୍ତି ତେଣେ ଫ୍ଲାଇଟ ଟାଇମ ହୋଇ ଗଲାଣି ।

ଡାକ୍ତର ଆସି କହିଲେ ବ୍ଲଡ଼ ଦେବାର ବ୍ୟବସ୍ଥା ଶୀଘ୍ର କରନ୍ତୁ ଅଳକା ଦେବୀ ଙ୍କର B ପଜିଟିବରେ କାହାର ବ୍ଲଡ଼ match କରୁଛି ଦେଖନ୍ତୁ ସଂଗେ ସଂଗେ ରୀତା ଦେବୀ କହିଲେ ମୋର ତ B ପଜେଟିବ । ତେଣୁ ମୁଁ ବ୍ଲଡ଼ ଦେବି କିଛି କଥା ନାହିଁ ତୁରନ୍ତ ମୋ ଠାରୁ ବ୍ଲଡ଼ ନିଅନ୍ତୁ । ରୀତା ଦେବୀ ବ୍ଲଡ ଦେବାପାଇଁ ବେଡ଼କୁ ଗଲେ ଶ୍ରୀକାନ୍ତ ବାବୁ ବାର ବାର ଘଣ୍ଟାକୁ ଚାହୁଁଥାନ୍ତି ତେଣେ ଫ୍ଲାଇଟ ଟାଇମ ଅତିକ୍ରାନ୍ତ କରି ଗଲାଣି ଆଉ ବାଙ୍ଗାଲୋର ଆଜି ଯାଇ ହେବନାହିଁ ।

ତେଣେ ପୁଅ ଠିକ ଟାଇମରେ ବାଙ୍ଗାଲୋର ଏୟାରପୋଟରେ ପହଂଚି ଦେଖେ ତ ଫ୍ଲାଇଟରେ ବାପା ମା' ଆସି ନାହାଁନ୍ତି । ବାପାଙ୍କ ପାଖକୁ ଫୋନ କଲାରୁ ବାପା ସବୁ କଥା ପୁଅ ଚିନ୍ମୟକୁ କହିଲେ । ଚିନ୍ମୟ ବାବା ମା' ଯାଇ ନାହାଁନ୍ତି ବୋଲି ମନ ଦୁଃଖ ପରିବର୍ତ୍ତେ ତା ବାବା ମା'ଙ୍କର ଏ ମହାନ କାର୍ଯ୍ୟ ପାଇଁ ଖୁବ ଖୁସି ହେଲା ଓ ତା' ମା' ରୀତା ଦେବୀଙ୍କୁ ପ୍ରଶଂସା କରି ତା ବାବାଙ୍କୁ କହିଲ। ବାବା my mama is the great । ତେଣେ ଅଳକାଙ୍କ ମୁଣ୍ଡରେ ଷ୍ଟିଚ ପଡିଛି, ଅଳକା ବ୍ଲଡ଼ ନେଇ ଚିକିତ୍ସିତ ହେଲା ପରେ ଅଳକାର ସେନସ ଆସିଲାଣି । ହଠାତ କିଛି ବୁଝି ପାରିଲା ନାହିଁ, ତା' ପିଲା ଦିନର ସାଙ୍ଗ ରୀତାକୁ ନିଜ ପାଖରେ ଓ ଏମତି ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ସବୁ କଥା ସାଙ୍ଗ ରୀତାଠୁ ଜାଣିଲା ଏତେ କଷ୍ଟ ଭିତରେ ବି ଖୁସି ହେଲା । ତା" ବାହାଘର ପରଠାରୁ ଆଜିଯାଏ କେବେ ଆଉ ଦେଖା ହୋଇ ନ ଥିଲା ଦୁଇ ଜଣଙ୍କର । କିନ୍ତୁ ରୀତା ତା ବାହାଘର ପରେ

ISSN NO.
2582-208X

ଭୁବନେଶ୍ୱରରେ ରହିଲେ ବି ଅଳକା ବାହାଘରକୁ ଗାଆଁକୁ ଯାଇଥିଲେ ଶ୍ରୀକାନ୍ତ ବାବୁଙ୍କୁ ସାଙ୍ଗରେ ନେଇ । ସେବେ ଠାରୁ ଶ୍ରୀକାନ୍ତ ବାବୁ ଅଳକା ସହିତ ପରିଚିତ ଥିଲେ । ତା' ପରେ ତ ଆଉ ଆଜିଯାଏ ଦେଖା ହୋଇ ନଥିଲା । ତେଣୁ ଆଜି ଏମିତି ବିପଦରେ ଏମତି ସଂଯୋଗ । ଆକ୍ସିଡେଣ୍ଟର ଯନ୍ତ୍ରଣା କଷ୍ଟକୁ ଅଳକା ନଜର ଅନ୍ଦାଜ କରି ରୀତା ସହିତ ପିଲାଦିନର ସବୁ ସ୍ମୃତିକୁ ଗୋଟି ଗୋଟି ମନେପକାଇ ଖୁସିରେ ଆତ୍ମହରା ହୋଇ ଯାଉଥାନ୍ତି ଦୁହେଁ । ପିଲାଦିନେ ଏତେ ଦୁଇ ଜଣ ଯାକ ସାଙ୍ଗ ହେଉଥିଲେ ଯେ କେହି କାହାକୁ ଘଡିଏ ଛାଡ଼ୁ ନଥିଲେ । ଏକାଠି ଖାଇବା ପିଇବା ଖେଳିବା, ବସିବା ଉଠିବା, ଏମିତି ଚାଲିଥିଲା ଯେ ଗାଁ ଲୋକେ ଦୁଇ ଜଣଙ୍କୁ ଯୋଡିବଣୀ ବୋଲି କହୁଥିଲେ ।

ରୀତାର ବିବାହ ହେଲା ପରେ ଶ୍ରୀକାନ୍ତ ବାବୁଙ୍କ ସହ  ଭୁବନେଶ୍ୱରରେ ରହୁଛନ୍ତି ଦୀର୍ଘ ୩୦ ବର୍ଷ ହେଲାଣି । କିନ୍ତୁ ଅଳକା ବିବାହ କରିଥିଲେ ଗାଁରେ ଏକ  ସମ୍ଭ୍ରାନ୍ତୀୟ ପରିବାରରେ । ସ୍ୱାମୀ ସେତେବେଳେ ସରପଞ୍ଚ ଥିଲେ । ତେଣୁ ଅଳକା ଗାଁ ରେ ରହୁଥିଲେ ।ଏବେ ତାଙ୍କ ପୁଅ  ସାନୁ ଭୁବନେଶ୍ୱରରେ ଚାକିରୀ କରିଛି, ଅଳକା ତାଙ୍କ ପୁଅ ପାଖରେ ଏକ ଭଡାଘରେ ରହୁଛନ୍ତି, ଏବଂ ଝିଅ ମାନୁ ଏମବିଏ କରି ସାରି ବାଙ୍ଗାଲୋର ରେ ଚାକିରୀ କରୁଛି। ଅଳକା ସ୍ୱାମୀ ଗାଁ ରେ ଭାରି ପ୍ରତିଷ୍ଠିତ । ରାଜନୀତିରେ ସକ୍ରିୟ । ଗାଁ ରେ ଜମିବାଡ଼ି ଦେଖାଶୁଣା ସହିତ ଲୋକମାନଙ୍କର ଭଲ ମନ୍ଦ ବୁଝନ୍ତି । ଗାଁ ରେ ରୁହନ୍ତି । ପୁଅ, ଝିଅ ବାହାରେ ଚାକିରୀ କରନ୍ତି, ପୁଅ ଭୁବନେଶ୍ୱରରେ  ତେଣୁ ପୁଅ ପାଖରେ ଅଳକା ଏବେ ରହୁଛନ୍ତି । ପୁଅ ମେଡ଼ିସିନ ରିପ୍ରେଜେଣ୍ଟେଟିବ ଭାବରେ ତାକୁ ଓଡିଶାର ଅନେକ ଜାଗାକୁ ଯିବାକୁ ପଡେ। ସେଦିନ ସେ ତା ଅଫିସ କାମରେ ବ୍ରହ୍ମପୁର ଯାଇଛି, ଅଳକା ଘର ପାଇଁ କିଛି ଜରୁରୀ ସଉଦାପତ୍ର ଆଣିବା ପାଇଁ ରାସ୍ତାରେ ଚାଲି ଚାଲି ଯାଉଥିଲା ବେଳେ ଏପରି ଅକସ୍ମାତ ଦୁଃର୍ଘଟଣା ଘଟିଲା । ସଂଯୋଗ ବଶତଃ ରୀତାଦେବୀ ଶ୍ରୀକାନ୍ତ ବାବୁଙ୍କ ସାମ୍ନାରେ ହିଁ ଏପରି ହେଲା । ସବୁ ପଛ କଥା ଏବଂ ଅଳକା ଜୀବନର ସବୁ କାହାଣୀ ଅଳକା ମୁହଁରୁ ଶୁଣିଲେ, ବର୍ତ୍ତମାନ ଭୁବନେଶ୍ୱର ରେ ସେ ରହୁଛନ୍ତି ଜାଣି ଖୁସି ହେଲେ । ପୁଅ ସାନୁ ମାଆଙ୍କର ଏପରି ଦୁର୍ଘଟଣା ବିଷୟରେ ଜାଣି ବ୍ରହ୍ମପୁରରୁ ଆସି ସମ୍ ହସ୍ପିଟାଲରେ ପହଁଚିଲା  ସବୁ କଥା ଜାଣି ମଥାନତ କରି ଛଳ ଛଳ ଭାବରେ କୃତଜ୍ଞତା ଜ୍ଞାପନ କଲା ଶ୍ରୀକାନ୍ତ ବାବୁ ରୀତା ଦେବୀଙ୍କ ସମ୍ମୁଖରେ । ଏପରି ଖବର ପାଇ ଅଳକା ଙ୍କ ସ୍ୱାମୀ ମଧ୍ୟ ଆସି ପହଞ୍ଚି ଯାଇଥାନ୍ତି ହସ୍ପିଟାଲରେ । ସେ ଖୁବ ପ୍ରଶଂସା କଲେ, ଧନ୍ୟବାଦ ଜଣାଇଲେ

ISSN NO.
2582-208X

ବନ୍ଧୁ ପତିପତ୍ନୀଙ୍କୁ । କହିଲେ ଆପଣଙ୍କ ପାଇଁ ଆଜି ମୋ ସ୍ତ୍ରୀ ଅଳକା ନୂତନ ଜୀବନ ପାଇଲେ, ମୁଁ ଆଉ ଆମ ପରିବାର ଆପଣଙ୍କ ପାଖରେ ଚିରଋଣୀ ।

ଏପରି ଦୁର୍ଘଟଣା ସମୟରେ ଦୁଇବନ୍ଧବୀଙ୍କ ଅପୂର୍ବ ସଂଯୋଗ । ପିଲାଦିନର "ଯୋଡ଼ିବଣି" ପୂର୍ବ ସମୟର ସବୁ ସ୍ମୃତିକୁ ସାଉଁଟି ଦୁହେଁ ଖୁସିରେ ଆତ୍ମହରା ହେଲେ । ଶ୍ରୀକାନ୍ତ ବାବୁ, ଅଶୋକ ବାବୁ ଦୁହେଁ ପାଖରେ ବସି ସବୁ ଶୁଣି ଶୁଣି ଶେଷରେ କହିଲେ ଆରେ ତୁମେ ଯୋଡି ବଣି ଗପୁଥାଅ । ଆମେ ଯାଉଛୁ ବାହାରୁ ଟିକେ ଚା" ପିଇ ଆସିବୁ ଏହା କହି ସ୍ମିତହାସ୍ୟ ଦେଇ ଉଠି ଚାଲିଗଲେ । ଅଳକା ଓ ରୀତା ହାସ୍ୟ ଲାସ୍ୟ ବଦନରେ ସ୍ୱାମୀ ମାନଙ୍କ ମୁହଁକୁ ଚାହିଁ ରହିଥିଲେ ......... ।।

ପୁଣି କିଛିଦିନ ପରେ ପୁଅ ଚିନ୍ମୟ ବାପା ମାଆଙ୍କୁ ବାଙ୍ଗାଲୋର ଯିବା ପାଇଁ ଡାକିଲା । ପୂର୍ବପରି ସ୍ୱାମୀ ସ୍ତ୍ରୀ ଦୁହେଁ ନିର୍ଦ୍ଦିଷ୍ଟ ଦିନରେ ଯାଇ ବାଙ୍ଗାଲୋରରେ ପହଞ୍ଚି ଗଲେ । ଚାରି ପାଞ୍ଚ ଦିନ ପରେ ସେଦିନ ରବିବାର ହୋଇଥାଏ ପୁଅ ଚିନୁ ତା" ମାଆଙ୍କୁ କହିଲା ମାମା ଆଜି ରୋଷେଇ କରିବନି ଆଜି ହୋଟେଲରେ ଲଞ୍ଚ କରିବା ।

ମାମା କହିଲେ ହଉ ଠିକ ଅଛି ବେଟା । ବାପା ମାଆ ପୁଅ ତିନି ଜଣଯାକ ଓଲା କାର୍ ବୁକିଙ୍ଗ କରି ପହଞ୍ଚି ଗଲେ ହୋଟେଲ ଫାଟକ ସମ୍ମୁଖରେ । ଦେଖିଲେ ଏକ ସୁନ୍ଦରୀ ଝିଅ ଅପେକ୍ଷାରତ ଥାଏ । ଏମାନେ କାର୍ ରୁ ଓଲ୍ହାଇ ଆସୁ ଆସୁ ସ୍ମିତହାସ୍ୟ ବଦନରେ ଝିଅଟି ମଥା ନୁଆଇଁ ପ୍ରଣାମ କଲା ଦୁହିଁଙ୍କୁ । ରୀତାଦେବୀ ପୁଅ ଚିନ୍ମୟ କୁ ଧୀରେ କିନା ପଚାରିଲେ ଆରେ ବେଟା ଏ ଝିଅଟି କିଏ ? ମାମା କିଏ ଆଉ ହେବ ? ମାଆ କାନରେ ଚୁପ କିନା କହିଦେଲା ତୁମ ଭାବିବୋହୁ ..!! କଣ ପସନ୍ଦ ହେଲା ତ ? ଉଁହୁ ମୋଟେ ନୁହେଁ ...! ବଦମାସ ଚିନୁ ତୁ ଆମକୁ ନ ଜଣାଇ ଏତେ ଆଗକୁ ବଢି ଗଲୁଣି ? ଧୀରେ ପୁଅର କାନକୁ ମୋଡି ଦେଲେ । ମାମା please...!! ରୀତା ଦେବୀ ମୁରୁକି ହସାଟିଏ ଦେଇ ଶ୍ରୀକାନ୍ତ ବାବୁଙ୍କ କାନରେ ଫୁସ୍ ଫୁସ୍ କରି କହିଲେ ଦେଖ ମ ତୁମ ବୋହୁକୁ, କେତେ ସୁନ୍ଦର ଝିଅଟି ଚିନୁ ଆମର ପସନ୍ଦ କରିଛି । ପୁଅ ଚିନୁ ବାପା ମା" ଙ୍କୁ ଧୀରେ କହୁଛି surprise ଟା କେମିତି ଲାଗିଲା ବାବା ? ଶ୍ରୀକାନ୍ତ ବାବୁ କହିଲେ ଆମ ପୁଅ ଉପରେ ଆମର ଭରସା ଅଛି, ପୁଅ ଆମର କେବେ ଭୁଲ ଡିସିସନ ନେବ ନାହିଁ । ଚିନ୍ମୟ ଏକଥା ଶୁଣି ଖୁସିରେ ଗଦ ଗଦ ହୋଇଗଲା । ଝିଅଟି ଆଗରୁ ବୁକିଙ୍ଗ ଥିବା ହୋଟେଲର ଡାଇନିଂ ଟେବୁଲ

ISSN NO.
2582-208X

ପାଖକୁ ଏମାନଙ୍କୁ ବାଟ କଢାଇ ନେଲା । ଟେବୁଲ ପାଖକୁ ଯାଇ ରୀତା ଦେବୀ ଓ ଶ୍ରୀକାନ୍ତ ବାବୁ ଆବା କାବା ହେଲେ, ଆଗରୁ ଟେବୁଲ ପାଖରେ ପଡିଥିବା ଚେୟାରରେ ଅଳକା ଦେବୀ, ଅଶୋକ ବାବୁ ବସିଥିବା ଦେଖି ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ପରସ୍ପରର ମୁହଁକୁ । ହଠାତ ରୀତା ଦେବୀ କହି ଉଠିଲେ ଆରେ ଅଳକା ତୁ ଏଠି ? ହଁ ମୋ ଝିଅ ସହ ଆସିଛି ଏଠାକୁ ଖାଇବା ପାଇଁ । ଏଇ ଝିଅଟି ତୋ ଝିଅ ?

ହଁ ରେ ସେ ମୋ ପରା ମୋ ଝିଅ ମାନୁ । ଏଇ ବାଙ୍ଗାଲୋର ରେ ଚାକିରୀ କରିଛି । ରୀତା କହିଲେ ଏ ପରା ମୋ ପୁଅ ଚିନୁ । ଚିନୁ, ମାନୁ ଏପରି ଦୃଶ୍ୟ ଦେଖି କିଛି ବୁଝି ପାରୁ ନାହାନ୍ତି ବୋକା ପରି ପରସ୍ପର ମୁହଁକୁ ଚାହିଁ ରହିଥାନ୍ତି । ଶ୍ରୀକାନ୍ତ ବାବୁଙ୍କୁ ଆଉ ଏକଥା ଅବୁଝା ନାହିଁ । ବୁଝି ପାରିଲେ ଭଲ ଭାବରେ । ପିଲାଙ୍କର ଏପରି ବିସ୍ମିତ ଢଙ୍ଗ ଦେଖି କହିଲେ କଣ ପିଲାମାନେ କିଛି ବୁଝି ପାରୁନ ? ତୁମ ଦୁଇଜଣ ଙ୍କର ମାଆ ପିଲାଦିନର ଏମିତି ଅନ୍ତରଙ୍ଗ ସାଙ୍ଗ ଥିଲେ ଯେ ତାଙ୍କୁ ପରିହାସରେ ସମସ୍ତେ ଡାକୁଥିଲେ ଯୋଡିବଣି । ପିଲାମାନେ ତୁମପାଇଁ ଆଜି ଯୋଡ଼ିବଣି ହୋଇଗଲେ ଦୁଇ "ସମୁଦୁଣୀ" । ଏମିତି ବୁଝା ଅବୁଝା ଭିତରେ ଖୁବ ହାସ୍ୟରୋଳ ସୃଷ୍ଟି ହେଲା । ସେହି ଅବୁଝା ଭିତରେ ବି ଆଉ ରହିଲାନି ଅବୁଝା, ପରସ୍ପର ବୁଝିନେଲେ ଏଥର । ରୀତା ଦେବୀଙ୍କ ପାଟିରୁ ବାହାରି ପଡିଲା ହେ "ପ୍ରଭୁ" ସବୁ ତୁମରି ଇଛା । ପିଲାଦିନେ ଜେଜେ ମାଆ କରିଥିବା ଭବିଷ୍ୟବାଣୀ କଥା ମନେ ପଡିଗଲା, ଦୁହିଁଙ୍କୁ ସବୁବେଳେଏ କାଠି ଦେଖି ଜେଜେ ମାଆ ଦିନେ କହିଥିଲେ, ତୁମେ ଦୁଇଟା ନିଶ୍ଚିତ ଦିନେ ଦୁଇ ସମୁଦୁଣୀ ହେବ । ଏକଥା ମନେ ପକାଇ ଖୁବ ନିବିଡତାରେ ଆଲିଙ୍ଗନ କରିନେଲା ଅଳକାକୁ । ପିଲା ଦୁହେଁ ବାପା ମା" ଙ୍କର ଅଜଣାତରେ ଗଢ଼ିଥିବା ସମ୍ପର୍କ ଭିତରେ ପରସ୍ପର ମନରେ ଯେଉଁ ଭୟ ରହିଥିଲା ବାପା ମାଆ ଗ୍ରହଣ କରିବେ କି ନାହିଁ । ତାହା ଦୁରୀଭୂତ ହୋଇଗଲା । ପିଲା ଦୁହିଁଙ୍କୁ ଜଣା ନ ଥିଲା ତାଙ୍କ ବାପା ମା" ପରସ୍ପରକୁ ଏପରି ଭଲ ଭାବରେ ଜାଣିଛନ୍ତି ବୋଲି । ଲାଜରେ ମୁହଁ ତଳକୁ କରି ନିରବରେ ବସିଥାନ୍ତି ଚିନୁ ଆଉ ମାନୁ । ଆଉ ବାପା ମାଆ ଯୋଡି ଆନନ୍ଦରେ ଆତ୍ମହରା ହୋଇ ପିଲାଙ୍କର ବିବାହର ଶୁଭ ମୁହୁର୍ତ୍ତର ନିଧାର୍ଯ୍ୟ ତାରିଖର ନିର୍ଦ୍ଧାରଣ ଅପେକ୍ଷାରେ ଦିନ ଗଣୁଥାଆନ୍ତି ହାତ ଆଙ୍ଗୁଠି ସାହାଯ୍ୟରେ....!!!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୭୯୫

ISSN NO.
2582-208X

# ଜଗନ୍ନାଥ ଭକ୍ତ ଭଜନ
# ବିଚନ୍ଦ୍ରା



ଦଣ୍ଡାସି ପ୍ରଧାନ

ହାତ ତୁମ ଯେଣୁ ଖଣ୍ଡିଆ ରଖିଛ
ଲମ୍ବି ଯାଏ ଇଚ୍ଛା ମତେ –
ଚକା ଚକା ଆଖି ଆଦରି ନେଇଛ
ଅନୁକୋଣ ଚାହଁ ସତେ,
ଆଖି ପତା ତୁମେ ଏଥେ ରଖିନାହଁ
ଆରତ ତାରଣ ବୋଲି ତ;
ଜଗନ୍ନାଥ------
ମୁହି କିପରି ହେଲି ଅନାଥ ?
କୁହ କିପରି---ଜଗନ୍ନାଥ ।।

ପତିତ ପାବନ ବାନା ଉଡୁଅଛି
ପୁଲକିତ ଚଉଦିଗ
ଛପନ ପଉଟି ମହା ପରସାଦ
ମର୍ତ୍ତ୍ୟ ସରଜି ସରଗ
ବାଇଶି ପାହାଚ ରତ୍ନ ସିଂହାସନ
ବଡ଼ଦାଣ୍ଡେ ଗଡେ ରଥ;
ଜଗନ୍ନାଥ----
ମୁହି କିପରି ହେଲି ଅନାଥ ? ।
କୁହ କିପରି--- ଜଗନ୍ନାଥ ।।

ISSN NO.
2582-208X

ବାର ମାସେ ତେର ଯାତ୍ରା ଭିଆଇଛ
ପ୍ରଭୁ ଭକତ ବତ୍ସଳ

ଶରଧା ବାଲିରୁ ବଡ ଶଙ୍ଖ ଯାଏ
ନିତ୍ୟ ଗହଳ ଚହଳ
ନାନା ଅଳଙ୍କାର ଭୂଷଣ ଯାହାର
ସଦା ସଦ୍ୟ ନବନିତ;
ଜଗନ୍ନାଥ----
ମୁହି କିପରି ହେଲି ଅନାଥ ?
କୁହ କିପରି ହେଲି ଅନାଥ ??
ଜଗନ୍ନାଥ----।।
××××
ସଂସାର ଅସାର କଳା ହରି ନେଇ
ପ୍ରଭୁ କାଳିଆ ସାଆନ୍ତ,
ନିରନ୍ତର ଦୁଇ- ବାହୁ ଖୋଲି ଥା'ନ୍ତି
କୋଳାଗ୍ରତେ ଅତନ୍ଦ୍ରିତ।
ଶ୍ରୀରଙ୍ଗ ଅଧର ହସ;
ଏ ରୂପ ଗାରିମା ଦରଶନ ଲଭେ
ହୃଦୟ ଭରା ସନ୍ତୋଷ ।।

ପାଦ ପଦୁଅଁକୁ ଘୋଡାଇ ରଖିବା
ରହସ୍ୟ ବୁଝିଛି ପ୍ରଭୋ
କାଳେ ନେତ୍ର ମୋର ପଡିଗଲେ ତହିଁ
ଲୀଳା ସରିଯିବ ସବୁ;
ମୋକ୍ଷ ମୋର ଲୋଡା ନାହିଁତ –

ISSN NO.
2582-208X

ପାର୍ଥିବ ମଣିଷ ହୋଇ ରହିଥିବି
ତୁମ୍ଭ ଗୀତ ଗାଇ ଗାଇ ତ ।।

ତୁମ୍ଭର ଯେତେକ ଭକ୍ତ ଜଗନ୍ନାଥ
ସର୍ବଦା ଦୁଃଖୀ ହୋଇବେ
ଏହି ନୀତି ଯଦି ସାର୍ଥକ ହୋଇବ
ମୋତେ ଯେ ଦୁଃଖୀ କରିବେ ।
ଦୀନବନ୍ଧୁ ନାମ ବୋଲାଇ
କଷ୍ଟ ନ ଫେଡିଲେ କି କହିବେ ଲୋକେ
ବିଚାର କର ଗୋସାଇଁ ।।

କେବେ ଶାନ୍ତ ସ୍ୱଭାବେ
ବିପଦ ଘୋର ଭାବେ
ମୁଢ଼ ଗୁଣରେ ଅବତରି --
ଦଶବିଧ ସ୍ୱରୂପ ଧୈର୍ଯ୍ୟ ଶୌର୍ଯ୍ୟ ଅମାପ
ରଚନା କୀର୍ତ୍ତି ଅସୁମାରୀ;
ହେ ଜଗନ୍ନାଥ --
ତୋ ନାମ ସୁଖ ଅପ୍ରମିତ --
ଗଡିଯାଉ ଜୀବନ ସଞ୍ଚି ତୋ ନାମ ଧନ
ସେ ନାମ ଗାଇ ଅବିରତ ।।

ଯାହା ମୁଁ ଜାଣିଛି ତୁମ୍ଭ ଇଚ୍ଛାରେ ହିଁ
ସଂସାର ଚହଲି ଥାଏ,
ଇଚ୍ଛାମୟ ବନ୍ଧୁ ମୋ ବନ୍ଧୁ ନ ହେଲେ
ମୋ ବନ୍ଧୁ ହୋଇବ କିଏ ?
ବଡ଼ଦାଣ୍ଡେ ଜଗନ୍ନାଥ --

ISSN NO.
2582-208X

ଦାସ ଆଜି ଯଦି ନାଶକୁ ଭଜିବ
ଲୋକହସା ହେବା ସତ ||
××××××××××
ତୁମେ ନ୍ୟାୟବନ୍ତ ଚଳନ୍ତି ଜଗତ
ଅତି ଇତି ଭବିଷ୍ୟତ
ନିତ୍ୟ ସକାଳର ଦରଶନ ଖଞ୍ଜି
ମର୍ଯ୍ୟାଦା ପଣେ ମହତ ।
ପୁରୁଷୋତ୍ତମ ଉତ୍କର୍ଷ ----
ଏହି ଅଳି ପ୍ରଭୁ ହରିନେଇ ହେଉ -
କର୍ତ୍ତବ୍ୟ ସୁଖ ସର୍ବସ୍ୱ ।

ହେଉ ଜୀବ ଧନ୍ୟ
ମାଧବ ସେବାରେ ପର ଉପକାରେ
ପ୍ରତି ମୁହୂର୍ତ୍ତର ଗୀତ ।
ତ୍ୟାଗ ପଥେ ପାଦ
ପରିହରି ଖେଦ ପ୍ରମାଦ, ବିଷାଦ
ସୁନିର୍ମଳ ସୁନିଶ୍ଚିତ ||
××××××××
ଅନୁପମ ଦାରୁ- ବ୍ରହ୍ମ ବିଗ୍ରହ ଯେ
ମଞ୍ଜୁଳ ଶୋଭା ଭଣ୍ଡାର ।
ଭାବ ବିନୋଦିଆ ବିଚିତ୍ର ପ୍ରକାଶେ
ସାକାରେ ହିଁ ସର୍ବାକାର ||

ISSN NO.
2582-208X

ଆହା କି ସୁନ୍ଦର ମୋ କଳା ଠାକୁର
ସୁମନୋହର ବେଶ
ହୃଦ କନ୍ଦରରେ। ଭାବ ବିନୋଦରେ
ସଚ୍ଚିଦାନନ୍ଦ ପ୍ରକାଶ ।।

ସୃଷ୍ଟି ସତ୍ତାରେ ପରଖୁଛି ଛବି
ଜାଗରିତ ଜଗବନ୍ଧୁ
କିଏ କେଉଁ ଭାବେ କରେ ଅନୁଭବ
ସୁଧାମୟ ପ୍ରତି ବିନ୍ଦୁ ।।
××××××
ବ୍ରହ୍ମା ବରୁଣେନ୍ଦ୍ର ସ୍ତବପାଠେ ରୁଦ୍ର
ବେଦୋପନିଷେଦ ଦିବ୍ୟ,
ନିରନ୍ତର ଧ୍ୟାନ ମନୋଯୋଗେ ମଗ୍ନ
ଅଭେଦ ରହସ୍ୟ ଭବ୍ୟ;
ଅନନ୍ତ ଅନ୍ତଃ ରଚନା --
ମୁଁ ଛାର ମଣିଷ କିପରି ବୁଝିବି
ବୁଦ୍ଧି ହୋଇଯାଏ ବଣା ।।****

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ
ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967/ Dpradhan@gmail.com

ISSN NO.
2582-208X

# ମା ଦଶଭୁଜା



ବାସନ୍ତୀ ଲତା ଜେନା

ଜୟ ମା ଦୁର୍ଗା ଦୁର୍ଗତି ନାଶିନୀ
ବରାଭୟ ସିଦ୍ଧି ଦାତ୍ରୀ
ଆଶ୍ୱିନ ମାସର ତୋହର ପରବ
ମନେ ଭରୁ ସୁଖ ଶାନ୍ତି ।୧।
ଜୟ ଦଶଭୁଜା ଶକ୍ତି ପ୍ରଦାୟିନୀ
ମାତା ଅଭୟ ଦାୟିନୀ
ଶଙ୍କଟ ହାରିଣୀ ଦୁର୍ଗତି ନାଶିନୀ
ଖଣ୍ଡା ଖର୍ପର ଧାରିଣୀ ।୨।
କୈଳାସରୁ ଯାଅ ପିତା ହିମାଳୟ
ଖୁସିର ପସରା ନେଇ
ତୁମ ଆଗମନେ ଧରଣୀ ବକ୍ଷରେ
ପୂଜା ମଣ୍ଡପ ସାଜଇ ।୩।
କାଶତଣ୍ଡୀ ଫୁଲ ନଦୀ କୂଳେ ହସେ
ମାଆଙ୍କ ସ୍ୱାଗତ ପାଇଁ
ଶରତ ଗାଉଛି ଗୁଣୁ ଗୁଣୁ ଗୀତ
ମଳୟ ଦେଉଛି କହି ।୪।

ଶରତ ଋତୁରେ ଆଶ୍ୱିନ ଶୁକ୍ଳରେ
ନବରାତ୍ର ପୂଜା ହୁଏ
ପୂଜା ମଣ୍ଡପଟି ଝଲସି ଉଠଇ
ଚଉଦିଗ ଶୋଭା ପାଏ ।୫।
ଆଲୋକ ମାଳରେ ତୋରଣ ସଜାନ୍ତି
ପୂଜା ପାଅ ମଣ୍ଡପରେ
ଶ୍ରଦ୍ଧାଳୁ ଭକତେ ସ୍ତୁତି ଗାନ କରେ
ଚଣ୍ଡୀ ପାଠ ନିରନ୍ତରେ ।୬।
ତ୍ରେତୟା ଯୁଗରେ ଶ୍ରୀରାମ ପୂଜିଲେ
ନୀଳ ପଦ୍ମ ତୋତେ ଦେଇ
ରାବଣ ନିଧନ ସୀତା ଉଦ୍ଧାରିବା
ସାହା ହୋଇଥିଲ ମାୟୀ ।୭।
ବ୍ରହ୍ମାଙ୍କ ବଳରେ ବଳିୟାନ ହୋଇ
ଉତ୍ପାତ ମହିଷା କଲେ
ତିନିପୁର ଯାକ ହା ହା କାର ମଚେ
ଦେବତା ବ୍ରହ୍ମା ପୁଛିଲେ ।୮।

ISSN NO.
2582-208X

ବ୍ରହ୍ମା ବିଷ୍ଣୁ ଶିବ ଅନ୍ୟ ଦେବ ମିଶି
ତେଜ ସମ୍ମିଳିତ କଲେ
କାତ୍ୟାୟନ ଋଷି ଆଶ୍ରମ କୁଣ୍ଡରୁ
ଦୁର୍ଗା ପ୍ରକଟ ହୋଇଲେ ।୯।
କ୍ରୋଧାଗ୍ନିରୁ ଜାତ ହେଲେ ଦୁର୍ଗା ମାତ
ଦେବ ଦେଲେ ଅସ୍ତ୍ରଶସ୍ତ୍ର
ବିନାଶ କରିଲ ଶୁମ୍ଭ ନିଶମ୍ଭଙ୍କୁ
ଏ କଥା ଅଟଇ ସତ୍ୟ ।୧୦।
ସିଂହାସନେ ବସି ମହିଷା ବଧିଲ
ସତ୍ୟ ଶାନ୍ତି ରକ୍ଷା ପାଇଁ
ଅନ୍ୟାୟ ଉପରେ ନ୍ୟାୟର ପ୍ରତିଷ୍ଠା
ହେଲା ମାତା ତୁମ ପାଇଁ ।୧୧।
ଦୁର୍ଗା ଉପାସନା ଯେଉଁ ବ୍ୟକ୍ତି କରେ
ପାଏ ଚଉବର୍ଗ ଫଳ
ଧର୍ମ ଅର୍ଥ କାମ ମୋକ୍ଷ ତାଙ୍କୁ ମିଳେ
କିର୍ତ୍ତି ରହେ ରସାତଳ ।୧୨।
ଶକ୍ତି ସ୍ୱରୂପିଣୀ ଶାନ୍ତି ପ୍ରଦାୟିନୀ
ଅଧିଷ୍ଠାତ୍ରୀ ତୁ ଭବାନୀ
ତୋହରି ଚରଣେ ଶରଣ ପଶୁଛୁ
ରକ୍ଷା କରିବୁ ଜନନୀ ।୧୩।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

ISSN NO.
2582-208X

# ତଥାପି ମୁଁ ହସୁଛି



ଡ. ଜ୍ଞାନେଶ୍ୱର ମିଶ୍ର

ତୁମ ଅଟ୍ଟାଳିକା, କୋଠାଘର
ପଲିଥିନ ଘେର୍ ମୋ କୁଡିଆକୁ ଦେଖି
ହସେ, ଥଟ୍ଟା କରେ ।
ସକାଳରୁ ସଂଜ ଯାଏ ମୁଁ ତୁମ ବୋଲହାକ କରେ
ମୋ ବିନା ତୁମେ ଚଳିବା କଷ୍ଟ କେତେ
ଭାବିଛ କି ଥରେ ।
ତୁମ ଫିଙ୍ଗା ଚିରା ଫଟା ଲୁଗାଜାମା
ପୋଷାକ ମୋହର
ତୁମ ବଳକା ଭାତ, ମାଂସ, ବିରିୟାନୀ
ତୁମ କୁକୁର ପେଟ ପୁରିଲା ପରେ
ହୁଏ ଆମର ଆହାର ।
ତୁମ ଚକ୍ ଚକ୍ ଘର, ଫିନ୍ ଫିନ୍ ପୋଷାକ
ମିଠା ସୁଆଦିଆ ଖାଦ୍ୟ ଦାମୀ ସାର୍ଟ ପ୍ୟାଣ୍ଟ
ଗାଡି ବାଡି ନାହିଁ ମୋ ପାଖରେ
ସବୁ ତୁମ ଫିଙ୍ଗାରେ ଚଳୁଛି ।
ତଥାପି ମୁଁ ହସୁଛି, କାହିଁକନା
ତୁମେ ଫିଙ୍ଗି ଦେଇଥିବା ମଣିଷପଣିଆକୁ
ମୁଁ ହୃଦୟରେ ଗଣ୍ଠିପକାଇ
ସାଇତି ରଖିଛି ॥

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୧୪ )

ପ୍ରାର୍ଥନା ବୋଲା ସରିଲା ।

ଗୋଟିଏ ବଳୁଆ ବଡ଼ ପିଲାକୁ ଆଗକୁ ଡାକିଲେ ପ୍ରଧାନ ଶିକ୍ଷକ । ଖୁବ୍ ହଟା କଟା ହେଇଥାଏ ପିଲାଟି । ଦଶମ କି ଏକାଦଶ ଶ୍ରେଣୀର ହେଇଥିବ କି କଣ । ଖୁବ୍ ଉର୍ଜାବାନ୍। ସୁସ୍ଥ ସବଳ ଶରୀର । ସୁନ୍ଦର ଚେହେରା । ସ୍କୁଲ୍ ପୋଷାକ ତା ଉପରେ ଭଲ ସାଜୁଥାଏ ।

ସେ ପିଲାଙ୍କୁ କସରତ କରେଇଲା । ଆଠ ଦଶ ରକମର ଗୋଡ଼, ହାତ, ଅଣ୍ଟା, ମୁଣ୍ଡ ହଲା କସରତ । ଶେଷକୁ କହିଲା, - କଦମ୍ ତାଲ୍ ଶୁରୁ କରୋ,

ଏକ୍ ଦୋ ଏକ୍ ............... ଏକ୍ ଦୋ ଏକ୍ ......

ଆମେ ଦୁଇଜଣ ତାଟକା ହେଇ ଦେଖୁଥିଲୁ । ଶହେ ଖଣ୍ଡେ ପିଲା ଏକା ସାଙ୍ଗରେ କସରତ କରୁଥିବାରୁ ଖୁବ୍ ସୁନ୍ଦର ଦେଖା ଯାଉଥାଏ ।

ସବୁ ସରିଲା ପରେ ଧାଡ଼ି ବାନ୍ଧି ପିଲାଏ ଯେ ଯାହା ଶ୍ରେଣୀ କକ୍ଷ ଅଭିମୁଖେ ଚାଲିଲେ ଧୀର ସ୍ଥିର ଭାବେ । ସବୁ ପିଲା ଯାଇ ସାରିଲା ପରେ ସବୁ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଗଲେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟ ଭିତରକୁ ।

ISSN NO.
2582-208X

ମୁଁ ନିଜର କିଛି ପାଠ ଦୋହରେଇବା ପାଇଁ ବ୍ୟାଗ ଭିତରୁ ବହି କାଢ଼ି ପୃଷ୍ଠା ଓଲଟାଉ ଥିବା ଦେଖି ବିବେକା ମାଷ୍ଟର ମନା କଲେ ।

– ପରୀକ୍ଷା ଠିକ୍ ପୂର୍ବରୁ କିଛି ପାଠ ଆଉ ଦେଖବୁ ନାଇଁ । କେବଳ ଆତ୍ମ କୈନ୍ଦ୍ରିକ ହେଇ ଭିତରର ଶକ୍ତିକୁ ସ୍ମରଣ କରବୁ । ଅନ୍ତର ରେ ଇଷ୍ଟ ସ୍ମରଣ କରିବୁ । ବାପା ମାଆଙ୍କୁ ମନରେ ପକେଇବୁ ।

ମୁଁ ବହି ରଖିଦେଇ ଶାନ୍ତ ହେଇ ବସିଲି ପାହାଚ ଉପରେ ଆଖି ବନ୍ଦ କରି । ଖୋଲା ଆଖିରେ ପୁଣିଥରେ ସେହି ସ୍ୱପ୍ନଟା ଦେଖିଲି । ମୋର କ୍ଷଣସ୍ଥାୟୀ ଆତ୍ମ ବିଶ୍ୱାସ ଦୁଇଗୁଣା ବଢ଼ି ଯାଉଥିଲା କିଛି ସମୟ ପାଇଁ । ତାପରେ କିନ୍ତୁ, ଯଥା ପୂର୍ବଂ ତଥା ପରଂ । କିଛି ସମୟ ପରେ ସ୍କୁଲିଆ ନୀଳ ରଙ୍ଗର କୁର୍ତ୍ତା ଓ ଧୋତି ପିନ୍ଧିଥିବା ଜଣେ ମଉସା ଆମକୁ ଡାକିଲେ । ସେ ଥିଲେ ଅନାଦି ମଉସା । ସ୍କୁଲର ସହାୟକ ।

ମୋର୍ ଛାତି ଧଡ଼ ଧଡ଼ ହେଉଥିଲା । ଦେହରୁ ଥଣ୍ଡା ଝାଳ ବାହାରି ଯାଉଥିଲା । ପରୀକ୍ଷା ଭୟ ମୋତେ ଅଧିର କରୁଥିଲା ।

ମୋଟା ପରଦା ଆଡ଼େଇ ଆମେ ଭିତରକୁ ଗଲୁ । ମୁଁ ଉପରକୁ ଅନେଇ ପାରୁ ନଥାଏ । ଛୋଟିଆ ମଫସଲିଆ ଗାଁରେ ରହୁଥିବା, ଏକଦମ୍ ଛୋଟ ସ୍କୁଲରେ ପଢୁଥିବା ଗରିବ ଛାତ୍ରଟିର ଗାଉଁଲୀ ମୁଣ୍ଡଟା କେମିତି ବା ଉଠିବାକୁ ସାହସ କରି ଥାନ୍ତା ଏମିତି ଗାରିମାମୟ ସ୍ଥାନରେ ? ମୁଁ ହାତ ଯୋଡ଼ି ପ୍ରଣାମ କଲି ସେଇମିତି ମୋର ନିଜ ପାଦ ଆଡ଼କୁ ଚାହିଁ ରହି ।

– ତୁମେ ତା ହେଲେ ଅଭିମନ୍ୟୁ ପରିଛା ?

– ଆଜ୍ଞା ସାର୍ ।

ପ୍ରଶ୍ନଟି ପଚାରି ସାରି ମୋତେ ଆଚମ୍ବିତ କରିଦେଇ ସେ ଉଠି ଆସିଲେ ତାଙ୍କର ଚଉକିରୁ । ପାଦ ଛୁଇଁ ପ୍ରଣାମ କଲେ ବିବେକା ମାଷ୍ଟରଙ୍କୁ ।

ISSN NO.
2582-208X


ବିବେକା ସାର୍ ଗଦ ଗଦ ହେଇ ଯାଉଥିଲେ । ପ୍ରଧାନ ଶିକ୍ଷକଙ୍କ ମୁଣ୍ଡରେ ହାତ ରଖିଲେ । ଟିକେ ଅସମଞ୍ଜସ ପରିସ୍ଥିତିରେ ପଡ଼ିଲା ପରି ମୋତେ ମନେ ହେଲା । ସେ ହାତ ଯୋଡ଼ିଲେ ପ୍ରଧାନ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ।

– ଆପଣ ସାର୍ ଋଷି ପ୍ରତିମ । ଆପଣକାର୍ ରକମ୍ ଅଧ୍ୟୟନଶୀଳ ମହାପୁରୁଷଙ୍କ ଦର୍ଶନ୍ ଭାଗ୍ୟରେ ଥିଲେ ମିଳେଇ । ଆପଣକାର୍ ସମ୍ବନ୍ଧ୍ ରେ ଗଣନାଥ ଠୁ ବହୁତ୍ ଶୁଣିଛେଇଁ । ଆପଣକାର୍ ଚରଣ୍ ଧୂଳି ଆମ ବିଦ୍ୟାଳୟରେ ପଡ଼ଲା, ଅହୋଭାଗ୍ୟ ।

– ନାଇଁ ବାବୁ, ବଡ୍ ସାନ୍ କିଛି ନାଇଁ । ମୋର ଗାଁ ପାଇଁ ତ କିଛି ଭି କରି ନାଇଁ ପାରଲି ବାପା । ଆପଣାର ଭିତରେ ଯେତେ ଜ୍ଞାନ ଥିଲେ କି ଟା ହେବ । ଗୁଟେଇ ଢଙ୍ଗର୍ ସ୍କୁଲ୍ ଭି ନାଇଁ ଖୁଲି ପାରଲି । ଏଇ ସ୍କୁଲରେ ଝିଅଛୁଆ ମାନକୁ ଦେଖିକରି କେତେ ନାଇଁ କେତେ ଉଷତ୍ ନାଗୁଛି । ହେଲେ ଆମର୍ ଜାଗାର୍ ଝିଛୁଆ ସବୁ ଚୁହ୍ଲି ମୁଁଢ଼ରେ ସିଜୁଛନ୍ । ପାଠ୍ ଶାଠ୍ କିଛି ନାଇଁ ।

ରାଜନୀତି କରୁଛନ୍ ନୋକ ପାଠ୍ ପଢ଼ା କୁ ନେଇକରି । ଯୋର୍ ଯାର୍ ମୁଲୁକ ତାର୍ । ଆମର୍ ପାଖରେ ମନ୍ ଥିଲେ କି ହେବ ? ଧନ୍ ତ ନାଇଁ ନି ରାଜନୀତିକୁ ପୁଷତେ । ବଡ଼ବଡ଼ିଆ ମାନେ ନିଜର୍ ଛୁଆ ମାନକୁ ବିଦେଶ୍ ପଠେଇ ଦେଉଛନ୍ । କିନ୍ତୁ .....

ଗୋଟିଏ ନିଶ୍ୱାସରେ ଭିତରେ ଥିବା ଆକ୍ରୋଶ ସବୁକୁ ଉତ୍ତେଜିତ ହେଇ କହି ଯାଉଥିଲେ ବିବେକା ମାଷ୍ଟର । ମୁଁ ଓ ଗଣିଆ ଭାଇ ଉଭୟ ସ୍ଥାଣୁ ହେଇ ଯାଇଥିଲୁ । ଏତେ ଉତ୍ତେଜିତ ହୋଇ ଏମିତି ପ୍ରଗଲ୍ଭତା ତାଙ୍କ ଠାରେ ଆମେ କେବେ ଦେଖି ନଥିଲୁ । ବରଫ ହେଇ ଜମା ହେଇଥିବା ଭାବନା ସବୁ ପାଣି ହୋଇ ବୋହି ଯାଉଥିଲା ପ୍ରଧାନ ଶିକ୍ଷକଙ୍କ ସାମାନ୍ୟ ଉଷୁମ ସ୍ପର୍ଶରେ ।

ପ୍ରଧାନ ଶିକ୍ଷକ ବୁଝି ପାରୁଥିଲେ ସାରଙ୍କର ମନଃସ୍ଥିତି । ସେ ତାଙ୍କର ହାତ ଧରି ନିଜର ଚଉକି ଉପରେ ନେଇ ବସାଇଦେଲେ ।

– ଆପଣକାର୍ ମତାମତ୍ ଯଥାର୍ଥ ସାର୍ । ଆପଣକାର୍ ତତ୍ତ୍ୱାବଧାନ୍ ରେ ଯଦି ମୋର୍ ସ୍କୁଲ୍ ଚଲେଇ ପାରତି ତ ମୋର୍ ଠୁ ଭାଗ୍ୟବାନ୍ ଆଉ କେହି ନାଇଁ । ତେବେ ଆପଣ୍ ଏଇ ଯାଁ

ISSN NO.
2582-208X

ହୀରାଟାକୁ ତରାଶିଛନ୍ ତାର୍ ଦ୍ୱାରା ଆପଣକାର୍ ଇଚ୍ଛା ନିଶ୍ଚୟ ପୂରଣ୍ ହେବ । ମୋତେ ଏଇ ଅଭିମନ୍ୟୁ ବିଷୟରେ ସବୁ ଜଣା ଅଛି । ତେବେ ଖାଲି ଗୁଟେଇ ଔପଚାରିକତା ଏଇ ପରୀକ୍ଷାଟା । ଦେଉ ସିଏ ପରୀକ୍ଷା । ପଛର୍ କଥା ଆମେ ବୁଝି ଦେବା ନାଇଁ ?

- ହଁ ବାବୁ, ଏଇ ଛୁଆଟା ଉପରେ ମୋର୍ ବହୁତ ଆଶା । ତାର୍ ଉଜ୍ୱଳ୍ ଭବିଷ୍ୟତ୍ ମୁଇଁ ବହୁତ୍ ଆଖରୁ ଦେଖି ଦେଇଛେଇଁ । କିନ୍ତୁ ଲତା ଗୁଟେଇ ମାଡ଼ବାର୍ ନାଗି ବଡ଼୍ ଗଛ ନେହିଲେ ରଞ୍ଜା ଗୁଟେଇ ଦରକାର୍ ଅବଲମ୍ବନ୍ ପାଇଁ । ନେହିଲେ ଏମତି କେତେ ବଣର୍ ଫୁଲ ବଣରେ ଝଡ଼ି ଯାଉଛନ୍ । ଏଇ ଛୁଆଟା ଆପଣକୁ ନାଗଲା । ତାକୁ ବଢେଇ କୁଢେଇ କରି ଦୁନିଆର୍ ବୁକୁରେ ଠିଆ କରବାର୍ ଦାୟିତ୍ୱ ଆପଣକାର୍ । ଆମେ ତ ତଳ ବରଡା, କେତେବେଳେ ଖସି ପଡ଼ମୁ ।

ମୋର ଇଆଡେ ବାରଣ୍ଡା ଦିକଡ଼। ଅବସ୍ଥା, ମୁଁ ପହଞ୍ଚିବା ଆଖରୁ ମୋର ଖ୍ୟାତି ପହଞ୍ଚି ଯାଇଛି । ଏତେ ଅପେକ୍ଷା, ଏତେ ପ୍ରତ୍ୟାଶା, ଏତେ ଭରସା ? ମୁଁ ସେଥିରେ ଉତ୍ତିର୍ଣ୍ଣ ହେଇ ପାରିବି ତ ? ମୋତେ ହୀରା ବୋଲି କହୁଥିବା ଲୋକ ମାନଙ୍କ ସମ୍ମୁଖରେ ନିଜର ଔଜଲ୍ୟ ପ୍ରଦର୍ଶିତ କରି ପାରିବି ତ ?

ମୋ ମନ ଭିତରେ ପହଁରି ଯାଏ ମୋର ସରସ୍ୱତୀ ସାଧନାର ଦୃଶ୍ୟ । ସାରଙ୍କର କଥା କେଇ ପଦ । "ଏମିତି ସାଧନା ବଳରେ ତୁ କିଛି ବି କରି ପାରିବୁ ।"

ମୁଁ ପରୀକ୍ଷା ଦେବାକୁ ଯିବା ପୂର୍ବରୁ ପ୍ରଥମେ ବିବେକା ସାରଙ୍କ ପାଦ ଛୁଇଁଲି ତାପରେ ପ୍ରଧାନ ଶିକ୍ଷକଙ୍କ ଓ ସବା ଶେଷରେ ଗଣିଆ ଭାଇଙ୍କର । ସେ ଅଧାରୁ ମୋତେ ଉଠେଇ ନେଲେ ।

- ବାପା ଅଭିମନ୍ୟୁ, ଚଲ୍ ଆଜି ଦେଖେଇ ଦେ ତୋର ପରାକ୍ରମ । ତୋର ଜ୍ଞାନ । ଯା ବାପା, କୃତକାର୍ଯ୍ୟ ହେ । ସଫଳ ହେ ।

ଗଣନାଥ ଭାଇଙ୍କ ସହିତ ମୁଁ ଯାଉଥିଲି ପରୀକ୍ଷାଗାରକୁ । ପଛକୁ ଅନେଇ ଦେଖୁଥିଲି ମୋର ଇଷ୍ଟଦେବ ବିବେକା ମାଷ୍ଟର୍ ଙ୍କୁ । ମୋର ହୃଦୟ ଧକ୍ ଧକ୍ କରୁଥିଲା ଓ ଆଖିରୁ ପାଣି

ISSN NO.
2582-208X

ବୋହି ଯାଉଥିଲା । ସେହି ଲୁଣିଆ ପାଣି, ଆନନ୍ଦର ଥିଲା, ନା ଭୟର ଥିଲା ନା ସମ୍ମାନର ଥିଲା ମୁଁ ଜାଣି ପାରୁ ନଥିଲି ।

ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠରୁ ବାହାରିଲା ପରେ ବିରାଟ ଏକ ଅଳିନ୍ଦ । କାରୁକାର୍ଯ୍ୟ ବିମଣ୍ଡିତ, ବିଭିନ୍ନ ରଙ୍ଗୀନ ପ୍ରସ୍ତର ଖଚିତ ଅସଂଖ୍ୟ ସ୍ତମ୍ଭକୁ ଆଶ୍ରା କରି ଠିଆ ହେଇଛି ଅଳିନ୍ଦର ଛାତ । ବହୁତ ଉଚ୍ଚା ଛାତ । କାନ୍ଥ, ବାଡ଼, ଛାତ ସବୁଠି ସୁନ୍ଦର ସୁନ୍ଦର ଚିତ୍ରକଳା। ଅଳିନ୍ଦ ପରେ ଗୋଟାଏ ବଡ଼ ମନ୍ଦିର ମୁଖଶାଳା ପରି ଖୋଲାମେଲା ପ୍ରକୋଷ୍ଠ । ସେଇଠାରୁ ଉଆସର ଚଉଡ଼ା ଚଉଡ଼ା ସିଢ଼ି ଉପର ମହଲାକୁ ଯିବାପାଇଁ । ଉପରକୁ ଗଲା ପରେ ବାମ ଆଡ଼କୁ ଅନେକ ଶ୍ରେଣୀ କକ୍ଷ ଓ ଡାହାଣ ହାତି ଗୋଟାଏ ଗୋଲେଇ ହେଇଥିବା ଖୁବ୍ ବେଶି ଦୈର୍ଘ୍ୟ ପ୍ରସ୍ତ ଥିବା ପ୍ରକୋଷ୍ଠ ଟିଏ । ସେଇଟା ହିଁ ଥିଲା ମୋର ପରୀକ୍ଷାଗାର ।

ବଡ଼ ବଡ଼ ଗବାକ୍ଷ ପୁରା ପ୍ରକୋଷ୍ଠରେ । ଦୋଳାୟମାନ ଦେବଦାରୁ, ଗୁଆ ଓ ନଡ଼ିଆ ଗଛ ଦେଖା ଯାଉଥାନ୍ତି । ପ୍ରକୋଷ୍ଠ ଭିତରେ ପବନର ଅବାଧ ଚଳାଚଳ ।

ଅନେକ ଗୁଡ଼ିଏ ଡେସ୍କ ଓ ବେଞ୍ଚ ପଡ଼ିଥାଏ । ମୁଁ ପ୍ରଥମକରି ଏସବୁର ସମ୍ମୁଖୀନ ହେଉଥାଏ। ଡେସ୍କ ତ ଦେଖିଥିଲି, କିନ୍ତୁ ପିଢ଼ା। ଉପରେ ବସି ଲେଖିବା ପାଇ ତଳୁଆ ଡେସ୍କ। ଟେବୁଲ୍ ଉଚ୍ଚର ଡେସ୍କରେ ବସିବା ଏଇ ପ୍ରଥମ ।

ଏତେବଡ଼ ଶ୍ରେଣୀଗୃହ । ଆଉ ପରୀକ୍ଷାର୍ଥୀ ଏକୁଟିଆ ମୁଁ । ପରୀକ୍ଷା ପ୍ରଶ୍ନ ପତ୍ର ଓ ଉତ୍ତର କାଗଜ ନେଇ ଆସିଲେ ସ୍କୁଲର ସେହି ଏକମାତ୍ର ଶିକ୍ଷୟିତ୍ରୀ ଜଣକ । ନୀଳ ଧଡ଼ିଆ ଧଳା ଲୁଗା ପିନ୍ଧିଥାନ୍ତି ସିଏ ଖୁବ୍ ଯତ୍ନରେ । କୃଷ୍ଣ ବର୍ଣ୍ଣ ହେଲେ ମଧ୍ୟ ମୁଖମଣ୍ଡଳ କମନୀୟ । ସିଏ ସମସ୍ତ ଛାତ୍ରଛାତ୍ରୀଙ୍କର ଅତି ପ୍ରିୟ ଉଷା ଦିଦି । ବୟସ ତେଇସ୍ ଚବିଶ୍ ରୁ ବେଶି ହେବ ନାହିଁ । ପ୍ରଥମେ ନିଜର ପରିଚୟ ଦେଲେ ସେ ।

– ମୁଇଁ ତୁମର୍ ଉଷା ଦିଦି । ତୁମର୍ ମାନଙ୍କୁ ବିଜ୍ଞାନ୍ ପଢେଇବି ।

ISSN NO.
2582-208X


ଓଃ ! ଏତେ କୋମଳ ସ୍ୱର ! ଏତେ ମିଠା ! ବିଜ୍ଞାନ ପରି ନିରସା ବିଷୟ ନିଶ୍ଚିତ ସରସ କରି ତୋଳୁଥିବେ ସେ ।

ବାଃ, ଝିଅପିଲା, ଶିକ୍ଷୟିତ୍ରୀ ପୁଣି ବିଜ୍ଞାନ ଶିକ୍ଷୟିତ୍ରୀ । ଗୋଟିଏ ପରେ ଗୋଟିଏ ଆଶ୍ଚର୍ଯ୍ୟ ଜନକ କଥାର ସମ୍ମୁଖୀନ ହେଉଥାଏ ମୁଁ, ଏହି ବିଦ୍ୟାଳୟ ଫାଟକରେ ପହଞ୍ଚିବା ପରଠାରୁ। ମୁଁ ଉଠି ତାଙ୍କର ଚରଣ ସ୍ପର୍ଶ କଲି । ସେ ଅପ୍ରସ୍ତୁତ ହେଇ ପଛକୁ ଘୁଞ୍ଚିଗଲେ ଟିକେ ।

ଗଣିଆ ଭାଇ ମୋର ପିଠି ଆଉଁସି ଦେଇ ମୋତେ ସାହସ ଦେଇ ଚାଲିଗଲେ । - ଭୟ କରବାର କିଛି ନାହିଁ । ତୋତେ ସବୁ ଆସବ । ବୁଝିଲୁ ନା ?

ମୁଁ କିନ୍ତୁ ଉଷା ଦିଦିଙ୍କ ହାତରୁ କାଗଜ ନେଲାବେଳେ ମୋର ହାତ ଅସମ୍ଭବ ଭାବରେ ଥରୁଥାଏ ।

ଖାତାରେ ମୋର ନାମଟା ବଙ୍କାଟେଢ଼ା ହେଇଯାଏ । ନାମ, ଶ୍ରେଣୀ ଇତ୍ୟାଦି ପୂରଣ କଲା ପରେ କିଛି ସମୟର ବ୍ୟବଧାନ ରୁହେ । ମୁଁ ମନେ ମନେ ମୋ ମାଆକୁ ଧ୍ୟାନ କରି ନିଜକୁ ପ୍ରକୃତିସ୍ଥ କରେ । ତାପରେ ଉଷା ଦିଦି ଦିଅନ୍ତି ପ୍ରଶ୍ନପତ୍ର ।

ଏକ ଐତିହାସିକ ମୁହୂର୍ତ୍ତ !!!! ସେଇଟା ଜାଣି ମୋ ଆଗାମୀ ଜୀବନ ଯାତ୍ରା ନିମନ୍ତେ ଭିସା, ପାସପୋର୍ଟ ।
ପ୍ରଶ୍ନପତ୍ରକୁ ମୁଁ ମୁଣ୍ଡରେ ଛୁଆଁଇ ସାରି ପଢ଼ିବାକୁ ଆରମ୍ଭ କଲି । ପ୍ରଥମେ ଗଣିତର ପାଞ୍ଚଟି ପ୍ରଶ୍ନ ଥିଲା । ତାପରେ କ୍ରମଶଃ ସାହିତ୍ୟ, ଇଂରାଜୀ, ବିଜ୍ଞାନ । ଶେଷରେ ସାମାଜିକ ଓ ଇତିହାସ । ଗଣିତ ପ୍ରଶ୍ନ ମୋ ହିସାବରେ ଏତେ ସହଜ ଥିଲା ଯେ ମୁଁ ଅଧିକ ରୁ ଅଧିକ ଦଶ ମିନିଟରେ କରିଦେଲି ।

ସାହିତ୍ୟରେ ସାରଙ୍କ କହିବା ଅନୁଯାୟୀ ସମାସରୁ ପ୍ରଶ୍ନ ଆସିଥିଲା । ଓଡ଼ିଆ ସାହିତ୍ୟ ଓ ଇଂରାଜୀରେ ଗୋଟିଏ ଗୋଟିଏ ନିବନ୍ଧ ଲେଖିବା ପାଇଁ ଆସିଥିଲା । ମୋର ମନେ ଅଛି

ISSN NO.
2582-208X

ଓଡ଼ିଆରେ ନିବନ୍ଧ ଶୀର୍ଷକ "ଆଦର୍ଶ ଶିକ୍ଷକ" ଥିବା ବେଳେ ଇଂରାଜୀରେ ଥିଲା "my favourite personality".

ଅଟପଟିଆ ଲାଗୁଥିଲେ ବି ମୁଁ ଦୁଇଟା ଯାକ ନିବନ୍ଧ ବିବେକା ମାଷ୍ଟର ବିଷୟରେ ଲେଖି ଦେଇଥିଲି । ମୋ ହୃଦୟରେ ସେ ଏମିତି ସାମ୍ରାଜ୍ୟ ବିସ୍ତାର କରିଥିଲେ ଯେ ମୁଁ ଭାବି ପାରିଲି ନାହିଁ ଅନ୍ୟ କିଛି ।

ମୋତେ ସମୟ ପ୍ରଚୁର ମିଳିଥିଲା । ପୁରା ଚାରିଘଣ୍ଟା । କିନ୍ତୁ ସାଢ଼େ ତିନିଘଣ୍ଟାରେ ମୋର ଲେଖା ସରିଲା । ଉଷା ଦିଦି ଆଉଟିକେ ନଜର ପକେଇବାକୁ କହିଲେ । ଅଗତ୍ୟା ପାଞ୍ଚ ମିନିଟ୍ ପରେ ମୁଁ ଖାତା ତାଙ୍କ ଜିମା କରିଦେଲି ।

ଗୋଟାଏ ବଡ଼ ଘାଟି ମୁଁ ପାରି ହେଇ ଯାଇଥିଲି । ବହୁତ ଖୁସି ଥିଲି । ଜିଲ୍ଲା ସ୍କୁଲରେ ମୁଁ ପଢ଼ିବି । ବଡ଼ ଗାଁ ଓ ଗୋଟିଏ ସହର ମଝିରେ ଏହି ଜିଲ୍ଲା ସ୍କୁଲର ଅବସ୍ଥିତି । ତେଣୁ ଅଧିକାଂଶ ପିଲା ସହର ବାସିନ୍ଦା । ସେମାନଙ୍କ ଚଳଣି ଓ ଆମର ମଫସଲିଆ ଚଳଣି ଭିତରେ ଆକାଶ ପାତାଳ ତଫାତ । ଜଣା ନାହିଁ ମୁଁ ସେମାନଙ୍କ ପାସଙ୍ଗରେ ପଡ଼ିବି ନା ନାହିଁ? ଏମିତି ଅନେକ ଛାତିଥରା ଆଶଙ୍କା ନେଇ ମୁଁ ବାହାରିଲି ପରୀକ୍ଷା ହଲରୁ । କିନ୍ତୁ ଏହି ପରୀକ୍ଷା ଉପରେ ମୋର ବହୁତ ଭରସା ଥାଏ ।

ପାହାଚ ଓହ୍ଲେଇ ଆସିଲି ଅଫିସ ପାଖକୁ । ଭିତରେ ପ୍ରଧାନ ଶିକ୍ଷକ ଓ ବିବେକା ସାର୍ ଖୁବ୍ ଅମାୟିକ ଭାବେ ବାର୍ତ୍ତାଳାପ କରୁଥିଲେ । ମୁଁ ପରଦା ଆଢୁଆଳରୁ ଆତ୍ମବିଶ୍ୱାସର ସହିତ ପଚାରିଲି, – ସାର୍ , ମୁଁ ଭିତରକୁ ଆସି ପାରେ କି ?

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ବାରିଦ ବରନ



ଡ. ଅର୍ଜୁନ ଚରଣ ବାରିକ୍

ବାରିଦ ବରନ କୃଷ୍ଣ ଶ୍ୟାମଘନ ଶ୍ରୀଧର ନନ୍ଦକୁମର ।
ବାଳ ମୁକୁନ୍ଦ କେଶବ କଳାଚାନ୍ଦ ମୋହନ ମୂରଲୀ ଧର ।୧।
ବାରଣ ତାରଣ ଦେବ ନାରାୟଣ ଶୟନ କ୍ଷୀର ସାଗର ।
ବାଟକୁ ଶଙ୍ଖାଳୀ ଦେବ ବନମାଳୀ ନାମକୁ ସାଇତ ନର ।୨।
ବାପ ସେ କୋଟି ବ୍ରହ୍ମାଣ୍ଡର ଶ୍ରୀଧର କୃଷ୍ଣ ନବନୀତ ଚୋର ।
ବାଣୀ ରମା ସ୍ୱାମୀ ପ୍ରଭୁ ଅନ୍ତର୍ଯ୍ୟାମୀ ବିଜୟ ନୀଳକନ୍ଦର ।୩।
ବାଳଗୋପାଳ ମୂରତି ନନ୍ଦବାଳ ଶିଖି ପୁଚ୍ଛ ଶୋହେ ଶିର ।
ବାରତା ଜାଣଇ କୋଟି ବ୍ରହ୍ମାଣ୍ଡର ନନ୍ଦସୁତ ଦାମୋଦର ।୪।
ବାରିଜ ନୟନ ମଦନ ମୋହନ ନରହରି ଶ୍ରୀୟାବର ।
ବାମନ ବାମନ ସେ କଳା ବାମନ କଳି କଳମଶ ହର ।୫।
ବାସୁଦେବ ବଳରାମ ର ଅନୁଜ ଶଙ୍ଖ ଚକ୍ର ଗଦାଧର ।
ବାସ ଚନ୍ଦନରେ ବେଶ ହୁଏ ନିତି ନୀଳମଣୀ ଶ୍ରୀୟାବର ।୬।
ବାମନ ବାମନ ସେ ଦଧିବାମନ ମନ ମୋହନ ଶ୍ରୀଧର ।
ବାକି ଜୀବନ କଟିଯିବ ଆନନ୍ଦେ ଚିନ୍ତିଲେ ଶ୍ୟାମସୁନ୍ଦର ।୭।
ବାରବାର ଭଜ ଶ୍ରୀମଧୁସୂଦନ ଭବ ତାପ ହେବ ଦୂର ।
ବାରବେନି ପୁର ଅଧିପତି ହରି ହରେ ବୋଝ ଭକତର ।୮।

ISSN NO.
2582-208X

ବାହନ ଯାହାର ଗରୁତ୍ମାନ ବୀର ବହିନିଏ ପକ୍ଷ ପର ।
ବାଧିର୍ଯ୍ୟ ସେ କଳା କାଇଞ୍ଚ ମାଇଆ ନାସ୍ତି କର୍ଣ୍ଣ ପଦକର ।୯।
ବାଳି ବିନାଶନ କୋଦଣ୍ଡ ଧାରଣ ଦାଶରଥି ସୀତାବର ।
ବାଘ ସୁତ ସୁମରିଣ ନାମ ଯାର ଭବେ ହୋଇଲା ଅମର ।୧୧।
ବାଗୀଶ ଗଣେଷ ଯାର ଲୀଳାମାନ ବର୍ଣ୍ଣନେ ସଦା ତତ୍ପର ।
ବାଲମିକ ହେଲେ ଦସ୍ୟୁ ରତ୍ନାକରୁ ନାମ ପ୍ରସାଦେ ଯାହାର ।୧୨।
ବାଗଣୀଳ ବନ୍ଦରର ରମାବର ବିମଳାଧବ ଆବର ।
ବାରିଧି ଜାମାତା ବିଷ୍ଣୁ ବିଶ୍ୱପିତା ସ୍ମରେ ଅର୍ଜୁନ ପାମର ।୧୩।

ବିଭାଗୀୟ ମୁଖ୍ୟ, ଇଂରାଜୀ ଭାଷା ସାହିତ୍ୟ,
ସାଃପୋ–ମହୁ, ଜି–କେନ୍ଦ୍ରାପଡା

ISSN NO.
2582-208X

# ଦେଖିଛ କୀ ?

ତରୁଣ କୁମାର ଦାସ

ଦେଖିଛ କୀ କେବେ ଦେଖିଛକି
ଅଭାବଦାସକୁ!
ଅଭାବର ଚିତ୍ର ଆଙ୍କୁ ଆଙ୍କୁ
କେତେବେଳେ ଯେ
ଚିତ୍ରକର ପାଲଟିଛି ଜାଣେନା
ବାଦାମୀ ବୟସର ଅଂଗିନାରେ ସୂର୍ଯ୍ୟର ବୁଡ଼ନ୍ତ ବେଳ
ଦର ଆଉଜା ଡୋର ଆ ଡେ
ଚାହିଁଲେ ମୁହଁ ଉପରେ
ସବାର ହୁଏ ଦୁଃଖର ପୁଙ୍ଗୁଳା ବେଶ
ନାହିଁ ନାହିଁ ର ରଡି ହାଣ୍ଡିଶାଳରୁ ଅଗଣା ଘରଠୁ ଦାଣ୍ଡ ଦୁଆର
ସାଙ୍ଗ ସାଥି ସବୁ ମିଛ
ମିଛ ଦୁନିଆ, ମିଛ ସମ୍ପର୍କ
ଏଠି ମୁଁ ବି ମୁଁ ହେଇ ନାହିଁ
ସମୟର ଚକ ତଳେ ଇମିତି
ପେଷି ଯାଇଛି ଯେ ମୁଁ କେବେ ଯେ
ତରୁଣ ରୁ ଅଭାବ ଦାସ ହୋଇଯାଇଛି
ତାରିଖ ଟା ଠିକ ମନେ ପଡୁନି!

ମୁକ୍ତା ନିଳୟ,
ପାଲୁସିଆ, ବାଲେଶ୍ୱର 36

ISSN NO.
2582-208X

# ଶୁଭ ଚନ୍ତନ



ଡଃ ଅଭିମନ୍ୟୁ କାନୁନଗୋ

ସମୟ ସୁଯୋଗ ଆବର ଅତୀତ କେବେ ଫେରିପାରେ ନାହିଁ ।
ଅହଙ୍କାର, ମିଥ୍ୟା, ହିଂସାର ପତନ ଅବଶ୍ୟ ହୋଇଣ ଥାଇ ।୧।
ଭଲ ପାଇବା, ଆତ୍ମବିଶ୍ୱାସ ଆଉ ବନ୍ଧୁତା ତିନି ଏ ମାନ ।
ଭାରି ଦାମୀ ହୋଇଥାଆନ୍ତି ଏମାନେ ମନେରଖ ହେ ସୁଜନ ।୨।
ଆବଶ୍ୟକତା ପୂରଣ ହୋଇଗଲେ ସଭିଏଁ ଯାଆନ୍ତି ଭୁଲି ।
ଭଗବାନଙ୍କୁ ଭକ୍ତ ବି ଭୂଲିଯାଏ ଆନ ତ ଅତି ମାମୂଲି ।୩।
ହସ ସକଳ ପରିସ୍ଥିତିକୁ ସାମନା କରିପାରେ ବୋଲି ଜାଣ ।
ନିରବତା ଦ୍ୱାରା ସକଳ ଆପଦ ତାରି ପାରଇ ବହନ ।୪।
ଜୀବନର ଲକ୍ଷ୍ୟ ମନ୍ଦ କାର୍ଯ୍ୟ ନୁହେଁ ଭଲ କାମଟି ଅଟଇ ।
ପର ଉପକାର କରିଲେ ମାନବ ଜୀବନ ସାର୍ଥକ ହୋଇ ।୫।
ମରଣ ଚିର ଜାଗ୍ରତ ବୋଲି ଜାଣି ସର୍ବେ ହୁଅ ସଚେତନ ।
ମରଣ ଠୁଁ ତ୍ରାହୀ ନାହିଁ ଟି କାହାରି ଏକଥା ଗୋଟି ପ୍ରମାଣ ।୬।
କର୍ମ ଅନୁସାରେ ପ୍ରାଣୀ ଫଳପାଏ ଏହା ଅଟେ ଚିର ସତ୍ୟ ।
ସତକର୍ମ ଶ୍ରେଷ୍ଠ କରମ ଜାଣିଣ ସତକର୍ମେ ହୁଅ ରତ ।୭।
ସଂସାରର ମାୟା ଜାଲରେ ମଣିଷ ହୋଇଣ ଥାଇ ବନ୍ଧନ ।
ସ୍ୱାର୍ଥ ଲୋଭ ମୋହର ଅନ୍ଧପୁଟୁଳି ଘାରି ଥାଇ ତା ନୟନ ।୮।

ISSN NO.
2582-208X

ଏ ସବୁର ଊର୍ଦ୍ଧ୍ୱରେ ରହି ପାରିଲେ କାଳବିଜୟୀ ହୋଇବ ।
ସର୍ବ ଅନ୍ତର୍ଯ୍ୟାମୀ ପୁରୁଷୋତ୍ତମଙ୍କୁ ଚିନ୍ତନ କର ମାନବ ।୯।
ସମୟ ଅଟେ ପରିବର୍ତ୍ତନଶୀଳ ମନେରଖ ସୁଧି ନର ।
ସମୟବଳରେ ବଳୀୟାନ ନର ବଳ ସମୟ ଚକ୍ରର ।୧୦।
ଜୀବନ ଅଳୀକ ସବୁ କ୍ଷଣସ୍ଥାୟୀ ଆଜି ଅଛି କାଲି ନାହିଁ ।
ବିଶ୍ୱପ୍ରାଣ ହରି ସାର ଏକା ଭବେ ସେହି ସେ ନନ୍ଦତନୟୀ ।୧୧।
ଗୋବିନ୍ଦର ପଦ ଅକ୍ଷୟ ସମ୍ପଦ ଆନତ ସବୁ ଅଳୀକ ।
ଗୋପାଳ ଗୋପୀ ବଲ୍ଲଭ ବାସୁଦେବ ନାମେ ମନ ହୁଅ ରଙ୍କ ।୧୨।

ପ୍ରସାର ଭାରତୀ (ଆକାଶବାଣୀ)

ISSN NO.
2582-208X

# ବେଦନା ସିକ୍ତ ହୃଦୟ



ଭାସ୍କର ଚନ୍ଦ୍ର ଖଣ୍ଡା

ପାରିଲନି ବୁଝି ତମେ ମୋତେ
କେମିତି ଏକ ଅଜଣା ବୁଢ଼ିଆଣୀ ଜାଲ ଭିତରେ
ଛନ୍ଦି ହୋଇ ଗଲି
ଛନ୍ଦି ହୋଇ ପଡିଲି କେତେବେଳେ
ପାରିଲିନି ବୁଝି ନିଜେ ବି କିଛି
ଆଉ ତମେ ବା କେମିତି ବୁଝି ଥାଆନ୍ତ ? ।୧।

ଏମିତି ଅନେକ କିଛି
ଘଟିଥାଏ ଊଣା ଅଧିକେ
ପ୍ରାୟତଃ ସଭିଙ୍କ ଜୀବନରେ
ବସି ସମୁଦ୍ର କୂଳରେ
ଆର ପାରିକୁ ଦେଖିବାର ପ୍ରୟାସ
କେତେବେଳେ କଣ ସଫଳ ହୁଏ ? ।୨।

ହୋଇ ନତମସ୍ତକ
ମାନି ନେବାକୁ ପଡିଥାଏ
ବିଧିର ବିଧାନ
ସେତେବେଳେ ମନେ ହୁଏ
ଦଇବ ଦଉଡି ମଣିଷ ଗାଇ
ଯେଣିକି ଟାଣଇ ତେଣିକି ଯାଇ ।୩।

ISSN NO.
2582-208X

ସ୍ମୃତିର ପୃଷ୍ଠାରେ
ବେଳେ ବେଳେ ସ୍ୱପ୍ନଲଭ୍ୟ ପ୍ରତିମା ପରାୟେ
ଝଲସି ଉଠେ ସେ ସବୁ
ଦୁକ୍ ଦୁକ୍ ହୋଇ ଜଳୁଥିବା ଅଂଗାର ଗୁଡିକ
ହଠାତ୍ ଖୁବ୍ ଜୋରରେ ପ୍ରଜ୍ୱଳିତ ହୁଏ ।୪।

ସବୁଦିନ ପରି ସନ୍ଧ୍ୟା ଆସେ
ଗଛ ଉହାଡ଼ରେ ଥିବା
ପକ୍ଷୀ ଶାବକ ଗୁଡିକର
ଚିଁ ଚାଁ ଡାକ ଶୁଭେ
ପାଇଥାନ୍ତି ଖୋଜି ତାଙ୍କ ମାଆକୁ ।୫।

ଅବ୍ୟର୍ଥ ଭାବନା ଗୁଡିକ
ଶେଯ ବିଛେଇ
ଧିରେ ଧିରେ ଯାଆନ୍ତି ଶୋଇ
ଗଭୀର ନିଦ୍ରା ଭିତରେ
ପୁଣି ଦେଖେ
ସେଇ ବେଦନା ସିକ୍ତ ହୃଦୟ
ତୁମର ପ୍ରତିଛବି
ଇଚ୍ଛା କରେ କହିଦେବାକୁ ଥରେ
ମାଗିଥିଲି ମୁଁ ତୁମ ହୃଦୟକୁ
ନୁହଁ କେବେ ତୁମ ଶରୀରକୁ
ପାରେନା କହି ଏଇ ପଦ ଟିଏ
ହୁଏ ଆଉଟୁପାଉଟୁ
ପୁଣି ସେଇ "ବେଦନା ସିକ୍ତ ହୃଦୟ" ।୬।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଆଦିବାସୀ ସଂସ୍କୃତି ଓ ପରିବେଶ



ଅସିତ ମହାନ୍ତ

ପରିବେଶ ପ୍ରଶ୍ନକୁ ନେଇ ମିଳିତ ଜାତିସଂଘ ଚିନ୍ତିତ। ଜଙ୍ଗଲ, ପର୍ବତ, ନଦୀ, ଝରଣା, ହ୍ରଦ, ଜଳପ୍ରପାତ, ଗଛ, ଉଦ୍ଭିଦ, ଜମି ଇତ୍ୟାଦି ଆମ ଚାରିପାଖରେ ଯାହା ଦେଖୁ, ତାହା ହେଉଛି ପରିବେଶ । ଏବଂ ସମସ୍ତେ ସେମାନଙ୍କର ମୂଳ ଫର୍ମର ନିକଟତର ରହିଲେ, ଏହା ହେଉଛି ପରିବେଶ ସୁରକ୍ଷା । ଭାରତରେ ଦୁଇ ପ୍ରକାରର ସଂସ୍କୃତି ଦେଖିବାକୁ ମିଳେ । ପ୍ରାଚୀନ କାଳରୁ ଏଠାରେ ବାସ କରୁଥିବା ଲୋକଙ୍କ ସଂସ୍କୃତି ଏବଂ ବାହାରୁ ଆସୁଥିବା ଲୋକଙ୍କ ସଂସ୍କୃତି । ଆଦିମ ଲୋକମାନଙ୍କର ଏପରି ଏକ ସମ୍ପ୍ରଦାୟ ଅଛି ଯାହାକୁ ସରକାରୀ ଭାଷାରେ (ଅନୁସୂଚିତ ଜନଜାତି) କୁହାଯାଏ । କିନ୍ତୁ ଯଦି ସେମାନଙ୍କର ସଂସ୍କୃତି ଦେଖାଯାଏ, ତେବେ ଏହା ଏତେ ପ୍ରାକୃତିକ ସଂସ୍କୃତି ଯେ ଏହାକୁ ପରିବେଶଠାରୁ ପୃଥକ ଭାବରେ ଦେଖାଯାଇପାରିବ ନାହିଁ । କାରଣ ଯେଉଁଠାରେ ଏକ ଘଞ୍ଚ ଜଙ୍ଗଲ ଅଛି, ସେଠାରେ ଆଦିବାସୀ ଅଛନ୍ତି ଏବଂ ଯେଉଁଠାରେ ଆଦିବାସୀ ଅଛନ୍ତି, ସେଠାରେ ଏକ ଘଞ୍ଚ ଜଙ୍ଗଲ ଅଛି । କିନ୍ତୁ ଯେଉଁଠାରେ ଅଣ-ଆଦିବାସୀମାନେ ପଦାର୍ପଣ କରିଥିଲେ, ସେଠାରେ ଜଙ୍ଗଲ ସଫା ଥିଲା ଏବଂ ସମଗ୍ର ପରିବେଶ ମଧ୍ୟ ନଷ୍ଟ ହୋଇଯାଇଥିଲା । ତେଣୁ, "ଆଦିବାସୀ ସଂସ୍କୃତି ହେଉଛି ସେହି ପରିବେଶ ସୁରକ୍ଷା ସଂସ୍କୃତି, ଯେଉଁଥିରେ ଲକ୍ଷ ଲକ୍ଷ ବର୍ଷ ଧରି ଜୀବ ଜଗତକୁ ବଜାୟ ରଖିବାର ସଂକଳ୍ପ ଲୁଚି ରହିଛି। ଅବଶିଷ୍ଟ ସଂସ୍କୃତି ଏପରି ଅଟେ ଯେ ସେ ଯାହା ଉପରେ ବସେ ସେହି ଶାଖାକୁ କାଟି ଦେଉଛି ।" କିନ୍ତୁ ଆଦିବାସୀ ସଂସ୍କୃତିରେ ଆବଶ୍ୟକତା ଅନୁଯାୟୀ କେବଳ ସୀମିତ ଉତ୍ସଗୁଡ଼ିକ ବ୍ୟବହୃତ

ISSN NO.
2582-208X

ହୁଏ । ଆଦିବାସୀ ସମାଜର ସବୁଠାରୁ ବଡ ବୈଶିଷ୍ଟ୍ୟ ହେଉଛି ପ୍ରକୃତିର ନିକଟତର । ପ୍ରକୃତି ସହିତ ସେମାନଙ୍କର ଏକ ଗଭୀର ସମ୍ପର୍କ ରହିଥାଏ । ସେମାନଙ୍କ ଅନୁସାରେ ପ୍ରକୃତି ଭିତରେ ସବୁକିଛି ରହିଛି ଯାହା ମନୁଷ୍ୟକୁ ଦରକାର ଥିବା ସମସ୍ତ ଜିନିଷ ପ୍ରକୃତି ଠାରୁ ହିଁ ମିଳିଥାଏ । ଆଦିବାସୀ ମାନଙ୍କୁ ବହୁତ କମ ଡାକ୍ତରଖାନାରେ ଦେଖିବାକୁ ମିଳନ୍ତି, କାରଣ ପ୍ରକୃତି ପ୍ରଦତ୍ତ ଔଷଧ ସେମାନଙ୍କ ପାଖରେ ଥାଏ । ବାସ ସ୍ଥାନଠାରୁ ଆରମ୍ଭ କରି ନିଜର ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ସେମାନେ ପ୍ରକୃତି ଠାରୁ ନେଇଥାନ୍ତି । ପ୍ରକୃତିର ନିକଟତର ହେଲେ ହିଁ ଏହା ସମ୍ଭବ ହୋଇପାରେ । ଗୀତ, ସଙ୍ଗୀତ, ବନୋପଜ ସଂଗ୍ରହଠାରୁ ଆରମ୍ଭ କରି ଶିକାର ପର୍ଯ୍ୟନ୍ତ ଏହି ସମ୍ପ୍ରଦାୟରେ ଏକ ସାମୂହିକତା ଅଛି । ଏହି ସମ୍ପ୍ରଦାୟ ପ୍ରାକୃତିକ ସମ୍ପଦ କିମ୍ବା ଜଙ୍ଗଲ ପର୍ବତକୁ ଏକ ସାମୂହିକ ଖାଦ୍ୟ ପାଣ୍ଠି ଭାବରେ ବିବେଚନା କରେ, ତେଣୁ ସେମାନେ ସେତିକି ଉପଯୋଗ କରନ୍ତି ଯେତିକି ପ୍ରକୃତିକୁ ଫେରାଇ ପାରନ୍ତି । ଯଦି କୌଣସି ଗ୍ରାମରେ ଦେଖାଯାଏ, ସେଠାରେ ୨୫ - ୩୦ଟି ଆଦିବାସୀଙ୍କ ଘର ଥାଇପାରେ, କିନ୍ତୁ ଗ୍ରୋସରୀ କିମ୍ବାଅନ୍ୟ କୌଣସି ଦୋକାନ ଆଦିବାସୀଙ୍କର ନୁହେଁ, ତାହା ଅଣ ଆଦିବାସୀଙ୍କର ହୋଇଥାଏ । କାରଣ ଆଦିବାସୀ ସମ୍ପ୍ରଦାୟର ଶ୍ରମ ହେଉଛି ଆଜୀବନ କିନ୍ତୁ କୌଣସି ଜମା ଏବଂ ବାଣିଜ୍ୟ ନାହିଁ । ଆମେ ଏସବୁକୁ ଅତି ନିକଟରୁ ଦେଖିଛୁ ଏବଂ ଅନୁଭବ କରିଛୁ ଯେ ଯଦି ଜଣେ ଆଦିବାସୀ ପିଲା ୬ ବର୍ଷ ବୟସରୁ କାମ କରିବା ଆରମ୍ଭ କରନ୍ତି, ଏବଂ କାମ କରି କରି ଇହଲୀଳା ସମାପ୍ତ କରନ୍ତି । କିନ୍ତୁ ସେ ଅନାବଶ୍ୟକ ଜମା କରିବେ ନାହିଁ କିମ୍ବା ବ୍ୟବସାୟ କରିବାକୁ ଆଗ୍ରହୀ ନୁହଁନ୍ତି । ଏହି ପରିବେଶ ସଂରକ୍ଷକ ଆଦିବାସୀ ସମ୍ପ୍ରଦାୟର ଆହୁରି ଅନେକ ବୈଶିଷ୍ଟ୍ୟ ଅଛି, ତାହା ହେଉଛି- ଆଦିବାସୀମାନେ ନିଜ ନିଜ ନିର୍ମିତ ଘରେ ରହିବାକୁ ପସନ୍ଦ କରନ୍ତି । ଆଦିବାସୀ କେବେ ବି ଭିକ ମାଗନ୍ତି ନାହିଁ । ସେ ଚୋରି କରନ୍ତି ନାହିଁ । ସେ ମିଥ୍ୟା ଇତ୍ୟାଦି ସୃଷ୍ଟି କରନ୍ତି ନାହିଁ, ସେ ଯାହା କହନ୍ତି, ସେ ସ୍ପଷ୍ଟ ଭାବରେ କୁହନ୍ତି । ଯେଉଁମାନେ ତାଙ୍କ ବସ୍ତିରେ ଆସନ୍ତି ସେମାନଙ୍କୁ ସେ ଉପଯୁକ୍ତ ସମ୍ମାନ ଦିଅନ୍ତି । ସେ କାହାର ସମ୍ବଳ ଲୁଟିବାକୁ ବାହାରକୁ ଯାଇ ନଥିଲେ, କିନ୍ତୁ ଅନ୍ୟ ଲୋକମାନେ ସେମାନଙ୍କର ସମ୍ବଳ ଲୁଟ କରି ସେମାନଙ୍କ ରାଜ୍ୟ ଛଡ଼ାଇ ନେଇଥିଲେ । ତେଣୁ, ଆଦିବାସୀ ସଂସ୍କୃତି ହେଉଛି ଏକମାତ୍ର ସଂସ୍କୃତି ଯାହା ଲକ୍ଷ ଲକ୍ଷ ବର୍ଷ ଧରି ପୃଥିବୀର ଜୀବନକୁ ବଞ୍ଚାଇ ରଖିବା ପାଇଁ ସମସ୍ତ ପରିବେଶ ବିନାଶକାରୀଙ୍କୁ ଏକ ମାର୍ଗ ଦେଖାଇପାରେ ବୋଲି କହିବା ଭୁଲ୍ ହେବ ନାହିଁ । କିନ୍ତୁ ଏହି ସମୟରେ ଆଦିବାସୀ ସମାଜ ଅତ୍ୟନ୍ତ ଅସହଜ ଅନୁଭବ

ISSN NO.
2582-208X

କରୁଛନ୍ତି । କାରଣ ସହରଗୁଡିକର ଚାରିପାଖରେ କୌଣସି ଜମି ବାକି ନଥିଲା ଯେ କାରଖାନାଗୁଡ଼ିକ ସେଠାରେ ତିଆରି କରାଯାଇ ପାରିଥାନ୍ତା । ଯାହା ବାକି ଅଛି ତାହା କେବଳ ଆଦିବାସୀମାନଙ୍କର ପ୍ରାକୃତିକ ବାସସ୍ଥାନ, ଜଙ୍ଗଲ ଏବଂ ପର୍ବତମାନଙ୍କରେ ଅଛି । ସେଥିପାଇଁ ସମସ୍ତ ଆଦିବାସୀଙ୍କ ପ୍ରାକୃତିକ ବାସସ୍ଥାନ ଚାରିପାଖରେ ସମସ୍ତ ବଡ ବନ୍ଧ, କାରଖାନା ଇତ୍ୟାଦି ନିର୍ମାଣ କରାଯାଉଛି । ତେଣୁ, ବିସ୍ଥାପନର ସବୁଠାରୁ ବଡ ଦୁଃଖଦ ଘଟଣା ମଧ୍ୟ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ଭୋଗୁଛି । ଏହା ଏକ ବଡ ସମସ୍ୟା ଯାହା ଉପରେ ସରକାରଙ୍କର ନଜର ଥାଇ ମଧ୍ୟ କୌଣସି ଉପାୟ ଅବଲମ୍ବନ କରାଯାଉନାହିଁ । ଏହାର ନକାରାତ୍ମକ ପରିଣାମ ଦୃଷ୍ଟିଗୋଚର ହେବ ଆରମ୍ଭ ହୋଇଯାଇଛି । ଅନ୍ୟ ସମ୍ପ୍ରଦାୟର ଲୋକମାନେ ଚାଷ, ଘର ଇତ୍ୟାଦି ପାଇଁ ଏହି ବିସ୍ଥାପନରେ ବହୁ କ୍ଷତିପୂରଣ ପାଆନ୍ତି । କିନ୍ତୁ ଏକ ସମ୍ପ୍ରଦାୟ ଯାହାର ସଂସ୍କୃତି ସାମୁହିକତା  ଅଟେ ଏବଂ ଏହା ପାଇଁ ପ୍ରକୃତିର ସେତିକି ସମ୍ବଳ ବ୍ୟବହାର କରେ, ଯେତିକି  ତାର ଉପଯୋଗୀତା ଥାଏ, ତାହେଲେ ସେହି ସମ୍ପ୍ରଦାୟ ମଧ୍ୟ କ୍ଷତିପୂରଣରୁ ବଞ୍ଚିତ ହୁଏ । ଏହାକୁ ଛଡ଼ାଇବା ପାଇଁ, କ୍ଷେତ୍ର, ଜଙ୍ଗଲ, ନଦୀ, ଝାରଣା, ହ୍ରଦ, ଜଳପ୍ରପାତରୁ ସବୁକିଛି ଛଡ଼ାଇ ନିଆଯାଏ । ସେହି ପିତା ଏବଂ ପିତୃପୁରୁଷଙ୍କ ପରି, ବଡ଼ ଗଛର ଛାଇ ଛଡ଼ାଇ ନିଆଯାଏ, ଯାହା ତଳେ ଅନେକ ପିଢ଼ି  ଜୀବନର ତାନା ବାନାକୁ ସାଇତି ରଖିବା ପାଇଁ ଚେଷ୍ଟା କରିଥିବେ, ଜଣ ନାହିଁ ଏମିତି କେତେ ସଙ୍ଗୀତ ପର୍ବଗୁଡ଼ିକ ସୁସଜ୍ଜିତ ହୋଇଥିବ । କିନ୍ତୁ ଯାହା କ୍ଷତିପୂରଣ ମିଳେ ତାହା ହେଉଛି ଦୁଇ କୋଠରୀ ବିଶିଷ୍ଟ ଘର ଏବଂ ଏକ ଛୋଟ ବାଡ଼ି । ତେଣୁ, ଯଦି ପରିବେଶକୁ ବଞ୍ଚାଇବାକୁ ପଡିବ, ତେବେ ଆଦିବାସୀ ସଂସ୍କୃତିକୁ ମଧ୍ୟ ବଞ୍ଚାଇବା ଜରୁରୀ ଅଟେ ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ତଥାପି ଜୀଇଁଛି



ଦୀପ୍ତିମୟୀ ସାହୁ

ଚଲାପଥେ କଣ୍ଟା ଖାଲିକଣ୍ଟା
ତଥାପି ଚାଲୁଛି
ଦୁଃଖସହ ପ୍ରେମକରି
ହସିହସି ଜୀବନ ଜୀଉଁଛି।
ପ୍ରତିକୂଳ ପରିସ୍ଥିତି ସହ ଯୁଝିବା
ପିଲାଦିନୁ ଶିଖି ମୁଁ ଯାଇଛି
ସଂଘର୍ଷମୋପାଇଁଆନନ୍ଦ
ମୋ ହୃଦରେ ମାନି ମୁଁ ନେଇଛି ।
ଜନ୍ମରୁ ଯନ୍ତ୍ରଣା ଦରଦ
ଏଇମୋର ଦେହରେ ମାରିଛି
ହାତ ପାହାନ୍ତାରେ ସ୍ୱପ୍ନକୁ ହଜାଇ
ତଥାପି ମୁଁ ସପନ ଦେଖିଛି।
ମୋ ଭଙ୍ଗା ଚାଳନୂଆ ଛାଉଁଣୀକୁ
ଏଇମୋର ହାତରେ ଛାଇଁଛି
ଭିଟାମାଟି-ପ୍ରାଣ ମୋର
ତଥାପି, ମୋ ଗାଁକୁ ଛାଡ଼ିଛି ।

ISSN NO.
2582-208X

ମୋ କୋମଳ ପ୍ରାଣ ପରା
କେତେଥର ବିଦୀର୍ଣ୍ଣ ହୋଇଛି
ତଥାପି, ଲହୁଝରା ଅନ୍ତରୁ ମୋ
ଆନପାଇଁ ପ୍ରୀତି ପରଷିଛି ।
ମୋ ଜୀବନ-ସମୁଦ୍ରେ ମୁଁ
ଏକାଏକା ପଥ ପହଁରିଛି
ତେଣୁ, ପଥେ ଶତ ବାଧା ଝଡ଼ଝଞ୍ଜା
ନିନ୍ଦାଦିକୁ ସହଜେଗୋ
ଲଙ୍ଘି ମୁଁ ପାରୁଛି।
ପ୍ରତିକ୍ଷଣେ ମୁଁ ପରାଗୋ
ଆକଣ୍ଠ ଗରଳ ପିଉଛି
ତେଣୁ, ତମ କଟାକ୍ଷ ବ୍ୟଙ୍ଗୋକ୍ତି ପରା
ମୋ ଆଗରେ ହାର ମାନୁଛି !!

ଗେଙ୍ଗୁଟିଆ ( ତାଳଚେର )
ଅନୁଗୁଳ

ISSN NO.
2582-208X

# ମୁଁ

(ଛନ୍ଦ-ସିନ୍ଧୁକାମୋଦୀ)



ବିନୋଦିନୀ ଦାଶ

ତୋଳେ ଅନ୍ତଃସ୍ୱର ଚେତନ ମୁଁକାର
ତା' ସହ ଜଡ଼ିତ ରହି
ବିନା ସେ ଶବଦ ହୃଦୟକୁ ବ୍ୟକ୍ତ
ଯେମିତି ନ ପାରେ କେହି
ସେଥିରେ ମଜ୍ଜି ରହି
ଲ୍ଗେ ଜୀବନର ସବୁ ଖୁସି ଫୁଲ
ଗୋଟାଇବାକୁ ମିଳଇ
ମାତ୍ର ମୁଁକାର ଦୁଃଖର ନଇ ।

ସେ ପ୍ରବହମାନ ସରବଦା ନିମ୍ନ
ପଛେ ଫେରି ପାରେନାହିଁ
ବୃଥା ନିନ୍ଦି ଭାଗ୍ୟ ଆନେ ଦେଇ ସାକ୍ଷ୍ୟ
କିଛି କି ଲାଭ ହୁଅଇ ?
ମନଟି ଘାଇଁଘାଇଁ
ଘୂର୍ଣ୍ଣନ କରିବା ହୋଇଥାଏ ସାର
ମୁଁକାରରେ ବାଇ ହୋଇ
କେବେ ଭଲ ଗତି ମିଳେ ନାହିଁ ।

ISSN NO.
2582-208X

ଜାଣି ବି ଅଜଣା ଏ ମଣିଷ ବଣା
ଗରବ ଦମ୍ଭକୁ ଭିଡ଼ି
ହୁଏ ହରବର ସେ ମୁଁ ଗ୍ରାସର
କବଳରେ ସଦା ପଡ଼ି
ସ୍ୱାର୍ଥେ ରହି ନିମଗ୍ନ
ଅହଃନିଶି ନିଜ ଦେହ ସୁଖ ପାଇଁ
କରମରେ ଧାବମାନ
ସତ ମିଛରେ ଧରି ଜୀବନ ।

ନିଜ ବଡ଼ପଣ ଗରିମାର ଗୁଣ
କରି ପ୍ରଚୁର ପ୍ରସାର
ନିଜକୁ ଦର୍ଶିତ ଆନେ ବଶୀଭୂତ
ରହଇ ସଦା ତତ୍ପର
ଭରିଣ ଅହଂକାର
ମୁଁ କାର ଭାବକୁ କରାଇ ବର୍ଦ୍ଧିତ
ତୋଳୁଥାଏ ଖୁସି ଘର
ଭାବି ନିଜକୁ ଗୁଣି ପ୍ରବର ।

ଈର୍ଷା ଭରି ମନେ ପରଖଇ ଆନେ
ନ ସହଇ କାହା ଖୁସି
ଆନର ପ୍ରଶଂସା ବୁଡାଏ ତା' ହଂସା
ମାତ୍ର ନ କହେ ଭରସି
କାଳେ ଚହ୍ନା ପଡ଼ିବ
ଜାଣି ଦେବେ କେହି ତା' ମନ ଭାବନା
ଭାବମୂର୍ତ୍ତି ଖୋଲିଯିବ
ସିଏ ନ ଚାହେଁ ଆନର ଶୁଭ ।

ISSN NO.
2582-208X

ଯେତେ ଶିକ୍ଷା ଦୀକ୍ଷା ଜୀବନ ଆକାଂକ୍ଷା
ନିଜ ଅହମିକା ପାଇଁ
ଅଧୋମୁଖୀ ଫଳେ ବିନଷ୍ଟ ଶେଷରେ
ଯାଇଥାଏ ଶୂନ୍ୟ ହୋଇ
ଏଥିପାଇଁ ସେ ଦାୟୀ
ଯେତେ ଉଚ୍ଚାସନେ ବସିଲେ କି ଲାଭ
ଯଦି ଗୁଣପଣ ନାହିଁ
ସବୁ ମୁଁକାର ନିଏ ଛଡ଼ାଇ ।

ତା'କୁ ଯିଏ ତ୍ୟାଗ  ଜୀବନେ ସୌଭାଗ୍ୟ
ସାଧୁସନ୍ଥ ପରି ସେହି
ଜନମ ଜୀବନ ହୁଏ ତା'ର ଧନ୍ୟ
କଳୁଷତା ଛୁଏଁ ନାହିଁ
ମନଟି ନିର୍ବିକାର
ସକଳ ଦେହରେ ଈଶ୍ୱରଙ୍କ ସତ୍ତା
ଦେଖୁଥାଏ ନିରନ୍ତର
ଫଳ ମିଳଇ ମୁକତି ଦ୍ୱାର ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଜୀବନ ସଂଜ୍ଞା



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ଜୀବନ-ଏକ ପ୍ରଶ୍ନପତ୍ର,
ସବୁ ପ୍ରଶ୍ନର ସଠିକ୍ ଉତ୍ତର ଦେଇହବି ହୁଏନା,
ସୀତା ପରି ଅଗ୍ନିରେ ଝାସ ଦେଇ ଆଜି ଏହି ଦୁନିଆଁରେ
କେହି କେବେ ସତୀ ହୋଇ ପାରେନା ।
ଏ ମାଟିରେ ଜୀବନ କାଟିବା ଅତୀବ କଠୋର,
ତାକୁ ସହଜରେ ଟାଳ ବି ହୁଏନା;
ଏଇଠି ଥରଟିଏ ଅପବାଦ-ବୋଝ ମୁଣ୍ଡେଇଲେ
ସେ କଳଙ୍କ ଦାଗ, ସହଜେ ଲିଭେନା ।
ସମାଜର ସବୁଯାକ ବାଧାର ପ୍ରାଚୀର,
ରୁନ୍ଧକରେ ଗରୀବର ସୁନାର ସଂସାର:
ଯେତେସବୁ ଆଇନ କାନୁନ ଆମ ସମାଜର;
ଖଟିଖିଆ-ଦିନ ମଜୁରିଆ-ହୋଇଥାଏ ତାହାର ଶିକାର ।
ଆକାଶର ଛାତ ତଳେ, ଫୁଟପାତ ପରେ,
ଲେଖାଯାଏ ମଣିଷର ଜୀବନ ଦର୍ଶନ;
ସହର-ତଳ ବସ୍ତିରେ, ରେଳ ଷ୍ଟେସନରେ

ISSN NO.
2582-208X

ଜୀବନର ସଂଜ୍ଞା ସଦା ହେଉଛି ଲିଖନ ।
ଧନବାନ ବିଳାସୀ-ଜୀବନ ଏଠି
ଗରୀବର ରକ୍ତେ ହୁଏ ଲେଖା;
ଜୀବନର ସଂଜ୍ଞା ଏଠି ନିଃସ୍ୱ ମଣିଷ ପାଇଁ
ଅର୍ଥହୀନ ପୁଣି କଠିନ ପରୀକ୍ଷା ।
ଜୀବନଟା କାହାପାଇଁ ସମ୍ପୂର୍ଣ୍ଣ ରଙ୍ଗୀନ,
କାହାପାଇଁ ମଧୁମୟ, ଚିର ବାସଭର୍;
ଜୀବନ କା ପାଇଁ ଏଠି ଚିର ହାଃ ହାଃ ମୟ,
ଜୀବନ୍ତ-ମରଣ ପୁଣି ଉତ୍ତପ୍ତ-ସାହାର୍ ॥

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ

ISSN NO.
2582-208X

# କବିଟିଏ ମୁହିଁ ହେବି



ରଘୁନାଥ ତ୍ରିପାଠୀ

କବିଟିଏ ମୁହିଁ ହେବି
କଲମ ଟି ଧରିଥିବି
ଦେଶବାସୀଙ୍କର ମରମେ ମରମେ
ଜାତିପ୍ରେମ ଢାଳୁଥିବି ।

ହୃଦେ ତୋଳି ବନମାଳୀ
ଭକତି ପ୍ରଣତି ଢାଳି
ଜଗତ ବାସୀଙ୍କ ହୃଦୟ କନ୍ଦରେ
ବିଭୁପ୍ରେମ ଦେବି ବୋଳି ।

ପ୍ରକୃତି ରାଣୀର ବିଭା
ସତେ କେଡେ ମନଲୋଭା
କଲମ ମୁନରେ ବର୍ଣ୍ଣିବି ତା ଚିତ୍ର
ପ୍ରକାଶିବ ତାର ଆଭା ।

ରଣରଙ୍କା ହୃଦ ଜିଣି
ତାଙ୍କ ମନ ନେବି କିଣି
ଯୁଦ୍ଧକୁ ବିମୁଖ କରିଦେବି ତାଙ୍କୁ
ଶାନ୍ତିର ବାରତା ବୁଣି ।

ପ୍ରଣୟ ବିଧୁର ଜନେ
ଦୂରେ ଅବା ସନ୍ନିଧାନେ
ଯୋଡ଼ିଦେବି ଦୁଇ ଖଣ୍ଡିତ ହୃଦୟ
ମୋର ଲେଖନୀର ମୁନେ ।

ସମାଜକୁ ସଜାଡ଼ିବି
ଯୁଦ୍ଧେ ଯାହା ନ ପାରିବି
ଶକ୍ତିଶାଳୀ ଜନ ଆନ୍ଦୋଳନ ତୋଳି
ଦୁନିଆ ଥରାଇଦେବି ।

ISSN NO.
2582-208X

ରାଜା ଦିନେ ଯିବ ଚାଲି
ସମାଜ ଯିବ ବଦଳି
କବିର ଲେଖନୀ ଅମରତ୍ୱ ଘେନି
ଭବେ ଯାଉଥିବ ଖେଳି ॥

ବିଦ୍ୟାର୍ଥୀ ଓ ଯୁବା ମନେ
ପ୍ରେରଣା ଜାଗିବି କ୍ଷଣେ
ଦେଶ ଓ ଦଶର ଉନ୍ନତି କଳପେ
ପ୍ରସ୍ତୁତ ହେବେ ସେମାନେ ।

ନରପତି ନିଜ ଦେଶେ
କବି ପୂଜ୍ୟ ଦଶଦିଶେ
କବିତାର ସ୍ୱର ଦୁନିଆ ଶୁଣିବ
ଥାଇ ଦୂରେ ଅବା ପାଶେ ।

କବିଟିଏ ମୁହିଁ ହେବି
ଭବେ ବାଟ ଦେଖାଇବି
ମୋ ସ୍ୱେଚ୍ଛା ପ୍ରସୂତ ଶକ୍ତ ଅନୁଭବ
ଦୁନିଆକୁ ଭେଟି ଦେବି ।

କବିଟିଏ ମୁହିଁ ହେବି
କବିଟିଏ ମୁହିଁ ହେବି ।

ବାଲିସାହି, ମଧୁପାଟଣା,
କଟକ 8763343263

ISSN NO.
2582-208X

# ଓଡ଼ିଶାର ଲୋକଗୀତ

ଡାକ୍ତର ରବି ରଞ୍ଜନ ସାହୁ

ଲୋକଗୀତ ହେଉଛି ଜନଗଣଙ୍କ ହୃଦୟର ଚିର ପ୍ରବାହମାନ ସ୍ରୋତସ୍ୱିନୀ, ଯାହା ଯୁଗ ପରେ ଯୁଗ ପରିବର୍ତ୍ତିତ ପରିବର୍ଦ୍ଧିତ ହୋଇ ବେଦ ଭଳି ଗୋଟିଏ ଶ୍ରୁତିରୁ ଅନ୍ୟ ଶ୍ରୁତିକୁ ପ୍ରବାହିତ ହୋଇଥାଏ । ଏହା ସାହାଯ୍ୟରେ ଗୋଟିଏ ଯୁଗର ଲୋକେ ସେମାନଙ୍କ ପୂର୍ବ ପୁରୁଷଙ୍କ ଦ୍ୱାରା ଶିକ୍ଷାପ୍ରାପ୍ତ ହୋଇଥାନ୍ତି । ସେ ଧାରା ନିରବିଚ୍ଛିନ୍ନ । ଏ ଗୀତ ଗୋଟିଏ ସ୍ଥାନରେ ଉତ୍ପନ୍ନ ହୋଇ ଲୋକମୁଖରେ ସମଗ୍ର ଦେଶରେ ବିସ୍ତାରିତ ହୋଇଥାଏ । ଦେଖିବାକୁ ମିଳେ ଯେ ଗୋଟିଏ ଗୀତ ଗୋଟିଏ ଅଞ୍ଚଳରେ ବା ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ରୂପରେ ଉପଲବ୍ଧ ହୋଇଥାଏ । ଏହା ହେଉଛି ମାଟିର ଭାଷା, ଯେଉଁଠି ହୃଦୟର ସ୍ୱାଭାବିକ ସଂଗୀତ ବରାବର ଆଶ୍ରିତ ଏଥିରେ ନ ଥାଏ ବିଦ୍ୱତ୍ତାର ଦୁର୍ବୋଧତା ନା ଶ୍ରେଷ୍ଠ ଓ ସଂସ୍କୃତ ଭାଷାରେ ରଚିତ ସାହିତ୍ୟର କୃତ୍ରିମତା । ଏହା ବ୍ୟାକରଣ କଠୋର ନିୟମକୁ ଖାତିର କରେନା । ଆତ୍ମାର ନୈସର୍ଗିକ ସ୍ୱତ୍ତ୍ୱର ଫୁଟି ଉଠିଥାଏ ଏଥିରେ ।

ଆନନ୍ଦ - ନିରାନନ୍ଦ, ବିରହ-ମିଳନ, ସଙ୍ଗ-ନିଃସଙ୍ଗ, ଆମୋଦ-ବିଷାଦ, ଅବସର-କର୍ମ ବିଭୋର ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଲୋକଗୀତ ସ୍ୱତଃସ୍ଫୂର୍ତ୍ତ ଭାବରେ ଗୁଂଜରିତ ହୋଇଥାଏ ବା ଉଚ୍ଚରିତ ହୋଇଥାଏ ।

ବିଶେଷ କରି କିଛି ନା କିଛି କାମ କରାଯାଉଥିବା ସମୟରେ ଗୀତର ଗାନ ବା ଗୁଂଜରଣ ଶୁଣିବାକୁ ମିଳିଥାଏ । ହଳୁଆ ହଳ କରୁଥିବାବେଳେ, ଗାଡ଼ିଚାଳକ ଗାଡ଼ି ଚଲାଉଥିବା ବେଳେ, କୃଷକ କୃଷି କାର୍ଯ୍ୟ କଲାବେଳେ, କେହି ଛାତ ଢଳାଇ କରୁଥିବାବେଳେ, ଡଙ୍ଗା ଚାଲୁଥିବା ବେଳେ, ସୂତା କାଟୁଥିବା ବେଳେ କାମ ସହିତ ଗୀତ ଗୁଣୁଗୁଣାଇଥାନ୍ତି । ଗୀତର ମାଦକ ପ୍ରଭାବରେ ଶ୍ରମ ଦୂର ହୋଇଯାଇଥାଏ । କ୍ଲାନ୍ତ ଅନୁଭବ ହୁଏ ନା । କାମ ସହିତ ଗୀତ ଗାଇବା ଏକ ସ୍ୱାଭାବିକ ପ୍ରକ୍ରିୟା ମାତ୍ର କଠିନ ଶ୍ରମବେଳେ ଗୀତ ଗାଇ ହୁଏନା ଶ୍ରମିକ

ISSN NO.
2582-208X

ହାପେଁଇଯାଏ ସେତେବେଳେ ତା ମୁହଁରୁ କେବଳ ସ୍ୱର ବାହାରିଯାଏ – ଯାହାର କଛି ଅର୍ଥ ନାହିଁ । ଯଥା 'ହୁଁରେ ଭାଇ' 'ଆରେ ଭାଇ' ଇତ୍ୟାଦି ।

କନ୍ତୁ ବର୍ତ୍ତମାନ ଗୀତ ଆଉ କାମର ଅନିବାର୍ଯ୍ୟ ଅଙ୍ଗ ନୁହେଁ । କଳକାରଖାନାର କୋଳାହଳ – ଧୂଆଁ ଧୂଳିରେ ପ୍ରାଣଶୁଷ୍କ ପ୍ରାୟ ଫଳରେ ଗୀତ ବିସ୍ମୃତ । ଏ ପରିପ୍ରେକ୍ଷୀରେ ଶ୍ରମିକର ଶ୍ରମ ବି ତା ପାଇଁ ଅସହ୍ୟ ନୁହେଁ ।

କେଉଁ ଅଜଣା କାଳରୁ, ଅଜଣା ସୂତ୍ରରୁ ନିସୃତ ହୋଇ ପୀଢ଼ି ପରେ ପୀଢ଼ି ଲୋକଗୀତର ସ୍ରୋତସ୍ୱିନୀ ଅଜସ୍ର ଅନୁଭୂତି ଓ ଅସଂଖ୍ୟ ଅଭିଜ୍ଞତାର ସମ୍ଭାର ନେଇ ବହି ଚାଲିଛି । ସେଥିରେ ପ୍ରତିବିମ୍ବିତ ସମୟର ସାମାଜିକ ସ୍ଥିତି, ଜୀବନ ଦର୍ଶନ, ରୀତି-ନୀତି, ଚଳଣୀ-ଆଚରଣ ସହିତ ବ୍ୟକ୍ତିଗତ ଜୀବନରେ ସ୍ନେହ-ସୁହାଗ, ଦୁଃଖ-ସୁଖ, ଭାବ-ଭାବନା, କ୍ରୋଧ-ଅସହାୟତା, ସ୍ନେହ-ମମତା ସାଂସ୍କୃତିକ ଓ ଧର୍ମୀୟ ଚେତନା ଇତ୍ୟାଦି ପ୍ରକଟିତ ହେଉଛି, ଝଡ଼ି-ବଢ଼ି-ମରୁଡ଼ି ଭଳି ପାଗର ପୂର୍ବାନୁମାନ ଶାରୀରିକ ଓ ମାନସିକ ସମସ୍ୟା ।

ଅବଶ୍ୟ ଗୀତ ଓ ନୃତ୍ୟ ପରସ୍ପରର ପରିପୂରକ । ତେବେ ବି ନାଗାନୃତ୍ୟ ଭଳି କେତେକ ନୃତ୍ୟ ଗୀତ ବିହୀନ । ଛଉ ନୃତ୍ୟରେ ବେଳେବେଳେ ଗୀତ ବୋଲାଯାଇଥାଏ । ସେଇଭଳି ଅନ୍ୟ ପାର୍ଶ୍ୱରେ, ପଟୁଆ, ଚୈତ୍ରୀ ଘୋଡ଼ା, ପାଲା ଓ ଦାସକାଠିଆର ସାଂଗୀତିକ ପରିବେଶରେ ନୃତ୍ୟର କଛି ମହତ୍ୱ ନାହିଁ । ଏଥିରେ ଗୀତ ସହିତ ବାଦ୍ୟର ତାଳ ସମନ୍ୱିତ ହୋଇଥାଏ । ଆଦିବାସୀଙ୍କ ବିବାହ ସମୟରେ ସାମାଜିକ ନୃତ୍ୟ ଆୟୋଜିତ ହୋଇଥାଏ । କୃଷି ଉତ୍ପାଦନ, ଗ୍ରହ ପୀଡ଼ାନାଶନ, କାମ-ପୀଡ଼ନ ତଥା କ୍ଳାନ୍ତ ବିନାଶନ ଲାଗି ଏସବୁ ନୃତ୍ୟ ଓ ତତ୍ ସଂପୃକ୍ତ ଗୀତର ଲକ୍ଷ୍ୟ । ଓଡ଼ିଶାର ଶିକାର ନୃତ୍ୟ, ପାଇକ ଓ ନାଗାନୃତ୍ୟ ବାସ୍ତବରେ ଯୁଦ୍ଧନୃତ୍ୟ । ଏଥିରେ ଲୋକଗୀତ ଅପେକ୍ଷା ଢ଼ୋଲ, ମହୁରୀ, ମାଦଳ ଭଳି ଲୋକ ବାଦ୍ୟର ମହତ୍ୱ ଅଧିକ । ପୁଚ, ଡ଼ାଲଖାଇ, ଗୁଜିକୁଟ, ରସରକେଳି, ଜାମୁଡ଼ାଳି ଆଦି ନୃତ୍ୟ ସହିତ ଗୀତ ବୋଲାଯାଇଥାଏ ।

ବାରବାସୀ ପିଲା ଭୁଲାଣିଆ ଭଳି କେତେକ ଗୀତ ମନ ଭୁଲାଇବାକୁ ଉଦ୍ଦିଷ୍ଟ, ପୁଚଗୀତ, କବାଡ଼ି, ଆଖି ବନ୍ଦ କରି ଚୋରର ଖୋଜିବା ଗୀତ, ବୋଉ ବୋଉକା ଗୀତ, ଦୋଳି ଗୀତ ପ୍ରଭୃତି ଖେଳଗୀତ, କରମା, ଦଣ୍ଡନାଟ୍ୟ, ପାଟୁଆଯାତ୍ରାର ଅଧିକାଂଶ ଗୀତ ଧର୍ମାନୁଷ୍ଠାନ ସହିତ ସଂଶ୍ଳିଷ୍ଟ । ଏଭଳି ଗୀତ ବୈଚିତ୍ର୍ୟ ହୀନ ଏବଂ ଏଥିରେ କବିତ୍ୱ ନାମମାତ୍ର ।

ISSN NO.
2582-208X

ଓଡ଼ିଶାରେ ଗ୍ରାମାଞ୍ଚଳର ଝିଅ ବାହା ହୋଇ ଶାଶୁଘରକୁ ଯିବା ପୂର୍ବରୁ କାନ୍ଦଣା ଶିଖୁଥିଲା । ଶିକ୍ଷଣ-ପଦ୍ଧତି କୃତ୍ରିମ ହେଲେ ବି ଏହାଦ୍ୱାରା ନାରୀଜାତିର ସର୍ବଶ୍ରେଷ୍ଠ କବିତ୍ୱ ପ୍ରକଟିତ ।

ଗ୍ରାମୀଣ ଲୋକ ଯଶ ବା ଅର୍ଥ ଲିପ୍‌ସା ନେଇ ଗୀତ ଗାଇ ନଥାନ୍ତି । ଗୀତ ଶେଷରେ ଭଣିତାଙ୍କ ନାମ ନଥାଏ । ବ୍ୟକ୍ତି ଦ୍ୱାରା ଗୀତ ରଚିତ ହେଲେ ଏଥିରେ ବ୍ୟକ୍ତିର ବ୍ୟକ୍ତିତ୍ୱ ପରିବର୍ତ୍ତେ ସାମଗ୍ରୀକ ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇ ଗୀତ ଗାଇ ଲୋକ-କବି ଶାଶ୍ୱତ ହେବାକୁ ଚାହିଁ ନଥାଏ ।

ବିପ୍ରକୃତି ବା ବାତାବରଣ ଦ୍ୱାରା ଲୋକଗୀତ ମହିମାନ୍ୱିତ ହୋଇଥାଏ । ସେଥିରୁ ଅଲଗା କରି ଗାଇଲେ ବିଶେଷ ଆନନ୍ଦ ମିଳେନା । ସ୍ୱର ଶିକ୍ଷା ଗ୍ରାମୀଣଙ୍କ ପାରମ୍ପରିକ ରୀତି ଅନୁଯାୟୀ ହୋଇଥାଏ । ଶୁଣି ଶୁଣି ଲୋକେ ଏ ସବୁ ଶିଖିଥାନ୍ତି । ପୌରାଣିକ କଥା ରାମ-କୃଷ୍ଣଙ୍କ କୀର୍ତ୍ତୀ କାହାଣୀ ଓ ଶ୍ରୀ ଜଗନ୍ନାଥଙ୍କ ମହିମା ଅନେକ ସମୟରେ ଓଡ଼ିଶୀ ଲୋକଗୀତର ବିଷୟବସ୍ତୁ ହେଲେ ବି ଧର୍ମ ନିରପେକ୍ଷତା ଏହାର ମୌଳିକ ଉପଦିବ୍ୟ ।

ଲୋକଗୀତରେ ବ୍ୟବହୃତ ଅସଂଖ୍ୟ ନିରର୍ଥକ ଶବ୍ଦ ଏହାର ଆଦିବ ଅବସ୍ଥାରେ ସ୍ମାରକ । ହୁଏତଃ କେହି କେହି ଲୋକ କବି ନିଜ ମନର ଭାବକୁ ସ୍ପଷ୍ଟଭାବେ ପ୍ରକାଶ କରିପାରିନାହାନ୍ତି। ତାଙ୍କର ଅସ୍ପଷ୍ଟ ଅଭିବ୍ୟକ୍ତି ଧୀରେ ଧୀରେ ଦୁର୍ବୋଧ ହୋଇଯାଇଛି କିମ୍ବା ଯେଉଁ ବାତାବରଣରେ ଗୀତର ସୃଷ୍ଟି ତା' ବଦଳିଯିବା ଫଳରେ ଗୀତର ଅର୍ଥ ବୁଝି ହେଉନାହିଁ । ସେ ଯାହା' ହେଉନା କାହିଁକି ନିରର୍ଥକ ଓ ସୁବୋଧ ପାଦସବୁ ରସର ବାଧକ ନୁହଁନ୍ତି, ବରଂ ପରୋକ୍ଷରେ ନୃତ୍ୟର ସହାୟକ ହୋଇଥାନ୍ତି ।

ଲୋକଗୀତକୁ ସାମଗ୍ରିକ ଓ ବ୍ୟକ୍ତିଗତ – ଏଭଳି ଦୁଇଭାଗରେ ବିଭକ୍ତ କରାଯାଇପାରେ । କାରଣ କେତେକ ଗୀତ ସାମୂହିକ ଓ କେତେକ ବ୍ୟକ୍ତିଗତ ଏକାଏକା ବୋଲା ଯାଇଥାଏ । ଗୀତ ରଚନାରେ କେତେବେଳେ ସାମୂହିକ ଉଦ୍ୟମ ଥାଏ ତ କେତେବେଳେ ବ୍ୟକ୍ତିଗତ; କିନ୍ତୁ ନିଶ୍ଚିନ୍ତ ଯେ ପ୍ରତିଭାଶାଳୀ ବ୍ୟକ୍ତିମାନେ ହିଁ ଲୋକଗୀତର ସ୍ରଷ୍ଟା ହୋଇଥାନ୍ତି । ଅସଂଖ୍ୟ ଲୋକ ଗୀତିକାର ପୁରୁଷ ଓ ମହିଳାଙ୍କ ମଧ୍ୟରୁ ସୁଯୋଗ ମିଳିଲେ କେତେକ କବି ଓ କବୟିତ୍ରୀ ଭାବେ ସ୍ୱୀକୃତ ହୋଇଥାନ୍ତି । ଏମାନଙ୍କ ପ୍ରତିଭାର ବାଣୀ ଗ୍ରାମଗୀତ । ଗ୍ରାମର ଅନ୍ୟ ବ୍ୟକ୍ତିମାନେ ସ୍ରଷ୍ଟା ନୁହଁନ୍ତି, ସେମାନେ କେବଳ ବାହକ ମାତ୍ର ।

ISSN NO. 2582-208X


ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଆ ଲୋକ ସାହିତ୍ୟ ସଂଗ୍ରହ ଲାଗି ଉଦ୍ୟମ ହୋଇଥିଲା । ୧୯୮୩ରେ ଓଡ଼ିଶାର ତତ୍କାଳୀନ କମିଶନର ରେଭେନ୍ସା ସାହେବଙ୍କ ସହାୟତାରେ ପଣ୍ଡିତ କପିଳେଶ୍ୱର ଭୂଷଣ ନନ୍ଦଶର୍ମା କିଛି ଢଗ ଢମାଳୀ (ଯାହା ଲୋକଗୀତର ଅଂଶ ବିଶେଷ) ଏକତ୍ର ପ୍ରକାଶ କରିଥିଲେ । ୧୯୦୩ରେ ନୀଳମଣି ବିଦ୍ୟାରତ୍ନ କିଛି ଢଗ ଓ ଲୋକାଂଶ ସଂଗ୍ରହ କରି ପ୍ରକାଶ କରିଥିଲେ । ୧୯୧୪ରେ ଶ୍ରୀ ଭଗବାନ ହୋତାଙ୍କ ଓଡ଼ିଆ ପ୍ରବାଦମାଳା ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ସେଇବର୍ଷ ରାଘବାନନ୍ଦ ଦାସଙ୍କ ଦ୍ୱାରା କୃଷି ସଂପର୍କିତ କିଛି ଉକ୍ତି ସଂଗୃହୀତ ହୋଇ ପ୍ରକାଶ ପାଇଥିଲା। ଯେଉଁଥିରେ କୃଷି-ଜୀବିକାର ପ୍ରଧାନ ଉପାୟ ପାଳକ ଓ ଫଳ ଗଣନାର ବିବରଣୀ ଥିଲା । ୧୯୨୩ରେ ଅପର୍ଣ୍ଣା ପଣ୍ଡାଙ୍କ 'ଢଗମାଳିକା ତତ୍ୱବୋଧିନୀ' ପୁସ୍ତକ ପ୍ରକାଶ ପାଇଥିଲା ।

ଲୋକଗୀତ ସଂଗ୍ରହ କ୍ଷେତ୍ରରେ ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରଥମ ଅଗ୍ରଣୀ ଉଦ୍ୟମୀ ଥିଲେ। ଭାଷା-କୋଷ ପ୍ରଣୟନ ବେଳେ ମୌଳିକ ଶବ୍ଦ ଚୟନ କରୁ କରୁ ସେ ଲୋକଗୀତ ସଂଗ୍ରହରେ ଲାଗି ଯାଇଥିଲେ । କାରଣ ସେ ଆଶଙ୍କା କରୁଥିଲେ ଯେ ସଭ୍ୟତାର ପ୍ରସାର ସହିତ ଗ୍ରାମ୍ୟ ଗୀତ, ଲୋକନୃତ୍ୟର ପ୍ରଚଳିତ ବହୁ ମୌଳିକ ଶବ୍ଦ ଲୋପ ପାଇଯିବ । ତେଣୁ ସେ ଲୋକଗୀତ ସଂଗ୍ରହ ଲାଗି ଏକ ବଡ଼ ଧରଣର ଯୋଜନା ପ୍ରସ୍ତୁତ କରିଥିଲେ ।

ଓଡ଼ିଆ ଲୋକଗୀତ ସଂଗ୍ରହ ଲାଗି ୧୯୩୧ରେ ଶ୍ରୀ ଦେବେନ୍ଦ୍ର ସତ୍ୟାର୍ଥି ଓଡ଼ିଶା ଆସିଥିଲେ । ତାଙ୍କ ପ୍ରେରଣାରେ ଲୋକଗୀତ ସଂଗ୍ରହ କାର୍ଯ୍ୟ ଜୋରଦାର ହୋଇଥିଲା ଏବଂ ସେ କାର୍ଯ୍ୟରେ ଅଗ୍ରଣୀ ଥିଲେ ଚକ୍ରଧର ମହାପାତ୍ର । ୧୯୩୪ରେ ସେ 'ଗାଉଁଲୀ ଗୀତ ଚୁମ୍ବକ' ନାମକ ଏକ ପୁସ୍ତକ ପ୍ରକାଶିତ କରାଇଥିଲେ । ସେ ପୁସ୍ତକକୁ ଉଭୟ ଦେଶ ଓ ବିଦେଶରେ ଆକୃଷ୍ଟ କରାଇବାର ଉଦ୍ୟମ ହୋଇଥିଲା । ସେ ଦେବନାଗରୀ ଅକ୍ଷରରେ ସଂଗୃହୀତ ଗୀତଗୁଡ଼ିକୁ ତା'ର ଇଂରାଜୀ ଅନୁବାଦ ପ୍ରକାଶ କରିଥିଲେ । ସେ ତାଙ୍କର ସଂଗ୍ରହକୁ ଆଠ ଭାଗରେ ବିଭକ୍ତ କରିଥିଲେ । ଯଥା (କ) ବନ୍ଧୁଙ୍କ ସୁଖ-ଦୁଃଖ-ଗୀତିକା (ଖ) କିଶୋରୀଙ୍କ ମେଳ ଗୀତିକା (ଗ) ଗାଁ ପିଲାଙ୍କ ଖେଳ ଗୀତିକା (ଘ) ଗାଁ ପିଲାଙ୍କ ଢଗ (ଙ) ଗ୍ରାମ୍ୟ ବନ୍ଦନା ଗୀତ (ଚ) ପୋଥି ଗୀତିକା (ଛ) କୃଷକ ଗୀତିକା (ଜ) ପରିଶିଷ୍ଟ ଗୀତିକା ।

ଲୋକଗୀତ ସଂଗ୍ରହ କ୍ଷେତ୍ରରେ ଭାରତ ସେବକ ସମାଜର ସଭ୍ୟ ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଉଦ୍ୟମ ଥିଲା ଭିନ୍ନ ପ୍ରକାରର । ସେ କନ୍ଧ, ସଉରା, ଗଣ୍ଡ, ଗଦବା, ସାନ୍ତାଳ,

ISSN NO.
2582-208X

ପରଜା ଓ କୋୟା ଆଦି ଆଦିବାସୀ ଲୋକଙ୍କ ଗୀତଗୁଡ଼ିକୁ ସଂଗ୍ରହ କରି ଶତଦଳ ନାମକ ଏକ ପୁସ୍ତକରେ ପ୍ରକାଶ କରିଥିଲେ ।

ପରବର୍ତ୍ତୀ ଅବସ୍ଥାରେ ୧୯୪୮ ରୁ ୧୯୫୩ ମଧ୍ୟରେ ପ୍ରାୟ ହଜାରେ ଲୋକଗୀତ ସଂଗ୍ରହ କରିବା ସହିତ 'ଓଡ଼ିଆ ଲୋକଗୀତ ଓ କାହାଣୀ' ଉପରେ ଗବେଷଣା କରି ଡ଼କ୍ଟରେଟ୍ ଲାଭ କରିଥିଲେ । ପ୍ରଫେସର ଡ଼ଃ କୁଞ୍ଜ ବିହାରୀ ଦାସ ତାଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକଗୁଡ଼ିକ ହେଲା ପଲ୍ଲୀପୁଷ୍ପ (୧୯୪୮), ପଲ୍ଲୀ ଝରଣା (୧୯୫୦), ଏ ଷ୍ଟଡ଼ି ଅଫ ଓରିସାନ ଫକଲୋର (୧୯୫୩), ପଲ୍ଲୀଗୀତ ସଞ୍ଚୟନ (୧୯୫୪) ଓ ଓଡ଼ିଆ ଲୋକଗୀତ ଓ କାହାଣୀ (୧୯୫୭) ।

ତା'ପରେ ଓଡ଼ିଆ ସାହିତ୍ୟ ଓ ସଭ୍ୟତା ଅଧିକାରୁ ଅଧିକ ଆଗ୍ରହ ବହୁ ଭାବରେ ହ୍ରାସ ପାଇଛି । ମାତ୍ର ଉଦ୍ୟମ ସଂପୂର୍ଣ୍ଣ ଲୋପ ପାଇନାହିଁ । ଗତ ଦଶକରେ ବାଲେଶ୍ୱର ଆଡ଼ଭୋକେଟ ବିନୋଦ ଦାସଙ୍କ ଦ୍ୱାରା ସଂଗୃହୀତ ଢ଼ଗ ଢ଼ମାଳୀ ସିରିଜ୍ କାର୍ଯ୍ୟତଃ ସେ ଉଦ୍ୟମକୁ ନବଜୀବନ ଦେଇପାରିଛି ।

ଲୋକଗୀତ ପ୍ରସଙ୍ଗରେ ଉଲ୍ଲେଖ କଲାବେଳେ ମନେ ରଖିବାକୁ ପଡ଼ିବ ଯେ ସେ ସବୁ ଗୀତ ଓ ତା'ର ଧାରାବାହିକ ପ୍ରତି ଅନାଗ୍ରହ ବା ଅବହେଳାର ଅର୍ଥ ହେଉଛି ପୁରୁଷାନୁକ୍ରମେ ସଞ୍ଚିତ ସେଭଳ ଅନୁଭୂତି ଓ ଅଭିଜ୍ଞତା ତଥା ମୌଳକତା ପ୍ରତି ଉଦାସିନତା ପ୍ରଦର୍ଶନ, ଯାହା ସାହିତ୍ୟ ଓ ସଂସ୍କୃତିର ବିକାଶ ତଥା ପ୍ରସ୍ବର ଲାଗି ମାର୍ଗ ପ୍ରଦର୍ଶକ ।

ଚାନ୍ଦିନୀଚୌକ, କଟକ-୨
ଦୂରଭାଷ: ୯୪୩୭୩-୧୦୧୭୧

ISSN NO.
2582-208X

# ଭଉଁରୀ



ଆଶୁତୋଷ ମେହେର

ଜୀବନ ସାଗରେ ଭାଗ୍ୟେ ଲେଖାଥାଏ କେତେ ଯେ ଭଉଁରୀ ଖେଳ
ଘୁରାଏ ବୁଲାଏ ଆତୁର ବିକଳେ ମାନେନା ବେଳ ଅବେଳ ।
ଭସାଏ ବୁଡାଏ ଖେଳି ଖେଳାଏ ସେ ନିଶ୍ୱାସେ ନ ଦିଏ ତର
ସଭିଁଙ୍କର ପାଇଁ ନିକିତି ତଉଲ କେହି ନୁହେଁ ଆନ ପର ।।

କାହା ଭାଗ୍ୟେ ଲେଖା ଦୁଃଖର ଆତଡା ଜୀବନ ଟା ଅସମ୍ଭାଳ
ବୋଝ ପରେ ବୋଝ ଲଦି ହେଉଥାଏ ସତେ କି ପ୍ରେମିକା କୋଳ ?
ନଇଁ ଯାଏ ଅଣ୍ଟା ଘୁରିଯାଏ ମଥା ବାଟ ଅମା ଅନ୍ଧକାର
ମନ ଟାଣ ପଣ ଏକେଲା ସାହାରା ପ୍ରଭୁକୃପା ଅଙ୍ଗୀକାର।।

ସୁଖ କାହା ଆଗେ ଅଲୋଡା ଆଲୁଅ ଅଦିନିଆଁ ଇନ୍ଦ୍ରଧନୁ
ଅଯାଚିତେ ଢାଳେ ଅଦିନ ବରଷା ଭିଜେଇ ପରାଣ ତନୁ ।
ବିଜ୍ଞଜନ ମନ ଉଲ୍ଲାସିତ ଭାବେ ସୁଖ ଭାଗ ବଣ୍ଟା କରେ
ଦୁଃଖି ଜନ ମନେ ସମବେଦନାର ପ୍ରିତୀର ଫଗୁଣ ଭରେ।।

ସୁଖ ହେଉ ଦୁଃଖ ଦୁଇ ଧାର ଏକ ପରାଣ ସରିତା ଧାର
ସୁଖ ଦିଏ ଯିଏ ଶକତି ଭି ତା'ରି ସହିବାକୁ ଦୁଃଖ ଭାର ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪/ଦୂରଭାଷ 9437085396

ନଭେମ୍ବର - ୨୦୨୨

www.vedantimagazine.com

ISSN NO.
2582-208X

# ରାଧା



ଅଳକା ମହାନ୍ତ

ତୋର ପ୍ରେମ ନୁହେଁ ଶାଠିଏ ପଉଟି
ଭୋଗ ରାଗେ ସାରିଦେବୁ,
ତୋର ପ୍ରେମ ରାଗେ ସମର୍ପିତ ଆମ୍ଭେ
ରାଧା - କୃଷ୍ଣ ବୋଲାଇବୁ।।୧।।

ଭାବ ବିହ୍ୱଳ ମୁଁ ତୁମ ପାଇଁ ରାଧା
ବ୍ୟସନେ ନାହିଁ ମୋ ମନ,
ନୀତି ଝୁରୁଛି ମୁଁ ତୁମ ପାଦ ପଦ୍ମ
ଝୁରୁଛି କଦମ୍ବ ବନ।୨।

ଆଖି ମୁଦି ରଖେ  ଭୟାତୁର ହୋଇ
କାଳେ ସ୍ୱପ୍ନ ଭାଙ୍ଗି ଯିବ !
ଅଦୃଶ୍ୟ ହେବ କି ମୋର ରାଧା  ରାଣୀ
ଖୋଲି ଦେଲେ ଚାଲି ଯିବ ?? ।୩।

ଜାଣିଛି ରାଧା ଗୋ ପ୍ରେମ ଧନ ନୁହେଁ
ଭୋଗ ବିଳାସ ରେ ପୂର୍ଣ୍ଣ,
ତୋତେ ମୁଁ ଦେଇଛି ମୋ ହୃଦୟ ରାଜ୍ୟ
ସେ  ରାଜ୍ୟେ ତୋର ଗମନ।୪।

ISSN NO.
2582-208X

ନାହିଁ ତ ଶୋଚନା ବିରହ ବ୍ୟଥାରେ
ଆମର ଏ ଶାଶ୍ୱତ ପ୍ରେମ,
ସଂସାର ଜାଣିବ କେତେ ଯେ ମହତ୍ତ୍ୱ
ଦେଉଥିଲେ ଖାଲି ମନ ।୫।

ପାଇବାରେ ନାହିଁ ଆନନ୍ଦ ସମ୍ପର୍କେ
କାମନା ରେ ଥାଏ ଦୁଃଖ,
ରାଧା କୃଷ୍ଣ ଆଜି ସର୍ବତ୍ର ପୂଜିତ
ମିଳଇ  ପରମ ସୁଖ ।୬।

ସମ୍ପୂର୍ଣ୍ଣ କର ତୁମେ ମୋହର ଅସ୍ତିତ୍ୱ
ତୁମେ ପ୍ରେମମୟୀ ମାଆ,
ପରିଭାଷା ତୁମେ, ପ୍ରେମ ଅମୃତର
ତୁମେ ଜଗତର ସାହା ।୭।

ରାଧେ କୃଷ୍ଣ 🌹🌹🌹

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ଚକାଆଖି



ସତ୍ୟନାରାୟଣ ପ୍ରସାଦ ନାୟକ

ଚକା ଆଖିରେ ତ ଦୁନିଆଁ ଦେଖୁଛ
ଆହେ ପ୍ରଭୁ ବିଶ୍ୱପତି,
ନରହତ୍ୟା ଆଉ ବଳତ୍କାର କରି
ଖସିଯାଏ ଅପରାଧୀ ।

ମଣିଷ ଭିତରୁ ମଣିଷ ପଣିଆଁ
କାହିଁକି ଯାଉଛି ଲିଭି ?
କିଏ ସଜାଡ଼ିବା ଏଇ ଦୁନିଆଁ କୁ
କହିବକି ଚକାଆଖି ।

ଅତି ନୀରିମମ ମଣିଷ ହୃଦୟ
ବିଚାରେନି ଭଲ ମନ୍ଦ,
କ୍ଷଣିକ ଭିତରେ ଘଟେଇ ଦେଉଛି
ଅତି ନାରକୀୟ କାଣ୍ଡ ।

ତୁମେ ପରା ପ୍ରଭୁ ଅବତାର ନିଅ
ମାରିବାକୁ ବିଧର୍ମୀଙ୍କୁ,

ISSN NO.
2582-208X

କେଉଁ ଅବତାରେ କେବେ ଯେ ଆସିବ
ବାକିଅଛି ଦେଖିବାକୁ ।

ଆସ ଅବତରୀ ହେ ବିଶ୍ୱବିହାରୀ
ଧର୍ମର ପ୍ରତିଷ୍ଠା ପାଇଁ,
ତୁମେ ନଆସିଲେ ନିତି ବହୁଥିବ
ଏମିତି ରକ୍ତର ନଈ ।

ନର ଦେହେ ପରା ବିଜେ ନାରାୟଣ
କହୁଛି ଶାସ୍ତ୍ର ପୂରଣ,
ନର ହୋଇ ପୁଣି ନର ହତ୍ୟା କଲେ
କିପରି ସହୁଛି ଧର୍ମ ?

ଭବ ସାଗରରୁ ତରିବାକୁ ହେଲେ
ଧରମ ଏକ ନଉକା,
ସେଇ ନଉକାର ତୁମେତ ନାଉରୀ
ତୁମେ ବନ୍ଧୁ ତୁମେ ସଖା ।

ତୁମ ଶ୍ରୀପୟରେ ଏତିକି ମିନତି
ଆହେ ଜଗତ ଠାକୁର,
ସୁନ୍ଦର ତୁମର ଏଇ ଦୁନିଆଁକୁ
ତୁମେ ନିଜେ ରକ୍ଷା କର ।

ଓଁ ଜୟ ଶ୍ରୀ ଜଗନ୍ନାଥ

ରଥ ରୋଡ, ଭୁବନେଶ୍ୱର -2
Mob-9437764014

ISSN NO.
2582-208X

# ମାଣିକ



ଅଧ୍ୟାପକ ଅବିନାଶ ବାରିକ୍

ମାଣିକ ମାଣିକ ସେ କଳା ମାଣିକ ଶ୍ରୀହରି ବାଙ୍କ ବିହାରୀ ।
ମାଣିକ ନାମରେ ଉଡୁଛି କେତନ ଦେଖ ନରେ ନୀଳଗିରି ।୧ ।
ମାଣିକ ରତନ ସେ କଳା ମୋହନ ନଟବ୍ରଟ ନରହରି ।
ମାଣିକ କଳା ରତନ ବୃନ୍ଦାବନ ବିହାରୀ ମୂରଲୀଧାରୀ ।୨ ।
ମାଣିକ ବିଶ୍ୱ ବିହାରୀ ଦାନବାରୀ ଭ୍ରିଜା ଯାହାର ଶିରୀ ।
ମାଣିକ କଳା ଶ୍ରୀମୁଖ ଭକ୍ତ ସୁଖ ହରି ଭବ ଦୁଃଖହାରୀ ।୩ ।
ମାଣିକ ପୁଣ୍ଡରୀକାକ୍ଷ ବାସୁଦେବ କୃଷ୍ଣ ବରଜ ବିହାରୀ ।
ମାଣିକ ବିଶ୍ୱନାୟକ ପଦ୍ମମୁଖ ଗୋବର୍ଦ୍ଧନ ଗିରିଧାରୀ ।୪ ।
ମାଣିକ ନାର୍ୟ୍ୟଣ ଚକାନୟନ ବିଜୟ ଶ୍ରୀକ୍ଷେତ୍ର ପୁରୀ ।
ମାଣିକ ଭକ୍ତ ବତ୍ସଳ ଆଦିମୂଳ ତୁଳସୀ ଦୟଣାଧାରୀ ।୫ ।
ମାଣିକ ଶ୍ରୀପଦୁ ମକରନ୍ଦଧାର୍ ସତେକ ପଡୁଛି ଝରି ।
ମାଣିକ ପଙ୍କଜ ମୁଖ କଳାମୁଖ ହରି ଭବ ଭୟ ହାରୀ ।୬ ।
ମାଣିକ ଗୋପିନାଥ ଯଶୋଦା ସୁତ ନୀଳମଣି ପୁତନାରୀ ।
ମାଣିକ ନାମରେ ପଡୁଅଛି ହୁରି ଦେଖ ଦେଖ ତିନପୁରି ।୭ ।
ମାଣିକ ରଙ୍ଗ ଅଧର ବଂଶୀଧର ଯାଦବେନ୍ଦ୍ର ମଧୁହାରୀ ।

ISSN NO.
2582-208X

ମାଣିକ ଚରଣେ ଶରଣ ପଶିଲେ ଯମ ନହେବ ଭଗାରୀ ।୮।
ମାଣିକ ବାଞ୍ଛନିଧି କୃପାବାରିଧି ନନ୍ଦନନ୍ଦନ ଶ୍ରୀହରି ।
ମାଣିକ କଳା ଅପଘନ ଦର୍ଶନେ ସର୍ବ ପାପ ତାପ ହାରୀ ।୯।
ମାଣିକ ଶ୍ରୀରାମ ନୟନାଭିରାମ ଦାଶରଥି ରାବଣାରୀ ।
ମାଣିକ ରାଘବ ପୁରୁଷ ପୁଙ୍ଗଜ ଶ୍ରୀରାମ କୋଦଣ୍ଡଧାରୀ ।୧୦।
ମାଣିକ ଶାରଙ୍ଗଧାରୀ ନାରାୟଣ ମନଭଜ କଳାଶିରୀ ।
ମାଣିକ ନୀଳାଦ୍ରୀ ଶେଖର ଶ୍ରୀହରି ଶଙ୍ଖଚକ୍ର ଗଦାଧାରୀ ।୧୧।
ମାଣିକ ମାଣିକ ସେ ପୁଣ୍ୟଦାୟକ କଳାମୁଖ ଦନୁଜାରୀ ।
ମାଣିକ ମାଣିକ ଚୌବର୍ଗ ଦାୟକ ଭକ୍ତହୀତେ ଅବତରୀ ।୧୨।

ଭାରତୀୟ ଡାକ ସେବା ବିଭାଗ
ମହୁ, ଆଳ, କେନ୍ଦ୍ରାପଡ଼ା
ମୋ- ୭୦୦୮୪୩୬୮୩୪

ISSN NO.
2582-208X

# ଅଗ୍ନି ପୂଜକ : ପାର୍ସି ସମୂଦାୟ

ପ୍ରିୟବ୍ରତ ପାତ୍ର

ଇଉରୋପରେ ଇହୁଦୀ ଜାତିଙ୍କ ପରିସ୍ଥିତି ଓ ପରିଣତି ଯାହା ଏସିଆରେ ପାର୍ସିମାନଙ୍କ ଅବସ୍ଥା ପାଖାପାଖି ସେୟା । ଅତ୍ୟନ୍ତ ବୁଦ୍ଧିମାନ ଓ ସୌଦାଗର ଜାତି ଭାବରେ ଏମାନଙ୍କ ନାମ ଯେତିକ ପ୍ରସିଦ୍ଧ, ତାଠୁ ଅଧିକ ପ୍ରସିଦ୍ଧ ସେମାନଙ୍କ ଅକ୍ଷୁର୍ଣ୍ଣ ଧର୍ମଧାରଣା ତଥା ସଂଖ୍ୟା ଲଘୁତା ସତ୍ତ୍ୱେ ନିଜର ପରମ୍ପରା ଓ ଚଳଣି ପ୍ରତି ଅଙ୍ଗୀକାରବଦ୍ଧତା । ଇହୁଦୀମାନେ ସାମୁହିକ ଘୃଣା ଓ ଇର୍ଷାର ଶିକାର ହୋଇଥିଲେ, କିନ୍ତୁ ପାର୍ସିମାନେ ଭାରତ ଭଳି ଉଦାର ଦେଶରେ ଖୁବ୍ ସ୍ୱଚ୍ଛଳ ଭାବେ ଚଳି ଆସିଛନ୍ତି । ହିନ୍ଦୁ ଧର୍ମର ବିଶାଳତା ତଥା ବିଭିନ୍ନତା ଭିତରେ ସତେ ଅବା ସେମାନଙ୍କ ଧର୍ମ ଗୋଟିଏ କୁନି ପ୍ରତିନିଧି ପରି ଆତ୍ମ ପ୍ରକାଶ କରିଛି । ଭାରତବର୍ଷରେ ଗଲା ତେର ଶହ ବର୍ଷ ଧରି ସେମାନେ ଆପଣାର ଚେରକୁ ଏଠାରେ ଆହୁରି ମଜବୁତ୍ କରିଛନ୍ତି । ଏହି ଦୀର୍ଘ ରହଣି ଭିତରେ ସେମାନେ ଭାରତର ବହୁବିଧ ସାଂସ୍କୃତିକ ବିଭବକୁ ରୁଦ୍ଧିମନ୍ତ କରିଛନ୍ତି । ଆରବ ତଥା ଆଫଗାନ ଓ ମଙ୍ଗୋଲ ଲୁଣ୍ଠନକାରୀଙ୍କୁ ଭାରତୀୟ ରାଜାଙ୍କ ସହ ମିଶି ପ୍ରତିରୋଧ କରିଛନ୍ତି, ମୁସଲମାନ ଧର୍ମାନ୍ଧ ରାଜାଙ୍କୁ ବୀରତ୍ୱର ସହ ସାମ୍ନା କରି ଅଗଣିତ ଗଣହତ୍ୟାର ଶିକାର ହୋଇଛନ୍ତି । ସ୍ୱାଧୀନତା ବେଳେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରି ଜାତୀୟ ସ୍ତରରେ ଅଗ୍ରଣୀ ଭୂମିକା ନେଇଛନ୍ତି । ସେମାନେ ଭାରତରେ କେବଳ ଅତିଥି ହୋଇ ରହିନାହାନ୍ତି ବା କେବଳ ସୁଖ ସ୍ୱାଚ୍ଛନ୍ଦ୍ୟରେ ଭାଗ ନେଇ ନାହାନ୍ତି, ବରଂ ମହାଭାରତୀୟ ଜୀବନ ସ୍ରୋତରେ ସୁଖଦୁଃଖରେ ନିଜର ଭୂମିକା ଖୁବ୍ ନିଖୁଣ ଭାବେ ତୁଲାଇଛନ୍ତି । ସେମାନଙ୍କ ବିଚିତ୍ର ଶବ ସତ୍କାର, ଧର୍ମଧାରଣା ତଥା ବ୍ୟବସାୟୀକ ଚତୁରତାକୁ ନେଇ କିଛି କିଛି ବାଦବିବାଦ ତଥା କଟୁକ୍ତି ଶୁଣାଯାଏ, କିନ୍ତୁ ସେ ସବୁର ଅମୂଳକତା ବାରମ୍ବାର ପ୍ରମାଣିତ ହୋଇଛି । ଏହି ଅଳ୍ପଜଣା ପାର୍ସିମାନଙ୍କ ସୃଷ୍ଟି, ଆଦି ବସତି, ଧର୍ମଗୁରୁ, ଜୀବିକାଜୀବନ, ଶବ ସତ୍କାର ଓ ସାଂପ୍ରତିକ ପରିସ୍ଥିତିରେ ସାମନା କରୁଥିବା ତମାମ ଆହ୍ୱାନକୁ ନେଇ ଏଥରର ଆଲେଖ୍ୟ ।

ISSN NO.
2582-208X

ଏହି ପାର୍ସିମାନେ ବମ୍ବେ ତଥା ଗୁଜୁରାଟରେ ବହୁଳ ସଂଖ୍ୟାରେ ବସବାସ କରନ୍ତି । ଆଜକୁ ୧୩୦୦ ବର୍ଷ ତଳୁ ସୁଦୂର ପାରସ୍ୟରୁ ଆସିଥିବା ଯୋଗୁଁ ସେମାନଙ୍କୁ ପାର୍ସି କୁହାଯାଏ ଏବଂ ସେମାନେ ହେଲେ ଜୋରାଷ୍ଟର ଧର୍ମାବଲମ୍ବୀ । ଜୋରାଷ୍ଟର ହେଉଛନ୍ତି ସେମାନଙ୍କ ଆଦି–ଧର୍ମଗୁରୁ । ଇରାନ୍ ରେ ଥିବା ଆରାଲ୍ ସମୁଦ୍ରକୂଳଆ ଅଞ୍ଚଳରେ ସମ୍ଭବତଃ ଜୋରାଷ୍ଟର ଖ୍ରୀଷ୍ଟପୂର୍ବ ୧୫୦୦ ରେ ଏକ ପଶୁ ବ୍ୟବସାୟରେ ଲିପ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ବାପା ଥିଲେ ପୌରୁଶଷ୍ପ, ଯାହାଙ୍କ କାମ ଥିଲା କସରା ଘୋଡାଙ୍କ କଣାବିକା, ମାତାଙ୍କ ନାମ ଥିଲା ଦୁଗଧୋବା – ଯାହାଙ୍କ କାମ ଥିଲା ଦୁଧ ସଂଗ୍ରହ ଓ କଣାବିକା । ଜୋରାଷ୍ଟର ନାମଟିର ଅର୍ଥ ହେଲା – ଓଟମାନଙ୍କୁ ଚରାବୁଲା କରାଉଥିବା ବ୍ୟକ୍ତି । ଜୋରାଷ୍ଟରଙ୍କ ଉପରକୁ ଦୁଇଭାଇ ଓ ତଳକୁ ଦୁଇ ଭାଇଥିଲେ । ଜ୍ରାଷ୍ଟରଙ୍କ ବୈବାହିକ ଜୀବନକୁ ନେଇ ଅନେକ ପରସ୍ପର ବିରୋଧି ମତ ପ୍ରକାଶ ପାଉଛି ଓ ଏଯାବତ୍ ଗବେଷଣା ଜାରି ରହିଛି । ଜୋରାଷ୍ଟରଙ୍କ ମୁଖ ନିସୃତ ଗାଥା ଅଉସାରେ, ଜୀବନର ପ୍ରାରମ୍ଭରେ  ସେ କୌଣସି ଏକ ଧର୍ମର ମନ୍ତ୍ର ଉଚ୍ଚାରଣ କରୁଥିବା ପୂଜାରୀ ଥିଲେ ଏବଂ କୋଡିଏ ବର୍ଷ ବୟସରେ ପିତାମାତାଙ୍କ ବାରଣ ସତ୍ତ୍ୱେ ସତ୍ୟର ଅନ୍ୱେଷଣରେ ଘର ଛାଡି ଅନ୍ୟନ୍ର ଗୁଲି ଯାଇଥିଲେ । ଗାଥା ଅନୁସାରେ ତାଙ୍କର ବୈବାହିକ ଜୀବନକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଏ । କିଛି ମତ ଦିଅନ୍ତି ସେ ଦିବ୍ୟଦ୍ରଷ୍ଟା ଥିଲେ ଓ ଏକ ବ୍ରହ୍ମଚାରୀର ଜୀବନ ବିତାଉଥିଲେ, କିଛି କହନ୍ତି "ହାଭୋଭି" ବୋଲି ଗୋଟିଏ ସ୍ତ୍ରୀ ଥିଲେ, ପଲ୍ଲବୀ ଶିଳାଲେଖକୁ ଅନୁସରଣ କଲେ ତାଙ୍କର ଦୁଇଟି ସ୍ତ୍ରୀ ଓ ଅନେକ ସନ୍ତାନ ସନ୍ତତି ଥିଲେ ବୋଲି ଜଣାଯାଏ । କୋଡିଏ ବର୍ଷ ପରଠୁ ଜୋରାଷ୍ଟରଙ୍କ ବ୍ୟକ୍ତିଗତ ଜୀବନର ଗୁରୁତ୍ୱ ନଥିଲା, ଯାହା ଥିଲା ଏକ ସାମୂହିକ ଆଧାତ୍ମିକ ଜୀବନର ନବଉନ୍ମେଷର ପର୍ବ  ।

ଜୋରାଷ୍ଟରଙ୍କ ସମୟରେ ପାରସ୍ୟରେ ଭୟ, ଭ୍ରାନ୍ତି, ଅନ୍ଧବିଶ୍ୱାସ ତଥା ବର୍ବରତାକୁ ପୁଞ୍ଜି କରି ବହୁ ଦେବାଦେବୀ ପୂଜିତ ହେଉଥିଲେ । ଜୋରାଷ୍ଟର ତାଙ୍କ ଗାଥା ମାଧ୍ୟମରେ ପାରସ୍ୟବାସୀଙ୍କୁ ଜଣାଇ ଦେଲେ ଯେ ଭଗବାନ ଏକ, ସର୍ବମୟ, ସର୍ବଜ୍ଞାତ, ସର୍ବ ମଙ୍ଗଳମୟ ଓ ପ୍ରଜ୍ଞାର ଅଧୀଶ୍ୱର  । **AHURA MAZDA** ହେଉଛନ୍ତି ପ୍ରଜ୍ଞାମୟ ଯାହାଙ୍କ ଠାରୁ ଭଲ ଓ ମନ୍ଦ ଉଭୟର ସୃଷ୍ଟି । ସେହି ଦୃଷ୍ଟିର ଗଭୀରତା, ଜିଜ୍ଞାସା, ଆଧାତ୍ମିକ ଅନ୍ୱେଷଣ, ସୃଷ୍ଟି ରହସ୍ୟର ଉନ୍ମୋଚନ ତଥା ସତ୍ୟ ପ୍ରତି ନିବେଦନ ହେଉଛି ତାଙ୍କର ଅସଲ ପରିଚୟ । ଗାଥା ହେଉଛି ଜୋରାଷ୍ଟ ଧର୍ମର ମୂଳଉତ୍ସ – ଯେଉଁଥିରେ ଆଦିଗୁରୁ ଓ ଭଗବାନଙ୍କ ମଧ୍ୟରେ କଥୋପକଥନ ତଥା ପ୍ରଶ୍ନୋତ୍ତରର ବ୍ୟାପକ ଆଲୋଚନା ରହିଛି ।

ISSN NO.
2582-208X

ଅତ୍ୟନ୍ତ କାବ୍ୟିକ ଶବ୍ଦ ବିନ୍ୟାସରେ ସୁଲଳିତ ଗାଥା ସମୂହ ଏତେ ଶ୍ରୁତି ମଧୁର ଓ ଅର୍ଥବୋଧକ ଯେ ଜ୍ଞାନୀ ଅଜ୍ଞାନୀ ନିର୍ବିଶେଷରେ ସମସ୍ତେ ତାକୁ ଆବୃତ୍ତି କରି ମନେ ରଖୁଥିଲେ । ଦିବ୍ୟ ପ୍ରେରଣାରେ ଉଚ୍ଚାରିତ ଗାଥାର ପଂକ୍ତିସବୁ ସାଢେ ତିନ ହଜାର ବର୍ଷ ପରେ ମଧ୍ୟ ସତ୍ୟ ଅନୁସନ୍ଧିତ୍ସୁଙ୍କୁ ସମ୍ମୋହିତ କରିପାରୁଛି । ଗାଥାର ମନ୍ତ୍ର ସବୁ ବେଦର ମନ୍ତ୍ର ପରି ଗଭୀର ଅର୍ଥପୂର୍ଣ୍ଣ ଓ ସୂକ୍ଷ୍ମ ଦର୍ଶନରେ ଭରପୁର । ଖୁବ୍ କମ ଶବ୍ଦରାଜିରେ ଗଭୀର ସତ୍ୟକୁ ପ୍ରତିପାଦନ କରୁଥିବା ପଂକ୍ତି ସବୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପେ ବ୍ୟାଖ୍ୟା କରାଯାଇଛି । ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଏହି ମନ୍ତ୍ରମୟୀ ଗାଥାସମୂହ ପିଢ଼ୀ ପରେ ପିଢ଼ୀ ସ୍ମୃତି ଆକାରରେ ଜୀବିତ ରହିବା ପରେ, ସମ୍ଭବତଃ ଆଭେସ୍ତା ଅକ୍ଷରମାଳା, ବର୍ଣ୍ଣମାଳା ତିଆରି ହେବା ପରେ ସେସବୁକୁ ଲିଖିତ ଆକାରରେ ସଂରକ୍ଷିତ କରାଯାଇଛି । ଜୋରାଷ୍ଟ୍ରରମାନଙ୍କ ଅନ୍ୟ ଏକ ଧର୍ମଗ୍ରନ୍ଥ ହେଲା ଆଭେସ୍ତା । ଭାରତର ଅଥର୍ବ ବେଦ ଓ ଆଭେସ୍ତା ଭିତରେ ଅଦ୍ଭୁତ ସାମଞ୍ଜସ୍ୟ ଦେଖାଯାଏ । ଏପରିକି ଅନେକ ଶ୍ଳୋକ ଦୁଇଟିଯାକ ଗ୍ରନ୍ଥରେ ଦେଖାଯାଏ । ଅନୁମାନ କରାଯାଏ ଯେ ଯଦି ଆର୍ଯ୍ୟମାନେ ପାରସ୍ୟ ପଟୁ ଭାରତକୁ ଆସିଥାନ୍ତି, ତେବେ ନିଶ୍ଚିତ ରୂପେ ଆଭେସ୍ତା ହେଉଛି, ଏହି ଚାରଣ ଜାତି ଦ୍ୱାରା ଧୀରେ ଧୀରେ ପରିବର୍ତ୍ତିତ ହୋଇଥିବା ଅଥର୍ବ ବେଦର ପୂର୍ବ ରୂପ । ଇରାନରୁ ଭାରତ ଆସୁଥିବା ଯାଯାବରମାନେ ଯେଉଁ ସବୁ ଭୌଗୋଳିକ ପରିବେଶ, ନଦୀନାଳ, ପର୍ବତ ମରୁଭୂମି ତଥା ବିଭିନ୍ନ ପାଣିପାଗ ସାମନା କରି ଆସିଛନ୍ତି, ସେସବୁର ବର୍ଣ୍ଣନା ଅଥର୍ବ ବେଦରେ ଦେଖିବାକୁ ମିଳେ । ଯଦି ଆର୍ଯ୍ୟମାନେ ଭାରତରୁ ପାରସ୍ୟ ଯାଇଥାନ୍ତି, ତେବେ ଆଭେସ୍ତା ହେଉଛି ଅଥର୍ବ ର ପରିବର୍ତ୍ତିତ ରୂପ ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X


# ଭୁଲି ହୁଏନା



ବିଜୟ କୁମାର ସାହୁ

ଭୁଲି ହୁଏନା ଗୋ କବିତା
ତୁମ ରୂପ ମାଧୁରୀକୁ
ତୁମ ପାଦର ଅଳତା
ସହିତ ନୂପୁରର ରୁଣୁଝୁଣୁକୁ ॥ ୧
ତୁମ ମନ୍ଦ ମନ୍ଦ ହସ
ଚଞ୍ଚଳ ଆଖିର ତରଙ୍ଗକୁ
ଭୁଲି ହୁଏନା ଗୋ କବିତା
ତୁମ ଘନ କବରୀକୁ ॥ ୨
ତୁମ କୋଇଲି କଣ୍ଠର
ମନ ଭୁଲାଣିଆ କଥାକୁ
ଭାବି ହେଉଥାଏ ନିଶିଦିନ
ତେବେ କିପରି ଭିଲିବି ତୁମକୁ ॥ ୩
ମେଘ ବାଦଲରେ ଖେଳୁଥାଅ ଯେବେ
ଝୀନ ବସ୍ତ୍ର ଆଭରଣେ
ପଦ ପାଦ ଛନ୍ଦ ମଳିନ ହୁଏ
କାହିଁକି ଗୋ କବି ମନେ
ତଥାପି ମନରେ ଭଲ ପାଇବାଟା
ମରୁ ନାହିଁ କେବେ ଦିନେ ॥ ୪

ବିଜିଗୋଳ, ଏନ ଟି ପିସି, ଅନୁଗୋଳ
ମୋ - ୮୭୭୩୧୪୮୭୨୩

ISSN NO. 2582-208X

# ଆଜି ଆମେ ଏହି ଶପଥ ନେବାରେ



ଅମୃତନାରାୟଣ ଶତପଥୀ

ମାସ ହେଲା ଅକ୍ଟୋବର,
ଆସିଗଲା ଦୀପାବଳି ଦୀପର ମହଲ ।
ପୂରିଗଲା ବଜାର ଦୀପ ଓ ବାଣରେ
ଦୋକାନୀଏ ବସିଗଲେ ମନ ଆନନ୍ଦରେ
ପାଶେ ଧରି ଝରଝରି, ଧପଧପୀ ଆଉ କେତେ ଯେ ଫୋଟକା
ଗଳା ଝାଡି ଡାକ ଦେଲେ ବାଣ ନେବ ଆସ କିଏ
ଏ ବର୍ଷ ହୋଇଛି ଭାରି ଶସ୍ତା ।
ଛୁଟିଗଲେ ପିଲା ବୁଢା ହାତରେ ପଇସା ନେଇ
କିଣିବା ପାଇଁକି ତ ବାଣ
ଫୁଟାଇବେ ଆଜି ମିଶି ମନ ମଉଜରେ ଆଜି
ବର୍ଷକରେ ଏହି ଗୋଟେ ଦିନ ।
ଆସିଗଲା ଦୀପାବଳି ଦିନର ରଜନୀ
ଆଲୋକିତ ହୋଇଗଲା ଏ ସାରା ଧରଣୀ
ପୁଣି ଫୁଟାଗଲା କେତେ ରକମର ବାଣ
ପରିବେଶ ପ୍ରଦୂଷିତ ହୋଇଗଲା ଜାଣ ।
ବାଣ ର ଶବ୍ଦରେ ପୁଣି କମ୍ପିଲା ବସୁଧା
ସତେ ଯୁଦ୍ଧ ଟିଏ କିବା ହୋଇଅଛି ଉଭା ।
ମୃତାହତ ହୋଇଗଲେ ପୁଣି କେତେ ଲୋକ

ISSN NO.
2582-208X

ତାଙ୍କ ଘରେ ଛାଇଗଲା ଦୁଃଖ ଆଉ ଶୋକ ।
କେତେ ଯେ ଛପର ଘର ଜଳିପୋଡି ଗଲା
କେତେ ଯେ ଧନ ଆମର ପାଣିରେ ପଡ଼ିଲା।
ହେଲାନାହିଁ କିଛି ଲାଭ କେବଳ ତ କ୍ଷତି
ତାହାକୁ ହିସାବ କଲେ ବଢିଯାଏ ତାତି।
ଯଦି ଆମେ ପାଳିଥାନ୍ତେ ଦୀପାବଳି ଦୀପ ଜାଳି
ବାଣ୍ଟିଥାନ୍ତେ ଖାଦ୍ୟ ପୁଣି ଗରିବଙ୍କ ମଧ୍ୟରେ
ପୂଣ୍ୟ ତେବେ ମିଳିଥାନ୍ତା ଉପକାର ହୋଇଥାନ୍ତା
ପରିବେଶ ହୋଇଥାନ୍ତା ଶୁଦ୍ଧ ରେ।
ଅନାହାର ମୁଖେ ଯେବେ ପଡିଥାନ୍ତା ଆହାର
ବାଣ ଫୁଟା ଠାରୁ ତାହା ହୋଇଥାନ୍ତା ସୁନ୍ଦର।
ଆଜି ଆମେ ଯାହା କଲେ ତାହା ନୁହେଁ ଭଲରେ
ଏପରି କଲେ ଆମର ବହୁକ୍ଷତି ହେବରେ।
ଶିଖିବା ସଞ୍ଚୟ ଗୁଣ ମହୁମାଛି ଠାରୁ ଆମେ
ବାଣ୍ଟିଦେବା ଆମ ଖୁସି ସମସ୍ତଙ୍କ ମଧ୍ୟରେ ।
ଆଜି ଆମେ ଏହି ଶପଥ ନେବାରେ......
ଆଜି ଆମେ ଏହି ଶପଥ ନେବାରେ।

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ତୁଳସୀ ଦାସଂକ ଦିଅଁ ଖୋଜା



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ବହୁ ଦିନ ତଳେ
ସେ ସନ୍ଥ ତୁଳସୀ
ପୁରୀ ଧାମ ଆସିଥିଲେ
ଶ୍ରୀମନ୍ଦିର ଯାଇ
ରାମ ସୀତା ଆଉ
ଲକ୍ଷ୍ମଣଙ୍କୁ ଖୋଜିଥିଲେ।

କାହିଁ ସେ କେଉଁଠି
ରାମ ଲକ୍ଷ୍ମଣ ଓ
ସୀତାଙ୍କୁ ପାଇଲେ ନାହିଁ
କାଳିଆ ବଳିଆ
ସୁଭଦ୍ରାଙ୍କୁ ଦେଖି
ବାହାରିଲେ ଯିବା ପାଇଁ।

ସିଂହ ଦ୍ୱାରେ ଆସି
ଦେଖିଲେ ସେ ସଂନ୍ଥ
ସ୍ମଶ୍ରୁଧାରୀ ଜଣେ ବୃଦ୍ଧ
କହିଲେ ତାହାଂକୁ
"ଦେଖୁଛି ତୁମକୁ
ମନରେ ତୁମର କ୍ରୋଧ।"

କହିଲେ ତୁଳସୀ
"ରାମ ସୀତା ଆଉ
ଲକ୍ଷ୍ମଣ ନାହାନ୍ତି ମୋର
କେତେ ଆଶା କରି
ଧାଇଁ ଆସି ଥିଲି
ଘର ମୋ ଅନେକ ଦୂର।"

କେଉଁଠାରେ ଥିଲା
ହନୁ ମାଙ୍କଡ଼ଟେ
ଓଗାଳିଲା ତାଙ୍କ ପଥ
"ଇଏ ହନୁମାନ"
କହିଦେଲେ ବୃଦ୍ଧ
ଜାଣି ଗଲେ ସେହି ସଂଥ।

ISSN NO.
2582-208X

"ରାମ ଓ ଲକ୍ଷଣ
ହୋଇ ବସିଛନ୍ତି
ଜଗନ୍ନାଥ ବଳଭଦ୍ର
ଭଉଣୀ ବେଶରେ
ସୀତା ମାତା ଏଠି
ବସିଛନ୍ତି ସୁଭଦ୍ରା ତ ।

ଦ୍ୱାରଦେଶେ ଥିଲେ
କୃଷ୍ଣ ବଳରାମ
ସୁଭଦ୍ରା ଭଉଣୀ ଏତ
କେମିତି ଦେଖିଲ
ନାହାନ୍ତି ସେମାନେ
ବସିଛନ୍ତି ଦାରୁବତ ।"

ସବୁ ବୁଝି ସନ୍ଥ
ମୁଣ୍ଡିଆ ମାରିଲେ
ବହିଲା ଲୋତକ ଧାର
କହିଲେ "ହେ ପ୍ରଭୁ
କ୍ଷମା କରି ଦିଅ
ବୁଝି ଗଲି ଏହି ଥର । "

ମୋ ନଂ 9937462507

ISSN NO.
2582-208X

# ଦୁଃଖଦ ଉନ୍ନତି



ପ୍ରଦୀପ୍ତ କୁମାର ମିଶ୍ର

ପରିବର୍ତ୍ତନ ଶୀଳ ସମୟରେ ମନୁଷ୍ୟ ପରିବର୍ତିତ ହେବା ତାର ଧର୍ମ। ଯଦି ସେ ପରିବର୍ତ୍ତନ ର ହାୱାକୁ ନବୁଝି ପାରେ ତେବେ ସମୟର ସ୍ରୋତର ପାର୍ଶ୍ୱରେ ନିଜକୁ ଅବକ୍ଷିପ୍ତ ଭାବରେ ଆବିଷ୍କାର କରେ। ତେବେ ପରିବର୍ତ୍ତନ ଅବଶ୍ୟମ୍ଭାବି ଏହା ଦିବାଲୋକ ପରି ସତ୍ୟ। ପରମ୍ପରା ସର୍ବଦା ଯୁଗୋପଯୋଗୀ ପରିବର୍ତ୍ତନ ହୋଇଥାଏ ଯାହା ନୂତନତ୍ୱର ଜନ୍ମ ଦେଇଥାଏ। କିନ୍ତୁ ଏହା ବେଳେବେଳେ ଅସମ୍ଭବ ବିବର୍ତ୍ତନ ସୃଷ୍ଟି କରି ସାମାଜିକ ଯନ୍ତ୍ରଣା ସୃଷ୍ଟି କରେ ଏକଥା ଆମେ ମର୍ମେ ମର୍ମେ ଅନୁଭବ କରିଛନ୍ତି। କୌଣସି ଦେଶର ସଂସ୍କୃତି ସେହିଦେଶର ସମାଜର ନାଗରିକ ମାନଙ୍କୁ ଶୃଙ୍ଖଳିତ କରିଥାଏ, ଏକ ମୂଲ୍ୟବୋଧ ମୂଳକ ସମାଜ ସୃଷ୍ଟି କରିଥାଏ। କିନ୍ତୁ ସଂସ୍କୃତି ର ପ୍ରଦୂ୍ୟଷଣ ହେଲେ ଏହା ସୁସ୍ଥ ବିନ୍ୟାସ ପରିବର୍ତ୍ତେ ବିନଷ୍ଟ କରେ।

ଆମେ ଏକବିଂଶ ଶତାବ୍ଦୀର ମଣିଷ ତେଣୁ ଆମର ପରିବର୍ତ୍ତନ କେବଳ ସମୟ ଅନୁଯାୟୀ ନୁହେଁ ବରଂ ବିସ୍ୱାୟନ ଅନୁସାରେ ଓ ପ୍ରଦ୍ୟୋଗ ଅନୁଭବିର ହୋଇଥାଏ। ପ୍ରଦ୍ୟୋଗ ଆଜି କେବଳ ଆମର ଅର୍ଥନୀତି କୁ ପ୍ରଭାବିତ କରିନି ବରଂ ଆମର ଚଳଣି ଓ ମାନସିକତା କୁ ଯଥେଷ୍ଟ ପ୍ରଭାବିତ କରିସାରିଛି। ଆମେ ବିଶ୍ୱାୟନ ଦୌଡ଼ରେ ସାମିଲ ହୋଇନାହାନ୍ତି ବରଂ ବିଶ୍ୱର ଅନ୍ୟ ସଂସ୍କୃତି କୁ ଅନୁସରଣ କରିବାରେ ବେଶ ଆଗରେ। ଆମ ସଂସ୍କୃତି କୁ ଆମେ ଅନନ୍ୟ ମନେକରି ନାହାନ୍ତି ବରଂ ଭାବନାରେ ଆମ ସଂସ୍କୃତି କୁ ତଉଲିଛନ୍ତି। ତା ମଧ୍ୟରେ ଆମେ ଆବିଷ୍କାର କରିଛନ୍ତି ଆମେ ଦୌଡ଼ରେ ବହୁ ପଛରେ ବୋଧହୁଏ। ଶିକ୍ଷା ଆମକୁ

ISSN NO.
2582-208X

ସଂସ୍କୃତି ଅଭିମୁଖୀ ନକରି କେବଳ ଅର୍ଥ ଉପାର୍ଜନ ର ମାଧ୍ୟମ କରାଇଛି। ଏହି ମାଧ୍ୟମ ଆମଠାରୁ ଆମକୁ କାହିଁ କେତେଦୂର ନେଇଯାଇଛି ଆମେ କଳନା କରିପାରିନାହାନ୍ତି। କଳା କୌଶଳ ଆମପାଇଁ ପୁରୁଣା ପରମ୍ପରା ପାଲଟିଯାଇଛି ଯେମିତି।

ଏସବୁ ପରେ ଆମେ ହରେଇଦେଇଛନ୍ତି ଆବେଗ ଓ ସମ୍ମୋହନ। ଯୌଥ ପରିବାର ଆଜି ସ୍ୱପ୍ନ। ସମ୍ପର୍କ କେବଳ ଦିଆ ନିଆ ମଧ୍ୟରେ ସିମୀତ। ପ୍ରେମ ପ୍ରିତି ସମ୍ବେଦନହୀନ, ସବୁଆଡେ ସବୁକିଛି ଅର୍ଥରେ କଳନା କରିବା ଆମର ଅଭ୍ୟାସ ହୋଇପଡିଛି। ବିଭିନ୍ନ ପ୍ରକାରର ସମ୍ପର୍କ ଆଜି ଶୁନ୍ୟ କେବଳ ଏହା ଏକ ଅଭେଦ ନିୟମ ରେ ବନ୍ଧାମାତ୍ର। କବିର ଲେଖା ଆଜି ପାଠକୀୟ ସମ୍ମୋହନ ସୃଷ୍ଟି କରିନି କି ପାଠକ ଟିଏ ତିଆରି କରିବାରେ ଅକ୍ଷମ। ଏପରି ଅକ୍ଷମତା ରେ ଆମେ କେତେ ହତୋସ୍ତାହ ଏକଥା ସହଜରେ ଅନୁମେୟ। ଆମର ଏତେ ସୁନ୍ଦର ପରମ୍ପରା ଥାଇମଧ୍ୟ ଆମେ ବ୍ୟଗ୍ରତା ପଛରେ ଅନୁଧାବନ କରିକରି ନୟାନ୍ତ।ସମସ୍ତେ ଯେମିତି ବ୍ୟଗ୍ର ସମୟର ଘୋର ଅଭାବ ର ଅଭିନୟରେ ସିଦ୍ଧହସ୍ତ। ପରବର୍ତ୍ତୀ ପିଢ଼ି କୁ କେବଳ ଆମର ସମ୍ମାନ ବୃଦ୍ଧି ପାଇଁ ଗଢିବାରେ ଅନବରତ ପ୍ରୟାସରତ। ଯେଉଁଟି ଆମକୁ ଦେଇଛି କେବଳ ନିରାଶା।ତେଣୁ ଆମେ ଯାହା ସମୟ ଯୁଗର ଦୋଷ ଦେଇ ଚୁପ ହୋଇପଡିଛନ୍ତି।

ସମୟ ତା ଅନୁସାରେ ଧାବମାନ ଏମିତି ଅନାଦି ଅନନ୍ତ କାଳରୁ ସେ ଦେଖିଛି କେତେ ସଭ୍ୟତା ର ଉନ୍ମେଷ ଓ ବିନାଶ। ଯିଏ ସମୟ ସହ ପୂର୍ବପର ଚିନ୍ତନ କୁ ଯୋଡ଼ିଛି ସେହିଁ ପାଇଛି ସମୟର ଗତିଶୀଳତାରେ ଅମୁଲ୍ୟ ଫଳ। ଯିଏ ଯୋଡିପାରିନି ସେଠି ପରିଲକ୍ଷିତ ହେଉଛି ବିନାଶ ମାତ୍ର।

ଏପରି ଉନ୍ନତି କଣ କେବେ ଆମେ କେବେ ଆଶାକରିବା କି ? ଏପ୍ରଶ୍ନ ର ଉତ୍ତର କେବଳ ନା ରେ ହିଁ ଆସିବ। ଶିକ୍ଷା ପଦ୍ଧତି ତ୍ରୁଟିପୂର୍ଣ୍ଣ ଏହି ତ୍ରୁଟି ତିଆରିକରିଛି କେବଳ ମସ୍ତିଷ୍କ ହୀନ ରୋବର୍ଟ ଟିଏ ଯାହା ଏହିପିଢି। କେବଳ କୌଣସି ମତେ ବଞ୍ଚିବା ର କଳା କୁ ଆପଣେଇବାର ଅଦମ୍ୟ ପ୍ରୟାସ ମାତ୍ର। କିନ୍ତୁ ଜୀବନର କଳା କୁ ଆପଣାର କରିବାର ମନୋବୃତ୍ତି ହଜିଯାଇଛି। ପ୍ରେମ ଶ୍ରୀହୀନ ତଥା ସଂସ୍କାର ରହିତ, ଏହା କେବଳ ଜୈବିକ ଆବଶ୍ୟକତା କୁ ବୁଝାଇବାର ସମର୍ଥ। ସବୁଆଡେ ଏପରି ହାହାକାର ହେବା ପୂର୍ବରୁ ଆମେ ଚିନ୍ତା କରିବା ଆବଶ୍ୟକ । ଗୋଟିଏ ପାର୍ଶ୍ୱରେ ମନ୍ଦିର ମସଜିଦ ଗୀର୍ଜା ଗଠନ ପ୍ରକ୍ରିୟା

ISSN NO.
2582-208X

ବଢ଼ିଲା ବେଳେ ଅନ୍ୟପଟେ ଭକ୍ତି କମିକମି ଚାଲିଛି । ମନରେ ଧର୍ମର ଗୂଢ଼ ଚିନ୍ତନ ପରିବର୍ତ୍ତେ ଯାହା ଧର୍ମର କଟର ଭାବନା ଉଦ୍ରେକ ହୋଇଛି ।ଏପରି ଉନ୍ନତି କେବଳ ଭୌତିକ ଆନନ୍ଦ ଦିଏ ସତ କିନ୍ତୁ ଭାବନାତ୍ମକ ଆନନ୍ଦ ସୃଷ୍ଟି କରିବାରେ ଅସମର୍ଥ ହୋଇଥାଏ।

ଏହାକୁ ଆମେ କେବଳ ଦୁଃଖଦ ଉନ୍ନତି ହିଁ କହିପାରିବା। ଆଗାମିକାଲି କୁ ଯଦି ଶିକ୍ଷା ସଂସ୍କାର ଦେଇନପାରିବା ତେବେ ସମାଜଟିଏ ଗଢିପାରିବା ନାହିଁ। ଭାରତୀୟ ସଂସ୍କାର ପରମ୍ପରା କୁ ଭିତ୍ତିକରି ଗଢ଼ିଦେବା ପାଇଁ ଏକ ସୁସ୍ଥସମାଜ ଆମେ ପ୍ରାଯତ୍ନ ଅବଶ୍ୟ କରିବାର ସମୟ ଏବେ ଉପନୀତ। ଏଠି ଗରିବି ଏବେବି ଅଛି ଅଶିକ୍ଷା ଏବେବି ସମାନ୍ତରାଳ ଗତିରେ ଗତିଶୀଳ। ତେଣୁ ଭିନ୍ନତା ପରିହାର କରି ଅଗ୍ରସର ହେବା ସର୍ବାଦୌ ଆବଶ୍ୟକ। ନଚେତ ଆମର ଉନ୍ନତି ଆମର ଅଶାନ୍ତିର କାରଣ ହେବ ହିଁ ହେବା।

ଯାଜପୁର, 9658614728

ISSN NO.
2582-208X


# ଭଲ ପାଏ ବୋଲି



ଅରୁଣ କୁମାର ମହାପାତ୍ର

କିଏ କହେ ଯେବେ ଭଲ ପାଏ ବୋଲି
ଜାଣେନା ସେ ଉକ୍ତିର ମହତ୍ତ୍ୱ
ହୃଦୟ ବେଦନା ବୁଝିଛି ସେ କାଳେ
କହି ପାରିବିନି କେତେ ସତ।
କିଏ ଜାଣେ ତାର ମାପକାଠି ରୂପ
ଆକାର ଆକୃତି ଅଛି କିବା
ଭଲ ପାଇବାର ଅଭିନୟ କରି
ଜୀବନରେ କି ଲାଭ ପାଇବା ?
ସମ୍ପତ୍ତି ବଢ଼ିଲେ ବଢେ ନାହିଁ ପ୍ରୀତି
ସ୍ନେହ ସମ୍ପର୍କ ବଢାଏ ପ୍ରେମ
ହୃଦୟଟା ସତେ ଭୁଲିନି ସ୍ପନ୍ଦନ
ଉତ୍ଫୁଲିତ କଲେ ଭଲ କାମ।
ସୂକ୍ଷ୍ମ ଆଲୋଚନା ସହୃଦୟ ଭାବ
ସୃଷ୍ଟି କରେ ମନେ ଦେବ ଭାବ
ଅତୀତ ସାଉଁଟି କଲେ ଏକତ୍ରିତ
ଅଶାନ୍ତ ମନେ ଆସେ ଉଦ୍ ବେଗ।

ISSN NO.
2582-208X

ସତ୍ ସଙ୍ଗ ମେଳେ କଲେ ଭଲ ଚିନ୍ତା
ମନ ଓ ହୃଦୟ ରହେ ସୁସ୍ଥ
କ୍ଷଣସ୍ଥାୟୀ ଏହି ଆମ ଅଭିନୟ
ଜୀବନ ଯାତ୍ରା ହୁଏ ମଞ୍ଜୁସ୍ଥ ।
ଭଲ ପାଏ ବୋଲି କିଏ କହେ ଖୋଲି
କିଏ ବା ରଖିଛି ଗୋପନରେ
ନକହିଲେ ସୁଦ୍ଧା ସୁରୁଜର ପ୍ରେମ
ଫୁଲ କିବା କେବେ ଭୁଲି ପାରେ ?
ଭଲ ପାଇବାକୁ ଲୋଡା ନାହିଁ ସତେ
ରହିବା ସମ୍ପର୍କ ରକତର
କହିବା ବାହୁଲ୍ୟ ଅମୂଲ ମୂଲ ସେ
ବନ୍ଧନ ଦୁହିଁଙ୍କ ହୃଦୟର।

ବୈଜ୍ଞାନିକ ଅଧିକାରୀ
ଅଶ୍ୱପୁରମ, ତେଲେଙ୍ଗାନା

ISSN NO.
2582-208X

# ଇଚ୍ଛାହୁଏ



ଡ଼ ପଲିମର ଦାଶ

ବେଳେବେଳେ ଇଚ୍ଛାହୁଏ,
ଡେଣା ମେଲାଇ ଉଡିବାକୁ
ଅଜଣା ରାଇଜରେ ହଜିଯିବାକୁ
ତାରା ମାନଙ୍କ ଗହଣରେ ମିଶିବାକୁ
ହେଲେ ବାସ୍ତବତା ଆଗରେ ସବୁ ଧୂଁଆଳିଆ ଦିଶେ ।
ବେଳେବେଳେ ଇଚ୍ଛା ହୁଏ,
ନୂଆଁ କିଛି କରିବାକୁ
ଶରତର କାକର ବିନ୍ଦୁରେ ଭିଜିବାକୁ
ମଳୟ ପବନରେ ଗୀତ ଗାଇବାକୁ
ହେଲେ କୁଆଡେ ଉଭେଇଯାଏ ଆଖି ଖୋଲିଦେବାରେ ।

ବେଳେବେଳେ ଇଛାହୁଏ,
ଫୁଲପରି ପାଖୁଡା ମେଲାଇବାକୁ
ବର୍ଷାରେ ଭିଜିବାକୁ
ଡେଇଁ ଡେଇଁ ହସିବାକୁ
ନିର୍ଜାନତାରେ ନିଜସହ କଥା ହେବାକୁ
ମୁରୁକି ହସିଦେଲା ପରେ ସବୁ ଲିଭିଯାଏ ।

ଝାରସୁଗୁଡା

ISSN NO.
2582-208X

# ଜୀବନ ଦର୍ଶନ



ଝରଣା ବାରିକ

କାଳ ନାଗୁଣୀ କୁ କ୍ଷୀର ପିଆଇଲେ ଜହର କି ଯିବ ଚାଲି
କ୍ଷୀର ବି ଜହର ପାଲଟିବ ଦିନେ ଚାହିଁ ରହିଥିବୁ ଖାଲି।
ମନ କୁ ଯଦି ତୁ ପଚାରି ବୁଝିବୁ ସିଏ ବତାଇବ ବାଟ,
କେମିତି ସହିବୁ ଏଇ ଜୀବନରେ ଏମିତି ମିଛୁଆ ନାଟ

ବେଳ ଥାଉ ଥାଉ ସାବଧାନ ହୋଇ ବାଟ ଚାଲୁ ଥିବୁ ଭାଇ
ସଂପର୍କର ମୂଲ୍ୟ ବୁଝିଲା ବେଳକୁ ସବୁ ଯିବ ଶେଷ ହୋଇ
କେତେ ଝଡ ଆସି ବହି ଚାଲି ଯିବ ଭାଙ୍ଗି ବନି ବାଲି ଘର
ମିଛ ସାହାରା ରେ ତାଜମହଲ ବି ହେଇଯିବ ଚୁରମାର।

ଗୋଟିଏ ମିଛକୁ ଲୁଚାଇବା ପାଇଁ କହୁ ସିନା ଶହେ ମିଛ
ମିଛ ପାଇଁ ପୁଅ ମୁଣ୍ଡ ଛୁଇଁ ଦେଲୁ କରି ଦେଲୁ ତାକୁ ତୁଛ,
ଏମିତି ସାହାସ କେହି କରିବେନି ଯଦି ସେ ପ୍ରକୃତ ମାଆ
ମାଆ ର ନାଁ ରେ କଳଙ୍କ ବୋଳିଲୁ ଧିକ୍ ତୋ ଜୀବନ ଆହା।

ମିଛର ଖୋଳପା ଅଢେଇ ଦିନିଆ ରଙ୍ଗ ଯିବ ତାର ଛାଡି,
ସତର ରଙ୍ଗରେ ରଙ୍ଗିନ ଦୁନିଆଁ ଦେଖୁ ଥିବୁ ଆଖି ଫାଡ଼ି।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ଏଇ ତ ଜୀବନ



ପୁଷ୍ପାଞ୍ଜଳି ମିଶ୍ର

ଜୀବନ ରୂପକ ଗଣିତ କଷାରେ
ନିତି ନିତି ମୁଁ ଗଣିତ କଷେ
ସୂତ୍ର ସବୁ ଯେତେ ପ୍ରୟୋଗ କରିଲେ
ଭାଗଫଳ ନ ବାହାରେ
ଅଢେଇ ଦିନର ଏଇ ତ ଜୀବନ
ମିଛେ ମିଛେ ସବୁ ବନ୍ଧା
ଗୋଟିଏ ହେଉଛି ସତ ସବାରୀ ସେ
ଜୁଇରେ ହେବ ସେ ଚିତା
ମିଛରେ ବିଇଆ ହେଉଛି ଖାଲି ସେ
ମୁଁ କୁ ଜାବୁଡି ଧରି
ଆତ୍ମା ଉଡିଗଲେ ଶୂନ୍ୟ ସବାରୀ କୁ
ମଶାଣୀ ନିଅନ୍ତି ବୋହି
ମଜ୍ଜା ମସ୍ତି କରି ସୁଖରେ ସୁଖରେ
ସପନ ସେ ଦେଖୁଥାଏ
ଦୁଃଖ ଯେତେ ବେଳେ
ଜୀବନେ ଆସେ
କହେ ସେ ମୋ ଭାଗ୍ୟରେ ଅଛି
ଭଲ କର୍ମ କର ଦାନ ଧର୍ମ ଦେଇ
ଅଢେଇ ଦିନକୁ ଆସିଛୁ ରେ ମନ

ISSN NO.
2582-208X

ମିଛ ଦୁନିଆ ରେ ସବୁ ଖାଲି ମିଛ
କର୍ମ କରି ଥିଲେ ରଖିବୁ ନାଁ
ଦୁନିଆଁ ଦୁନିଆଁ ଦୁଇ ଦି ନିଆ
ନେବା ପାଇଁ କିଛି ନାହିଁ
ଯାହା ଅରଜିଥିବୁ ସବୁ ଯିବୁ ଛାଡି
ଶୂନ୍ୟ ହସ୍ତେ ତୁହି ଥିବୁ
ଚାରି କାନ୍ଧେ ତୋତେ ନେବେ ମଶାଣି କୁ
ପୋଡି ଦେଇ ଆସିବେ
ବାର ଦିନ ଯାଏ ଗହଳି ଚହଳି
ତେର ଦିନେ ଯିବେ ଭୂଲି
ଏଇ ତ ଜୀବନ ସୁଖ ଆଉ ଦୁଃଖ ର
ଜୁଆ ଖେଳ
ମିଛ ଆଉ ମୋହ ର ମୁଖ୍ୟ ନାୟକ
ଅଙ୍ଗେ ଅଙ୍ଗେ ସବୁ ଲିଭାଇଲା ପରେ
ତଥାପି ବୁଝେନି ଏ ମାୟା ମୋହ
ସବୁ ଜାଣେ ସବୁ ଶୁଣେ
କାହିଁକି କେଜାଣି ବାଉଳା ହୁଏ ॥

ସୁକନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
9556643921

ISSN NO.
2582-208X

# ସାଥୀ



କୁଞ୍ଜ ବିହାରୀ ସାହୁ

ସଫେଦ ରଙ୍ଗର ବୟସ୍କ ଲୋକଟି । ବିଶାଳ ବପୁ । ପ୍ରଶସ୍ତ ଛାତି । କଳା ଘୁମର ଆଖିର ଭ୍ରୂଲତା । ଶାଣିତ ଦୃଷ୍ଟି । ନଦୀକୂଳରେ ଦଣ୍ଡାୟମାନ । ତୈଳାକ୍ତ ଦେହଟିକୁ ନଦୀ ଜଳରେ ବୁଡାଇବାର ଅଦମ୍ୟ ଇଛା । ଶୌଚାଦି ପରେ ସ୍ନାନପାଇଁ ଇପସିତ ଇଛା ମନରେ ।

ପୌଷର ନିଦୁଆ ମଧ୍ୟାହ୍ନ । ନିରବ ଢଙ୍ଗରେ ବୟସ୍କ ଲୋକଟି ଏକଲୟରେ ନଦୀକୁ ଦୃଷ୍ଟି ନିକ୍ଷେପ କରୁଛି । ନିରୋଳା ସମୟକୁ ଏକତରଫା ଭଲପାଉଛି ।

ନଦୀକୂଳସ୍ଥ ବରଗଛ ତଳେ ଘଡିଏ ଆଶ୍ରୟ ନେଉଛି । ଉପଳଖଣ୍ଡ ସଂଗ୍ରହ କରି ନଦୀ ଜଳକୁ ପ୍ରେରଣ କରୁଛି । ଦେଖୁଛି ନିର୍ମଳ ବାତାବରଣ। ହସନ୍ତ ବଦନ । ଖୁସୀକୁ ସାଉଁଟି ସ୍ନାନ କଲା ନଦୀ ଜଳରେ । ଅଫୁରନ୍ତ ଆନନ୍ଦ । ଦେହରେ ନଦୀଜଳର ବହଳ ଆସ୍ତରଣକୁ ଦେଖି ପ୍ରଗଳଭ ହେଇଯାଉଥିଲା ମନେ ମନେ । ହାତ ଗୋଡର ଲୋମ ବି ତିନ୍ତିଯାଉଥିଲା ଆପେ ଆପେ ।

ମନରେ ଜାଗିଉଠୁଥିଲା ରୋମାଣ୍ଟିକ ମୁଡ । କେହି ଜଣେ ପାଖରେ ଥାଆନ୍ତା କି ନଦୀଜଳକୁ ଢାଳିଦିଅନ୍ତା ଅବିରତ । ନା,...ଶୁନ୍ୟ ଆକାଶକୁ ଆଖି ପହଁରେଇ ନେଉଥିଲା । ଓଦା ସରସର ଦେହଟିକୁ ଧରି କୁଳକୁ ଫେରିଆସିଲା । ନିଜ ପିନ୍ଧା ବସନକୁ ବଦଳାଇଦେଲା । ତଉଲିଆକୁ ପାରିଦେଲା ଗଛ ମୂଳରେ । ଗଛପତ୍ରର ପଙ୍ଖାରେ ନିଦ ଆସିଗଲା । ହଠାତ୍ ଚମକିପଡିଲା ନିଦ ବାଉଳାରେ । ସତେ ଅବା ସୁନ୍ଦରୀ ତରୁଣୀଟେ ତା ସାମ୍ନାରେ ଉଭା ।

ISSN NO.
2582-208X

ଆଖି ଖୋଲିଲା ଅବିଳମ୍ବେ । ମିଛ କଥା ..ମିଛ ସ୍ୱପ୍ନ । ପୁଣି ଘୁମେଇ ପଡିଲା ବୟସ୍କ ବ୍ୟକ୍ତି ଜଣକ।

ଅଳ୍ପ ସମୟର ବିରତି ପରେ କିଏ ଜଣେ ଡାକପକେଇଲା । ହ୍ୟାଲୋ...ହ୍ୟାଲୋ...କ'ଣ ନିଦ୍ରା ଘାରିଯାଇଛି ଆଖିରେ । ଡିଷ୍ଟର୍ବ କରିପାରେ କି ?

ଆଖି ସାମ୍ନାରେ ତରୁଣ ତରୁଣୀ । ଦେହସାରା ଯୌବନ ଖୁନ୍ଦି ହେଇଯାଇଛି ଯେମିତି । ଆକାଶରେ କଳାମେଘର ଛାଇ ଦେଖି ଆଗନ୍ତୁକ ନମ୍ର ଢଙ୍ଗରେ ବ୍ୟକ୍ତ କଲେ - ଆମେ ଦୁଇଜଣ ତୃଷାର୍ତ୍ତ । ଭୋକିଲା ବି । ନିଘଞ୍ଚ ଜଙ୍ଗଲରେ ବାଟବଣା ମୁଦ୍ରାରେ ଏକାକୀ ହେଇଯାଇଛୁ । ସାଥିରେ ମୋ ଗାର୍ଲ ଫ୍ରେଣ୍ଡ ସୋଫିଆ । ତୁମେ କିଛି କ୍ଷଣ ସୋଫିଆକୁ ଭଉଣୀ ଭାବରେ ଗ୍ରହଣ କରିପାରିବ । ତୁମ ହେପାଜତରେ ଛାଡିଦେଇ ଖାଦ୍ୟ ଅନ୍ୱେଷଣରେ ବାହାରିଯିବି ।

ତେବେ ତୁମ ନାଁ କଣ ଆଗନ୍ତୁକ ।

ନିକୋଲାସ୍ - ନମ୍ରଠାଣିରେ ଉତ୍ତର ଦେଲା ଆଗନ୍ତୁକ ।

ଖୁବ୍ ସୁନ୍ଦର ନାଁଟିଏ ।

ନିକୋଲାସ୍ ପ୍ରଶ୍ନଟିଏ ଥୋଇଦେଲା ବୟସ୍କ ବ୍ୟକ୍ତିଙ୍କ ଆଗରେ । ତୁମ ନାଁ ?

ଜଷ୍ଟିନ ହବାକ୍ । ଅଷ୍ଟ୍ରେଲିଆର କାନବେରା ସହରରେ ମୋ ବାପା ମା ରହୁଥିଲେ । ଦିନେ ପ୍ଲେନ କ୍ରାସରେ ବହୁତ ଦୂରକୁ ଚାଲିଗଲେ । ମୁଁ ନିରାଶ୍ରିତ ହେଇଗଲି ବାଳୁତ କାଳରୁ । ସେଇଦିନଠୁ ଏକଲା ଏକଲା ବୁଲୁଛି ।

ସୋଫିଆ ଓ ନିକୋଲାସଙ୍କୁ ନିର୍ଲିପ୍ତ ଚକ୍ଷୁରେ ଚାହିଁ ରହିଲା ଜଷ୍ଟିନ । ନିଜକୁ ନିଜେ ପ୍ରଶ୍ନଟିଏ ଆବିଷ୍କାର ଢଙ୍ଗରେ ପଚାରିଲା ସତରେ କ'ଣ ସୋଫିଆ ମୋ ଭଉଣୀ ହେଇପାରିବ। ମୁଁ ଯେ ଅବିବାହିତ । ଏ ଜଙ୍ଗଲରେ ଏକୁଟିଆ । ସାଥିହରା ମଣିଷଟେ । ନିଜସ୍ୱ ଠିକଣା ହଜେଇଦେଇଛି ଅନେକ ଦିନୁ । ମୋ ନିଜ ରାଜ୍ୟର ଏକଛତ୍ରବାଦୀ ସମ୍ରାଟ।

ISSN NO.
2582-208X

କିଛି କ୍ଷଣ ଚୁପ୍ ରହିଲା ଜଷ୍ଟିନ୍ । ସୋଫିଆକୁ ନିରେଖି ଚାହିଁଲା। ଶାନ୍ତ, ସରଳ, ସ୍ନିଗ୍ଧ ଚେହେରା । ଟଣା ଟଣା ଆଖି, ସରୁ ଓଠ, ସବୁ ତ ସୁନ୍ଦର । କିନ୍ତୁ ଝିଅଟି ଏ ବୟଫ୍ରେଣ୍ଡ ସାଥିରେ ବୁଲୁଛି କେମିତି । ଜାତି ଗୋତ୍ର ନାହିଁ କି । ବୁଝିପାରିଲାନି ସେ ।

ନିକୋଲାସ୍ ପ୍ରଶ୍ନଟିଏ ଉତ୍ଥାପନ କଲା – କିଛି ମନରେ ଶଙ୍କା ଅଛି କି ଜଷ୍ଟିନ୍ ।

ନା.. ତେବେ ଏ ସୁନ୍ଦରୀ ବାଳାକୁ ଏକୁଟିଆ ଏଠି ଛାଡିଯିବାର ମାନେ କଅଣ ?

ନିକୋଲାସ ସହାସ୍ୟ ବଦନରେ କହିଦେଲା – ଖୁବ୍ ଭୋକିଲା ଖୁବ୍ ଶୋଷିଲା ସୋଫିଆ । ତା ସୁନ୍ଦରପଣକୁ ପଶୁପକ୍ଷୀ ବି ଚାହିଁରହିଛନ୍ତି । ଯଦିବା କୋଉଠି ମଣିଷର ଲୋଭିଲା ଆଖି ପଡିଯିବ ନା, ସୋଫିଆର ଅବସ୍ଥା ବାରଣ୍ଡା ଦି–କଡା ହେଇଯିବ । ଗରିବ ଝିଅଟି ସୋଫିଆ। ତା ସୁଲଭ ଆଚରଣ ଓ ସରଳ ଉଚ୍ଚାରଣକୁ ଖୁବ୍ ଭଲପାଏ ମୁଁ । ମୋ ସାଥୀରେ ବୁଲିବୁଲି ସେ ନିଜକୁ ବିପଦମୁକ୍ତ ମନେକରିଛି । ଶୋଷ ହେବାରୁ ନଦୀକୂଳକୁ ଧାଇଁ ଆସିଲି। ତୁମକୁ ଦେଖି ମୁଁ ଆଶ୍ୱସ୍ତି ଅନୁଭବିଲି ।ସୋଫିଆକୁ ଏଇଠି ଛାଡିଦେଇ ଜଙ୍ଗଲରୁ ଫଳ ଧରିଆସୁଛି । ନଦୀ ଜଳ ଦେଇ ସୋଫିଆର ତୃଷା ମେଣ୍ଟେଇଦିଅ ଜଷ୍ଟିନ୍ ।

ଠିକ୍ ଅଛି । ତୁମେ ଏବେ ଯାଇ ଆସିପାର ନିକୋଲାସ୍ ।

ନିକୋଲାସ୍ ଏକ ଯୁକ୍ତାତ୍ମକ ମୁଡରେ ଜଙ୍ଗଲଆଡେ ମୁହାଁଇଲା ।

ଜଷ୍ଟିନ ପାଖରେ ସୋଫିଆ ରହିଲା ।ମୁଠାଏ ଆଶା ଓ ବିଶ୍ୱାସକୁ ପୁଞ୍ଜି କରିନେଲା ସୋଫିଆ। ନଦୀ ଜଳକୁ ଆକଣ୍ଠ ପାନ କରି ନିଜକୁ ଆଶ୍ୱସ୍ତି ଅନୁଭବ କଲା ସୋଫିଆ । ଗଛ ଚାରିପଟେ ଧୀର ସମୀରଣର ଆଳାପ । ନଦୀର କୁଳୁକୁଳୁ ଗୀତ । ଶାନ୍ତ ସୁଧାର ପରିବେଶ ।

ସୋଫିଆର ଆଖିପତା ନଇଁ ଆସୁଥିଲା ନିଦରେ । କ୍ଳାନ୍ତ ଶ୍ରାନ୍ତ ଅନେକବେଳୁ । ଶୋଇବାକୁ ଉଦ୍ୟତ ହେଉଥିଲା ସେ । ଲାଜସିକ୍ତ ଚାହାଁଣିରେ କହିପାରୁ ନଥିଲା । ଜଷ୍ଟିନ ବୁଝିପାରିଲା ସୋଫିଆର ମନକୁ । ଗଛପତ୍ରରେ ଶେଯ ତିଆରି କରିଦେଲା । ଶୋଇବାକୁ ଅନୁମତି ଦେଲା ।ସୋଫିଆ ଶୋଇବାକୁ ଯାଉ ଯାଉ ଜଷ୍ଟିନକୁ ଅନୁରୋଧ କଲା ପାଖରେ ଶୋଇବାକୁ।

ISSN NO.
2582-208X

ଚମକିପଡ଼ିଲା ଜଷ୍ଟିନ । ନିଜ ନିଦ୍ରାକୁ କରାୟତ୍ତ କରି ଶୋଇଯିବାକୁ ପୁନଶ୍ଚ ଅନୁରୋଧ କଲା। ସୋଫିଆ ସମ୍ମତି ଜଣାଇଲା । ଜଷ୍ଟିନ ଜଗିରହିଲା ସୋଫିଆକୁ ରକ୍ଷାକର୍ତ୍ତା ଭାବରେ।

ସୋଫିଆ ଶୋଇପଡ଼ିଲା ଗହନ ନିଦରେ ।ମିଠା ମିଠା ସ୍ୱପ୍ନକୁ ସାଉଁଟି ବାଉଳି ହେଲା । ଖୋଜୁଥିଲା ନିକୋଲାସକୁ । ବିଳମ୍ବିତ ହେଉଥିଲା ପ୍ରତି ମୁହୂର୍ତ୍ତ । ନିକୋଲାସ କିନ୍ନର ବୋଲି ସୋଫିଆର ଇପସିତ ଇଛାକୁ ପୂର୍ଣ୍ଣ କରିପାରୁନଥିଲା । କିନ୍ତୁ ସମୟ ଅନୁସାରେ ସୋଫିଆର ଯତ୍ନ ନେଉଥିଲା ।

ବାଉଳି ହୋଇ ଗପିଲାବେଳକୁ ଜଷ୍ଟିନ ସୋଫିଆର ଦେହକୁ ଛୁଇଁଦେଲା । ସୋଫିଆ ଅଜଣା ପୁଲକରେ ଜଷ୍ଟିନକୁ ଜାବୁଡ଼ି ଧରିଲା । ନିଜ ଖୋଲା ଦେହକୁ ନେସିଦେଲା ଜଷ୍ଟିନର ଫୁଙ୍ଗୁଳା ଛାତିରେ । ଜଷ୍ଟିନର ଉନ୍ନତ ଛାତିକୁ ଅନେକ ସମୟ ଧରି ଚାହିଁରହିଲା । ସୋଫିଆ ମନେ ମନେ ଖୋଜୁଥିଲା ଜଷ୍ଟିନକୁ । ନିଦ ବାଉଳାରେ ଦେହ ନେସି ହେଲାପରେ ନିଜକୁ ଆୟତ୍ତ କରିପାରିଲାନି । ଜଷ୍ଟିନ କିଂକର୍ତ୍ତବ୍ୟବିମୁଢ଼ । ଶୂନ୍ୟ ଆକାଶ । ଶୀତୁଆ ପବନ । ଗଛଡାଳର ମୃଦୁ ଶିହରଣ ପରିବେଶକୁ ରୋମାଞ୍ଚିତ କରୁଥିଲା ।

ବିନମ୍ରପଣରେ ଜଷ୍ଟିନ ପଚାରିଲା – ସୋଫିଆ ତୁମକୁ ଭଉଣୀ ରୂପରେ ନିକୋଲାସ ମୋ ଜିମାରେ ଛାଡ଼ିଦେଇଯାଇଛି । ବିଶ୍ୱାସକୁ ମୋ ପାଖରେ ଥୋଇଦେଇଛି । କିନ୍ତୁ ତୁମେ କାମ ଲାଳସାରେ ମୋ ଦେହକୁ ଚୁମିଯାଉଛ ଅହେତୁକ ଭାବରେ । ନିକୋଲାସ ଫେରିଲେ ମୋ ପ୍ରତି ତାହାର ଆସ୍ଥା କଟିଯିବ । ଭୁଲବଶତଃ ମୋତେ ଅପର୍ଯ୍ୟାପ୍ତ ଗାଳି ବର୍ଷଣ କରିବ । ଅପବାଦ ଦେବ । ଅପନିନ୍ଦା ସହିବି କେମିତି ?

ଜଷ୍ଟିନ ମୁହଁରେ ହାତ ଦେଇ କଥାକୁ ଅଧବାଟରେ ଅଟକାଇଦେଲା ସୋଫିଆ । ଆଖିରୁ ଝରିଆସୁଥିବା ଲୁହ କେଇବୁନ୍ଦାକୁ ପୋଛି ସନ୍ତର୍ପଣରେ କହିଦେଲା ସୋଫିଆ – ନା ସାଥୀ ଜଷ୍ଟିନ୍ । ବାପ ମା ଛେଉଣ୍ଡ ହେବା ଦିନଠୁ ମୁଁ ନିକୋଲାସକୁ ବୟଫ୍ରେଣ୍ଡ କରିଛି । ଏକ ଆସନ୍ନ ବିପଦରୁ ଉଦ୍ଧାରିଛି ସେ । ତା ସହ ବିନିଦ୍ର ରଜନୀ ପୁହାଇଛି । ସୁନ୍ଦର ସକାଳ ମଧ୍ୟାହ୍ନ ଓ ଗୋଧୂଳି ବିତାଇଛି । ଯେତେବେଳେ ମୋ ଦେହରେ କାମ ଶକ୍ତି ତେଜି ଉଠୁଥିଲା ମୁଁ ବିବସ୍ତ୍ର ହେଇଗଲି ଆପେ ଆପେ । ନିକୋଲାସ ସାନ୍ନିଧ୍ୟ ଲୋଡିଲି । ନିକୋଲାସ ତା ଅନାବୃତ୍ତ ଶରୀରକୁ ମୋତେ ଦେଉ ଦେଉ ଅଟକିଗଲା ଆକସ୍ମିକ ଭାବେ ।

ISSN NO.
2582-208X

କାରଣ ସେ ଜଣେ କିନ୍ନର । ସେ ଯୌନପିପାସୁ ନୁହଁ । ସୁନ୍ଦର ମଣିଷ ପ୍ରେମୀ । ହେଲେ ମୋ ଦେହ ମନକୁ ସନ୍ତୁଷ୍ଟି କରିପାରିଲାନି । ଅନେକଥର ଯୌବନ ଭିକ୍ଷା କରିଛି । ହେଲେ ହାରିଯାଇଛି ତା ପାଖରେ । ଆଜି ତୁମକୁ ପାଇଛି ଯେଣୁ ନିଜର କାମ ବାସନାକୁ ଚରିତାର୍ଥ କରିବାକୁ ଚାହେଁ । ପ୍ଲିଜ ଜଷ୍ଟିନ ମୋତେ କୋଳେଇନିଅ । ବାହୁବନ୍ଧନରେ ଜଡ଼େଇ ମୋ ଇପସିତ ଆକାଂକ୍ଷାକୁ ପୂର୍ଣ୍ଣ କରିଦିଅ । ଆସ ଜଷ୍ଟିନ..ଆସ ।

ଜଷ୍ଟିନ ବି କାମତୁରା ହେଇସାରିଥିଲା କେତେବେଳୁ । ତା ଦେହରେ ଫଗୁଣ ଆସିବା ଦିନଠୁ ମଳୟ ପବନର ସୁଗନ୍ଧକୁ ବାରିପାରିନି । ଏମିତି ସୁଯୋଗକୁ ହାତଛଡା କରିବ କେମିତି । ପଚାରିଲଦେଲା ସୋଫିଆକୁ । ମୋର ଭଉଣୀ ବୋଲି ବିବେଚନା କରି ନିକୋଲସ୍ ଛାଡିଦେଇଛି ଅଳ୍ପ ସମୟର ବିରତି ଦେଇ । ନିକୋଲାସ ଫେରିଲା ପରେ ....

ନା ସେମିତି ଅନ୍ୟଥା ଚିନ୍ତା କରନି ଜଷ୍ଟିନ୍ ।

ପବନରେ ଫୁଲର ବାସ୍ନା ପରି ମହକିଗଲା ସୋଫିଆ ଓ ଜଷ୍ଟିନର ମନଖୋଲା ଦୈହିକ ପ୍ରେମ । ସତରେ କେତେ ମଜା ଏ ପ୍ରେମ। ସତେ ଅବା ଅଭିଳଷିତ ଇଛା ପୂରିଗଲା ଦୁହିଁଙ୍କର । ହସିଲେ ପ୍ରାଣଖୋଲା ହସଟିଏ । ବୋଧହୁଏ ଏହା ଥିଲା ବିଧିର ବିଧାନ ।

ଭୋକରେ ଆଉଟୁପାଉଟୁ ଜଷ୍ଟିନ ଓ ସୋଫିଆ । ଠିକ୍ ସମୟରେ ପହଞ୍ଚିଗଲା ନିକୋଲାସ । ହାତରେ ମିଠା ମିଠା ଫଳ । ଆହାର ଦେଖି ଦୁଇଜଣ ଖୁସ୍ । ଜଷ୍ଟିନ ଭୟମିଶ୍ରିତ ମୁଦ୍ରାରେ ବସିଥିଲାବେଳେ ସୋଫିଆ ହସନ୍ତ ବଦନରେ ଚାହିଁରହିଲା ନିକୋଲାସକୁ । ଦୀର୍ଘ ସମୟ ପରେ ସୋଫିଆକୁ ଦେଖି ନିକୋଲାସ ଖୁସି ପ୍ରକଟ କରୁଥିଲା । ଫଳଗୁଡ଼ିକୁ ବଢ଼େଇଦେଇ ନଦୀଜଳକୁ ଗଲା ପାଣି ଆଣିବାପାଇଁ ।

ନିକୋଲାସ ପାଣି ଧରି ଫେରିଆସିଲା ଗଛମୂଳକୁ । ସୁନ୍ଦର ଜାଙ୍ଗଲିକ ପରିବେଶରେ ଆକଣ୍ଠ ଭୋଜନ କଲେ ତିନିଜଣ ।

ଜଷ୍ଟିନର ଭୟ ମିଶା ମୁହଁଟିକୁ ଦେଖି ନିକୋଲାସ୍ ପ୍ରଶ୍ନ କଲା - ପ୍ରିୟ ଜଷ୍ଟିନ, କିଛି ଆସୁବିଧାର ସମ୍ମୁଖୀନ ହେଇଛ କି । ସୋଫିଆ ମନରେ ଆଘାତ ଦେଇଛି କି ?

ନା, ସେମିତି କିଛି ନୁହେଁ ।

ISSN NO.
2582-208X

ସୋଫିଆ ସହ ସମୟ ବିତାଇବାରେ ସନ୍ତୁଷ୍ଟ ତ ?

ହଁ..

ଚମତ୍କାର ।

ସୋଫିଆର ଦେହ ଭଙ୍ଗୀରୁ ନିକୋଲାସ ସବୁ କିଛି ଠଉରେଇ ପାରୁଥିଲା । ସୋଫିଆ ଆଜିଯାଏ ଯାହା ପ୍ରାପ୍ତ ହେଇନି ଅଳ୍ପ ସମୟର ରହଣୀ ଭିତରେ ତା ମନସ୍କାମ ପୂର୍ଣ୍ଣ ହେଇଯାଇଛି । ଜଣେ ଇପସିତ ନାରୀର କାମ ବାସନା ପୂରିଉଠିଛି । ନିକୋଲାସ୍ ଯାହା ସମର୍ପି ପାରିନଥିଲା, ଜଷ୍ଟିନ ଖୋଲା ମନ, ଖୋଲା ହୃଦୟରେ ଅର୍ପଣ କରିପାରିଛି । ଫୁଲ ଓ ମହୁମାଛିର ଯୁଗଳବନ୍ଦୀରେ ରୋମାଣ୍ଟିକ ହେଇଯାଇଛି ଏ ପରିବେଶ ।

ନିକୋଲାସ ଖୁସିରେ ତାଳି ମାରି ଦୁଇଜଣଙ୍କ ମାନସିକତାକୁ ସମର୍ଥନ ଜଣାଇଲା ।

ଫେରିବାର ଯୋଜନା କରୁ କରୁ ପାଦ ଥମିଗଲା ନିକୋଲାସର । ଜଷ୍ଟିନ ବାଧ୍ୟକଲା ନିକୋଲାସକୁ ଏକାଠି ରହିବାକୁ । ପରିବେଶର ମିଠା ପବନରେ ଝୁମିଥିବା ସୋଫିଆ ବି ନିକୋଲାସର ହାତକୁ ଧରି ଅନୁନୟ କଲା । ଆମେ ଦୁହେଁ ଏ ଜଙ୍ଗଲର ପରିବ୍ରାଜକ । ବରଂ ଆମଭଳି ଆଉ ଜଣେ ସାଥୀ ମିଳିଗଲା ଆମକୁ । ଆମେ ତିନି ଜଣ ବନ୍ଧୁ ଯୁଗଯୁଗର। ଏ ଗଛଲତା, ନଦୀ, ପାହାଡ, ଜଙ୍ଗଲ ଆମର ସହୋଦର । ଆମେ ହସିବା ଆଉ ହସେଇଦେବା ଏ ଜୀବନକୁ ।

ସୋଫିଆର କଥାକୁ ସମ୍ମତି ଜଣାଇଲେ ଜଷ୍ଟିନ ଓ ମିକୋଲାସ୍ ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ସ୍ୱଳ୍ପ ସମୟ



କୀର୍ତ୍ତି ଦେବୀ

ସ୍ୱଳ୍ପ ସମୟ !
ଜୀବନକୁ ବୁଝିବା ଆଗରୁ କିଏ ଚାଲିଯାଏ
ବିଧିର ବିଧାନକୁ କେ କରେ ଆନମନା
ସଭିଁଙ୍କୁ ହସାଇ ଯିଏ କର୍ମ କରେ
ସମୟ ତା ପାଇଁ ହୁଏ ଅଧିକ
ସର୍ବଦା ନିଜେ ଖୁସି ରହି
ଅନ୍ୟକୁ ଦେଲେ ଶାନ୍ତି
ଆମ ଧରିତ୍ରୀ ମାତା ହୋଇବ ପ୍ରସନ୍ନ
ବାର ବୟସର ପିଲା ଧରମା
ସ୍ୱଳ୍ପ ସମୟେ ରଚିଲା ସାରା ବିଶ୍ୱେ ଇତିହାସ
ତା ପାଇଁ ଆଜି ମୂକସାକ୍ଷୀ ହୋଇଛି କୋଣାର୍କ ॥

ସିଭିଲ୍ ଟାଉନସିପ୍, ରାଉରକେଲା
ମୋବାଇଲ -୯୫୮୩୮୩୩୮୨୭

ISSN NO.
2582-208X

# ଐତିହାସିକ ବାଲିଯାତ୍ରା



ଛବି ରାଣୀ ପତି

ଜାଭା, ସୁମାତ୍ରା ଓ ଲବଙ୍ଗଦୀପକୁ
ଯାଆନ୍ତି ସାଧବ ପୁଅ
ସାଧବାଣୀ ଏ ଦିଅନ୍ତି ମେଲାଣି
ଧରି ଫୁଲ ଦୀପ ଘିଅ ।

ଶଙ୍ଖ ହୁଳହୁଳି ଉଛୁଳି ପଡଇ
ମହାନଦୀ ଦେବୀ ଘାଟ
ବାଣିଜ୍ୟରେ ହୁଏ ଆଦାନ ପ୍ରଦାନ
ମଣୀ, ମୁକୁତା ଓ ପାଟ ।

ଧନ, ଦଉଲତ ସମ୍ଭାରେ ବୋଇତ
ବୋହି ଆଣେ ଦ୍ରବ୍ୟ କେତେ
ବରଷକୁ ଫାଳେ ଦେଶେ ବିଦେଶରେ
ସାଉଁଟନ୍ତି ସୁଖ ଯେତେ ।

ପୂରୁବ ଗୌରବ ମହିମାର ଗାଥା
ଉଜ୍ଜୀବିତ କରି ମନେ
ଓଡ଼ିଆ ଐତିହ ପରମ୍ପରା ଆଜି
ବାଲିଯାତ୍ରା କହେ କାନେ ।

ସେ ସ୍ମୃତିକୁ ଆମେ ପାଳୁଛେ ଏ' ଢଙ୍ଗେ
ଭସାଇ ଧରମ ଡଙ୍ଗା
ବଖାଣି ବସିଲେ ପାହିଯିବ ରାତି
ଏ' ବାଲି ଯାତେରା ମଜା ।

ସାରା ମୂଲକ ଯେ ଏକାଠି ହୁଅନ୍ତି
ଆଠ-ଦଶ ଦିନ ପାଇଁ
ହୁଲୁସ୍ଥୁଲ ହୁଏ ଗଡଗଡ଼ିଆ ଘାଟ
ସୁଖର ପସରା ନେଇ ।

ଲକ୍ଷାଧିକ ଏହି ଜନ ସମାରୋହ
ସବୁଠୁଁ ନିଆରା ପରା
ରଙ୍ଗ ବେରଙ୍ଗର ଫୁଲ ଆଉ ଦୋଳି
ଠୁଙ୍କା ପୁରୀ, ଦହିବରା ।

ମଧ୍ୟ ଶାସନ
ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬

ISSN NO.
2582-208X

# ଆତ୍ମୀୟତାର ଅନ୍ୟନାମ: ଜୀବନ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଏ ନିରବ ଦୂରତା
ଯୋଜନ ଯୋଜନର
ଶୂନ୍ୟସ୍ଥାନକୁ ଦର୍ଶାଇ
ଆମକୁ ଘନିଷ୍ଠ କରିଛି
ଆଙ୍କିଛି
ନିବିଡ଼ ହେବାର ମୁଦ୍ରା ।
କାଳ କାଳ ଧରି ଏମିତି
ନ ଚିହ୍ନିବାର ଅଭିନୟ
ପରସ୍ପରକୁ ଚିହ୍ନାଇଛି ଅଧିକ ।
ଶବ୍ଦ, ସ୍ପର୍ଶ ଓ ସାନିଧ୍ୟ
ଦୂରତା ଭିତରେ
ଅତି ଅନ୍ତରଂଗ କରିଛି
ବୁଝାଇଛି
ପାଣି ଫୋଟକାର ଏ ଜୀବନ
କ୍ଷଣେ ଅଛି ତ ଅନ୍ୟ କ୍ଷଣରେ
ଆତତାୟୀର ଗୁଳି କିମ୍ବା
ମହାବାତ୍ୟାର ପ୍ଳାବନରେ
ହଜିଛି ଅଚିରେ ।

ଗୋଟିଏ ସକାଳର ଆଲୁଅ
ବୁଝୁ ନ ବୁଝୁଣୁ
ଢାଙ୍କି ହୋଇଯାଏ ଅନ୍ଧାର ।
ତେବେ କଣ ଏମିତି
ଅପାସୋରା କଥା ସବୁ
ଅକୁହା ରହି ଫସିଲ୍ ପାଲଟିବ ?
ନା' ଆଉ ଏବେ ନୁହେଁ ତ
କେବେ ବି ନୁହେଁ
ଆସ ଏବେ ସବୁ ଅବୁଝା ପଣକୁ
ଆପେ ପାସୋରି
ଅନ୍ୟକୁ ବୁଝାଇବା
ଆତ୍ମୀୟତାର ଅନ୍ୟନାମ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

ISSN NO.
2582-208X

# ଦୀପାବଳି

ଗ୍ରେଖ୍ ବୃତ୍ତି



ତ୍ରିପତି ପ୍ରଧାନ

ଆସିଅଛି ଦୀପାବଳି ପୂଜିବା ମା ମହାକାଳୀ
ମାହେଶ୍ୱରୀ ମହାମାୟୀ ଜଗତ ମାତା
ଦୁଃଖ ହାରିଣୀ ତାରିଣୀ ସଙ୍କଟ ନାଶି ଶିବାନୀ
ଦୁର୍ଗେ ଦୁର୍ଗତିନାଶିନୀ ଈଶ୍ୱର କାନ୍ତା
ଅନ୍ଧାର ମୋଚନୀ କାଳିକା
ଆଲୋକ ଦାୟିନୀ ତୁ ମନ୍ଦାର ମାଳିକା (1)

ତ୍ରେତୟା ଯୁଗେ ଶ୍ରୀରାମ ଧ୍ୟାୟିଣ ତୁମରି ନାମ
ବିଶର୍ବା ନନ୍ଦନ ନାଶି ସୀତା ଉଦ୍ଧାର
ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଲେ ଆଜିର ଦିନ
ଦୂରିତ ହୋଇଲା ରାଜ୍ୟ ଅମା ଅନ୍ଧାର
ଦ୍ୱାରେ ଦ୍ୱାରେ କୁମ୍ଭ ଦୀପାଳି
ଉତ୍ସବ ପାଳିଲେ ପ୍ରଜା ଆଲୋକ ଜାଳି (2)

ଦ୍ୱାପରେ ବନ୍ଦୀଶାଳରେ ରହି ଦେବକୀ କୋଳରେ
କଂସାସୁର ଚେତନାକୁ ଜାଗିବାପାଇଁ
କହିଲେ ମୂଢ଼ ପାମର ଗମରେ ସତ୍ୟ ପଥର
ନହିଲେ ମରିବୁ ନିଷ୍ଚେ ନିସ୍ତାର ନାହିଁ

ISSN NO.
2582-208X

ଜନମିଛି ତୋର ବଇରୀ
ବେଳୁ ସାବଧାନ ହୁଅ ଧର୍ମ ଅଇରୀ (3)

କଳିରେ ସେ କୃପାମୟୀ ଦୁଃଖୀ ଦୁଃଖକୁ ହରଇ
ଭକ୍ତି ଭରେ ଡାକେ ଯେହୁଁ ନାମ ତାହାରି
ପୁଷ୍ପ ଚନ୍ଦନ ସିନ୍ଦୂର ପିନ୍ଧାଇ ସୁମନ ହାର
ତରି ଯାଏ ପାଦେ ପଡି କଲେ ଗୁହାରି
ସୁପଥରେ ନିଏ କଢ଼ାଇ
ଅଧର୍ମ, ଅନ୍ୟାୟ, କର୍ମୁ ରଖେ ଦୂରେଇ (4)

ରହିଛି ଆମ ସଂସ୍କୃତି ପାଳନେ ଆନନ୍ଦ ମତି
ଗାରିମା ଦେଖାଇବାରେ ନୋହି ପ୍ରଖର
ବାଣ ଫୁଟାଇବା ନାହିଁ ଜଡ଼ା ଦୀପକୁ ଜଳାଇ
ଆଲୋକିତେ ଭରିଦେବା ଦାଣ୍ଡ ଦୁଆର
କାଉଁରିଆ କାଠି ଲଗାଇ
ମରିବେ ମଶା ମାଛି ସେ ନିଆଁକୁ ଡେଇଁ (5)

ଚାଇନା ଆଲୋକ ମାଳା ମନ ସେଥିରେ ନ ବଳା
ବିଶ୍ୱାସ ଘାତକ ସେହି ଆମ ପଡୋଶୀ
ଆମ୍ଭ ଅର୍ଥ ନେଇ ସେହି ମାରଣ ଅସ୍ତ୍ର ବନାଇ
ବଳ, ଧନ ଦେଖାଏ ସେ ନାଲି ଚକ୍ଷୁଷି
ନଦେବା ତାକୁ ସେ ସୁବିଧା
ଶକ୍ତି ସଂଚିତ ହେବାମ ନଥିବ ବାଧା (6)

ସଂସ୍କୃତ ଶିକ୍ଷକ, ଡିକିଟି, ଗଞ୍ଜାମ

ISSN NO.
2582-208X

# ଶିଶୁ

ବେଣୁଧର ସୂତାର

ସମ୍ପର୍କର ତୁହି ଅମିୟ ପରଶ
ସ୍ୱାଗତର ତୁହି ପହିଲି ଗୀତି
ତୁହି ଜୀବନର ପ୍ରଥମ ସ୍ୱପ୍ନରେ
ମୁଗ୍ଧ ମଧୁମୟ ମଧୁର ସ୍ମୃତି ।

ବିଚିତ୍ର ଶିଳ୍ପୀର ଅମୂଲ୍ୟ ଦାନତୁ
ଅମୃତ ବୋଳାତୋ ହସ
ନବ ସର୍ଜନାର ମୁଗ୍ଧ କଳିକା ତୁ
ଏସୃଷ୍ଟିର ଇତିହାସ ।

ମମତାର ତୁହି ମଧୁର ମୁରତି
ମାଧୁର୍ଯ୍ୟ ମହକ ଭରା
ମୁକୁଳା ହୃଦୟେ ଉଛୁଳା ତରଙ୍ଗ
ସମ୍ମୋହିତ ସୁଧାଧାରା ।

ତୁହି ଉଷା କାଳ ନବ ଅରୁଣିମା
ନବ ମଲ୍ଲୀକାର ବାସ
ତୋ କୋମଳସ୍ପର୍ଶ ନବୀନ ଉନ୍ମେଷ
ହୃଦୟର ଭାବାବେଶ ।

ବାତ୍ସଲ୍ୟର ତୁହି ନିବିଡ଼ ଆଶ୍ଲେଷ
ମମତାର ଚାରୁଫୁଲ
ଅନ୍ଧନୟନର ପୁନେଇ ଜହ୍ନ ତୁ
କୋଟି କୈବଲ୍ୟ ର ମୂଳ ।

ମଧୁ ବସନ୍ତର ମଧୁର ଲଗ୍ନତୁ
ସୃଷ୍ଟିର ଅୟମାରମ୍ଭ
ନିରାଶା ହୃଦୟେ ଆଶାର ସପନ
ଉଜୁଡା ପ୍ରାଣର ଦମ୍ଭ ।

ହସରେ ତୋହର ବିଶ୍ୱମୟ ବାର୍ତ୍ତା
କଥାତୋ ଅମିୟ ଝରା
ତୁପରା ଇଶ୍ୱର ସତ୍ୟ ଓ ସୁନ୍ଦର
ମହକାଉ ବିଶ୍ୱସାରା ।

କେଶଦୁରାପାଳ, କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ଅତୀତର ବାସ୍ନା



ପୁରୁଷୋତ୍ତମ ମିଶ୍ର

ତୁହାକୁ ତୁହା ବର୍ଷା ହେଉଛି । ରାସ୍ତା ଉପରେ ଆଣ୍ଠୁଏ ପାଣି । ଦିନ ତିନଟା ବେଳଟା ସଞ୍ଜଗଡ଼ି ରାତି ହେଲାପରି ଦିଶୁଛି । ମୁଁ ମୋ ପ୍ୟାଣ୍ଟଟାକୁ ଆଣ୍ଠୁଯାଏଁ ଟେକଦେଇ ହାତରେ ଛତାଟାକୁ ଜୋରକରି ଧରି ବଜାର୍ ଆଡୁ ଘରକୁ ଆସୁଥାଏ । ବଜାରରୁ ମୋ ଭଡାଘର ପର୍ଯ୍ୟନ୍ତ ଛୋଟିଆ ଗଳି ରାସ୍ତାର କଡେ କଡେ ଛୋଟ ଛୋଟ ଟୁଙ୍ଗିଦୋକାନ ଗୁଡ଼ାଏ ସକାଳ ଆଠରୁ ରାତି ନଅ ଯାଏଁ ଖୋଲା ରହେ । ସେଦିନ କିନ୍ତୁ ସବୁ ବନ୍ଦ । ମୋ ପ୍ରିୟ ବରା, ପିଆଜି ଦୋକାନର ଟିଣ କବାଟଟା ବି ବନ୍ଦଅଛି । ଦୋକାନ ଆଗରେ ଥିବ ମାଟି ଚୁଲି ଉପରକୁ ବର୍ଷାପାଣି ଛାଟୁଛି । ମୋ ମୋବାଇଲ୍ ବାଜିଉଠିଲା । ତନୁ ଫୋନ୍ କରିଥିଲା । ଗୋଟେ ହାତରେ ଛତାଧରି ଆର ହାତଟାରେ ମୋବାଇଲ୍ କାଢି କଥାହେବାକୁ ଭାରି ଅସୁବିଧା ଲାଗିଲା। ସେଥିରେ ପୁଣି ବର୍ଷା ପାଣିର ଛିଟାରେ ଅଧା ଭିଜିସାରିଲିଣି । ଫୋନ୍ ଟା କାଟିଦେଇ ପୁଣି ପକେଟ୍ ରେ ଭର୍ତ୍ତି କରିଦେଲି ।

ଆମ ଘର ଟିକେ ଆଗକୁ ଅଛି, ନାଳ ପାଣିରେ ଦୁଇଟା କାଗଜ ଡ଼ଙ୍ଗା ଭାସିଯାଉଥିବାର ଦେଖିଲି । ନାଳ ଆରପଟେ କୁନି କୁନି ନରୀହ ଝିଅ ଦୁଇଜଣ ଛତାଧରି ଠିଆ ହେଇ ମୋତେ ଦେଖି ହସିଦେଲେ । ଓହଃ କି ମାଧୁର୍ଯ୍ୟ ସେ ହସରେ ! ନନି ଆଉ ରୁପାଲି, ଆମ ପାଖଘର ସାହୁବାବୁଙ୍କ ଦୁଇ ଝିଅ । ମୁଁ ଘରକୁ ଆସି ଡୋର୍ ବେଲ୍ ଦେଲି । ତନୁ କବାଟ ଖୋଲୁ ଖୋଲୁ କହିଲା, "ଫୋନ୍ କାହିଁକି ରିସିଭ୍ କରୁନଥିଲ ? "

--ବାହାରେ କେତେ ବର୍ଷା ହେଉଛି କଣ ଜାଣିପାରୁନ? ଛତା ଧରିବି ନାଁ ତୁମ ଫୋନ୍ ରିସିଭ୍ କରିବି ? କଣ କହୁଥିଲ କୁହ ?

ISSN NO.
2582-208X

--ଏବେ କହି ଲାଭ କଣ ? ଆସିଲାବେଳକୁ ବେସନ ଆଣିକି ଆସିବାକୁ କହିଥାନ୍ତ ।

--ଆରେ ଆଜି ସବୁ ଦୋକାନଗୁଡାକ ବନ୍ଦ ଅଛି । ମୁଁ ପରା ଭାବିଥିଲି ସେ ରାଧୁ ଦୋକାନରୁ ଡାଲି ବରା, ପକୁଡି ନେଇକି ଆସିବି ବୋଲି, କିନ୍ତୁ ସେ ବି ଆଜି ତା ଦୋକାନ ବନ୍ଦ ରଖିଛି । ହଉ ଛାଡ଼ ଗରମ ଗରମ ଚା' ଟିକେ ବସାଅ ।

ତନୁ ଚାଲିଗଲା ରୋଷେଇଘରକୁ । ମୁଁ ବାଲ୍କୋନରେ ବସି ଟୁପୁରୁ ଟାପୁରୁ ବର୍ଷାକୁ ଦେଖୁଥିଲି, ଶୁଣୁଥିଲି । ଦଶମିନଟ ଛାଡି ତନୁ ଦୁଇକପ୍ ଚା' ଓ ଗୋଟେ ବଡ଼ କଂସାରେ କିଛି ଗୋଟେ ଖାଇବା ଜିନଷ ଧରି ଆସିଲା । ଟିପୟ ଉପରେ ପାତ୍ରଟି ରଖିଲାରୁ ଦେଖି ଜାଣିଲି ଧୋବ ଫରଫର ମୁଢ଼ିରେ ମିକ୍ସଚର୍, ପିଆଜ ମିଶେଇଆଣି ତନୁ ରଖିଛି । ମୁଁ ଚା' କପ୍ ଉଠେଇଲି । ମୁଢ଼ିକଂସା ଟା ତନୁ ମୋ ଆଡକୁ ଠେଲି ଦେଇ ମୋତେ ଟିକେ ସଂଶୟ ଦୃଷ୍ଟିରେ ଦେଖିଲା । ସେ ନିଜ ହାତରେ ଧରିଥିବା ମୁଢ଼ି ମୁଠାକକୁ ବି ଆଉ ପାଟିରେ ନଦେଇ କଂସାରେ ଥୋଇଦେଲା । କିଛି ଗୋଟେ ଅପରାଧ ହେଇଗଲା ଭଳି ମୋତେ କହିଲା, 'ଆଉ କିଛି ନଥିଲା ତ ସେଥିପାଇଁ ନେଇ ଆସିଲି ।'

--ଖାଲି ମିକ୍ସଚର୍ ବି ଆଣିପାରିଥାନ୍ତ ।

--ମିକ୍ସଚର୍ ଅଳ୍ପ ଥିଲା ।

--ଠିକ ଅଛି ତୁମେ ଖାଅ ।

--ତୁମେ ରାଗୁଛ କି ? ସେ ବୁଢା ମୁଢ଼ିବାଲାଟା ଆସି କବାଟ ଖଟ୍ ଖଟ୍ କଲା ତ କିଣିଦେଲି କୋଡିଏ ଟଙ୍କାର । ଛାଡ଼ ଆଉ ରଖିବିନି ।

ତନୁ ଅପରାଧୀଟିଏ ପରି ଧିରେ ଧିରେ କହିଲା । ମୁଁ କିନ୍ତୁ ରାଗିବା କିମ୍ବା ଝଗଡା କରିବା ମୁଡ୍ ରେ ନଥିଲି । ବାହାରର ବର୍ଷାକୁ ଗରମ ଚା'ର ଢୋକସହ ଉପଭୋଗ କରିବାକୁ ଚାହୁଁଥିଲି ।

ISSN NO.
2582-208X

ତନୁ ଆଡକୁ ଦେଖି କହିଲି, "ଛାଡ଼, ଗ୍ଲ' ପିଅ । ଜାଣିଛ ଚେରାପୁଞ୍ଜିର ବର୍ଷା ସାଧାରଣ ମଣିଷକୁ କବିଟିଏ କରିଦେଇ ପାରେ । "

ତନୁ ଟିକେ ସହଜ ହେଲା ଓ ସେ ବି ଭାବୁକ ଆଖିରେ ଆମ ବାଲ୍କୋନ ସେପଟର ବର୍ଷାକୁ ଦେଖି ଚେରାପୁଞ୍ଜିର ସ୍ୱପ୍ନ ଦେଖିଲା । ନୀରବତାରେ ଗୁଡ଼ାଏ ସମୟ କଟିଗଲା ପରେ ତନୁ ରୋଷେଇ କରିବାକୁ ଉଠୁଥିଲା । ମୁଁ ତାକୁ ଅଟକେଇ ଦେଲି ।

--ଆଉଟିକେ ବସୁନ ?

--ରୋଷେଇ ?

-- ଜୋମାଟୋ କମ୍ବା ସ୍ୱିଗିରୁ ମଗେଇ ଦେବା ।

--ହଉ ଠିକ ଅଛି । କନ୍ତୁ ମୋତେ ଆଜି ଗୋଟେ କଥା ତୁମକୁ କହିବାକୁ ପଡିବ ।

--କୋଉ କଥା ?

--ଏଇ ମୁଢ଼ି କଥା । ଯେବେଠୁଁ ତୁମକୁ ଜାଣିଛି, ଏଇ ମୁଢ଼ିକୁ ଛାଡ଼ି ଆଉ କାହା ସହ ବି ତୁମର ଶତ୍ରୁତା ଦେଖିନ । ରହସ୍ୟଟା କଣ ?

ତନୁର ପ୍ରଶ୍ନ ଅତି ସରଳଥିଲା । କନ୍ତୁ ମୋ ଉତ୍ତର ସେତିକ ସରଳ ହେଇପାରିନଥାନ୍ତା । ମୁଁ ଖାଲି ଏତିକ କହିଲି,"ଏଇ ମୁଢ଼ି ମୋ ପ୍ରିୟ ଜେଜେଙ୍କର ହତ୍ୟାକାରୀ । ମୁଁ ସେଥିପାଇଁ ୟାକୁ ଘୃଣାକରେ ।" ମୋ କଥାରେ ତନୁ ହସିଲା । "ହେଟ୍ ପାଗଳ କୋଉଠିକାର", କହି ଖାଲି ମୁଢ଼ିକଂସାଟାକୁ ଟି-ପୟ ଉପରୁ ଉଠେଇ ନେଇ ତଳେ ଥୋଇଦେଲା । ମୁଁ କଛି ପ୍ରତିକ୍ରୟା ଦେଖେଇଲିନ । ତନୁର ଫୋନ୍ ବାଜିଲା । ତା' ମାଆ ସବୁଦିନ ଏଇ ସମୟରେ ତାକୁ ଫୋନ୍ କରନ୍ତ । ତନୁ ଫୋନ୍ ନେଇ ବେଡ୍ ରୁମ୍ କୁ ଗ୍ଲଲିଗଲା । ମୁଁ ଏକା ଏକା ବସିରହିଲି । ନାଁ ଭୁଲ କହିଲି, ମୁଁ ଗୁଡ଼ାଏ ସମୟ ପଛକୁ ଫେରି ଦୁଇଶହ କଲୋମିଟର ରାସ୍ତା ଅତିକ୍ରମ କରି ମୋ ଗାଁକୁ ଫେରୁଥିଲି ।

ISSN NO.
2582-208X

ମୋର ମନେପଡୁଥିଲା ମୋ ପିଲାବେଳ କଥା । ମୋ ଜେଜେ ଗାମୁଛାରେ ମୁଢ଼ି, ପିଆଜ ଗୋଳେଇ ପିଣ୍ଡାରେ ବସି ମୁଡୁମୁଡୁ କରି ଚୋବାନ୍ତୁ, ମୋତେ ଦେଖିଲେ କହନ୍ତୁ, "ବାବୁଲିରେ ଗଲୁ ଗୋଟେ କଞ୍ଚାଲଙ୍କା ମାଗିଆଣିବୁ ତୋ ବୋଉ ପାଖରୁ" । ମୁଁ ବି ଗିନାରେ ଗିନାଏ ମୁଢ଼ି ଓ ଦୁଇଟା ଲଙ୍କା ଆଣି ଆସେ । ଜେଜେଙ୍କ ଗାମୁଛାରେ ଲଙ୍କା ଦୁଇଟା ପକେଇ ଦେଇ ମୁଢ଼ି ଗିନାକୁ ଧରି ପିଣ୍ଡାଉପରେ ଥୁଆ ହେଇଥିବା ଧାନବସ୍ତା ଉପରେ ବସିଯାଇ ଦାଣ୍ଡ ପଟେ ବର୍ଷାର ତାଣ୍ଡବ ନୃତ୍ୟ ଦେଖେ । ଜେଜେ ପାଟିକରି କହନ୍ତୁ, "ବସ୍ତାଟା ଉପରୁ ଓହ୍ଲେଇପଡ଼, ଘର ଭିତରକୁ ପଳା ବର୍ଷା ଛାଟିଲାଣି ।" ମୁଁ ତାଙ୍କ କଥାକୁ କାନ ଦିଏନ । ବାପା ଚା' କପ୍ ଧରି ଭିତରୁ ବାହାରି ଆସିଲେ ମୁଁ ଦୌଡିକି ପଳାଏ ଚୁଲି ପାଖକୁ ବୋଉ ଆଉ ଜେଜେମାଆଙ୍କ ପାଖକୁ ।

ବୋଉ ଚୁଲି ପାଖରେ ମୁଢ଼ି ଭଜିବାକୁ ବସିଲେ ସେ ଯେଉଁ ଭଜା ବା ଉବୁଜା ଚାଉଳ ପାଖରେ ରଖିଥାଏ ସେଇଥିରୁ ମୁଠାଏ ଲେଖାଁ ନେଇ ମୁଁ ପାଟିରେ ପକାଏ । ବୋଉ କୃତିମ ରାଗ ରାଗୁଥାଏ । ଭୂତଗୁଡ଼ି ହେବାର ଭୟ ଦେଖାଏ । ମୁଁ ବୋଉ କଥାକୁ ବି କାନକୁ ଦିଏନ । ଜେଜେମାଆକୁ ପଚାରେ, "ଜେଜେମାଆ, ଏଇଟାକୁ ଖୁଦଭଜା କହନ୍ତୁ କ ଯୋଉଟା ଖାଇବାକୁ ଶ୍ରୀକୃଷ୍ଣ ଭାରି ଭଲପାଉଥିଲେ ?" । ପ୍ରାୟ ସବୁଥର ଚାଉଳଭଜା ଖାଇଲାବେଳେ ମୁଁ ତାକୁ ସେହି କଥା ପଚାରେ । ଜେଜେମାଆ ହସେ ଆଉ କହେ, 'ଖୁଦ ଅଲଗା ଆଉ ଏ ମୁଢ଼ି ଚାଉଳ ଅଲଗା " ।

ବୋଉ ମୁଢ଼ି ଭଜିଲା ବେଳେ ମୋ ସାନ ଭଉଣୀ ମାମୁନ କୟାଁ (ତେନ୍ତୁଳ) ମଞ୍ଜିରୁ ମେଞ୍ଚାଏ ଧରି ସେଇଠି ବସିବା ଥିଲା ଥୟ । ବୋଉ ବେଳେ ବେଳେ ତା'ଉପରେ ଚଢେ । ସେ କିନ୍ତୁ ଧର୍ଯ୍ୟର ସହ ବସି ତା କାମ କରିନଏ । ତା ତେନ୍ତୁଳ ମଞ୍ଜି ଭଜାରୁ ମୁଁ ଗୋଟେ କି ଦୁଇଟା ନେଇଗଲେ ସେ ଏମିତି ପାଟିକରି କାନ୍ଦେ ଯେମିତି ତା'ର ସୁନାରୂପା ଟଙ୍କା ପଇସା ସବୁ ଡକୈତୀ ହେଇଯାଇଛି । ହା ହା.. ସେ କଳ ଝଗଡ଼ାର ଦିନସବୁ ଗଲା କୁଆଡେ ? ମାମୁନ ଏବେ ଫୋନ୍ କଲେ ଆଉ ମୋ ସହ ଏତେ ଝଗଡ଼ା କରେନ । ମୋତେ 'କୁକୁର' ଡ଼ାକେନ । ତା ଶାଶୂ, ଶ୍ୱଶୁରଙ୍କ ଆଗରେ ତ ମୋତେ 'ଭାଇ ତୁମେ' କହି ସମ୍ମାନ ଦେଇ କଥାବାର୍ତ୍ତା କରେ ।

ISSN NO.
2582-208X

ଆମ ବୋଉର ମୁଢ଼ିଭଜା ବେଳେ କେବଳ ମାମୁନର କୟାଁମଞ୍ଜି ଭଜା ହୁଏନ, ବେଳେ ବେଳେ ମଟର ଓ ବାଦାମ ବି ସେଇଠି ବାଲିରେ ପକେଇ ବୋଉ ଭାଜି ପକାଏ । ସେ ପୁଣି ଭାଗ ବଣ୍ଟା ହେଲାବେଳେ ମାମୁନର ମୋର ମାଡଗୋଳ ଲାଗିବାଟା ଏକପ୍ରକାର ନିଶ୍ଚିତ । ମାମୁନ ମୁଢ଼ି ସହ ବହୁତ ପ୍ରକାର ଗବେଷଣା କରେ । ଗରମ ଗରମ ମୁଢ଼ିରେ ବାଦାମ ମଞ୍ଜି, କଟା ପିଆଜ, କଟା କଞ୍ଚାଲଙ୍କା, ମିକ୍ସଚର୍, ଧନିଆ ପତ୍ର, ଲେମ୍ବୁରସ ଗୋଳେଇ ବଢ଼ିଆ ଝାଲ୍ ମୁଢ଼ି ବନାଏ । ମୋ ପାଖକୁ ମୋ ପଢାଘରକୁ ଆସି କହେ, "ଭାଇ ଚାଖିଲୁ କେମିତି ହେଇଛି ?" । ମୁଁ ଚାଖୁ ଚାଖୁ ଅଧାରୁ ବେଶି ଖାଇଦିଏ । ସେ ଯେତେବେଳେ ଜାଣିପାରେ ମୁଁ ତା'ର ସବୁ ମୁଢ଼ି ସାରିସାରିଲିଣି, ସେ ପାଟିକରେ, "ରାକ୍ଷସ ତତେ ଚାଖିବାକୁ ଦେଲି ତୁ ସବୁ ସାରିଦେଲୁ !" ମୁଁ ବି 'ଥୁ ଥୁ' କରି କହେ, 'ଯାହାତ ଲାଗୁଛି, ଛିଃ.. ନେଇଯାଆ ତୋ ମୁଢ଼ି । ବେକାର୍ ଟେଷ୍ଟ୍" । ମୁଁ ସେତିକି କହିବା ଭିତରେ ବି ମୁଠାଏ ହାତରେ ଧରି ପାଟିରେ ପକାଉ ଥାଏ ।

ପିଲାଦିନେ ଆମେ ରବିବାରିଆ ଗୁରିଟା ବେଳେ ଟିଭିରେ ଓଡ଼ିଆ ସିନେମା ଦେଖିଲାବେଳେ ମଟର, କୟାଁମଞ୍ଜି ନହେଲେ ମୁଢ଼ି ଧରି ଟିଭି ଆଗରେ ବସିଯାଉ । ଆମଘରକୁ ଲାଗି ମୋ ସାଙ୍ଗ ବୁଟୁର ଘର । ତାଙ୍କଘରେ ଟିଭି ନଥାଏ । ସେ ଓ ତା ସାନଭଉଣୀ କାଞ୍ଚନ ଆସନ୍ତି ଆମଘରକୁ ଟିଭି ଦେଖିବାକୁ । ବୁଟୁର ମାଆ ମୁଢ଼ି ଭାଜି ବିକ୍ରି କରନ୍ତି । ସେ ମଟର ଆଉ ବାଦାମ ବି ଠୁଙ୍ଗାରେ ଭର୍ତ୍ତିକରି ବିକନ୍ତି । ଆମେ ବୁଟୁକୁ ସେଥିପାଇଁ ମୁଢ଼ିବୁଟୁ ଚଡାଉ । ସେ ବହୁତ ରାଗେ । ତା'ଠାରୁ ବେଶି ରାଗେ ତା ଭଉଣୀ କାଞ୍ଚନ । ସେମାନଙ୍କର ବାପା ନଥିଲେ । ବୁଟୁର ମାଆ ବଡ଼ କଷ୍ଟରେ ଘର ଚଳାନ୍ତି । ମୋ ଜେଜେ ତାଙ୍କ ଠାରୁ ବେଳେ ବେଳେ ମୁଢ଼ି କିଣନ୍ତି । ଜେଜେମାଆ ବହୁତ ରାଗେ । 'ଘରେ ତ ବୀଣା ମୁଢ଼ି ଭାଜୁଛି, ପୁଣି କାହିଁକି ତୁମର କିଣା ମୁଢ଼ି ଦରକାର ହେଉଛି କି ? "

ଜେଜେ କିଛି କହନ୍ତିନ, କିନ୍ତୁ ସେ କାହିଁକି କିଣନ୍ତି ବାପା ବୁଝିପାରନ୍ତି । ଜେଜେମାଆକୁ କହନ୍ତି, 'ବୀଣାର ମୁଢ଼ି ଏତେ ଟା ଭଲ ନୁହେଁ । ସେ କିଣୁଛନ୍ତି ଯଦି କିଣନ୍ତୁ । କେତେ ଏମିତି ଟଙ୍କା ଖର୍ଚ୍ଚ ହେଇଯାଉଛି କି ସେ ବାବଦକୁ ? '

ISSN NO.
2582-208X


ଆମର ସକାଳ ଜଳଖିଆରେ ବୋଉ ପ୍ରାୟ ସବୁଦିନ ଚକୁଳି କରେ । ଯଦି କେବେ ବିରିଗୁଣ୍ଡ ବାଟି ନଥାଏ ଆମକୁ ମୁଢ଼ି କମ୍ବା ଚୁଡା ଛତୁଆ ଖାଇବାକୁ ଦିଏ । ମୁଁ ଚୁଡାଗୁଣ୍ଡ ଖାଇଦିଏ କିନ୍ତୁ ମାମୁନି ଖାଏନି । କହେ ତା ଗଳା ପାଖରେ ମୋଟା ହେଇକି ଚୁଡାଛତୁ ଲାଗିଯାଉଛି । ବୋଉ ତାକୁ ମୁଢ଼ିଗୁଣ୍ଡ ଦିଏ, ଅମୁଲ୍ ପକେଇକି । ଯଦି ମୁଢ଼ିଗୁଣ୍ଡ ନଥାଏ ଆଉ କରେଣ୍ଟ ପଳେଇଥାଏ ମୁଁ ଦେଖେ ବୋଉ ମାମୁନି ପାଇଁ ହେମଦସ୍ତାରେ ମୁଢ଼ି କୁଟୁଥାଏ । ସେହି ମାମୁନିର ଘରକୁ ଥରେ ଯାଇଥିଲି ବୁଲିବାକୁ । ବିରାଟ ବଙ୍ଗଳାରେ ରହୁଛି ଏବେ ମୋ କୁନିଭଉଣୀଟି । ସେ ମୋତେ ପଚାରିଲା ମୁଁ ସକାଳୁ ଜଳଖିଆରେ କଣ ଖାଇବି । ମୁଁ ତାକୁ ମଜାରେ କହିଦେଲି, 'ତୋର ମୁଢ଼ିଗୁଣ୍ଡ ଅଛି ଟି? " । ତା' ସାନଜା' ଥିଲା । ମାମୁନିକୁ ବୋଧେ ଖରାପ ଲାଗିଲା କି କଣ ନାକକୁ ଟେକି କହିଲା, "ଛିଃ ଭାଇ.. ମୁଢ଼ି.. ସେଗୁଡା କିଏ ଖାଏ ଯେ ? ଆମଘରେ ତ ସେସବୁ କଣା ହୁଏନି ।" । ମୁଁ ଆଶ୍ଚର୍ଯ୍ୟ ହେଲି । ପୁଣି ଭାବିଲି, "ହଁ ସମୟର ତାଳେ ତାଳେ ସବୁକିଛି ବଦଳିଯାଏ । ବୁଟୁର ମାଆ କଣ ଆଉ ମୁଢ଼ିବିକି ଚଳୁଛନ୍ତି ଯେ ଆମେ ସକାଳୁ ମୁଢ଼ିଖାଇ ରହିବୁ ? " । ମୁଢ଼ି ହଜିଯାଇଥିବା ଆମ ପିଲାଦିନର ଲଗାଣ ବର୍ଷାଝଡି ପରି, ଆମ ଘର ଅଗଣାରେ ଶୀତଦିନଆଁ ହରଗୌରୀ ଗଛର ଧାଡି ପରି, ଆମ ଗାଁ ନଦୀ ତୁଠର ବିଷ୍ଣୁଜେଜେଙ୍କ 'ଗଙ୍ଗେ ଚ, ଯମୁନେ ଚୈବ ଗୋଦାବରୀ ସରସ୍ୱତୀ...' ପରି, ପାଚିଲା ତାଳର ପିଠାପରି, କୂଅ ପାଣିର କଳସୀ ପରି କେବେଠୁଁ ହଜିସାରିଲାଣି । ମୁଁ କେବଳ ଭୁଲି ପାରୁନଥିଲି । କାରଣ ମୋ ସତସ୍ତରୀ ବର୍ଷର ଜେଜେ ମୁଢ଼ିକୁ ବଞ୍ଚେଇ ରଖିଥିଲେ ତାଙ୍କ ଡୋରିଆ ଗାମୁଛା ଭିତରେ, ଆମରି ଘର ଭିତରେ । ବୋଉ ଆଉ ମୁଢ଼ି ଭାଜିବାକୁ ରାଜି ହେଉନଥିଲା । ତାକୁ ରାଜି କରେଇବା ପାଇଁ ମୋ ଜେଜେମାଆ ବି ଆଉ ନଥିଲା । ମୋ ମାଟ୍ରିକ ପରୀକ୍ଷା ବର୍ଷ ସେ ଉତ୍ତର ଭାରତରୁ ତୀର୍ଥ କରି ଫେରିଲା । ଖୁବ୍ ଦୁର୍ବଳ ହେଇପଡିଥିଲା । ବିଛଣା ଲଗା ହେଇ ଚାଲିଗଲା । ସେ ଚାଲିଗଲା ପରେ ଆମେ ଜେଜେଙ୍କ ପାଇଁ ବହୁତ ତତ୍ପର ହେଇପଡ଼ିଥିଲୁ । ଜେଜେ ଯେମିତି ଜେଜେମାଆର ଅନୁପସ୍ଥିତିକୁ ଝୁରି ହେଇ ଅସୁସ୍ଥ ନହେଇଯାଆନ୍ତି କମ୍ବା ମାନସିକ ଅବସାଦଗ୍ରସ୍ତତାର ଶିକାର ହେଇନଯାନ୍ତି ସେଥିପ୍ରତି ବାପା ବହୁତ ଧ୍ୟାନ ଦେଉଥିଲେ । ଜେଜେ, ଜେଜେମାଆକୁ ବହୁତ ଭଲ ପାଉଥିଲେ କିନ୍ତୁ ତା'ର ଚାଲିଯିବାକୁ ସଂସାରର ଚିରନ୍ତନ ସତ୍ୟ ମାନିନେଇ ଆମ ସହ ଖୁସିରେ ରହୁଥିଲେ ।

ISSN NO.
2582-208X


ଆମଘରର ସବୁକଛି ବଦଳୁଥିଲା । ନୂଆ ସୋଫା, ବଡ଼ ଟିଭି, ଘରର ଫ୍ଲୋରିଂ,ବାପାଙ୍କର ବାଇକ୍ ସବୁକଛି ନୂଆ ହେଉଥିଲା, କନ୍ତୁ ବଦଳୁନଥିଲା ଜେଜେଙ୍କର ମୁଢ଼ି ପ୍ରତି ଦୁର୍ବଳତା । ଜେଜେମାଆ ଗ୍ଲିଗଲା ପରେ ପରେ ବୋଉ ଯେତେବେଳେ କଚେନ୍ ରେ ଠିଆ ହେଇ ଗ୍ୟାସ୍ ଚୁଲ୍ଲାରେ ରାନ୍ଧିବା ଆରମ୍ଭ କଲା ବାଡ଼ିପଟର ପୁରୁଣା ମାଟିଚୁଲିଟାକୁ ଭାଙ୍ଗିଦିଆଗଲା । ଗାଇ ଗୋରୁ ସବୁ ବିକ୍ରି ହେଇଗଲେ । ଚୁଲି ରହିବାର କିଛି ଆବଶ୍ୟକତା ନଥିଲା । ଚୁଲି ନଥିବାରୁ ବୋଉ ମୁଢ଼ି ଭାଜିବା ବନ୍ଦ କରିଦେଲା । ବୁଟୁର ମାଆ ଗାଁ ସ୍କୁଲ୍ ରେ ପାଚିକା କାମ କଲେ । ସେ ବି ଆଉ ମୁଢ଼ିବିକ୍ରି କଲେନାହିଁ । ଆର ଗାଁରୁ ଗୋଟେ ଲୋକ ବସ୍ତାରେ ମୁଢ଼ି ନେଇ ବିକ୍ରି କରିବାକୁ ଆସୁଥିଲା । ଜେଜେ ତାରି ଠାରୁ ମୁଢ଼ି ରଖନ୍ତି । ଦିନେ ସକାଳେ ଶୁଣିଲୁ ଲୋକଟା ସନ୍ଧ୍ୟାରେ ମୁଢ଼ି ବସ୍ତା ସାଇକେଲ୍ ରେ ଲଦି ବଜାରରୁ ଗାଁ ଆଡକୁ ଆସୁଥିଲା ବଡ଼ ଟ୍ରକ୍ ଟେ ତା ଉପରେ ମଡ଼େଇ ଦେଲା । ସେ ଚାଲିଗଲା । ତା ଛୋଟ ପୁଅ ଜଳଖିଆ ଦୋକାନରେ ପ୍ଲେଟ୍ ଧୋଉଛି, ଟେବୁଲ୍ ପୋଛୁଛି । ମୁଢ଼ିବାଲାର ହତ୍ୟାକାରୀ ଟ୍ରକ୍ ଡ୍ରାଇଭର୍ କୁ କେହି ଦଣ୍ଡ ଦିଆଇ ପାରିଲେନି । ଦେବାକୁ ଆଗ୍ରହ ବି ଦେଖେଇଲେନି । ଗରିବଟାର ଜୀବନର ମୂଲ୍ୟ କେତେ ଯେ ଲୋକେ ଏତେ ଆଗ୍ରହରେ ତା ପାଇଁ ଲଢ଼ିବେ ? ସେ ଚାଲିଗଲା ପରେ ଆମଘର ସମେତ ଆଖ ପାଖ ଘର ମୁଢ଼ି ଡବା ବି ଖାଲି ରହିଲା । କେହି କେହି ତ ମୁଢ଼ିଭାଟିକୁ କିଣିବାକୁ ଯିବାକୁ ଇଚ୍ଛା ବି କଲେନାହିଁ । କେତେ ପ୍ରକାର ସ୍ନାକ୍ସ ଆଇଟମ୍ ମିଳିଲାଣି, କିଏ ଖାଉଛି ସେ ମୁଢ଼ି ? ଯଦି କେବେ କାହାର ଇଚ୍ଛା ହେଲା ତ ପଲିଥିନ୍ ପ୍ୟାକେଟ୍ ମୁଢ଼ି କିଣିଆଣି ରଖିଲେ । ମୋ ଜେଜେଙ୍କ ପାଇଁ ବି ବାପା ବଜାରରୁ ସେହି ମୁଢ଼ି କିଣିକରି ଆଣନ୍ତି ।

ଜେଜେ କହୁଥିଲେ ସେ ପିଲାବେଳେ ମୁଢ଼ିରେ ମାଂସ ମିଶେଇକରି ଗାମୁଛାରେ ରଖି ଖାଆନ୍ତୁ । ମୋର ବିଶ୍ୱାସ ହୁଏନ । କନ୍ତୁ କଥାଟା ସତ । ସେତେବେଳେ କୁଆଡେ ଆମ ଗାଁରେ ଲୋକେ ଛେଳ ମାଂସକୁ ଘିଅରେ ଭଜି ମୁଢ଼ିରେ ମିଶେଇ ଖାଆନ୍ତୁ । ଜେଜେ ବୋଧେ ତାଙ୍କ ପିଲାବେଳର ସେହି ଖାଦ୍ୟଟିକୁ ମନେ ମନେ ଖୁବ୍ ଗ୍ହାଁନ୍ତୁ । ସେଥିପାଇଁ ମୋ ପାଖରେ ଅନେକ ଥର ସେହି କଥା କହି ତାଙ୍କ ମନର ଲାଳସାକୁ ସାମାନ୍ୟ ମେଣ୍ଟେଇ ଦିଅନ୍ତୁ ।

ମାମୁନ ବାହାଘର ପରେ ପରେ ମୋର ଗ୍କରୀ ହେଲା । ମୋର ପ୍ରଥମ ପୋଷ୍ଟିଙ୍ଗ୍ ହେଲା ବଲାଙ୍ଗୀରରେ । ମୁଁ ଆଉ ଏତେଟା ଘରକୁ ଯାଇପାରେନ । ଜେଜେ ବହୁତ ଖୋଜନ୍ତୁ ମୋତେ ।

ISSN NO.
2582-208X

ମୁଁ ଗ୍ଋରିମାସରେ ଥରେ ଘରକୁ ଆସେ । ବୋଉର ଦେହ ଭଲ ରହେନ । ସେ ତା' ନଜ ଆଣ୍ଠୁଗଣ୍ଠି ରୋଗ ଆଉ ଜେଜେଙ୍କ ସେବା ଭିତରେ ପେଷି ହେଇଯାଉଥାଏ । ଜେଜେଙ୍କୁ ଅନେକ ଗୁଡିଏ ଖାଇବାରୁ ବାରଣ କରାଯାଇଥିଲେ ବି ଜେଜେ ମାନନ୍ତନ । ଛୋଟପିଲ୍ ଭଳ ଜିଦି କରନ୍ତୁ । ନଦେଲେ ଗାଳ ଗୁଲଜ କରନ୍ତୁ । ଜେଜେ ମୁଢ଼ିରେ ବରା, ସିଙ୍ଗଡ଼ା ଚକଟି ଖାଇବାକୁ ଜିଦି କଲେ, ବୋଉ ଦେଲ୍ । ଜେଜେଙ୍କ ପେଟ ଖରାପ ହେଇ ହସ୍ପିଟାଲ୍ ରେ ପଡିଲେ । ବାପା ଆଉ ମୁଢ଼ି ଆଣିଲେନ ଘରକୁ । ବାପା କହୁଥିଲେ ସେ କଣା ପ୍ୟାକେଟ୍ ମୁଢ଼ିରେ କୁଆଡେ ଲୁଣ ଭାଗ ଅଧିକ, କେମିକାଲ୍ ମିଶିଛି, କଡ୍ନୀ ଖରାପ ହେଇଯିବ । ତଥାପି ଜେଜେଙ୍କ ଜିଦି -ମୁଢ଼ି ଆଣ ।

ମୁଁ ସେଥର ଘରକୁ ଯାଇଥିଲି । ବାପା ବଡ଼ ବଡ଼ ଚଙ୍ଗୁଡ଼ି ଆଣିଥିଲେ । ବୋଉ ଭାଜିଲ୍ । ମୁଁ ଭଜା ଚଙ୍ଗୁଡ଼ି ଭଲ ପାଏ ବୋଲି ବୋଉ ମୋ ପାଇଁ ଅଲଗା କାଢି ରଖି ତରକାରୀ କରେ । ରୋଷେଇ ସରିନଥାଏ, ମୁଁ ଟିକେ ବଜାର ଆଡେ ବାହାରିଲି । ଜେଜେ ମୋତେ ଡାକଲେ ତାଙ୍କ ରୁମ୍ କୁ ।

--ବାବୁଲି କୁଆଡେ ଯାଉଛୁ ?

--ବଜାର ।

--ମୋ ପାଇଁ ଗୋଟେ ଜିନଷ ଆଣିଦେବୁ ?

--କହୁନ କ'ଣ ?

--ତୋ ବାପା ଘରକୁ ଆଉ ମୁଢ଼ି ଆଣୁନ । ଅନେକ ଦିନ ହେଲ୍ ମୁଢ଼ି ଖାଇନରେ । ଗୋଟେ ପାକଟି ମୁଢ଼ି ଆଣିଦେବୁ ।

--ଓହୋ ଏଇ ଗୋଟେ କଥା ! ଦୁଇ ପ୍ୟାକେଟ୍ ଆଣିଦେବି ଜେଜେ । ହଉ ମୁଁ ଆସୁଛି ।

ମୁଁ ଫେରିଲ୍ ବେଳକୁ ଜେଜେଙ୍କ ପାଇଁ ମୁଢ଼ି ନେବାକୁ ଭୁଲିଲିନ । ଜେଜେ ଭାରି ଖୁସି ହେଲେ । ତାଙ୍କ ଖଟ ତଳେ ଗୋଟେ ଡବା ଥିଲ୍ । ସେଇଟା କାଢିଲେ । ମୋରି ଆଗରେ ଜରି ଖୋଲି ସେଥିରେ ମୁଢି ଭର୍ତ୍ତିକଲେ ।

ISSN NO.
2582-208X

ସେଦିନ ବୋଉ ମୋତେ ଭଜା ଚଙ୍ଗୁଡ଼ି ଦେଲା ବେଳେ ଟିକେ ବିବ୍ରତ ଦେଖାଗଲା । ପଗ୍ଚରିଲାରୁ କହିଲା, 'ଭଲକ ଢାଙ୍କିକ ତ ରଖିଥିଲି, ଚଙ୍ଗୁଡ଼ି କମିଗଲା କେମିତି ? କଏ ଖାଇଲା ? ' । ବୋଉ ସବୁବେଳେ ସେମିତି, ମୁଁ ତା କଥାରେ ଧ୍ୟାନ ନଦେଇ ତା ହାତରନ୍ଧା ସ୍ୱାଦିଷ୍ଟ ଚଙ୍ଗୁଡ଼ି ଝୋଳ, ଛତୁ ଗ୍ଭଇ, ଭେଣ୍ଡି ଖଟା ଖାଇବାରେ ମନ ଲଗେଇଲି । ଗ୍ଭତିରେ ବି ବୋଉ ଚକୁଳ ପିଠା ସାଙ୍ଗକୁ ଆଳୁ, ସାରୁ, ସଜନା ଛୁଇଁ ବେସର ତରକାରୀ କରିଥିଲା । ମନ ତୃପ୍ତି ହେଇଯାଇଥିଲା ବୋଉ ହାତ ରନ୍ଧା ଖାଇ । ବଢିଆ ନଦଟେ ହେଇଯାଇଥିଲା । ଭୋରୁ ଭୋରୁ ଜେଜେଙ୍କ କାନ୍ଦ ଶୁଭିଲା । ବୋଉ ଆଉ ବାପାଙ୍କ ପାଟି ବି ଶୁଭିଗଲା । ମୁଁ ଉଠି ଆଖି ମଳ ମଳ ଜେଜେଙ୍କ ରୁମ୍ କୁ ଗଲି । ଜେଜେ,' ବୋଉଲୋ ମରିଗଲି ଲୋ ' କହି ପେଟକୁ ଧରି କାନ୍ଦୁଥିଲେ । ତଳେ ଚଟାଣ ସାରା ରକ୍ତ ଝାଡ଼ା, ଆଉ ତାରି ଉପରେ ସେ ଲଟପଟ୍ ହେଇଯାଇ ଗଡୁଥିଲେ । ଦେହରେ ମୁଣ୍ଡରେ ଲୁଗା ନାହିଁ । ସେ ମଳର ଉତ୍କଟ ଗନ୍ଧରେ ମୁଁ ଭଳକରି ବାନ୍ତ କରି ପକେଇଲି । ବୋଉ କିନ୍ତୁ ନିଜ ଆଞ୍ଚୁଳରେ ତାକୁ ଉଠେଇ ଜେଜେଙ୍କ ଦେହ ପରିଷ୍କାର କରିବାରେ ଲାଗିଥିଲା । ବାପା ଦୂରରେ ମୁହଁରେ ଗାମୁଛା ଗେଞ୍ଜି ଠିଆହେଇଥିଲେ । ରକ୍ତ ଝାଡାକୁ ଆଞ୍ଚୁଳରେ ତୋଳନେଉଥିବା ମୋ ସରଳ ବୋଉଟାକୁ ଦେଖି ମୁଁ ଭାବୁଥିଲି, "ଜେଜେଙ୍କ ରକ୍ତ ସମ୍ପର୍କୀୟ ପ୍ରକୃତରେ କଏ ? ଜନ୍ମକଲା ପୁଅ ମୋ ବାପା, ଏକମାତ୍ର ନାତି ମୁଁ ନା ପରଘର ଝିଅ ମୋ ବୋଉ ?? "

ଜେଜେ ମେଡିକାଲ୍ ରେ ଭର୍ତ୍ତି ହେଲେ । ସାଲାଇନ୍ ଲାଗିଲା । ଗ୍ଭରିଦିନ ଡାଇରିଆ ୱାର୍ଡ୍ ରେ ପଡିକ ରହିଲେ । ବୋଉ, ବାପା ଖୁବ୍ ଚେଷ୍ଟା କଲେ । କିନ୍ତୁ ଜେଜେ ଆଉ ହସ୍ପିଟାଲ୍ ରୁ ଘରକୁ ଫେରିଲେନାହିଁ, ଫେରିଲା ତାଙ୍କ ପ୍ରାଣହୀନ କ୍ଷୀଣକାୟ ମୃତଦେହଟା ।

ଜେଜେଙ୍କ ସତ୍କାର କାମ ଶେଷ ହେବା ପରେ ଘର ସଫା ସଫି ହେଉଥିଲା, ଜେଜେଙ୍କ ଖଟତଳୁ ମିଳଲା ସେହି ମୁଢ଼ି ଡବା ଆଉ ଡବା ତଳକୁ କେତେଟା ଭଜା ଚଙ୍ଗୁଡ଼ିର ମୁଣ୍ଡ । ଆମକୁ ଆଉ କିଛି ବୁଝିବାକୁ ବାକି ରହିଲାନି । ଜେଜେ ସେଦିନ କଡେଇରୁ ଭଜା ଚଙ୍ଗୁଡ଼ି ଲୁଚେଇ ନେଇ ମୁଁ ଆଣିଦେଇଥିବା ମୁଢ଼ିରେ ମିଶେଇ ଖୁବ୍ ଖାଇଥିଲେ । ଆଉ ସେଇଟା ହିଁ ତାଙ୍କ ମୃତ୍ୟୁର କାରଣ ହେଲା । ବାପା ମୋ ଉପରେ ବହୁତ ରାଗିଲେ । ମୁଁ ଯଦି ସେଦିନ ମୁଢି ପ୍ୟାକେଟ୍ ଟା ଆଣିଦେଇନଥାନ୍ତି ମୋ ପ୍ରିୟ ଜେଜେ ଆଜି ବି ମୋ ସହ ଥାନ୍ତେ । ସେହିକଥା ଭାବି ଭାବି ମୁଁ ବହୁତ କାନ୍ଦିଲି । ମୁଢ଼ି ପ୍ରତି ମୋର ଘୃଣା ଆସିଗଲା । ଜେଜେଙ୍କ

ISSN NO.
2582-208X

ଅଷ୍ଟମ ଶ୍ରାଦ୍ଧ ଗଲାଣି । ସେବେଠୁଁ ଆଠବର୍ଷ ହେଇଯିବ ମୁଁ ମୁଢ଼ି କିଣିନି କି ଖାଇନି । ଏକଥା ତନୁକୁ କହିଲେ ସେ କଣ ବୁଝିବ ନବୁଝିବ, ସେଥିପାଇଁ ମୁଁ ତାକୁ ବିଶେଷ କିଛି  କହିନଥିଲି। ସେ ଅନେକ ସମୟରେ ମୋ ଭାବପ୍ରବଣତାକୁ ଥଟ୍ଟା କରେ, ହସି ଉଡେଇ ଦିଏ । ତେଣୁ ମୁଁ ତାକୁ ମୋର ଅନେକ ଭାବ ଲୁଚାଏ ।

ସେଦିନ ଜୋମାଟୋରୁ ଅର୍ଡର୍ ହେଇଥିବା ପାର୍ସଲ୍ ଆସି ଠିକ ସମୟରେ ପହଞ୍ଚିଲା । ଖାଦ୍ୟର ମାନ ତୁଳନାରେ ଦର ବହୁତ ବେଶି ଥିଲା । ତଥାପି ଉପାୟ ନାହିଁ । ଟଙ୍କା ଦେବାକୁ ହିଁ ହେବ। ଟଙ୍କାଟା ମୁଁ ମୋ ପର୍ସରୁ କାଢି ଡେଲିଭରୀ ବୟ ହାତକୁ ଦେଇଦେଲି । ପାର୍ସଲ ଆଣିଆସିଥିବା ପିଲାଟା ବର୍ଷାରେ ଭିଜି ଆମ ପାଇଁ ଖାଇବାକୁ ନେଇଆସିଥିଲା । ଭାବିଲି, 'ବୋଧେ ପିଲାଟା ପାଖରେ ରେନକୋଟ୍ ନାହିଁ, ଗରିବ ପିଲାଟେ ହେଇଥିବ ନିଶ୍ଚୟ । ଆମେ ବର୍ଷାରେ ବାହାରେଇ କରିବାକୁ କୁଣ୍ଠାବୋଧ କରୁଥିଲା ବେଳେ ପିଲାଟା ଝଡି ବର୍ଷାରେ ଓଦା ହେଇ ଆସିଛି ଆମକୁ ଖାଦ୍ୟ ଯୋଗେଇବାକୁ '। ତାକୁ ଦେଖି ମୋ ମନ ବି ଦୁଃଖରେ ଓଦା ହେଉଥିଲା । କିନ୍ତୁ ମୁଁ ବା କାହା ପାଇଁ କଣ କରିପାରିବି ? ଟଙ୍କା ଦେଇ କବାଟ ବନ୍ଦ କରିଦେଲି ।

ରାତିସାରା ବର୍ଷା ଲାଗିରହିଲା । ସକାଳୁ ସକାଳୁ ତନୁ ନିଘୋଡ଼ ନିଦରେ ଶୋଇଥିଲା, ମୋ ନିଦ ଆଗ ଭାଙ୍ଗିଲା । କବାଟ ଧଡ଼ ଧଡ଼ ହେବା ଶୁଣି ଭାବିଲି ଏ କାମ ସାହୁବାବୁଙ୍କ କୁନି ଝିଅ ଦୁଇଜଣଙ୍କର । ସେମାନେ ବେଲ୍ ନଦେଇ ସକାଳୁ ସକାଳୁ ଏମିତି କବାଟ ଖଟଖଟ କରି ଆମକୁ ଉଠେଇ ଦୌଡ଼ି ପଳେଇ ଲୁଚ ଯାଆନ୍ତି । ମୁଁ ଆସ୍ତେ କରି ଯାଇ କବାଟ ଖୋଲିଲାରୁ ବୁଢାଲୋକ ଜଣେ କବାଟ ସେପଟରେ ଠିଆ ହେଇଥିଲେ । ବୟସ ପାଖା ପାଖି ଅଶୀ । ଚିରା ଗଞ୍ଜିଟେ ପିନ୍ଧିଛନ୍ତି, ମଳିଆ ଲୁଙ୍ଗିଟାରେ ବି ତାଳି ପଡିଛି । କବାଟ କଡ଼ରେ ଗୋଟେ ବସ୍ତା ଡେରି ରଖିଛନ୍ତି । ମୋତେ ଦେଖି କହିଲେ,

--ବାବୁ ମାଆ ନାହାଁନ୍ତି କି ?

--ନାଁ କଣ କାମ ?

--ମୁଢ଼ି ଆଣିଥିଲି, ଗରମ ଗରମ ବଢିଆ ମୁଢ଼ି ବାବୁ । ଏଇ ପାଗକୁ ବଢିଆ ।

ISSN NO.
2582-208X

--ନାଁ ଆମର ଦରକାର ନାହିଁ । ଦେଖ ଆଉ କିଏ ରଖିବ ଯଦି ।

--ରଖ ବାବୁ, ବଢ଼ିଆ ମୁଢ଼ି । ଶସ୍ତା ବି ବହୁତ । କୋଡ଼ିଏ ଟଙ୍କାର ରଖ ।

--କୋଡ଼ିଏ ଟଙ୍କାର କାହିଁକି ?

--ବାବୁ ମୋ ବୁଢ଼ୀର ଦିହ ଭଲ ନାଇଁ । କୋଡ଼ିଏ ଟଙ୍କା ନେଲେ ଗୋଟେ ଊଷୁଦ ନେବି ତା ପାଇଁ ।

ବୁଢ଼ାଟାର କଥା ଶୁଣି ବଡ଼ କଷ୍ଟ ଲାଗିଲା । ତା ବିକଳ ହେବା ଦେଖି କିଛି ସମୟ ପାଇଁ ଲାଗିଲା ସେ ମୋ ଜେଜେ । ତାକୁ ପଚାଶ ଟଙ୍କା ଦେଲି । ସେ ଯେତିକ ମୁଢ଼ି ଦେଲା ତନୁ ରଖିଥିବା ବଡ଼ ଷ୍ଟିଲ୍ ଡ୍ରମ୍ ଟା ଫୁଲ୍ ହେଇ ଆହୁରି ବଳଲା ।

ତନୁ ଉଠିଲା ବେଳକୁ ମୁଁ ଚ୍ୟ' ବନେଇ ସାରିଥିଲି । ଗୋଟେ କଂସାରେ ମୁଢ଼ି ଆଉ ଦୁଇକପ୍ ଚ୍ୟ' ନେଇ ତନୁକୁ ଡାକିଲି । ସେ ମୋତେ ଆଶ୍ଚର୍ଯ୍ୟ ହେଇ ଅନାଉଥିଲା, ମୁଁ ଟିକେ ତା ଆଡେ ଦେଖି ହସିଦେଇ ମୁଢ଼ିରୁ ମୁଠାଏ ପାଟିରେ ପକେଇଦେଲି । ପାଟିରେ ପଡିବା କ୍ଷଣି ସେଥିରୁ ଗୋଟେ ଅମ୍ଳୀୟତାର ବାସ୍ନା ବାହାରି ଆସି ମୋ ମନକୁ ବିଭୋର କରିଦେଲା । ମୁଁ ଆଖି ବୁଜି ଅନୁଭବ କଲି ସେ ସ୍ୱାଦ ଆଉ ବାସ୍ନାକୁ । ସେ ଥିଲା ଅତୀତର ବାସ୍ନା, ମୋ ଜେଜେଙ୍କ ବାସ୍ନା।

ବିଶୋଇ, ମୟୁରଭଞ୍ଜ
9437990465

ISSN NO.
2582-208X

# ମେଞ୍ଚାଏ ଅନ୍ଧାର



ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ

ମେଞ୍ଚାଏ ଅନ୍ଧାର
ମଞ୍ଚାବାନ୍ଧି ବସିଥାନ୍ତି ବୋଲି ତ
ଦୀପମାନେ ବେଧଡ଼କ
ଧାଡ଼ି ଧାଡ଼ି ଉଜ୍ଜ୍ୱଳି ଉଠନ୍ତି
ବିଚ୍ଛୁରିତ କରନ୍ତି ଆଲୋକ
ପାଳନ୍ତି ମହା ଆଡ଼ମ୍ବରରେ
ଶ୍ୟାମାପୂଜା, ଆଲୋକର ପର୍ବ ।।

ଅନ୍ଧାରରୁ ତ ଜନ୍ମନିଏ ଆଲୋକ
ସେଇ ଅନ୍ଧାର ହିଁ ଦିଏ
ଆଲୋକକୁ ପଥ
ଯେମିତି ଆଲୋକ
ଦେଖାଏ ଅନ୍ଧାରକୁ,
ଖୁବ୍ ଗୋଟେ ଦୂରତା ନାହିଁ
ଏମାନଙ୍କ ଭିତରେ
ଯେମିତି ରହିଛି ତମ ଭିତରେ
ମୁଁ ଜାଣେ ଅନ୍ଧାରକୁ ନେଇ
ଏକ ମସ୍ତବଡ଼ ଭ୍ରମଧାରଣା
ତମର, କୁହ ତ-
ଅନ୍ଧାର ନ ଥିଲେ କେହି କଣ
ଆଲୋକ ପାଇଁ ଏତେ
ବ୍ୟାକୁଳ ହୁଅନ୍ତା ?
ଅନ୍ଧାର ପାଇଁ ତ ଆଜି
ଏ ଆଲୋକର ଦୀପାବଳୀ
ଘରେଘରେ ପୁରେପୁରେ ।।
ଅନ୍ଧାରକୁ ବଞ୍ଚିବାକୁ ତ ଦିଅ
ସେ ବଞ୍ଚୁ ସ୍ୱଚ୍ଛନ୍ଦରେ
ତା ଦିବ୍ୟାତିଦିବ୍ୟ ଗୁଣବର୍ଣ୍ଣାଳୀରେ
ତାକୁ ବ୍ୟସ୍ତବିବ୍ରତ କରନା
ତମ ହାମବଡ଼ା ହଟଚମଟରେ
ରାତିକୁ ଆଉ ଦିନ ସଜାଇ ଦିଅନା
ଆପଣା ସ୍ୱାର୍ଥରେ ..
ତମେ ନିଶ୍ଚୟ ଦେଖିପାରିବ
ଆଲୋକ ହସୁଛି କେମିତି
ଅନ୍ଧାରର ବାହୁବନ୍ଧନରେ
ଅପୂର୍ବ ଦ୍ୟୁତିରେ
ମୈତ୍ରୀର ସେ ମୋହନ ମୂର୍ତ୍ତିରେ।।

ବାଲେଶ୍ୱର

ISSN NO.
2582-208X

# ଦୋଷୀ କିଏ



ପ୍ରକାଶ ଚନ୍ଦ୍ର ପଣ୍ଡା

ସମାଜର ଏହି ଅଧୋଗତି ପାଇଁ
କାହାକୁ କରିବା ଦାୟୀ
ସଭିଏଁ ସଭିଙ୍କୁ ଦୋଷାରୋପ କଲେ
ଦୋଷୀ ତ ନଥିବେ କେହି ।
ଦଳେ ବସିଲେଣି ଗଣଧାରଣାରେ
ରାଜପଥ ପରେ ଯାଇ
ଆଉ ଦଳେ ପଦଯାତ୍ରେ
କଂପନ୍ତି ମାଇକି ନେଇ ।
କୁହାମୁଣ୍ଡା ସବୁ ଦୋଷଝାଡି ଏଠି
ଆଗରେ ଆଗୁଆ ହୋଇ
ଭକୁଆ ସାଜନ୍ତି ସାଧାରଣ ଜନ
ଦୋଷୀ କିଏ ଏଠି ଭାଇ ।
କୁଜି ନେତା ଏଠି ଦଣ୍ଡିକିରୀ ସାଜି
ଫୁକୁରୁ ଫୁକୁରୁ ହୋଇ
ବଡପାଟିକରି ଡିଣ୍ଡିମ ବଜାଇ
ସୁରାପାନେ ଗଳା ଧୋଇ ।

ISSN NO.
2582-208X

ଆମେ ସବୁ ସାଧୁ ଅସାଧୁତା ଛାଡି
ସଭିଏଁ ଏକାଠି ହୋଇ
ପ୍ରତିବାଦ କରି ତାୟାର ଜାଳିବା
ଏହି ସରକାର ପାଇଁ ।
ସମାଜର ଏହି ଅଧୋଗତି ପାଇଁ
କିଏ ସେ ହୋଇବ ଦାୟୀ
ସଭିଏଁ ସଭିଙ୍କୁ ଦୋଷାରୋପ କଲେ
ଦୋଷୀ ତ ନୋହିବ କେହି ।
ସମାଜ ଏଭଳି ବଦଳି ଯାଇଛି
ଆଗପରି ଆଉ ନାହିଁ
ହନ୍ତସନ୍ତ ହୋଇ ନିରିହ ଜନତା
ମୁଣ୍ଡପାତି ଯାଏ ସହି ।
ସମାଜର ଏହି ଅଧୋଗତି ପାଇଁ
କିଏ ସେ ଏଠି ଦାୟୀ..........

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଅଭୁଲା ତୁମର ସ୍ୱଦେଶ ପ୍ରେମ



ରାଜକିଶୋର ସାଇଁ

ଜାତି ପିତା ହେ,
ଘେନ ଆମ ପ୍ରଣାମ
ଶିଖାଇଲ ସତ୍ୟ ଅହିଂସା ମନ୍ତର
ଦୁନଆଁ ଘୋଷଇ ତୁମରି ନାମ
ଜାତି ପିତା ହେ....

ସତ୍ୟ ହିଁ ଈଶ୍ୱର ଶ୍ରମ ଉପାସନା, ଏ ବାଣୀ ବାଣ୍ଟିଲ ଦୁନଆ ସାର୍
ଆଜି ବି ସବୁଠି ଆଦର ପାଉଛି, ତୁମ ଦରଶନ ବିଶ୍ବର ଧାର୍
ତୁମ ଦେଶପ୍ରେମ ମଣିଷ ପଣିଆ
ଛୁଇଁଯାଏ ସଭିଙ୍କର ମରମ

ଆଖି ବଦଳରେ ଆଖି ନେବା ନୀତି, ଅନ୍ଧ କରିଦେବ ସଭିଙ୍କୁ ଦିନେ
ହିଂସା ଟାଳବାକୁ ଶାନ୍ତ ବୁଝାମଣା, ଏ ମନ୍ତ୍ର ଫୁଙ୍କିଲ ସବୁରି କାନେ ।
ଆଜି ତୁମ ପାଇଁ ଆମ ଜନ୍ମଭୂଇଁ
ସାଉଣ୍ଟୁଛି କାହିଁ କେତେ ସୁନାମ ।

ISSN NO.
2582-208X

ଆମ ଏ ବସୁଧା ଆମ ପରିବାର କେହି ନୁହେଁ ଏଠି ଛୁଆଁ ଅଛୁଆଁ
ଏ ବାରତା ଦେଇ ଚାହିଁଥିଲ ତୁମେ ବାନ୍ଧିବାକୁ ଏକ ସୂତ୍ରେ ଦୁନିଆଁ
ସମାଜରୁ ଦୂର ପାଇଁ ଭେଦଭାବ
କରିଥିଲ ଅବିରତ ସଂଗ୍ରାମ ।

ବିଦେଶୀ ଶାସନ ଦେଶୁ ହଟାଇଲ ସତ୍ୟ ଅହିଂସାକୁ କରି ଆୟୁଧ
ମୁକ୍ତି ଯୁଦ୍ଧର ଏ ନୂଆ ପରିଭାଷା କରିଥିଲା ସଭିଙ୍କୁ ମନ୍ତ୍ରମୁଗ୍ଧ
ବୁହାଇଲ ଦେଶେ ମୁକତିର ଗଙ୍ଗା
କିଏ ହେବ ଆଉ ତୁମରି ସମ ।

ସ୍ୱପ୍ନର ଭାରତ ଗଢିବାକୁ ଯାଇ ଅକାଳରେ ତୁମେ ଦେଲ ଜୀବନ
ଆନ ଲାଗି ତୁମେ ଜୀଇଁ ଏ ଜଗତେ ଜିଣିଲ ସବୁରି ହୃଦୟ ମନ
ରଖିଗଲ ଭବେ ଅକ୍ଷୟ କୀରତି
ଅଭୁଲା ତୁମର ସ୍ୱଦେଶ ପ୍ରେମ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଦୀପାବଳି



ଅଲେଖ ମେହେର

କଳେବର ବାସ ତିମିରେ  ଜାଳ ଜ୍ଞାନ ଦୀପାଳୀ,
ସୁରରୀପୁ ବାସନା ଜାଲ ଆପେ ଯିବ ମଉଳି ।
ଇନ୍ଦୁକର ଲଭି ନୀଶିଥ  ଯେହ୍ନେ ହୁଏ ଉଜ୍ଜ୍ୱଳ,
ସୁମନ ଯେସନେ ବିକସେ  ଆସିଲେ ଉଷା କାଳ ।
ପ୍ରାଞ୍ଜ କିରଣରେ ଝଲସୁ ଆତ୍ମାରୂପି ମୋହନ,
ଦୁଃଖ ବନବାସ ଅନ୍ତରେ ଅନ୍ତ ହେଉ ଦୁର୍ଜନ ।
ମର୍ଜାଦା ଭିତରେ ସୁମିଷ୍ଟ ବଚ ଉଚ୍ଚାରି ଜନ,
ସରବେ ଲଭନ୍ତୁ ଆନନ୍ଦ ବାସୁ ଚୂଆଚନ୍ଦନ ।
ଦୀପମାଳା ସାଥେ ସାତ୍ତ୍ୱିକ ଭାବ ଉକୁଟୁ ମନେ,
ବସୁଧୈବ କୁଟୁମ୍ବକମ୍ ବାର୍ତ୍ତା ଖେଳୁ ପରାଣେ ।
ମନ୍ଥରା କପଟ ସ୍ୱଭାବ ପୋଡୁ ଦୀପ ଆଲୋକେ,
ରାମରାଜ୍ୟ ହେବ ପ୍ରତିଷ୍ଠା ନିଶ୍ଚେ  ଆମ ଭୂ-ଲୋକେ ।

ସୋହେଲା, ବରଗଡ
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ମାଟି ଆଉ ଆକାଶ



ଗଜାନନ ମିଶ୍ର

କୋଉ ମନ୍ତ୍ର ପଢ଼ିଲେ
ପୂରିବ ଟିକିଏ ମୋ ପେଟ ?
କୋଉ ଅସ୍ତ୍ର ଧରିଲେ
ଖରା ପବନ ବର୍ଷାରୁ
ରଖି ହେବ ଏ ଦେହ ସୁରକ୍ଷିତ ?

ବିଶ୍ବାସ ବଢ଼ିବ କେମିତି
ଚଳିତ ପ୍ରକ୍ରିୟା ଉପରେ ?
ଚାଲିବ କେମିତି ମୋ ଗୋଡ
ଅଙ୍କାବଙ୍କା ଖାଲଢ଼ିପ ଏ ରାସ୍ତାରେ ?

କଣ ପାଇଁ କିଏ ନିଆଁ ଲଗାଇ
ପୋଡି ଦେଉଛି ମୋ ଚାଳଛପର ଘର ?
କଣ ପାଇଁ କିଏ ମାଡି ଦଳି
କରୁଛି ନଷ୍ଟ ମୋ ଉପୁଜୁଥିବା ଶସ୍ୟ,
ଯୋଉଟା ସଭିଙ୍କର ?

କାହାର କ୍ଷତି କେବେ
କରିଛି କି ମୁଁ ? କୁହ !

ISSN NO.
2582-208X

ଲାଭହାନି ଭଲମନ୍ଦରେ
ବସାଇଛି କି କେବେ ଭାଗ ?

ମୋ ଦେହ ମାଟି, ଜାଣେ ମୁଁ।
ମାଟିରେ ମାଟି ହୋଇ, ବଂଚେ ମୁଁ।
ବଂଚିଥାଇ ଦେଖେଁ
ଉପରେ ଦିଲ୍ ଦାର୍ ଆକାଶ,
ଆନମନା କରେ ଯିଏ ବେଳେବେଳେ ମତେ
ଆଉ ସେତେବେଳେ ଉଦଣ୍ଡ ନାଚେଁ।

ମୋ ପରି ଅନେକ ରୂପରେ
ଆଉ କେତେ କେତେ ଏଇଠି ଏମିତି,
ପାଣିରେ ପବନରେ ମାଟି ଉପରେ ଆଉ
ସଭିଙ୍କୁ ନେଇ ଚାଲିଛି ଯୁଗ ପରେ ଯୁଗ,
ନାହିଁ କାହାର କୋଉଠି ଇତି, କଣ ପାଇଁ
ବୁଝି ହେଉ ନି, ଯାଙ୍କ ତାଙ୍କ ଏତେ ସେତେ କରାମତି!

ମୂଳ ଡାଳ ନାଇଁ,
ନାଇଁ ପୁଣି ଶବ୍ଦ ପୂରା ପାରିବ ବର୍ଣ୍ଣି!
ନାଇଁ ନାଇଁ ମୁଁ ନାହିଁ,
କେହି ନାହିଁ।
ସଙ୍କେତରେ ମିଳୁଛି ଏତକ,
ମାଟି ଆଉ ଆକାଶ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ଗୋଟିଏ କୁନ ଝିଅ ଓ ଦୁର୍ଗା ମେଢ

ଦୀନବନ୍ଧୁ ବେଜ

ପାଦଦ୍ରୁତ ଥିଲା, ମନ ଚଞ୍ଚଳ ଥିଲା, ଉଦବେଗ ବଢି ବଢି ଯାଇଥିଲା ଶରୀରରେ ହାଇ ଟେମ୍ପରେଚର ଥିଲାବେଳେ ଥର୍ମୋମିଟରରେ ପାରା ବଢ଼ିଲା ପରି । ସାନ ଝିଅଟି କହୁଥିଲା ମା' ଆଉ କେତେ ଦୂର ରହିଲା ଦୁର୍ଗାମେଢ । ମା' କହୁଥିଲେ ଆଉ ଅଳ୍ପ ବାଟ, ଧରିନେ ଦି ଡାକ । ଦୁଇଜଣଙ୍କ ପାଦ ଆଗକୁ ଚାଲୁଥିଲେ ଲକ୍ଷ୍ୟ ଗୋଟିଏ ଥିଲା ଦେବୀ ଦର୍ଶନ ।

ପୀଠରେ ମା'ଙ୍କର ଆବିର୍ଭାବ ତିନିଦିନ ହେଲାଣି, ପୂଜା ପାଇଁ କେତେ ଲୋକଙ୍କ ମେହେନତୀ ଗଲାଣି । ଗାଁର ପିଲାମାନେ ପ୍ରଥମେ ମିଳି ମିଶି ଚାନ୍ଦା କଲେ, ରାସ୍ତା କଲେକସନ ସହିତ ଗତ ବର୍ଷରୁ ସାଇତା ମୁଦ୍ରାବି ଏଥର ଯୋଗ କରାଯାଇଛି । ମହାମାରୀ ପରେ ପ୍ରଥମ ଥର ମନ ଖୋଲି ପିଲାମାନେ ପୂଜାର ଯାବତୀୟ କାରିଗରିରେ ସାମିଲ ହୋଇଛନ୍ତି । ପିଲାମାନେ ଏଣେ ତେଣେ ଘୂରି ବୁଲୁଛନ୍ତି । ସବୁ ସେମାନେ କରନ୍ତୁ ବୋଲି ଗାଁ ବୁଦ୍ଧିଜିବୀଙ୍କ ଦ୍ୱାରା ମଧ୍ୟ ଅଭୟ ବାଣୀ ଶୁଣାଇ ଦିଆଯାଇଛି--ଅତଏବ ସେମାନେ କାର୍ଯ୍ୟରେ ବାହାରିଗଲେ ମା'ଙ୍କୁ ଜଣାଉଥିଲେ ବୟୋଜ୍ୟେଷ୍ଠ ମାନେ ।

ସେମାନଙ୍କ ଭିତରୁ ଜଣେ କହିଲେ ନାହିଁରେ ସାଙ୍ଗ ତରତର ହେବାର ଆବଶ୍ୟକ ନାହିଁ ସବୁ ଠିକ ଠିକ ଚାଲିଛି । କେବଳ ଆମ ସଂଖ୍ୟା ଟିକେ କମିଯାଇଛି ।

ଆଳତୀ ପାଇଁ ଘଣ୍ଟା, ମର୍ଦ୍ଦଳ, ଝାଞ୍ଜ, କରତାଳି ଓ ଗିନି ବଂଶୀ ଚାଲିଛି କିନ୍ତୁ ବଣ୍ଟି, ନୂତନ ଓ ଯତୀନର ଦେଖାନାହିଁ, ନନାଙ୍କ କଣ୍ଠରୁ ମାଇକରେ କିନ୍ତୁ ସ୍ୱଷ୍ଟ ଶୁଭା ଯାଉଥିଲା –

*ଯା ଦେବୀ ସର୍ବ ଭୂତେଷୁ ମାତୃରୂପେଣ ସଂସ୍ଥିତା, ନମ ତସ୍ମୈଇ ନମଃ ତସ୍ମୈଇ ନମଃ ତସ୍ମୈଇ ନମଃ ନମଃ*

ISSN NO.
2582-208X

ଘଣ୍ଟ ଘଣ୍ଟା ମର୍ଦ୍ଦଳର ଗହ ଗହ ଶବ୍ଦ ତୁହାକୁ ତୁହା ବାଜି ଉଠୁଥିଲା ନୂତନ ତରୁଣମାନଙ୍କ ଉଦ୍ଦାମ ହାତବାଜି, ଏହି ସମୟରେ ସ୍ତ୍ରୀ ଲୋକଟି ଦଉଡ଼ି ଦଉଡ଼ି ଆସି କହିଲା ଝିଅକୁ ଧରି ସାଙ୍ଗରେ... ଆସୁ ..ଥିଲି ମେଢ଼ ଦେଖିବାକୁ । ମୋତେ ମାରଧର କରି ମୋ ସହିତ ଥିବା ମୋ ଝିଅକୁ କେତେ ଜଣ ମଦୁଆ ଉଠାଇ ନେଇଛନ୍ତି ... । ମୋ ଝିଅକୁ ରକ୍ଷା କର ମା' । ମୋ ଝିଅକୁ ରକ୍ଷା କର ବାବୁ ମାନେ । କୋହକୁ ଚାପି ନପାରି ମା' ଟି ଆଖିରୁ ଝରି ପଡୁଥିଲା ଲୁହ ।

ବୟୋଜ୍ୟୋଷ୍ଠଙ୍କ ନିର୍ଦ୍ଦେଶ କ୍ରମେ ହଠାତ ଆଳତୀ ବନ୍ଦ କରାଗଲା । ଯୁବକମାନେ କହୁଥିଲେ ସବୁ ଅନର୍ଥ ହୋଇଗଲା । ସେଠାରେ ଠିଆ ହୋଇଥିବା ମା' ଭଉଣୀ ମାନେ ପାଖରେ ଥିବା ପିଲାମାନକୁ ନିଜ ଆଡକୁ ଆଉଜି ନେଇ କୁହା କୁହି ହେଉଥିଲେ କି ଯୁଗ ହେଲା ।

ସଭିଏଁ ବାହାରି ପଡିଲେ ସେହି କୁନି ଝିଅ କୁ ଖୋଜିବା ପାଇଁ । ଅନତି ଦୂରରେ ଥିବା କିଆ ବୁଦା ପାଖରେ ଖଣ୍ଡିଆ ଖାବରା ହୋଇ ପଡ଼ିଥିବା ଝିଅଟିକୁ ଦେଖି ଚିହିଁକି ଉଠିଲେ ସମସ୍ତେ। ଗରିବ ମା' ଟି ସେତେ ବେଳକୁ ବେହୋସ ହୋଇ ସାରିଥାଏ । ଦରଦି ହୃଦୟର ମା'ମାନଙ୍କ ଆଖି ଛଳ ଛଳ ହୋଇ ସାରିଥାଏ । ଦୃଢ ହୃଦୟର କେତେଜଣ ମହିଳା ଝିଅଟିର ଶରୀରକୁ ଗୋଟାଏ ଗାମୁଛା ରେ ଘୋଡାଇ ଦେଉଥିବା ସମୟରେ ଆମ୍ବୁଲାନସ ପହଞ୍ଚିଗଲା । ବୋଧହୁଏ କେହି ଶିକ୍ଷିତ ବ୍ୟକ୍ତି ସଙ୍ଗେସଙ୍ଗେ ଆମ୍ବୁଲାନ୍ସକୁ କଲ କରି ଡାକି ଦେଇଥିଲେ ।

ସେପଟେ ଝିଅର ଡାକ୍ତର ଖାନାରେ ଚିକିତ୍ସା ଚାଲିଲା । ଏପଟେ ଦୁର୍ଗା ମା'ଙ୍କର ପୂଜା ଜୋର ସୋରରେ ଚାଲିଲା, ମଝିରେ ମା' ଟି ନ୍ୟାୟ ପାଇବାକୁ ବାର ଦୁଆର ଶୁଣ୍ଢି ପିଣ୍ଢା ହୋଇ ଶେଷରେ ପୂଜା ମଣ୍ଡପ ପାଖରେ ଲମ୍ବାଲମ୍ବ ହୋଇ ଅଧିଆ ପଡ଼ିଲା ।

ସବୁ ଚିକିତ୍ସା ବେକାର ହେଲା, ଝିଅଟି ଯନ୍ତ୍ରଣାର ଛଟ ପଟ ହୋଇ ଆଖି ବୁଜିଦେଲା । ମା' ଟି ବାଇଆଣୀ ପାଗିଳି ପରି ଚିତ୍କାର କରି ମୋ ଝିଅ କୁ ଫେରାଇ ଦେ ମା'। ମୋ ଝିଅକୁ ଫେରାଇ ଦେ ମା' କହି ଖାଲି ବିଳି ବିଳେଇ ହେଲା ।

ISSN NO.
2582-208X

ଦଶମୀ ଦିନ କମିଟି ତରଫରୁ ନିଷ୍ପତି ହେଲା ଦୁଷ୍ଟ ଶକ୍ତି ବଢିଯାଇଛି ପ୍ରତିକାତ୍ମକ ଭାବରେ ଏଥର ରାବଣ ପୋଡି ଜୋରଦାର କରାଯିବ । ବତା ବାଉଁଶରେ ପଚାଶ ଫୁଟର ଦଶ ମୁଣ୍ଡିଆ ରାବଣ ତିଆରି ହେଲା ତାର ଅଙ୍ଗ ଅଙ୍ଗରେ ବାରୁଦ ଖଞ୍ଜିଦିଆ ଗଲା । ବେଶି ବାଣ ରୋଷଣୀ ଏଥର ବିରାଟକାୟ ରାବଣ କଙ୍କାଳରେ ଲଗାଗଲା । ଏକଥା ବିଶେଷ କରି ବିଷର୍ଣ୍ଣ ମନରେ ଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ହିଁ କରୁଥିଲେ । ବିଜୟା ଦଶମୀ ବା ରାବଣପୋଡି ସମୟ ଉପଗତ ହେଲା ଦଶମୁଣ୍ଡିଆ ଦୁଷ୍ଟ ଶକ୍ତିକୁ ହରାଇବାକୁ ବିଜୟ କରିବାକୁ ଏଥର ଗାଁର ଆବାଳ ବୃଦ୍ଧ ବନିତା ସମସ୍ତେ ଲାଗି ପଡିଥିଲେ । କାହାର କିନ୍ତୁ ପାଟି ଖୋଲୁ ନଥିଲା । ସମ୍ମାନିତ ଅତିଥି ମୁଖ୍ୟ ଅତିଥି ବିଶିଷ୍ଟ ବକ୍ତା ଓ ମୁଖ୍ୟବକ୍ତା ସେହି ଗୋଟିଏ କଥା ବାରମ୍ବାର ଦୋହରାଉ ଥିଲେ । ଗାଁର ନିରିହ ବାପ ଛେଉଣ୍ଡ କୁନି ଝିଅ କାହାର କି ଦୋଷ କରିଥିଲା ଯେ ତାଙ୍କୁ ନର ରାକ୍ଷାସ ମାନେ ଏହି ଦଷା ଦେଲେ । ସେପଟେ ଧରା ନପଡିବା ଖୁସିରେ ମସଗୁଲ ଥିଲେ ବଣ୍ଟି, ନୂତନ ଓ ଯତୀନ । ଟାଙ୍କେ ଟାଙ୍କେ ମଦ ପିଇ କିଛି ନଜାଣିବା ଅଭିନୟରେ କୁମ୍ଭୀର ପରି କୃତ୍ରିମ କାନ୍ଦଣାବି କରୁଥାନ୍ତି ସେମାନ । ରାବଣ ପୋଡି ସମୟ ଉପଗତ ହେଲା, ମୁଖ୍ୟ ଅତିଥି ଧନୁତୀର ରାବଣ ଉପରକୁ ନିକ୍ଷେପ କରିଦେଲେ । ହୁ ହୁ ହୋଇ ଜଳି ଉଠିଲା ରାବଣ । ଏପଟେ ବଣ୍ଟି କିନ୍ତୁ ମଦ ନିଶାରେ ହିତାହିତ ଜ୍ଞାନ ଭୁଲି ସବୁ ସତକଥା ଓଗାଳିବା ଉପରେ । ତାକୁ ଯେତେ ବାଧା ଦେଲେ ବି ତାର ପରବାୟ ନାହିଁ । ତାକୁ ଧରିବାକୁ ପଛରେ ଗୋଡାଇଲେ ନୂତନ ଓ ଯତୀନ, ସେ ଦଉଡିଲା ଦଶମୁଣ୍ଡିଆ ରାବଣ ଆଡକୁ, ଏ ଦୁଇ ଜଣ ମଧ୍ୟ ତାକୁ ଧରିବାକୁ ସେ ଆଡ଼କୁ ଦଉଡ଼ିଲେ । ଭୟଙ୍କର ରୂପ ନେଇଥିବା ରାବଣ ହଠାତ ତିନିଜଣଙ୍କ ଉପରେ ଭାଙ୍ଗିପଡିଲା । ବାଣ ରୋଷଣୀ ଡରରେ ହଟାତ କେହି ସାହସ କରି ପାରିଲେନି ଉଦ୍ଧାର ପାଇଁ । ସଜାଗ ଥିବା ଦମକଳ ପାଣି ମାରିବା ପୂର୍ବରୁ ସବୁ ସରି ଯାଇଥିଲା । ଖାଲି ସୁକୁ ସୁକୁ ହେଉଥିବା ବଣ୍ଟି ଥଙ୍ଗ ଥଙ୍ଗ କଣ୍ଠରେ ଏତିକି କହିଲା ଆମେ...ଆମେ...ସେ ଝିଅକୁ ଏପରି ଅବସ୍ଥା କ.. କ...ଆଉ କହି ପାରିନଥିଲା ସେ, ସବୁଦିନ ପାଇଁ ପାଟି ବନ୍ଦ ହୋଇ ଯାଇଥିଲା ତାର ।

ISSN NO.
2582-208X

ସମସ୍ତେ ଅଚମ୍ଭିତ ହୋଇ ଯାଇଥିଲେ ସେଦିନ । ଚାହୁଁ ଚାହୁଁ ଅଚାନକ ଭାବରେ ସବୁ ଘଟିଗଲା । ଯେଉଁ ପିଲା ମାନଙ୍କ ଉପରେ ଭରଷା କରି ଏସନ ପୂଜା ଦାଇତ୍ୱ ଦିଆ ଯାଇଥିଲା ସେମାନଙ୍କ ଭିତରେ ରାବଣ ଥିଲେ ବୋଲି ସେମାନେ କୁହାକୁହି ହେଉଥିଲେ । ତାଙ୍କ ଭିତରୁ ଜଣେ ବୟସ୍କ ବ୍ୟକ୍ତି କହି ଉଠିଲେ ସୀତା ମା' ରାକ୍ଷସ ରାବଣ ପାଖରେ ବନ୍ଦୀ ଥାଇବି ସୁରକ୍ଷିତ ଥିଲେ ମାତ୍ର ଆଜି ନିଜକୁ ସ୍ୱାଧୀନ ବା ମୁକ୍ତ ଭାବୁଥିବା ନାରୀର ପାଦ ପାଦରେ ବିପଦ । ଦେଖାଗଲା ସେପଟେ ଦେବୀଙ୍କ ପାଖରେ ଅଧିଆ ପଡିଥିବା ମା' ଟି ଦେବୀଙ୍କୁ ଚାହିଁ ଖିଲି ଖିଲି ହସୁଛି ଆଉ ଦୁର୍ଗା ମାଆଙ୍କ ପ୍ରତିମୂର୍ତ୍ତି ମଧ୍ୟ ଅଧିକ ଉଜ୍ଜ୍ୱଳ ଦିଶୁଛି ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ପାଣ୍ଡବ ପ୍ରତି



ମନୋରଞ୍ଜନ ସୁରୁଜାଲ

ରାତି ପାହି ବାର ହେଲାଣି
କାଉ ଦେଲାଣି ରାବ,
ମନ୍ଦିର ର ଘଣ୍ଟି କହୁଛି
ନିଜ ମନର ଭାବ ।
ତୁଳସୀ ଚଉରା ଗାଉଛି
ଦେଖି କଳି ବିଦ୍ରୁପ,
ମହକଇ ଧୂପ ବାସନା
ଧୋଇ ଦେବାକୁ ପାପ ।
ଦେଉଳରେ ନେତ ଉଡୁଛି
ଚାହିଁ ନୀଳ ଆକାଶ,
କଳି ରାଜୁତି ରେ ମନୁଆଁ
କାହିଁ ଧରମ ଲେଶ ?
ସାଧୁସନ୍ଥ ବସି ଗୁପତେ
କରୁଛନ୍ତି ଭଜନ,
ଧୂମକେତୁ ରୂପ ଧରିଣ
ପ୍ରଭୁ ଆସିବେ ମନ ।

ବାରହାତ ଖଣ୍ଡ ହସ୍ତରେ
ଦେଖି କଳି ସନ୍ତାପ,
କେଶବ ଅନାଥ ବାନ୍ଧବ
କର ଏବେଠୁ ଜପ ।
ଅସମୟ ସବୁ ବ୍ୟବସ୍ଥା
ପ୍ରକୃତି ର ତାଣ୍ଡବ,
ମ୍ଳେଚ୍ଛ ସଂହାରଣ ଅବଶ୍ୟ
ଟାକି ଥାଅ ପାଣ୍ଡବ ।

ଆଇଁଲ୍‌ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଆସିବ ମାତାରାଣୀ



ପୂର୍ଣ୍ଣଚନ୍ଦ୍ର ରଣା

ସଙ୍ଗାତ ଲୋ .....
ଆନନ୍ଦରେ ଅବନୀ ଯେ
ଝୁମି ଝୁମି ନାଚୁଛି
ଆଉ ଗାଉଛି
ସାତ ସ୍ୱରରେ ରାଗିଣୀ
ସ୍ମିତ ହାସ୍ୟ ଅବନୀଟା
କେତେ ଯେ ଚାତୁରୀ
ବିଛିଛି ତା ବକ୍ଷେ ଆଜି
କେରି କେରି କାଶତଣ୍ଡୀ
ପୁଣି ନୀଳ ପୁଷ୍କରିଣୀରେ
ସଜେଇଛି ସେହି ମନଲୋଭା ଶ୍ୱେତପଦ୍ମକୁ
ସଙ୍ଗାତ ଲୋ ......
ଜାଣିଛୁକି ତୁହି ପ୍ରକୃତ କାରଣ
ଶାରଦୀୟ ଦୁର୍ଗାପୂଜା
ଘରେ ଘରେ ଦେଲାଣି ଡାକରା
ମହିଷାମର୍ଦ୍ଦିନୀ ମାତା ମୋର
ଅବନୀରେ ଓହ୍ଲେଇ ସିଂହ ବାହାନରେ
ଦର୍ଶନ ଦେବାକୁ ତା'ର ଭକ୍ତ ବତ୍ସଳଙ୍କୁ

ମାତା ମୋର ନୁହେଁ ଅଭିମାନୀ
ସେ ଯେ ଜଗତ ଜନନୀ
ଅମୃତର ବିନ୍ଦୁ ନେଇ ଆସିଛି ମା
ସରଗ ରାଇଜରୁ
ପରଷିବ  ତା ଭକ୍ତ ରୂପି
ସନ୍ତାନ ମୁଖରେ
ସବୁ ଦୁଃଖ ଦେବ ମା ଦୂରେଇ
ଦେବ ସୁଖର ପସରା
ସଦା ସର୍ବଦା ଜଗଦ୍ଧାତ୍ରୀ ମାତା
ହେବ ତା'ର ଭକତକୁ ଆସରା
ସଙ୍ଗାତ ଲୋ .....
ସମୟ ତ ଆସିଛି ଆଗେଇ
ଭକତ ପାଖକୁ
ପାର୍ବଣ ରେ ମାତା ରାଣୀ
ଅତି ନିକଟରେ ,
ଶ୍ୱେତପଦ୍ମ ଅଜାଡ଼ି ଦେ

ISSN NO.
2582-208X

ମାତାର ଚରଣେ
ସଙ୍ଗେ ଗନ୍ଧ ପୁଷ୍ପ ମାଳା କରି
ପିନ୍ଧେଇଦେ ମାତାର ଗଳାରେ
ଲଗେଇଦେ କର୍ଣ୍ଣରେ କୁଣ୍ଡଳ
ଲଗେଇଦେ ନୟନେ କଜ୍ଜଳ
ପାଟଶାଢ଼ୀ ପିନ୍ଧେଇ ଦେ
ମାତା ବିଗ୍ରହରେ
ମାତା ହସ୍ତେ ଆଙ୍କିଦେ ତୁ
ଗୋଲାପି ମେହେନ୍ଦୀ
ସଙ୍ଗେ ପାଦରେ ଅଳତା
ମହା ସତୀ ମାତା ମୋର
ଦିଶିବ ସୁନ୍ଦର
ଝଲସିବ ଏ ସାରା ଜଗତ
ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ ତିଥିରେ
ମାତା ମୋର ଅବନୀରେ
କରିବଲୋ ବାସ
ସୁଧାରିବ ଭକତ ବିଷାଦ
ଦଶମୀ ତିଥିରେ ମାତା
ପରଷିବ ସୁଖର ପସରା
ଭକତର ହସ୍ତ ଆଞ୍ଜୁଳାରେ
ସଭିଙ୍କ ମୁଖରେ ମାତା ରାଣୀ
ଫୁଟେଇବ ହସ
କିଛି କ୍ଷଣ ରହି ମାତା
ହେବ ସ୍ୱୟଂ ସ୍ୱର୍ଗବାସ ।।

ହାଟସିଂହାପୁର, ଯାଜପୁର

ISSN NO.
2582-208X

# ମା ଦୁର୍ଗା



ପୂର୍ଣ୍ଣିମା ଗୋଚ୍ଛାୟତ

ସବୁ ବରଷରେ ଆଶ୍ୱିନ ମାସରେ
କାଶତଣ୍ଡୀ ର ସମ୍ଭ୍ରେ
ସିଂହ ବାହନରେ ଧରଣୀ ପୃଷ୍ଠରେ
ବିରାଜିତ ପୁଷ୍ପ ମାଳରେ ।

ଜଗତ ଜନନୀ ଆରତ ରଞ୍ଜନୀ
ଦୁଃଖୀଜନଙ୍କ ଦୁଃଖ ହାରିଣୀ
ଖର୍ପର ଧାରିଣୀ ଦୁର୍ଗା ରୁଦ୍ରାୟଣୀ
ଦୀନ ଜନଙ୍କର ଦୁଃଖ ହାରିଣୀ ।

ପରିକ୍ରମା ବେଳେ ତୁମ ଦୃଷ୍ଟି ଆଗେ
ପଡେ ଯଦି ଯେଉଁ ଜନ
ତିଳେ ମାତ୍ର ଆଉ ବର୍ତ୍ତି ନ ପାରେ ସେ
ହରି ନେଇ ତା ଜୀବନ ।

ଦଶ ଦିଗେ ମା ଧଶଟି ଧାମରେ
ବିଜେ ତୁ ଲୋ ମହାମାୟୀ
ମଙ୍ଗଳା, କମଳା, ସାରଳା ଯେ ତୁ
ପୁଣି ବୋଲଉଛୁ ମହାମାୟୀ ।

ବିପଦେ ବେଳରେ ତତେ ସୁମରିଲେ
ଯେବେ ମା ବୋଲି ଡାକଦେଇ
ଆସୁ ତୋ ଲୋ ଧାଇଁ ହେବାପାଇଁ ସାହା
ନିଜ ସନ୍ତାନକୁ ବଞ୍ଚାଇ ।

ଚତୁଃଦିଗେ ମା ଘେରି କ ତୁ ଅଛୁ
ଆମକୁ ସୁରକ୍ଷା ପଣତେ ଘୋଡାଇ
ଖରା, ବର୍ଷା, ଶୀତ କଛି ବି ଯେ କଷ୍ଟ
ଦେଉନା ଆମ ଦେହେ ବଢାଇ ।

ISSN NO.
2582-208X

ଷଷ୍ଠୀ ରୁ ଦଶମୀ ପାଞ୍ଚ ଦିନ ଧରି
ମା ମଣ୍ଡପେ ପାଇବୁ ପୂଜା
ଗାଁ ରୁ ସହର ତୋ ପାଇଁ ଚଞ୍ଚଳ
ଆରମ୍ଭ ହେଲାଣି ସଜା ।

ସବୁ ପ୍ରଫୁଲ୍ଲିତ ସବୁ ଉଲ୍ଲସିତ
ସ୍ଥାନାନ୍ତର ଲୋକ ନିଜ ସ୍ଥାନକୁ ଆଗତ
ପୂରପଲ୍ଲବୀ ରେ ତୋ ମୃଣ୍ମୟ ମୂର୍ତ୍ତିକୁ
ମହା ଆଦମ୍ବରେ କରିବାକୁ ସ୍ୱାଗତ ।

ସୁନା, ରୂପା ଚାନ୍ଦି ସବୁ ଅଳଙ୍କାର
ମା ଲୋ ଖଞ୍ଜା ହେବ ତୋ ଦେହେ
ଦେଖିବାକୁ ତତେ କେତେ ଦୂରୁ ଭକ୍ତେ
ଆସିବେ ଭକ୍ତିର ସୁଏ ।

ରାମ ପୂଜା କଲେ ରାବଣ ନାଶିଲେ
ମା ତୋ ଆଶୀର୍ବାଦ ପାଇ
ଅସାଧ୍ୟ ସାଧନ ଲଭେ ସେହି ଜନ
ଯିଏ ତତେ ସୁମରଇ ।

ମହିଷାର ପରି ଦୁଷ୍ଟ କୁ ମା ଲୋ
କର ମର୍ଦ୍ଦନ ତୁ ଅବତରି
ଶେଷ ହେଇଯାଉ ପାପୀ ଓ ପାପ
ଏତିକ ମା ଗୋ ଗୁହାରୀ ।

ଗୁରିବାଟିଆ,
ଚଣ୍ଡିଖୋଲ, ଜିଲ୍ଲା-ଯାଜପୁର

ISSN NO.
2582-208X

# ମାଆ



ବିଷ୍ଣୁପ୍ରିୟା ଦାସ

ତୋ କୋଳ ଛାଡ଼ିବା ପରେ ହିଁ ଦେଖିଛି
ସତ ମିଛର ଏ ଦୁନିଆକୁ
ତୋ ହାତ ଛାଡ଼ିବା ପରେ ହିଁ ଜାଣିଛି
ହସ ଲୁହର ଏ ସଂସାରକୁ
ତୋ ଡାକ ଶୁଣିବା ପରେ ହିଁ ବୁଝିଛି
ତା ଠାରୁ ମଧୁର ନାହିଁ କିଛି
ତୋ ଛୁଆଁ ପାଇବା ପରେ ହିଁ ଭାବୁଛି
ସେଇ ଅନୁଭବ ସବୁକିଛି
ତୋ କାନି ଧରିବା ପରେ ହିଁ ଜାଣିଛି
କେତେ ମହତ୍ତ୍ୱ ସେ ପଣତର
ତୋ ପାଦ ଛୁଇଁବା ପାରେ ହିଁ ଲାଗିଛି
ଚଳନ୍ତି ଠାକୁର ତୁ ମୋର
ତୋ ବିନା ଜିଇବା ମରିବା ସମାନ
ମାନେ ନାହିଁ କିଛି ଜୀବନର
ତୋ କଥା ଲେଖିବା ପରେ ହିଁ ଭାବୁଛି
ଶବ୍ଦ ସରିଗଲା ଦୁନିଆର.....

ହୀରାପୁର, ଭୁବନେଶ୍ୱର
ଜିଲ୍ଲା: ଖୋର୍ଦ୍ଧା

ISSN NO.
2582-208X

# କଳାକାର ବନମାଳିଆ

ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା)

କଳା କାଇଞ୍ଚ ମାଳଆ ଚକା ଡୋଳଆ ।
ଭବସାଗରକୁ ନାବ ତୋହରି ନାଆଁ ।୧ ।
ରାଧା ତୋର ମନୋହାରୀ, ସେ ପରା ଚମ୍ପକ ଗୋରୀ
ତୁହି କମ୍ପା ଅଟୁରେ କଜ୍ଜ୍ୱଳ କାଳଆ ।୨ ।
ରାସବିହାରୀ ଶ୍ରୀହରି ମନମୋହନ ମୁରାରୀ
କମ୍ବୁ କଟକ ବିହାରୀ ହେ ନୀଳଗିରି ।
ବରୁଣ ଜାମାତା ହରି ବାଙ୍କବିହାରୀ ।
ଧନ୍ୟ ଧନ୍ୟରେ କାଳଆ ତୁତ ଚଉବର୍ଗ ଦିଆ ।
ମଦନ ମୋହନ କୃଷ୍ଣ ବନମାଳଆ ।
ରାଧାରାଣୀ ଚିତ୍ତଚୋର ରାମା ରସିଆ ।
ରମାଧବ ତୁ କେଶବ, ବୃନ୍ଦାଧବ ସୁମାଧବ ।
ସକଳ ଦେବଙ୍କ ଦେବ ଘନକାଳଆ ।
ନୀଳାଚଳଆ ମାଧବ କୌସ୍ତୁଭ ହୀଆ ।
ଭାବକୁ ନିକଟ ତୁହି, ନୀଳମଣି ଭାବଗ୍ରାହୀ ।
ତୁ ପରା ରାଧାରସିଆ କଳାକହ୍ନାଇ ।
ଇନ୍ଦ୍ର ଧାତାହର ତୋର ପଦ ବନ୍ଦଇ ।
ମାଥେ ଶିଖି ପୁଚ୍ଛ ପର, ଆହା କେତେ ମନୋହର ।
ଭକତ ହୃଦ ଚନ୍ଦନ ଶ୍ରୀରାଧା ବର ।
ମନ ମହକଆ କାଳଆ, ଅଗ୍ରଜ ପରା ତୋହର ଅଟେ ବଳଆ ।

ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

|| ୨୫ ଦୃଶ୍ୟ ||

(ମଞ୍ଚରେ ମଞ୍ଜରୀ, କୈକେୟୀ ଏବଂ ଭାରତର ଗୁପ୍ତ ମନ୍ତ୍ରଣା)

ମଞ୍ଜରୀ– ଇଲୋ ମୋ ବୋଉଲୋ....ମୁଁ ସେମିତି ଘରର ଝିଅ ନୁହେଁମ...ଇଏ ତ ବଡ଼ ଅନ୍ୟାୟ ହେଲା ସାନ ମା'। ମୋ କଥାଟା ସବୁବେଳେ ସିନା ତୁମକୁ ପିତା ଲାଗୁଛି, ଏବେ ଦେଖିବ ରୁହ ଦୁଧରୁ ମାଛିକୁ କାଢିଦେଲା ଭଳି କେମିତି ଅଲଗା କରିଦେବେ। ହେଇଟି ସାନ ମା'! ବେଳ ଥାଉ ଥାଉ ତୁମେ ଯଦି ଏ ଅନ୍ୟାୟର ପ୍ରତିରୋଧ ନ କରିବ ତାହେଲେ ଦେଖିବ ତୁମ ଦିହିଙ୍କୁ କେମିତି ଏ ଘରୁ ତଡି ଦିଆଯିବ।

କୈକେୟୀ–ତୁ କହ ମଞ୍ଜରୀ ମୁଁ ଆଉ କଣ କରିପାରିବି ? ମୋର ଆଉ କଣ ଉପାୟ ଅଛି ?

କାଶୀ–(ପ୍ରବେଶି ମଞ୍ଜରୀ ପଛପଟେ ଧକ୍କା ମାରି)ଉପାୟ ଅଛି ଲୋ ଦେଇ ଉପାୟ ଅଛି। ତୁ ଯଦି କହିବୁ ମୁଁ ସେ ଶଳା ହାରାମଜାଦାକୁ ଦାଣ୍ଡର ଭୀକାରୀ କରିଦେବି।

ମଞ୍ଜରୀ–ଉଁ– ହତଭାଗାର ଭାରି ବହପ! ନିଜ ପଛରେ ହଜାରେ କଣା ଛୁଞ୍ଚିର କଣା ବୁଜିବାକୁ ଆସିଛି।

କାଶୀ– ମୋତେ କିଛି କହିଲୁ କି ଲୋ ମଞ୍ଜରୀ ?

ମଞ୍ଜରୀ– ମୁଁ ସେମିତି ଘରର ଝିଅ ନୁହେଁ ମ--! ତମେ ଆସୁ ଆସୁ କାହିଁକି ମୋ ପଛରେ ବଜେଇଲ ?

ISSN NO.
2582-208X

କାଶୀ- ମୁଁ କଣ ଜାଣୁ ଜାଣୁ ବଜେଇଛି ,୯ରାସ୍ତାରେ ଠିଆ ହେଇଥିଲୁ ବାଜିଗଲା।

ମଞ୍ଜରୀ- ବୁଢା ବୟସରେ ବି ସୁଆଙ୍ଗ ଛାଡୁନି?

ଭାରତ-ଓ ହୋ ସେ ବାଜେ କଥା ବନ୍ଦ କର। ବର୍ତ୍ତମାନ କଣ କଲେ ରମଣ ଆମ ରାସ୍ତାରୁ ହଟିଯିବ ତା'ର ଉପାୟ ଖୋଜ।

କାଶୀ- ବଡ଼ ଗଜବ ଉପାୟ ଅଛିରେ ଭଣଜା ଯଦି....

କୈକେୟୀ- ଯଦି..?

ଭାରତ- ଯଦି..?

ମଞ୍ଜରୀ- ଯଦି...?

କାଶୀ- ଯଦି ଦେଇ ସେ କାମ କରିପାରିବ ତାହେଲେ ରମଣ ଆମ ରାସ୍ତାରୁ ଆପେ ଆପେ ହଟିଯିବ।

କୈକେୟୀ--ମୁଁ? କିରେ ମୁଁ କଣ କରିବି?

କାଶୀ- ତୋତେ ହିଁ ସବୁକିଛି କରିବାକୁ ହେବ ଲୋ ଦେଇ ନହେଲେ ଅଖା ଧୋଉଥିବୁ ଗୁଣ ଗାଉଥିବୁ।

କୈକେୟୀ- ଦେଖ କାଶୀ ତୁ ମୋ ମଣ୍ଡ ବିଗାଡନା କହୁଛି।

କାଶୀ- ତୋର ତ ଖାଲି ମୋହରି ପ୍ଲାନ ଶୁଣିଲେ ମୁଣ୍ଡ ବିଗିଡିଯାଏ..।

କୈକେୟୀ-କିରେ କଣ କରିବି କହୁନୁ?

କାଶୀ- ରମଣ ଯଦି ସବୁ ସମ୍ପତ୍ତିର ଉତ୍ତରାଧିକାରୀ ହେବ ତାହେଲେ ତୁ ଆତ୍ମହତ୍ୟା କରିବୁ ବୋଲି ମିଛରେ ଅଭିନୟ କରି ଭାଇଙ୍କୁ ଜଣାଇବୁ।

ଦଶ- ସେ କଣ ଏ କଥାରେ ରାଜି ହୋଇଯିବେ?

ISSN NO.
2582-208X

କାଶୀ–ମୁଁ ଜାଣେ ଲୋ ଦେଇ ଭାଇ ତୋତେ ଉପରେ ଉପରେ ଯେତେ ଭଲ ପାଆନ୍ତି ନାହିଁ ଭିତରେ ଭିତରେ ସେତେ ଝୁରି ହୁଅନ୍ତି। ତୁ ଖାଲି ଏଇ ପଦିଏ କଥା କହି ଦେଖ ମୋ ପ୍ଲାନ ଯଦି ସକସେସ ନହୋଇଛି ତାହେଲେ ମାରି ମାରି ମୋ ଗାଲ ଫଟେଇଦେବୁ।

ଭାରତ– ମାମା ଯାହା କହୁଛନ୍ତି ତୁ ଥରେ ଟ୍ରାଇ କରି ଦେଖ। ଯଦି ସକସେସ ହେଲା ଭଲ କଥା ନହେଲେ ଗୋଟି ଗୋଟି ସମସ୍ତେ ହଣା ଖାଇବେ।

କୈକେୟୀ–ଓଃ ତୋର ସବୁବେଳେ ସେଇ ଟେନସନ।

ଭାରତ– ମୋତେ ଟେନସନ କରୁଛି କିଏ? ସେଇ ହାରାମଜାଦା ବୁଢା ଆଉ ତା ଗେହ୍ଲା ପୁଅ ରମଣ। ମୁଁ ତତେ ଆଜି ଶେଷ ଥର ଜଣାଇଦେଉଛି ମମି ବୁଢା ତୋ କଥାରେ ରାଜି ହେଇଗଲା ତ ଭଲକଥା ନହେଲେ ନାଟକ କ୍ଲୋଜ କରିଦେବି। (ପ୍ରସ୍ଥାନ ଉଦ୍ୟତ ସମସ୍ତେ ତା ପ୍ରସ୍ଥାନକୁ ଚାହିଁଥାନ୍ତି।

(ମଞ୍ଚ ଅନ୍ଧାର)

## ।। ୨୬ ଦୃଶ୍ୟ ।।

(ପୂର୍ବର ଓକିଲ ମହାଶୟ ଏବଂ ଦଶରଥ ସିଂହଙ୍କର ଆଲୋଚନା ଚାଲିଥାଏ।)

ଓକିଲ– ସାର! ରମଣ ବାବୁଙ୍କ ନାମରେ ଉଇଲ ପୂରା ରେଡି। ଯାହା କେତୋଟି ସିଗନେଚର ଆବଶ୍ୟକ। ତାଙ୍କୁ ଡାକନ୍ତୁ ସିଗନେଚର କରିଦେଲେ ମୁଁ କୋର୍ଟକୁ ଯିବି।

ଦଶ– ଓକେ ମୁଁ ଏଇ ସଙ୍ଗେ ସଙ୍ଗେ ଡାକୁଛି। ଆରେ ଲଛୁ! ଲଛୁ! (ଲଛମନ ଦୌଡ଼ି ଦୌଡ଼ି ଆସେ)

ଲଛୁ– କୁହନ୍ତୁ ବାବୁ! କୁହନ୍ତୁ–

ଦଶ– ଆରେ ରମଣକୁ ଡାକି ଦେ ତ, ତା'ର ଏଠି କାମ ଅଛି।

ଲାଛୁ–ହଁ ବାବୁ ମୁଁ ଏଇ ସଆତେ ଡାକିଆଣୁଛି। (ପୁନଃ ଦୌଡ଼ି ଦୌଡ଼ି ପ୍ରସ୍ଥାନ)

ISSN NO.
2582-208X

ଦଶ- ବାରିଷ୍ଟର! ଉଇଲ ପପେରରେ ମୋର ଆଉ କୌଣସି ସିଗନେଚର ଆବଶ୍ୟକ ନାହିଁ ତ?

ଓକିଲ- ହଁ ସାର! ଆପଣଙ୍କର ଆଉ ଦୁଇଟି ସିଗନେଚର ଆବଶ୍ୟକ। ଏଇ ସାର ଏଇଠି କରନ୍ତୁ। (ଉଇଲ ପେପର ବଢାଏ)

(ରମଣ ଓ ଲଛୁ ପ୍ରବେଶନ୍ତି)

ରମଣ- ଡାଡି! ଆପଣ ମୋତେ ଡାକିଲେ?

ଦଶ- ହଁ, ଉଇଲ ପେପରରେ ତୋର କେତୋଟି ସିଗନେଚର ଆବଶ୍ୟକ।

ରମଣ- ଏ କଣ ଡାଡି! ଆପଣଙ୍କୁ ସେଦିନ ଏତେ ବୁଝାଇବା ପରେ ବି ମୋ ନାମରେ ସମସ୍ତ ସମ୍ପତ୍ତି ଉଇଲ କରିବାକୁ କଣପାଇଁ ଜିଦ ଧରିଛନ୍ତି? ଭାରତ ବି ତ ଆପଣଙ୍କର ପୁଅ।

ଦଶ- ଥିଲା ଆଉ ନାହିଁ। ଏବେ ସେ ମୋର ଭଗାରୀ। ଥରେ ମୁଁ ଯେଉଁ ଡିସିସନ ନେଇଛି ତାହା କେବେବି ବଦଳି ପାରିବ ନାହିଁ।

ରମଣ-ତାମାନେ ଆପଣ ଆମ ଦୁଇ ଭାଇଙ୍କ ମଧ୍ୟରେ ମହାଭାରତ ସୃଷ୍ଟି କରିବାକୁ ଚାହୁଁଛନ୍ତି?

ଦଶ- ରମଣ! ତୁ ଭୁଲିଯାଉଛୁ ମୁଁ ତୋର ଡାଡି।

ରମଣ- ଆପଣ ବି ଭୁଲିଯାଉଛନ୍ତି ଭାରତ ଆପଣଙ୍କର ପୁଅ।

ଦଶ- ଥରେ ମନାକଲି ପରା ସେ ମୋର କେହି ନୁହେଁ। ମୁଁ ତାକୁ ଗୋଟେ ଇଞ୍ଚ ସମ୍ପତ୍ତିର ଅଂଶୀଦାର କରିବିନାହିଁ। ତୁ ମୋ କଥା ମାନିବାକୁ ବାଧ୍ୟ।

ରମଣ- ଅସମ୍ଭବ!

ଦଶ- ହ୍ୱାଟ?

ISSN NO.
2582-208X

ରମଣ– ଅସମ୍ଭବ କେବେ ସମ୍ଭବ ହେବନି ଡାଡି। ଏ ବଂଶରେ ଯାହାକିଛି ଭାଗବାଣ୍ଟ ହେବ ଦୁଇ ଭାଇଙ୍କ ନାମରେ ହେବ।

ଦଶ–ତାମାନେ ତୁ ମୋ ଡିସିସନକୁ ଅମାନ୍ୟ କରିବୁ ?

ରମଣ– ଆପଣ ଯେତେବେଳେ ନିଜ ଜିଦରେ ଅଟଳ ସେଠି ଡିସିସନରେ ବାଧା ସୃଷ୍ଟି ହେବ ନିଶ୍ଚୟ।

ଲଛୁ– ବାବୁଙ୍କ ଆଦେଶ ମାନି ଯାଆନ୍ତୁ ସାନ ବାବୁ। ସେ ତ ଏ ବଂଶର ଭଲ ପାଇଁ ସବୁକିଛି କରୁଛନ୍ତି।

ଭାରତ–(ପ୍ରବେଶି)ଆବେ ହେ ବେଇମାନ କୋଉଟା ଭଲ କୋଉଟା ଖରାପ ତାହା ତୁ ନିର୍ଣ୍ଣୟ କରିବୁ ? ତୁ ଏ ଘରର ଚାକର, ଚାକର ହିସାବରେ ରହ।

ରମଣ–ଭାରତ !

ଭାରତ– ଚାକରକୁ ମୁଣ୍ଡରେ ବସେଇଲେ ମୁନିବ ହେବାପାଇଁ ମନ ବଳାଏ ଏଇ ଛୋଟ କମନସେନ୍ସ କଣ ତୁମମାନଙ୍କର ନାହିଁ।

ଦଶ– ଦୀର୍ଘ ୫୦ ବର୍ଷ ଧରି ଗୋଟେ ବଂଶରେ ରହିଥିବା ମଣିଷକୁ ଚାକର ଅଖ୍ୟାରେ ଆଖ୍ୟାୟିତ କରାଯାଏନି ବରଂ ଘରର ସଦସ୍ୟ ବୋଲି ଗଣନା କରା ଯାଇଥାଏ। ଏଭଳି କମନସେନ୍ସ ନିହାତି ତୋର ବି ରହିବା ଦରକାର।

ଭାରତ– ଛାଡ଼ ମୋ କଥା ସମସ୍ତଙ୍କୁ ପିତା ଲାଗିବ। କିନ୍ତୁ ମୁଁ ଜାଣିବାକୁ ଚାହେଁ ଓକିଲ ବାବୁଙ୍କୁ ଡକାଇ କଣପାଇଁ ତୁମେ ଏମିତି ଫାର୍ଶ କରିଚାଲିଛ। ଭାବିଛ ବିଲେଇ ଆଖି ବୁଜି ଦୁଧ ପିଉଛି ବୋଲି କେହି ଜାଣିପାରିବେନି। ରମଣ ନାଁ ରେ ଯେତେ ସମ୍ପତ୍ତି ହେବ ମୋ ନାଁ ରେ ବି ସେତିକି ସମ୍ପତ୍ତି ଉଇଲ କରିବାକୁ ହେବ। ତା ନହେଲେ...

ଦଶ– ତା ନହେଲେ... ?

ISSN NO.
2582-208X

ଭାରତ- ଏ ଘରେ ରକ୍ତର ନଦୀ ବୁହାଇଦେବି। କାହାରିକୁ ଛାଡ଼ିବି ନାହିଁ। ସମସ୍ତଙ୍କୁ ଗୋଟି ଗୋଟି କରି ହାଣିଦେବି।

ଦଶ- ତୁ ମୋତେ ମାରିଦେ, ହାଣିଦେ, କାଟିଦେ ଯାହା କରୁଛୁ କର ହେଲେ ମନେ ରଖିଥା ଗୋଟେ ଇଞ୍ଚ ସମ୍ପତ୍ତି ତୋ ନାଁରେ ଉଇଲ କରିବି ନାହିଁ।

ରମଣ- ପ୍ଲିଜ ଡାଡି ମୁଁ ଆପଣଙ୍କ ଗୋଡ଼ ଧରି ନେହୁରା ହେଉଛି ଏମିତି ଏକତରଫା କାମ କରନ୍ତୁ ନାହିଁ। ଭାରତକୁ ତାର ନାଜ୍ୟ ଅଂଶ ଦେଇଦିଅନ୍ତୁ।

ଦଶ- ଠକଅଛି ତୁ ଯଦି କହୁଛୁ ତୋ କଥା ମାନିବି ନିଶ୍ଚୟ କିନ୍ତୁ ଗୋଟେ ସର୍ତ୍ତରେ।

ରମଣ- କୁହନ୍ତୁ ଡାଡି ମୁଁ ଆପଣଙ୍କର ସବୁ ସର୍ତ୍ତ ମାନିବାକୁ ପ୍ରସ୍ତୁତ ଅଛି। ଆପଣଙ୍କ ସର୍ତ୍ତ ଅନୁସାରେ ଯଦି ଭାରତର ଭବିଷ୍ୟତ ଗଢି ଉଠିବ ତାହେଲେ ମୁଁ ମାନିବାକୁ ପ୍ରସ୍ତୁତ।

ଦଶ- ସବୁଦିନ ପାଇଁ ତୋତେ ଏ ଘର ପରିବାର ଛାଡିବାକୁ ହେବ।

ରମଣ- ବାସ! ଏଇକଥା ଆପଣ କହିବେ ତ ମୁଁ ମୃତ୍ୟୁକୁ ବରଣ କରିନେବି ଡାଡି। ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ଆସନ୍ତା କାଲି ସକାଳ ସୁଦ୍ଧା ମୁଁ ଏ ଘର ପରିବାର ସବୁକିଛି ଛାଡି ବହୁ ଦୂରକୁ ଚାଲିଯିବି। (ପ୍ରସ୍ଥାନ)

ଦଶ- ର-ମ-ଣ!!

ଲାଲୁ-ସାନ ବାବୁ!! (ଦଶରଥ ଓ ଲଲୁ ବିସ୍ମୟାଭୁତ ଅବସ୍ଥାରେ ହାତ ଉଠେଇ ରହିଯାଆନ୍ତି)

( ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଥ୍ୟାଙ୍କ ୟୁ ଭଗବାନ



ବାଙ୍କାବିହାରୀ ମହାକୁର

ବିଶାଳ ବ୍ରହ୍ମାଣ୍ଡେ ମାନବ ଜନମ
ଜୀବ ମଧ୍ୟେ ସର୍ବଶ୍ରେଷ୍ଠ,
କୋଟି ଜନମର ପୁଣ୍ୟ ବଳେ ପ୍ରାପ୍ତ
ଏଇ ଦୁର୍ଲଭ ବୈକୁଣ୍ଠ ।

ସ୍ୱନେତ୍ରେ ତୁମ୍ଭର ଦର୍ଶନ ପାଇନି
ବିଶ୍ୱ ବ୍ରହ୍ମାଣ୍ଡ ଠାକୁର,
ପିତାମାତା କୋଳେ ସଂସାର ଆଣିଲ
ଅନ୍ଧାରୁ କରି ଉଦ୍ଧାର ।

ଜୀବନ ଯୌବନ ସବୁ ତୁମ ଦାନ
ତୁମେ ସୃଷ୍ଟି ତୁମେ ସ୍ରଷ୍ଟା,
ଜୀବନ ପୁସ୍ତକ ରଚି ଦେଇଅଛ
ଆଦ୍ୟଅନ୍ତ ଦୁଇ ପୃଷ୍ଠା ।

ବନ୍ଧୁ ପରିବାର ଆତ୍ମୀୟ ସଦୋର
ମୋହମାୟା ଖେଳଘର,

ISSN NO.
2582-208X

ମାୟା ଜଂଜାଳରେ ହୋଇଯାଇ ଛନ୍ଦି
ଭୁଲିଛି ପ୍ରତିଜ୍ଞା ମୋର ।

ଯୁଗେ ଯୁଗେ ତୁମେ ଦୁଷ୍ଟ ବିନାସିଛ
ସଂଚରୀ ଧରମ ବାର୍ତ୍ତା,
ପ୍ରତିକ୍ଷଣ ପ୍ରଭୁ ସୂଚିତ କରିଛ
ତୁମେ ସେହି ସୃଷ୍ଟି କର୍ତ୍ତା ।

ହେ ବିଶ୍ୱବିହାରୀ ଶୁଣିଛ ଗୁହାରୀ
ମୁଁ ଅଟେ ଛାର ଅଜ୍ଞାନ,
ଦୋଷାଦୋଷମାନ କରି ହେୟଜ୍ଞାନ
ଦେଇଛ ପୟରେ ସ୍ଥାନ ।

ମନ ଜାଣି ଫଳ ଭରିଛ ମୋ ଥାଳ
ହରି ନେଇଛ କଷନ,
ଅମୃତ ଜୀବନ କରିଛ ପ୍ରଦାନ
ଥ୍ୟାଙ୍କ ୟୁ ଭଗବାନ ।

ବୁରୁବୁଡ଼ା, ବୀରମହାରାଜପୁର,
ସୁବର୍ଣ୍ଣପୁର

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ଜଗା ଦର୍ଶନ



ସିଦ୍ଧେଶ୍ୱର ତ୍ରିପାଠୀ

ଶ୍ରୀକ୍ଷେତ୍ର ମଉଡମଣି କାଳିଆ ଠାକୁର
ନୀଳଗିରି କଟକରେ ଯାର ଶ୍ରୀମନ୍ଦୀର
ଫରଫର ଉଡେ ନେତ ନୀଳ ଚକରରେ
ମେଘନାଦ ଚାରିଦ୍ୱାର ଫିଟେ ପ୍ରଭାତରେ ।

ବଡଦାଣ୍ଡ ଶୋଭା ଦେଖି ଯିବା ଚାଲ ମନ
ଅରୁଣଙ୍କ ସାଥେ ହେବ ପହିଲି ଦର୍ଶନ
ବାଇଶି ପାହାଚ ପାଖେ ପତିତ ପାବନ
କଳ୍ପବଟ ମୁକ୍ତି ମଣ୍ଡପ ଦେଖିବ ନୟନ ।

ଗରୁଡ଼ ପଛରେ ଥାଇ ଜଗାକୁ ଦେଖିବା
ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନେ ମୁକତି ଲଭିବା
ପାଇବା ଜଳ ତୁଳସୀ ଲଗାଇବା ଦୀପ
ଆନନ୍ଦ ବଜାରେ ବୁଲି ଛଡ଼ାଇବା ପାପ ।

ବିମଳା କମଳା ବାରଭାଇ ହନୁମାନ
ବିଶ୍ୱନାଥ ରଘୁନାଥ କରିବା ଦର୍ଶନ
କହେ ସିଦ୍ଧେଶ୍ୱର ଧନ୍ୟ ହୋଇବ ଜୀବନ
ପାଇଗଲେ ଥରେ ଧନ ଜଗା ଦରଶନ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଏକଥା ଅଟଇ ଥୟ



ନନ୍ଦିନୀ ରାଉତ

ନିସ୍ୱ ତୁ ସଦା ଏ ବିଶ୍ୱ ବକ୍ଷେ
କାହିଁକି କରୁଛୁ ଗର୍ବ
ଆଜି ଯାହା ଅଛି କାଲିକି ନ ଥିବ
ଛାଡି ଚାଲିଯିବୁ ସର୍ବ...1

ବୃନ୍ତହୀନ ପୁଷ୍ପ ଫୁଟିବ କି ଆଉ
ଏ ଆଶା କରିବା ବୃଥା
ବିଧିର ବିଧାନ ବିଚିତ୍ର ନିୟମ
ବୁଝ ଥରେ ଏହି କଥା..2

ଧନ, ମାନ ଆଉ ଜୀବନ ଯୌବନ
ଅଟେ ପରା କ୍ଷଣ ସ୍ଥାୟୀ
ସେଥିପାଇଁ ସଦା ବୃଥା ଟାରେ ଏତେ
ଗର୍ବ କରୁ କାହିଁପାଇଁ...3

ଏ ମାୟା ସଂସାର କେ ନୁହେଁ କାହାର
ଏ କଥା ମନ ରେ ହେଜ
ଗୋବିନ୍ଦ ମୁରାରୀ ରାମ କୃଷ୍ଣ ହରି
ସର୍ବଦା ମନ ରେ ଭଜ...4

ଦୁଃଖୀ ଜନ ଦୁଃଖ ଦୂର କରିବାକୁ
କ୍ଷଣ ଟେ ସାହାରା ଦିଅ
ଏ ଭବ ସଂସାରୁ ଅଚିରେ ତରିବୁ
ଏ କଥା ଅଟଇ ଥୟ....5

ବାଲିପଛା, ଅନୁଗୁଳ

ISSN NO.
2582-208X

# ଏକାନ୍ତ ସମୟ



ଜୟ କୁମାର ମିଶ୍ର

ଏକାନ୍ତ ସମୟ, ଲାଗେ ମଧୁମୟ
ଭାବନାଏଁ ଦୋଳି ଖେଳେ,
ଭାବ ପ୍ରବଣରେ, ସମୟଟି ସରେ
ଗତ ଅତୀତକୁ ଭାଳେ ।
ଦିଏ ମନ ବଳ, କରଇ ଚଞ୍ଚଳ
କରେ ଦୃଢ଼ ମନା ମୋତେ
ପ୍ରତିକୂଳ ସ୍ଥିତି, କରି ସିଏ ପ୍ରୀତି
ନିଏ ଅନୁକୂଳ ପଥେ ।
ଆଖିର ଲୁହରେ, ଲେଖୁଛି ମୁଁ ନିତି
ଅତୀତର ସବୁ କଥା,
ମନର କୋହରେ, ଆପେ କହୁଅଛି
ମରମ ସରମ ବ୍ୟଥା ।
ନିଶିଥ ଇଲାକା, ହୋଇଅଛି ସଖା
ଶୁଣୁଛି ଗୁହାରୀ ସିଏ,
ମଉନ ବିଳାପ, ନିଶବ୍ଦ ଆଳାପ
ଆନ୍ତର ଜ୍ୱଳନ ଧୁଏ ।
ନିଜର ମଣିଷ, କରିଲେଟି ବିଷ
ମଣିଷ ପଣିଆ ଏଡି,
ପ୍ରକୃତି କୋଳରେ, ଭାବବିନିମୟ
କରେ ମୋହ ମାୟା ଛାଡି ।
ସଭିଙ୍କର ସ୍ୱାର୍ଥ, ଗଢିଲା ଅନର୍ଥ

ISSN NO.
2582-208X

ଭୁଲ ବୁଝାବଣା ହେଲା,
ଅପୂରଣ ହେଲା, ଅକ୍ଷମ କରିଲା
ଚାଲିଲାଟି ଠିଆ ପାଲା ॥
ପଶୁ ପକ୍ଷୀ ଆସି, ପାଖତଡ଼େ ବସି
ହୁଅନ୍ତି ସେ ସାଙ୍ଗ ସାଥି,
ମନକୁ ହାଲୁକା, ଚିନ୍ତା କରେ ଫିକା
ଦେଇ ଅନ୍ତରଙ୍ଗ ପ୍ରୀତି ।
କିଏ ବୁଝିଲାନି, ଦୁଃଖ କଷ୍ଟ, ନଷ୍ଟ
ଅଭାବ ପ୍ରଭାବ ଜ୍ୱାଳା,
ସ୍ୱାର୍ଥେ ଜଡ଼ସଡ଼, ମଣି ନିଜେ ବଡ଼
ଜାଣି କଲେ ଅବହେଳା ।
ଅନ୍ତରେ କାନ୍ଦୁଛି, ବାହାରେ ହସୁଛି
କରୁଛି ବାହାନା ବେଶୀ,
ପୋଷାକ ଖୋଳର, ଖୋଳପା ଭିତରେ
କଙ୍କାଳ ଲୁଚାଏ ହସି ।
କାଟୁଛି ସମୟ, ହୋଇ ଭାବମୟ
ଲେଖୁଛି କବିତା ନିତି,
ଆପେ ମାଡି ବସେ, ସ୍ମୃତିଟି ଆଉଁସେ
ବାସ୍ତବର ଅନୁଭୂତି ।
ସବୁ ହେଲେ ଦୂର, କରିଦେଇ ପର
ସମୟ ସରିଲା ଯେବେ,
ମାଆ ବୀଣାପାଣି, ଦିଏ ଭାଷା, ବାଣୀ
କରିନ୍ତି ସେବକ ଏବେ ।
ତା' ସେବକ ସାଜି, ତାର କୃପା ଭୁଂଜି
ଅପାର ଆନନ୍ଦ ପାଏ,
ସବୁ ଭୁଲି ଯାଏ, ମନକୁ ମନାଏ
ନବ ସୃଷ୍ଟିଟିଏ ଦିଏ ।

ବୁଦୁରୁ, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ବୈଧବ୍ୟ ପ୍ରଥାର ଅପସଂସ୍କୃତି



ଅମରନାଥ ବାରିକ

ଆର୍ଯ୍ୟଭୂମି ଆମ ଭାରତ ଭୂଖଣ୍ଡ, ଯାହାର ପରମ୍ପରା ଅଟେ ମହାନ, ଯାହାର ଯଶକୁ ଗାନ କରୁଛି ବେଦ ବେଦାନ୍ତ ଶାସ୍ତ୍ର ଉପନିଷଦ ଆଦି । ଆଉ ସନାତନ ଧର୍ମ ହେଉଛି ସବୁ ଧର୍ମର ଜନନୀ ତଥା ସର୍ବଶ୍ରେଷ୍ଠ । କିନ୍ତୁ ଧର୍ମ ନାମରେ ବୈଧବ୍ୟ ପ୍ରଥା ଭଳି ଏକ ଅନ୍ଧବିଶ୍ୱାସର ବୁଡିଆଣୀ ଜାଲ କଳଙ୍କିତ ଅପସଂସ୍କୃତି ପ୍ରାଚୀନ ଭାରତରେ ପ୍ରଚଳିତ ଥିଲା । ସେ ସମୟରେ ଏହା ଧାରଣା ଥିଲା ଯେ ବିବାହିତା ନାରୀର ସ୍ୱାମୀଙ୍କର ଯେତେବେଳେ ସ୍ୱର୍ଗବାସ ହୁଏ, ତାହାଲେ ତାକୁ ବୈଧବ୍ୟ ପ୍ରଥା ଅନୁସାରେ ସମାଜର କଠୋର ନିୟମ ପାଳନ କରିବାକୁ ପଡିବ। ଆଉ ତା'ର ଧଳା ବସ୍ତ୍ର ଖଣ୍ଡେ ହୋଇଥାଏ ଜୀବନ ସାଥୀ । ଦେହରେ ଯାହା କିଛି ପରିଧାନ କରିବାକୁ ହେଲେ ତାହା ନିଶ୍ଚୟ ଧଳା ରଙ୍ଗର ହୋଇଥିବା ଆବଶ୍ୟକ। ଆମିଷ ଭୋଜନ ଆଜୀବନ ତା ପାଇଁ ବାରଣ ଥିଲା । କୌଣସି ଶୁଭ କାର୍ଯ୍ୟ ବା ପୂଜାର୍ଚ୍ଚନା ହେଉଥିବା ସ୍ଥାନକୁ ଯିବା ପାଇଁ ନିଷେଧ କରାଯାଉଥିଲା । ଶୈବ ପୀଠ ତଥା ଅନେକ ଦେବାଦେବୀଙ୍କ ମନ୍ଦିରକୁ ବାରଣ କରାଯାଉଥିଲା । ଲୋକଙ୍କ ମନରେ ଏହା ଭାବନା ଥିଲା ଯେ ଯଦି ଏହି ସ୍ଥାନ ଗୁଡ଼ିକୁ ବିଧବା ଯାଏ ତାହାଲେ ବିଧବାର ମୁହଁ ଚାହିଁଲେ କିଛି ହେଉଥିବା କାର୍ଯ୍ୟ ସଫଳ ବା ସିଦ୍ଧି ହୁଏ ନାହିଁ । ଆଜିର ସମାଜରେ ନାରୀ ହିଁ ଲାଞ୍ଛିତା,ପିଡୀତା, ଅପମାନିତା ଆଉ ପ୍ରତି ଘରେ ନଗର ପଲ୍ଲୀରେ ନାରୀ ଦୁଃଖରେ ହେଉଛି ଜର୍ଜରିତା ।

ଏହା ବ୍ୟତୀତ ବିଧବା ପ୍ରତି ଅନେକ କଟୁ ମନ୍ତବ୍ୟ ଗାଉଁଲି ଭାଷାରେ କହନ୍ତି ଗାଳି ଗୁଲଜ ଭଳି ବିଭିନ୍ନ କଥା କହି ଧିକାର୍ କରିଥାଆନ୍ତି। ଯଦି ସେହି ବିଧବା ମହିଳା ନବ ବିବାହିତା

ISSN NO.
2582-208X

ହୋଇଥାଏ ମଧ୍ୟ ତାହାଲେ ତାକୁ ପୁନଷ୍ଟ ବିବାହ କରିଦିଆ ଯାଉ ନଥିଲା । ଗୋଟେ ଘର କଣରେ ରହିବା ପାଇଁ ଆଦେଶ ଦିଆଯାଉଥିଲା । ଏମିତି କି କିଛି ଅଞ୍ଚଳରେ ସତୀପ୍ରଥା ନାମରେ ତାକୁ ସେହି ମୃତ ପତିଙ୍କ ଜଳୁଥିବା ଜୁଇ ଉପରକୁ ଧାସ ସେବା ପାଇଁ ଜବରଦସ୍ତ ଧକ୍କା ଦିଆଯାଉଥିଲା । ସେ ଯଦି କୌଣସି କାରଣରୁ ନିଜ ଜୀବନ ବଞ୍ଚାଇବାକୁ ଯାଇ ଦୌଡ଼ି ପଳାଇ ଆସୁଥିଲା ତାହାଲେ ତାକୁ ଗୋଡ଼େଇ ଗୋଡ଼େଇ ଧରି ଜଳାଇ ଦିଆଯାଉଥିଲା। ବିଚରା ସେହି ନୀରିହ ପ୍ରାଣୀଟି ବିକଳରେ କାନ୍ଦି କାନ୍ଦି ଡାକ ଛାଡୁଥିଲା "ଦୟାକରି ମୋତେ ମାରନାହିଁ ବଞ୍ଚାଅ ମୁଁ କାହାର କିଛି ଦୋଷ କରିନାହିଁ ।" ହେଲେ ତା'ର ସେ କରୁଣ ଚିତ୍କାର କାହା କାନରେ ବାଜୁ ନଥିଲା । ଏପରି ଅନେକ ଯନ୍ତ୍ରଣା ସହିବାକୁ ପଡୁଥିଲା ।

ଇତିହାସର ପୃଷ୍ଠା ଓଲଟାଇ ଦେଖିଲେ ଇଂରେଜ ଶାସନ କାଳରେ କେତେକ ସମ୍ଭ୍ରାନ୍ତ ବଂଶରେ ବୈଧବ୍ୟ ପ୍ରଥା ପ୍ରଚଳିତ ଥିଲା ବୋଲି ଜଣାଯାଏ । ବିଶେଷତଃ ରାଜସ୍ଥାନ, ବଙ୍ଗଳା ଓ ଉତ୍ତରପ୍ରଦେଶରେ ସତୀଦାହ ପ୍ରଥା ପ୍ରଚଳିତ ଥିଲା । ୧୮୧୫ ରୁ ୧୮୧୮ ମସିହା ମଧ୍ୟରେ ବଙ୍ଗ ପ୍ରଦେଶରେ ୮୦୦ ମହିଳା ସତୀ ପ୍ରଥାର ଶିକାର ହୋଇଥିଲେ। ସମାଜର ରକ୍ଷଣଶୀଳ ଗୋଷ୍ଠୀ ଏହାକୁ ସମର୍ଥନ କରୁଥିଲେ। ମୋଗଲ ସମ୍ରାଟ ଆକବର ଓ ଆଉରଙ୍ଗଜେବ ଏହାକୁ ଉଚ୍ଛେଦ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ । ସମାଜରେ ସଂସ୍କାର ଆଣିବା ପାଇଁ ୧୮୨୮ ମସିହାରେ ରାଜା ରାମମୋହନ ରାୟଙ୍କ ଉଦ୍ୟମରେ ବ୍ରାହ୍ମ ସମାଜ ଗଠନ ହୋଇଥିଲା ଓ ବିଧବା ବିବାହ ଆରମ୍ଭ କରାଯାଇଥିଲା। କିନ୍ତୁ ସମାଜରେ ଏହାକୁ ନାତା ନାମ ଦିଆ ଯାଉଥିଲା। ବିଧବା ବିବାହ କରୁଥିଲେ ଜାତି ପଂଚାୟତ ଦ୍ୱାରା ଜୋରିମନା ହେଉଥିଲା। ନାତା ଦ୍ୱାରା ଯେଉଁ ସନ୍ତାନ ଜନ୍ମ ହେଉଥିଲା, ତାକୁ ଅବୈଧ ସନ୍ତାନ ଆଖ୍ୟା ଦେଉଥିଲେ। ୧୮୫୩ ମସିହାର ଅନୁସଂଖ୍ୟାନ ଅନୁସାରେ, ଏହା ଫଳରେ କେବଳ କଲିକତାରେ ୧୨୭୧୮ ବେଶ୍ୟା ସୃଷ୍ଟି ହୋଇଥିଲେ।

ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର ଙ୍କ ଚେଷ୍ଟାରେ ହିନ୍ଦୁ ସମାଜରେ ବିଧବା ବିବାହ ଆଇନଗତ ସୂତ୍ରପାତ ହେଇଥିଲା। ୧୮୫୬ ରେ ହିନ୍ଦୁ ପୁନ ବିବାହ ଆଇନ ପାରିତ ହେଲା ଓ ହିନ୍ଦୁ

ISSN NO.
2582-208X

ସମାଜରେ କୁସଂସ୍କାର ଭୁଲି ନୂତନ ସଂସ୍କର ପଥ ଉନ୍ମୁକ୍ତ ହୋଇଥିଲା। ସ୍ୱାମୀ ବିବେକାନନ୍ଦ ୧୮୯୭ ମସିହାରେ ସମାଜ ସଂସ୍କାର ନିମନ୍ତେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ । ରାଜା ରାମମୋହନ ରାୟଙ୍କ ପ୍ରଚେଷ୍ଟା ଲର୍ଡ୍ ବେଣ୍ଟିକ୍ ଙ୍କ ସମୟରେ ଏହାର ବିଲୋପ କରିବାକୁ ପଦକ୍ଷେପ ନେଇଥିଲେ କିନ୍ତୁ ପରେ ଏହାର ଉଚ୍ଛେଦ ଘଟିଥିଲା ୧୮୨୯ ମସିହା ସେପ୍ଟେମ୍ବର ୫ ତାରିଖରେ । ୧୮୫୬ ମସିହାରେ ଏକ ଆଇନ ବଳରେ ବିଧବା ବିବାହ ଆଇନ ସମ୍ମତ ବୋଲି ଆଦେଶ ଜାରିହେଲା। ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ ଦିଗରେ ପଦକ୍ଷେପ ସ୍ୱରୂପ ୧୮୭୨ରେ "ଦେଶୀୟ ବିବାହ ଆଇନ" ଓ ୧୮୯୧ରେ "ସମ୍ମତି ପ୍ରକାଶ ବୟସ ଆଇନ" ପ୍ରଣିତ ହୋଇଥିଲା । ୧୯୩୦ ମସିହା ସାରଦା ଆଇନରେ ପୁରୁଷ ମାନଙ୍କ ପାଇଁ ସର୍ବନିମ୍ନ ବିବାହ ବୟସ ୨୧ ବର୍ଷ ଓ ମହିଳା ମାନଙ୍କ ପାଇଁ ୧୮ବର୍ଷ ଧାର୍ଯ୍ୟ କରାଗଲା ।

ଯାହା ଫଳରେ ଆଜି ବୈଧବ୍ୟ ପ୍ରଥାର ଉତ୍ପୀଡ଼ନ ଲୋପ ପାଇଛି। ସରକାର ତାଙ୍କ ପାଇଁ ବହୁତ ଆଇନ କାନୁନ ପ୍ରସ୍ତୁତ କରିଛନ୍ତି। ବିଶେଷ କରି ବିଧବା ମହିଳା ମାନଙ୍କ ପାଇଁ ବହୁତ ସରକାରୀ ଏବଂ ବେସରକାରୀ ସଂସ୍ଥା ରହିଛି । ବିଧବା ଭତ୍ତା ଠାରୁ ଆରମ୍ଭ କରି ଗୃହ ଯୋଗାଇବା ପର୍ଯ୍ୟନ୍ତ ଓ ଆଇନ ଅନୁସାରେ ସେହି ବିଧବା ମହିଳା ଜଣକ ନିଜ ସ୍ୱଇଚ୍ଛାରେ ପୁନଃ ବିବାହ କରିପାରିବ। ତାକୁ କେହି ବାଧା ଦେଲେ ଆଇନ ଅନୁଯାୟୀ ଦଣ୍ଡନୀୟ ହେବ। ଏତଦଭିନ୍ନ ନାରୀ ଆଜି ପହଁଚି ପାରିଛି ସେଇଠି, ଯେଉଁଠି ଅନୁଭବ ପହଁଚି ପାରିବ ନାହିଁ । ସର୍ବ ଶେଷରେ ନାରୀ ମାନଙ୍କୁ ଆଜି ସମ୍ମାନ ଦିଆ ଯାଉଛି । ଖାବିଶେଷ କରି ବିଧବା ମହିଳା ମାନଙ୍କୁ ସାନ୍ତ୍ୱନା ସ୍ୱରୂପ ତାଂକୁ ବଞ୍ଚିବା ପାଇଁ ଉଚିତ ମାର୍ଗ ଦର୍ଶାଇ ଦିଆଯାଉଛି। ଆଜି ଜଣେ ବିଧବା ମହିଳା ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ମଣ୍ଡନ କରି ମହିଳା ସମାଜ ପାଇଁ ପ୍ରେରଣାର ଉତ୍ସ ହୋଇ ପାରିଛନ୍ତି।

କର୍ୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଶରତ ଆକାଶ



ଅଧ୍ୟାପିକା ରୋଜାଲିନ୍ ବାରିକ୍

ଶରତ ଆକାଶେ ବାଦଲ ନଦିଶେ ଦଶ ଦିଶା ସୁନୀର୍ମଳ ।

ମାଆ ଆସୁଛନ୍ତୁ ଜାଣିଣ ଜଗତଜନ କରନ୍ତୁ ଗହଳ ।୧ ।

ଗହଳ ଚହଲେ ପୁରେ ଚଉଦିଗ କାଶତଣ୍ଡି ବିଲେ ହସେ ।

ଶ୍ୱେତ ଶୁଭ୍ର ନୀଳ ଅମ୍ବର ସୁନ୍ଦର ମାଆ ଆଗମନ ଆସେ ।୨ ।


ନାନା ବର୍ଣ୍ଣ ପୁଷ୍ପ ବିକଶିତ ହୋଇ ଅଭ୍ୟର୍ଥନା କରେ ତାର ।

ଆସେ ଦୁର୍ଗା ମାଆ ପ୍ରତି ବରଷରେ ତୁଟାଇ ଦୁଃଖର ଭର ।୩ ।

ମହୁ, ଆଳ, କେନ୍ଦ୍ରାପଡା ୭୫୪୨୩୧
ମୋବାଇଲ - ୯୯୩୮୫୦୧୧୦୨

ISSN NO.
2582-208X

# ଜୀବନୀ ଗୀତିକା



ଅଜିତ ପାଢି

ଏହି ମୋର ଗୀତ ଜୀବନ ସଙ୍ଗୀତ
କାଲିପାଇଁ ଆମେ ଗାଇଯିବା ଗୀତ
ଜୀବନ ଭିତରେ କରିଯିବା କର୍ମ
ରଖିଯିବା କିଛି କର୍ମର ସଙ୍କେତ
ଏହି ମୋର ଗୀତ ଜୀବନ ସଙ୍କେତ.....

ସଭ୍ୟତା ପ୍ରଳୟେ ଦୁର୍ନୀତି ସଙ୍ଗୀତ
ସବୁଠି ଶୁଭୁଛି "ସମାଧୀ ର ସ୍ରୋତ"
ନିଶବ୍ଦ ର ଗୀତ କରୋନା ସଙ୍ଗୀତ
ଚାଇନାର ପୁଞ୍ଜିନୀତି ଶ୍ମଶାନ ସଙ୍ଗୀତ
ଏହି ଆମ ଗୀତ ଜୀବନ ସଙ୍ଗୀତ.....

ବିଶ୍ୱ ଉପବନେ ଆଜି ଲାଞ୍ଛନାର ଗୀତ
ନିଯୁକ୍ତି, ଦାଦନ, ଧର୍ଷଣ ସଙ୍ଗୀତ
ଇର୍ଷା ଅହଙ୍କାର ନିର୍ବାଚନ ପଥ
ଶୁଭେ ପାଶବିକ ନାରୀ ହତ୍ୟା ର ସଙ୍ଗୀତ
ଏହି ଆମ ଗୀତ .....

ISSN NO.
2582-208X

ଅମ୍ଳଜାନ ସିଲିଣ୍ଡର ସାମର୍ଥ୍ୟର ଗୀତ
ପାହାଡ ଗାଉଛି ଆଜି ବେଦନା ସଙ୍ଗୀତ
ଜଳୁଅଛି ଗିରିବନ, ଘଞ୍ଜବଣ ପଥ
ରାଜରାସ୍ତା ପ୍ରାନ୍ତେ ଆଜି ହାତୀ ଚଲାପଥ
ଜଳୁଅଛି ବକ୍ଷ ଆଜି ପ୍ରଦୂଷଣେ ଗୀତ
ଗାଉଅଛି ଆଜି ସତେ ବେଦନା ସଙ୍ଗୀତ.....

ସୁପରସୋନିକ ରାଫେଲ ଶୁଣାଉଛି ଗୀତ
ସୈନିକ କମାଣ ସାଜେ ରାଷ୍ଟ୍ରୀୟ ସଙ୍ଗୀତ
ଭାରତ ଦର୍ଶନ ଆଜି ଜୀବନ ସଙ୍ଗୀତ
ପ୍ରଳୟ ସ୍ରୋତ ମହୀ ବେଦନାର ଗୀତ
ପର୍ଯ୍ୟାବରଣ ଡାକରା କରୋନା ସଙ୍ଗୀତ
ନ ଥାଇ ବିଶ୍ୱବନେ ସମାଧିର ସ୍ରୋତ
ଭାରତ ଦର୍ଶନ ଆଜି ଜୀବନ ସଙ୍ଗୀତ
ଏହି ମୋର ଗୀତ ଜୀବନ ସଙ୍ଗୀତ
କାଲି ପାଇଁ ଆମେ ଗାଇଯିବା ଗୀତ ।

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

ISSN NO.
2582-208X

# ବିଧବା କାଶତଣ୍ଡୀ



ରୁଦ୍ର ନାରାୟଣ ଦାଶ

କାଶତଣ୍ଡୀ
ସୁନୀଳ ଛାତ ତଳେ
ମାଟିର ସବୁଜ ମାର୍ବଲ ଉପରେ
ବୈଧବ୍ୟ ବେଶରେ
ରୋଦନ କରେ।।
ସେ ଏକାନ୍ତରେ
ସର ତୀରରେ,
ତୁଠରେ,
ପ୍ରାନ୍ତର ବକ୍ଷରେ,
ନିଜ ହାତ ଦୁଇଟିରେ ଚୁଡିକୁ ପିଟି ପିଟି
ନିର୍ଲିପ୍ତ ସେ!
ହଁ ସେ ନିର୍ବାକ୍!
ସେ ଆଜି ନିଃସହାୟ!
ସେ ସମ୍ପୂର୍ଣ୍ଣ ହେଇ ବି ଖଣ୍ଡିତ!
ଭାବନା! ପେଜ ଉତୁରିଗଲା ପରି
ଚୁଲି ଗର୍ଭରେ ନିକ୍ଷେପ ହୋଇଯା'ନ୍ତି
ଚଉଠିରେ ବାଜିଥିବା ପ୍ରଥମ ଉଷ୍ମତା
ସେ ପୁରୁଷର ବାହୁବନ୍ଧନ
ତା' ଆଲିଙ୍ଗନ, ଚୁମ୍ବନ

ISSN NO.
2582-208X

ସବୁକଛି;
ଚୁଲିରୁ ଉଦଗତ ଧୂମ୍ର ପ୍ରଭାବେ
ଆଖିରେ ଛଲକାଏ ଅଶ୍ରୁ ରୂପେ
ସେ ଲୁହରେ ବିମ୍ବିତ
ଭାବେକର ବନ୍ୟା
ମିଳନର କ୍ଷୀପ୍ରତା
ସେ ଭୟ
ସବୁ କଛି ଓଠରେ ଶେଷ!
ବାସ ସେ ଭୟର ପରିସମାପ୍ତି
ତଥାପି ସେ ଗ୍ୱେଦନ କରେ
ତା' ଆଖପାଖ ସଭିଙ୍କୁ
ସେ ବିଗ୍ୱଟ ଦ୍ରୁମରୁ ରମା ବାଉରୀ ଯାଏଁ
ସେ ଗ୍ୱେଦନ କରେ ବହୁଥିବା କେନାଲ ପାଖେ
ହଁ ଶବଟା କୁଆଡେ କୁଲୁକୁଲୁ
ନାଁ,
ସେ ସବୁକଛି ତା' ଅଶ୍ରୁରେ ପୂର୍ଣ୍ଣ
ସାଗ୍ୱ ଶରତ ଋତୁ
ଏ ବିଧବା କାଶତଣ୍ଡୀର ଅଶ୍ରୁରେ।।

ଭୁବନେଶ୍ୱର
ମୋ- ୯୮୬୧୭୦୧୭୧୪

ISSN NO.
2582-208X

# ସିଏତ ଆମରି ମା



ରୁପାଞ୍ଜଳୀ ସାମଲ

ସରଗଠୁ ବଡ଼ ହୃଦୟ ଯାହାର
ଆକାଶଠୁ ବଡ଼ ହୃଦୟ ଯାହାର
ବିଶାଳ ହୃଦୟ ମମତାର ଘର

ମୋ ସକଳ ତୀର୍ଥ ତୋ ଚରଣ ତଳ
ସ୍ନେହ ମମତାର ନଥାଏ ଯାହାର
ପାତର ଅନ୍ତର ସିଏତ ଆମରି ମା,,,,

ପଣତ ଯାହାର ସୁଖର ସାଗର
ନଥାଏ ଦୁଃଖ ର ନାଁ
ସିଏତ ଆମରି ମା,,,,,,,,,,,

ନଜେ ଭୋକେ ରହି ଆମକୁ ଖୁଆଏ
ନଜେ ଦୁଃଖେ ରହି ଆମକୁ ହସାଏ
ପଣତ ରେ ମୁହଁ ପୋଛି ଦେଲେ

ଲାଗେ କେତେ ଶାନ୍ତ ଆହାଃ
ସିଏତ ଆମରି ମା,,,,,,,,,,
ମିଛ ମିଛ ଗାଳ ଯାଏଁ ତାର
ମିଠାଠୁ ବି ବଳ ଜାଣେନା କେହି ତାହା

ISSN NO.
2582-208X

ବିପଦେ ପଡ଼ିଲେ ଭଗବାନ ଠୁ ଆଗ
କେମିତି ଜାଣେନା ନେଇ ଯାଏଁ ତୋର ନାଁ
ସିଏତ ଆମରି ମା,,,,,,

ଭଗବାନ ଠୁ ବଡ଼ ଭଗବାନ ସେ ମୋ ସାହା
ସେ ମୋ ଜୀବନ ମୋ ବଞ୍ଚିବା ର ସ୍ପୃହା
ମୋ ଶରୀରର ଦୁଇ ନେତ୍ର ସିଏ

ଜଣେ ବାପା ଜଣେ ମା,,,,,,,,
ରାତି ଅଧେ ନିଦ ଭାଙ୍ଗିଗଲେ
ଭୟ ବି ଲାଗିଲେ ମନେ ପଡ଼େ
ତୋ କୋଳ ମା,,,,,,,

ଇଚ୍ଛା ହୁଏ ଆଉ ଥରେ ମୁଣ୍ଡ ଥାପି
ଶୋଇ ପଡନ୍ତୁ କ ଶାନ୍ତୁ ଆହାଃ
ସିଏତ ଆମରି ମା,,,,,,,,,

ବର୍ଷା ରେ ଭିଜି ଘରକୁ ଫେରିଲେ
ମନେ ପଡ଼େ ତୋ ପଣତ କଥା
ଦେହରେ ପଡ଼ିଲେ ଲୁହ ଜକେଇ ଆସେ
ମନେ ପଡ଼େ ତୋ ଘସା ଆଉଷା

ବୋଉଲୋ ରଖିଥା ସଦା ତୋ ପଣତରେ ଘୋଡ଼ାଇ ମା
ସିଏତ ଆମରି ମା,,,,,,,,,,

କଟକ

ISSN NO.
2582-208X

# ସ୍ମୃତି
# (ଏକ ଆବେଗ)



ସସ୍ମିତା ରାଉତ ଜେନା

ସ୍ମୃତି.....
ଅଟେ କେବେ
ବୈଶାଖୀ ଝଡର
ବେଦନା ଆନତ ଚକ୍ଷୁ
ପୁଣି କେବେ ସେତ
ହୃଦୟ ଦରଦ
କାମନା ଆଶ୍ରିତ ଭିକ୍ଷୁ.....

ସ୍ମୃତି.....
କେବେ ସାଜେ
ସଜ ସେଫାଳର
ସାଉଁଟା ସୁରଭି ଗନ୍ଧ
ପୁଣି କେବେସେତ
ଉଚ୍ଛୁଳା ତଟିନୀ
ଭିନ୍ନ ଯୋଜନା ବନ୍ଧ.......

ସ୍ମୃତି.....
କେବେ ସେତ
ଗୋଧୂଳ ଲଗନେ

ISSN NO.
2582-208X

ବଇଁଶୀ ମୁର୍ଚ୍ଛ ନାଆଶା
ପୁଣି କେବେ ସେତ
ବିଶ୍ୱାସ ମଗନେ
ଉଶ୍ୱାସ ଜୀବନ ଭୃଷା........

ସ୍ମୃତି......
କେବେ ଅଟେ
ନିର୍ଷ୍ବଭ ଦୀପାଳ
ନୀରବ ଆଲୋକ ଶିଖା
ପୁଣି କେବେ ହୁଏ
ହାତ ପାପୁଲିର
ଅଝଟ ଭାଗ୍ୟର ରେଖା.....

ସ୍ମୃତି.....
କେବେ ସେତ
ଅଦୃଶ୍ୟ କ୍ଷତର
ଯନ୍ତ୍ରଣାର ସ୍ୱେଦ ବିନ୍ଦୁ
ପୁଣି କେବେ ସେତ
ଜୀବନ ଆକାଶେ
ବିରହୀର ଶୂନ୍ୟ ଇନ୍ଦୁ.....

ସ୍ମୃତି.....
କେବେ ସେତ
ଭୟଭୀତ ଭର୍
ଆଶଂକା ଜଡିତ ପ୍ରାଣ
ପୁଣି କେବେ ସାଜେ
ଗୋଲାପୀ ଚବୁକେ
ମୌନ ଅଭିଶାର ଗ୍ରଣ.....

ନୟୁ ଦିଲ୍ଲୀ

ISSN NO.
2582-208X

# ତଥାପି !



ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ

ରାତ୍ରୀର ଘନ ଘୋର ଅନ୍ଧାରେ
ତୁମେ ଆସ ସାଥୀ
ଖୁବ ସନ୍ତର୍ପଣରେ
ଆଞ୍ଜୁଳାଏ ପ୍ରେମର ଶାମୁକା ଧରି ।
ସମୁଦ୍ରକୁ ମାଗିଲି
ସମୁଦ୍ର କହିଲା
ଦେବ ବୋଲି ମୁଠାଏ ଶାମୁକା ।
ଆକାଶକୁ ମାଗିଲି
ଆକାଶ କହିଲା
ଦେବ ବୋଲି ବୁକୁଭରି ଶ୍ୱାସ ।
ସ୍ୱପ୍ନରେ
ଅର୍ଦ୍ଧନିଦ୍ରିତ ଅବସ୍ଥାରେ
ତୁମକୁ ମାଗିଲି
ତୁମେ କହିଲ ନେବ!

ଆଞ୍ଜୁଳା ଭରି
ଶାମୁକା ସବୁ!
ତଥାପି ଫେରିଗଲ !!
ଚାଲିଗଲ ରିକ୍ତ କରି ହସ୍ତ
ଆଣିଥିଲ ଯାହା
ନେଇ ଚାଲିଗଲ
ଦେଇଗଲ ଅନେକ ଯନ୍ତ୍ରଣା ।
ସ୍ୱପ୍ନ ନା ବାସ୍ତବତା
ଜାଣେନା
ନିଦ୍ରା ଭାଙ୍ଗିଗଲା ପରେ
ଥିଲା ମୁଠା ମୁଠା ଶୂନ୍ୟତା

ସା/ପୋ : ଗଦାଶିଳା
ଜିଲ୍ଲା: ଢେଙ୍କାନାଳ-୭୫୯୦୨୫
ମୋ:୯୩୩୭୫୬୫୧୯୯

ISSN NO.
2582-208X

# ବୟସର ଅପରାହ୍ନରେ



ଅଭିମନ୍ୟୁ ବେହେରା

ବୟସ ବଢିଲେ ଯୌବନର ଉନ୍ମାଦତା କ୍ରମେ ହ୍ରାସ ପାଏ ବୋଲି ସମସ୍ତେ ଭାବନ୍ତି ଆଉ ବିଶ୍ୱାସ କରନ୍ତି ବୋଧହୁଏ। କାଲି ବୟସ ଥିଲା ବେଳେ ଯୋଉ ଲୋକଟା ଗଦାଗଦା ରୋମାଣ୍ଟିକ ଗପ, ଉପନ୍ୟାସ, ନାଟକ ପଢୁଥିଲା, ଏବେ ସେ ଗୀତା ପୁରାଣ ଭାଗବତ ପାଠ କରୁଛି। ଯାତ୍ରା ସିନେମା ଛାଡି ପାଲା ପ୍ରବଚନ ଦେଖୁଛି। ମନ୍ଦିର ଯାଉଛି, ତୀର୍ଥଧାମ ବୁଲୁଛି, ସାଧୁସନ୍ଥଙ୍କ ସାନିଧ୍ୟ ଲାଭ କରିବାକୁ ଚେଷ୍ଟା କରୁଛି। କଳି ଝଗଡା ଗଣ୍ଡଗୋଳ ଠାରୁ ଦୂରେଇ ରହିବା ପାଇଁ ଅନ୍ୟମାନଙ୍କୁ ନୀତିଶିକ୍ଷା ଦେଉଛି। ନିଶା ମାଦକ ଦ୍ରବ୍ୟ ସେବନରୁ ନିବୃତ ରହିବାକୁ କହୁଛି ଇତ୍ୟାଦି କେତେ ଅଣ! ଇଏ ବୟସର ଦୋଷ ନା ଆଉ କଣ ହୋଇପାରେ। କହିବାର କଥା ବୟସ ବଢିଲେ ମଣିଷର ରୁଚି ପସନ୍ଦ ଆଚାର, ବ୍ୟବହାର ସର୍ବୋପରିନିଜ ପ୍ରକୃତିର ପରିବର୍ତ୍ତନ ହେଇଥାଏ। ମାତ୍ର ସାଧାରଣ ଅର୍ଥରେ ଲୋକେ କୁହନ୍ତି ମଣିଷର ପ୍ରକୃତି ମଲେ ଯାଏ। ହଠାତ୍ ଦସ୍ୟୁ ରତ୍ନାକରରୁ ବାଲ୍ମିକୀ ପାଲଟିଯିବା କଥାଟା ଲୋକଙ୍କୁ ସହଜରେ ବିଶ୍ୱାସ ଯୋଗ୍ୟ ହୁଏନି। ଏକଥା ସମସ୍ତଙ୍କ କ୍ଷେତ୍ରରେ ଠିକ ନହେଲେ ବି ଅଧିକାଂହ ଜୀବନରେ ସହଜରେ ପ୍ରତିଫଳିତ ହୋଇଥାଏ।

ଅପର ପକ୍ଷରେ କହିବାକୁ ଗଲେ ଖାଲି ବୟସ ହେଲେ ଯେ ଜଣେ ଗୀତା ଭାଗବତ ପୁରାଣ ପୋଥି ପଢୁଛି ପିଲାବେଳେ ଯୁବାବେଳେ ସେ ଗୀତା ଭାଗବତ ପଢୁନଥିଲେ ଏକଥା ନୁହେଁ। ପିଲାବେଳେ ଯୁବକବେଳେ ରୋମାଣ୍ଟିକ ଗୀତ ଗାଉଥିବା ଲୋକ ବୟସ ହେଲେ କେବଳ ଭଜନ ଜଣାଣ ଗାଇବେ ସେ କଥା କହି ହେବନି। ପିଲାବେଳେ କ୍ଲାସ ପଢାବହି ପଢିବା ବ୍ୟତୀତ ଅନ୍ୟ କୌଣସି ନାଟକ ଉପନ୍ୟାସ ଗୀତ ବହି ପଢିଲେ ପରିବାରର ବଡମାନଙ୍କର ନାଲିଆଖି ଦେଖିବାକୁ ପଡୁଥିଲା। ଏମିତି ବି ଜୀବନରେ ଏମ୍.ଇ., ହାଇସ୍କୁଲ ସମୟରେ

ISSN NO.
2582-208X

କେତୋଟି ଗପ ଉପନ୍ୟାସ ବହି ଲୁଚି ଛପି ପଢିବାକୁ ପଡିଥିଲା କାରଣ ମନରେ ଭୟ ଥିଲା ପରିବାରର କେହି ବଡମାନେ ଦେଖିନେଲେ କଥାଟା ସମସ୍ୟା ହୋଇଯିବ । କାହିଁକି ପାଠପଢା ବହି ଛାଡି ଏ ବହି ପଢୁଛୁ ବୋଲି ତାଗିଦ କରିବେ । ପଢାପିଲା ପଢା ବହି ଛାଡି ଅନ୍ୟ ବହି ପଢିଲେ ପାଠ ଭୁଲିଯିବ । ମାତ୍ର ଆଜିକାଲି ପିତା ମାତାମାନେ ପଢାବହି ବ୍ୟତୀତ ବିଭିନ୍ନ ପ୍ରକାର ପତ୍ର ପତ୍ରିକା ବହି ସବୁ ନିଜର ପିଲାମାନଙ୍କୁ ପଢିବାକୁ ଦେଉଛନ୍ତି କାରଣ ସେମାନଙ୍କର ବିଶ୍ୱାସ ପାଠପଢା ବହି ବ୍ୟତୀତ ବିଭିନ୍ନ ପ୍ରକାର ବହି ପଢିଲେ ତାଙ୍କ ପିଲାମାନଙ୍କର ଜ୍ଞାନର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସର୍ବଗୁଣ ସମ୍ପର୍ଣ୍ଣ ହୋଇପାରିବ ।

ଖାଲି ବୟସ ବଢିବା କହିଲେ ଚଳିବନି, ସମୟ ବଦଳିବା ସହିତ ସମୟୋପଯୋଗୀ ଅଭ୍ୟାସକୁ ବି ମଣିଷ ଆପଣେଇଥାଏ କାରଣ ସେ ସବୁ ସମାଜ ପାଇଁ ସୁନ୍ଦର ଓ ସାବଲୀଳ ହୋଇଥାଏ । ପୁଣି କେତେକଙ୍କ କ୍ଷେତ୍ରରେ ପରିଲିକ୍ଷିତ ହୁଏ ଯେ ବୟସ ହୋଇଗଲା ଜୀବନରେ କରିଥିବା ଆଶା ଦେଖିଥିବା ସ୍ୱପ୍ନ ସବୁ ଅଧା ରହିଗଲା । ଏ ଜୀବନଟା ବେକାର ହୋଇଗଲା ଆଉ କିଛି କରି ହେବନାହିଁ । ସବୁ ଶେଷ ହୋଇଗଲା, ଜୀବନର ମାନେ ବୋଲି ଆଉ କିଛି ନାହିଁ । ପରିଣତ ବୟସରେ ପାଦ ଦେଲାପରେ ବୟସର ଅପରାହ୍ନରେ ଯୋଉମାନେ ନିଜ ଆଶା ସ୍ୱପ୍ନକୁ ଜଳାଞ୍ଜଳି ଦେଇ କେବଳ ପରପିଢିମାନଙ୍କର ସ୍ୱପ୍ନକୁ ନିଜ ସ୍ୱପ୍ନ ବୋଲି ଭାବୁଛନ୍ତି, ନିଜର କର୍ତ୍ତବ୍ୟ ବୋଲି ଭାବୁଛନ୍ତି କଣ ତାର ନିଶ୍ଚିତତା ଅଛି ଯେ ବାପାମାଆ ମାନଙ୍କର ଅଧାଗଢା ସ୍ୱପ୍ନ ସବୁକୁ ପୁଅ ଝିଅମାନେ ସାକାର କରିପାରିବେ । କହିବାର ଅର୍ଥ ଏହା ନୁହେଁ ଯେ ମଣିଷ ପର ପିଢୀମାନଙ୍କ ପାଇଁ ଚିନ୍ତା କରିବନି କି ସେମାନଙ୍କୁ ଦିଗଦର୍ଶନ ଦେବନି । ସବୁ ପରେ ବି ଯୋଉ ଆଶା ସ୍ୱପ୍ନ ଯୌବନବେଳେ ଦେଖିଥିଲା, ଆକାଶ କଇଁଆ ଚିଲିକା ମାଛକୁ ଏକ କରିବାର ପ୍ରୟାସ କରିଥିଲା ସାତ ସମୁଦ୍ର ତେର ନଈ ସେପାରିକୁ ଯିବାପାଇଁ ଜାହାଜ ଭିଡିଥିଲା ସେସବୁକୁ ପାଇବା ପାଇଁ କଣ ପରିଣତ ବୟସରେ ପୁନଃ ଚେଷ୍ଟାକ କରିବା ଉଚିତ ନୁହେଁ କି? ଗୋଟିଏ ସ୍ୱପ୍ନ ସତ ନହେଲା ବୋଲି ଆଉ ଅନ୍ୟ କିଛି ସ୍ୱପ୍ନ ସତ କରିବାକୁ ଚେଷ୍ଟା ନକରି ହାତଗୋଡ ବାନ୍ଧି ଚୁପଚାପ୍ ବସିଯିବା ଉଚିତ ହେବକି? ଗୋଟିଏ କାର୍ଯ୍ୟରେ ସଫଳତା ନମିଳିଲା ବୋଲି ଆଉ ଅନ୍ୟ ଏକ କାର୍ଯ୍ୟରେ ସଫଳତା ନମିଳିବ ଏ କଥା କହି ହେବନି ।

ଏଠାରେ ପ୍ରସିଦ୍ଧ୍ ଲେଖକ ସି.ଏସ୍.ଲିୟୁସିଙ୍କର ଉକ୍ତିଟିର ଯଥାର୍ଥତା ନିଶ୍ଚୟ ଭାବରେ ଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ISSN NO.
2582-208X

"ତମେ କେବେବି ଏତେ ବୃଦ୍ଧ ହୋଇଯାଇ ନାହଁ ଯେ

ତୁମର ଆଉ ଏକ ଲକ୍ଷ୍ୟ ପୂରଣ ହୋଇପାରିବନାହିଁ କିମ୍ବା

ଜୀବନରେ ଆଉ ନୂଆ ସ୍ୱପ୍ନ ସତ କରିବାକୁ ସ୍ୱପ୍ନ ଦେଖିପାରିବ ନାହିଁ ।"

You are never too old to set another goal or to dream new dream...

The famour fantasy author C.S. lewis

କଥାରେ ଅଛି : ଗଲେ ଯାଉ ପଛେ ବଳ ବୟସ,

କିଛି ସ୍ୱପ୍ନ ପୁଣି ଦେଖିବା ଆସ

ସାକାର କରିବା ରଖି ବିଶ୍ୱାସ

ଛାଡି ଯିବା ଯାଏଁ ଶେଷ୍ ନିଶ୍ୱାସ ।

ଅଧ୍ୟକ୍ଷ, ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସାମପାଟଣା, କେନ୍ଦୁଝର ୭୫୮୦୩୦
ମୋ ୯୯୩୮୮୧୬୦୭୯

ନଭେମ୍ବର – ୨୦୨୨
www.vedantimagazine.com
ISSN NO.
2582-208X

# ବିବାହ ବନ୍ଧନ



ସୁବ୍ରତ କୁମାର ପ୍ରଧାନ

ପ୍ରେମ ବିନା ଯେହ୍ନେ ଜୀବନ ଅସାର
ସଂସାର ଟା ମୂଲ୍ୟହୀନ
ମାନବ ଜୀବନେ ଶୁଭ ବିବାହ ଟି
ଅଟେ ପବିତ୍ର ବନ୍ଧନ ।

ସଂସାର କରତା ବିଶ୍ଵ ପ୍ରଜାପତି
ଲଗାନ୍ତି ବିଚିତ୍ର ଡୋର
ଦୁହିତା ଜନମ ଏ ପୁରେ ଏକୁଡି
ଚିତା ଜଳେ ଆନ ପୁର ।

ଅଜଣା ଅଚିହ୍ନା ଦୁଇଟି ଆତ୍ମାର
ମିଳନ ଏ ସାତ ଯୁଗ
ପର ଗୋତ୍ରି ସାଜି ନବବଧୂ ବେଶେ
ଜୀବନରେ ସାଧେ ତ୍ୟାଗ ।

ସ୍ଵାମୀ ପାଇଁ କେବେ ପ୍ରିୟା ସୁହାଗିନୀ
ସନ୍ତାନେ ମମତା ଡୋରୀ
ଶାଶୁ ଶ୍ଵଶୁର ଙ୍କ ସେବା ବ୍ରତ ଧ୍ୟାନ
ପଥ ନିଏ ଅନୁସରି ।

ISSN NO.
2582-208X

ସାଜି ପାରେ ବଧୂ ଅମୃତ ଦାୟିନୀ
କେବେ ପୁଣି ସର୍ବାସହା
ସଂସାର ଜଗତ ହିତେ ସଦା ନାରୀ
ଭୁଲେ ନିଜ ମୋହ ମାୟା ।

ବିବାହ ବନ୍ଧନ ହୁଅଇ ସାର୍ଥକ
ଦୁଇ କୂଳେ ଜୟ ଗାନ
ସେବା ତ୍ୟାଗ ଧର୍ମ ସର୍ବ ମନ ଜିଣି
ବଢାଅ ଜାତିର ମାନ ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ - ୯୮୭୧୯୭୦୪୧୮

ISSN NO.
2582-208X

# ଏମିତି ବିତିଯାଉ



ଦୁଷ୍ମନ୍ତ ବେହେରା

ହଜାରେ ଟୋପା ଲୁହ ମୋର
ବହୁ ତ ମନ ରେ ପ୍ରିୟା
ଦୁଃଖ ନରହୁ !!

ତ ଖୁସି ଦେଖି ଦେଖି ମୋ
ଜୀବନ ରାସ୍ତା ଏମିତି ମୋ
ସହରେ ବିତିଯାଉ !!

ତ ହସରେ ମୁଁ ଖୁସି ହେବି
ତୁ ଦୁଃଖ କଲେ ପ୍ରିୟା ମୁଁ
ଭାଙ୍ଗି ପଡିବି !!

ତ ବାଟ ର ଯାତନା ମୋ
ଦରଦ କୋହ କୁ ଏମିତି
ଛବିରେ ବିତିଯାଉ !!

କ'ଣ ଲୁଚାଇ ରଖିବି
ମୁଁ ହତ ଭାଗାଟିଏ
ତ ପ୍ରେମରେ !!

ମନ ଭିଜୁ ନାହିଁ ତ ଅତୀତ
ବାଟରେ ଶରୀର ଯାଏ
ଭିଜି ସମୟ ଥିଲେ ..

ଦେଖି ଆସିବ ଶବ ଥିବ
ତୁମକୁ ଚାହିଁ ......

ଗ୍ରସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଆଲୋକର ପର୍ବ



ଲୀଳାବତୀ ପରିଡ଼ା

ଆଲୋକର ପର୍ବ ଶୁଭ ଦୀପାବଳି
ଉପଲକ୍ଷେ ସଭିଙ୍କୁ ମୋ ଶୁଭେଚ୍ଛା,
ଦୀପାଳି ଜଳିବ ଅନ୍ଧାର ହଟିବ
ପୂରିଯିବ ସଭିଙ୍କ ମନୋବାଞ୍ଛା।।
ଚଉଦ ବରଷ ରାମ ବନବାସ,
ସାରି ଅଯୋଧ୍ୟାକୁ ଯେବେ ଆସିଲେ,
ଅଯୋଧ୍ୟା ନଗର ଉତ୍ସବ ମୁଖର
ପୁରପଲ୍ଲୀ ପ୍ରଜା ସଜାଇ ଥିଲେ।।
କାର୍ତ୍ତିକ ମାସର ଅମାବାସ୍ୟା ଥିଲା
ସେ ପୁଣ୍ୟତିଥି ଶୁଭ ମୁହୁରତ,
ଦୀପାଳି ଜଳାଇ ଭକ୍ତିଭାବ ଭରି
କଲେ ପ୍ରଜାଗଣ ତାଙ୍କୁ ସ୍ୱାଗତ।।
ବାଜେ ଭେରି ତୂରୀ ବୀର ପୈଁକାଳୀ
ଖୋଳତାଳ ମୃଦଙ୍ଗଓ ନିଶାଣ,
ବାଣ ଫୁଟି ହେଉନଥିଲା ସେଦିନେ
ଚାରିଆଡେ ଏ ଶବ୍ଦ ପ୍ରଦୂଷଣ।।
ଧନତରାସରେ ଡାକୁଛେ ଲକ୍ଷ୍ମୀଙ୍କୁ
ଧନଧାନ୍ୟେ ଘର ଭରିବା ପାଇଁ,

ISSN NO.
2582-208X

ବାଣଫୁଟାଇ କି ଟଙ୍କାକୁ ପୋଡିଲେ
କେଉଁଲକ୍ଷ୍ମୀ ଘରେ ରହିବେ ଭାଇ !!
ଶବ୍ଦ ପ୍ରଦୂଷଣ ବାୟୁ ପ୍ରଦୂଷଣ
ଏଡାଇ ନ ହୁଏ ବି ଅଘଟଣ,
କରେ ନିବେଦନ ହେବା ସଚେତନ
ଯେତେ ଅଛ ଭାଇଭଉଣୀ ଗଣ।।
ସେହି ପଇସାକୁ ଗରିବ ହାତରେ
ଦେଲେ କେତେଖୁସି ହେବ ଯେ ସେହି ,
ବାଣମରା ଖୁସି ଠାରୁ ଶହେଗୁଣ
ଆତ୍ମ ତୃପ୍ତି ହୋଇଯିବ ଯେ ତହିଁ।
ଜାଳିବା ଦୀପାଳି ପୂଜି ମହାକାଳୀ
କରିବା ତାଙ୍କର ପଦ ବନ୍ଦନା ,
ଜଣାଇବା ତାଙ୍କୁ ଅନ୍ତରରଦୁଃଖ
ଦୂରେଇଦେବେ ମା ସବୁବେଦନା।

କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ମୋ ନ- ୯୮୬୧୯୪୫୬୨୬

ISSN NO.
2582-208X

# ସିନ୍ଦୁର



ଅଧର ବିଶ୍ୱାଳ

ଛପର ସାରା ତ କଣା, ଆଉ କେତେ କଂସା ତାଟିଆ କୋଉଠି ରଖିବି ଯେ । ବର୍ଷା ଛାଡିବାର ନାଁ ଧରୁନି କାଲି ରାତିରୁ ଢୁ ଢୁ କରି ଢାଳୁଛି । ବର୍ଷା ପାଣି ପୋଛୁ ପୋଛୁ ମନକୁ ମନ କହି ଚାଲିଥାଏ ସୁମତି । ଦିନ ଆସି ଦି ଘଡି ହେଲାଣି କିଛି ରୋଷେଇ ହେଇନି । ମଝିରେ ମଝିରେ ଚିନୁ କହୁଥାଏ ବୋଉ ଭାରି ଭୋକ ହେଲାଣି । ଘର ସାରା ଆଖି ବୁଲେଇ ଆଣିଲା ସୁମତି, ପାଖ ପଡିଶା ଘର ଚାଉଳ ସେରେ ଦେଇଥିଲେ ସେଇ ସେତକ ଛଡା ଆଉ କିଛି ପାଇଲାନାହିଁ । ଓଦା ଚୁଲୀକୁ ପାଉଁଶ ଦେଇ ଶୁଖାଇବାକୁ ଚେଷ୍ଟା କଲା । କିଛି ଶୁଖିଲା ଘଷି ଓ ଝଟା ଦେଇ ଫୁଙ୍କି ଫୁଙ୍କି ଚୁଲିଟା ଲଗେଇଦେଲା । ହାଣ୍ଡିରେ ଚାଉଳ ପକେଇଦେଇ ବାଡିରୁ ଦିଟା ସଜନା ଶାଗ ତୋଳି ଆଣିଲା ଝୋଳ କରିବ ବୋଲି । ଏ ସମୟରେ ବାଡ଼ିରେ ଥିବା ସଜନା ଶାଗ ହିଁ ଭରସା । ଶାଗ ବାଛୁ ବାଛୁ ମନେ ମନେ କଣ କଣ ଭାବି ଚାଲିଛି ସୁମତି । ହାଣ୍ଡିରେ ଫୁଟୁଛି ଖୁଦ କଣିକା ହେଲେ ମନରେ ଫୁଟୁଛି ଆଶା ଆଶଙ୍କାର ବହୁ ଅସମାହିତ ପ୍ରଶ୍ନ କଣିକା ।

ଛ ବର୍ଷ ତଳେ ନିମେଇ ର ହାତ ଧରି ଏ ଗାଁ କୁ ବୋହୁ ହୋଇ ଆସିଥିଲା ସୁମତି । ବାହାଘର ଦୁଇ ବର୍ଷ ନପୂରୁଣୁ ହାତ ଛାଡି ପରପାରିକୁ ଚାଲିଗଲେ ଜୀବନ ସାଥୀ । ସେତେବେଳକୁ ଚିନୁ ପେଟରେ ଥିଲା । ବାପା ଯିବାର ଛ ମାସ ପରେ ଚିନୁର ଜନ୍ମ, ତେଣୁ ସେ ବାପା କଣ ଜାଣିନାହିଁ । ଜମି ବୋଲି ଯେଉଁ ଚାରି ଗୁଣ୍ଠ ଥିଲା ନିମେଇ ର ଚିକିତ୍ସା ପାଇଁ ବନ୍ଧକ ପଡିଛି । ସୁମତି ପାଠ ଦି ଅକ୍ଷର ପଢିଛି, ତେଣୁ ସେ ଗାଁ ର ଚାଟଶାଳୀରେ ପିଲାମାନଙ୍କୁ ପଢ଼ାଏ । ସେଥିରୁ ଯେଉଁ ଦି ପଇସା ମିଳେ କଷ୍ଟେ ମଷ୍ଟେ ତେଲ ଲୁଣ ଖର୍ଚ୍ଚ

ISSN NO.
2582-208X


ଉଠିଯାଏ । ନିମେଇର ସାଙ୍ଗ ଗୋପି ମଧ୍ୟ ମଝିରେ ମଝିରେ କିଛି କିଛି ସାହାଯ୍ୟ କରେ । ହିସାବରେ ଗୋପି ସୁମତିର ଦିଅର ହବ । ନିମେଇ ଓ ଗୋପି ବହୁତ ଘନିଷ୍ଠ ସାଙ୍ଗ ଥିଲେ। ନିମେଇ ଯିବା ପରେ ପରେ ଗୋପୀ ର ସ୍ତ୍ରୀ ମଧ୍ୟ ପକ୍ଷାଘାତ ରୋଗରେ ପୀଡିତ ହୋଇ ପରପାରିକୁ ଚାଲିଗଲା । ସେତେବେଳକୁ ଗୋପି ର ଝିଅକୁ ମାତ୍ର ବର୍ଷେ ହୋଇଥିଲା । ତେଣୁ ଗୋପି ତା ଝିଅକୁ ସୁମତି ପାଖରେ ଛାଡେ ଦେଖା ଶୁଣା କରିବାକୁ । ବେଳେ ବେଳେ ସୁମତି ଘରେ ମଧ୍ୟ ଖାଏ । ସେଥିପାଇଁ ସୁମତିକୁ ବାର କଥା ଶୁଣିବାକୁ ପଡେ । ସାହି ପଡିଶାଙ୍କ କଟାକ୍ଷର ଶିକାର ହୁଏ ।

ସୁମତିର ଗୋଟିଏ ଇଛା ଚିନୁକୁ ଭଲ ପାଠ ପଢାଇ ମଣିଷ କରିବ । ତେଣୁ ସେ ଯେତେ କଷ୍ଟ ପଡିଲେ ମଧ୍ୟ ସହିଯାଏ । ଚିନୁ ଏବେ ସ୍କୁଲ ଗଲାଣି, ଭଲ ପାଠ ବି ପଢୁଛି । ଘରେ ସୁମତି ନିଜେ ପଢ଼ାଏ । ଚିନୁ ଦେଖେ ପାଖ ପଡିଶା ଘରର ସବୁ ସ୍ତ୍ରୀ ଲୋକ ସିନ୍ଦୁର ପିନ୍ଧୁଛନ୍ତି, କିନ୍ତୁ ତା ବୋଉ ପିନ୍ଧୁନାହିଁ । ବେଳେବେଳେ କୁହେ, ବୋଉ, ସମସ୍ତେ ସିନ୍ଦୁର ପିନ୍ଧୁଛନ୍ତି, ତୁ କାହିଁକି ପିନ୍ଧୁନୁ । ବେଳେ ବେଳେ ଜିଦ ଧରି ବସେ, ବୋଉ ତୁ ଆଜି ସିନ୍ଦୁର ପିନ୍ଧେ । ପୁଅର ମୁଣ୍ଡକୁ ଆଉଁସି ଦେଇ ସୁମତି କୁହେ, ସିନ୍ଦୁର ବୋହୁତ ପଇସା ପଡିବ, ଆମ ପାଖରେ ଏତେ ପଇସା ନାହିଁ । ଏ କଥା କହିଲା ବେଳେ ସୁମତି ଆଖିରୁ ଲୁହ ଦୁଇ ଧାର ଗଡି ଆସେ । ଚିନୁ ମା ଆଖିରୁ ଲୁହ ପୋଛି ଦେଇ କୁହେ, ବୋଉ ମୁଁ ବଡହେଲେ ପଇସା ରୋଜଗାର କରି ତୋ ପାଇଁ ନିଶ୍ଚୟ ସିନ୍ଦୁର କିଣିକି ଆଣିବି । ଏ କଥା ମଧ୍ୟ ପାଖ ପଡ଼ିଶାରେ କୁହେ, ମୁଁ ରୋଜଗାର କଲେ ପ୍ରଥମେ ମୋ ବୋଉ ପାଇଁ ସିନ୍ଦୁର କିଣିକି ଆଣିବି। ତା କଥା ଶୁଣି ସମସ୍ତେ ହସନ୍ତି । କେହି କେହି ଟାହି ଟାପରା କରି କହନ୍ତି, ଯା ତୋ ଗୋପି ଦାଦାକୁ କହିବୁ ତୋ ବୋଉ ପାଇଁ ସିନ୍ଦୁର ଆଣି ଦେବ । "ହାଟରେ କଣ ସିନ୍ଦୁର ନାହିଁ, ହେଲେ ଅଭାଗୀ କପାଳରେ ନାହିଁ" । ଏ ନିଷ୍ଠୁର ସତ୍ୟକୁ ଚିନୁ ବୁଝି ପାରେନା, ମନ ଭିତରେ ଠାଣ ରଖେ, ଯେମିତି ହେଲେ ତା ବୋଉ ପାଇଁ ସିନ୍ଦୁର କିଣିବ । ଏବେ ଚିନୁ ବଡ ହେଲାଣି, ବୁଝି ପାରିଲାଣି ଏ ନିଷ୍ଠୁର ସତ୍ୟକୁ । ସେ ସିନା ସିନ୍ଦୁର କିଣିଦେବ, ହେଲେ ସିନ୍ଦୁର ପିନ୍ଧାଇବା ପାଇଁ ଯୋଉ ହାତ ଦରକାର ସେ କେଉଁଠୁ ପାଇବ ।

ଆଜି ଚିନୁ ତା ପ୍ରଥମ ଚାକିରିର ଦରମା ପାଇଛି । ଭାବୁଛି ତା ବୋଉ କଥା, ବୋଉକୁ ଦେଇଥିବା ପ୍ରତିଶୃତି, ବୋଉର ସେ ଫାଙ୍କା କପାଳ, ତା ଆଖିର ଦୁଇ ଧାର ଲୁହ । ମନ

ISSN NO.
2582-208X

ଦୃଢ଼ କଲା, ଭାବିଲା ସେ ହାତ କଥା, ଯେଉଁ ହାତ ତା ବୋଉ ମୁଣ୍ଡରେ ସିନ୍ଦୁର ଦେବ । ସିନ୍ଦୁର କିଣି ଏକ ରୁପା ଫରୁଆରେ ରଖି ସିଧା ଚାଲିଲା ଗୋପି ଦାଦା ଘରକୁ । ଗୋପି ଦାଦାଙ୍କ ହାତ ଧରି ଟାଣି ଟାଣି ନେଇ ଆସିଲା ବୋଉ ପାଖକୁ । ସିନ୍ଦୁର ଫରୁଆଟା ବଢ଼ାଇ ଦେଇ ଗୋପି ଦାଦାଙ୍କୁ କାକୁତି ମିନତୀ କଲା ତା ବୋଉ ମଥାରେ ସିନ୍ଦୁର ଦେବାକୁ । ସୁମତି ଓ ଗୋପି ଅବାକ କାହାରି ପାଟିରୁ କିଛି କଥା ବାହାରୁ ନାହିଁ । ଚିନୁ ତା ଜିଦରେ ଅଟଳ, ଜୋରକରି ଗୋପି ଦାଦାଙ୍କ ହାତରେ ବୋଉ କପାଳରେ ସିନ୍ଦୁର ପିନ୍ଧାଇ ଦେଲା । ଦୁଇଜଣ ଯାକ ଚିନୁକୁ କୁଣ୍ଢାଇ ବହୁତ କାନ୍ଦିଲେ । ପ୍ରଥମ ଥର ପାଇଁ ବୋଉର କପାଳରେ ସିନ୍ଦୁର ଦେଖି ଚିନୁ କହିଲା, ବୋଉ ଏ ସିନ୍ଦୁର ତତେ ବହୁତ ମାନୁଛି । ତୁ ବହୁତ ସୁନ୍ଦର ଦେଖା ଯାଉଛୁ । କିଛି ସମୟ ନୀରବତା ପରେ ଘର ଭିତରେ ଖେଳିଗଲା ଏକ ଖୁସିର ବାତାବରଣ। ସ୍ଥିର କରାଗଲା ଭବିଷ୍ୟତର କାର୍ଯ୍ୟ ପନ୍ଥା ଓ ସମାଜକୁ ସାମ୍ନା କରିବାର ଉପାୟ । ତା ପରଦିନ ଠାରୁ ସେମାନଙ୍କୁ ଆଉ ଗାଁରେ କେହି ଦେଖି ନାହାନ୍ତି ।

ଜୟଦେବ ବିହାର, ଭୁବନେଶ୍ବର

ISSN NO.
2582-208X

# ଗାଁ ମନ୍ଦିର



କୃଷ୍ଣ ଚନ୍ଦ୍ର ବାରିକ

ଭଗ୍ନ ଜରା ଜୀର୍ଣ୍ଣ ଶୀର୍ଣ୍ଣ ବୁକୁ
ରମ୍ଭା ପତ୍ର ପ୍ରାୟ ଥରେ
ଝଡି ପଡ଼ିବାର ଦ୍ୱାରଦେଶେ
ରାହା ଖୋଜେ ବଞ୍ଚିବାରେ

କେହୁ ଚିତ୍ରଶିଳ୍ପୀ ତୂଳୀ ତଲ୍ପ ଧରି
ଏହି ପଥେ ଯେବେ ଯାଏ
ବଞ୍ଚିବାର ଆଶା ଉଜ୍ଜୀବିତ ହୁଏ
ସ୍ମୃତି ପ୍ରତିବିମ୍ବ ଭାସେ

ଉନ୍ମତ୍ତ ଯୌବନ ଗର୍ବ ଚୂଡ଼ା
ସଗର୍ବେ ଦଣ୍ଡାୟମାନ
ଗୌରବ ସୌରଭ ବିସ୍ଫୋରଣ
ଛୁଇଁ ଯାଏ ସାନୁମାନ

ପ୍ରତିଧ୍ୱନି ହୁଏ ଗୁଞ୍ଜରିତ
ନିଷ୍ପ୍ରାଣ ପାଷାଣ ଦେହେ
ବନ୍ୟାର ତାଣ୍ଡବେ ଚିତ୍ରୋତ୍ପଳା
ଧରମା କୁ ଚାପେ କୋହେ ।

ଚିତ୍ରଶିଳ୍ପୀ ଯାଇଥିଲା ଚାଲି
ଖୋଜିଲା କାତର ସୁରେ
ଆଶା ଯେତେ ସାରିଥିଲେ ମରି
ସେହି ଚିତ୍ରୋତ୍ପଳା ତୀରେ ।

ରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ପଳେଇବି କଲିକତା



ଜୟନ୍ତ କୁମାର ମଲ୍ଲିକ୍

ଟଙ୍କାକିଆ ଭାଇ ଚାଉଳ ପାଉଛି
ଜମି ମୋର ଅଛି ପଡ଼ିଆ
ସେଥିପାଇଁ ଆଉ କାମ ବି କରୁନି
ଖୋଳି ପାରୁନାହିଁ ଗଡ଼ିଆ ।
ଚାଉଳ ବିକିକି ଘର ଚଳାଉଛି
ଖାଇ ସାରି କିଛି ବଳୁଛି
ଦଶଗୋଟି ଛେଳି ପାଖରେ ରଖିଛି
ତାଘର ୟାଘର ଗଳୁଛି ।
ସେଥିପାଇଁ ନିତି ଗାଳିତ ଖାଉଛି
ଶୁଣି ଶୁଣି ମନ ହାଲିଆ
ବେଳେ ବେଳେ ପାଖ ପଡ଼ୋଶୀ ଡାକନ୍ତି
କାହୁଆ ଚାଷୀଟା ଚାଲିଆ ।
ତୋଓ ଛେଳି ପାଇଁ ଆମ ଚାଷବାସ
ସବୁତ ଉଜୁଡ଼ି ଗଲାଣି
ବେପାର ତୋହର ତତେ ସିନା ଭଲ
ଆମକୁ ପାଗଳ କଲାଣି ।

କଅଣ କରିବି ଭାବି ମୁଁ ପାରୁନି
ପଡ଼ୋଶୀଙ୍କ ଚିନ୍ତା ଘାରୁଛି
ଘରଣୀ କଥାରେ ଛେଳି ଚାଷ କଲି
ହେଲେ ମୁଁ କରିକି ପାରୁଛି ।
ଏଥର ଭାବିଛି ସବୁ ବିକି ବାକି
ପଳେଇବି କଲିକତାକୁ
ଜଗି ପାରିବିନି ବିଲରେ ଛେଳି ମୁଁ
ଖରାରେ ଧରିକି ଛତାକୁ ।

ଶୁରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୬୫୭୨୭

ISSN NO.
2582-208X

# ତ୍ରିବେଣୀ  ସ୍ନାନ



ଗୁପ୍ତେଶ୍ୱର ଗ୍ରନ୍ଥ

ଦାସ ଜଗନ୍ନାଥ ରଚି ଯାଇ ଛନ୍ତି
ଓଡ଼ିଆ ରେ ଭାଗବତ ।
ରେ ପାଗଳା ମନ ପଢ଼ ନିତି ଦିନ
ମଣ୍ଡାଇ ତୋହର ଚିତ୍ତ। ।୧
ମହାଜନଙ୍କ ର ସେ ସତ୍ୟ ବଚନ
ହୋଇ ଅଛି ଲିପିବଦ୍ଧ।
ତୁଟି ଯିବ ଭ୍ରାନ୍ତି ଝଟକିବ କାନ୍ତି
ନାଶିବୁ ତୁ ଭବ ବନ୍ଧ ।।୨
ବୁଝିଲେ ସେ ତତ୍ତ୍ୱ ଭାଗ୍ୟ ତୋ' ଉଦିତ
ହୋଇବ ବାବୁରେ ଦିନେ ।
ଧୋଇବ ସକଳ କଳମଷ ତୋର
ତ୍ରିବେଣୀ ଘାଟ ସ୍ନାହାନେ। ।୩
ସେ ପରା ପରମ ଶାସ୍ତ୍ର ଭାଗବତ
ବୁଝି ବିଚାରି ତୁ କଲେ ।
ପ୍ରମାଦ ପଡ଼ିବା ଦୂରେ ଥାଉ ଧନ
ବିଜୟ ଲଭିବୁ ଭଲେ। ।୪
କରିବା 'କରମ'  ମାନିବା 'ଭକତି'

ISSN NO.
2582-208X

ଜାଣିବା ହେଉଛି 'ଜ୍ଞାନ' ।
ଭକ୍ତି ଜ୍ଞାନ କର୍ମ ଏ ତିନିହେଁ ମିଶି
ସୃଜିବେ ତ୍ରିବେଣୀ ଜାଣ। ।୫
ସଦ୍ କରମ ଗଙ୍ଗା ଭକ୍ତି ଯେ ଯମୁନା
ସଦ୍ ଜ୍ଞାନ ଟି ସରସ୍ୱତୀ।
ଏ ତ୍ରିବେଣୀ ଜଳେ କଲେ ତୁ ସ୍ନାହାନ
ଲଭିବୁ ନିଶ୍ଚେ ମୁକତି। ।୬
ଦୀନ ଜନେ ଦାନ କରି ମହା ପୁଣ୍ୟ
ଅରଜିଲେ ଧର୍ମ ଧନ ।
ମନ୍ଦାକିନୀ ଜଳେ ସ୍ନାନ କରିବାକୁ
ହେବ ନାହିଁ ପ୍ରୟୋଜନ। ।୭
ଗୁରୁ ଗୁରୁ ଜନେ ମାନିବା ଭକତି
ଭାବର କଦମ୍ବ ମୂଳେ।
ସଦାଚାର ପାଳି ନୀତି ଦ୍ୱାରା ଚଳି
ଲାଗିବୁ ଯମୁନା କୂଳେ। ।୮
ଜାଣିବା ଟି ଜ୍ଞାନ ଆରେ ବାୟା ମନ
ଏ ସାକ୍ଷାତ ସରସ୍ୱତୀ।
ଅଭିମାନ ଶୂନ୍ୟ ହେବୁ ଯେବେ ଧନ
ବୋଲାଇବୁ ଶୁଦ୍ଧ ମତି ।।୯
ଏ ତ୍ରିବେଣୀ ଘାଟେ କଲେ ତୁ ସ୍ନାହାନ
ଧନ୍ୟ ହୋଇବ ଜୀବନ।
ନୟନ ଯୁଗଳେ ଶ୍ରୀ ଯଦୁ ନନ୍ଦନ
କରିବୁ ନିଶ୍ଚେ ଦର୍ଶନ ।।୧୦

ଗ୍ରାମ /ପୋଷ୍ଟ-ସମାସିଂହା;
ଜିଲ୍ଲା-ଝାରସୁଗୁଡା; ଓଡ଼ିଶା; ପିନ୍ କୋଡ-୭୬୮୨୧୩.
ମୋ.୭୬୮୩୮୪୧୮୬୪

ISSN NO.
2582-208X

# ନାରୀ



ଶ୍ୟାମସୁନ୍ଦର କୁମ୍ଭାର

ନାରୀ ଏ ସୃଷ୍ଟିର ମୂଳ ଆଧାର
ନାରୀ ବିନା ଗଢ଼ି ନୁହେଁ ସଂସାର
ସୃଷ୍ଟିକାରିଣୀ ତ ନାରୀ
ଏକାଧାରେ ସେହି ଜନନୀ, ଭଗିନୀ
ଘରକୁ ଘରଣୀ ସେ ସହଧର୍ମିଣୀ
ତାକୁ କିଏ ହେବ ସରି ।୧।

ଜନନୀ ରୂପେ ସେ ଦିଏ କ୍ଷୀର ପାନ
ତା ଦାନରେ ଗଢ଼ା ଆମ ଏ ଜୀବନ
ଭଗ୍ନୀ ରୂପେ ବାଣ୍ଟେ ସ୍ନେହ
ଘରଣୀ ରୂପରେ ଘରକୁ ସଜାଏ
ସ୍ନେହ, ପ୍ରେମେ ପରିବାରକୁ ହସାଏ
ନିଜେ ପିଇ ଆଖି ଲୁହ ।୨।
ମାଆ ହୋଇ କରେ ପୁଅ ଜିଉନ୍ତିଆ

ଭଗିନୀ ରୂପରେ ଭାଇ ଜିଉନ୍ତିଆ
ସ୍ୱାମିର ମଙ୍ଗଳ ପାଇଁ
ସ୍ତ୍ରୀ ରୂପେ କରେ ସାବିତ୍ରୀ ବରତ

ISSN NO.
2582-208X

ତା ତ୍ୟାଗର ମୂଲ ଅତୁଟ ଅମାପ
ନାରୀ ତ କରୁଣାମୟୀ।୩।
ଶାସନ ପ୍ରଶାସନ,ମହାକାଶରେ

ଚିକିତ୍ସା ସେବା, ବିଗ୍ୟାନ କ୍ଷେତ୍ରରେ
ସବୁଠି ଆଗରେ ନାରୀ
ନିଭାଉଛି କେତେ ଗୁରୁ ଦାୟୀତ୍ୱ
କର୍ତ୍ତବ୍ୟ ପାଳନେ ସବୁଠି ଦକ୍ଷ
ଆଜିର ଯୁଗର ନାରୀ ।୪।

ହେଲେ ବି ତା ମୂଲ୍ୟ ନ ଦିଏ ସମାଜ
ମାଆ ଗର୍ଭୁ ତାକୁ କରେ ଦହଗଞ୍ଜ
ଦିଏ ଭ୍ରୁଣ ହତ୍ୟା କରି
ଯଉତୁକ ପାଇଁ କେବେ ଦିଏ ଜାଳି
ଗଣ ବଳାତ୍କାରେ କେବେ ଦିଏ ମାରି
ନାରୀ ସୁଖ ନିଏ ହରୀ।୫।

ଆସ ଆଜି ଆମେ  ସଂକଳ୍ପ କରିବା
ଘୃଣ୍ୟ କର୍ମ ଯେତେ ବର୍ଜନ କରିବା
ନାରୀଙ୍କୁ ଦେବା ସମ୍ମାନ
ସମ୍ମାନ ପାଇଲେ ନାରୀତ ହସିବ
ନାରୀ ହସିଲେ ଏ ଭାରତ ହସିବ
ବଢ଼ିବ ଦେଶର ମାନ।୬।

ନି.ସନ୍ଧିବାହାଲ,ପୋ.ଅ. ଜମୁଟବାହାଲ,ଗାଇସିଲେଟ,
ବରଗଡ଼, ମୋ.ନଂ.୯୯୩୮୯୦୨୫୩୬

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଶୀତୁଆ ସକାଳର ଧୂସର କୁହୁଡି ଆଡେଇ ସୂରଜର ସୁନେଲି କିରଣ ଆସି ଘର ବାରଣ୍ଡାରେ ଖେଳେଇ ପଡିଥାଏ । ପୂଜା ଡାକ ଛାଡିଲା । ସୂରୁଜ ଆସି ମୁଣ୍ଡ ଉପରେ ହେଲାଣି । ଝିଅଟା କେମିତି ଶୋଇଛି ଦେଖୁନ । ବୁଦ୍ଧିଶୁଦ୍ଧି କିଛି ନାହିଁ । ଏତେ ବଡ ହେଲାଣି ତାକୁ ନ ଉଠେଇଲେ ଜମାରୁ ଉଠିବ ନାହିଁ । ବିକାଶବାବୁ ବି ଶୋଇଛନ୍ତି । ଆଜି ଝିଅକୁ ଦେଖି ଆସିବେ । ଏମାନଙ୍କର କିଛି ଚିନ୍ତା ନାହିଁ ।

ଆରେ ଉଠରେ ବୀଣା ।

ହଁ ମମି ଉଠୁଛି ।

ଯାଆ ତ ତୋ ଡାଡିକୁ ଡାକିଦେବୁ ।

ମତେ ଆଉ ଡାକିବାକୁ ପଡିବନି ପୂଜା ମୁଁ ସ୍ୱୟଂ ଦଣ୍ଡାୟମାନ । ମତେ କଣ କରିବାକୁ ହେବ କୁହ । ମୁଁ ସବୁ କାମ ପାଇଁ ପ୍ରସ୍ତୁତ ।

ଆଶ୍ଚର୍ଯ୍ୟ ହୋଇ ପୂଜା ପଚାରିଲା ଆଜି ଏତେ ହସ ହସ, କାରଣ କଣ ? ଝିଅକୁ ବିଦା କରିବାର ଦୁଃଖ ଦେଖିବାକୁ ମିଳୁନାହିଁ ତ ?

କେମିତି ଆସିବ ପୂଜା ।

ମାନେ ... !!!

ISSN NO.
2582-208X

ଝିଅ ବିଦା କରି ପୂରା ବୋହୂ ଆଣିବି । ବିକାଶ ବାବୁ କହିଲେ ।

କିଛି ବୁଝିନପାରି ନିଜ କାମରେ ଉଠିଗଲା ପୂଜା ।

ଶିରିଆ ମା ଆସି ଡାକ ପକାଇଲା– ଅମନ ମମି, ଆଜି କିଏ ଆସିବକି? ଏତେ ସଜବାଜ ଚାଲିଛି ?

ଚଣ୍ଡିଖୋଲରୁ ଆମ ବୀଣାକୁ ଦେଖି ଆସୁଛନ୍ତି ମୋ ଖୁଡି, ପୂଜା କହିଲା ।

ପୁଅ କଣ କରୁଛି କି ?

ବ୍ୟାଙ୍କରେ ଅଛି । ଆମ ବୀଣା ବି ବ୍ୟାଙ୍କରେ ଚାକିରି ପାଇଯାଇଛି । ଦୁଇ ଜଣ ଗୋଟିଏ ରାସ୍ତାରେ ରହି ବୁଝାମଣା ଠିକ୍ ହବ ଭାବୁଛି ।

ସବୁ ଠାକୁରଙ୍କ ଇଚ୍ଛା ପୂଜା । ଆମେ ନିମିତ ମାତ୍ର । ବାପା ମା ଛେଉଣ୍ଡ ପିଲାଙ୍କୁ ଜଗନ୍ନାଥ ଭଲ ଜାଗାରେ ରଖନ୍ତୁ । ମୋର କେତେ କାମ ଅଛିରେ ପୂଜା । ମୁଁ ଆସୁଛି । ଦରକାର ହେଲେ ଡକାଇ ପଠେଇବୁ । ମୁଁ ଆସିଯିବି ।

ହଉ ଖୁଡୀ ତୁମେ ଯାଅ ।

ଫୋନ ବାଜି ଉଠିଲା । ଚମକି ପଡିଲା ପୂଜା । ଆସିଗଲେ କି ପୁଅ ଘର ଲୋକମାନେ । ଧାଇଁଯାଇ ଫୋନ୍ ଧରିବା ଆଗରୁ ବିକାଶବାବୁ ଫୋନ ଧରିନେଲେ ।

ହେଲୋ କିଏ କହୁଛ ? ମୁଁ ଅମନ କହୁଛି ଡାଡି ।

କେମିତି ଅଛୁରେ ବାପା ।

ଫୋନ୍ ହାତରୁ ଛଡାଇ ନେଇ ପୂଜା କହିଲା, ମୁଁ ଆଜି ତତେ ଆସିବାକୁ କହିଥିଲି । ତୋର ଏମିତି କଣ କାମ ପଡିଲା କିରେ । ବୀଣାକୁ ଦେଖିବାକୁ ଆସୁଛନ୍ତି । ତୁ କାହିଁକି ଆସିଲୁନି? ବିରକ୍ତ ହୋଇଉଠିଲା ପୂଜା । ବିକାଶ କହିଲେ, ତୁମ ପୁଅ ଗୋଟେ ବଡ ଡାକ୍ତର, କେତେ ଦାୟିତ୍ୱ ତା ହାତରେ ତୁମେ କହିଦେଲ ମାନେ ସେ ସବୁ ଛାଡି ପଳାଇ ଆସିବ କି? ପିଲାଲୋକ, ଏତେ ରାତିଲେ କଣ ହେବ? ତାର ସୁବିଧା ଅସୁବିଧା ଆମେ ଜାଣିବାନି ତ

ISSN NO.
2582-208X

ଆଉ କିଏ ଅଛି ଜାଣିବ କୁହ । ବାସ ଏତିକି କଥାରେ ପୂଜା ନରମିଗଲା । ଲୁହ ଆଖିରେ ଜକେଇ ଆସିଲା ।

ହଁରେ ଧନ, ତୁ ବ୍ୟସ୍ତ ହଅନା, ଅମନକୁ ପୂଜା କହିଲା । ଆମେ ସବୁ ସମ୍ଭାଳିଦେବୁ ।

ମମି ମୋର ବହୁତ ମନଥିଲା ଆଜି ଆସିବାକୁ ହେଲେ ଅଞ୍ଜନାର ମାମା ବେଶୀ ସିରିୟସ । ତାଙ୍କୁ ବ୍ଲଡ କେନସର୍, ସେ ମୃତ୍ୟୁର ଶେଷ ଦୁଆରେ ସଂଗ୍ରାମ କରୁଛନ୍ତି । ଯେଉଁ ଅଞ୍ଜନା ନିଜର ରକ୍ତ ଦେଇ ଆମ ଆଇକୁ ଭଲ କରିଥିଲା, ମୁଁ ତାକୁ ଏହି ଅବସ୍ଥାରେ ଛାଡି ଚାଲିଯିବାଟା କଣ ଠିକ୍ ହେବ । କୁହ ମମି ।

ନାଇଁ ନାଇଁ ପୁଅ । ଆଜି ମୁଁ ଗର୍ବ କରୁଛି ତତେ ପୁଅ ଭାବରେ ପାଇ । ଠିକ୍ ଅଛି ବାପା ତୁ ଠିକ୍ ସମୟରେ ଖାଇବୁ । ଠିକ୍ ସମୟରେ ଶୋଇବୁ । ଦେହକୁ ସବୁବେଳେ ଜଗିକି କାମ କରିବୁ । ସୁବିଧା ହେଲେ ଘରକୁ ଆସିବୁ । ତୋ କଥା ବେଶି ମନେ ପଡୁଛି ତ ।

ହଁ ମମି ମୁଁ ଆସନ୍ତା ମାର୍ଗଶିର ମାସରେ ନିଶ୍ଚୟ ଆସିବି । ସେହି ମାସକୁ ବୀଣାର ବାହାଘର ଠିକ୍ କରିଦେବ । ମୋର ବୁଲିବା ସହିତ ତା ବାହାଘର ବି ହୋଇଯିବ ।

ହଉ ଅମନ । ଏବେ ଫୋନ୍ ରଖ । ମୁଁ ଦେଖେ କିଏ କିଏ ଆସିଛନ୍ତି? ଫୋନ୍ ରଖିଦେଇ ଦାଣ୍ଡ ଦୁଆରକୁ ଆସି ଦେଖେ ତ ସାତଜଣ ବୀଣାକୁ ଦେଖିବାକୁ ଆସିଛନ୍ତି । ସେମାନଙ୍କୁ ଆଣି ଡ୍ରଇଁ ରୁମ୍ ରେ ବସାଇ ପାଣି ଗ୍ଲାସ ଆଣି ପିଇବାକୁ ଦେଲା ପୂଜା । ତାପରେ ଆଲୋଚନା ଚାଇଲା । ଝିଅ ଦେଖାଠାରୁ ଆରମ୍ଭ କରି ବାହାଘରର ସବୁ ପ୍ରକାର କାର୍ଯ୍ୟକ୍ରମ ପ୍ରସ୍ତୁତି ହୋଇଗଲା । ବୀଣା ବି ବାହାଘର ପାଇଁ ବହୁତ ଖୁସି ଲାଗୁଥିଲା ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର, ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୭୩୪୭୩୧୮

ISSN NO.
2582-208X

# ଗୀତା ଗଙ୍ଗା
# ଗାୟତ୍ରୀ ଗୋବିନ୍ଦ



ଦେବଜାନୀ ବାରିକ୍

ଗୀତ କରି ଶୁଣ ହରି କଥାମାନ ନୟନେ ତା ରୂପ ଦେଖ ।
ତାରିବାକୁ ଭବ ସାଗର ମାଧବ ନାମ ପାବନ ପ୍ରତ୍ୟକ୍ଷ ।୧।
ଗଙ୍ଗା ଯାର ପଦ ନଖ କୋଣୁ ପରା ଉଦ୍ଭବ ହୋଇଣ ଅଛି ।
ଗାଅ ହରିନାମ ହୋଇଣ ପ୍ରସନ୍ନ କୃପା କରିବେ ଶ୍ରୀବସ୍ତି ।୨।
ଚଞ୍ଚଳା ଯାହାର ପରିଚାରୀ ହୋଇ ପଦ କରନ୍ତି ସେବନ ।
ଗାଭୀ ବତ୍ସା ନେଇ ବନସ୍ତେ କହ୍ନାଇ କରୁଥାଇ ଗୋ ଚାରଣ ।୩।
ଯମୁନା କୂଳରେ କଦମ୍ବ ମୂଳରେ ବିଜୟ କଳା ମାଧବ ।
ତ୍ରୀଭୁବନ ସ୍ୱାମୀ ପ୍ରଭୁ ଅନ୍ତର୍ଯ୍ୟାମୀ ସର୍ବ ଦେବଙ୍କର ଦେବ ।୪।
ଗୋରଜ ଧୂଳିଆ ସେ ବନମାଳିଆ ଶ୍ରୀକୃଷ୍ଣ କାଳି ଦଳିଆ ।
ବିଂଶ ବାହୁ ମରା ସେ ଓଦଣ୍ଡ ଧରା ତ୍ରେତାରେ ସୀତାର ସିଆ ।୫।
ଦେବଙ୍କର ଦେବ ପ୍ରଭୁ ବାସୁଦେବ ନୀଳ କନ୍ଦର ସୁନ୍ଦର ।
ତିନିଲୋକ ଅଧିପତି ଯଦୁପତି ଦ୍ୱାପରେ ରଙ୍ଗାବତାର ।୬।
ହୃଦ ଚନ୍ଦନ ଭକ୍ତର ଦାମୋଦର ନୀଳମଣି ଚକ୍ରପାଣି ।
ଦିବସ ନିଶଭଜ ସେ କଳା ଶଶୀ ଦୟାମୟ ବେଣୁପାଣି ।୭।
ସ୍ଥିତ ହୃଦଦେଶେ ସର୍ବ ଜୀବଙ୍କର ଶ୍ରୀକୃଷ୍ଣ ନନ୍ଦଆନନ୍ଦ ।
ତେଜ ପୁଞ୍ଜ ତାର ମୋହଇ ସଂସାର ସେ ଶ୍ରୀହରି ଆଦିକନ୍ଦ ।୮।

ISSN NO.
2582-208X


ଚରଣ ଚାପନ୍ତି କମଳା ଯାହାର ଚିତ୍ତରେ ହୋଇ ହରଷ ।
ତୁଲ ତା କେ ହେବ ସେ ନୀଳମାଧବ ନରହରି ପୀତବାସ ।୯।
ର୍ଗବ ଲେଉଟାଇ ଦେଲେ ହୁଏ ବର୍ଗ ଚତୁଃର୍ବର୍ଗ ଯା ବିଧାନ ।
କାରଣ କରଣ ମୁରାରୀ ମୋହନ ଶ୍ରୀଧର ନନ୍ଦନନ୍ଦନ ।୧୦।
ରଙ୍ଗ ଷୋଳକଳା ଘେନି ନନ୍ଦବଳା ବିଜୟ ନୀଳକନ୍ଦର ।
ସଂସର୍ଗେ ପରଶ ମଣିର ଆସିଲେ ଜୀବ ହୁଅଇ ଉଦ୍ଧାର ।୧୧।
ଯୁଗେ ଯୁଗେ ହରି ଭବେ ଅବତରି ଉଦ୍ଧରନ୍ତି ଭକ୍ତ ବୃନ୍ଦ ।
କ୍ତେନ ବକ୍ତବ୍ୟ ଅଟଇ ସେ ଗୋବିନ୍ଦ ପରମାନନ୍ଦ ମୁକୁନ୍ଦ ।୧୨।
ପୁରୁଷ ପୁରାଣ ଦେବ ନାରାୟଣ କମ୍ବୁ କଟକ ସମ୍ରାଟ ।
ନଟ ନାଗର ଶ୍ରୀଧର ରମାବର ଦାମୋଦର ନନ୍ଦଚାଟ ।୧୩।
ଜନାର୍ଦ୍ଦନ ଶ୍ରୀରାଧାମୋହନ କୃଷ୍ଣ କେହବ ପୁଣ୍ଡରୀକାକ୍ଷ ।
ମରଣ ଜନମ ଯାହାର ଭିଆଣ ଶ୍ରୀହରି କଳା ଶ୍ରୀମୁଖ ।୧୪।
ନବ ଜଳଧର ରୂପ ବିଶ୍ୱବାପ ଶ୍ରୀକୃଷ୍ଣ କୃପାସାଗର ।
ବିଶ୍ୱ ବିହାରୀ ଶ୍ରୀହରି ଦନୁଜାରୀ ନଟରାଟ ରାଧାବର ।୧୫।
ଦ୍ୟୈତ ସେ ଅଦ୍ୱୈତ କୃଷ୍ଣ ରାଧାକାନ୍ତ ନୀଳମଣି ନନ୍ଦସୁତ ।
ତେର ଯାତରା ବାର ମାସେ ଯାହାର ଶ୍ରୀଧର କମଳାକାନ୍ତ ।୧୬।

ମଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ନୀଳ କଇଁ



କାଳପ୍ରସାଦ ମହାପାତ୍ର

ବରଷାର ସାଥୀ
ତୁମେ ନୀଳ କଇଁ
ଆକାଶର ରଂଗ
ଅଛ ତୁମେ ଧରି ।।

ପ୍ରସ୍ଫୁଟିତ ନୀଳ
ସରୋବର ଜଳେ
ଅଂଗ ତୁମ୍ଭ
ଢାଳିଦିଅ ପାଦତଳେ ।।

ନୀଳନୟନାର
ନୀଳ ଶାଢୀ ଧାଇ
ନୀଳ କଇଁ ନୀଳ
ପାଖୁଡାର ଧାଇ ।।

ଶଶି ତୁମ ମୁଖ
ଦରଶନ ସୁଖ

ISSN NO.
2582-208X

ପାଇବାର କ୍ଷଣ
                ଅନାଇ ସୁମୁଖ। ।

ରାତିର ରାଣୀ ତୁମେ
                ସରସୀ ନୀରେ
ସ୍ୱପ୍ନର  ମହଲ
                ପରୀ ରାଇଜରେ।।

ନୀଳ ବର୍ଣ୍ଣ ଶୁଭ୍ର
                ନୀଳ କଇଁଟିଏ
ମନ ମୋର ତାର
                ପାଶେ ଟାଣିନିଏ।।

ଦେବତାର ଯୋଗ୍ୟ
                ତୁମେ ନୀଳକଇଁ
ଜନ୍ମ ତୁମ ସୁଖ
                ବାଣ୍ଟିବାର ପାଇଁ।।

ଶିକ୍ଷକ, ବନ୍ଧୁଗାଁ,
କୋରାପୁଟ

ISSN NO.
2582-208X

# ଶରତକାଳ



ପ୍ରଶାନ୍ତ କୁମାର ଦାଶ

ଶରତଋତୁର ସଂଗୀତଗାଇ
କଇଁ କାଶତଣ୍ଡୀ ହସିବେ ଥାଇ

ଭାସିବ ବଉଦ ଆକାଶେ ଧଳା
ରହିବନି ଆଉ ବରଷା କଳା

ପଳେଇଲା ଝାଂଜି ଡହକ ଖରା
ସରସ ସୁନ୍ଦର ଦିଶୁଚି ଧରା

ନଈର ଥିଇରି ସୂଅକୁ କାଟି
ନାଉରିର ନାଆ ଯାଏରେ ଛୁଟି

ବିଜୁଳି ବତାସ ବରଷା ଝଡି
ବାହୁଡ଼ି ଗଲେଣି ଧରଣୀ ଛାଡି

ଭୋଦ୍ରଅ ଅଶିଣ ଶରତକାଳ
ଦୋରସା ମାଟିତ ହୁଅଇ ଫାଳ ॥

ମାଟିରେ ଫସଲ ଉଠଇ ହସି
ଗୀତ ଗାଏ ଚଷା କ୍ଷେତରେ ପଶି

ହେବ ଦେବୀଯାତ ମଉଜ ମଜା
ଢାଉଁ ଢାଉଁ କରି ବାଇଦ ବଜା

ମାଆ ପୂଜା ପାଇ ଆଶିଷ ଦେବେ
ସବୁ ଦୁଃଖ ଶୋକ ଧରାରୁ ନେବେ

ଶରତ ଋତୁଟି ସବୁଠୁ ଭଲ
ବଗ ଉଡିଯାନ୍ତି ପଲକୁ ପଲ

ଝାଡ ଗେଣ୍ଡାଳିଆ ଗଛରେ ପର
ଅପା ଫେରିଯାଏ ତା ଶାଶୁଘର ॥

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ଆସ ଏ ଧରା ଧାମକୁ

ସୁହାସିନୀ ବାରିକ୍

ଆସ ଏ ଧରା ଧାମକୁ ଅବତରି ଶାକମ୍ବରୀ ।
ଆନନ୍ଦ ଦାୟିନୀ ମାତ ଶିବା ଭବାନୀ ଗଉରୀ ।୧ ।
ଆର୍ତ୍ତୀ ଆର୍ତ୍ତହାରୀ ମାତ ଜଗଦାତ୍ରୀ ଗୋସାମଣି ।
ଆଗତ ଗତ ତୁ ଏକା ବର୍ତ୍ତମାନ କାତ୍ୟାୟିନୀ ।୨ ।
ଆଲୋକର ଜ୍ୟୋତି ତୁହି ଅନ୍ଧାର ପାରୁ ହଟାଇ ।
ଆଚରଣେ ଉଚାରଣେ ସୁମାତା ତୁ ମହାମାୟୀ ।୩ ।
ଆପ କ୍ଷିତି ତେଜ ତୁହି ମରୁତ ବ୍ୟୋମ ବୋଲାଇ ।
ଆପଦ ହାରିଣୀ ମାତ ସନ୍ତାନ ବତ୍ସଳା ତୁହି ।୪ ।
ଆଦରଣୀୟା ତୁ ଗୌରୀ ଦେବ ପକ୍ଷ ନର ପାଇଁ ।
ଦାସୁରୀ ଦର୍ପ ନାଶିଲୁ ଚଣ୍ଡ ମୁଣ୍ଡ ମନ ମୋହି ।୫ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ମୋଡ ଭୁଲିଲି

ମୁଁ ନିଜକୁ ନିଜେ ଆଶ୍ଚର୍ଯ୍ୟ ଯେ ଏ ବୟସରେ ସବୁଦିନ କେମିତି ପଚାଶ କିଲୋମିଟର ଗାଡି ଚଳାଇ ବସନ୍ତ କୁଂଜରୁ ଶାରଦା ୟୁନିଭରସିଟି ଯାଇ ପୁଣି ଫେରିଥାଏ । ୟୁନିଭରସିଟିର ପରିଚାଳକ ବହୁବାର ମୋତେ କ୍ୟାମ୍ପସରେ ରହିବାପାଇଁ ଅନୁରୋଧ କରିଥିଲେ ମଧ୍ୟ ଘରର ମମତା ମୁଁ ଛାଡିପାରି ନଥାଏ, ଉତ୍ତର ଦେଇଥାଏ "ବାସ ଆଉ ମାସ କେଇଟା" ପୋଷ୍ଟ ଗ୍ରାଜୁଏଟ କ୍ରୋସ ପାଇଁ ରେକଗ୍ନିସନ ମିଳିଗଲେ ମୋର ଛୁଟି ।

ଦିଲ୍ଲୀ ଟ୍ରାଫିକକୁ ଦୂରରେ ରଖିବା ପାଇଁ ମୁଁ ସାତଟା ବାଜି କୋଡିଏ ମିନିଟରୁ ବାହାରିଯାଏ, କଲେଜ ପହଞ୍ଚିବାକୁ ଘଣ୍ଟାଏ ପନ୍ଦର ମିନିଟ ଲାଗିଥାଏ, ତେଣୁ କ୍ଲାସ ନେବାରେ ଅସୁବିଧା ହୁଏନା । ପ୍ରାୟ ଦଶମାସ ହେବ ଏଇ ରୁଟିନ୍ ଚାଲି ଆସୁଥିଲା । କାଳିନ୍ଦୀ କୁଂଜ ନେଇ ହାଇୱେରେ ପହଞ୍ଚିବା ବେଳକୁ ଆଠଟା ବାଜିଥାଏ, ତାପରେ ପୁଣି ତିରିଶ କିଲୋମିଟର ଡ୍ରାଇଭ୍ । ହାଇୱେରେ ଡ୍ରାଇଭିଂ ପ୍ରତିଯୋଗିତା ଚାଲିଥିବା ଭଳି ମନେହୁଏ । ଶହେରୁ ଦୁଇଶହ କିଲୋମିଟର ସ୍ପିଡ ମନେହୁଏ, ପ୍ରାୟତଃ ଶହେ କିଲୋମିଟରରୁ କେହି କମ୍ ନଥାନ୍ତି। ଚାରି ଲାଇନ୍ ରାସ୍ତା ମୁଁ ମଝିର ବାଁ ଲେନ୍‌ରେ ଥାଏ । ମୋ ଗାଡିର ଗତିସୀମା ଷାଠିଏରୁ ସତୁରି କିଲୋମିଟର । ପଛରୁ ବହୁ ସମୟରେ ହର୍ଣ୍ଣ ଶୁଣିବାକୁ ହୋଇଥାଏ, ହେଲେ ମୁଁ ସଂପୂର୍ଣ୍ଣ ସ୍ଥିତପ୍ରଜ୍ଞ । ଲେନ୍ ବଦଳାଇବା ମୋର ନୀତି ବିରୁଦ୍ଧ । ସତ କହିବାକୁ ଗଲେ ହାଇୱେ ଡ୍ରାଇଭ ମୁଁ ଏଞ୍ଜୟ କରେ ।

ISSN NO.
2582-208X

ଆଉଟର ରିଙ୍ଗ ରୋଡରୁ ସରିତା ବିହାର ପହଞ୍ଚି କାଳିନ୍ଦୀ ଫ୍ଲଜ କ୍ରସ କରିବାକୁ ହୁଏ । ସରିତା ବିହାରରେ ପହଞ୍ଚାଇବା ପାଇଁ ଗୋଟିଏ ବଡ ଫ୍ଲାଇ ଓଭର ଅତିକ୍ରମ କରିବାକୁ ହୁଏ । ମୁଁ ପୁରା ଘୋଷି ରଖି ଥିଲି ପ୍ରଥମ ବାମ ରାସ୍ତାଟିକୁ ଛାଡି ଦ୍ୱିତୀୟଟି ମୋ ରାସ୍ତା ପାଇଁ ଉଦ୍ଦିଷ୍ଟ ।

ସବୁଦିନ ଭଳି ସେଦିନ ମଧ୍ୟ ନିର୍ଦ୍ଧାରିତ ସମୟରେ ଘରୁ ବାହାରିଥିଲି । କେମିତି କେଜାଣି ଦ୍ୱିତୀୟ ଗାଡିଟି ଛାଡି ଦେଇ ସିଧା ଚାଲିଗଲା । ଯାହା ଅନୁଭବ କରିପାରିଥିଲେ ମଧ୍ୟ ନିରୁପାୟ ଥିଲି । ବହୁଆଗକୁ ଯିବାପରେ ଗୋଟିଏ ରାସ୍ତା ବାଁ ଆଡକୁ ଏବଂ ଅନ୍ୟଟି ଇଉ୍ ଟର୍ଣ୍ଣ ପାଇଁ, ମୁଣ୍ଡ କେଇ ଖାଇଲା, ଏ ରାସ୍ତାଗୁଡିକ ସହିତ ମୁଁ ଆଦୌ ପରିଚିତ ନୁହେଁ । ନିଜେ ନିଜେ ଧିକ୍ କରିବା ଆରମ୍ଭ କଲି । ରାସ୍ତାରେ ଗାଡି ଚଳାଉଛି ଯେତେବେଳେ ସବୁ ରାସ୍ତା ସଂଗେ ପରିଚିତ ହେବା ଉଚିତ୍ । କେବେ କେହି ଏକ ଡ୍ରାଇଭରର ମତାମତ ମନକୁ ଆସିଲା । ଆପଣ ଗାଡି ଚଳାଇବାରେ ବୀକ୍ଷେଣ ମାତ୍ର ନୂଆ ରାସ୍ତା ଜାଣିବାରେ ଚେଷ୍ଟା କରନ୍ତି ନି । କେତେବେଳେ ବି ଦରକାର ପଡିପାରେ । ଆମେରିକା ଭଳି ଭାରତରେ ମଧ୍ୟ ମ୍ୟାପ୍ ଦେଖି ଗାଡି ଚଳାଇବା ଆରମ୍ଭ ହୋଇଗଲାଣି, ତାହା ମଧ୍ୟ ମୁଁ କରିନି । ବର୍ତ୍ତମାନ କ'ଣ କରାଯାଇପାରେ । ଇଉ ଟର୍ଣ୍ଣ ନେଇ ପୁରୁଣା ରାସ୍ତାକୁ ଆସିଲେ ନିଜ ଗନ୍ତବ୍ୟ ସ୍ଥଳ ପାଇଁ ଯିବାର ସୁବିଧା ହେବ । ଏଇ ଆଗ ପଛ ପଦ୍ଧତିରେ ମୋର ପ୍ରାୟ ଅଧଘଣ୍ଟାରୁ ଚାଳିଶ ମିନିଟ ନଷ୍ଟ ହୋଇଗଲା, ସେ ଯାହାହେଉ ମୁଁ ଠିକ୍ ରାସ୍ତା ଧରିଛି ବୋଲି ଖୁସି । ଗାଡିଚଳାଇବା ସମୟରେ ମୋର ଆଉ ଗୋଟିଏ ବଦ୍‌ଗୁଣ ଅଛି ତା ହେଲା, ଫୋନ୍ ନ ଉଠାଇବା, କାଳିନ୍ଦୀ କୁଂଜ କ୍ରସ କରି ଦିଲ୍ଲୀ ଛାଡିଲି । ତାପରେ ଦାଦାରୀ ରାସ୍ତା ଧରି ଗ୍ରେଟର ନଇବା ପାଇଁ ବାଁକୁ ଯିବାକୁ ହେବ । ପୁଣିଥରେ ଫୋନ୍‌ଟା କେଁ କେଁ କଲା । ବିରକ୍ତ ହୋଇ ତା ଉପରେ ଲାପ୍‌ଟପ୍ ବ୍ୟାଗଟିକୁ ଲଦିଦେଲି । ହାଇୱେରେ ପ୍ରାୟ ଦୁଇ ତିନି କିଲୋମିଟର ଯିବା ପରେ ଦେଖିଲି ସାମ୍ନାରେ ଜାମ ଲାଗିଛି । ଏତେ ମାସ ଭିତରେ ପ୍ରଥମ କରି ଜାମ୍ ଦେଖିଲି । ପୁଣିଥରେ ଆଗକୁ ଚାହିଁଲି । ମାଳ ମାଳ ପୋଲିସ ଗାଡି, ଗାଡି ଧିରେ କରି ଜଣେ ପୋଲିସକୁ କାରଣ ପଚାରିଲିମେଜର ଆକସିଡେଣ୍ଟ, ତେବେ ମୁଁ କ'ଣ କରିବି?

କେଉଁଠାକୁ ଯିବେ?

ଶାରଦା ୟୁନିଭରସିଟି ।

ISSN NO.
2582-208X

ଗାଡି ବାଁକୁ ବୁଲାଇ ସାଇଡ୍ ଲେନ୍ ଧରନ୍ତୁ ତାପରେ ସିଧା । ଆକସିଡେଣ୍ଟ ପାଇଁ ଆଠ ଦଶ କିଲୋମିଟର ଲେନ୍ ବନ୍ଦ ଅଛି । ସାଇଡ୍ ଲେନ୍‌ରେ ଯାଉ ଦଶ କି.ମି. ବାଦ ଛାଁ କୁ ଛାଁ ମେନ୍‌ରୋଡ ଆସିଯିବ । ଆଉକିଛି ପଚାରିବା ପୂର୍ବରୁ ଅନ୍ୟଜଣେ ପୋଲିସ୍ ଆରମ୍ଭ କଲା "ଆଗେ ବଢିଯେ ମାଡମ୍, ଆଗେ" କିଛି ନ କହି ପ୍ରଥମ ପୋଲିସଟି କହିବା ମୁତାବକ ରାସ୍ତା ଧରିଲି । ସେତେବେଳେ ମୋର ବ୍ଲଡ ପ୍ରେସର ନିଶ୍ଚିତ ଭାବରେ ଦୁଇଶହରୁ ଉର୍ଦ୍ଧ ଥିବ । ମିଟର ଉପରେ ଆଖି ରଖି ରଖି ଗାଡି ଚଳାଉଥିଲି । ସତକୁ ସତ ଠିକ୍ ଦଶ କିଲୋମିଟର ଚାଲିବା ପରେ ମେନ୍‌ରୋଡ ଆସିଗଲା । ଅଫିସରେ ପହଞ୍ଚି ଫୋନ ଚେକ୍ କରିବା ମୋର ନିତିଦିନିଆ କାମ । ଅଠେଇଶଟି ମିସଡକଲ ।ଏକୋଇଶଟି ପୁଅଠାରୁ, ଆଉ ସାତଟି ଦିଲ୍ଲୀର ସାତଟି ରୋଗୀମାନଙ୍କଠାରୁ କିମ୍ବା ତାଙ୍କର କୌଣସି ସ୍ୱଜନ ମାନଙ୍କଠାରୁ ଯେଉଁମାନଙ୍କର ସେଦିନ ପରୀକ୍ଷା ପାଇଁ ଡକା ଯାଇଥିଲା, ଏକୋଇଶଟା କଲ୍! ଆଜିକାଲି ପିଲାମାନଙ୍କର ଫୋନ କରିବା ଗୋଟାଏ ନିତିଦିନିଆ ରୁଟିନ୍ ହୋଇଗଲାଣି । ଫୋନ୍ କରି ସେ କିଛି କହିବା ପୂର୍ବରୁ କହିଲି "ସେଞ୍ଚୁରୀ ପୁରା କରି ଦେଲୁ ନି!" ଅଟକି ଗଲୁ କାହିଁକି?

ଆଚ୍ଛା ତୁମେ ଏ ଦୁନିଆରେ ଅଛ!

ଆଉ କୋଉଠି ଥାଆନ୍ତି?

ଯମୁନା ଏକ୍ସପ୍ରେସ୍ ଓ୍ୱେରେ ଆଠଟା ବାଜି ପାଞ୍ଚ ମିନିଟରେ ମେଜର ଆକ୍ସିଡେଣ୍ଟ ତୁମେ ତ ସେତିକିବେଳେ ଏକ୍ସପ୍ରେସ୍ ଓ୍ୱେରେ ଥାଅ । ଟିଭିରେ ଲାଇଫ୍ ଦେଖାଉଥିଲା । ସାତ ଜଣଙ୍କର ସ୍ପଟ ଡେଥ୍ । ଦୁର୍ଘଟଣା ଜନିତ ଗାଡିଗୁଡିକ ମଧ୍ୟ ଦେଖାଯାଉଥିଲା । ଭିଡ ଭିତରେ ତୁମ ଗାଡିଟା ଦେଖିପାରିଲିନି । ତେଣୁ ଜାଣିନେଲି ତୁମେ ଠିକ୍ ଠାକ୍ ଅଛ । ମାତ୍ର ଫୋନ୍ ନଉଠାଇବାରୁ ପୁଣି ମୋର ଚିନ୍ତା ବଢିଗଲା ।

"ଗାଡି ଚଲାଇବା ସମୟରେ ଫୋନ୍ ଉଠାଇବନି, ଏସବୁ ନୀତି ତ୍ୟାଗ କର ।"

ତୁ ଏବେ ପିଲାଅଛୁ, ମୋ ବୟସକୁ ଆସିଲେ ତାର ତାତ୍ପର୍ଯ୍ୟ ବୁଝିବୁ ।

ଓପିଡି ରୁମ୍‌ରେ ବସି ଚିନ୍ତା କରୁଥିଲି ହୁଏ ତ ମତେ ଦୁର୍ଘଟଣାର ସମ୍ମୁଖୀନ ନକରିବାକୁ କେଉଁ ଏକା ଅଜଣା ଶକ୍ତି ମତେ ବାଟ ଭୁଲାଇ ଥିଲା ।

ISSN NO.
2582-208X

## ଅବସର ପରର ଜୀବନ:

ଚାକିରୀରୁ ଅବ୍ୟାହତ ନେବାର ଅଳ୍ପ କେଇଦିନ ପୂର୍ବରୁ ମତେ ଭୁବନେଶ୍ୱରରେ ଗଢି ଉଠିଥିବା **AIIMS** ରେ ଜଏନ୍ କରିବା ପାଇଁ ଅଫର୍ ଆସିଥିଲା । କିନ୍ତୁ ବହୁ କାରଣରୁ ମୁଁ ଉପେକ୍ଷା କରିଥିଲି । ତେଣୁ ଅବ୍ୟାହିତ ପରେ ଦିଲ୍ଲୀରେ ରହି **Chair Person to Expert Advisory Committee New Six AIIMS** ରୂପେ କାମ କରିବାପାଇଁ **Govt.** ତରଫରୁ ନିଷ୍ପତ୍ତି ଥିଲା ।

**AIIMS** ର ଚାକିରୀ ସମୟ ନିଶ୍ଚୟ କାର୍ଯ୍ୟ ବହୁଳ । ଆର୍.ପି. ସେଣ୍ଟରର ଚକ୍ଷୁ ବିଭାଗ ବିଶ୍ୱ ପ୍ରସିଦ୍ଧ । ଏଥିରେ ଛଅଟି ୟୁନିଟ କ୍ଲିନିକାଲ କର୍ଣ୍ଣିଆ, ଲେନସ୍ ଏବଂ ଗ୍ଲୁକୋମାର ୟୁନିଟର ମୁଖ୍ୟ ଅଧ୍ୟାପକ ହିସାବରେ ଶିକ୍ଷା, ଶକ୍ଷକତା, ଗବେଷଣା ଓ ସର୍ବୋପରି ରୋଗୀ ପରୀକ୍ଷା । ଶଲ୍ୟଚିକିତ୍ସା ଓ ନେତ୍ରଦାନ ପଦ୍ଧତିରେ ଉଦ୍‌ବୋଧନ ମୋର ଚାକିରୀ ଜୀବନକୁ କେବଳ କର୍ମବହୁଳ ନୁହେଁ, ଉଦୀୟମାନ ମଧ୍ୟ କରିଥିଲା । ଏ ସବୁ ବାହାରେ ଶାସନଗତ ଦାୟିତ୍ୱରେ କାର୍ଯ୍ୟବହୁଳତା ଜୀବନର ଅନ୍ୟ ଏକ ଧାର ଥିଲା । ଏଇ ସବୁ ସମ୍ବନ୍ଧରେ ବିଭିନ୍ନ ଦେଶ ବିଦେଶ ଭ୍ରମଣ ମୋ ପାଇଁ ଅବିସ୍ମରଣୀୟ । ଏସବୁ ଦାୟିତ୍ୱ ଲାଘବ ହେବାପରେ ମୋର ଅମୂଲ୍ୟ ସମୟଗୁଡାକୁ ନଷ୍ଟ କରିଦେବାକୁ ଚାହିଁ ନ ଥିଲି, କ୍ରମେ ବହୁ କିଛି ନୂତନ ଧରଣର କାର୍ଯ୍ୟ ମୋତେ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ନିୟୋଜିତ କରି ଦେଇଥିଲା । ଅବ୍ୟାହିତିର ବହୁ ପୂର୍ବରୁ ମୋର ପିଲାଦିନର ଲେଖିବା ତୃଷ୍ଣାକୁ ମୁଁ ବାହାରକୁ ଆଣି ଦେବାର ପ୍ରଚେଷ୍ଟା କରିଥିଲି, ହେଲେ ବହୁ ବର୍ଷର ଜୀବିକାକୁ ଛାଡି ପାରୁ ନଥିଲି, ସେଥିପାଇଁ ଦିଲ୍ଲୀ ଉତ୍ତର ଭାଗରେ ଏକ ନୂଆ ମେଡିକାଲ କଲେଜର ଗଠନରେ ନିଜକୁ ନିୟୋଜିତ କରିଦେଇଥିଲି । ଏହାଦ୍ୱାରା କେବଳ ଡାକ୍ତରୀ ପଢିବାକୁ ଇଚ୍ଛା ପ୍ରକାଶ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁ ଚାକିରୀ ମିଳିଯାଇଥିଲା ତା ନୁହେଁ ଏଥିରେ ନିଜକୁ ବହୁ ଆତ୍ମତୃପ୍ତି ଲାଭ ହେଉଥିଲା । କଲେଜଟି ସଂପୂର୍ଣ୍ଣ ଭାବେ ଚାଲୁ ହୋଇଯିବା ପରେ ମୁଁ ସେଠାରୁ ଅବ୍ୟାହତି ନେଇଥିଲି । ହେଲେ ମାତ୍ର ଦିନଟିଏ ବି ଘରେ ବସିବାର ସୁଯୋଗ ଆସିନଥିଲା । ଉତ୍ତରପ୍ରଦେଶର ଗ୍ରେଟର ନୋଇଡା ସ୍ଥିତ ମେଡିକାଲଟି ଏକ ଦଶନ୍ଧିରୁ ଅଧିକ ହୋଇଥିଲେ ମଧ୍ୟ ସେଠାରେ ଅପ୍‌ଥାଲ୍‌ମିକ ଶଲ୍ୟ ଚିକିତ୍ସା ଏବଂ ପୋଷ୍ଟ ଗ୍ରାଜୁଏସନ୍ କୋର୍ସ ଆରମ୍ଭ ହୋଇନଥିଲା । ତେଣୁ ସେଠାରୁ ଆବାହନ ଆସିଥିଲା । ସେଠାରୁ ଅବ୍ୟାହତି ନେବା ପରେ ଆଉ ଅନ୍ୟ କେଉଁଠାରେ ପୂର୍ଣ୍ଣ ଭାବରେ ରହିବାକୁ ପସନ୍ଦ କରିନଥିଲି ।

ISSN NO.
2582-208X

ହେଲେ ସମାଜସେବା ମନୋବୃତ୍ତି ରଖିଥିବା ସଜ୍ଜନ ବୃନ୍ଦମାନଙ୍କ ଦ୍ୱାରା ପରୋପକାରୀ ଏବଂ ଧର୍ମାର୍ଥ ସଂଗଠନ ମାନଙ୍କରେ ମତେ ନିଯୁକ୍ତ କରି ଦେଇଥିଲେ । ଅନ୍ୟସବୁ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ନିଜ ପେଶାପାଇଁ ଦିନର ଦୁଇଘଣ୍ଟା ସମୟ ମତେ ଆତ୍ମତୃପ୍ତି ପ୍ରଦାନ କରୁଥିଲା । ମାତ୍ର ମଝିରେ ମଝିରେ ମନକୁ ଆସୁଥିଲା ଭୁବନେଶ୍ୱର ଏମସ୍ କୁ ଯିବାପାଇଁ ପ୍ରତ୍ୟାଖ୍ୟାନ କରି ମୁଁ ମସ୍ତ ବଡ ଭୁଲ୍ କରିଛି । କାହିଁକି ନା ଓଡିଶା ଛାଡି ଯିବା ସମୟରେ ମୁଁ ମନକୁ ଆଣିଥିଲି, କେବଳ ଉଚ୍ଚଶିକ୍ଷା ନୁହେଁ, ଜୀବନବ୍ୟାପୀ ବୃତ୍ତି ପାଇଁ ଓଡିଶା ବାହାରେ ରହିଲେ ମଧ୍ୟ ଦିନେ ନା ଦିନେ ଜନ୍ମମାଟିକୁ ଫେରି ଆସି ଓଡିଶା ପାଇଁ କିଛି କରିବି ।

## ଏ ଆଇ ଓ ଏସ୍ ମୁଖ୍ୟ କାର୍ଯ୍ୟାଳୟ :

ଯେଉଁ ବିଜ୍ଞାନ ବିଷୟରେ ବର୍ଷକୁ ଅତି କମ୍‌ରେ ଦଶଟି ପେପର ପବ୍ଲିକେସନ ନ୍ୟସ୍‌ନାଲ୍ ଏବଂ ଇଣ୍ଟର ନ୍ୟାସନାଲ ଜର୍ନାଲ୍‌ରେ ହେଉଥିଲା । ଅବସର ପରେ ସବୁ ପରିମାଣରେ କମ କରି ଦେଇଥିଲି । ମାତ୍ର ଚାକିରୀ ସମୟର ପ୍ରକାଶକ ମାନେ ମୋ ବହି ଲେଖାର ଯବନିକା ପତନ କରିବାକୁ ଦେଇ ନ ଥିଲେ । ଠିକ୍ ସେହିପରି ଦେଶ ବିଦେଶର ବୈଜ୍ଞାନିକ ସଂସ୍ଥାମାନଙ୍କର ସମ୍ମାନପୂର୍ଣ୍ଣ ଆମନ୍ତ୍ରଣ ପୂର୍ବ ପରି ଚାଲୁ ରହିଥିଲା । ତାହା ବ୍ୟତୀତ ସମ୍ବର୍ଦ୍ଧନା ମଧ୍ୟ ଚାଲୁ ରହିଥିଲା । ୨୦୧୧ ରେ ମୁଁ ଅଖିଳ ଭାରତୀୟ ନେତ୍ର ସଂସ୍ଥାର ସହ ସଭାପତି ରୂପେ ନିର୍ବାଚିତ ହୋଇଥିଲି । ତା ପରେ ୨ ମୋର ଦେଶ ବିଦେଶର ଡାକରା ବହୁ ବୃଦ୍ଧି ପାଇବା ସଂଗେ ସଂଗେ ନିଜ ସଂସ୍ଥା ପାଇଁ ଶାସକ ଜନିତ କାର୍ଯ୍ୟର ସୀମା ନ ଥିଲା । ସେତେବେଳେ ଆମ ସଂସ୍ଥାର କୌଣସି ସ୍ୱତନ୍ତ୍ର ବିଲଡିଂ ନ ଥିଲା । ସଂସ୍ଥାର ସେକ୍ରେଟେରୀ ଦିଲ୍ଲୀରୁ ବଛା ଯାଇଛନ୍ତି । ତେଣୁ ରା.ପି ସେଣ୍ଟରର ଗୋଟିଏ ରୁମ୍ ଅଧିକାର କରିବାରୁ ଅଫିସ କାମ ଜନିତ ମିଟିଂ ଗୁଡିକ ସୁରୁଖୁରିରେ ହୋଇ ପାରୁଥିଲା । ହେଲେ ସମସ୍ତଙ୍କର ଇଚ୍ଛା ଥାଏ ଏବର୍ଷ ଯଦି ଆମେ ସଂସ୍ଥା ପାଇଁ ଏକ ସ୍ୱତନ୍ତ୍ର ବିଲଡିଂ ଗଡି ପାରନ୍ତେ! ବର୍ଷ ପରେ ବର୍ଷ ଗଡି ଯାଉଥିଲେ ମଧ୍ୟ ଇଚ୍ଛା କାର୍ଯ୍ୟକାରୀ ହୋଇ ପାରୁ ନ ଥିଲା। ପ୍ରାୟ ସମସ୍ତ ମାନଙ୍କରେ ଏଇ ବିଷୟରେ ଆଲୋଚନା ହୁଏ । ୨୦୧୨ରେ ଡଃ ରାଜୁ ସଂସ୍ଥାର ଅଧ୍ୟକ୍ଷ ଥିଲେ । ସଭାରେ ଜରେ କେହି ବ୍ୟଙ୍ଗ କରି କହିଲେ "ତୁମର ଅଧ୍ୟକ୍ଷତା ସମୟ ଶେଷ ହେଉଛି । କେଉଁଠାରେ ତୁମର ନିଜ ବିଲଡିଂ ଛିଡା କରାଉଛ? ଏମିତି ଅସମଚୀନ ଆଲୋଚନା ସଭାରେ ନୀତି ବିରୁଦ୍ଧ କହି ଡାଃ ରାଜୁ ସମସ୍ତଙ୍କୁ ଚୁପ୍ କରାଇଲେ। ଅନ୍ୟ ଜଣେ ସ୍ୱର ଉତ୍ତୋଳନ କରିଥିଲେ । ଠିକ୍ ଅଛି, ତୁମ ସଭାପତିତ୍ୱ

ISSN NO.
2582-208X

ସମୟରେ ତୁମେ ଏ.ଆଇ.ଓ.ଏସ୍ ବିଲଡିଂ କରି ଦେଖାଇ ଦିଅ, ତା ପର ଠାରୁ ଦେଖାଗଲା ସମସ୍ତ ମିଟିଂରେ ବିଲଡିଂ ବିଷୟରେ ଆଲୋଚନା ହେଲା ।

୨୦୧୨ ଡିସେମ୍ବର ଦୁଇ ତାରିଖ ସମସ୍ତଙ୍କର ସ୍ୱପ୍ନ ସାକାର କରିବାକୁ ଯାଇ ଭୂମି ପୂଜନ ପର୍ବ ସଂପୂର୍ଣ୍ଣ ହେଲା । ମଣିଷ ଜାତିର ମସ୍ତିଷ୍କ ହୁଏତ ବ୍ୟଙ୍ଗାଲୋଚନା କରିବା ପାଇଁ ଉତ୍କୃଷ୍ଟ। ପୁଣି ଜଣେ ମତ ପ୍ରଦାନ କରିଥିଲେ ତୁମ ସୁପରମ୍ୟାନ ହେବାକୁ ପଡିବ ରାଜୁ । ତୁମର ଅଧ୍ୟକ୍ଷତା ସମୟ ମାତ୍ର ଚାରିମାସ ବାକୀ ଅଛି ।

କାହିଁକି? ବଲ୍ ରୋଲ୍ ହେବା ଆରମ୍ଭ ହୋଇଛି । ମୋ ସକ୍‌ସେସର ପୂର୍ଣ୍ଣ କରିବେ । ମୋ ଆଡକୁ ଚାହିଁ ସମସ୍ତେ ହୋ ହୋ ହୋଇ ହସିଲେ । ୨୦୧୩ ରେ ମୁଁ ସଭାପିତ୍ୱ ଭାର ବହନ କଲି । ସଭାପତି ଭାଷଣ ସମୟରେ ମୁଁ ଡା: ରାଜୁଙ୍କ କଥାର ପୁନରାବୃତ୍ତି କରିଥିଲି । "୨୦୧୪ ରେ ମୋ ସକ୍‌ସେସର ଡ: କୁରେଶ ମସ୍କାଟୀଙ୍କୁ ସଭାପତିତ୍ୱ ଭାର ଅର୍ପଣ କରିବା ସମୟରେ ସମସ୍ତ ସେମ୍ବର ମାନଙ୍କ ହାତରେ ଏ.ଆଇ.ଓ.ଏସ୍ ବିଲଡିଙ୍ଗ ସମର୍ପବି । କାମ ଜୋର୍ ସୋର୍‌ରେ ଚାଲିଲା । ସେତେବେଳେ ସଂସ୍ଥାର ସେକ୍ରେଟାରୀ ଡା: ଲଳିତ ବର୍ମା ଥାଆନ୍ତି । ଯେ କି ମୋର ପ୍ରିୟ ଛାତ୍ର ନୁହନ୍ତି ପ୍ରିୟ ବନ୍ଧୁ ମଧ୍ୟ । "ଇଜ୍ଜତ କା ସବାଲ୍ ହେଁ ମାମ୍" ରାତି ଦିନ ପରିଶ୍ରମ କରି ବିଲଡିଂ କାମ ଶେଷ କରିବାକୁ ହେବ । ତାଙ୍କର ସହଯୋଗ ମୁଁ ଜୀଇଥିବା ପର୍ଯ୍ୟନ୍ତ ଭୁଲି ପାରିବିନି ।

## ଭିମ୍‌ସାର–୧୯୬୫

୨୦୧୫ ସେପ୍ଟେମ୍ବର ମାସରେ ଭୁବନେଶ୍ୱରରେ ଗୋଟିଏ କନ୍‌ଫରେନ୍‌ସ ପାଇଁ ଯାଇଥିଲି । ହୋଟେଲ୍ ଏକ୍‌ସେଲେନ୍‌ସିରେ ରହୁଥିଲି । ସେଠାରେ ଜଣେ ଯୁବ ବନ୍ଧୁଙ୍କ ସହ ପରିଚୟ ହେଲା । କଥାବାର୍ତ୍ତାରୁ ଜଣା ପଡିଲା ସେ ବୁର୍ଲା ମେଡିକାଲ୍ କଲେଜରୁ ଏମ୍.ବି.ବି.ଏସ୍ କରି ବର୍ତ୍ତମାନ ବର୍ହି ଦେଶରେ ବସତି କରୁଛନ୍ତି । ଗୁଡ୍, ଇଉ ଆର ଅଲ୍ ସୋ ଫ୍ରମ ଭିମ୍‌ସାର୍ । କହି ହାତ ମିଳାଇଲି ।

ଉତ୍‌ଫୁଲ୍ଲତା ସହ ଯୁବ ଜଣକ କହିଲେ, ଓଃ ଆପଣ ମଧ୍ୟ ଭିମ୍ ସାରର୍ । ସେଠାରେ କେବେ ଦେଖିବାର ମନେ ପଡୁନି । ଏତେ ଟ୍ୟାଲେଣ୍ଟଡ୍ ପରସ୍‌ନାଲିଟି ତ ଛାତ୍ର ସମୟରେ ମଧ୍ୟ ସେଇମିତି ଥିବେ । କେଉଁ ବ୍ୟାଚ୍!!

ISSN NO.
2582-208X

ତୁମେ ସେତେବେଳେ ଜନ୍ମ ହୋଇ ନ ଥିଲ ଅସୀମ ।

ଡୋଣ୍ଟ ଜୋକ୍, ହ୍ୱିଚ୍ ବ୍ୟାଚ୍? ହାଓ କମ୍ ଆଇ ହାଭ ନଟ ମେଟ ୟୁ!

୧୯୨୫ ବ୍ୟାଚ୍ ଜଳପାନ ପରେ ସମସ୍ତ ନିଜ ନିଜ ଘରକୁ ଫେରିଗଲେ । ମୁଁ ସେଇ ହୋଟେଲ୍‌ରେ ରହୁଥିଲି । ରୁମକୁ ଯାଇ ମୁଁ ଆମ ବ୍ୟାଚ୍ ବିଷୟରେ ଚିନ୍ତା କରୁଥିଲି । କାଲି ଭଳି ମନେ ହେଉଛି, ୟା ଭିତରେ ପଚାଶ ବର୍ଷ ଗଡିଗଲାଣି । ଫୋନ୍ ଉଠାଇ ଚନ୍ଦ୍ରକୁ ୧୯୨୫ ବ୍ୟାଚ୍ ଡାକିଲି । ଚନ୍ଦ୍ର, ନଗେନ୍ ଦୁହେଁ ଆସି ପହଞ୍ଚିଲେ । ଦୀର୍ଘ ସମୟ ଧରି ବୁର୍ଲାର ଅନୁଭୂତିକୁ ଆଲୋଚନା କରି ହସି ହସି ଗଡି ଯାଉଥିଲୁ । ସେଇଠି ନିଷ୍ଠିତ କରିଥିଲୁ ଆମେ ବ୍ୟାଚର ସ୍ୱର୍ଣ୍ଣ ଗୟନ୍ତୀ ଗୋଲ୍‌ଡେନ୍ ଜୁବୁଲୀ ପାଳନ କରିବା । ସେଇ ଦିନଠାରୁ ଆରମ୍ଭ ହେଲା ଆମର ବାର୍ଷିକ ଉତ୍ସବ ବାଳନ । ସେଇଦିନଟିରେ ଆମେ କି ଅସୀମ ତୃପ୍ତି! ୧୯୨୫-୩୦କୁ ଫେରି ଯାଇଥାଉ ।

## କାହା ମନ କଏ ଜାଣେ :-

ସମାଜରେ ପ୍ରଚଳିତ ଲୋକ କଥାଟି ନିଷ୍ଠିତ ଭାବେ ସତ" ମଣିଷ ମଣିଷକୁ ସଲାମ କରି ନ ଥାଏ । କରେ କୁର୍ସୀକୁ ।" ଯେଉଁମାନେ ଖୁବ୍ ବଡ଼ ପୋଷ୍ଟରେ ରହି ଅବସର ଗ୍ରହଣ କରନ୍ତି ସେଇମାନେ ଏହାର ଯଥାର୍ଥତା ଖୁବ୍ ଭଲ ଭାବେ ହୃଦୟଙ୍ଗମ କରି ପାରୁଥିବେ । ଭଗବାନଙ୍କ ଆଶୀର୍ବାଦ, ଶୁଭାକାଂକ୍ଷୀ ମାନଙ୍କର ଶୁଭକାମନା ସର୍ବୋପରି ମୋ' ରୋଗୀମାନଙ୍କର ସ୍ନେହଶ୍ରଦ୍ଧା ମୋ' ପେଷାରେ ମତେ ବହୁ ଉଚ୍ଚକୁ ନେଇ ଯାଇଥିଲା । ବନ୍ଧୁ, ସହୋଦର ଏବଂ ଅନ୍ୟମାନଙ୍କର ସମ୍ମାନ ନିଷ୍ଚୟ ଖୁବ୍ ଭଲ ଲାଗୁଥିଲା । ଅତି ନିଜର ବୋଲି ଦାବୀ କରୁଥିବା ମଣିଷ ମାନଙ୍କୁ ମୁଁ ବେଳେ ବେଳେ କହିଥାଏ, ଏସବୁ ସମ୍ମାନ କେବଳ ଏମ୍‌ସ୍ ରେ ଥିବା ପର୍ଯ୍ୟନ୍ତ । ପ୍ରତିବାଦ କରନ୍ତି । ସବୁ ଜଣାଥିଲେ ମଧ୍ୟ ମୁଁ ସେମାନଙ୍କ ପ୍ରତି ମୋ'ର କର୍ତ୍ତବ୍ୟ ଜାହିର ରଖିଥାଏ ।

ଅବସର ନେବାର କେତେଦିନ ପରେ ବର୍ଷ ହେବ । ଏମ୍‌ସ୍‌ର ବ୍ୟସ୍ତବହୁଳତା ଜୀବନ ଅବର୍ଣ୍ଣଣୀୟ ବାହାରକୁ ଆସିବା ପରେ ଯେତେ ମାତ୍ରାରେ ନିଜକୁ ବ୍ୟସ୍ତ ରଖୁ ଥିଲେ ମଧ୍ୟ ମନେ ହୁଏ ମୁଁ ପୁରାପୁରି ବେକାର ତେଣୁ ଫୋନ୍ କରି ବନ୍ଧୁମାନଙ୍କ ସହ ବାର୍ତ୍ତାଳାପ କରେ। ମୋ'ର ଜଣେ ବନ୍ଧୁ ପତ୍ନୀ । ଦେଖି ବସିଲେ ଖୁବ୍ ନିଜର । ମୁଁ ତାଙ୍କୁ ବାରଂବାର ଫୋନ୍

ISSN NO.
2582-208X

କରେ ତାଙ୍କ ଘରେ ମାତ୍ର ଯାଇ ପହଞ୍ଚିଯାଏ । ଧୀରେ ଧୀରେ ମୁଁ ଲକ୍ଷ୍ୟ କଲି ଫୋନ୍ କଲେ ତାଙ୍କର ବ୍ୟସ୍ତତାର ବଢ଼ିଯାଇଥାଏ । ଘରକୁ ଆସିବା ପାଇଁ ଫୋନ୍ କଲେ ପରିବାର ସଜ୍ଜନ ମଧ୍ୟରୁ କେହି "ସେ ଘରେ ନାହାନ୍ତି ବୋଲି ରିପୋର୍ଟ ଦେଇଥାଆନ୍ତି ।" କ୍ରମଶଃ ଯିବା ଆସିବା ପୁରାପୁରି ବନ୍ଦ କହିଲେ ଭୂଲ୍ ହେବନି । ବନ୍ଧୁତା ବଜାୟ ରଖିବା ପାଇଁ କେବେ କେମିତିଫୋନ୍ କରେ ।

ଦିନକର କଥା, ପରିଷ୍କାର ଭାବେ କହିଲି ତୁମେ ଆଜିକାଲି ଏତେ ବ୍ୟସ୍ତ ରହୁଛ ଯେ ଫୋନ୍ କରିବା ପୂର୍ବରୁ ଦୁଇ ତିନିଥର ଭାବିବାକୁ ପଡୁଛି । ଚଟ୍ କରି ଉତ୍ତର ଦେଲେ "ବ୍ୟସ୍ତ ରହିବାଟା କ'ଣ ଖରାପ କଥା। ଏବେ ମୋ'ର ବାହାରକୁ ଯିବାର ଅଛି; ପରେ କଥାବାର୍ତ୍ତା ହେବା ।"

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# କୃଷ୍ଣ ଜଣାଣ



ସୌମ୍ୟ ରଞ୍ଜନ ଷଡ଼ଙ୍ଗୀ

ତ୍ରେତୟା ଯୁଗରେ ଅବତାର ନେଲ ଆହେ ପ୍ରଭୁ ଭାବଗ୍ରାହୀ
ଦୁଃଖିନି ମାଆର ଦୁଃଖ ନାଶ କଲ ତୁମ ପରି କେହି ନାହିଁ ।
ହେତି ପ୍ରହେତି ସ୍ୱାମୀର ଗର୍ବ ଗଞ୍ଜନ କଲ
ବାମନ ରୂପେତ ବଳିକୁ ପାତାଳେ ପୋତିଲ ।
ଦେବକୀ ମାତାର ଦୁଃଖ ଆଉ ସହି ନ ପାରି
ଅଷ୍ଟମ ଗରଭେ ରହିଲ ଆହେ ମୁରଲୀ ଧାରି ।
ଜନ୍ମ ହେଉ ହେଉ ଫିଟିଲା ପୁଣି ବନ୍ଦୀ କବାଟ
ନିଦ୍ରାଦେବୀ ଆସି ଘାରିଲା ସବୁ ସୈନିକ ପାସ ।
ଅଷ୍ଟମ ସନ୍ତାନ ରୂପେପ୍ରଭୁ ଜନମ ନେଲ
ଗୋପପୁର ନିଅ ଛାଡ଼ିହେ ବୋଲି ବୋଇଲା।
ବସୁଦେବ ପିତା ତୁମ୍ଭର ମଞ୍ଜୁସାରେ ପୁରାଇ
ଯମୁନାକୁ ପାରି ହୋଇବେ ବୋଲି ଚିନ୍ତିଲେ ସେହି।
ଦ୍ୱାରର ରକ୍ଷକ ହୋଇଣ ଉଗ୍ରସେନ ଜଗିଛି
କିଏସେ କିଏସେ ବୋଲିଣ ସେ ଉଚ୍ଚେ ଡାକୁଛି।
ବସୁଦେବଙ୍କୁ ଯେଦେଖିଲା ସେହି ଦେବକୀ ପିତା
କିସ ଘେନି ତୁହି ଯାଉଛୁ ଆରେ ମୋର ଜାମାତା ।

ISSN NO.
2582-208X

ଏହାଶୁଣି ବସୁଦେବ କହେ ପିତା ଶୁଣନ୍ତୁ
ନେଉଛି ମୁଁ ଗୋପପୁରକୁ ଭାବଗ୍ରାହୀ ହରିଙ୍କୁ ।
ଏହା ଶୁଣି ଉଗ୍ରସେନ ବୋଲେ ଯଦି ସେ ହରି
ଶଙ୍ଖ ଚକ୍ର ଚିହ୍ନ ଦେଖାଇ ମୋତେ କରୁସେ ପାରି ।
ଏହା ଶୁଣୁ ଶୁଣୁ ପ୍ରଭୁ ଯେ ସ୍ୱୟଂ ନିଜରୂପକୁ
ଦେଖାଇ ଦେଇଣ କହିଲେ ତୁମ୍ଭେ ଛାଡ଼ ଦ୍ୱାରକୁ ।
ଏତିକି ଶୁଣିଣ ରାଜା ଯେ ଦ୍ୱାର ଛାଡିଣ ଦେଲେ
ପିତା ବସୁଦେବ ହରିଙ୍କୁ ଧରି ବେଗେ ଚଳିଲେ ।
ଯମୁନା ନଦୀତ ବଢିଛି ବହୁ ଉଗ୍ର ରୂପରେ
ଅଷ୍ଟମୀ ତିଥି ଯେ ସେଦିନ ପୁଣି କୃଷ୍ଣ ପକ୍ଷରେ ।
ପିତା ବସୁଦେବ ଚାଲିଲେ ମଞ୍ଜୁସାକୁ ମୁଣ୍ଡାଇ
ଅନନ୍ତନାଗ ଯେ ସାଜିଛି ପୁଣି ଛତ୍ରଟି ହୋଇ ॥
ଯମୁନା ନଦୀ ତ ହୋଇଲା ବସୁଦେବ ନାସାକୁ
ବସୁଦେବ ହାତ ଟେକିଲେ ସେହି ଭାବଗ୍ରାହୀଙ୍କୁ ।
କହିଲେ ନିଜକୁ ତୁହିଁହେ ନିଜେ ରକ୍ଷାକର
ମୁହିଁ ତ ଅଟଇ ସାମାନ୍ୟ ଏକ ମନୁଷ୍ୟ ଛାର ।
ଏହା ଶୁଣି ଭାବଗ୍ରାହୀଯେ ପାଦ ବୁଡ଼ାଇ ଦେଲେ
ଯମୁନା ନଦୀକୁ ପ୍ରଭୁ ପୁଣି ବହୁ ପ୍ରତିଶୃତି ଦେଲେ ।
ଯମୁନା ପ୍ରଭୁଙ୍କ ପାଦକୁ ଧୋଇ ଖୁସି ହୋଇଲା
ନଦୀର ଜଳ ସେକ୍ଷଣିପୁଣିବାଲି ପାଲଟିଲା।
ବସୁଦେବ ଧରି ପ୍ରଭୁଙ୍କୁ ନନ୍ଦରାଜାଙ୍କୁ ଦେଲେ
ତାଙ୍କରକନ୍ୟାକୁ ଘେନିଣବନ୍ଦୀ ଗୃହେପ୍ରବେଶ ହେଲେ।
ସଙ୍ଗେ ସଙ୍ଗେ ପୁଣି ପଡିଲା ସବୁ ବନ୍ଦୀ ଦୁଆର
ନିଦରୁ ଜାଗ୍ରତ ହୋଇଲେ ସମସ୍ତ ଅସୁର ।
ଦୂତ ଯାଇ କଂସ ନିକଟେ ପ୍ରବେଶ ହେଲେ
ଜନ୍ମିତ ଶିଶୁର ସମ୍ବାଦ ପ୍ରେରଣ କଲେ ॥

ISSN NO.
2582-208X

ଶୁଣୁ ଶୁଣୁ କଂସାସୁର ଯେ ବନ୍ଦୀ ଗୃହେ ପଶିଲା
କନ୍ୟା ସନ୍ତାନକୁ ଧରିଣ ଶେଯେ କଚାଡି ଦେଲା ।
ସେ କନ୍ୟା ନଥିଲା ସାମନ୍ୟ ଥିଲା ଅସାଧାରଣ
କଚାଡୁ କଚାଡୁ ଦେବୀହେଲେ ଅନ୍ତର୍ଦ୍ଧାନ ।
ସ୍ୱର୍ଗରେ ରହିଣ ଦେବୀବୋଲେ ଶୁଣ ଶୁଣ ରାକ୍ଷସ
ତୋତେ ଯେ ମାରିବ ଗୋପରେ ସେ ନିଏ ନିଶ୍ୱାସ ।
ସୁନ୍ଦର ସୁଠାମ ପୁତ୍ର ପାଇ ଯଶୋଦା ମାତା
ଭାବେ ବୃଦ୍ଧା କାଳେ ପୁତ୍ର ମୁଖ ଦେଖାଇଲା ନିୟନ୍ତା ।
ନନ୍ଦ ରାଜର ଦୁଇ ପୁତ୍ରଙ୍କୁ ଦେଖିବାପାଇଁ
ଗୋପପୁରେ ନାନା ଉତ୍ସବ କେତେ ଲାଗଇ ।
ଦେବତା ମାନେ ତ ସଭିଏଁ କେତେ କେତେ ବେଶରେ
ମଧୁସୂଦନଙ୍କୁ ଦେଖିବା ଇଚ୍ଛା ଅଛି ମନରେ ।
ଶିବ ବ୍ରହ୍ମା ସଙ୍ଗେ ସମସ୍ତ ଦେବାଦେବୀ ମାନେ
ପୁଷ୍ପ ବୃଷ୍ଟି କରୁ ଥାଆନ୍ତି ସବୁ ଆନନ୍ଦ ମନେ ।
ଗୋପୀମାନେ ପ୍ରଭୁଙ୍କ ସଙ୍ଗେ ଲୀଳା ଲଗାଇ
କିଏ କରୁଥାଏ ପ୍ରଭୁଙ୍କୁ ବେଶ ପୁଷ୍ପ ଲଗାଇ ।
କିଏ ଦେଉଥାଏ ଝୁଲାଇ ଯଶୋଦାର ବାଳକୁ
କିଏ କହୁଥାଏ ନଜର ଲଗାନି ମୋର ଧନକୁ ।
କୁଳଗୁରୁ ଗାର୍ଗ ମୁନିପୁଣି ପ୍ରବେଶ ହେଲେ
ନନ୍ଦ ବାଳ କଳା କହ୍ନେଇ ନାମ କରଣ କଲେ ।
କୃଷ୍ଣ-କହ୍ନେଇ- କାଳିଆ ପୁଣି କେତେଯେ ନାମ
କିଅବା କହିବି ତାନାମ ସେତ କାଳିଆ ଧନ ।
ଧୀରେ କୃଷ୍ଣ ବଢୁଛି ପୁଣି ଗୋପ ପ୍ରାଙ୍ଗଣେ
କଂସର ମନ ତ ଲାଗୁନି ଆଉ କୋଉ କାମରେ ।
କଂସ ତହିଁ ପେଶିଲା ରାକ୍ଷସୀ ଏକ ପୁତନା ନାମେ
ପ୍ରବେଶ ହୋଇଲା ରାକ୍ଷସି ଯାଏ ନନ୍ଦ ଭବନେ।

ISSN NO.
2582-208X

କଂସ କୁଚକ୍ରେ ପୁତନା ଯେ ସ୍ତନେ ପୁରାଇ ବିଷ
ଭାବିଲା ମାରିବି ନଷ୍ଟୟେ ନନ୍ଦ ରଜାର ସୁତ ॥
ସୁନ୍ଦରୀ ରମଣୀ ରୂପରେ ସେଯେ ପ୍ରବେଶ ହେଲା
କୃଷ୍ଣଙ୍କୁ ଧରିଣ କୋଳରେ ସ୍ତନ୍ୟ ପାନ କରାଇଲା ।
ସ୍ତନ୍ୟପାନ କରୁ କରୁ ପୁଣି ପୁତନାକୁ ନାସିଲ
ବକା ଧେନୁକା ତୃଣବର୍ତ୍ତକ ଆଦିକୁ ଯେ ମାରିଲ ।
ଏକ ଦିନ ତୁମେ ପ୍ରଭୁ ହେ ଗର୍ବ ଗଞ୍ଜନ ପାଇଁ
ଇନ୍ଦ୍ରର ଗର୍ବକୁ ଗଞ୍ଜିଣ ହେଲ ଗୋବିନ୍ଦ ସାଇଁ ।
କନିଷ୍ଠେ ଅଙ୍ଗୁଳେ ଧରିଲ ପୁଣି ଗୋବର୍ଦ୍ଧନକୁ
ଗୋବର୍ଦ୍ଧନ ଧାରି ହୋଇଲେ। ପ୍ରଭୁ ଯୁଗ ଯୁଗକୁ।
ରାଧା ମାଇଁ ସଙ୍ଗେ ବହୁ ଲୀଳା ରଚିଲ
ପ୍ରେମର ଅର୍ଥକୁପ୍ରଭୁହେ ପ୍ରଚାର କଲ।
କାଳିଆ ହ୍ରଦରେ ପଶିଣ କାଳିଅଦଳନ କଲ
କଂସର ହୃଦୟେ ପୁଣି ଭୟ ସଞ୍ଚିଲ।
ଅକ୍ରୁର ପଠାଇ ତୁମ୍ଭକୁ ନିମନ୍ତ୍ରଣ ଯେ କଲା
ଧନୁଯାତ୍ରା ନାମେ ଉତ୍ସବ ସେତ ପାଳନ କଲା ।
ଚାଣୁର ମୁଷ୍ଟିକ ମଲ୍ଲଙ୍କୁ ଶେଯେ ଜଗାଇ ଦେଲା
କୁବଳୟା ନାମେ ହସ୍ତିକୁ ଦ୍ୱାରେ ସ୍ଥାପନ କଲା ।
ଅକ୍ରୁର ସଙ୍ଗେ କୃଷ୍ଣ ହେ ସଙ୍ଗେ ରୋହିଣୀସୁତ
ଧନୁଯାତ୍ରା ଦୁହେଁ ଦେଖିବେ ଦୁହେଁ ବହୁ ଉଛୁକ ।
ଅକ୍ରୁର ଚଲାଇ ରଥ ଯେଗଲା ଅନତି ଦୂର
କିଛି ଦୂରେ ଯାଇ ରଖିଲା ରଥ ଅକ୍ରୁର ବୀର।
ନଦୀରେ ଯେ ସ୍ନାହାନ କରିବ ବୋଲି ଅକ୍ରୁର ଚିନ୍ତି
ନଦୀରେ ବୁଡଯେ ମାରିଲା ସେହି କଂସର ମନ୍ତ୍ରୀ।
ନଦୀ ମଧ୍ୟେ ଶେଯେ ଦେଖିଲା ରାମକୃଷ୍ଣ ମୂରତି
ଆନନ୍ଦିତ ହୋଇ ଉଠିଲା ତାର ଭାବ ଓ ପ୍ରୀତି ।

ISSN NO.
2582-208X

ନଦୀରୁ ଉଠିଣ ଅକ୍ରୁର ଯାଇ ପ୍ରଣାମ କଲା
ରାମକୃଷ୍ଣ ଦୁଇ ଭାଇଙ୍କୁ ମଥୁରାକୁ ସେ ନେଲା ।
ମଥୁରାରେ ପହଁଚିଲେ ଦୁଇଭାଇଏ ଦେଖିଲେ ଶିବଧନୁକୁ
ଧରୁ ଧରୁ ଶିବଧନୁ ଭାଙ୍ଗି ଗଲା ଶୁଭିଲା ତ୍ରିଭୁବନକୁ ।
ମଲ୍ଲ ଯେ ଦୁଇ ଭାଇଙ୍କୁ ମୁକୁତି ଦେଲେ
କୁବଲୟା ମଧ୍ୟ ପ୍ରାଣ ବିସର୍ଜନ କଲେ ।
ଶେଷରେ ପହଁଞ୍ଚି କଂସାସୁରକୁ ନିହତ କଲେ
କୁଞ୍ଜବନ ଲୀଳା ଲଗାଇ ଗୋପୀଙ୍କର ଦୁଃଖ ନାଶକଲେ ।
ଧନ୍ୟ ପ୍ରଭୁ ତୁମ ମହିମା ଯେ ଅପାର ନାମ
ସର୍ବଦା ଦୃଷ୍ଟି ରଖିଥିବେ ପ୍ରଭୁ ମୁହିଁ ଯେ ଅଧମ ।

କଣ୍ଟିପାଳ, କେଉଁଝର

ISSN NO.
2582-208X

# ପାର୍ଥକ୍ୟ ମାନସିକତାରେ



ରାଧାମୋହନ ପୂଜାହାରୀ

ଏ ଆଖି ଦେଖୁଛି ଏ ସଂସାରେ ଆଜି
ନଇତି ଲୋକ ହଜାରେ,
କଏ ସେ ବଞ୍ଚୁଛି ମୁଣ୍ଡ ଟେକ ଏଠି
କେ ବଞ୍ଚେ ପୁଣି ଦୟାରେ ।
ସ୍ଥିତି ଆଜି ଅସମ୍ଭାଳ ଯେ ହୋଇଛି
ପ୍ରତି ଘରେ ପରିବାରେ,
ପୁଅ-ପୁଅ ମଧ୍ୟେ ଭେଦ ଉପୁଜିଛି
ମନ ମାନସିକତାରେ ।। (୧)

କଏ ଖାଏ ଏଠି ପନର ପଲଉ
କେ ଖାଏ ବାସି ପଖାଳ,
କା ପାଇଁକ ଗୁଲେ ଏସି ପଙ୍ଖା ଏଠି
କା ଦେହରୁ ବହେ ଝାଳ ।
ପୁଅ ମାନ ନର୍ଧାରିତ ହୁଏ ତା'ର
ମାସିକଆ ଦରମାରେ,
ବେକାରୀ ପୁଅର ପ୍ରାଣ ଝୁଲୁଥାଏ
ତୀକ୍ଷ୍ଣ ତରବାରୀ ଧାରେ ।। (୨)

ISSN NO.
2582-208X

ଚାକରିଆ ପୁଅ ପତ୍ନୀ ସାଥେ ନିଜ
ବିଦେଶରେ ରହୁଥାଏ,
ଘରକୁ ଆସିଲେ ମାଁ ତା'କୁ ଆଦରେ
'ସୁନା', 'ଧନ' କହୁଥାଏ ।
ଚାକରୀ ନ ପାଇ ବେକାରୀ ପୁଅଟା
ପଡ଼ିଥାଏ ଘର କୋଣେ,
ଟାହି ଟାପରା ଓ ନିନ୍ଦା ଅପବାଦ
ଶୁଣୁଥାଏ ପ୍ରତି କ୍ଷଣେ ।। (୩)

ଚାକରିଆ ପୁଅ ସ୍ୱେଚ୍ଛାରେ ନିଜର
ବାହାହୁଏ ପ୍ରେମ କରି,
ଆଣେ ଅଜାତିଆ ବୋହୂଟେ ନିଜର
ଘରକୁ ତା' ହାତ ଧରି ।
ପରିବାର ଲୋକ ନୀରବ ରହନ୍ତି
କହନ୍ତିନି ତା'କୁ କିଛି,
ବାହାର ଲୋକଙ୍କ ସାହସ ନ ଥାଏ
କରିବାକୁ ଥୁ-ଥୁ-ଛି-ଛି ।। (୪)

ଏହି କଥା କିନ୍ତୁ ଲାଗୁ ହୁଏ ନାହିଁ
ବେକାରୀ ପୁଅ ଜୀବନେ,
ତା' କ୍ଷେତ୍ରରେ ଯଦି ହୁଏ ବା ଏମିତି
ଛାଡ଼ନ୍ତିନି କେହି ଜଣେ ।
'କୁଳାଙ୍ଗାର', 'ଅପଦାର୍ଥ' କହି ଘରେ
ଶୁଣାନ୍ତି କେତେ ଯେ କଥା,
ବାହାର ଲୋକଙ୍କ ଉପହାସେ ତା'ର
ଲାଜେ ନଇଁଯାଏ ମଥା ।। (୫)

ISSN NO.
2582-208X

କଳଯୁଗେ ଆଜି ଅର୍ଥ ଅନର୍ଥର
ସାଜିଛି ମୂଳ କାରଣ,
ଅର୍ଥ ମାପଦଣ୍ଡ ନ ହେଉ ସମାଜେ
କରିବା ଆସ ଏ ପଣ ।
ଚାକିରୀ-ବେକାରୀ ଏ ହୀନ ଭାବନା
ମନୁ ଅପସରି ଯାଉ,
ସନ୍ତାନଙ୍କ ପ୍ରତି ମାତା-ପିତାଙ୍କର
ସମାଦର ଭାବ ଥାଉ ।। (୬)

ଭାବେ କେବେ କେବେ ଦରୋଜାରେ ବସି
ପାର୍ଥକ୍ୟ ଏ କାହିଁ ପାଇଁ ?
ବେକାରୀ ପୁଅର ଏ ସଂସାରେ କ'ଣ
ବଞ୍ଚିବାର ହକ୍ ନାହିଁ ?
ରୋଜଗାର ନାହିଁ ବୋଲି ଜଣେ କ'ଣ
ରହିବ ଉପାସେ ଚାହିଁ ?
ଆଉ ଜଣେ ପୁଅ ଗୁଆ ଘିଅ ଭାତ
କେମିତି ପାରୁଛି ଖାଇ ? (୭)

ନୁହଁ ଏ କାହାଣୀ ନୁହଁ ଏ କଳ୍ପନା
ଅପ୍ରିୟ ଏ ସତକଥା,
ଆଗାମୀ ଦିନରେ ଦୂର ହେଉ ମନୁ
ଏ ହୀନ ମାନସିକତା ।
ପକ୍ଷପାତିତା ଓ ପାତରଅନ୍ତର
ପୁଅଙ୍କୁ କଷ୍ଟ ନ ଦେଉ,
ଜନ୍ମ କଲା ପୁଅ ସାଥେ ଏ ଅନ୍ୟାୟ
ଯଥାଶୀଘ୍ର ଦୂର ହେଉ ।। (୮)

ଅଧ୍ୟାପକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ତାଳଚେର, ଜିଲ୍ଲା : ଅନୁଗୋଳ

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

ଭାଗ-୬

ଅତୀତର ସ୍ମୃତିକୁ ମନେ ପକାଇ ଦେବାକୁ ଯାଇ ସତ୍ୟ ମାଳତିକୁ କହିଲା, "କେହି କେବେ ନିଜ ଜୀବନର ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଭୁଲିଯାଏ ? କେହି କେବେ ଜୀବନର ଗତିପଥକୁ ବଦଳାଇ ଦେଉଥିବା ଭଳି କଥାବାର୍ତ୍ତାକୁ ପାଶୋରି ଦିଏ ? ସେହି ଦିନ ତୁମେ ଟେଲର ଦୋକାନରେ ନନ୍ଦିନୀ ଓ ଶେଫାଳି ସହିତ ଉପସ୍ଥିତ ଥିଲ। ଭୁଲବଶତଃ ମୁଁ ତୁମ ଅଜ୍ଞାତରେ ତୁମର ବେଣୀକୁ ପଛ ପଟେ ଟାଣିଦେଲି। ଏଥିରେ ତୁମକୁ ଅପହରଣ କି ବିବସନା କରିବାର ଅପଚେଷ୍ଟା ମୋର ନଥିଲା। ତୁମେ ମୋ ସହିତ ଥଟ୍ଟା ମଜାକ କରି ଯେଉଁ ଆନନ୍ଦ ପାଉଥିଲ ମୁଁ ତା'କୁ କେବଳ ମାପିବାକୁ ଚାହୁଁଥିଲି। ପ୍ରକୃତରେ ଜଣକୁ ରଗାଇ କେତେ ପରିମାଣର ଖୁସି ମିଳେ ତାହା ଜାଣିବାକୁ ପ୍ରୟାସ କରୁଥିଲି। ମୋର ଏପରି ବ୍ୟବହାରରେ ତୁମେ କି ପ୍ରକାର ପ୍ରତିକ୍ରିୟା ମୋ ପ୍ରତି ପ୍ରତିପାଦନ କରିବ ତାହା ଦେଖିବାକୁ ଚାହୁଁଥିଲି। ମାତ୍ର ତୁମେ ମୋ ଉପରେ ଯେତେ ରାଗିଗଲ ଯେ ବୋଧହୁଏ ସଭା ମଧ୍ୟେ ଶିଶୁପାଳ ପ୍ରତି ଶ୍ରୀକୃଷ୍ଣ କି ଶତ ପୁତ୍ର ହତ୍ୟାରେ ଭୀମ ପ୍ରତି ଧୃତରାଷ୍ଟ୍ର ସେତିକି ରାଗିନଥିବେ। ରାଗରେ ଜର୍ଜରିତ ହୋଇ ମୋତେ ଘୃଣା କରିବା ଓ ଟେଲର ଦୋକାନରେ ମୋର ଉପସ୍ଥିତିକୁ ନାପସନ୍ଦ କରିବା।"

ସତ୍ୟର କଥା ଶୁଣି ମାଳତି ସଂକ୍ଷିପ୍ତ ହସଟି ପ୍ରକାଶ କରିଦେଲା। କଥାଟାକୁ ହାଲୁକା ମନେ କଲା। ଥଟ୍ଟା ପରିହାସରେ ଏପରି କହି ହୋଇ ଯାଇଥିବା କହିଲା। କ୍ଷମା ମାର୍ଜନା ପାଇଁ

ISSN NO.
2582-208X

କହିଲା, "ମୋର ଭୁଲ ହୋଇ ଯାଇଛି। ଆଉ ସେପରି କଦାପି କହିବି ନାହିଁ। ମୋତେ କ୍ଷମା କରିବ।"

ପ୍ରତ୍ୟେକ କର୍ମର ଫଳ ରହିଛି। ପ୍ରତିଟି ପାପର ପ୍ରାୟଶ୍ଚିତ ଅଛି। କିନ୍ତୁ କ୍ଷମା ପ୍ରାର୍ଥନା ବା ଅନୁତାପ ପ୍ରତ୍ୟେକ ଭୁଲର ସମୁଚିତ ଦଣ୍ଡ ଅଟେ। ଏହା ହିଁ ମଣିଷକୁ ଚିରନ୍ତନ ସତ୍ୟ ଆଡକୁ ଟାଣି ନିଏ। ଅଙ୍ଗୁଳି ନିର୍ଦ୍ଦେଶ କରି ଇଙ୍ଗିତ କରେ ସେହି ପଥର ସହଯାତ୍ରୀ ହେବାକୁ। ଚଣ୍ଡାଶୋକ ସହସ୍ର ଯୋଦ୍ଧାକୁ ହତ୍ୟା କରି ସୁଦ୍ଧା ବିଶ୍ୱ ବିଜୟୀ ହୋଇ ପାରିନଥିଲେ। ମାତ୍ର କଳିଙ୍ଗ ଯୁଦ୍ଧର ବିଭୀଷିକା ଦୃଶ୍ୟ ଯେତେବେଳେ ତା'ଙ୍କ ମନରେ ଗଭୀର ଅନୁତାପ ଆଣି ଦେଇଥିଲା ସେତେବେଳେ ସେ ହୋଇ ପାରିଥିଲେ ପ୍ରକୃତ ବିଜୟୀ 'ଦେବାନାଂ ପ୍ରିୟ ପ୍ରିୟଦର୍ଶୀ ଧର୍ମାଶୋକ'। ସେହିପରି ମାଳତିର ଅନୁତାପ ଓ କ୍ଷମା ପ୍ରାର୍ଥନା ସତ୍ୟକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେଇଛି ଗୋଟିଏ ଅଭିମାନୀ ଯୁବକରୁ ବିଶ୍ୱ ବିଜୟୀ ସମ୍ରାଟ ରୂପେ। ସାରା ଐଶ୍ୱର୍ଯ୍ୟ ତା'ର ପାଦ ତଳେ ଅଜାଡି ହେଲା ପରି ସେ ଅନୁଭବ କରିଛି। ମନମୁଗ୍ଧ ନୟନରେ ଚାହିଁଛି ସେହି ମାଳତିର ମଦମାତାଳ ନେତ୍ର ଯୁଗଳକୁ।

ପଚାରିଛି ପୁନର୍ବାର ସରଳ ପ୍ରଶ୍ନ ତା'ର ବ୍ଲାଉଜ୍ ସିଲେଇ ସରିଲା କି ନାହିଁ ବୋଲି। ବ୍ଲାଉଜ୍ ତ ଅନେକ ଦିନ ହେଲା ସିଲେଇ ସରିଛି। ହେଲେନ ମାଳତି ଦେଖିଲେ ମୁହଁ ଫେରାଇ ନେଉଥିବାରୁ ସତ୍ୟ ତା'କୁ କହି ପାରୁନଥିଲା। କିନ୍ତୁ ମାଳତି ସତ୍ୟ ଉପରେ ଦୋଷାରୋପ କରି କହିଛି, "ମୁଁ କଥା ହେବାକୁ ବାରମ୍ବାର ଚାହିଁଛି, ମାତ୍ର ତୁ ମୋତେ ଦେଖିଲେ ମୁହଁ ମୋଡି ଚାଲି ଯାଉଥିଲୁ। ନଳକୂପ ଯିବା ରାସ୍ତାରେ ଦେଖାହେଲେ ଫେରିଯାଇ ଦୋକାନରେ କିଣିବାର ଅଭିନୟ କରୁଥିଲୁ। ଟେଲର ଦୋକାନରେ ମୁଁ ଥିଲେ ତୁ ଖେଳ ପଡିଆ ଆଡକୁ ଚାଲି ଯାଉଥିଲୁ। ପୋଖରୀରୁ ଫେରୁଥିବା ବାଟେ ଦେଖିଲେ ହିଡ ରାସ୍ତା ଦେଇ ଚାଲି ଯାଉଥିଲୁ। ସାଙ୍ଗ ମେଳେ ଭେଟି ଚାହିଁଲେ ମୁହଁ ଫେରାଇ ନେଉଥିଲୁ। ମୁଁ କେମିତି ପଚାରିଥା'ନ୍ତି ଯେ ?"

ଭାରି ବିଚିତ୍ର ଏଇ ଆତ୍ମୀୟତା। ଯୌବନର ଆବେଗଗୁଡିକ ମଧ୍ୟ ଖାଲଢିପ ଭଳି ଗତି କରିଥାଏ। କେତେବେଳେ ପ୍ରିୟ ପାତ୍ରର ବିଶାଦରେ ଭାବବିହ୍ୱଳ ହୋଇଯାଏ ତ

ISSN NO.
2582-208X

କେତେବେଳେ ହର୍ଷୋଳାସେ ଉର୍ଦ୍ଧ୍ବକୁ ଉଠେ। କେତେବେଳେ ଗୁଣ ଓ ସୌନ୍ଦର୍ଯ୍ୟର ପ୍ରଶଂସା ଶୁଣାଏ ତ ପୁଣି କେତେବେଳେ ଅକାରଣେ ଦୋଷାରୋପ କରେ।

ଏଇ କଥାବାର୍ତ୍ତା ଭିତରେ ତା'ର ପିଉସୀର ଫୋନ୍ ଶେଷ ହୋଇଛି ଏବଂ ଦୁହେଁ ପୋଖରୀ ଅଭିମୁଖେ ଚାଲି ଯାଇଛନ୍ତି। ମାଳତି ଠାରୁ ଏପରି କଥାବାର୍ତ୍ତା ଶୁଣି ମୁଣ୍ଡର ବୋଝ ଟିକିଏ ହାଲୁକା ଲାଗିଛି। ତା'ର କ୍ଷମା ପ୍ରାର୍ଥନା ମଧ୍ୟରେ ଆଣି ଦେଇଛି ଗଭୀର ରେଖାପାତ। ତା'ର ବକ୍ତବ୍ୟରେ ସେ କେମିତି ସତ୍ୟ ସହ ବାରମ୍ବାର କଥା ହେବାକୁ ଚାହିଁ ସୁଦ୍ଧା ଅଭିମାନୀ ଯୁବକର ଅନିଚ୍ଛା ବାଧା ଦେଇଥିବା କଥା ଜାଣି ପାରିଛି। ତଥାପି ତା' ପ୍ରତି ରାଗ କି ଘୃଣା କରିବାର ଦେଖା ଯାଇନାହିଁ। ସେ ସତ୍ୟ ସହିତ କଥା ନହେଲେ ମଧ୍ୟ ଚଳି ପାରିବ। ସେ ସତ୍ୟକୁ ନିଜ ଭୁଲର କ୍ଷମା ପ୍ରାର୍ଥନା ନକଲେ ମଧ୍ୟ କିଛି ଯାଏ ଆସେ ନାହିଁ। ଅଥଚ ମନର ଅକୁହା ଭାଷାକୁ ବ୍ୟକ୍ତ କରିବା ସହ ସତ୍ୟ ପ୍ରତି ତା'ର ଅଜଣା ଦୁର୍ବଳତାକୁ ପ୍ରକାଶ ଦେଇଛି। ତା'ର ହୃଦୟରେ ଜାତ ହୋଇଥିବା ଅଜ୍ଞାତ ଆକର୍ଷଣକୁ ପ୍ରକାଶ କରିଛି। ଏହିଠାରୁ ଆରମ୍ଭ ହେଲା ସତ୍ୟ ପ୍ରତି ମାଳତି ଏବଂ ମାଳତି ପ୍ରତି ସତ୍ୟର ଅଶେଷ ଆକର୍ଷଣ।

ଆକର୍ଷଣ ଯେତେବେଳେ ହେଲା ଯେ ଏ ବାବଦକୁ ନେଇ ଭାବିବା ପାଇଁ ଟିକିଏ ସମୟ କି ସୁଯୋଗ ମିଳିଲା ନାହିଁ। ଯେଉଁ ସମୟ ଟିକକ ପାଉଥିଲା ସେହି ସମୟରେ ଭଲ ମନ୍ଦ ବିଚାର ନକରି କେବଳ ତା'କୁ ହିଁ ମନେ ପକାଉଥିଲା। ଶିକ୍ଷକତା ଜୀବନରେ ପାଠ ପଢାଇବାର ଯେଉଁ ଗୁରୁ ଦାୟିତ୍ୱ ତା'ଉପରେ ନ୍ୟସ୍ତ ଥିଲା ସେହି ମୁହୂର୍ତ୍ତକୁ ଛାଡି ଦେଲେ ବାକିତକ ସମୟ ବିତିଛି ମନର ମାନସୀ ମାଳତିକୁ ଭାବି ଭାବି। ଖାଇବା, ପିଇବା, ଖେଳିବା, ବୁଲିବା ସର୍ବଦା ତା'ର ହିଁ ପ୍ରତିବିମ୍ବ ଉଙ୍କିମାରେ ମାନସ ପଟରେ। ତା'ର ନିଃଶ୍ୱାସ ପ୍ରଶ୍ୱାସରେ ମଧ୍ୟ ଅନୁଭବ କରେ ମାଳତିକୁ। ଏମିତି ଲାଗୁଥିଲା ଯେ ସେମାନେ କେଉଁ ଏକ ରାଇଜକୁ ପ୍ରବେଶ କରିଯାଇଛି।

ଦୁହେଁ ପରସ୍ପର ଆକର୍ଷିତ ହୋଇଛନ୍ତି ସତ ମାତ୍ର ସେ ଦୁହିଁଙ୍କ ଆକର୍ଷଣକୁ କୌଣସି କାମନା ବାସନା ସ୍ପର୍ଶ କରି ପାରିନଥିଲା। ଦୁହେଁ ଦେଖାଦେଖି, ହସାହସି, କଥାବାର୍ତ୍ତା କରି ଅନୁଭବ

ISSN NO.
2582-208X

କରୁଥିଲେ ଅପାର ଆନନ୍ଦ। ଜଣକର ସ୍ପର୍ଶରେ ଖେଳି ଯାଉଥିଲା ଆର ଜଣକର ଶରୀରରେ ଶିହରଣ। ଜଣକର କୋକିଳନିନ୍ଦିତ କଣ୍ଠସ୍ୱର ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ଆର ଜଣକର କର୍ଣ୍ଣପଟରେ। ଜଣକର ପ୍ରତିଛବି ଆର ଜଣକର ମାନସ ପଟରେ ପ୍ରତିବିମ୍ବିତ ହେଉଥିଲା। ସତେ ଯେମିତି ଲାଗୁଥିଲା ସେହି ଲାବଣ୍ୟବତୀ ମାଳତିକୁ ଆଲିଙ୍ଗନ ପୂର୍ବକ ତା'ର କୋମଳ ସ୍ପର୍ଶ ପାଇଁ ସର୍ବଦା ଶୁଣୁଥା'ନ୍ତା ତା'ର ପୀକନାଦ। ଏତେ ଆକର୍ଷଣ ଜୀବନରେଖା ପ୍ରଥମ ଥର ପାଇଁ ଯାହାକୁ ଭାଷା ମାଧ୍ୟମରେ ପ୍ରକାଶ କରିବା ଅସମ୍ଭବ ମନେହୁଏ। କେବଳ ଏତିକି କୁହାଯାଇପାରେ ଯେ ତା'କୁ ଦିନଟିଏ ନଦେଖିଲେ ସତେ ଯେପରି ସେମାନେ ଦିନ ଧରଣୀ ପୃଷ୍ଠରେ ସୂର୍ଯ୍ୟାଲୋକ ପଡୁନାହିଁ ଭଳି ଲାଗେ।

କ୍ରମଶଃ -------

ବୁଢ଼ିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଶିକ୍ଷାଦୀକ୍ଷା

ନିରଞ୍ଜନ ସାହୁ

ଜନ୍ମରୁ ମରଣ ଯାଏ ମଣିଷ ହିଁ ଜାଣିଥାଏ
ଉତ୍ଥାନପତନ ଦେଇ ଚାଲିବ ବାଟ
ଯେତେଦିନ ପ୍ରାଣ ଥିବ ଅଭିଜ୍ଞତା ଅରଜିବ
ସଂସାର ରଙ୍ଗମଞ୍ଚରେ କରିବ ନାଟ
ଜୀବନ ତ ଅଟେ ଏପରି
ଯେପରି କର୍ମ କରିବ ଫଳ ସେପରି ।

ଗୁରୁପଦେ କରି ଭକ୍ତି ଶିକ୍ଷାଦୀକ୍ଷାରେ ଯେ ମତି
ତେବେ ଯାଇ ଜୀବନ ହିଁ ସଫଳ ହେବ
ଲଭିବ ନାନାଦି ଶିକ୍ଷା ଆଚରିବ କରି ଦୀକ୍ଷା
ତେବେ ଯାଇ ଜୀବନରେ ବାହାବା ନେବ
ଶିକ୍ଷାଦୀକ୍ଷା ସାଥିରେ ଧରି
ସହଜରେ ବାହି ନେବ ସଂସାର ତରୀ ।

ପୁରାଣ ଓ ଇତିହାସ କରିଛନ୍ତି ପରକାଶ
ଉଦାହରଣ ଛଳରେ ବୁଝାଇ କରି
ତହିଁରୁ ଲଭିବ ଶିକ୍ଷା ପାଳିବ ଭାବିକି ଦୀକ୍ଷା
ଉଦାହରଣ ସାଜିବ ଠିକ ସେପରି
ଶିକ୍ଷାଦୀକ୍ଷା ଉନ୍ନତ ହେଉ
ସଫଳ ଜୀବନ ବଞ୍ଚି ବିଦାୟ ନେଉ ।

ନିହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ଦଶହରା



ପ୍ରଶାନ୍ତ କୁମାର ନାଥ

ହାରିଅଛି ସିନା ଦଶ ଶିର ତା'ର
ହାରିନି ତାହାର ପ୍ରାଣ
ଆଜି ବି ବଞ୍ଚିଛି ମଣିଷ ଭିତରେ
ରାବଣ ଯେ ପଣ ପଣ।

ମହାମାୟୀ କୃପା ପାଇଣ ସେ ରାମ
ଚ୍ଛେଦିଲେ ରାବଣ ଶିର
ଅଭେଦ୍ୟରେ ସେହି ରହିଛି ସଂସାରେ
ମଣିଷ ହୃଦୟେ କ୍ରୃ ଗା

ରାଗ ହିଂସା ଲୋଭ ତେଜିଲେ ମନରୁ
ରାବଣ ହାରିବ କୋପ
ସତ୍ୟ ଶାନ୍ତି ଦୟା ମନରେ ରଖିଲେ
ଦୈତ୍ୟ ଶକ୍ତି ହେବ ଲୋପ।

ବିଜୟା ଦଶମୀ ପାଳୁଅଛୁ ସିନା
ମନରେ ଭକତି ଭରି
ରାବଣ ପିତୁଳା ଜାଳି ପୋଡ଼ି ଦେଉ
ମନେ ଅହଂକାର ଧରି।

ଦଶମୀରେ ସିନା ହାରିଥିଲା ସେହି
ପୁରୁଷୋତ୍ତମ ପାଖେ
ଆମେ କିବା ଏଠି ଉତ୍ତମ ପୁରୁଷ
ମିଛ ଅହଂକାର ରଖେ।

ସେ ପରା ବିଦ୍ୱାନ ଗୁଣି ଜ୍ଞାନୀ ଜନ
ଚାରି ଯୁଗେ ବର ପାଇ
ସବୁ ଯୁଗେ ସେହି ରହିବ ଜୀବିତ
କେ ପାରିବ ପ୍ରାଣ ନେଇ।

କେବଳ ତାହାକୁ ଶିକ୍ଷା ସଂସ୍କାରରେ
ପାରିବା କେବଳ ଜିଣି
ଭାବନାହିଁ କେବେ ଦାନବର ଶକ୍ତି
ନିୟୁନ ନୁହଇଁ ପୁଣି।

ISSN NO.
2582-208X

ଜ୍ଞାନ ସଂସ୍କାରରେ ହୋଇଲେ ନିପୁଣ
ଦୈତ୍ୟ ଶକ୍ତି ହେବ ନାଶ
ନିର୍ଭୟରେ ନର ରହିବେ ସଂସାରେ
ମିଳିବ ଶାନ୍ତିର ଯଶ ।

ବରଷକେ ଥରେ ଆସୁଛ ଧରାକୁ
ଦଶଭୂଜା ମହାମାୟୀ
କୌଣପ ନାଶିନୀ ଶକ୍ତି ସ୍ୱରୁପିଣୀ
କୃପା କର କୃପାମୟୀ।

ତୁମ ଆବିର୍ଭାବେ ଦୈତ୍ୟ ଶକ୍ତି ହାରେ
ହସୁଥାଏ ଏହି ଧରା
ପାର୍ବଣ ମୁଖର ହେଉଥାଏ ପୁଣି
ପାଳୁଥାଉ ଦଶହରା।।

ଜୁଣଗଡି (ରାଜନଗର),
କେନ୍ଦ୍ରାପଡ଼ା

ISSN NO.
2582-208X

# ତବ ଆଗମନେ



ମୋନାଲିସା ପଣ୍ଡା

1)ଶରତ ଆଗମନରେ କାଶତଣ୍ଡିର ସ୍ପର୍ଶ,
ମା ମହାମାୟା ଅବତରଣ ର ଦିଏ ସେ ସନ୍ଦେଶ,
କି ସୁନ୍ଦର ଧବଳ ଦିଶେ ଏ ଆକାଶ,
ମା ମହାମାୟୀ ଢାଳି ଦେବ ତାହାର ଆଶିଷ ।।
2)ତାହାରି ଭବ୍ୟ ସ୍ୱାଗତେ ସାଜସଜ୍ଜା ଗାଁ ଠୁ ସହର,
ଘର ଦ୍ୱାର ଲିପା ପୋଛା ମେଢ଼ ର ମଲ୍ଲାର,
ଚିକି ମିକି ଆଲୁଅ ରେ ଜଗତ ସୁନ୍ଦର,
ମା ଆସି ଭରିଦେବ ସୁଖ ଶାନ୍ତି ଅପାର ।।
3)ମା ଅଭିମୁଖେ ବାଜୁଅଛି ଘଣ୍ଟ ଶଙ୍ଖ ଢୋଳ,
ଘୁମୁରା ମହୁରୀ ସାଙ୍ଗେ ମୃଦୁଙ୍ଗ ର ତାଳ,
ମାଆ ର ଦର୍ଶନ ବିନା ମନ ଲାଗୁନାହିଁ,
ଆଶ୍ୱିନ ପ୍ରବେଶେ ମାଆ ଆସୁଅଛି ଧାଇଁ ।।
4)ସନ୍ତାନର ଦୁଃଖ ଶୋକ ସବୁ ହରି ନେବ,
ପାପୀ ର ପାପ କୁ ମାଁ ବିନାଶ କରିବ,
ଖଡ୍ଗ ଖର୍ପ ର ଧାରିଣୀ ଦଶଭୁଜା ମହାମାୟୀ,
ଦୁଃଖ ନାଶି ସୁଖ ଦେବ, ଅଭୟାଦାଇନି ।।
5)କେତେ ରୂପେ ନାନା ସ୍ଥାନେ
ପୂଜା ସେ ପାଇବ,

ISSN NO.
2582-208X

ଭକତର ମନବାଞ୍ଛା ପୂରଣ କରିବ,
ଲଙ୍କେଶ୍ୱରୀ ମାହେଶ୍ୱରୀ କେତେ ରୂପ ନେବ,
ଚଉଦିଗେ ତା ନାଁ ର ଡମ୍ବରୁ ବାଜିବ ।।
6 )ନାଲି ଶାଢ଼ୀ ସିନ୍ଦୁର ରେ ମା ଯେ ସଜ୍ଜିବ,
ରକ୍ତ ପୁଷ୍ପ ମାଳା ପିନ୍ଧି ସିଂହ ରେ ବସିବ,
ମନଲୋଭା ମୃଣ୍ମୟୀ ବେଶ ଧାରଣ କରିବ,
ଦଶରାରେ ମାଆ ଧରା ପୃଷ୍ଠ କୁ ଆସିବ ।।
7 )ଜଗତର ହାହାକାର ବିଲୁପ୍ତ ଯେ ହେବ,
ମହୀ ଭାରା ନିବାରିଲେ ଜଗତ ହସିବ,
ଜନ ହିତ ହେଲେ ଭବ ସାଗର ତରିବ,
ସଂସାରର ସୁଖ ଦେଖି ମାଆ ଯେ ହସିବ ।।
8 )ଲାହା ଲାହା ଜିହ୍ୱା କରି ସଂହାର କରିବ,
ଭକତ ର ଦୁଃଖ ହାରି ଶାନ୍ତି ବାର୍ତ୍ତା ଦେବ,
ତ୍ରେତା ଯୁଗ ପରି ସବୁ ଯୁଗେ ସାହା ହେବ,
ରାମଚନ୍ଦ୍ରଙ୍କ ପରି ଦୁଃଖ ଲାଘବ କରିବ ।।
9 )ଧର୍ମ ସଂସ୍ଥାପନା ଦୁଷ୍ଟ ଦମନ ସକାଶେ,
ଯୁଗେ ଯୁଗେ ଅବତରୁ ସେହି ଅବକାଶେ,
ବ୍ରହ୍ମା ବିଷ୍ଣୁ ମହେଶ୍ୱର -
ସ୍ତୁତି କଲେ ତୋର ପାଶେ,
ସଦା ଭକ୍ତି ତୋ ଚରଣେ କୃପା ଲଭିବାର ଆସେ ।।
10 )ଦୁଷ୍ଟ ସଂଘରିଣୀ ମାଗୋ ମହିଷାମର୍ଦ୍ଦିନୀ
ତବ କୃପା ହେଉ ନିତ୍ୟ ଧରା ରେ ଜନନୀ,
କ୍ଷମାମୟୀ ଦୁର୍ଗା ମାଗୋ ଏତିକି ମିନତୀ
ତୋ ପାଦ ତଳେ ସ୍ଥାନ ମିଳୁ ଘେନ ମୋ ପ୍ରଣତି ।।

କୋମନା, ନୂଆପଡ଼ା

ISSN NO.
2582-208X

# କୁଞ୍ଜବନେ କିଏ ଗୋ



ନମିତା ଦାଶ

କୁଞ୍ଜବନେ ଗୁଞ୍ଜି ଉଠେ ବଂଶୀର ମଧୁର ସ୍ୱର
କୁଞ୍ଜ ବିହାରୀ ଙ୍କ ମନମୋହନ ବଂଶୀରେ
ଗୁଞ୍ଜନ ଖେଳଛି  ରାଧା ରାଣୀ ଓ ଗୋପୀଙ୍କ ମନେ
ସବୁକଛି ଭୁଲି  ରାଧାରାଣୀ ବଂଶୀ ତଳେ ଘୁଙ୍ଗୁର ତାଳ ଦେଇ,
ଗୋପୀଙ୍କ ମେଳେ କୁଞ୍ଜବନେ କରନ୍ତୁ ରମଣ
ମୟୁରଚୁଳ  ଶୋଭିଦିଶେ କ ସୁନ୍ଦର
ସଙ୍ଗେ ରାଧାରାଣୀ ଙ୍କ ଦୁର୍ଲଭ ବେଶ ଅତିରମନୀୟ
ରାଧା-ରମଣ କଦମ୍ବ ମୂଳରେ  କରୁଥିଲେ  ରାସଲିଳା
ଗୋପିମାନେ ଝୁଲାଉଥିଲେ ଝୁଲା.
ବଂଶୀ ସ୍ୱରେ ଶ୍ରୀ ରାଧା ବତୁଲୀ,
ନୀରବନସ୍ଥଳ କୁଞ୍ଜବନେ ମଧେ
ରାଧା ପଗ୍ଭରନ୍ତୁ ବିଶାଖା ଗୋ ବସିଛି କୁଞ୍ଜବନେ କଏ ଗୋ
କୁଞ୍ଜବନେ ରାଧାକୃଷ୍ଣ ଯୁଗଳ ଦୃଶ୍ୟ ଗୋପୀଙ୍କୁ କରିଛି ବିମୁଗ୍ଧ
ଗାଇଉଠନ୍ତୁ ଗୋପୀଜନ ଜୟ ଜୟ ରାଧା ରମଣ ହରିବୋଲ....
ଜୟ ଜୟ ରାଧା ରମଣ ହରିବୋଲ ........

ନବିମୁମ୍ବାଇ, ମହାରାଷ୍ଟ୍ର

ISSN NO.
2582-208X

# ଓଡିଆ ଉପନ୍ୟାସକୁ ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ ଙ୍କ ଅବଦାନ



ପ୍ରତାପ ଚନ୍ଦ୍ର ସାହୁ

କାଳନ୍ଦୀ ଚରଣ ପାଣିଗ୍ରାହୀ ଜଣେ ଓଡିଆ ସାହିତ୍ୟ ଉପନ୍ୟାସ ର ଖ୍ୟାତାନାମା ଓଉପନାସିକ। ସେ ଥିଲେ ଏକାଧାରରେ ଜଣେ ଗାଳ୍ପିକ, ଔପନାସିକ, ନାଟ୍ୟକାର, କବି ଓ ଶିଶୁ ସାହିତ୍ୟିକ। ଆଧୁନିକ ଓଡିଆ ସାହିତ୍ୟରେ ସବୁଜ ଆନ୍ଦୋଳନ ର ଅନ୍ୟତମ ଶକ୍ତିଶାଳୀ କବି କାଳନ୍ଦୀ ଚରଣ ଙ୍କ ର ୧୯୦୧ ମସିହା ର ଅଗଷ୍ଟ ମାସରେ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଶାସନ ରେ ଜନ୍ମ ହୋଇଥିଲା। ତାଙ୍କ ପିତାଙ୍କ ନାମ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଓ ମାତାଙ୍କ ନାମ ସରସ୍ୱତୀ ଦେବୀ। ତାଙ୍କର ଜ୍ୟେଷ୍ଠ ଭ୍ରାତା ଦିବ୍ୟସିଂ ପାଣିଗ୍ରାହୀ ଜଣେ ସୁ-ଲେଖକ ଥିଲେ। ତାଙ୍କର କନିଷ୍ଠ ଭ୍ରାତା ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ନବଯୁଗ ସାହିତ୍ୟ ସଂସଦ ର ପ୍ରତିଷ୍ଠାତା ଏବଂଜଣେ ସୁ-ଗାଳ୍ପିକ। ଛାତ୍ର ଜୀବନ ରେ କାଳନ୍ଦୀ ଚରଣ ଙ୍କ ର ଦୁଇଟି ହାତଲେଖା ପତ୍ରିକା "ଛାତ୍ର ଦର୍ପଣ" ଏବଂ "ଶକ୍ତି ସାଧନା" ସମ୍ପାଦନା ରେ ପ୍ରକାଶ ପାଉଥିଲା। କର୍ମମୟ ଜୀବନ ରେ ମଧ୍ୟ ସେ ବାରିପଦା ରେ ଇଂରାଜି ପତ୍ରିକା "ମୟୁରଭଜଂ କ୍ରିନିକାଲ୍" ଓ ଓଡିଆ ପତ୍ରୀକା "ଭଜଂପ୍ରଭା " ପ୍ରକାଶ ପାଉଥିଲା। କାଳନ୍ଦୀ ଚରଣ ଙ୍କର "ଯୁଗ ବାଣୀ" ଓ "ସହକାର" ପତ୍ରିକା ର ସମ୍ପାଦନା ବି କରୁଥିଲେ।

କବି ଓ କଥାକାର କାଳିନ୍ଦୀଚରଣ ପାଣିଗ୍ରାହୀ ଜଣେ ସବୁଜ ଯୁଗୀୟ ସାହିତ୍ୟସ୍ରଷ୍ଟା। ସେ କବି ଭାବରେ ଯେତିକି ପ୍ରତିଷ୍ଠାପ୍ରାପ୍ତ, ଜଣେ କଥାକାର ଭାବରେ ତା'ଠାରୁ ଅଧିକ ପ୍ରତିଷ୍ଠାପ୍ରାପ୍ତ। ସବୁଜପନ୍ଥୀ କବିମାନେ ପ୍ରେମ ଓ ତାରୁଣ୍ୟ ର ଜୟଗାନ କରନ୍ତି । ସେଇ ଦିନ ରେଭେନ୍ସା କଲେଜ ରେ ଯେଉଁ ପାଚଂ ଜଣ ତରୁଣ କବି ନନ୍ ସେରସ୍ କ୍ଲବ ଆନୁକୁଲ୍ୟ ରେ ତାରୁଣ୍ୟ ର ଜୟଗାନ କରିଥିଲେ ଏବଂ ଚର୍ଚ୍ଚା ର ପରିସର କୁ ଆସିଥିଲେ, ସେଇ ପାଚଂ ଜଣ ମଧ୍ୟରେ ଥିଲେ କାଳନ୍ଦିଚରଣ। ସେ ଥିଲେ ଅନ୍ୟତମ। ଅନ୍ୟମାନେ ହେଲେ -

ISSN NO.
2582-208X


ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠ ନାଥ ପଟନାୟକ, ଶରତ ଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର। ଏଇମାନେ ସମସ୍ତେ ଥିଲେ ସ୍ମରଣଯୋଗ୍ୟ ପ୍ରତିଭା। କାଳନ୍ଦିଚରଣ ପାଣିଗ୍ରାହୀ ଥିଲେ ଜଣେ ଯୁଗାନ୍ତକାରୀ ଔପନାସିକ। "ମାଟିର ମଣିଷ" ତାଙ୍କର କାଳଜୟୀ ଉପନ୍ୟାସ। ବ୍ୟାସ କବି, କଥା ସମ୍ରାଟ ଫକିର ମୋହନ ସେନାପତି ଙ୍କ ପରେ କାଳନ୍ଦିଚରଣ ପାଣିଗ୍ରାହୀ ଥିଲେ ଜଣେ ଖ୍ୟାତାନାମା ଔପନାସିକ। ଫକିର ମୋହନ ଙ୍କ ପରି କାଳନ୍ଦିଚରଣ ମଧ୍ୟ ଲୋକମୁଖର ଭାଷା ରେ ରଚନା କରିଥିଲେ "ମାଟିର ମଣିଷ"। ଏହା ଏକ କାଳଜୟୀ ଉପନ୍ୟାସ । ଗାନ୍ଧୀ ଆଦର୍ଶ ର ମହନିୟ ଦର୍ଶନ ରେ ଅନୁପ୍ରାଣିତ ହୋଇ ସେ ରଚନା କରିଥିଲେ ଯୁଗାନ୍ତକାରୀ ଉପନ୍ୟାସ "ମାଟିର ମଣିଷ" ।

କାଳନ୍ଦୀ ଚରଣ କେବଳ କବି ଓ ଔପନାସିକ ନ ଥିଲେ, ସେ ଥିଲେ ମଧ୍ୟ ଜଣେ ଯଶସ୍ୱୀ ଗାଳ୍ପିକ। "ମାଂସର ବିଳାପ" ଗଳ୍ପ ପାଇଁ ସେ ପାଠକ ର ହୃଦୟ ରାଜ୍ୟ ରେ ସ୍ୱଚ୍ଛଳ ସ୍ଥାନ ଅଧିକାର କରିପାରିଥିଲେ। ତାଙ୍କର ସମସ୍ତ ଗଳ୍ପ ରେ ରହିଛି ଗଭୀର ଅନୁଭୂତି ଓ ମାନବ ସମ୍ବେଦନଶୀଳତା। ସମ୍ବେଦନଶୀଳ ମାନବ ପ୍ରାଣ ର ତରୁଣ ଧ୍ୱନୀ ତାଙ୍କ ଗଳ୍ପ ମାନଙ୍କ ରେ ଦେଖିବାକୁ ମିଳିଥାଏ। ତାରୁଣ୍ୟ ର ଉଦ୍ଦମ୍ୟ ସଙ୍ଗୀତ ଗାନକରି ଗଢିଥିଲେ ସବୁଜ ସମିତି। ପ୍ରାଥମିକ ସ୍ତରରେ ସେଇ ପାଚଂ ଜଣ ଥିଲେ ରୋମାଣ୍ଟିକ୍ କିନ୍ତୁ ପରେ ପରେ ସେଇମାନେ ହିଁ ହୋଇଥିଲେ ବାସ୍ତବବାଦୀ। ପରବର୍ତ୍ତୀ କାଳରେ ବଦଳି ଯାଇଥିଲା କାବ୍ୟଦର୍ଶନ ର ଆଭିମୁଖ୍ୟ।

କାଳନ୍ଦିଚରଣ ପାଣିଗ୍ରାହୀ ଥିଲେ ଛାତ୍ର ଅବସ୍ଥାରୁ ମେଧାବୀ ଓ ସର୍ଜନଶୀଳ ସ୍ରଷ୍ଟା। ତାରୁଣ୍ୟକାଳରୁ ସେ ଥିଲେ ସବୁଜ କବି। ପରବର୍ତ୍ତୀ କାଳରେ ସେ ପ୍ରଗତୀବାଦୀ କବି । "ପୁରୀ ମନ୍ଦିର" କବିତା ପରେ ତାଙ୍କର ନୂତନ କାବ୍ୟ ଦର୍ଶନ ର ପରିଚୟ ମିଳିଥିଲା। ସେ ହେଲେ ମାନବବାଦୀ କାବ୍ୟ ଶିଳ୍ପୀ। ତାହାର ସୂଚନା ସ୍ୱରୂପ ସେ ମୁକ୍ତ ସମାଜ ପାଇଁ "ଛୁରୀ ଟିଏ ଲୋଡା" ନାମରେ ଏକ କବିତା ରଚନା କରିଛନ୍ତି। ତାଙ୍କର କବିତ୍ୱ ର ସମୟ ସୀମା ଥିଲା ୧୯୨୦ ରୁ ୧୯୩୨ ପର୍ଯ୍ୟନ୍ତ। ଏହା ହିଁ ତାଙ୍କ ସୃଷ୍ଟିର ଆଦ୍ୟ ଭାଷାର ଅରୁଣ ଆଭା।ସେଇ ସ୍ୱପ୍ନ ବିଭୋର ଓ ରୋମାଣ୍ଟିକ୍ ସବୁଜ କବି ଙ୍କ ପରବର୍ତ୍ତୀ କାଳରେ ମହାନ୍ ବିପ୍ଳବୀ କବି ଭାବରେ ପାଠକ ଭେଟିଥାଏ। ତା'ର ମାର୍ମିକ ଉତ୍ତରଣ ଘଟିଛି କବିତା "ଆଗାମୀ" ରେ। ସବୁଜ କବିତା ୧୯୨୦ ରୁ ୧୯୩୨ ପର୍ଯ୍ୟନ୍ତ ଅତିବାହିତ ହେଲାପରେ ତାଙ୍କର କାବ୍ୟସ୍ୱର ପାଲଟିଲା ସଚେତନ ଓ ବାସ୍ତବ ଧର୍ମୀ। ସମାଜ ସଚେତନ ଓ ସାମ୍ୟ

ISSN NO.
2582-208X

ବାଦୀ କାଳନ୍ଦିଚରଣ ଙ୍କ ନବଜନ୍ମ ଘଟେ। ଏହି ମହାନ୍ କିର୍ତ୍ତିମାନ ସାହିତ୍ୟ ସାଧକ ଙ୍କୁ ୧୯୭୧ ମସିହାରେ ଭାରତ ସରକାର ପଦ୍ମ ଭୂଷଣ, କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋ ରୁପେ, ୧୯୭୦ ମସିହା ରେ ଓଡିଶା ସାହିତ୍ୟ ଏକାଡେମୀ ରେ ସମ୍ମାନିତ କରିଥିଲେ। ୧୯୭୬ ମସିହା ରେ ସମ୍ବଲ ପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ଡି ଲିଟ୍ ଉପାଧି ପ୍ରଦାନ କରିଥିଲା। କାଳନ୍ଦି ଚରଣ ଅନେକ ନାଟକ, ପ୍ରବନ୍ଧ ଓ ସମାଲୋଚନା ମୂଳକ ରଚନା କରି ଯାଇଛନ୍ତି। ତାଙ୍କର ସାହିତ୍ୟ ପ୍ରତିଭା ତଥା ଉପନ୍ୟାସ ଜଗତ କୁ ସ୍ମରଣ କରି ଭାରତ ସରକାର ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନେକବାର ପୁରସ୍କୃତ କରିଛି। ଏଇ ମହାନ୍ ପ୍ରତିଭା ଙ୍କର କର୍ମମୟ ଜୀବନର ଅବସାନ ଘଟିଥିଲା ୧୯୯୧ ମସିହା ଜୁନ୍ ମାସ ୨୫ ତାରିଖରେ ।

ନବରଙ୍ଗପୁର
୯୪୩୭୭୮୮୮୭୦

ISSN NO.
2582-208X

# କବିତାରେ ଦେଲି କହି



ଶିଶିର କୁମାର ପଣ୍ଡା

ଭାଷଣବାଜିରେ ଦକ୍ଷତା ନାହିଁ ମୋ
କବିତା ଲେଖଇ ଯାହା
ନିରବ ସାଧନା  କରେ ମୁଁ ବସିକି
ଲୋଡ଼େ ନାହିଁ ବାହା ବାହା ।
ଅଶୀ ମସିହାରୁ କବିତା ଲେଖୁଛି
ସମୟ ସୁବିଧା ଦେଖି
ଭାବର ବିଛା ମୋ ମୁଣ୍ଡ କାମୁଡ଼ିଲେ
କାଗଜରେ ଦିଏ ଲେଖି ।
ସକାଳରୁ କରେ ଯୋଗ ପ୍ରାଣାୟାମ
ତା' ପରେ ଶବଦ ଖେଳ
ନିଜର କାମରେ ବୁଡ଼ିଥାଏ ବୋଲି
ଜଣା ପଡ଼େନାହିଁ ବେଳ ।
ଲେଖାରେ କିଏସେ ଉଠିଲା ପଡ଼ିଲା
ସେଥିକୁ ନଜର ନାହିଁ
ନଥାଏ ମନରେ ଈର୍ଷା କି ଅସୁୟା
ସତରେ କାହାରି ପାଇଁ ।

ଏହିପରି ଚାଲେ ଜୀବନ ଜୀବିକା
ହୋଇ ସଦା ସନ୍ତୁଳିତ
ଭାଙ୍ଗିପଡ଼େ ନାହିଁ ମନଟା ଦୁଃଖରେ
ଆନନ୍ଦେ ହୁଏନା ପ୍ରୀତ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ଆଲୋଡନ



ଆୟୁଷ ବଢ଼ାଇ

ନିଛାଟିଆ ଗୋଟେ ଲମ୍ବା ପଥେ
ଚଳ ଚଞ୍ଚଳ ମନ ତୁ ଭରି ଅମାନିଆ,
କଥା କଥା ରେ ଭରି ଦଉ ନିଷ୍ଫଳ ପ୍ରେମ
ଆଜି ଏଠି କାଲି ନାହିଁ କେଡେ ବେମାନିୟା ।।

ଚଞ୍ଚଳ ମନେ ଭରି ନିଷ୍ଫଳ ପ୍ରେମ
ଗଢ଼ିଦଉ ମନେ କାଗଜ ଡଙ୍ଗା ର ଲାଳସା,
ବେଲ ଥାଉ ଥାଉ ନ ବର୍ଜିଲେ ବାପ
ନେଇଯାଉ ମନେ ବାନ୍ଧି ନାନା ବସା ।।

ଥରେ ସମୟ ଚାଲିଗଲେ ଯେବେ
ଆଉ କି କଣ କିଛି ଲାଭ,
ବେଲ ଥାଉ ଥାଉ ତ
ନ କରି ପାରିଲୁ ତାକୁ ଠାବ ।।

ନିଷ୍ଫଳ ପ୍ରେମ ମାୟାଜାଲେ ବାନ୍ଧି
କାମଦେବ କରିଥିଲା କି ମାୟା,

ISSN NO.
2582-208X

ଭଲ ମନ୍ଦ ଆଗେ ଦିସୁଥାଇ ମଧ୍ୟ
ଲଗାମ ଛୋଡ ହୋଇଲୁ ରେ ବାୟା ।।

ଜହ୍ନ ଆଲୁଅ ନିଛାଟିଆ ରାତିରେ
ଗଢ଼ି ପ୍ରେମ ସମ୍ପର୍କ ତୀର,
ମୁଢ଼ ହଜେଇଲୁ ମୂଲ୍ୟବାନ
ସମୟ ଜୀବନ ର ତୋର ।।

କରି ସାରି ନିଷ୍ଫଳ ପ୍ରେମ ସେହି
ନିଛାଟିଆ ଜହ୍ନରାତି ଆଲୁଅ ରେ,
ପଛକୁ ଚାହିଁ ଦେଖିଲେ ଶରୀର
ପୁଣି ସେହି ବାସି ବିଛନା ଉପରେ ।।

ବାଣିଜ୍ୟ ବିଭାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ,
ସମ୍ବଲପୁର
ମେଲ୍ _ ayushbadhai191@gmail.com

ISSN NO.
2582-208X


# ନୟନାଭିରାମ ପୁରୁଷଉତ୍ତମ



ମାଳତୀ ଦେବୀ

ନୟନାଭିରାମ ପୁରୁଷ ଉତ୍ତମ ନୀଳମଣି ଘନଶ୍ୟାମ ।
ନମ ହରିପଦ ହରିବ ବିଷାଦ ପ୍ରାପ୍ତ ହେବ ଦିବ୍ୟ ଧାମ ।୧।
ନୀଳ ନବଘନ ସୁନ୍ଦର ବରନ ନବନୀତ ଚୋର କୃଷ୍ଣ ।
ନୀପ ମୂଳିଆ ସେ ଚିକ୍କଣ କାଳିଆ କମଳାକାନ୍ତ ମୋହନ ।୨।
ନନ୍ଦସୁତ ଶ୍ରୀମତୀ କାନ୍ତ ଅଚ୍ୟୁତ ନାମେ ହରଇ ଦୂରୀତ ।
ନରକାର୍ଣ୍ଣବ ତାରଣ ନାରାୟଣ ଗୁଣ ଧାମ ଯା ପବିତ୍ର ।୩।
ନିତ୍ୟ ନିରଞ୍ଜନ ଗରୁଡ ଆସନ ନଟବର ଦାମୋଦର ।
ନୀଳମଣି ଚକ୍ରପାଣି ବେଣୁପାଣି ଶ୍ରୀହରି ନନ୍ଦକୁମର ।୪।
ନଟ ସମ୍ରାଟ ଶ୍ରୀକୃଷ୍ଣ ନନ୍ଦଚାଟ କଳ୍ପବଟ ପାଶେ ଘର ।
ନକରି ବିଳମ୍ବ ଭଜ ପଦ୍ମନାଭ ଗୋବର୍ଦ୍ଧନ ଗିରିଧର ।୫।
ନିରାକାର ଜଗଦୀଶ୍ୱର ଶ୍ରୀଧର ଦର୍ଶନେ ହରଇ ପାପ ।
ନାଶକର ଦଣ୍ଡ ଖଣ୍ଡନ ନିମନ୍ତେ କ୍ଷେତ୍ରେ ବିଜେ ବିଶ୍ୱବାପ ।୬।
ନିମ ଦାରୁରେ ତା ଗଢା ଅପଘନ କରେ ଶଙ୍ଖଚକ୍ର ଚିହ୍ନ ।
ନାମଧାମ ରୂପ ଗୁଣ ଲୀଳାମାନ ଯାହାର ଅଟେ ପାବନ ।୭।
ନକ୍ଷେତ୍ରେଶ ବଂଶ ଅବତଂଶ କୃଷ୍ଣ ପୁତନାରୀ ହୃଷୀକେଶ ।
ନିଜ ପର ଭେଦଭାବ ନାହିଁ ଯାର ସେହି କମଳା ବିଳାସ ।୮।

ଲୋକାପଡା, ପୁରୁଣାବଜାର, ଆଳି

ISSN NO.
2582-208X

# ପେଟ ପାଇଁ ନାଟ



ସୂର୍ଯ୍ୟ ନାରାୟଣ ସାହୁ

ଓଡ଼ିଆର ଏକ କଥା ଅଛି... "ଦଇବ ଦୌଡ଼ି ମଣିଷ ଗାଇ ଯେଣିକି ଟାଣିବ ତେଣିକି ଯାଇ..।" ହେଲେ ଯୋଉ ମଣିଷ ଗରିବ ହେଇ ଜନ୍ମ ନେଇଥାଏ, ସେ କିଛି ବି କାମ କରି ଗୁଜୁରାଣ ମେଣ୍ଟେଇବାକୁ ଚାହିଁଥାଏ । କଣ ବା ଆଉ କରିବ?? ଦରିଦ୍ରତା ତାକୁ ଏମିତି ଗ୍ରାସ କରିଥାଏ ଯେ... ସେ ଯାହା ବି ହଉ ନିଜ ପେଟ ଚାଖଣ୍ଡକ ପାଇଁ ନିଜ ପରିବାରକୁ ଆଖି ଆଗରେ ରଖି ସବୁ ନାଟ କରିବାକୁ ପ୍ରସ୍ତୁତ ଥାଏ । କାହିଁକି ନା ଦରିଦ୍ରତାର ଭୋକ ରେ ସେ ଏମିତି ଭୋକିଲା ହୋଇଥାଏ ଯେ ତା ପେଟ ର ଜ୍ୱାଳାମୁଖୀ ସବୁ କରିବା ପାଇଁ ତାକୁ ପ୍ରବାର୍ତ୍ତାଇ ଥାଏ, ଯାହା ଏକ କୁନି ପିଲା ଆକାଶର ମୁହଁରୁ ମୁଁ ଆଜି ନିଜେ ଅନୁଭବ କରିଲି।

********

ଆଜି ଅର୍ଥାତ; ତା 06/06/22 ରିଖ, ମୁଁ ବ୍ରହ୍ମପୁର ରୁ ଗାଁ ଅଭିମୁଖେ ଫେରିଲାବେଳେ ବାଲିପଦର ନିକଟବର୍ତ୍ତୀ ଏକ ସୁନ୍ଦର ପଦ୍ମ ପୋଖରୀ ଦେଖି ମୋ ବାଇକର ବ୍ରେକକୁ ଚାପିଦେଇ, ଗଡୁଥିବା ଚକର କ୍ଷିପ୍ରତାକୁ ଅବରୋଧ କଲି । ଏବଂ ରୋଡ଼ ସାଇଟ ରେ ବାଇକ ରଖି ସେଇ ପଦ୍ମ ପୋଖରୀ ଆଡକୁ ଅଗ୍ରସର ହେଲି । ଏବଂ ସେଇ ପୋଖରୀର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ମୋର ସ୍ୱ-ଚକ୍ଷୁକୁ ନିୟୋଜିତ କରାଇ ପୋଖରୀର ଚାରି କୋଣରୁ ବୁଲାଇ ଆଣିଲି । ଆଖି ପାଉ ନଥାଏ!! ଏତେ ବଡ଼ ପୋଖରୀ!! କିନ୍ତୁ; ଜୁନ ମାସ ଯୋଗୁଁ ସୂର୍ଯ୍ୟର ବିଭୀଷଣ ରୂପ ଯେମିତି ସେଇ ପୋଖରୀର ଜଳକୁ ଶୋଷି ନେଇଛି । ଆଉ ପାଣି ମଧ୍ୟ ଟିକେ ସୁଖୀ ଯାଇଛି । ସେଠିକାର ସୁ-ଶୀତଳ ଥଣ୍ଡା ବା ମୋର ଦେହର ପଥକ୍ରାନ୍ତିକୁ ଉପଶମ ଦେଲା । ସେଇ ପୋଖରୀ କୂଳରେ ଛିଡ଼ାହୋଇ କିଛିକ୍ଷଣ ଅନୁଧ୍ୟାନ କରି

ISSN NO.
2582-208X

ଦେଖିଲି..ପାଞ୍ଚ କି ଛ ଜଣ ହେବ ଛୋଟ ଛୋଟ କୁନି କୁନି ପିଲା ପୋଖରୀ ଭିତରେ ପଶି ପଦ୍ମ ଫୁଲ ତୋଳୁଛନ୍ତି, କେହିଜଣେ ମୋ ଭଳି ଏକ ବାଇକ ଆରୋହୀଙ୍କ ପାଇଁ । ଆଶ୍ଚର୍ଯ୍ୟ ଲାଗୁଥାଏ ସେମାନଙ୍କର ଦୁଃସାହସକୁ ଦେଖି, ଭୟ ମଧ୍ୟ ସେତିକି ଲାଗୁଥାଏ ସେମାନଙ୍କ ଏଇ କଅଁଳ ବୟସରୁ ଏଇ ବିପଦଜ୍ଜନକ କାମ ଦେଖି । ମନରେ ପାପ ଛୁଁ ଥାଏ ସେମାନଙ୍କର କିଛି ହେଇଯିବନି ତ..!! ତାହେଲେ ସେଇ ବାଇକବାଲା ଯୁବକ ଦୁଇ ଜଣ ନିଜକୁ କ୍ଷମା ଦେଇପାରିବେନି । ଚେହେରାରୁ ଦେଖିଲେ ଜଣାପଡୁଥାଏ 10/12 ବର୍ଷ ହେବ ବୋଧେ!! କିନ୍ତୁ, ଟଙ୍କା ପଇସାର ଅଭାବ ହେତୁ ଖିଆ ପିଆ ଠିକ ସେ ନକରି ଦେହରେ ହାଡ଼ ସବୁ ଦେଖା ଯାଉଥାଏ, ଦେହ ପାଆର ଯତ୍ନ ଅଭାବରୁ ସେମାନଙ୍କ ଦେହ ପୁଙ୍ଗୁଳା ଓ ମୁଣ୍ଡରେ ତେଲ ନ ଲଗାଇ ବାଳ ସବୁ ନୁଖରା ହୋଇ ପେଣ୍ଠୁରା ବର୍ଣ୍ଣ ଦେଖାଯାଉଥାଏ । ଏବଂ ସମଗ୍ର ଶରୀର କୁ ଦେଖିଲେ କୌଣସି ଧୀବର ବା କୈବର୍ତ୍ତ ବା ହରିଜନ ଜାତିର ପିଲା ପରି ଜଣାପଡୁଥାନ୍ତି ।

ତନ୍ମଧ୍ୟରୁ ଜଣେ ପିଲା ସେଇ ବାଇକ ବାଲା ଯୁବକକୁ କିଛି ପଦ୍ମଫୁଲ ତୋଳି ଆଣି ଦେଲା ଏବଂ ତା ପ୍ରତିବଦଳରେ ସେ ବାଇକବାଲା ଯୁବକଟି ତାକୁ ଦଶ ଟଙ୍କିଆ ନୋଟଟିଏ ଦେଲା । ମୁଁ ସେଠି କିଛି ଦୂରରେ ଥାଇ ସବୁ ନିରୀକ୍ଷଣ କରୁଥିଲି । ଦଶ ଟଙ୍କିଆ ନୋଟ ଟି ଦେଖି ପ୍ରଥମେ ସେ ଖୁସି ହେଇଥିଲା ହେଲେ ସେତିକି ଟଙ୍କାରେ ତାର ଭରଣ ପୋଷଣ ହେଇପାରିବନି । ଏବଂ ତାର ପାରିଶ୍ରମିକ ମିଳିଲାନି ବୋଲି ମନ ଦୁଃଖରେ କୁହେ... "ଭାଇ..ଆଉ ଦଶ ଟଙ୍କା ଦେଲେ ଭଲ ହୁଅନ୍ତା । ଏତିକି ପଇସାରେ ମୁଁ... ।" ପିଲାଟି କିଛି କହିବାକୁ ଚାହୁଁଥିଲା.. ହେଲେ ସେଇ ବାଇକ ବାଲା ଯୁବକ ସେଠୁ ଖସିବାର ଉପାୟ କରି କହିଲା... "ମୋ ପାଖେ ଆଉ ପଇସା ନାହିଁ, ଏତିକି ହିଁ ଅଛି, ନେବୁ ଯଦି ନେ... ନହେଲେ ତୋ ଫୁଲ ତୋ ପାଖରେ ରଖ.. ।" ପିଲାଟି ବାଧ୍ୟ ହୋଇ କିଛି କହିନପାରି ଅବାକ ହୋଇ କରୁଣ ଚାହାଣି ରେ ଚାହିଁ ରହିଲା । କାହିଁକିନା; ସେ ନିରୁପାୟ ଥିଲା । ଯାହା ହେଲେ ବି ତାକୁ ଟଙ୍କା ଦରକାର ଥିଲା ଆଉ ସେ ଟଙ୍କା ନେଇ ତା ମାଙ୍କୁ ଦେଲେ ତା ମା ଖୁସି ହେବ ବୋଲି ଆଖିରେ ଆଖିଏ ସ୍ୱପ୍ନ ଦେଖୁଥିଲା । ମତେ ସେ ସେତେବେଳେ କହିଲା ଯେତେବେଳେ ସେଇ ଯୁବକ ଜଣକ ସେଠୁ ଚାଲି ଯାଇଥିଲା । ପିଲାଟି ଗରିବ ହେଲେ ବି ଭିକ୍ଷା ବୃତ୍ତି ନ କରି କଷ୍ଟ ହେଉ ପଛେ କାହା ଉପରେ ନିର୍ଭରଶୀଳ ନହୋଇ ନିଜେ ରୋଜଗାର କରି ନିଜ ପାଇଁ ନିଜେ ଦାନା ମୁଠେ ଯୋଗାଡ଼ କରିପାରୁଥିଲା । ତାକୁ ଦେଖିଲା ପରେ ମୋର ଶରୀରର ସମସ୍ତ ରେଣୁ ଉଦ୍ଭାସିତ ହୋଇ ଉଠିଥିଲା, ମୋ ନିଜକୁ ନିଜ ବହୁତ ଛୋଟ ମନେ

ISSN NO.
2582-208X

ହଉଥିଲା, ସେ ଛୋଟ ହେଲେ ମଧ୍ୟ ତା ଠାରୁ ବହୁତ କିଛି ଶିଖିବାର ଥିଲା । କିନ୍ତୁ; ଦେଖିକି ଏତିକି ଖୁସି ଲାଗିଲା ଟଙ୍କା ପାଇଁ ସେ କାହାରି ଆଗରେ ହାତ ପତେଇ ପଇସା ମାଗୁନାହିଁ । ସେ ସ୍ୱାଭିମାନର ସହ ବଞ୍ଚିବା ପାଇଁ ପଥ ଖୋଜୁଥିଲା । ତାକୁ ଦେଖି ମୋ ମନର ହିରୋ ପଣିଆଟା ଜାଗ୍ରତ ହୋଇ ଉଠିଲା । ନିଜର ହିରୋପଣ ଦେଖାଇ ସେଇ ପିଲାକୁ ପାଖକୁ ଡାକି ପଚାରିଲି··" ଆରେ ବାବୁ ଶୁଣିଲୁ ଟିକେ!! " ସେ ପାଖକୁ ଆସି କହିଲା···" କ'ଣ ହେଲା ଭାଇ? "। ମୁଁ କହିଲି··· ମୋ ପାଇଁ କିଛି ଫୁଲ ତୋଳି ଦେବୁ?? ପିଲାଟି ମୋ ପ୍ରଶ୍ନ ଶୁଣି··ହସ ହସ ବଦନରେ ମତେ ଚାହିଁ ହଁ ଭରିଲା । ମୁଁ ବି ଚାହୁଁଥିଲି ତାକୁ କିଛି କାମ ଦେବା ବାହାନରେ ତାକୁ କିଛି ରୋଜଗାର ଦେବା ପାଇଁ । ଆଉ ଏଇଟା ହେଲା ସେଇ ମଉକା ପିଲାଟି ହଁ କହି ପୋଖରୀ ଭିତରକୁ ଯାଇ ଫୁଲ ତୋଳିବାରେ ଲାଗିପଡ଼ିଲା । ଏବଂ ତତକ୍ଷଣାତ 15 ରୁ 20 ଟି ପଦ୍ମ ଫୁଲ ଆଣି ମୋ ହାତରେ ଦେଇ ଦେଇ କହିଲା·· "ଭାଇ ଏତିକି ଫୁଲ ହେଇଯିବ?"

ମୋର ଫୁଲ ଦରକାର ନଥିବା ସତ୍ୱେ ମୁଁ ହଁ ଭରିଲି··· । ତାପରେ ସେ ମତେ ଏକ ବିକଳ ଦୃଷ୍ଟିରେ ଚାହିଁ ରହିଲା । ମୁଁ ମୋ ୱାଲେଟ ରୁ 20 ଟଙ୍କିଆ ନୋଟ ଟିଏ କାଢି ତା ହାତରେ ଦେଲି··· ସେ ମତେ ଆଉ କାହିଁ ଅଧିକା ପଇସା ମାଗିଲାନି । ମୋ ମନରେ ପିଲାଟି ବିଷୟରେ ଜାଣିବା ପାଇଁ କୌତୁହଳ ଉପୁଜିଲା । ମୁଁ ପଚାରିଲି·· ବାବୁ ତୋ ନାଁ କଣ?? "ସେ କହିଲା·· ଆକାଶ··।" ମୁଁ କହିଲି ଆକାଶ ଏଇ ପଇସା ନେଇ ତୁ କଣ କରିବୁ??

ମୋ ପ୍ରଶ୍ନ ଶୁଣି ପିଲାଟି କହିଲା··ଭାଇ ଆମ ଘରେ ଚାରି ପ୍ରାଣୀ ଆଉ ସେମାନଙ୍କ ମୁହଁରେ ଦାନା ଯୋଗାଇବା ପାଇଁ ମତେ ଟଙ୍କା ଦରକାର । "ଆଉ ମୁଁ ବି ସକାଳୁ କିଛି ଖାଇନି, ସେଥିପାଇଁ ଏଇ ପଇସାରେ ମତେ କିଛି ଖାଇବା ମିଳିଯିବ । ପିଲାଟି ମୁହଁରୁ ଏଇସବୁ କଥା ଶୁଣି ମତେ ନିଜକୁ ବହୁତ ଲଜ୍ୟାଜନକ ବୋଧ ହେଲା!! ସେଥିପାଇଁ ମୁଁ ତାକୁ ପୁଣି ଏକ କାମ ଦେଇ କହିଲି··ତାହେଲେ ମୋ ପାଇଁ ଆଉ କିଛି ଆଣି ଦେ?? "ଆଉ ତା ବଦଳରେ ମୁଁ ତତେ ଅଧିକା ପଇସା ଦେବି ।" ତାପରେ ମତେ ସେ କହିଲା··· "ଭାଇ ଏଇ ପଦ୍ମନାଡ଼ ଗୁଡାକ ନେଇଯାଅ ଆଉ ତା ବଦଳରେ ମତେ ଆଉ 20 ଟଙ୍କା ଦିଅ ।" ପିଲାଟିର କଥା ଶୁଣି ମୁଁ ହଁ ଭରିଲି·· । ପିଲାଟି କହିଲା··· "ଏଇସବୁ ତରକାରି କରି ଖାଇଲେ ବହୁତ ସ୍ୱାଦିଷ୍ଟ ଆଉ ଦେହ ପାଇଁ ବହୁତ ହିତକାରୀ ।" ପିଲାଟି ପାଠ ପଢ଼ିନଥିବା ସତ୍ୱେ ମଧ୍ୟ ତାର ଏଇ ମୂଲ୍ୟବାନ କଥା କେଇପଦ ମୋ ଛାତିର ମର୍ମକୁ ଭେଦ କରିପକାଇଲା ··।

ISSN NO.
2582-208X

ଟିକେ ସମୟ ଗଲା ପରେ ପିଲାଟି ତତକ୍ଷଣାତ ପଦ୍ମନାଡ଼ ବା ମୂଳ ଗୁଡାକ ଭାଙ୍ଗିବାରେ ଲାଗିପଡ଼ିଲା, ଏବଂ ତାକୁ ଭାଙ୍ଗି ଛୋଟ ଛୋଟ ଖଣ୍ଡରେ ପରିଣତ କରିଦେଲା । ଯେମିତିକି ନେବା ଉପଯୋଗୀ ହୋଇପାରିବ ସେଭଳି । ତାକୁ ସଜେଇ ଦେଲା ଏକ ପଲିଥିନ ଜରିରେ ବାନ୍ଧି ଦେଇ ମୋ ଗାଡିର ଆଣି ରଖିଦେଲା.. । ମୁଁ ପୁଣି ତାକୁ 20 ଟଙ୍କା ଦେବାରୁ ସେ ବହୁତ ଖୁସି ହେଇଗଲା । ଏବଂ ମତେ ପଚାରିଲା.. " ତମେ କୁଆଡ଼େ ଯିବ ଭାଇ ? "

ମୁଁ କହିଲି.."ବ୍ରହ୍ମପୁରରୁ ଏବେ ଗାଁକୁ ଫେରୁଛି... ।" ପିଲାଟି ହସି ଦେଇ ପୁଣି ପଚାରିଲା .."ଭାଇ ତୁମେ ପୁଣି କେବେ ଆସିବ..?" ମୁଁ କହିଲି.. "ଖୁବ ଶୀଘ୍ର ଆସିବି, ଆଉ ତୋ ଘର କୋଉଠି ମତେ କହ...

ମୁଁ ସିଧା ତମ ଘରକୁ ଯାଇ ଦେଖା କରିବି । "ପିଲାଟିର ହସ ହସ ବଦନ ମୋର ମନ ପ୍ରାଣକୁ ସନ୍ତୁଷ୍ଟ ବା ଆନନ୍ଦ ଭରି ଦେଲା । ମତେ ଲାଗିଲା ଯେ.. ମୁଁ ତା ଠାରୁ ଫୁଲ ନେଇ ଠିକ କରିଛି । ଆଉ ତା ପ୍ରତିବଦଳରେ ପିଲାଟିକୁ ପଇସା ଦେଇ କିଛି ଭୁଲ କରିନାହିଁ.. ।

ସେଇ ପୋଖରୀ ଟି ଅନ୍ୟ କେଉଁଠି ନୁହଁ । ସେ ହେଲା ଗଞ୍ଜାମ ଜିଲ୍ଲାର, ବାଲିପଦର–ବେଲଗୁଣ୍ଠା ମଧ୍ୟରେ 32 ନମ୍ବର ରାଜ୍ୟ ରାଜପଥ ଦେଇ ଯାଇଥିବା ବେଲଗୁଣ୍ଠା ବ୍ଲକର ଏକ ଛୋଟିଆ ଗାଁ ମଙ୍ଗଳପୁର ।

ସତରେ!! ଏଇସବୁ ଭାବିଲା ବେଳକୁ ଆଖିରୁ ଲୁହ ଆସିଯାଉଛି... ଆଉ ଲାଗୁଚି ଆଜି ବି ଏଇ ଜାତି ବଞ୍ଚିଛି.... ।

ISSN NO.
2582-208X

# ଜୟ ଦଶଭୂଜା



ଅଳକା ବାରିକ୍

ଜୟ ଦଶଭୂଜା ମାଗୋ  ଗିରିଜା ଭଗବତୀ କାର୍ତ୍ତାୟିନୀ ।
ଜଗତ ଜନନୀ ତୁହି ମା ଭବାନୀ ଜୟ ମା ଶିବ ଘରଣୀ  ।୧ ।
ଜାଗ୍ରତ ଗୌରୀ ତୁ ଅଟୁ ମହାମାୟା ଭଦ୍ରକାଳୀ କପାଳିନୀ ।
ଜଳ ସ୍ଥଳ ଅନଳ ଅନୀଳେ ନିବାସ ମା ତୋର ଗୋସାମଣି  ।୨ ।
ଜପ କର ମନ ମହାମାୟୀ ନାମ ଆପଦ ପକାଏ ହାଣି ।
ଯଶୋଦା ନନ୍ଦିନୀ ତୁହି ମାତ ଭଦ୍ରା ଅଗ୍ରଜ ଯା ହଳପାଣି  ।୩ ।
ଜାପ୍ୟ ତବ ନାମ ନରେ କର ଧ୍ୟାନ କଳି କଳୁଶ ହାରିଣୀ ।
ଯୋଗିନୀ ଯୋଗରୂପା ବିଜୁଳି କନ୍ୟା ମାତ ସଂହାରକାରିଣୀ ।୪ ।
ଯଶ ସୁଖ ଶିରୀ କରୁ ମା ପ୍ରଦାନ ଭକତର ମନ ଜାଣି  ।
ଜୀର୍ଣ୍ଣ କରୁ ଅନ୍ନ ଅଗ୍ନି ରୂପେ ରହି ହିଙ୍ଗୁଳା ତୁହି ଭବାନୀ  ।୫ ।
ଜଠରାଗ୍ନି ହୋଇ ବିଜେ ମହାମାୟୀ ସକଳ ଜଠରେ ପୁଣି  ।
ଯମ ଦାଢ ଭାଙ୍ଗି ପାରୁ ତୁ ଜନନୀ ଦୁର୍ଗା ଦୁର୍ଗତି ନାଶିନୀ  ।୬ ।
ଜଙ୍ଗଲରେ ତୁହି ବନଦୁର୍ଗା, ମା ଗୋ ଝଙ୍କଡେ ବୋଲାଉ ବାଣୀ ।
ଜୀବେ କର ଦୟା ମା ଶୂଳଧାରିଣୀ ଅଭୟା ବିଶ୍ୱଜନନୀ  ।୭ ।
ଜାୟା ଜନନୀ ତୁ ଭଗିନୀ ଆବର ବିଷ୍ଣୁପୁରେ ନାରାୟଣୀ ।
ଯୁଗେ ଯୁଗେ ତୁହି ଅବତରି ମହୀ ପାଳନ କରୁ ଧରଣୀ  ।୮ ।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ତୃତୀୟ ଅଧ୍ୟାୟ
ରାଗ–ରସକୁଲ୍ୟା

ଏବେ ମୋତେ ହେଲଜ୍ଞାତ ଶମୀକ ମୁନିଙ୍କ ସୁତ
କୋପାନଳେ ଜଳି ଦେଲେ ମହାଭିଶାପ
ଆଜଠୁ ସପ୍ତବାସରେ ଜୀବ ମୋ ଯିବ ରସାରେ
ଦଂଶନ କରିବ ଆସି ତକ୍ଷକ ସାପ
ଏସନକ ବଚ କଥନେ
ଆସିଅଛି ଦେବ ତବ ଶ୍ରୀ ସନ୍ନିଧ୍ୟାନେ ।୪ ।

କି କରିବ ସେହି ନର ଯା ଆୟୁ ସପ୍ତ ବାସର
ବିଶ୍ୱମ୍ଭରା ବୁକେ ମାତ୍ର କ୍ଷଣିକ ରହି
ଏପରି ସେ କି କର୍ମରେ ଭବ ଉଦଧି ମଧ୍ୟରେ
ଜୀବ ତରଣୀ ଲାଗିବ କୂଳରେ ଯାଇ
ପରଲୋକ ଯିବ ସୁଧାରି
ଜନ୍ମ ମୃତ୍ୟୁ ଚକ୍ରରୁ ଉଠିବ ବାହାରି ।୫ ।

ISSN NO.
2582-208X

ପରଲୋକ ସୁଧାରିବା ଜୀବର ମୁକ୍ତି ପାଇବା
ଭିନ୍ନ ଭିନ୍ନ ଅଟଇ ଏ କରମ ଦୁଇ
ସତ୍ୟ ଆଚରଣ କରି ଧର୍ମକୁ ଆଣ୍ଠରେ ଧରି
ବିବୁଧାଳୟ ଧାମକୁ ପ୍ରାପ୍ତ କରଇ
ପୁଣ୍ୟକର୍ମ ଫଳର ଅନ୍ତେ
ଫେରଇ ଅବନୀ ବୁକେ ଜନ୍ମ ନିମନ୍ତେ ।୬।

-:ଟୀକା:-
ରସା: ପୃଥିବୀ
ଏସନକ: ଏପରି
ବିଶ୍ୱମ୍ଭରା: ପୃଥିବୀ
ଉଦଧି: ସାଗର

କ୍ରମଶଃ.....

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ପ୍ରୀତି ଶିଳ୍ପ



ତାରିପ୍ରସାଦ ଜେନା

ତୁମରି ବୁକୁରେ ଯାହା ମୁଁ ଆଙ୍କିଲି,
ନାଆଁ ତାର ପ୍ରୀତି ଶିଳ୍ପ
ତୁମକୁ ନେଇକି ଯାହା ମୁଁ କହିଲି,
ସିଏ ହେଲା ସ୍ମୃତି ଗଳ୍ପ
.....ତୁମରି ବୁକୁରେ ଯାହା ମୁଁ ଆଙ୍କିଲି ..... ! ୦ !

ଗହନ ନିଦରେ ସପନ ସରେନା
ରାତି କେବେ ପାହିଯାଏ
ଦୁନିଆଯାକର ଜଞ୍ଜାଳ ସରେନା
ଯେମିତି ମୁଁ ଏକା ଥାଏ
ଏଇ କଥା ତୁମେ ବୁଝିବାରେ ସିନା
ବିରହର ରୀତି ଅଳ୍ପ
.....ତୁମରି ବୁକୁରେ ଯାହା ମୁଁ ଆଙ୍କିଲି ..... ! ୧ !

ISSN NO.
2582-208X

ଅଭିସାରିକା ଗୋ ଫୁଲ ଶେଯ ଧାରେ
ଲୁହର ମୁକୁତା ଦେଖି
ଛାଇ ଆଲୁଅରେ ମନ କାଗଜରେ
ଯାହା ମୁଁ ଦେଉଛି ଲେଖି
ସେଇ ଲେଖା ମୁଁ ଯେ ସୁର ଦେଇ ଗାଏ
ଅନୁରାଗେ ଗୀତି କଳ୍ପ
.....ତୁମରି ବୁକୁରେ ଯାହା ମୁଁ ଆଙ୍କିଲି ..... ! ୨ !

ଗ୍ରାମ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ମହାଳୟା - ପିତୃପକ୍ଷ - ଶ୍ରାଦ୍ଧ



ସାଇପ୍ରସାଦ ସାହୁ

ହିନ୍ଦୁ ପରମ୍ପରାରେ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ଏକାଧିକ ଶ୍ରାଦ୍ଧ କର୍ମ କରାଯାଏ । ସେ ସବୁ ମଧ୍ୟରେ ମହାଳୟା ଶ୍ରାଦ୍ଧ ଶ୍ରେଷ୍ଠ । ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଏହି ଶ୍ରାଦ୍ଧକୁ ''ମହାଳୟା ଶ୍ରାଦ୍ଧ'', ''ସାମ୍ବତ୍ସରିକ ଶ୍ରାଦ୍ଧ" ବା ' ପାର୍ବଣ ଶ୍ରାଦ୍ଧ'' ବା ''ମଉଳା ଶ୍ରାଦ୍ଧ'' ମଧ୍ୟ କୁହାଯାଏ । ଏହି ପକ୍ଷର ଅମାବାସ୍ୟା "ମହାଳୟା ଅମାବାସ୍ୟା" ନାମରେ ଖ୍ୟାତ । ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହା "ପିତୃପର୍ବ" ନାମରେ ମଧ୍ୟ ପ୍ରଚଳିତ । ଆଶ୍ୱିନ ମାସ କୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ "ପିତୃପକ୍ଷ" ବା "ଅପର ପକ୍ଷ" କୁହାଯାଇଥାଏ । ଏହି ସମୟ ପିତୃ ଉପାସନାର ପ୍ରକୃଷ୍ଟ ସମୟ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ବିଶ୍ୱାସ ରହିଛି ଯେ, ପିତୃ ଲୋକମାନେ କୁଟୁମ୍ବ ମାନଙ୍କଠାରୁ ପାଣି ଓ ଖାଦ୍ୟ ଗ୍ରହଣ କରିବା ପାଇଁ ଏହି ସମୟରେ ମର୍ତ୍ତ୍ୟଲୋକକୁ ଆଗମନ କରନ୍ତି । ଏବଂ ସେମାନଙ୍କର ବାସସ୍ଥାନକୁଆସି ପୁତ୍ର ପୌତ୍ରାଦିଙ୍କୁ ଦେଖି ଉଲ୍ଲସିତ ହେବା ସହ ଆଶୀର୍ବାଦ ଦେଇଥାନ୍ତି । ଏହା ବ୍ୟତୀତ ଉତ୍ତରୋତ୍ତର ଉନ୍ନତି କାମନା ମଧ୍ୟ କରିଥାନ୍ତି । ଦୀପଦାନ ଶ୍ରାଦ୍ଧ (କାର୍ତ୍ତିକ ଅମାବାସ୍ୟା ବା ଦୀପାବଳି ଅମାବାସ୍ୟା) ପର୍ଯ୍ୟନ୍ତ ଅବସ୍ଥାନ କରି ଫେରିଯାଆନ୍ତି ।

ତିଳ ଓ ଜଳଦ୍ୱାରା କିମ୍ବା କେବଳ ଜଳଦ୍ୱାରା ପିତୃ ଲୋକମାନଙ୍କର ତୃପ୍ତି ବିଧାନ କରାଯାଏ। ମନ୍ତ୍ରବଳରେ ଜଳର ଓ ଅନ୍ୟ ଦ୍ରବ୍ୟର ପରିମାଣ ପିତୃମାନେ ଯେଉଁ ଅବସ୍ଥାରେ ଥିଲେ ମଧ୍ୟ ତାଙ୍କୁ ପ୍ରାପ୍ତି ହୋଇଥାଏ । ଶରୀର ନାଶ ହେଲେ ମଧ୍ୟ ଆତ୍ମା ଅବିନାଶୀ; ସେ ଯେକୌଣସି ଶରୀରର ଆଶ୍ରୟ ନିଏ । ରାଶି ଓ କୁଶ ଏକତ୍ର କରି ତର୍ପଣ କଲେ, ତାହା ଅମୃତ ତୁଲ୍ୟ

ISSN NO.
2582-208X


ହୋଇ ପିତୃମାନଙ୍କୁ ପ୍ରାପ୍ତି ହୁଏ ଓ ତିଳ ମିଶ୍ରିତ କରି ଯିଏ ତିନି ଥର ଜଳାଞ୍ଜଳି ଅର୍ପଣ କରନ୍ତି ତାଙ୍କର କୃତ ପାପ ନାଶ ହୋଇଥାଏ ।

ପର୍ବ ସାଧାରଣତଃ ଦୁଇ ପ୍ରକାରର; ପିତୃ ପର୍ବ ଓ ଦେବ ପର୍ବ । ଦେବାଦେବୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ପର୍ବ ଦେବପର୍ବ ହୋଇଥିବାସ୍ଥଳେ ପିତୃଗଣଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଦାନ, ଉତ୍ସର୍ଗ ଏବଂ ଶ୍ରାଦ୍ଧକୁ ପିତୃ ପର୍ବ ରୂପେ ଗ୍ରହଣ କରାଯାଇଛି । ଶ୍ରାଦ୍ଧ ଶବ୍ଦଟି ଶ୍ରଦ୍ଧାରୁ ହିଁ ଉତ୍ପତ୍ତି । ଏହାର ଅର୍ଥ ଶ୍ରେୟକୁ ଧାରଣ କରିବା । (ଶ୍ରୀ + ଅତ୍ = ଶ୍ରତ୍, ଶ୍ରତ୍ + ଧା = ଶ୍ରଦ୍ଧା, ଶ୍ରଦ୍ଧା + ଅ = ଶ୍ରାଦ୍ଧ ) । ଏହି ଶ୍ରଦ୍ଧା ଓ ବିଶ୍ୱାସ ପ୍ରକୃତି, ପରିବେଶ ଓ ପର୍ଯ୍ୟାବରଣ କାହାପ୍ରତି ମଧ୍ୟ ପ୍ରଯୁଜ୍ୟ ହୋଇପାରେ । ଏହା ଶ୍ରଦ୍ଧାର ବୃହତ୍ତର ଦର୍ଶନ ।

ହିନ୍ଦୁ ଧର୍ମୀୟ ପରମ୍ପରାରେ ଏହା ଏକ ସର୍ବମାନ୍ୟ ଧାର୍ମିକ ରୀତି । କହିବା ବାହୁଲ୍ୟ ଯେ ପରଲୋକଗତ ପିତୃପୁରୁଷଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧାର ପ୍ରତୀକ ମହାଳୟା ଶ୍ରାଦ୍ଧ । ତାଙ୍କର ଶାନ୍ତି ପାଇଁ ଶ୍ରାଦ୍ଧ ଓ ତର୍ପଣ କରାଯାଏ । ମହଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଅଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଷ୍ଟୟ ଏବଂ ପୃଥିବୀ ଇତ୍ୟାଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ; ସନତ, ସନନ୍ଦ, ସନତନ, କପିଳ, ଆସୁରୀ, ଡୋବୁ, ଏବଂ ପଞ୍ଚଶିଖ ଇତ୍ୟାଦି ସାତ ଋଷିଙ୍କୁ ଦୁଇ ଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନିଥର ତର୍ପଣରେ ଅପ୍ୟାୟିତ କରାଯାଏ । ଏଭଳି ଦେଖିଲେ ହିନ୍ଦୁଧର୍ମ, ସଂସ୍କୃତିରେ ପିତୃପକ୍ଷ, ବିଶେଷ କରି ମହାଳୟା ତିଥି ହେଉଛି ପୂର୍ବପୁରୁଷଙ୍କ ସ୍ମରଣର ଦିନ। ଶ୍ରଦ୍ଧା, ଭକ୍ତି ଓ ନିଷ୍ଠାର ସହ ପିତୃ ଲୋକ ନିବାସୀଙ୍କ ତୃପ୍ତି ନିମନ୍ତେ ଶ୍ରାଦ୍ଧ ଓ ତର୍ପଣାଦି କର୍ମ ସମ୍ପାଦନ କଲେ ସେମାନେ ଆତ୍ମସନ୍ତୋଷ ଲାଭ କରି ପୁତ୍ର ପୌତ୍ରାଦିଙ୍କୁ ଆଶୀର୍ବାଦ ପୂର୍ବକ ପିତୃଲୋକକୁ ନିର୍ଦ୍ଦିଷ୍ଟ ସମୟରେ ଫେରିଯାଇଥାଆନ୍ତି । ଶ୍ରାଦ୍ଧର ମହତ୍ତ୍ୱ ସଂପର୍କରେ ପ୍ରାୟତଃ ଅଷ୍ଟାଦଶ ପୁରାଣରେ ବର୍ଣ୍ଣନା ହୋଇଥିବାର ଦେଖିବାକୁ ମିଳେ । ଆଶ୍ୱିନ ମାସ କୃଷ୍ଣପକ୍ଷ ଅମାବାସ୍ୟା ଦିନକୁ ପିତୃ ବିସର୍ଜନୀ ଅମାବାସ୍ୟା ମଧ୍ୟ କୁହାଯାଏ । ଯେଉଁ ମାନେ ପ୍ରତିପଦାଠାରୁ ଶ୍ରାଦ୍ଧ ବିସର୍ଜନ କରିପାରିନାହାନ୍ତି ସେମାନେ ନିଶ୍ଚିତ ଏହି ଦିନ ଶ୍ରାଦ୍ଧ କରିବା ବିଧେୟ । ଏହି ପିତୃପକ୍ଷ ଶ୍ରାଦ୍ଧ ଷୋହଳ ଦିନ ପର୍ଯ୍ୟନ୍ତ ନିଷ୍ଠାର ସହ କାଷ୍ଠା ପୂର୍ବକ ପାଳନ କରାଯାଇଥାଏ । ଚଳିତ ବର୍ଷ ପିତୃପକ୍ଷ ସେପ୍ଟେମ୍ବର ମାସ ୧୦ ତାରିଖରୁ

ISSN NO.
2582-208X


ଆରମ୍ଭ ହୋଇ ସେପ୍ଟେମ୍ବର ୨୫ ତାରିଖରେ ଶେଷ ହେବ । ଏହି ଅବଧି ମଧ୍ୟରେ ବହୁ ସଂଖ୍ୟାରେ ଲୋକ ମନ୍ଦିରରେ ହେଉ କିମ୍ବା ବରଗଛ ମୂଳେ ଅଥବା ନଦୀ କୂଳରେ ପହଞ୍ଚି ପିତୃପୁରୁଷଙ୍କ ଶ୍ରାଦ୍ଧ ପାଳନ କରିଥାନ୍ତି । ପିତୃତର୍ପଣରେ ପିତାଙ୍କୁ ରୁଦ୍ର ରୂପେ, ପିତାମହଙ୍କୁ ବସୁରୂପେ ଓ ପ୍ରପିତାମହଙ୍କୁ ଆଦିତ୍ୟରୂପେ କଳ୍ପିତ କରାଯାଏ ।

ମହାଳୟା ତିଥିରେ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଭୁବନଠାରେ "ଦଶହରା ବଳଦ ଯାତ୍ରା" ର ଆରମ୍ଭ ହୋଇଥାଏ । ଏହି ଦିନ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ "ଧବଳମୁଖୀ ବେଶ" ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ । ବର୍ଷ ତମାମ ମାଁ ସିନ୍ଦୁର ଚର୍ଚ୍ଚିତା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଥିବାବେଳେ ମହାଳୟା ଦିନ ଧବଳମୁଖୀ ବେଶରେ ଚନ୍ଦନ ଚର୍ଚ୍ଚିତା ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । କିମ୍ବଦନ୍ତୀ ଅନୁଯାୟୀ ଯେଉଁମାନେ ମହାଳୟା ଦିନ ଗଙ୍ଗାରେ ପିତୃପୁରୁଷଙ୍କ ତିଳତର୍ପଣ କରିବାରୁ ବଞ୍ଚିତ ହୋଇଥାନ୍ତି, ସେମାନେ ମହାନଦୀରେ ତିଳତର୍ପଣ କରି ମାଁ ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ଦର୍ଶନ କଲେ ଗଙ୍ଗା ଦର୍ଶନର ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ମାଁ ଙ୍କର ଏହି ବେଶକୁ ଗଙ୍ଗା ବେଶ ମଧ୍ୟ କୁହାଯାଇଥାଏ । ଦେବୀଙ୍କ ଏହି ବିରଳ ଓ ସ୍ୱତନ୍ତ୍ର ବେଶ ଦର୍ଶନ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାର ଦେଖିବାକୁ ମିଳେ ।

ଶ୍ରାଦ୍ଧକର୍ମରେ ଅନ୍ତରର ଶ୍ରଦ୍ଧା ହେଉଛି ମୁଖ୍ୟ । ଅନ୍ତରର ଶ୍ରଦ୍ଧା ନଥାଇ କୌଣସି କାର୍ଯ୍ୟ ଫଳଦାୟକ ହୁଏ ନାହିଁ । ଜଣେ ଗୃହସ୍ଥ ପକ୍ଷରେ ବର୍ଷକ ମଧ୍ୟରେ ଚାରିଗୋଟି ଶ୍ରାଦ୍ଧ ସ୍ୱତନ୍ତ୍ର ଭାବେ କରିବାର ବ୍ୟବସ୍ଥା ଅଛି, ଯଥା: ପିତୃଶ୍ରାଦ୍ଧ, ମାତୃଶ୍ରାଦ୍ଧ, ମହାଳୟା ଶ୍ରାଦ୍ଧ ଓ ଦୀପଦାନ ବା ପୟାଶ୍ରାଦ୍ଧ । ଶ୍ରାଦ୍ଧରେ ପ୍ରକୃତି ସଂରକ୍ଷଣ ରହିଅଛି । ଅନ୍ୟ ପକ୍ଷୀଙ୍କ ତୁଳନାରେ କାଉକୁ ନିମ୍ନ ମନେ କରାଯାଏ । କାଉ ଏବଂ ଅଶ୍ୱତ୍ ଗଛରେ ପିତୃପୁରୁଷଙ୍କୁ ତୃପ୍ତ କରାଯାଏ । ଶ୍ରାଦ୍ଧ ପିତୃପୁରୁଷଙ୍କ ପ୍ରତି ଆମ ଶ୍ରଦ୍ଧାର ପ୍ରତୀକ । ଯଦି ଆମେ ପରଲୋକରେ ଥିବା ପୂର୍ବଜମାନଙ୍କ ପ୍ରତି ଏତେ ଶ୍ରଦ୍ଧା ବ୍ୟକ୍ତ କରୁଛୁ, ତା' ହେଲେ ଜୀବିତ ବୟସ୍କ ପିତାମାତା, ଜେଜେବାପା, ଜେଜେମାଆ, ଅଜା, ଆଇ, ଆଦି ଅନେକ ଶ୍ରଦ୍ଧାର ପାତ୍ର। ଜୀବିତ ଅବସ୍ଥାରେ ସେମାନେ ଆମର ଶ୍ରଦ୍ଧାର ଅଭାବରେ ଯନ୍ତ୍ରଣା ପାଇବା ଏବଂ ମୃତ୍ୟୁ ପରେ ସେମାନଙ୍କ ପାଇଁ ଶ୍ରାଦ୍ଧ ଅର୍ପଣ କରିବାର କୌଣସି ଯଥାର୍ଥତା ନାହିଁ । ତେଣୁ

ISSN NO.
2582-208X

ଶ୍ରଦ୍ଧା ସବୁ ବୟସ୍କଙ୍କ ପ୍ରତି ରହିବା ଆବଶ୍ୟକ, ସେ ଜୀବିତ ହୁଅନ୍ତୁ ବା ମୃତ । ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ଗୃହସ୍ଥ ଦୀର୍ଘାୟୁ ହୋଇଥାନ୍ତି । ପୁତ୍ର ପୌତ୍ରାଦିଙ୍କ ଲାଭ ସହ ଯଶ, କୀର୍ତ୍ତି , ଧନଧାନ୍ୟ ପ୍ରାପ୍ତ ହୋଇଥାଏ । ଏହାର ଗୁରୁତ୍ୱ ଅନୁଭବ କରି ସ୍ୱଚ୍ଛ ହୃଦୟରେ ପବିତ୍ରଭାବ ନେଇ ଶ୍ରାଦ୍ଧ ସମ୍ପନ୍ନ କରିବା ବିଧେୟ ।

ଲକ୍ଷ୍ମୀନାରାୟଣ ପଣ୍ଡା,ରାଧା ରମଣ ମେଟାଲ୍,
ସିନ୍ଧେକେଲ୍, ବଲାଙ୍ଗୀର (୭୬୭୦୩୫)
ଦୂରଭାଷ – ୯୯୩୭୦୩୪୭୪୨
ଇ-ମେଲ୍ :-saiprasadsahu867@gmail.com

ISSN NO.
2582-208X

# କଳିଯୁଗେ ହୁଏ ସେମିତି



ଶାନ୍ତା କୁମାରୀ ନନ୍ଦ

ଭ୍ବର ଠାକୁର ଯଦି ପ୍ରଭୁ ତୁମେ,
ଭ୍ବ ବୁଝିପାରିଲନ କେମିତି ?
ମାତା ପିତାଙ୍କୁ ଯେ ଛାଡ଼ି ଗ୍ଲିଗଲ,
କଳଯୁଗେ ଏବେ ହୁଏ ସେମିତି ।।
..................................
ପାଠ ଯେ ପଢନ୍ତୁ, ଗ୍ଳକରି କରନ୍ତୁ,
ସ୍ତ୍ରୀ ସାଥେ ବଡ଼ ଘରେ ସେ ରୁହନ୍ତୁ ।
ମାତା ପିତାଙ୍କୁ ଯେ ଗଳା ଧକ୍କା ଦେଇ,
ବୃଦ୍ଧଶ୍ରମର ବାଟ ସେ ଦେଖାନ୍ତୁ ।।
..................................
ଦ୍ୱାପର ଯୁଗରେ ତିନସହସ୍ର,
ପତ୍ନୀଙ୍କୁ ବରଣ କଲ କେମିତି ?
ଦେଖ ସଉତୁଣୀ ଆଜି ଲ୍ଗୁଛନ୍ତୁ କଳ,
କଳଯୁଗେ ଏବେ ହୁଏ ସେମିତି ।।
..................................

ବିବାହ କରିଣ ଦମ୍ପତି ହୁଅନ୍ତୁ,
ଘର ବାହାରେ ଗ୍ସଲୀଳା କରନ୍ତୁ ।
କେତେଆଡେ ପୁଣି ସମ୍ପର୍କ ରଖନ୍ତୁ,
ସୁନାର ସଂସାର ଜାଳ ତ ଦିଅନ୍ତୁ ।।
..................................
ମାତା ରୁକ୍ମିଣିଙ୍କୁ ଗ୍ଲେଗ୍ଇ ଆଣି,
ନଜ ଭଗିନୀଙ୍କୁ ଭଗାଇଲ କେମିତି ?
ଦେଖ ପ୍ରେମିକ ପ୍ରେମିକା ଲୁଚ ପଳାନ୍ତୁ,
କଳଯୁଗେ ଏବେ ହୁଏ ସେମିତି ।।
..................................
ପିତା ମାତା ଯେବେ ପ୍ରେମ ସମ୍ପର୍କକୁ,
ଅସ୍ୱୀକାର କରିଥାନ୍ତୁ ।
ଘରୁ ଟଙ୍କା ଗ୍ଲେଗ୍ଇ, ଘର ଛାଡ଼ିଦେଇ,
ଲୁଚକରି ସେ ପଳାନ୍ତୁ ।।
..................................

ISSN NO.
2582-208X

ମହାଭାରତ ଯୁଦ୍ଧରେ, ଅସ୍ତ୍ର ଧରିବନ,
କରିଥିଲ ତୁମେ ପଣ ।
ହେଲେ ଅଦୃଶ୍ୟ ଅସ୍ତ୍ରରେ, ସୁଦର୍ଶନ ଚକ୍ରରେ,
ଶତ୍ରୁଙ୍କୁ ଦମନ କଲ କେମିତି ?
..............................

କଳଯୁଗେ ଏବେ ହୁଏ ସେମିତି,
କଥା ଦେଇ ଲୋକେ ଭୁଲି ତ ଯାଆନ୍ତୁ ।
ଛଳନାରେ ସବୁରି ହୃଦ ପୁରିଛି,
ଅନ୍ୟାୟ ଉଚ୍ଚ ପ୍ରଶଂସିତ ହେଉଛି ।।
...............................
ଧର୍ମ ରକ୍ଷାପାଇଁ କରିଥିଲ ସିନା,
ପ୍ରଭୁ ଏହି ସବୁ କାର୍ଯ୍ୟ ।
ହେଲେ କଳଯୁଗ ଏ ଯେ ଘୋର କଳ,
ଏଠି ସବୁ ହୁଏ ବିପରୀତ ।।
..................................
ଦୋଷ ଛାଡ଼ି ଗୁଣ ଦେଖିବାକୁ କୁହନ୍ତୁ,
ଗୁଣ ଛାଡ଼ି ପୁଣି ଦୋଷ ଯେ ଦେଖନ୍ତୁ ।
ଜିବ୍‌ରୁ ସିବ୍‌କୁ ଏଠି ଯେ କାଢନ୍ତୁ,
ଦେଖ କଳଯୁଗେ ଏବେ ହୁଏ କେମିତି !!

At/Po-ମାଶଗ୍, Dist-ଯାଜପୁର
ବରୁଣେଶ୍ୱର ମହାବିଦ୍ୟାଳୟ, ଅରେଇ, ଯାଜପୁର

ISSN NO.
2582-208X

# ପଡୋଶୀ



ସରୋଜ କୁମାର ସାହୁ

ଦୁଃଖକୁ ନେଇଣ ସୁଖରୁ ମୁଠାଏ
ପାରେନା ସିନା ସେ ଅଜାଡି
ପରିବାର ମଧ୍ୟେ ହେଲେ ମତାନ୍ତର
ସହଜରେ ଦିଏ ସଜାଡି ।
ଭୁଲାଇ ଦିଏ ସେ କ୍ଷଣିକ ମଧ୍ୟରେ
ଥାଅ ଯେତେ ଦିନ ରୁଷିକ
ଭାବ ଦିଆନଆ ହୋଇଯାଏ ଯଦି
ପଦେଅଧେ କେବେ ବସିକ ।
ତେଲଲୁଣ ଠାରୁ ଘରକରଣା ବି
ବଖାଣି ଦିଏ ସେ ଆଗରେ
ଗ୍ରେଟ୍ ପିରତିର ଖୋଲେ ବି ଗୁମର
ସବୁଠୁ ନଆର୍ ଢଙ୍ଗରେ ।
ପୁନେଇଁ ପରବେ ହେଲେ ପିଠାପଣା
ଖଣ୍ଡେ ଅଧେ ଦିଏ ଯାଚକ
ସିଏ ବି ଜଣାଏ ତା ଘରର ଚଳଣି
ବୁଝିଥାଏ ତୋର ରୁଚକ ।

ହାନ ଲଭରେ ବି ପଡିଲେ ଅକାଳେ
ଛିଡା ହୋଇଯାଏ ଗ୍ରହରେ
ତୁଣ୍ଡରେ ସିନା ସେ ବଖାଣିନ କେବେ
ବନ୍ଧୁତ୍ୱ ଭାବ ତା ଗୋତ୍ରରେ ।
ତୁଣ ତରକାରୀ ଯାଚଲେ ଯାହାବି
ମନା କରେନା ସେ ନେବାକୁ
ସ୍ନେହ ଆଦରରେ ବନ୍ଧୁତାର ପଣ
ବଜାଇ ରଖେ ତା ଶୋଭାକୁ ।

ଆଠଗଡ଼, କଟକ
୯୩୪୮୫୭୫୨୨୪

ISSN NO.
2582-208X

# ପ୍ରିୟତମା



ସତ୍ୟରଞ୍ଜନ ଘିଓ୍ବାଲ୍

ଆଶା କରିଥିଲି ତା ସାଥେ ଲାଗିଥାଉ
ମୋ ସମ୍ପର୍କର ଡୋରି,,
କନ୍ତ ସେ ଆଶା ଲ୍ଗିଲ୍ ଯେ
ଗ୍ରୀଷ୍ମଦିନର ଝଂାଜିଝଡ଼ପରି......।
ଋତୁର୍ଜ ଯଦି ବସନ୍ତ ହୁଅନ୍ତୁ
ତୁମେ ମୋ ଧରିତ୍ରିଧନ,,
ସତ ନୁହେଁ ଏସବୁ ଭ୍ବିଥିଲି ଯାହା
ସବୁତ ମରୀଚକା ଦୃଶ୍ୟମାନ......।
ତୁମରି ଭ୍ବନାରେ ଆଜିବି ଡୁବି
ରହିଛି ମାତାଲ୍ ଯେ ହୋଇ,,
ଜେଂହେ ମହୁଆର ବାସନାରେ ପାଗଳ
ମଧୁମକ୍ଷୀ ଟିଏ ହୋଇ......।
ତଥାପି ଆଶା ମୁଁ ରଖିନାହିଁ ଦିନେ
ମନେ ରଖିଥିବ ବୋଲି ତୁମେ,,
ଦେବୀଟିଏ ତୁମେ ବନ୍ଧୂପରି ଆସି
ଗୁରୁମନ୍ତ୍ର ଦେଇ ଗଲ ମୋର ଏ କାନେ......।
ଆଜିବି ମୁଁ ଯେ ପ୍ରେମୀ ଭିକ୍ଷୁକ ଟିଏ
ତୁମରି ପ୍ରେମ କୁ ପାଇବା ପାଇଁ,,
ଚାତକ ଭଳ ଯେ ଅନାଇ ରହିଛି
ତୁମରି ଫେରିବା ବାଟକୁ ଚାହିଁ......।

ଢେଙ୍କାନାଳ, ଓଡିଶା

ISSN NO.
2582-208X

# ଭାଗ୍ୟର ବିଡମ୍ବନା



ସୀତାରାମ ଦାଶ

ଅନେକ ସମୟ ବିତିଗଲା ପରେ ବି ରୋହନର ଦେଖା ନଥିଲା। ପ୍ରତିଟି ମୁହୂର୍ତ୍ତ ଅନତାକୁ ଯୁଗ ଭଳି ଲାଗୁଥାଏ। ମନରେ ନାନା ପ୍ରକାର ଦୁଷ୍ଚିନ୍ତା। ତା' ହସ ଖୁସିର ସଂସାର ଉପରେ ଏମିତି କଳା ମେଘ ଘୋଟି ଆସିବ, କିଏ ଜାଣିଥିଲା! ବଡ଼ ପୁଅକୁ ଏବେ ଦଶ ପୁରି ଏଗାର ହେଲା। ସାନ ପୁଅଟି ତା' ଠାରୁ ଦୁଇ ବର୍ଷ ସାନ। ଦୁଇଟି ଛୋଟ ଛୁଆଙ୍କ ଭବିଷ୍ୟତ କଣ ହେବ? ତା ପାଖରେ ଥିବା ଅର୍ଥ ସରି ସରି ଆସୁଥିଲା। ଅନତାର ଏବେ ତା' ଭାଇ ଛଡା ଆଉ କେହି ସାହା ଭରଷା ନାହାନ୍ତି। ଅନେକ ଚେଷ୍ଟା ପରେ, ଭାଇ ରୋହନ ସହ ଯୋଗାଯୋଗ ହେଲା। ବିଶେଷ କିଛି ଆଗ୍ରହ ନ ଦେଖାଇ ରୋହନ କହିଲା, "ଅପା ତୁ ବ୍ୟସ୍ତ ହେବା କିଛି ଦରକାର ନାହିଁ। ମୁଁ କିଛି ସମୟ ଭିତରେ ଯାଇ ତୋ ପାଖରେ ପହଞ୍ଚୁଛି।"

ଅଭିଜିତ ଜଣେ ଛୋଟ ବ୍ୟବସାୟୀ। ସହରରେ ତାଙ୍କର ଗୋଟେ ଛୋଟ ଦୋକାନ ଥିଲା। ଗାଁରେ ବି ଅଳ୍ପ ଜମିବାଡ଼ି ଥିଲା। କୋଠର ପରିଶ୍ରମ ଓ ସଚ୍ଚୋଟ ପଣିଆ ଥିଲା ତାଙ୍କ ବ୍ୟକ୍ତିତ୍ୱର ମାପକାଠି। ମିତବ୍ୟୟିତା ଓ ସରଳ ଜୀବନ ଶୈଳୀ ପାଇଁ ଆଜିର ମହଙ୍ଗା ଯୁଗରେ ଘରଭଡା ନେଇ ପିଲାଛୁଆଙ୍କ ସହ ଦୁଃଖେ କଷ୍ଟେ ଚଳୁଥିଲା ତାଙ୍କ ତେଲ ଲୁଣର ସଂସାର। ଧାର କରଜ ନଥିଲେ ବି ସଞ୍ଚୟ ସେମିତି କିଛି ନଥିଲା। ଅଭିଜିତ ଖରା, ବର୍ଷା, ଶୀତ, କାକରକୁ ଭ୍ରୂକ୍ଷେପ ନକରି ବର୍ଷକ ବାରମାସ ଦୋକାନ ଖୋଲୁଥିଲେ। ଦେହ ମୁଣ୍ଡ, ରୋଗ ବୈରାଗରେ ବି ଔଷଧ ଖାଇ ଗାଳି ଯାଉଥିଲେ ଦୋକାନକୁ। ଅନତାର ମାନ

ISSN NO.
2582-208X

ଅଭିମାନ ତାଙ୍କୁ କେବେ ଅଟକାଇ ପାରୁ ନଥିଲା। ଅନନ୍ତା ବେଶୀ ଜିଦି କଲେ, ସେ ବିରକ୍ତ ହୋଇ କହୁଥିଲେ, "ମୁଁ ଘରେ ବସି ରହିଲେ, ତୁମେ ମାନେ ଖାଇବ କଣ ? ପିଲାମାନଙ୍କ ଭବିଷ୍ୟତ କଣ ହେବ ?" ସେ ନିଶା ପାଣି, ପାନ ସିଗାରେଟର ଧାର ଧରନ୍ତି ନାହିଁ। ଖର୍ଚ୍ଚ କାଟ ପାଇଁ ଅନେକ ସମୟରେ ଚାଲି ଚାଲି ଯିବା ଆସିବା କରନ୍ତି। କିନ୍ତୁ ସ୍ତ୍ରୀ, ପିଲାମାନଙ୍କୁ କେବେ ଅବହେଳା କରନ୍ତି ନାହିଁ। ପର୍ବ ପର୍ବାଣୀ ଭଲ ମନରେ ଶାଢ଼ୀ, ଡ୍ରେସ କମ୍ବା ମାଛ, ମାଂସ ସବୁ ଆସେ। ଦେଖି ଚାହିଁ ଖର୍ଚ୍ଚ କରୁଥିବାରୁ ନିଜର ସୀମିତ ଆୟରେ ସେ ଆଜିର ମହଙ୍ଗା ଯୁଗରେ ସୁରୁଖୁରୁରେ ଚଳି ଯାଉଥିଲେ। ଅର୍ଥ ତାଙ୍କ ସଂସାରର ସୁଖ ଶାନ୍ତିରେ କେବେ ପ୍ରତିବନ୍ଧକ ହେଉ ନଥିଲା। ଆଧୁନିକ ଜୀବନରେ ଡାଇବେଟିସ, ଓ ରକ୍ତଚାପ ସାମାନ୍ୟ ରୋଗ ଭାବି ନିଜ ପ୍ରତି ଅବହେଳା କରି ଚାଲିଥିଲେ। ଅତ୍ୟଧିକ ପରିଶ୍ରମ, ବ୍ୟସ୍ତତା ଓ ବିଶ୍ରାମ ଅଭାବରୁ ରକ୍ତଚାପ ନିୟନ୍ତ୍ରଣ ବାହାରକୁ ଚାଲିଗଲା। ଅଚାନକ ହୃଦୟ ଆଘାତରେ ସେ କୋମା ଷ୍ଟେଜକୁ ଚାଲିଗଲେ।

ମେଡ଼ିକାଲର ବେଡ଼ ଉପରେ ଅଭିଜିତ ନିଶ୍ଚଳ ହୋଇ ଶୋଇ ରହିଥିଲା। ରୋହନ ସନ୍ଧ୍ୟାରେ ମେଡ଼ିକାଲରେ ପହଞ୍ଚିଲା। ଅନନ୍ତା ଅପେକ୍ଷା କରି କରି ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲା। ଭାଇକୁ ଦେଖି ସେ ବିଶେଷ ଖୁସି ହେଲା ନାହିଁ। ମନ ତଳର ସବୁ ରାଗ ଅଭିମାନକୁ ଛାତି ତଳେ ଚାପି ରଖି ଧୀର swaରରେ କହିଲା, "ତତେ ସକାଳ ପହରରୁ ଫୋନ କଲିଣି, ତୁ ଏବେ ଆସୁଛୁ"। ରୋହନ ଅତି ସହଜ ଭାବରେ କହିଲା, "ଗୋଟେ ଜରୁରୀ କାମ ଥିଲା। ତା ସହ ବାଟରେ ଗାଡି ଖରାପ ହୋଇଯିବାରୁ ଠିକ ସମୟରେ ଆସି ପାରିଲି ନାହିଁ।"

ଅନନ୍ତା ରୋହନକୁ ଅଭିଜିତର ବେଡ଼ ପାଖକୁ ନେଇ ଉତ୍ସାହର ସହ କହିଲା, "ଡାକ୍ତର କହିଛନ୍ତି, "ବ୍ୟସ୍ତ ହେବାର କିଛି ନାହିଁ। ସବୁ ଠିକ ଅଛି।" ରୋହନ କିଛି କହିଲା ନାହିଁ। ଅଭିଜିତର ବେଡ଼ ପାଖରେ କିଛି ସମୟ ନୀରବରେ ଛିଡା ହୋଇ ବାହାରକୁ ବାହାରି ଆସିଲା। ମେଡ଼ିକାଲ ବାରଣ୍ଡାରେ  ପଡିଥିବା ଷ୍ଟିଲ ଚେୟାର ଉପରେ ଗମ୍ଭୀର ହୋଇ ବସି

ISSN NO.
2582-208X

ପଡିଲା। ଅନନ୍ତା ନିଶବ୍ଦରେ ଆସି ପାଖରେ ବସିଲା। କିଛି ସମୟ ଉଭୟ ନୀରବରେ ବସିବା ପରେ ମୋହନ କହିଲା,

"ନାନୀ, ତୁ ଆଉ କେତେ ଦିନ ଭୋକ ଶୋଷ ଭୁଲି ମେଡ଼ିକାଲରେ ପଡି ରହିବୁ। ବରଂ ଭାଇନାଙ୍କୁ ଘରକୁ ଫେରେଇ ନେବା ଭଲ ହେବ। ତୁ ଯଦି ଏମିତି ମେଡ଼ିକାଲରେ ପଡି ରହିବୁ, ପିଲାମାନଙ୍କ ଭବିଷ୍ୟତ କଣ ହେବ? ଘରଦ୍ୱାର ଅବସ୍ଥା କଣ ହେବ? ଭାଇନାଙ୍କ ଦେହ କଣ ଆଉ ଭଲ ହେବ? ଯଦି ବି ଭଲ ହୁଏ, କେତେ ଦିନ? ସେ ଭଲ ହେଲେ, ତୋ ଦାୟିତ୍ୱ ଊଣା କରିବେ ନା ବଢ଼ାଇବେ? ମୁଁ ଜାଣେ, ମୋ କଥା ଏବେ ଶୁଣିବାକୁ ବହୁତ କଷ୍ଟ ହେଉଥିବ। କିନ୍ତୁ ଆମକୁ ବାସ୍ତବତାକୁ ଗ୍ରହଣ କରିବାକୁ ପଡିବ। ମରୀଚିକା ପଛରେ ଧାଇଁଲେ କଣ ଶୋଷ ମେଣ୍ଟିବ? ସତ ସବୁବେଳେ ଅପ୍ରିୟ, କିନ୍ତୁ ଏଠି ମିଛ କହିବା ବି କେବଳ ଛଳନା ବ୍ୟତୀତ ଆଉ କିଛି ନୁହେଁ। ଡାକ୍ତରମାନେ ସବୁ ଠିକ ଅଛି ବୋଲି ଯେଉଁ ଆଶ୍ୱାସନା ଦେଉଛନ୍ତି, ତାର ଅର୍ଥ "ରୋଗୀର ଅବସ୍ଥା ପୂର୍ବ ପରି ଅଛି। ଦିନେ ନା ଦିନେ ଆମକୁ ସତ୍ୟର ସାମ୍ନା କରିବାକୁ ପଡିବ। ଯେଉଁ ଘର ତୋଳା ହେବ ନାହିଁ, ତାକୁ ଭାଙ୍ଗିଦେବା ହିଁ ଭଲ।"

ମୋହନର କଥା ଶୁଣି, ଅନନ୍ତାର ଛାତି ଭିତରଟା ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଲା। ତାକୁ ଅନୁଭୂତ ହେଲା, କେହି ଜଣେ ତା ଶରୀରରୁ ଆତ୍ମାକୁ ଅଲଗା କରି ଦେଉଛି। ତା ହୃଦୟକୁ ତୀକ୍ଷ୍ଣ ଛୁରୀରେ କ୍ଷତ ବିକ୍ଷତ କରିଚାଲିଛି। ତାର ଇଛା ହେଉଥିଲା, ସେହି ମୁହୂର୍ତ୍ତରେ ମୋହନକୁ ଗଳା ଧକ୍କା ଦେଇ ତା' ସାମ୍ନାରୁ ବିଦା କରି ଦେବା ପାଇଁ, କିନ୍ତୁ ପରିସ୍ଥିତି ଓ ପରିବେଶ ତାକୁ ସେମିତି କରିବାକୁ ଦେଲା ନାହିଁ। ତା ଆଖି ଆଗରେ ଭାସି ବୁଲୁଥିଲା ଅତୀତର ଅଭୁଲା ସ୍ମୃତି ସବୁ...

ବାହାଘର ଦୁଇ ବର୍ଷ ପରେ ଅନନ୍ତା ଜେଜେଙ୍କର ଦେହାନ୍ତ ହେଲା। ସାନ ଭାଇ ମୋହନ, ଅନନ୍ତାକୁ କହିଲା, "ବନ୍ଧୁ ବେଭାର ପରେ ଧାର ହିସାବରେ ଦଶ ହଜାର ଟଙ୍କା ଦେଇଥା। ମୁଁ କିଛି ମାସ ପରେ ତୋ ଟଙ୍କା ଫେରାଇ ଦେବି"। ସ୍ୱାମୀକୁ ଅନୁରୋଧ କରି ଅନନ୍ତା ଦଶ

ISSN NO.
2582-208X

ହଜାର ଟଙ୍କା ଭାଇ ପାଖକୁ ପଠାଇଲା। ମାସେ, ଦୁଇ ମାସ, ତିନି ମାସ ହୋଇ ଛ ମାସ ବିତିଗଲା। ଅନିତା ଯେତେବେଳେ ପଇସା ମାଗୁଥାଏ, ରୋହନ କିଛି ନା କିଛି ବାହାନା କରି ସମୟ ଗଡାଇ ଚାଲିଥାଏ। ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଟଙ୍କା ପାଇଁ କଳି ଝଗଡା ବଢି ଚାଲିଥାଏ। ଏହା ଭିତରେ ବିତି ଗଲା ପାଞ୍ଚ ବର୍ଷ। ଅଭିଜିତ ନିୟମିତ ସ୍ତ୍ରୀକୁ ଗାଳି ଦେଇ ଦେଇ ଧୀରେ ଧୀରେ ନିରବି ଗଲେ।

ଧୀରେ ଧୀରେ ଅନିତା ବାପଘର ଅବସ୍ଥା ସୁଧୁରିବାରେ ଲାଗିଲା। ରୋହନ ଝାଟିମାଟି ଘରକୁ ଭାଙ୍ଗି କୋଠା ଘର ତୋଳିବା ଆରମ୍ଭ କଲା। ଅନିତା ପାଇଁ ଏ ଥିଲା ଜୀବନର ସବୁଠୁ ଖୁସିର ମୁହୂର୍ତ୍ତ। ଭଲ ଘର ଖଣ୍ଡେ ନଥିବାରୁ ସମସ୍ତେ ତାକୁ ହୀନ ଦୃଷ୍ଟିରେ ଦେଖୁଥିଲେ। ସ୍ୱାମୀ ଅଭିଜିତ ବି ଅନେକ କଥା କହିବା ସହ ଶଶୁର ଘରକୁ ଯିବା ପାଇଁ ରାଜି ହୁଅନ୍ତି ନାହିଁ। ଛାତ ପକାଇବା ଦିନ ରୋହନ ଭଉଣୀକୁ ଫୋନ କରି କହିଲା, "ନାନୀ କୋଡିଏ ହଜାର ଟଙ୍କା ମୋର ନିହାତି ଦରକାର। ପନ୍ଦର ଦିନ ଭିତରେ ତୋ ଟଙ୍କା ମୁଁ ନିଶ୍ଚୟ ଫେରେଇ ଦେବି। ସବୁ ଆଡୁ ଚେଷ୍ଟା କରି ବିଫଳ ହେବାରୁ ତତେ ମାଗିଲି। ନ ହେଲେ ଛାତ ପଡି ପାରିବ ନାହିଁ। ସବୁ ଯୋଗାଡ଼ ସରିଛି, ମାତ୍ର କୋଡିଏ ହଜାର ପାଇଁ କାମ ଅଟକି ଯିବ। ପନ୍ଦର ଦିନ କଥା। ତୁ ଯେମିତି ହେଲେ କିଛି ବ୍ୟବସ୍ଥା କର"।

ଅନିତା ଅନେକ ଚିନ୍ତା କଲା ପରେ ଶେଷରେ ଅଭିଜିତକୁ କହିଲା, "ସାନ ଭାଇଙ୍କର କୋଡିଏ ହଜାର ଟଙ୍କା ନିହାତି ଦରକାର। ସେ ସୁଧ ବି ଦେବାପାଇଁ କହୁଛନ୍ତି। ତୁମେ କିଛି କର।" ଅଭିଜିତ ସ୍ତ୍ରୀର ଅନୁରୋଧ ରଖି କୋଡିଏ ହଜାର ଟଙ୍କା ପଠାଇଲା। କିନ୍ତୁ ସେ ପଇସା ଆଉ ଫେରି ପାଇଲା ନାହିଁ। ଶେଷରେ ସତ ଜଣା ପଡିଲା ପରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ବିରାଟ ଫାଙ୍କ ସୃଷ୍ଟି ହେଲା। ଅଭିଜିତର ସ୍ତ୍ରୀ ଉପରେ ସବୁ ଭରସା ସବୁ ବିଶ୍ୱାସ ଉଠିଗଲା। ଅନିତାକୁ ମିଳିଲା ଅନେକ ନିନ୍ଦା, ଅପମାନ ଏବଂ ଅଜସ୍ର ଅଶ୍ରାବ୍ୟ ଗାଳି।

ISSN NO.
2582-208X

ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ଅନିତା ନିଜ ନାଁରେ ଥିବା ପଚିଶ ହଜାର ଟଙ୍କା ବି ଅଭିଜିତଙ୍କୁ ନଜଣେଇ ଭାଇକୁ ଧାର ଦେଇଥିଲା। ଯାହାକୁ ସେ ଆଉ କେବେ ଫେରି ପାଇଲା ନାହିଁ। ଅଭିଜିତ ସତ ଜାଣିବା ପରେ କେବଳ ଏତିକି କହିଲା, "ମୁଁ ମରି ଗଲେ, ତୁମେ ପଇସାର ମୂଲ୍ୟ ବୁଝିବ। ଯେତେବେଳେ ପିଲାମାନେ ଭିକ ମାଗିବେ ଆଉ ଗଛ ତଳେ ଶୋଇବେ"।

ନର୍ସର ଡାକରେ ଅନିତା ଭାବନା ରାଜ୍ୟରୁ ଫେରିଲା। ଗୋଟେ ଲମ୍ବା ଦୀର୍ଘଶ୍ୱାସ ନେଇ ସେ ଆକାଶର ମଳିନ ଜହ୍ନ ଆଡକୁ ଚାହିଁ ରହିଲା। ଅନୁତାପର ଅଗ୍ନିରେ ତା'ର ଦେହ, ମନ ଏବଂ ଆତ୍ମା ଏକା ସାଥିରେ ଆଜି ଜଳୁଥିଲା। ଆଖିରେ ଧାର ଧାର ଲୁହ। ହୃଦୟରେ ବ୍ୟାକୁଳ ବେଦନା। ସାନ ଭାଇ ପାଇଁ ସେ କଣ ନକରିଥିଲା? କିନ୍ତୁ ସେହି ଭାଇ ଏତେବଡ଼ ଦୁର୍ଦ୍ଦିନରେ ମୁହଁ ବୁଲେଇ ଦେଲା। ଏବେ ତା ପରିବାରର କଣ ହେବ? ପିଲାମାନେ କେମିତି ରହିବେ, କଣ ଖାଇବେ। ଅଭିଜିତଙ୍କ ଚିକିତ୍ସା ସେ କେମିତି କରିବ।

ଅଭିଜିତ ଶୋଇଥିଲେ ନିରବ, ନିଶ୍ଚଳ ହୋଇ। ଅନିତା ତାଙ୍କ ଦୁଇପାଦ ଉପରେ ମୁଣ୍ଡ ରଖି ବସି ପଡ଼ିଲା। ସାରା ରାତି ଆଖିରୁ ବହି ଚାଲିଲା ଝର ଝର ଲୁହ। ଥର ଥର କମ୍ପୁଥିଲା ତା ସମଗ୍ର ଦେହ। କିନ୍ତୁ ସେ ମନେ ମନେ ଦୃଢ଼ ନିଷ୍ପତ୍ତି ନେଇଥିଲା, ସ୍ୱାମୀଙ୍କ ପାଦ ଧରି ପ୍ରତିଜ୍ଞା କରିଥିଲା, ପିଲାମାନଙ୍କୁ କେବେ ଅନାଥ ହେବାକୁ ଦେବ ନାହିଁ। ଅସୁସ୍ଥ ସ୍ୱାମୀଙ୍କ ଚିକିତ୍ସାରେ କେବେ ବି ଅବହେଳା କରିବ ନାହିଁ। ଯାହାବି ହେଇଯାଉ।

ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି, ଅସୁସ୍ଥ ସ୍ୱାମୀ ଓ ଅବୋଧ ସନ୍ତାନମାନଙ୍କର ସମସ୍ତ ଦାୟିତ୍ୱ ନିଜ ଉପରେ ନେଲା। ଅଭିଜିତ ଘରେ ରହି ଚିକିତ୍ସିତ ହେଲେ। ସ୍ୱାମୀଙ୍କୁ ଭଲ କରିବା ପାଇଁ ସବୁ ପ୍ରକାର ଚେଷ୍ଟା କରି ଚାଲିଲା। ଔଷଧ, ଇଂଜେକସନ ନିୟମିତ ଦିଆଗଲା। କାହାରି ସାହାଯ୍ୟ ସହଯୋଗକୁ ଅପେକ୍ଷା ନକରି ଦୋକାନ ଜିନିଷ ସବୁ ଘରେ ରଖି ବିକିଲା। ଘରେ ସିଲେଇ ମେସିନ ପକାଇ ଆଖ ପାଖର ଲୁଗାପଟା, ପ୍ୟାଣ୍ଟ ସାର୍ଟ ସିଲେଇ କଲା। ଘରେ ଟିୟୁସନ କରିବାରୁ ଦୁଇ ପଇସା ରୋଜଗାର ହେଲା। ଏମିତି ନାନା

ISSN NO.
2582-208X

ପ୍ରକାର କାମ କରି ସେ ପିଲ୍ମାନଙ୍କୁ ପଢ଼ାଇଲା। ବାପାଙ୍କ ଅସୁସ୍ଥତା ପାଇଁ ପିଲ୍ମାନେ ବେସାହାର୍ ନହୋଇ ଭଲରେ ଚଳଲେ। କିନ୍ତୁ ଅନତା ପାଇଁ ଗୁରିପାଖର ମଣିଷ ମାନଙ୍କର ମାନସିକତା ଆଉ ନିୟତି ବଦଳ ଯାଇଥିଲା। କୂଅରେ ପଡିଥିବା ବେଙ୍ଗକୁ ଟେକା ଫିଙ୍ଗିବା ଭଳ, ଲୋକମାନଙ୍କର ଅନେକ କଟୁକ୍ତି ଏବଂ ପ୍ରଶ୍ନବାଣର ଶିକାର ହେବାକୁ ପଡିଲା ବେସାହାର୍ ଅନତାକୁ। ସେ କେତେବେଳେ ଘରୁ ବାହାରିଲା, କେଉଁ ଆଡେ ଗଲା, କେତେବେଳେ ଘରକୁ ଫେରିଲା, ଆଖ ପାଖର ଚହ୍ନାଜଣା ମଣିଷମାନେ ସବୁବେଳେ ନଜର ରଖୁଥିଲେ। ଅନେକ ଚହ୍ନା ପରିଚତ ଲୋକଙ୍କ ସାହାଯ୍ୟ ଓ ସହାନୁଭୂତିର ମିଛ ଖୋଳପା ପଛପଟରେ ଥିବା ପଶୁ ପ୍ରବୃତ୍ତିକୁ ମର୍ମେ ମର୍ମେ ଅନୁଭବ କରି, ସମସ୍ତଙ୍କୁ ମୁହେଁ ମୁହେଁ ଜବାବ ଦେଇ ଅପଦସ୍ତ କଲା କିନ୍ତୁ କେବେ ହାରି ଗଲାନ କି ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡିଲା ନାହିଁ। ଜଟିଳ ଓ ବିଷମ ପରିସ୍ଥିତି, ସମୟ ପୂର୍ବରୁ ଅନତାକୁ ନିସ୍ତେଜ ଏବଂ ବୟସ୍କା କରିଦେଲା କିନ୍ତୁ କ୍ରାନ୍ତ କରି ପାରିଲା ନାହିଁ। ଅଦମ୍ୟ ଉତ୍ସାହରେ ସେ ଅକ୍ଲାନ୍ତ ପରିଶ୍ରମ କରି ଗ୍ଲଲିଲା। ପ୍ରତି କ୍ଷେତ୍ରରେ ଧର୍ଯ୍ୟ ଧରି, ଛାତିକୁ ପଥର କରି ଝଡର ସମ୍ମୁଖୀନ ହେଲା। ଅଭିଜିତଙ୍କୁ ଖୁସିରେ ରଖିବା ପାଇଁ ସେ ସବୁବେଳେ ତତ୍ପର ଥିଲା। ସ୍ୱାମୀଙ୍କ ମନକୁ କଷ୍ଟ ହେଲା ଭଳ କୌଣସି କାମ ହେବାକୁ ଦେଉ ନଥିଲା। ବାପା ଦିନେ ସମ୍ପୂର୍ଣ୍ଣ ଭଲ ହୋଇଯିବେ ବୋଲି, ପିଲ୍ମାନଙ୍କ ମନରେ ବିଶ୍ୱାସ ଦେବା ସହ ନିଜେ ମଧ୍ୟ ବିଶ୍ୱାସ କରୁଥିଲା। ବାପାଙ୍କ ଅଗଣିତ ଉପକାରକୁ ପିଲ୍ମାନଙ୍କ ଆଗରେ ସଦା ସର୍ବଦା କହି କହି ବାପାଙ୍କ ପ୍ରତି ସମ୍ବେଦନଶୀଳତା ଓ ଭଲପାଇବା ବଜାୟ ରଖିଥିଲା। ପିଲ୍ମାନଙ୍କର ଅସୁସ୍ଥ ବାପାଙ୍କ ପ୍ରତି ଥିଲା ଅସୀମ ଶ୍ରଦ୍ଧା ଏବଂ ଭକ୍ତି। ସକାଳ ସନ୍ଧ୍ୟାରେ ପିଲ୍ମାନେ ବାପାଙ୍କ ପାଦ ଧୂଳ ନେଇ ମୁଣ୍ଡରେ ମାରୁଥିଲେ। କେତେକେତେ ବାପ, ମା' ପିଲ୍ମାନଙ୍କୁ ସବୁ ସୁଖ ସୁବିଧା ଦେଇ ମଧ୍ୟ ନିଜ ପିଲ୍ମାନଙ୍କ ନିକଟରୁ ଟିକେ ସ୍ନେହ ଆଦର ପାଇ ପାରନ୍ତ ନାହିଁ। ନିଜ ଜୀବନକୁ ତିଳ ତିଳ କରି ଜାଳ ଥିବା ବାପା, ମାଙ୍କୁ ବି ଅନେକ ଥର ନିଜ ସ୍ୱାର୍ଥପର ପିଲ୍ମାନଙ୍କ ମୁହଁରୁ ଶୁଣିବାକୁ ମିଳେ, "ମୋ ପାଇଁ ତୁମେ କଣ କରିଛ"? କିନ୍ତୁ ଅନତା ପିଲ୍ମାନଙ୍କୁ ମଣିଷ ପରି ମଣିଷ କରି ଗଢ଼ିଥିଲା। ବାପାଙ୍କର ଅସହାୟତାକୁ ପିଲ୍ମାନଙ୍କ ଚରିତ୍ର ଏବଂ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଇବାକୁ ଦେଇ ନଥିଲା, ସେ ମମତାମୟୀ ମହାନ ମା' ଜଣକ।

ISSN NO.
2582-208X

ସମୟ ପାଣି ଭଳି ବହି ଗ୍ଲଲିଲା। ବଡ଼ ପୁଅ ଲଗ୍ନଜିତ ଦଶମ ପରୀକ୍ଷାରେ ସ୍କୁଲରେ ଟପର୍ ହେବା ସହ କଲେଜରେ ମଧ୍ଯ ଟପର୍ ହେଲା। ଅନନ୍ତାକୁ କଲେଜକୁ ଡକା ଯାଇ ଭୂରି ଭୂରି ପ୍ରଶଂସା କରାଗଲା। ଗ୍ରାଜୁଏସନ ପରେ ଲଗ୍ନଜିତ୍ upsc ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତି କଲା। ଦୃଢ଼ ଇଚ୍ଛା ଶକ୍ତି ଏବଂ କୋଠର ପରିଶ୍ରମ ଏବଂ ଅନୁଶାସନ ଲଗ୍ନଜିତକୁ ସଫଳତା ଆଣିଦେଲା। ମାତ୍ର ତେଇଶି ବର୍ଷ ବୟସରେ ସେ IAS ପାଇଲା।

ଅଭିଜିତଙ୍କ ଶଯ୍ୟା ପାଖରେ ପୁଅ ଲଗ୍ନଜିତକୁ ଧରି ଅନନ୍ତା ଆଖିରୁ ଝରାଇ ଗ୍ଲଲିଲା ଧାର ଧାର ଲୁହ। ଲୁହ ଝରାଇବା ତାଙ୍କ ପାଇଁ ନିତିଦିନିଆ କଥା, କିନ୍ତୁ ଆଜିର ଏ ଦୁର୍ଲଭ ମୁହୂର୍ତ୍ତର ଲୁହ ସବୁ ଦୁଃଖ କଷ୍ଟ ଯନ୍ତ୍ରଣାର ନଥିଲା। ଏ ଲୁହ ଥିଲା ଅନନ୍ତାର ଯନ୍ତ୍ରଣା ଜର୍ଜରିତ ଜୀବନରେ ଏକ ଅମୂଲ୍ୟ ଉପହାର। ଅନନ୍ତା ଅଭିଜିତର ହାତକୁ ବନ୍ଦ ପାପୁଲିରେ ଦୃଢ଼ ଭାବରେ ରଖି ଅଭିମାନରେ ମୁହଁ ଫୁଲାଇ ପଗ୍ଲରିଲା, "କାହିଁକି ମତେ ଏତେ ଦଣ୍ଡ ଦେଇ ଗ୍ଲଲିଛ। ମୋ ସହିତ କଣ ତୁମେ ଆଦୌ କଥା ହେବ ନାହିଁ। କଣ ଥରୁଟିଏ ପଗ୍ଲରିବ ନାହିଁ, କେମିତି ବଢ଼ାଇଛି ତୁମ ପୁଅକୁ। ତୁମ ପୁଅକୁ ଥରୁଟିଏ ହାତ ଉଠାଇ ଆଶୀର୍ବାଦ ଦେବ ନାହିଁ। ତାକୁ ଥରୁଟିଏ ପାଇଁ କୋଳରେ ଭିଡି ଧରି ମୁଣ୍ଡ ଆଉଁସି ଦେବ ନାହିଁ। ଆମେମାନେ ଛାତି ତଳେ କେତେ କେତେ ଦୁଃଖ, କଷ୍ଟ, ଯନ୍ତ୍ରଣା ସାଇତି ରଖିଛୁ, ଥରୁଟିଏ ପଗ୍ଲରି ବୁଝିବ ନାହିଁ"

ଅଭିଜିତଙ୍କ ଆଖିରୁ ଦୁଇ ଧାର ଲୁହ ଝରିଗଲା। ସେ ଆଖିପତା ଅଳ୍ପ ଖୋଲିଲେ। ହାତ ପାଦରେ ସାମାନ୍ୟ କମ୍ପନ ଅନୁଭୂତ ହେଲା। ଅନେକ ବର୍ଷ ପରେ ତାଙ୍କ ମୁହଁରୁ ଶବ୍ଦଟିଏ ବାହାରିଲା, "ଅନନ୍ତା"। ଭାଗ୍ୟର ବିଡମ୍ବନାକୁ ମାନି ନେଇ ପଥର ପାଲଟି ଯାଇଥିବା ଚିର ବିଷଣ୍ଣ ଅନନ୍ତାକୁ ଏସବୁ ସ୍ୱପ୍ନ ଭଳି ଲାଗୁଥିଲା। ସେ ନିଜକୁ ବିଶ୍ୱାସ କରି ପାରୁ ନଥିଲା। କିଛି କ୍ଷଣ ମଧ୍ଯରେ ଅଭିଜିତ ପୁଣିଥରେ ଡାକଲେ, "ଅନନ୍ତା" ।

~★★~

ISSN NO.
2582-208X

# ଯାଇଥିଲି କଲିକତା



ଶିଶିର କୁମାର ପଣ୍ଡା

ଯାଇଥିଲି କଲିକତା ଦୁଇ ବର୍ଷ ପରେ
ଆପଣା ଲୋକଙ୍କୁ ଭେଟିବି ବୋଲି ଆଉ ଥରେ ।
ଲାଇସିନ୍ସ ରିନ୍ୟୁ ଥିଲା ବାହାନା ମାତର
ଭାବିଥିଲି ବୁଲିବି ମୁଁ ଏ ଘରୁ ସେ ଘର ।
ଆପଣାର ଲୋକ ଦେଖି ମୋଡ଼ିଦେଲେ ମୁହଁ
ତାଙ୍କପାଇଁ ବୋଧେ ମୁହିଁ ପରିଚତ ନୁହଁ ।
ପଦୁଟିଏ କହିଲେନ ଭଲମନ୍ଦ ବାଣୀ
କ ଅବା କାରଣ ତାହା ପାରୁନାହିଁ ଜାଣି ।
ଘରେ ଥିଲାବେଳେ କହି ମିଠାକଥା ମତେ
ଆପଣାର ପରିଧିରେ ବାନ୍ଧନ୍ତୁ ଯେମନ୍ତେ ।
ସେଇଲୋକ ମୋଓ ପାଇଁ ହୋଇଗଲେ ପର
ପର ଭାବୁଥିଲି ଯିଏ, ହେଲେ ମୋ ନଜର ।
ସେଥିପାଇଁ ଅଭିମାନେ ଓଦା ହୁଏ ଆଖି
ସେମାନଙ୍କୁ ବୁଝିବାକୁ ଆଉ କବା ବାକି ?

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ଅକୁହା କଥା

ସ୍ମୃତିରେଖା ପରିଡା

କରିପାରିଲିନି କହିବାର ଥିଲା
ମନେ ରହିଗଲା କଥା,
କହୁ କହୁ ପୁଣି ଆଖି ଭରିଯାଏ
ଆପେ ନଇଁଯାଏ ମଥା।

ପଛରୁ ଡାକି କହିପାରନ୍ତି କି
କିଛି କହିବାର ଅଛି...
ପାଦ ଫେରିଯାଏ, ଓଠ ରହିଯାଏ
କାଳେ ଟାଣ କଥା କହିଦବ କିଛି।

ମନେ ମାରିଦିଏ ମନର କଥାକୁ
ଖଣ୍ଡେ ସ୍ମିତହାସ୍ୟ ଦେଇ,
ଆଖି କହିଦିଏ ଲୁଗୁ କଥାଟିକୁ
ଲୁହର ସରମ ନାହିଁ।

ବୁଝିବା ଲୋକ ତ ସବୁ ବୁଝିଯାଏ
ନ କହି ନ କହି କଥା,
ଅବୁଝା ଲୋକକୁ କିଏ ବୁଝେଇବ
ଏ ହୃଦୟ ର ବ୍ୟଥା।

ଡର ଥାଏ ଖାଲି "ନା" ଶୁଣିବାକୁ
କେବଳ ଓଠରୁ ତୁମରି,
ଦଳିଦେବ ଯଦି ପ୍ରେମକୁ ପାଦରେ
ଏଇ ଡର ଥାଏ ମୋରି।

ଯଦି ବା କେବେ ପଚ୍ଚର ତୁମେ
କଣ କହିବ କୁହ ?
କହିପାରିବିନି, ସହି ପାରିବିନି
ଆଉ ଢାଳି ପାରିବିନି ଲୁହ!

ISSN NO.
2582-208X

# ସନ୍ଥ ଚନ୍ଦ୍ରମଣି



ଶୁଭେନ୍ଦୁ ମେହେର

ସଂସ୍କୃତି ସମ୍ପନ୍ନ ବଉଦ ଜିଲ୍ଲାର
ଫିରିଙ୍ଗିଆ ଗ୍ରାମ ଠାରେ
କୁଆଁ କୁଆଁ ରାବ ମୁଖରିତ ହେଲା
ଭୁବନ ଦ୍ୱିଜଙ୍କ ଘରେ ।

ଭୁବନ ଦ୍ୱିଜ ଯେ ଥିଲେ ଯଜୁର୍ବେଦୀ
ଦରିଦ୍ର ବ୍ରାହ୍ମଣ ଜଣେ
ପିତାମହ ତାଙ୍କ ଦୁର୍ଲ୍ଲଭ ଦ୍ୱିଜ ଯେ
ଥିଲେ ଅଭାବ କଷଣେ ।

ବ୍ରତ ବିଭାଘର ପୂଜା କର୍ମକାଣ୍ଡ
ତାଙ୍କର ଜୀବିକା ଥିଲା
ଭିକ୍ଷା ବୃତ୍ତି ବଳେ ପରିବାର ଚଳେ
ଜେମାଦେଇ ପୁରେ ଭଲା ।

ଘୁମୁସର ରାଜ୍ୟେ ପଡିଲା ଦୁର୍ଭିକ୍ଷ
ଅତି ଭୟାବହ ହୋଇ
ଚନ୍ଦ୍ରମଣି ପିତା ଅଭାବ କଷଣେ
ଶରୀର ଛାଡିଲେ ତହିଁ ।

ଅବୋଧ ବାଳକ ଚନ୍ଦ୍ରମଣି ସାଥେ
ଜନନୀ କୋମଳ ମତି
ସ୍ୱର୍ଣ୍ଣପୁର ରାଜ୍ୟେ ବାଗବର ଗ୍ରାମେ
ପିତ୍ରାଳୟେ ଉପସ୍ଥିତି ।

ପୂର୍ବ ଶିକ୍ଷା ବଳେ ମାତୁଳାଳୟରେ
ଆସ୍ତେ ଆସ୍ତେ ଚନ୍ଦ୍ରମଣି
ଗୀତା ଭାଗବତ ପୁରାଣ ଶାସ୍ତ୍ରାଦି
ପଠନ କରନ୍ତ ପୁଣି ।

ISSN NO.
2582-208X

ପୂଜା ପଦ୍ଧତି ଓ କର୍ମକାଣ୍ଡ ମଧ
ଶିକ୍ଷା କରୁଥିଲେ ତହିଁ
ବାର ବର୍ଷ ଯେବେ ହୋଇଲା ପୁରଣ
ମାତୃହରା ଗଲେ ହୋଇ ।

ନିଃସହାୟ ଭାବେ ମାମୁଁ ଘରେ ରହି
ଦିନ କାଟି ନ ପାରିଲେ
ଏମନ୍ତ ସମୟେ ସାଧୁ ଜଣେ ଆସି
ତହିଁ ଉପଗତ ହେଲେ ।

ସାଧୁଙ୍କ ବଚନେ ଯିବେ ବୃନ୍ଦାବନେ
ମନସ୍ତ କରିଲେ ପୁଣ
ବୃନ୍ଦାବନ ଯାଇ ବୈଷ୍ଣବ ଧର୍ମରେ
ଦୀକ୍ଷିତ ହୋଇଲେ ଜାଣ ।

ବ୍ରଜବନ୍ଧୁ ଦାସ ମନ୍ତ୍ର ଦେଲେ ଯେଣୁ
ଚନ୍ଦ୍ରମଣି ହର୍ଷ ହେଲେ
ସୁଧାସାର ମଧ୍ୟେ ବ୍ରଜଦାସ କହି
ଚନ୍ଦ୍ରମଣି ଲେଖିଗଲେ ।

ତହୁଁ ଚନ୍ଦ୍ରମଣି ଗୁରୁଙ୍କ ନିର୍ଦ୍ଦେଶେ
ପୁରୁଷୋତ୍ତମେ ଆସିଲେ
ସେ ଲାଗି କେଜାଣି ଜଗନ୍ନାଥ ଆସି
ଗୋପାଳ ଗ୍ରାମେ ରହିଲେ ।

ପୁରୀ ଧାମେ ଯେବେ ରହିଲେ ସାଧକ
ବଦଳିଲା ଚିନ୍ତାଧାରା
ଶୂନ୍ୟ ବ୍ରହ୍ମବାଦ ପିଣ୍ଡ ଓ ବ୍ରହ୍ମାଣ୍ଡ
ନିରାକାର ତତ୍ତ୍ୱ ସାର ।

ଏମନ୍ତ ସମୟେ ମାମୁଁଘର ଗ୍ରାମେ
ବାଗବର ଠାରେ ମନ
ତ୍ୱରିତେ ଫେରିଣ ବାଗବର ମଠେ
ସାଧନାରେ ହେଲେ ମଗ୍ନ ।

ଜୀବନ କାଳରେ ଅଧିକାଂଶ ଗ୍ରନ୍ଥ
ସେହିଠାରେ ଛନ୍ଦ ଲେଖି
ନାରଦ ଗୀତା ଓ କୃଷ୍ଣ ସୁଧାମୃତେ
ବିଭୁକୃପା ଥିଲେ ରଖି ।

କିଛି କାଳ ଅନ୍ତେ ଉଲୁଣ୍ଡା ଅଞ୍ଚଳେ
ବାରିଗାଁ ମଠେ ପ୍ରବେଶ
ଯହିଁ ଜଗନ୍ନାଥ ତହିଁ କୁ ଯାଆନ୍ତି
ସନ୍ଥ ଚନ୍ଦ୍ରମଣି ଦାସ ।

ଶିଷ୍ୟଙ୍କ ଗହଣେ ସାଧନାର ତୀରେ
ମଗ୍ନ ମନୋରଥ ସାଧୁ
ସନ୍ଥ ଚନ୍ଦ୍ରମଣି ସ୍ମୃତି ସମାରୋହ
ଏବେ ବି ଝରୁଛି ମଧୁ ।

ISSN NO.
2582-208X

ତହିଁ କଛିକାଳ ବିତି ଗଲା ଯେଣୁ
ଆସନ୍ତି ଗୋପାଳ ଗ୍ରାମେ
ପାତାଳ ତ୍ରିକୁଟେ ସାଧନା କରନ୍ତି
ପ୍ରବେଶିଣ ମନ ଜାନେ ।

ଅମୃତମୟ ସେ ସୁଧାସାର ଗୀତା
ଏହିଠାରେ ଲେଖିଗଲେ
ସ୍ୱୟଂ ଜଗନ୍ନାଥ ଊନେଶ୍ୱତ ବର୍ଷ
ଏହିଠାରେ ରହିଥିଲେ ।

ସାଧନାରେ ସିଦ୍ଧ ଯୋଗୀ ଚନ୍ଦ୍ରମଣି
ବାଘପାଲି ଗ୍ରାମେ ରହି
ତ୍ରିକୁଟ ପର୍ବତେ ସାଧନା କରନ୍ତି
ଶିଷ୍ୟଙ୍କୁ ସଙ୍ଗତେ ନେଇ ।

କାୟା ବଦଳାଇ ମୃତକ ଶରୀରେ
ନିଜେ କରନ୍ତି ପ୍ରବେଶ
ଦେଖିଛନ୍ତି ଶିଷ୍ୟ କହେ ଇତିହାସ
ସାମାନ୍ୟ ନୁହେଁ ଅବଶ୍ୟ ।

ପୁର୍ଣ୍ଣ ଜଳାଶୟେ ନିଜସ୍ୱ ପାଦରେ
ଚାଲି ଯାଆନ୍ତି ସେ ସନ୍ଥ
ଅମୃତ ସନ୍ଧାନୀ ଅଲୌକିକ ଲୀଳା
ଦେଖିଛନ୍ତି ବହୁ ଭକ୍ତ ।

ମନ ଜାନେ ଯାଇ ତ୍ରିକୁଟ ଶୀର୍ଷରେ
ନିତି ଯୋଗଧ୍ୟାନ କରି
ପୁନଶ୍ଚ ମଠକୁ ଫେରି ଆସନ୍ତି ସେ
ମହାଜ୍ଞାନୀ ତପସ୍ୱୀ ।

ପୁନଶ୍ଚ ଏଠାରେ ନିଜସ୍ୱ ଇଚ୍ଛାରେ
ହୋଇଛନ୍ତି ସମାଧିସ୍ଥ
ଦେହତ୍ୟାଗ ପୂର୍ବେ ନିଜର ଶିଷ୍ୟଙ୍କୁ
ଏହା କହିଛନ୍ତି ସନ୍ଥ ।

ଅନ୍ତିମ ସମୟ ଆସିଗଲେ ମୋର
ସୂଚନା ଦେବି ଯେ ମୁହିଁ
ଯଥା ରୀତିରେ ମୋ ସମାଧି କରିଣ
ମୋତେ ଦେବ ଘୋଡ଼ିଆଇ ।

ସମାଧିସ୍ଥ ହେଲେ ସନ୍ଥ ଶିରୋମଣି
ବାଘପାଲି ହେଲା ଧନ୍ୟ
ସେ ଦିନୁ ସେଠାରେ ବାବାଙ୍କ ମହିମା
କରୁଛନ୍ତି ଗୁଣଗାନ ।

ସେ ପବିତ୍ର ମାଟି ବାଘପାଲି ଗ୍ରାମ
ଧନ୍ୟ ହୋଇଲା ସେ ଦିନ
ଦୂରରୁ ଥାଇ ମୁଁ ପ୍ରଣାମ ଜଣାଏ
ସେ ପୁଣ୍ୟ ମାଟିକୁ ପୁଣ ।

ISSN NO.
2582-208X

ଯେଉଁଠାରେ ମୋର କାଳିଆ ଠାକୁର
ରହିବାକୁ ଇଚ୍ଛାକରେ
ସାଧୁ ଚନ୍ଦ୍ରମଣି ସମାଧି ମନ୍ଦିର
ଧନ୍ୟ ହୋଇଗଲା ବାରେ ।

ସର୍ବଗୁଣେ ଯିଏ ଥିଲେ ପରିବ୍ୟାପ୍ତ
ତାଙ୍କୁ ମୁଁ ବର୍ଣ୍ଣିବି କିଶ
ସର୍ବଧର୍ମ ପ୍ରତି ଯାର ବଇରାଗ
ସେ ନୁହେଁ କ୍ଷୁଦ୍ର ମଣିଷ ।

ସନ୍ଥ ଶିରୋମଣି କବି ଚନ୍ଦ୍ରମଣି
ଦୟା ରଖିଥିବ ବାରେ
ହୀନ ଅକୀଞ୍ଚନ କରୁଛି ବର୍ଣ୍ଣନା
ଯାହା ଆସିଲା ମନରେ ।

ଯାଲ୍ରେଏ, ସୁବର୍ଣ୍ଣପୁର

ISSN NO.
2582-208X

# ଚିରଞ୍ଜିବୀ

ଜୀବନଜ୍ୟୋତି ମହାନ୍ତ

ଚରଞ୍ଜିବୀ

ତୁ ତ ଆମ ଆଖିର ତାର୍

ତୋ ପାଇଁ ଦୁନଆ ସୁନ୍ଦର

ସଂସାର ଦେଖିବୁ ଆଖିରେ ତୋହର

ଭୁଲି ଖର୍ତର୍...

ତୋର ଖିଲିଖିଲି ହସରେ

ତୋ ଦୁଷ୍ଟାମୀରେ ଦୁନଆ ହସିବ,

ଭୁଲିବୁ ଯନ୍ତ୍ରଣା ସାର୍

ତୁ ଆମ ଅନ୍ଧଲହୁଡି

କରୁ ଜଗନ୍ନାଥ ପାଖେ ଗୁହାରୀ

ତୋ ଉପରେ ବିପଦ ନଆସୁ

ତୋତେ ଭଲରେ ରଖନ୍ତୁ ଶ୍ରୀହରି....

ISSN NO.
2582-208X

# ଅଛୁଆଁ ଜାତି



ଶିବରାମ ଦଳେଇ

ଧଡ଼କନା ଡଷ୍ଟର ଯାଇ ପଛ ବେଞ୍ଚ ର ପିଲାଟି ଦେହରେ ବାଜିଲା । ସାଥେ ସାଥେ ସୂର୍ଯ୍ୟକାନ୍ତ ସାର (ମିଶ୍ର ସାର) ଗର୍ଜି ଉଠିଲେ । ପାଠ ନାହିଁ ଶାଠ ନାହିଁ ପଳେଇ ଆସିଛ କଣ ଶଶୁର ଘର ବୁଲିବାକୁ । ଘରେ ଶୋଇନାହୁଁ ଯେ ଏଠି ଆସି ଶୋଉଛୁ ।

ପିଲାଟି ଆଖି ପତାକୁ ଧରି ଠିଆ ହେଇଥାଏ । ତା ହାତ ଆଙ୍ଗୁଳ ର ଫାଟ ବାଟଦେଇ ରକ୍ତ ଝରିବାକୁ ଲାଗିଲା । ପିଅନ ଆସି ପିଲାଟି ଆଖି ପତାରେ ପୋଡା କପଡ଼ା ସହ କୌଣସି ଏକ ଔଷଧ ଗଛର  ପତ୍ର ଲଗାଇ ଦେଲା ।

ବିଦ୍ୟାଳୟ ର ପ୍ରଧାନ ଗୁରୁଜୀ ପିଲାଟି କୁ ପାଖକୁ ଡ଼ାକ ସବୁକଛି ପଚାରିଲେ । ପିଲାଟି କହିଲା ମୋ ନାଁ ସାଗର । ମାଆ ମୋର ସ୍ୱର୍ଗବାସୀ । ବାପା ପାଖ ବଜାର ରେ ଜୋତା ସିଲେଇ ଓ ପଲିସ କରନ୍ତି । ସ୍କୁଲ ରୁ ଫେରି ମୁଁ ବାପାଙ୍କ କାର୍ଯ୍ୟ ରେ ସାହାଯ୍ୟ କରେ । ଗତକାଲି ଦୋକାନ ଭିଡ଼ ଥିବାରୁ ଟିକଏ ବିଳମ୍ବ ରେ ଫେରିଲୁ । ତା ପରେ ବାପା ସ୍ୱେଷେଇ କଲେ, ମୁଁ ପାଠ ପଢା ସାରୁ ସାରୁ  ଶୋଇବା ବିଳମ୍ବ ହେଇଗଲା । ସେଥିପାଇଁ ଶ୍ରେଣୀରେ ମୋ ଆଖି ଲାଗିଗଲା । ମୁଁ ଅଛୁଆଁ ଜାତି, ମୋତେ ନ ଛୁଇଁବେ ବୋଲି ମିଶ୍ର ଗୁରୁଜୀ ମୋ ଆଡ଼କୁ ଡଷ୍ଟର ଫିଙ୍ଗୁଥିଲେ ଯେ ଡଷ୍ଟର ଟେବୁଲ ଉପରେ ପଡି ମୋ ଆଖି ପତାରେ ବାଜିଲା।

ଏବେ ସାଗର ପ୍ରଶ୍ନ କଲା ଗୁରୁଜୀ ଏ ଜାତିର ସୃଷ୍ଟି କେଉଁଠୁ ? ଆପଣଙ୍କ ହାତ କାଟିଲେ ଲାଲ ରକ୍ତ ବାହାରୁଛି ଆମର ସେହି ଲାଲ ରକ୍ତ । ଆପଣଂକୁ ଆଘାତ ଦେଲେ ଦରଜ ହୁଏ, ଆମକୁ ମଧ । ଆପଣ ବଂଚବା ପାଇଁ ଖାଦ୍ୟ ଖାଆନ୍ତି ଆମେ ବି ଖାଉ । ତେବେ ଆମେ

ISSN NO.
2582-208X

ଅଛୁଆଁ କାହିଁକ ? ଆମକୁ ସମସ୍ତେ ଏତେ ନଛ ଦୃଷ୍ଟିରେ ଦେଖନ୍ତ କାହିଁକ ? ଏତେ ଅଳ୍ପ ବୟସରେ ଏତେ ବଡ ବଡ ପ୍ରଶ୍ନ ର ଉତ୍ତର ବୋଧ ହୁଏ ପ୍ରଧାନ ଗୁରୁଜୀଙ୍କ ପାଖରେ ନ ଥିଲ୍ । ତେଣୁ ସାଗର ର ଏପରି ପ୍ରଶ୍ନ ରେ ପ୍ରଧାନ ଗୁରୁଜୀ ବହୁତ ଖୁସି ହେଲେ । ଆଉ ତା ଭିତରେ ଥିବା ଇଶୋରୀୟ ଶକ୍ତ କୁ ଦେଖି ପାରୁଥିଲେ । ଶେଷରେ ଗୁରୁଜୀ କହିଗଲେ ତୁମେ ଭବିଷ୍ୟତ ରେ ଭଲ ମଣିଷ ସହ ବହୁତ ନାଁ ଅର୍ଜିବ ।

ସେଦିନ ସୂର୍ଯ୍ୟକାନ୍ତ ସାର ପୁଣି ସାଗର ପାଖକୁ ଆସିଲେ । ଘରେ ନ କହିବାକୁ କହିଲେ, ଆଉ ପୁଣି କହିଗଲେ ଯଦି ଘରେ କହିବୁ ତେବେ ପରୀକ୍ଷା ରେ ତୋତେ ଫେଲ କରିଦେବି । ସାଗର ସ୍କୁଲ ବାରଣ୍ଡାରେ ଗୋଡ଼ ଖସି ପଡ଼ିଲି ବୋଲି ଘରେ ମିଛ କହିଲ୍ ।

ସେହି ଦିନଠୁ ସାଗର ର ପଢ଼ାରେ ମିଶ୍ର ସାର ଆଖି ବୁଲନ୍ତ ନାହିଁ । କଣ ପଢେ କଣ ନ ପଢେ ସାର ଙ୍କୁ କଛି ଫରକ ପଡେ ନାହିଁ । କନ୍ତୁ ସାଗର ଏକଲବ୍ୟ ଭଳ ପଛ ବେଞ୍ଚ ରେ ବସି ପାଠରେ ସମ୍ପୂର୍ଣ୍ଣ ଏକାଗ୍ରତା ରଖିଥିଲ୍ । ହେଲେ ପରୀକ୍ଷା ରେ ଯେତେ ସଠିକ ଲେଖିଲେ ବି ଉଚତ ନମ୍ବର ପାଉ ନଥିଲ୍ । ଶେଷରେ ଭଲ ନମ୍ବର ସହ ସ୍କୁଲ ଜୀବନ ଶେଷ କଲ୍ ସତ କନ୍ତୁ ତା ଗରିବତ୍ୱ ପାଇଁ ସେହିଠାରେ ପାଠରେ ଡୋରି ବାନ୍ଧିଲା । କଥାରେ ଅଛି ନାରୀ ଜୀବନ ଚୁଲି ମୁଣ୍ଡକୁ, ସେହିପରି "ଗରିବ ଜୀବନ ମାଟି ପଙ୍କ କୁ" ତେଣୁ ସାଗର ତା ବାପା ଙ୍କ କାର୍ଯ୍ୟ କୁ ନିଜ ବୃତ୍ତି ରୂପେ ଆପଣେଇଲା ।

ନଜର କୌତିକ ବୃତ୍ତି କୁ ଆପଣେଇବା ର କୋଡିଏ ବର୍ଷ ବିତିଗଲ୍‌ଣି । ଯେବେ ସାଗର ଦୋକାନ କଡରେ ସ୍କୁଲ ପିଲ୍ ଗ୍ଲଲିଯାନ୍ତ ତାହାର ମନେପଡେ ବିଗତ ପିଲ୍‌ଦିନ, ସେହି ମିଶ୍ର ସାର ଙ୍କ କଥା । ତଥାପି ସବୁକଛି ଭୁଲି ନଜ କାର୍ଯ୍ୟ ରେ ଲ୍‌ଗିପଡ଼େ ।

ଆଜି ସକାଳୁ ଦୋକାନ ଖୋଲିବା ସମୟରେ ଗୋଟେ ଛୋଟ ପିଲ୍ ର ଚକ୍ରାର ଶୁଣି ବୁଲି ଗ୍ଲହିଁଲ୍ ବେଳକୁ ଗୋଟେ ଅଜଣା ଗାଡି ସ୍କୁଲ ପିଲ୍‌କୁ ଧକ୍କା ଦେଇ କ୍ଷିପ୍ର ବେଗରେ ଚାଲିଗଲା। ଦୋକାନ ଖୋଲିବା ବଦଳରେ ପିଲାଟି ପାଖକୁ ଧାଇଁ ଗଲି । ବିଚରା ପିଲାଟି ର ମୁଣ୍ଡ ଫାଟି ଧାର ଧାର ହେଇ ରକ୍ତ ବୋହି ଯାଉଥାଏ ।

ISSN NO.
2582-208X


କିଛି ନଭାବି ପିଲାଟିକୁ କୋଳକୁ ଉଠାଇ ପାଖ ଡାକ୍ତରଖାନାରେ ଭର୍ତ୍ତି କଲି । ଡାକ୍ତର ମୋ ପିଲାଦିନର ସାଙ୍ଗ । ସେ କିଛି ପଚାରିବା ଆଗରୁ ତା ହାତ ଧରି ପିଲାଟି କୁ ବଞ୍ଚେଇଦେ କହିଲି । କଛି ସମୟ ପରେ ଡାକ୍ତର କହିଲେ ପିଲାଟି ପାଇଁ ରକ୍ତ ନହାତି ଦରକାର, ନଚେତ ବଞ୍ଚାଇବା ବହୁ କଷ୍ଟ କର । ସାଗର ନିଜ ରକ୍ତ ନେବାକୁ ଡାକ୍ତର ଙ୍କୁ ଅନୁରୋଧ କଲା । ସାଗର ରକ୍ତ ସହ ପିଲାଟିର ରକ୍ତ ମିଶି ଯିବାରୁ ସାଗର ଠୁ ରକ୍ତ ନେଇ ପିଲାଟି ଦେହରେ ଲଗାଗଲା ।

ପିଲାଟି ର ଘରେ କୌଣସି ସୂତ୍ରରୁ ଖବର ପହଁଚ ସାରିଥିଲା । ତାଙ୍କ ପରିବାର ର ସମସ୍ତେ ସେହି ଡାକ୍ତରଖାନାରେ ପହଂଚଲେ । ପିଲାଟି ର ଜେଜେ ବାପାଙ୍କୁ ଦେଖି ସାଗର ଭୟରେ ଖସିଯିବାକୁ ଚେଷ୍ଟା କଲା ସମୟରେ କେହିଜଣେ ତା ହାତକୁ ଟାଣି ଧରିଲା ।

ସାଗର ବୁଲିପଡ଼ି ଦେଖେ ତ ଡାକ୍ତର  ତା ହାତ ଧରି କହୁଥିଲେ ସାଙ୍ଗ ତୋ ରକ୍ତ ପାଇଁ  ସେ ପିଲାଟିର ଜୀବନ ବଂଚଗଲା ।

ପୁତ୍ରହରା ଜେଜେବାପା ଡାକ୍ତର ଙ୍କ ଠାରୁ ସବୁକଥା ଶୁଣି ବଂଶ ର ଏକମାତ୍ର ଉତ୍ତରାଧିକାରୀ(ନାତି) ର ଜୀବନ ବଞ୍ଚାଇବା ଲୋକ ସ୍କୁଲ ଦିନର ଘୃଣିତ ତଥା ଅଛୁଆଁ ଛାତ୍ର 'ସାଗର' ଜାଣିବା ପରେ ନିଜକୁ ସେ ଛାତ୍ର ର ଗୁରୁ ଭାବି ନା ଗର୍ବ କରୁଥିଲେ ନା ନିଜ ନାତି ଦେହରେ ବୋହୁଥିବା ଅଛୁଆଁ ରକ୍ତ କୁ ନିଜ ଅଶ୍ରୁରେ ଧୋଇ ବିଶୁଦ୍ଧ ପାରୁଥିଲେ ।

ଲେଖନପୁର ସାଲେପୁର
ଦୂରଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ଜହ୍ନ



ଶ୍ରୀକ୍ଷେତ୍ର ସୁନ୍ଦର

ତା ମୁହଁର କଳା ଜାଇ ତାକୁ ଭାରି ମାନେ ବୋଲି
ବାଦଲ ଫାଙ୍କରୁ ଜହ୍ନ ଆଜି ବାରବାର ମୁହଁ ଦେଖେ,
ସାଗର ବୁକୁରେ
ତାର ସେ ତୋଫା ଚକାମୁହଁକୁ ଗୋଟାପଣେ ସାଗର ତ,
ତା ଛାତିରେ ଧରି ରଖି ପାରେନ
ଅଥୟ - ଅଧିର ହୋଇ ନାଚ, ଜୁଆର ସାଜେ
ପ୍ରଶାନ୍ତ ମନା ସାଗର ହଠାତ୍ ଅଶାନ୍ତ ହୋଇ ଉଠେ
ଜହ୍ନକୁ ହାତ ବଢାଏ, ଜୋଛନାକୁ ଜହ୍ନ ଭାବେ
ତେବେ ତାର୍ ମେଳେ ପୂନେଇ ଜହ୍ନ ସେ
କଣ ସହଜେ ଧରା ଦିଏ ?

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ,ବରଗଡ
ମୋ ୯୦୯୦୨୭୭୮୦୬

ISSN NO.
2582-208X

# ସୂର୍ଯ୍ୟାସ୍ତେ ଗମନ



ଅଧାପିକା ଦୀପା ମହାନ୍ତ

ଆଜି ମୁଁ ପୁଣି ସେଇଠି
ଯେଉଁଠି ଫେରିବାର ଠିକଣା ଅଛି
କନ୍ତୁ ବାଟ ଅଚହ୍ନା ଲ୍ଗୁଛି
ସେ ଅଚହ୍ନା ବାଟରେ ସୂର୍ଯ୍ୟ, ଚନ୍ଦ୍ର ଓ ତାରକା
ସଭିଏଁ ମୋ ସହ ଲୁଚକାଳ ଖେଳୁଛନ୍ତ
କାହୁଁ ଦୂର ଆକାଶୁଁ  ତିମିରିତ ଆଲୋ୍କ
ସମୁଦ୍ର ଜଳର୍ଶିରେ ପଡ଼ି
ମନର ଶିତଳତା କୁ ଉଲ୍ଲସିତ କରେ ପ୍ରାୟ.....।
ହଁ ନଜକୁ ଲୁଗୃଇଛି
ଏହି ଅବାସ୍ତବ ଦୁନଆଠାରୁ
ଶାମୁକା ଗର୍ଭରେ ଲୁକ୍କାୟିତ ହୋଇ
ବଞ୍ଚିବାର ପ୍ରୟାସ ଜୀବନକୁ ଅତିରଞ୍ଜିତ କରେ
ପୁଣି ଲୁଚଯାଏ ବାଲୁକା ଗର୍ଭରେ
ମନେହୁଏ ଯେମିତି ଏକ ରହସ୍ୟମୟ
ବୁଢିଆଣୀ ଜାଲରେ ଫଶିଗଲ୍ପରି

ISSN NO.
2582-208X

ଏହା ଏକ ରହସ୍ୟାତ୍ମକ ସଂକେତ ହୋଇପାରେ.....!
ପୁଣି ସେଇ ପ୍ରଶ୍ନ
କନ୍ତୁ ଉତ୍ତର ଆଜି ପାଇଛି
ସେହି ଉତ୍ତର କ'ଣ ଯଥେଷ୍ଟ ?
ଜୀବନରୂପି ପରିକ୍ଷାରେ ସଫଳତା ହାସଲ ପାଇଁ
ତଥାପି ଅସ୍ତଗାମୀ ସୂର୍ଯ୍ୟ ପଛେ ଧାବମାନ
ଏହା ହୋଇପାରେ କ ଏକ ଜୀବନବ୍ୟାପୀ ଧାର୍
ଠିକ ଯେପରି ମୋର ସଂଘର୍ଷ
ପୁନଶ୍ଚ ଅପେକ୍ଷା ରହିଛି ସୂର୍ଯ୍ୟାସ୍ତେଗମନ .....।

ଦୟାବିହାର ଜୁନଅର କଲେଜ, ପୁରୀ
ନୟାହାଟ, ନୂଆପାଟଣା, ପୁରୀ
ଦୂରଭାଷ- ୯୯୩୮୪୬୩୭୨୦/deepamohanty2018

ISSN NO.
2582-208X

# ଆତ୍ମତୃପ୍ତି



ଲକ୍ଷ୍ମଣ ମହାନ୍ତ

ମୁଁ ସହିଷ୍ଣୁତାର ଉଦାହରଣ ଟିଏ,
ନାଁ'ଟି ମୋର ବୃକ୍ଷ
ନା' ମୁଁ ଗ୍ଭଲିପାରେ, ନା' ଦୌଡ଼ି ପାରେ
ଗୋଟିଏ ସ୍ଥାନରେ ରହି ଭରଣ କରେ ସଭିଙ୍କ ଅଭାବକୁ
ପୋଷଣ କରେ ସମଗ୍ର ଜଗତକୁ
ଆଉ ଆଖି ବୁଜି ସହିଯାଏ, ନିର୍ଦ୍ଦୟୀ ମାନବର କ୍ରୁରତାକୁ...।।
ମୁଁ ବୈଶାଖର ଜ୍ୱାଳାରେ ଜଳି
ଶୀତଳ ଛାଇ ଦେଇଛି ପ୍ରାଣୀ ଜଗତକୁ,
ଶ୍ରାବଣର ବର୍ଷାରେ ଭିଜି
ଶ୍ୟାମଳ ଶସ୍ୟ ଦେଇଛି ମାନବ ସମାଜକୁ,
ମାଘର ହାଡଭଙ୍ଗା ଶିତକୁ ସହି
ହୀରକ-ହାର ପରି ମୋ ଦେହେ ସଜେଇଛି କାକର ବିନ୍ଦୁକୁ,
ଫଗୁଣର ମୃଦୁ ମଳୟରେ ନାଚ-ଝୁମି
ଲାବଣ୍ୟମୟୀ ପ୍ରକୃତି ପ୍ରେମରେ ଭିଜେଇ ଦେଇଛି
ସମଗ୍ର ଶୃଷ୍ଟିକୁ...।
ମୋ ଜୀବନ ଥାଇ ମଧ୍ୟ ମୁଁ ନିର୍ଜୀବ,
ନିର୍ଭୟରେ ମାନବ ସ୍ୱହସ୍ତେ ତୋଳନ୍ତିଏ
ମୋ ଦେହେ ଶୋଭା ପାଉଥିବା ଫଳ-ଫୁଲକୁ,
ତଥାପି ମୁଁ ସହିଯାଏ.....

ISSN NO.
2582-208X

କିନ୍ତୁ, ମୁଁ ସହି ପାରେନ,
ମାନବ ତା' ମୂଲ୍ୟହୀନ ଖୁସି ପାଇଁ
ଯେବେ ମୋ ଦେହରେ କୁରାଢ଼ି ଚୋଟ ପକାଏ,
ମୋ ଦେହକୁ ଖଣ୍ଡ ଖଣ୍ଡ କରି ବଜାରରେ ବିକ୍ରି କରେ,,,
ଜାଳେଣି କରି ଠେଲିଦିଏ ଚୁଲିର ଜ୍ୱଳନ୍ତ ଅଗ୍ନି ଭିତରକୁ,

ଆର୍ତ୍ତ-ଚିତ୍କାର କରି କାନ୍ଦୁଥାଏ ଜ୍ୱଳନ୍ତ ଅଗ୍ନିସିଖା ଭିତରେ...
କିନ୍ତୁ ମୋ କାନ୍ଦ କାହାକୁ ଶୁଭେନ,
ସମସ୍ତଙ୍କ ସ୍ୱାର୍ଥ ପୂରଣ କରୁ କରୁ ଶେଷରେ ମୁଁ ଭସ୍ମ ହୋଇଯାଏ...
କିନ୍ତୁ, ମୋତେ ଶାନ୍ତି ମିଳେ ମଶାଣି ଭୂଇଁରେ
ଯେବେ,
ମୁଁ ପ୍ରତିଶୋଧର ନିଆଁରେ ଜଳ ଜଳ ଜଳାଇ ଦିଏ ମାନବ ଶରୀରକୁ,
ଭସ୍ମ କରିଦିଏ ତା' ଗର୍ବ, ଅହଙ୍କାର ଏବଂ କ୍ରୁରପଣକୁ...।
ନିଜେ ଜଳଯାଏ ସିନା, ଆତ୍ମତୃପ୍ତି ପାଏ.....।।

ସୌରୀପାଲି, ବୌଦ୍ଧ
ଭ୍ରାମ୍ୟଭାଷ:- ୬୩୭୧୪୫୦୮୩୪

www.vedantimagazine.com
ISSN NO.
2582-208X

# ବ୍ରହ୍ମବେତ୍ତା ଯାଜ୍ଞବଲ୍କ୍ୟଙ୍କ ବିଷୟରେ କିଛି ଜାଣିବା



ନରେନ୍ଦ୍ର ପ୍ରସାଦ ବେହେରା

ମିଥିଳାର ରାଜା ଜନକ ଥିଲେ ଜଣେ ବ୍ରହ୍ମଜ୍ଞାନୀ । ତାଙ୍କର ରାଜ ସଭାରେ ମଧ୍ୟ ବହୁ ବିଦ୍ୱାନ ପଣ୍ଡିତ ଥିଲେ । କୌଣସି କୌଣସି ଶୁଭ ଦିନରେ ରାଜା ଧର୍ମସଭାର ମଧ୍ୟ ଆୟୋଜନ କରୁଥିଲେ । ତାଙ୍କ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ମୁନିଋଷି ନିମନ୍ତ୍ରିତ ହୋଇ ସେଥିରେ ଅଂଶ ଗ୍ରହଣ କରୁଥିଲେ । କହିବାକୁ ଗଲେ ରାଜା ଜନକଙ୍କର ରାଜସଭା ପରମାର୍ଥ ତତ୍ତ୍ୱ ସମ୍ବନ୍ଧରେ ଆଲୋଚନାର ଏକ ପୀଠ ହୋଇ ରହିଥିଲା । ରାଜା ନିଜେ ଜଣେ ଜ୍ଞାନଯୋଗୀ ଓ କର୍ମଯୋଗୀ ହୋଇଥିବାରୁ ତାଙ୍କୁ ରାଜର୍ଷି ବୋଲି ଆଖ୍ୟା ଦିଆଯାଇଥିଲା ।

ଥରେ ରାଜା ଜନକ ବିରାଟ ଯଜ୍ଞାନୁଷ୍ଠାନର ଆୟୋଜନ କରିଥାନ୍ତି । ଏଥିରେ ଯୋଗ ଦେବା ଲାଗି ବହୁ ବେଦଜ୍ଞ ବ୍ରାହ୍ମଣ ଓ ଜ୍ଞାନୀ ମୁନିଋଷିମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ସେକାଳରେ ବିଦ୍ୱାନ୍ ବ୍ୟକ୍ତିମାନେ ଜ୍ଞାନ ଚର୍ଚ୍ଚା ଓ ଧର୍ମଚର୍ଚ୍ଚାରେ ଜୀବନ ଅତିବାହିତ କରୁଥିଲେ । ସେଥି ନିମନ୍ତେ ରାଜାମାନେ ଏହିଭଳି ଯଜ୍ଞାନୁଷ୍ଠାନର ଆୟୋଜନ କରି ଦାନ ମାଧ୍ୟମରେ ସେମାନଙ୍କର ପୃଷ୍ଠପୋଷକତା କରୁଥିଲେ ।

ରାଜା ଜନକ ଆୟୋଜନ କରିଥିବା ଏହି ଯଜ୍ଞାନୁଷ୍ଠାନରେ ଯୋଗଦେବାଲାଗି ଆସିଥିବା ମୁନିଋଷି ଓ ବେଦଜ୍ଞ ବ୍ରାହ୍ମଣମାନଙ୍କୁ ପ୍ରଚୁର ଧନ ଦାନ-ଦକ୍ଷିଣା ଆକାରରେ ଦିଆ ଯାଉଥିଲା। ଦାନ ଦେବା କାର୍ଯ୍ୟ ଶେଷ ହୋଇ ଆସିଥିବା ସମୟରେ ରାଜା ଭାବିଲେ ଯେ ଏତେବଡ଼ ଯଜ୍ଞାନୁଷ୍ଠାନ ହେଲା ଆଉ ଏତେ ବିଦ୍ୱାନ୍ ବ୍ୟକ୍ତି ସମବେତ ହେଲେ କିନ୍ତୁ କୌଣସି ଧର୍ମଚର୍ଚ୍ଚା ହୋଇ ପାରିଲା ନାହିଁ । ତେଣୁ ଏହି ଅବସରରେ ସେ ଘୋଷଣା କଲେ, ସେଠାରେ ଉପସ୍ଥିତ ଥିବା ଜ୍ଞାନର ସର୍ବୋଚ୍ଚ ସ୍ତରରେ ପ୍ରତିଷ୍ଠିତ କୌଣସି ଜଣେ ବ୍ୟକ୍ତିଙ୍କୁ, ଯିଏକି

ISSN NO.
2582-208X

ନିଜକୁ ଜଣେ ସର୍ବଶ୍ରେଷ୍ଠ ବ୍ରହ୍ମବିତ୍ ବୋଲି ପ୍ରତିପାଦିତ କରିପାରିବେ ସେ ଏକ ହଜାର ଦୁଗ୍ଧବତୀ ଗାଇ ଉପହାର ଦେବେ । ରାଜାଙ୍କର ଏହି ଘୋଷଣା ଶୁଣି ସଭାରେ ଉପସ୍ଥିତ ଥିବା ବିଦ୍ୱାନ୍ ବ୍ୟକ୍ତିମାନଙ୍କ ମଧ୍ୟରେ ଏକ ଚହଳ ପଡିଗଲା । କିଏ ସେହି ଶ୍ରେଷ୍ଠ ବ୍ରହ୍ମବେତ୍ତା ବ୍ୟକ୍ତି ? ସମସ୍ତେ ଉତ୍କଣ୍ଠାର ସହିତ ବସି ରହିଥାନ୍ତି । ସଭାସ୍ଥଳ ସମ୍ପୂର୍ଣ୍ଣ ନିସ୍ତବ୍ଧ। ଏତିକି ବେଳେ ରାଜାଙ୍କର ଭୃତ୍ୟମାନେ ଏକହଜାର ସୁସଜ୍ଜିତ ହୃଷ୍ଟପୁଷ୍ଟ ଗାଇଙ୍କୁ ଆଣି ସେଠାରେ ଠିଆ କରାଇଦେଲେ । ସମସ୍ତଙ୍କୁ ବିସ୍ମିତ କରି ଋଷି ଯାଜ୍ଞବଲ୍କ୍ୟ ତାଙ୍କ ଆସନରୁ ଉଠି ଠିଆ ହେଲେ ଏବଂ ତାଙ୍କର ଶିଷ୍ୟ ସାମଶ୍ରବାଙ୍କୁ ଆଦେଶ ଦେଲେ, ବତ୍ସ, ଏ ଗାଇମାନଙ୍କୁ ଆମ ଆଶ୍ରମକୁ ନେଇଯିବାକୁ ହେବ ।

ଏହା ଶୁଣି ସଭାରେ ଚାଞ୍ଚଲ୍ୟ ଖେଳିଗଲା । ଉପସ୍ଥିତ ବ୍ରାହ୍ମଣ ଉତ୍ତେଜିତ ହୋଇ କହିଲେ, ଏଠାରେ ଏତେ ବିଦ୍ୱାନ ବ୍ୟକ୍ତି ଉପସ୍ଥିତ ଥାଉ ଥାଉ ଯାଜ୍ଞବଲ୍କ୍ୟ ନିଜକୁ ଶ୍ରେଷ୍ଠ ବ୍ରହ୍ମବିତ୍ ବୋଲି ସାବ୍ୟସ୍ତ ନ କରି, ରାଜାଙ୍କର ଉପହାର ଗ୍ରହଣ କରୁଛି କିପରି ? କିନ୍ତୁ ସେଠାରେ ଉପସ୍ଥିତ ଥିବା ବହୁ ବିଦ୍ୱାନ୍ ପଣ୍ଡିତ ଯେଉଁମାନେ କି ଋଷି ଯାଜ୍ଞବଲ୍କ୍ୟଙ୍କର ଜ୍ଞାନର ଉପଲବ୍ଧିର ଗଭୀରତା କଥା ଜାଣିଥିଲେ ସେମାନେ ନୀରବରେ ବସି ରହିଥାନ୍ତି । ଏତିକି ବେଳେ ରାଜାଙ୍କର ପୁରୋହିତ ଅଶବଳ ଉଠିପଡି ଯାଜ୍ଞବଲ୍କ୍ୟଙ୍କୁ ସମ୍ବୋଧନ କରି କହିଲେ, ହେ ମହାତ୍ମନ୍, ଆପଣ କ'ଣ ତା' ହେଲେ ଜଣେ ଶ୍ରେଷ୍ଠ ବ୍ରହ୍ମବେତ୍ତା ।

ଏହାର ଉତ୍ତରରେ ଋଷି ବିନମ୍ରତାର ସହିତ କହିଲେ, କାହାରି କିଛି ପ୍ରଶ୍ନ କରିବାର ଥିଲେ ପଚାରି ପାରନ୍ତି ।

ରାଜା ଜନକ ଋଷି ଯାଜ୍ଞବଲ୍କ୍ୟଙ୍କର ବିନୟ ବଚନ ଶୁଣି କହିଲେ, ଏଠାରେ ଉପସ୍ଥିତ ଥିବା ବିଦ୍ୱାନ୍ ବ୍ୟକ୍ତିମାନେ ଋଷିଙ୍କୁ ସେମାନଙ୍କର ପ୍ରଶ୍ନସବୁ ପଚାରନ୍ତୁ ।

ଏହାପରେ ଜଣେ ଜଣେ ହୋଇ ଅନେକ ବିଦ୍ୱାନ୍ ନାନା ଜଟିଳ ତାତ୍ତ୍ୱିକ ପ୍ରଶ୍ନମାନ ପଚାରିଲେ ଏବଂ ଯାଜ୍ଞବଲ୍କ୍ୟ ଯଥାଯଥ ଉତ୍ତରମାନ ଦେଲେ । ସେମାନଙ୍କ ମଧ୍ୟରେ ଥିବା ଜଣେ ଋଷି କହୋଳି ଉଠି ପଡି ପ୍ରଶ୍ନ କଲେ, ହେ ମୁନିବର, ମୋର ଏହି ପ୍ରଶ୍ନଟିର ଉତ୍ତର ଦିଅନ୍ତୁ । ଯିଏ ସକଳଙ୍କର ଅନ୍ତର ମଧ୍ୟରେ ନିବାସ କରନ୍ତି ସେ କିଏ ? ଋଷି ଉତ୍ତର ଦେଲେ, ପରମାତ୍ମାଙ୍କ ଅଂଶ ଆତ୍ମା ହିଁ ସକଳ ଜୀବଙ୍କର ଅନ୍ତର ମଧ୍ୟରେ ବାସ କରନ୍ତି । କ୍ଷୁଧା, ତୃଷ୍ଣା, ଜନ୍ମ, ଜରା, ମୃତ୍ୟୁ, ସୁଖ-ଦୁଃଖ ଏସବୁ କିଛି ତାଙ୍କୁ ସ୍ପର୍ଶ କରିପାରେ ନାହିଁ ।

ISSN NO.
2582-208X

ସେ ହେଉଛନ୍ତି ଏସବୁର ଅତୀତ । ଏହି ଆତ୍ମାଙ୍କୁ ଉପଲବ୍ଧି କରି ପାରିଲେ ସାଂସାରିକ ସୁଖ ତୁଚ୍ଛ ବୋଧ ହୁଏ । ମନୁଷ୍ୟ ଜୀବନର ଏକମାତ୍ର ଲକ୍ଷ୍ୟ ହେଉଛି ଆତ୍ମୋପଲବ୍ଧି । ବିଶ୍ୱର ପରମ ସତ୍ତା ବ୍ରହ୍ମ ହିଁ ଆତ୍ମା, ଯେକି ହେଉଛନ୍ତି ଶୁଦ୍ଧଚୈତନ୍ୟ । ଜଗତର ଚେତନ ଓ ଅଚେତନ ସକଳ ପଦାର୍ଥର ମୂଳ ଉପାଦାନ, ଏକମାତ୍ର ସତ୍ତା ହେଉଛନ୍ତି ବ୍ରହ୍ମ, ଯେଉଁ ସତ୍ତାଟିକୁ ଖୋଜିବାକୁ ଯାଇ ମୁନିଋଷିମାନେ ଏକମାତ୍ର ଶୁଦ୍ଧଚୈତନ୍ୟ ଛଡା ଆଉ କିଛି ପାଇନାହାନ୍ତି । ବେଦାନ୍ତରେ ସେହି ଶୁଦ୍ଧ ଚେତନାକୁ ବ୍ରହ୍ମ ବୋଲି କୁହାଯାଏ । ସେହି ବ୍ରହ୍ମ ହିଁ ସଚରାଚର ଅନ୍ତର ଓ ବାହାର ସର୍ବତ୍ର ବିରାଜମାନ କରନ୍ତି । ସମଗ୍ର ଜଗତଟା ହିଁ ବ୍ରହ୍ମବସ୍ତୁ । ଭିତରେ ଯେଉଁ ବ୍ରହ୍ମ ବାହାରେ ମଧ୍ୟ ସେଇ ବ୍ରହ୍ମ ।

ଋଷି ଆହୁରି କହିଚାଲିଲେ, ବେଦାନ୍ତ ମତରେ, ସୃଷ୍ଟିର ଅର୍ଥ ଏକ ଅସୀମ, ଅନନ୍ତ, ଅବିନାଶୀ ଚେତନାର ସାଗର, ସେହି ସଚ୍ଚିଦାନନ୍ଦ ସାଗର, ଯେଉଁଥିରେ କି ନାନା ନାମ ଓ ନାନା ରୂପର ତରଙ୍ଗ, ଫେଣ ଓ ବୁଦ୍ ବୁଦ୍ ଭରି ରହିଛି । ଆକାଶ, ଜଳ, ବାୟୁ, ଭୂମି, ପାହାଡ, ପର୍ବତ, ନଦୀ, ନାଳ, ବଣ, ଜଙ୍ଗଲ, ସୂର୍ଯ୍ୟ, ଚନ୍ଦ୍ର, ତାରା ଏବଂ ମନ, ବୁଦ୍ଧି ଓ ସୀମାବଦ୍ଧ ଅହଂକାର 'ମୁଁ' ବୋଧ, ସବୁକିଛିକୁ ନେଇ ରହିଛି ବ୍ରହ୍ମମୟ ଜଗତ । ସବୁକିଛିରେ ବ୍ରହ୍ମ ଜଡ଼ିତ ରହିଛନ୍ତି । ସେ ହେଉଛନ୍ତି ସବୁକିଛିର ନିୟନ୍ତା, ପରମାତ୍ମା, ଆତ୍ମାର ଆତ୍ମା, ଶୁଦ୍ଧଚୈତନ୍ୟ । ବିଶ୍ୱରେ ସେହି ଏକ ବ୍ରହ୍ମବସ୍ତୁ ବ୍ୟତୀତ ଅନ୍ୟ କୌଣସି ବସ୍ତୁର ନିଜସ୍ୱ ଚେତନା ନାହିଁ । ଜୀବ ଯେତେବେଳେ ଆତ୍ମୋପଲବ୍ଧି କରେ ଅର୍ଥାତ୍ ବ୍ରହ୍ମଚେତନା ଲାଭ କରି ନିଜକୁ ବ୍ରହ୍ମ ବୋଲି ଉପଲବ୍ଧି କରେ, ସେତେବେଳେ ସେ ମୁକ୍ତ ହୋଇଯାଇଥାଏ, ସେ ଅମୃତତ୍ତ୍ୱର ଅଧିକାରୀ ହୋଇଥାଏ । ତାକୁ ଆଉ ଜନ୍ମମରଣର ଚକ୍ରରେ ଘାଣ୍ଟି ହେବାକୁ ପଡେ ନାହିଁ ।

ଏହା କହି ଋଷି ଯାଜ୍ଞବଲ୍କ୍ୟ ତାଙ୍କର ପ୍ରବଚନ ଶେଷ କଲେ । ସଭାସ୍ଥଳରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ଦଣ୍ଡାୟମାନ ହୋଇ ଋଷିଙ୍କୁ ପ୍ରଣାମ କଲେ । ଏହାପରେ ଯାଜ୍ଞବଲ୍କ୍ୟ ରାଜାଙ୍କ ପ୍ରଦତ୍ତ ଗୋଧନ ସହ ନିଜ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଆଳଦା, ଖଇରା,ବାଲେଶ୍ୱର

ISSN NO.
2582-208X

# ଦେବୀ



ବିଶ୍ୱଜିତ୍ ନାଥ

ଦେବୀ ଆସୁଛନ୍ତି,,
ଦେବୀ ଆସୁଛନ୍ତି ବୋଲି
ମେଘୁଆ ଆକାଶ ଇନ୍ଦ୍ରଧନୁ ର ଓଢଣୀ ପିନ୍ଧେ
ବିଲରେ ଧାନ ଫୁଲ ଖିଲି ଖିଲି ହସେ
ସୁରୁଜ ଉଇଁଲେ ନାଲି ମୁରୁଜ ବୁଣେ
ହେଲେ ଦେବୀ କେବେ ଆସୁଛନ୍ତି?
ଦେବୀ ଆସୁଛନ୍ତି ଶରତ ର ଅନ୍ତ ରେ
ଯେବେ କାଶତଣ୍ଡି ଫୁଲ ପସର୍ ମେଲ୍ଏ
ମୌସୁମୀ ମେଲାଣି ନେଇ ଦେବୀ ଙ୍କୁ ଆବାହନ କରେ

ହଁ ଆସୁଛନ୍ତି ଦେବୀ,
ଆସୁଛନ୍ତି ଆଦିଶକ୍ତି ମାତା
ମାତା ଆସି ଦେଖୁଛନ୍ତି ଆଜି
ଗୃରିଆଡେ ହୋମଯଜ୍ଞ, କର୍ମ କାଣ୍ଡ ର ଆତସବାଜି
ନବଗ୍ରହ ଠାରୁ ନବମୀ ଯାଏ ସବୁଠୁ ଉତ୍ସବ,
କନ୍ତୁ ଦେବୀ କାହିଁକ ବିଷାଦଗ୍ରସ୍ତ!!!
ଦେବୀ ଙ୍କ ଆଖିରେ ଲୁହ ର ବନ୍ୟା
ଦେବୀ ଦେଖୁଛନ୍ତି,,, ଏହି ଧରିତ୍ରୀ ରେ

ISSN NO.
2582-208X

ଦେବୀ ପ୍ରତିମା ଙ୍କ ଉପରେ ଅତ୍ୟାଚ୍ଚର
ଗ୍ବରିଆଡେ ମାଂସ ଲୋଭି ଗ୍ବବଣ ଙ୍କ ଆଖି
ଯେଉଁଠି ୪ମାସ ର ଶିଶୁ କନ୍ୟା ବି ଧର୍ଷଣ ର ଶିକାର
ଯୌତୁକ ଅଗ୍ନୀ ରେ  ଆଜି ବି ନାରୀ ଜଳେ,,
ପତିବ୍ରତା ପାଇଁ ଅଗ୍ନୀ ପରୀକ୍ଷା ଦେଉଥିବା ସେ ନାରୀ
ଆଜି ନିଜର ଅସ୍ତିତ୍ୱ କୁ ହଜେଇଦିଏ
ସବୁଠି ଶୁଭେ ଅବଳା  ର ସ୍ୱର
ଗ୍ବମରାଜ୍ୟେ ଏଠି ଗ୍ବବଣ ର  ବି ହସ ଶୁଭେ
ହେଲେ ଏଠି ମଣିଷ ଗ୍ବବଣ କୁ ପୋଡ଼ିଦିଏ
ଆଉ ଅସ୍ମିତା ର ସହ ଗ୍ବମ ଗ୍ବଜ୍ୟ ର ଦୁନ୍ଦୁଭି କୁ ବଜାଇଥାଏ,,
ଦେବୀ  ଏବେ ଅସହ୍ୟ,
ମାଟି ର ପ୍ରତିମା ରେ ପାଷାଣ
ଦେବୀ ବି ଆଜି ମହାଭ୍ବରତ ର ପିତମହ ଭୀଷ୍ମ,,
କିଏ ସେ ପୋଛିବ ଦେବୀ ଙ୍କ ଆଖିରୁ ଲୁହ ?

ଦେବୀ କଣ ସତରେ କେବେ ପୂଜା ପାଇବେ ? ? ? ? ? ? ? ? ?

ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, କେନ୍ଦୁଝର

ISSN NO.
2582-208X

# ତତେ ନେଇଯିବି



ଚିତରଂଜନ ବେହେରା

ବାଢ୍ଝୁଅ ପାଣିରେ ଗାଧେଇ ସାରି
ହଳଦୀ ରଙ୍ଗ ଦେହରେ ବୋଳି....
ଅଳତା ପାଦରେ ପାଉଁଜି ନାଇ
ଗଜରା ମାଳରେ କେଶ ସଜେଇ....
ଥିବୁ ତୁ ମୋତେ ଚାହିଁ......
ବରଯାତ୍ରୀ ସହିତ
ସବାରୀ ନେଇ ତୋ ଘରକୁ
ଆସିବି ମୁହିଁ......!!

ନାଲି ଶାଢ଼ୀ ପିନ୍ଧି ଲାଜେଇ ଲାଜେଇ
ଆସିବୁ ତୁହି...!
ଦଶ ଦିଗପାଳ.....
ହୋମ ନିଆ କୁ ସାକ୍ଷୀ ରଖି
ତତେ ସିନ୍ଦୂର ଦେବୀ ମୁହିଁ.....!!

ସାତ ଜନମ ର ସାଥୀ ହେଇଯିବୁ
ଗଢ଼ିବା ନୂଆ ସଂସାର....
ପ୍ରେମର ରାଇଜେ ପ୍ରେମ ପକ୍ଷୀ ସାଜି
କରିବା ଦୁହେଁ ଘର......!
ଆଲୋ ମୋ ପୁନେଇ ରାନୀ
ଯୁଗ ଯୁଗ ପାଇଁ ଇତିହାସ ହବ
ଆମ ଏ ପ୍ରେମ କାହାଣୀ......!!

ବୌଦ୍ଧ

ISSN NO.
2582-208X

# କାଶତଣ୍ଡୀ ଫୁଲ



ଦୀପକ କୁମାର ନାୟକ

ସବୁଜ ଦେହେ ଧବଳ ଫୁଲ
ମଳୟ ସାଥେ ଯାଏ ନାଚ ନାଚ ।
ନଦୀ ପଠା କେଡେ ସୁନ୍ଦର
କୋଳେ ତାର କାଶତଣ୍ଡୀ ଫୁଲ ।
ଜଗତ ଜନନୀ ଆସିବା ଖୁସି ରେ
ନାଚ ଖେଳେ କାଶତଣ୍ଡୀ ଫୁଲ ଧର୍‌ ରେ ।
ସ୍ମୃତି ଭିଜା ପିଲ୍ ଦିନ
ତା ସାଥେ ଖେଳଛି ମୁଁ କେତେ ।
କେଡେ ସୁନ୍ଦର ରୂପ ତାର
ଦେଖି ତାକୁ ହସେ ଧରଣୀ ହସେ ନଦୀ ପଠା ।
ମନ ମୋର ହଜି ଯାଏ
ସକାଳ ସନ୍ଧ୍ୟାରେ ।
ପିଲ୍‌ଟି ଦିନରୁ କେତେ ଯେ ସ୍ମୃତି
ତାକୁ ଧରି ଖେଳଛି କେତେ ହାତେ ।
ଶୁଭ୍ର ଶେଫାଳ ମହକ ପରି
ମହକ ଉଠେ ଆଜି ଧରଣୀ ।
ନାଚ ନାଚ ଖେଳେ ତରଙ୍ଗ
ନାଚ ଖେଳେ କାଶତଣ୍ଡୀ ଫୁଲ ।

କୁସ୍ତିରା, ଧର୍ମଶାଳା, ଯାଜପୁର

ISSN NO.
2582-208X

# ସ୍ୱର୍ଗ ଆମ ସ୍ୱପ୍ନ



ହାସ୍ୟମୟୀ ରାଜ୍

ବଞ୍ଚିବାର ଇଛା ଯେବେ
ହାତଠାରି ଡାକେ
ନର୍କ ନର୍କ ଲାଗେ ସତେ
ଦୁନିଆକୁ ଦେଖେ ।।

ତଥାପି ସାହସ ବାନ୍ଧେ
ଦେଖିବାକୁ ସ୍ୱର୍ଗ
ହୃଦୟେ ସାଇତି ଯେତେ
କଳଙ୍କର ଦାଗ ।।

ପ୍ରାଣପକ୍ଷୀ ପଞ୍ଜୁରୀରେ
ହୁଏ ଛଟପଟ
ଶାନ୍ତର ଏ ନୀଳାକାଶେ
ହେବାପାଇଁ ଭେଟ ।।

ସବୁ ମିଛ ସଂପର୍କକୁ
ଛାତିରେ ଜାବୁଡ଼ି
ତଥାପି ମୁଁ ଗ୍ଭଲୁଅଛି
କେତେ ଉଠିପଡି ।।

ISSN NO.
2582-208X

ଶୁଷ୍କ ମରୀଚକା ଦେହେ
ସ୍ୱପ୍ନ ଦେଖେ ଜଳ
ସେଇ ସ୍ୱପ୍ନ ଜୀବନରେ
ଭରେ ପୁଣି ବଳ ।।

ଆଖି ଦେଖେ
ପରିବର୍ତ୍ତନର ପଟ୍ଟଚକ୍ର
ଘୋଷେ ଏ ଜୀବନ
ଗଣିତର ନୂଆ ସୂତ୍ର ।।

ଶୂନ୍ୟ ହାତେ ଆସିଥିଲି
ଯିବି ଶୂନ୍ୟ ହାତେ
ସେଥିପାଇଁ ଦୁଃଖ ନାହିଁ
ଗ୍ଲୁଛି ନରତେ ।।

ନର୍କ ନୁହେଁ ଦେଖିବାକୁ
ସ୍ୱର୍ଗ ଆମ ସ୍ୱପ୍ନ
ନର୍କ ଭିତରେ ତେଣୁ
ସ୍ୱର୍ଗ ଦେଖେ ମନ ।।

ଓଗ୍ଳଳ, ହାଟଡିହି, କେନ୍ଦୁଝର

ISSN NO.
2582-208X

# ଇନ୍ଦୁରୂପା

ଗୌରୀ ନାଗ

ପ୍ରଦୋଷର ରୂପେଲି ଚନ୍ଦ୍ରମା,
ସତେ ଯେପରି ଅନ୍ତରୀକ୍ଷର ସୁଷମା।

ନବଲକ୍ଷ ତାରକାର ରାଣୀ,
ଅପରୂପ ତୋର ଏ ରୂହାଣୀ।

ପ୍ରଣୟେ ତୋ ଶୋଭା ପ୍ରିତୀକର,
ବିରହେ ଦିଶେ ଦାଗ ତୋ ତନୁର ।

ମନ ଚାହେଁ ଝଲସିବାକୁ ତୋ ଭଳି ପୂର୍ଣ୍ଣିମାରେ
ଅମାବାସ୍ୟା କଥା ଭାବି ରହିଯାଏ ସ୍ଥିରେ !

ଓଡ଼ିଆ ବିଭାଗ,
ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ଶାନ୍ତିନିକେତନ, ପଶ୍ଚିମବଙ୍ଗ

ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକି ନାୟକ

## ୫୪. କୁଶପୁତ୍ତଳିକା ଓ ଭୟ

ପଶୁମାନଙ୍କ ଠାରୁ ନିଜର କ୍ଷେତର ଫସଲକୁ ରକ୍ଷା କରିବା ପାଇଁ କୃଷକମାନେ ବିଭିନ୍ନ ବିଭତ୍ସ ଢଙ୍ଗରେ କୁଶପୁତ୍ତଳିକା ଠିଆ କରିଥାନ୍ତି । ସେମାନେ ଭାବନ୍ତି – "ମୁଁ ଏଠାରେ ନଥିବା ବେଳେ ମଧ୍ୟ ପଶୁମାନେ ଭୟରେ ଫସଲ ଖାଇବେ ନାହିଁ ।" ତାଙ୍କର ଏହି ଉପାୟ କିନ୍ତୁ ସମ୍ପୂର୍ଣ୍ଣ ଭାବେ କାମ କରେନାହିଁ । କାରଣ ପ୍ରଥମେ ପ୍ରଥେମେ ପଶୁମାନେ ପୁତ୍ତଳିକା ଦେଖି ଭୟ ପାଇଥାନ୍ତି, କିନ୍ତୁ କିଛି ସମୟ ପରେ ସେମାନେ ବୁଝି ପାରନ୍ତି ଯେ ପୁତ୍ତଳିକା କୌଣସି ପ୍ରତିକ୍ରିୟା ଦେଖାଉ ନାହିଁ । ସେମାନେ ନିର୍ଭୟରେ ଫସଲ ଖାଇ ଯାଆନ୍ତି ।

ଠିକ ସେହି ଉପାୟରେ ଆଦିମ କାଳରୁ କିଛି ବୁଦ୍ଧିଆ ମଣିଷ ବିଭିନ୍ନ ଦେବୀ, ଦେବତାଙ୍କ ମୂର୍ତ୍ତି ବା ପୁତ୍ତଳିକା ଗଢି ସାଧାରଣ ମଣିଷଙ୍କ ମନରେ ଭୟ ସୃଷ୍ଟି କରିଥିଲେ । ମଜା କଥା ହେଉଛି, କିଛି ଲୋକ ପଥର କିମ୍ବା ଧାତୁରେ ତିଆରି ମୂର୍ତ୍ତିଗୁଡିକରେ କୌଣସି ପ୍ରତିକ୍ରିୟା ଅନୁଭବ କରି ପାରୁନଥିବାରୁ ନିର୍ଭୟ ହୋଇ ମନ୍ଦିରର ଧନ ସହିତ ଦାମୀ ମୂର୍ତ୍ତିକୁ ବି ଚୋରାଇ ନେଇ ଯାଉଛନ୍ତି । ଅବଶ୍ୟ ଚୋରି କରିବା ଏକ ଏନୈତିକ କର୍ମ ଓ ନିନ୍ଦନୀୟ ।

ଅର୍ଥାତ କ୍ଷେତରେ ଫସଲ ଖାଇ ଯାଉଥିବା ପଶୁ ଓ ମନ୍ଦିରରୁ ଚୋରି କରୁଥିବା ମଣିଷମାନଙ୍କ ଭିତରେ ପୁତ୍ତଳିକା ପ୍ରତି ଅହେତୁକ ଭୟ ନାହିଁ । ଏହାର ବିପରୀତ ନିର୍ଜୀବ ପୁତ୍ତଳିକାଗୁଡିକୁ ସର୍ବଶକ୍ତିମାନ ମଙ୍ଗଳକର୍ତ୍ତା ଈଶ୍ୱର ଭାବି ଯେଉଁମାନେ ଭୟ କରୁଛନ୍ତି, ସେମାନେ ହେଉଛନ୍ତି ଧର୍ମଭୀରୁ ଓ ଅନ୍ଧଭକ୍ତ । ବରପ୍ରାପ୍ତି ଆଶାରେ ହଜାର ହଜାର ଟଙ୍କା ଦାନ କରିଦିଅନ୍ତି ।

ISSN NO.
2582-208X

ଫରକ ଏତିକି ଯେ ବିଚାରା କୃଷକ କ୍ଷେତରେ ନିର୍ଜୀବ ପୁତ୍ତଳିକା ଠିଆ କରି କ୍ଷତିରେ ପଡୁଛି କିନ୍ତୁ ସେହି ନିର୍ଜୀବ ପୁତ୍ତଳିକା ମନ୍ଦିରରେ ବସାଉଥିବା ଚାଲାକ ଲୋକମାନେ ଧନସମ୍ପତ୍ତିରେ ମାଲାମାଲ ହୋଇ ଯାଉଛନ୍ତି ।

### ୫୫. କୁଚକ୍ର

ଦୁନିଆରେ ସର୍ବଶକ୍ତିମାନ, ସର୍ବଜ୍ଞ ଓ ସର୍ବବିଦ୍ୟମାନ ଆଖ୍ୟା ଦେଇ ବିଭିନ୍ନ ଭଗବାନଙ୍କୁ ମଣିଷ ସୃଷ୍ଟି କଲା ପରେ ସେହି ଭଗବାନଙ୍କର ଭକ୍ତ ଓ ଆସ୍ତିକମାନଙ୍କ ସଂଖ୍ୟା ବୃଦ୍ଧି କରିବାପାଇଁ କିଛି ଅତି ଚତୁର ଓ ସ୍ୱାର୍ଥପର ଲୋକମାନେ ଗୋଟିଏ ସୁଚିନ୍ତିତ ଉପାୟ ମଧ୍ୟ ସୃଷ୍ଟି କଲେ । ପ୍ରଚାର କରାଗଲା - "ଭଗବାନ, ଆଲ୍ଲା ବା ଗଡ୍ ହେଉଛନ୍ତି ଅଦୃଶ୍ୟ, ଅଗମ୍ୟ, ଅଚିନ୍ତନୀୟ ଓ ଅବର୍ଣ୍ଣୀୟ ।" କାରଣ ଯଦି ବୁଦ୍ଧିବାଦୀ ଲୋକମାନେ ସନ୍ଦେହ କରି ନିଜ ଆଖିରେ ଭଗବାନଙ୍କୁ ଦେଖିବାକୁ ବା ଶକ୍ତି ପରୀକ୍ଷା କରିବାକୁ ଚାହିଁବେ, ତେବେ କୌଣସି ପ୍ରମାଣ ନପାଇ ନାସ୍ତିକ ହୋଇଯିବେ ।

### ୫୬. କେଉଁ ଧର୍ମଟି ସତ୍ୟ ?

ଦୁନିଆର ପ୍ରାୟ ୪୨୦୦ ବର୍ଷ ରୁ ଉର୍ଦ୍ଧ୍ୱ ଧର୍ମମାନଙ୍କ ଭିତରେ ଗୋଟିଏ ମାତ୍ର "ମୋ ଧର୍ମ ହିଁ ସତ୍ୟ" ସମସ୍ତେ କୁହନ୍ତି । ମୁଁ କିନ୍ତୁ ଜାଣି ପାରୁନାହିଁ କେଉଁଟି ପ୍ରକୃତରେ ସତ୍ୟ ମୁଁ ଯେତେବେଳେ ଦେଖୁଛି ଯେ ଆପଣମାନେ ପରସ୍ପରକୁ ଘୃଣା କରି ହତ୍ୟା କରୁଛନ୍ତି, ସେତେବେଳେ ମୁଁ ଜାଣିବାକୁ ଆପେକ୍ଷା କରିଥାଏ ଯେ ଆପଣମାନେ ହିଁ କହିବେ କେଉଁ ଧର୍ମଟି ସତ୍ୟ ?

### ୫୭. କେଉଁ ଧର୍ମ ଗ୍ରହଣ ନକରିବା ଭଲ ?

ତୁମ ଧମରେ କେଉଁଗୁଡିକ ଭଲ ଅଛି ଓ କେଉଁଗୁଡିକ ଖରାପ ଅଛି ଜାଣିବା ପରେ, ଅନ୍ୟ କୌଣସି ଧର୍ମ ପରିବର୍ତ୍ତନ କରିବା ଉଚିତ ନା କୌଣସି ଧର୍ମକୁ ଗ୍ରହଣ ନକରିବା ଭଲ? ଏହି ଭଳି ପ୍ରଶ୍ନ ଯଦି ତୁମ ମନରେ ଉଠୁଛି ତ "ନିରୀଶ୍ୱରବାଦୀ" ହେବାଟା ହିଁ ପ୍ରକୃତ ଉତ୍ତର । ସେଥିରେ ମାନବବାଦ ହିଁ ଥାଏ ମୁଖ୍ୟ ଧର୍ମ ।

Mob:9482016260

ISSN NO.
2582-208X

# ଯୁଗେ ଯୁଗେ
# ଅବତାର



ମଞ୍ଜୁଲତା ନାୟକ

ଜୟ ଜଗନ୍ନାଥ ତୁମ  ଅପୂର୍ବ ଲିଳା
ଲିଳାକ୍ଷେତ୍ରେ କର୍‌ଇଲ ଆନନ୍ଦ ଖେଳା
ଆନନ୍ଦ ମୟୂହେ ପ୍ରଭୂ ବିଶ୍ୱବିହାରି
ବିଶ୍ୱ ଖେଳ ରଚତ ହେ ଦ ଇତାରି
ଯୁଗେ ଯୁଗେ ଅବତାର ।।

ଆଦ୍ୟରେ ମହାପ୍ରଭୁଙ୍କ ଲିଳା
ମତ୍ସ୍ୟ ରୂପେ ଜଳେ
କୃମିଜନତ ରୂପ ଅପାରୂପେ
ବିସ୍ତାରିତ ତୋରଣ ଆକାର।।

ବର୍‌ହ ନୃସିଂହ ବଡ କାୟା
ତନ ଭୁବନ ରେ ଯାର ମାୟା
ଖମ୍ବଦେଇ ବାହୁ ବିସ୍ତାରିତ
ହିରଣ୍ୟକଶିପୁର ପ୍ରାଣନାଶ। ।

ISSN NO.
2582-208X

ଯୁଗେ ଯୁଗେ ଅବତାର
ଦଶରଥ ଘରେ ରାମ ନାମେ ଯାତ
ରାବଣ ର ଦସଶିର କରିଲେ ନିହତ
ନନ୍ଦ ଯଶୋବନ୍ତୀ କୋଳେ ଖେଳିଲେ
ଶ୍ରୀହରି କଂସର ନିଧନ କଲେ ଦୈତ୍ୟମାନେ ମାରି।।

ଯୁଗେ ଯୁଗେ ଅବତାର
ଏକଳୀକାଳେ କଲ୍କୀ ରୂପଧରି
ବେନି ଭୁଜେ ଶଂଖ ଚକ୍ର ଖଡ୍ଗ ଧାରଣ
କରି ସନ୍ଥଙ୍କୁର ଖି ଦୁଷ୍ଟ ମାରି
ପୃଥ୍ୱୀ ଭ୍ରାନ୍ତ ନିବାରଣ କରିବେ
ଶ୍ରୀହରି ଜୟ ଜଗନ୍ନାଥ ।।
ଯୁଗେ ଯୁଗେ ଅବତାର ।।

ଦଳା, ଯାଜପୁର ରୋଡ-ଯାଜପୁର
ପିନ୍-755019

ISSN NO.
2582-208X

# ଗୁରୁ ପାଦେ ଶରଣମ



ମନୋରମା ମହାନ୍ତ

ସତ୍ୟମ ଗୁରୁ ସୁନ୍ଦରମ,,
ଗୁରୁ ପାଦେ ଧ୍ୟାନ,,,
ଗୁରୁ ପାଦେ ମନ
ଗୁରୁ ପାଦେ ପ୍ରଣାମ,,,,
ସତ୍ୟମ ଗୁରୁ ସୁନ୍ଦରମ,,,
ସକାଳ ସଞ୍ଜ ରେ, ମଧ୍ୟାନ୍ୟ ବେଳରେ,
ଗୁରୁ ପାଦେ ଶରଣମ,,,,,
ସତ୍ୟମ ଗୁରୁ ସୁନ୍ଦରମ,,
ଗୁରୁ ଦିବ୍ୟ ଜ୍ଞାନ,,
ଗୁରୁ ମହା ଜ୍ଞାନ,
ଗୁରୁ ହିଁ ତ ପରମ ବ୍ରହ୍ମ,,,,
ସତ୍ୟମ ଗୁରୁ ସୁନ୍ଦରମ,,,,,
ଗୁରୁ ଦିବ୍ୟ ଶକ୍ତି,,
ଗୁରୁ ମହା ଜ୍ୟୋତି
ଗୁରୁ ଜୀବନ ର ଗତି,,
ଗୁରୁ ସୂର୍ଯ୍ୟ ଚନ୍ଦ୍ର ସମ,,,,
ସତ୍ୟମ ଗୁରୁ ସୁନ୍ଦରମ,,,,,

ଗୁରୁ ବିଦ୍ୟା ଦାତା,
ଗୁରୁ ମାତା ପିତା ଗୁରୁ ସର୍ବ ଦେବତା,,,,
ଗୁରୁ ହିଁ ତ ସତ୍ୟ ଧର୍ମ,
ସତ୍ୟମ ଗୁରୁ ସୁନ୍ଦରମ,,,,
ଗୁରୁ ଅନ୍ଧାର ରେ ଆଲୋକ ର ଶିଖା,
ଗୁରୁ ବିନା ସବୁ ଫିକା ଫିକା,,
ଗୁରୁ ବିନା ଶୂନ୍ୟ କାମ,,,
ସତ୍ୟମ ଗୁରୁ ସୁନ୍ଦରମ

ପାରାଦ୍ୱୀପ
ଜଗତସିଂହପୁର

ISSN NO.
2582-208X

# ରେଖା

ମିନତିଭାନୁ ବିଶ୍ୱାଳ

ସରଳ ରେଖା ବକ୍ରରେଖା
ଭାବନ ଖାଲି ଏ'
ଗଣିତ ରେଖା
ଏ ରେଖା ସହିତ ମଣିଷର ସମ୍ପର୍କ
ଓତଃପ୍ରୋତ ଭାବେ ଜଡ଼ିତ
ହାତ ପାପୁଲିରେ ଦେଖେ ଭୂତ ଭବିଷ୍ୟତ,,,,,

ଏ ରେଖା ରେଖାନୁହଁ
ଏହା ହୃଦୟର ତତଲା ଗରଳ
ଯେଉଁଥିରେ ସୃଷ୍ଟିହୁଏ ମହାଭାରତ
ଧ୍ୱଂସ ହୁଏ କୁରୁବଂଶ
ପାରିବାରିକ ରେଖାସାଜି
ଛିନ୍ନକରେ ଭାଇଭାଇର ସମ୍ପର୍କ,,,,,

ଏ ରେଖା ଯୋଗୁଁ ଘଟିଛି ଘଟଣା
ଗଡ଼ିଛି ମୁଣ୍ଡ ବହିଛି ରକ୍ତରଧାର
ବିଶ୍ୱଯୁଦ୍ଧର ବିଭୀଷିକାରେ
ମଣିଷ କରିଛି
କରୁଣ ଚତ୍କାର,,,,,

ଏ ରେଖା
ଲିଭି ଯାଆନ୍ତାକ ଏ' ମାଟିରୁ
ଏ ରେଖା
ଲିଭି ଯାଆନ୍ତାକ ଏ' ମନରୁ
ଯେଉଁଥିରୁ ସୃଷ୍ଟି ହୁଅନ୍ତା ନୂତନ ପୃଥିବୀ

ISSN NO.
2582-208X

ଯେଉଁଥିରେ ନଥାନ୍ତା ରାଜ୍ୟ
ଦେଶ, ମହାଦେଶ ର ସୀମାରେଖା,,,,,

ନ ଥାନ୍ତେ
ସୀମା ଜଗୁଥିବା
ଲକ୍ଷଲକ୍ଷ ସୈନ୍ୟବଳ
ଶବ୍ଦ ହୁଅନ୍ତାନି
ଛାଡିଥାନ୍ତି ସେ ଗୋଲାବାରୁଦର,,,,,

ମା ହୃଦୟରୁ ଲୁପ୍ତ ହୁଅନ୍ତା
ପୁତ୍ରଶୋକର କୋହ
ସ୍ତ୍ରୀ ଆଖିରୁ
ଝରନ୍ତାନି ବିଚ୍ଛେଦର ଲୁହ
ବରଂ
ମଥାର ସିନ୍ଦୁର ଝଟକୁଥାନ୍ତା ଅହରହ ,,,,,

ଗୃହିଣୀ ଆଡେଖାଲି
ଖେଳେଇ ହୁଅନ୍ତା ଖବର ପସରା
ଯେଉଁଥିରେ ସୃଷ୍ଟି ହୁଅନ୍ତା
ନୂତନ ପୃଥିବୀ
ଯେଉଁଥିରେ ଛୁଟୁ ଥାଆନ୍ତା
ବସୁଧୈବ କୁଟୁମ୍ବକଂ ର ମହକ,,,,,
ବସୁଧୈବ କୁଟୁମ୍ବକଂ ର ମହକ,,,,, ।

ବ୍ରାହ୍ମଣ ଡ଼ିହି (ପାଇକମାଲ), ବରଗଡ଼
ଫୋନ-୯୪୩୭୩୧୪୯୦୮

ISSN NO.
2582-208X

# ଈଶ୍ୱରଙ୍କୁ ପ୍ରଶ୍ନ

ନିକୁଞ୍ଜ କୁମାର ଘୋଷ

ଇଏ କେମିତିକା ନିୟତି ହେ ପ୍ରଭୁ
ନ୍ୟାୟ ଧର୍ମେ ଥାଏ କଷ୍ଟ
ଅନ୍ୟାୟ ଅଧର୍ମେ ରହି ଥାଇ ସଦା
ବିଳାସ ଭୋଗଇ ଦୁଷ୍ଟ ।।

ଏଣୁ ମୁଁ କରୁଛି ଈଶ୍ୱରଙ୍କୁ ପ୍ରଶ୍ନ
କଳିର କି ଏ ନିୟମ
ସତ୍ ସଙ୍ଗ କର୍ମେ ରଖିଥିଲେ ମନ
ଅଧା ବାଟେ ନିଏ ଯମ ।।

ନୀରବ କାହିଁକି ତୁମକୁ ପଗ୍ରରେ
ପ୍ରତି ଉତ୍ତର ଯେ ରଖ
ଗରଳେ ଭିଜୁଛି ସୁଖିଲାର ତଣ୍ଟି
ଦୁଃଖିର ମୁହଁକୁ ଦେଖ ।।

ତୁମରି ସୃଷ୍ଟିର ବିଚିତ୍ର ନିୟମ
ବୁଝିବାଟା ଭାରି କଷ୍ଟ
ଭଲ କର୍ମେ ଗଲେ ଓଲଟା ଫଳ ଯେ
ଜୀବନକୁ କରେ ନଷ୍ଟ ।।

କଳିଯୁଗ ପାଇଁ ଅନ୍ୟାୟ ଅଧର୍ମ
କରିଛ କି ନ୍ୟାୟ ନୀତି
ଭକ୍ତ ଘରେ କାହିଁ ନିଆଁ ଜଳୁଥାଏ
କୁହ ହେ ଜଗତ ପତି ।।

ସା-ମାଧବପୁର ଜିଲ୍ଲା-ବାଲେଶ୍ୱର ଓଡିଶା
ପିନ୍-756032 ,ମୋ-8144851045
WhatsApp -8093630756

ISSN NO.
2582-208X

# ସମକାଳୀନ ସମୟର ସମ୍ବେଦନଶୀଳ ଯୁବ ଚିତ୍ରଶିଳ୍ପୀ: ମନୋଜ କୁମାର ବେହେରା



ଉପସ୍ଥାପନା: ଦୀପ୍ତିମୟୀ ସାହୁ



ଶ୍ରୀ ମନୋଜ କୁମାର ବେହେରା

ସାମ୍ପ୍ରତିକ ସମୟରେ ତରୁଣ ଚିତ୍ରଶିଳ୍ପୀ ମନୋଜ କୁମାର ବେହେରା ଓଡ଼ିଶାର ଜଣେ ଅଗ୍ରଗଣ୍ୟ ପ୍ରତିଭା । ଜଣେ ଆଦର୍ଶ ଶିକ୍ଷକ ଭାବରେ କୁନିକୁନି କଳିକାଙ୍କ ଭବିଷ୍ୟକୁ କେବଳ ସେ ପ୍ରସ୍ଫୁଟିତ କରିବାର ଗୁରୁଦାୟିତ୍ୱ ନିର୍ବାହ କରୁନାହାଁନ୍ତି, ବରଂ ଚିତ୍ରକାର ଭାବରେ ମଧ୍ୟ ଚିତ୍ରକଳାକୁ ବିକାଶ ଦିଗରେ ନେଇଯିବା କ୍ଷେତ୍ରରେ ସେ ବେଶ୍ ଉଦଯୋଗୀ ମନେହୁଅନ୍ତି । ଗୁଣାତ୍ମକ ଦୃଷ୍ଟିରୁ ତାଙ୍କ କଳାକୃତିର ବୈଚିତ୍ର୍ୟ ବିପୁଳ ପୁଣି ପରିଚ୍ଛନ୍ନ । ଜଗନ୍ନାଥଙ୍କୁ

ISSN NO.
2582-208X

ସ୍ୱକଳାକୃତିର ଆଧାର ବିନ୍ଦୁ ଭାବରେ ଗ୍ରହଣ କରି ଭିନ୍ନ ଭିନ୍ନ ରଙ୍ଗ ଦେଇ ତୂଳୀରେ ପଟ୍ଟଚିତ୍ରକୁ ଅନନ୍ୟ ତଥା ନିଖୁଣ ରୂପ ପ୍ରଦାନ କରିବାରେ ତାଙ୍କ କଳା-କାରିଗରୀର ପଟାନ୍ତର ନାହିଁ । ବହୁ ଅନୁଷ୍ଠାନରୁ ପୁରସ୍କୃତ ହୋଇଥିବା ଏହି ପ୍ରତିଭା ଜଣଙ୍କ ନିଜ କଳାକୃତି ପାଇଁ ଭାରତ ତରଫରୁ ରୌପ୍ୟପଦକ ପ୍ରାପ୍ତ ହୋଇ ଓଡ଼ିଶା ପାଇଁ ଗୌରବ ଆଣିପାରିଛନ୍ତି । ବର୍ତ୍ତମାନ ସମୟରେ ଯୁବଚିତ୍ରକାରଙ୍କ ଆଦର୍ଶ ହୋଇଥିବା ବିସ୍ମୟ ପ୍ରତିଭା ମନୋଜ କୁମାର ବେହେରାଙ୍କର ଚିତ୍ରକଳା ଜଗତ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିକୋଣ ଏବଂ ଏଥିପ୍ରତି ତାଙ୍କର ଅଭିପ୍ସାକୁ ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ ନିମନ୍ତେ ଏଥିରେ ନିମିତ୍ତ ମାତ୍ର ପ୍ରୟାସ କରାଯାଇଛି ।




ପ୍ରଶ୍ନ :- ନିଜ ସମ୍ପର୍କରେ ଆପଣ କଣ କହିବେ ?

ଉତ୍ତର :- ମୁଁ ମନୋଜ କୁମାର ବେହେରା । ଜଗତସିଂହପୁର ଜିଲ୍ଲାର ଦୁଆ ଗ୍ରାମର କୃଷକ ପରିବାରରେ ବାପା ପ୍ରଫୁଲ୍ଲ କୁମାର ସାହୁ, ମାଆ ନୟନ ସାହୁଙ୍କ ପଞ୍ଚମ ସନ୍ତାନ ଭାବରେ ମୋର ଜନ୍ମ ।। ମୁଁ ପେଶାରେ ଜଣେ ଶିକ୍ଷକ ଏବଂ ନିଶାରେ ଜଣେ ଚିତ୍ରଶିଳ୍ପୀ । ଜୀବନର

ISSN NO.
2582-208X

ନାନା ଘାତ-ପ୍ରତିଘାତକୁ ଛାଡି ପଡେଇ ପଥ ପହଁରି ଚାଲିଛି ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ। କୁନି କୁନି ପିଲାମାନଙ୍କୁ ଆଦର୍ଶ ମଣିଷ କରି ଗଢ଼ିତୋଳିବା ନିମନ୍ତେ ମୁଁ ପ୍ରତିଜ୍ଞାବଦ୍ଧ ।



ପ୍ରଶ୍ନ :-ଆପଣ ଆମ ଓଡ଼ିଶାର ଜଣେ ଯୁବ ଉଦୀୟମାନ ଚିତ୍ରଶିଳ୍ପୀ । ଚିତ୍ରକଳାକୁ ନେଇ ଆପଣ କଣ କହିବେ ?

ଉତ୍ତର :- ଚିତ୍ରକଳାକୁ କାରୁକାର୍ଯ୍ୟ ନୁହେଁ, ତାକୁ ମୋ ଆତ୍ମା ପରି ମନେକରେ । ମୋ ଆତ୍ମବିଶ୍ୱାସକୁ ପୁନର୍ଜୀବନ ଦେଇଥିବା ଏହା ଏକ ଐଶ୍ୱରୀୟ ସତ୍ତା । ତନ୍ମଧ୍ୟରେ ମୁଁ ସର୍ବଦା ବଞ୍ଚିବାକୁ ଚାହେଁ ।

ପ୍ରଶ୍ନ :- ଆପଣ ଜଣେ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ । ଶିକ୍ଷାଗତ ଜୀବନର ବ୍ୟସ୍ତତା ଭିତରେ ଏହି ଚିତ୍ରକଳା ପ୍ରତି ଆପଣଙ୍କ ଆକର୍ଷଣ କେବେ କେଉଁ ପରିସ୍ଥିତିରେ ହୋଇଥିଲା ?

ଉତ୍ତର :- ଛୋଟବେଳୁ ହିଁ ଏହି ଚିତ୍ରକଳା ପ୍ରତି ମୋର ଦୁର୍ବାର ଆକର୍ଷଣ ରହିଥିଲା । ବିଦ୍ୟାଳୟରେ ପଢିବା ସମୟରେ କେବେ କେବେ ପେନସିଲରେ ଆଙ୍କି ଦେଉଥିଲି ଅନେକ ଛବି । କରୋନା ମହାମାରୀର ଲକଡାଉନ ପରିସ୍ଥିତିବେଳେ ସମୟର ସଦୁପଯୋଗ କରିବାପାଇଁ କିଛି ୟୁଟୁବ୍ ରେ ଚିତ୍ରକଳା ସମ୍ବନ୍ଧିତ ଭିଡିଓ ଦେଖିଥିଲି । ପରେ ନିଜେ ତୂଳୀ

ISSN NO.
2582-208X

ଧରି କିଛି କିଛି ଆଙ୍କିବାକୁ ଚେଷ୍ଟା କଲି। ଆଙ୍କିସାରି ଯେତେବେଳେ ମୁଁ ଫେସବୁକ ଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କଲି, ସେତେବେଳେ ସାଙ୍ଗସାଥି ତଥା ଅନେକ ଶୁଭେଚ୍ଛୁଙ୍କର ସୁମତାମତ ପାଇଥିଲି । ଯାହା ମୋତେ ଖୁବ୍ ପ୍ରେରଣା ଦେଇଥିଲା ।



ପ୍ରଶ୍ନ :- କିଭଳି ଚିତ୍ରକଳା ପାଇଁ ଆପଣ ଅଧିକ ଅନୁରାଗ ପ୍ରକାଶ କରନ୍ତି ?

ଉତ୍ତର :- ବିଶେଷକରି ପାରମ୍ପରିକ ଚିତ୍ରକଳା କରିବା ପାଇଁ ମୁଁ ବେଶି ଭଲ ପାଏ । ମହାପ୍ରଭୁଙ୍କର ଚିତ୍ର ଆଙ୍କିବା ପାଇଁ ସ୍ୱତନ୍ତ୍ର ଆଗ୍ରହ ରହିଛି । ପ୍ରାୟତଃ ପଟ୍ଟଚିତ୍ର, ମଣ୍ଡଳ ଚିତ୍ରକଳା କରେ। ତା ସଙ୍ଗେ ବିଭିନ୍ନ କ୍ରାଫ୍ଟ କରିବା ପାଇଁ ମଧ୍ୟ ଭଲ ଲାଗେ। ଯେତେବେଳେ ସମୟ ପାଏ ବୋତଲ ହେଉ କି ଥାଳି କି କଉଡି, ସେଗୁଡିକୁ ଚିତ୍ରରେ ସଜେଇ ଦିଏ । ତାହା ମଧ୍ୟ ଲୋକମାନଙ୍କ ଦ୍ୱାରା ଖୁବ୍ ଆଦୃତ ହୁଏ।

ISSN NO.
2582-208X

ପ୍ରଶ୍ନ :- ଆପଣଙ୍କର ଚିତ୍ରକଳାର ସ୍ୱତନ୍ତ୍ର ଆକର୍ଷଣ ରହିଛି । ଦେଶ ବିଦେଶର ଲୋକ ଆପଣଙ୍କ ଚିତ୍ରକଳାକୁ ନେଇ ମୁଗ୍ଧ ପ୍ରଶଂସା ସହ ସେଗୁଡିକୁ କ୍ରୟ ମଧ୍ୟ କରିଛନ୍ତି । ଏହି ଚିତ୍ରକଳା ବିକ୍ରି ରାଶି ସମ୍ପର୍କରେ ଆପଣ କଣ କହିବେ ?

ଉତ୍ତର :- ମୁଁ ଆଗରୁ କହିଛି । ଚିତ୍ରକଳା ମୋ ପାଇଁ ଏକ ସ୍ୱତନ୍ତ୍ର ଆନନ୍ଦ । ସାଥୀ ସହୋଦର ପରି ମୋର ଅନ୍ତରଙ୍ଗ ମୁହୂର୍ତ୍ତକୁ ମୁଁ ତା ସହିତ ଅତିବାହିତ କରେ । ଆଉ ଯେତେବେଳେ ସେହି ଚିତ୍ରକଳା ହେଉ କି କ୍ରାଫ୍ଟଗୁଡିକ ବିକ୍ରି ହୋଇଯାଏ, ସେବେ ଆଉ କାମ କରିବା ପାଇଁ ଅଧିକ ଉତ୍ସାହିତ ହୋଇଛି । ଆଉ ସେଥିରୁ ପାଇଥିବା ଟଙ୍କାକୁ ମୁଁ ମୋ ପିଲାମାନଙ୍କର ପାଠପଢାରେ ଲଗାଏ । ବିଶେଷକରି ସେହି ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଯେଉଁମାନେ ପଢିବାର ସୁବିଧା ସୁଯୋଗ ପାଇ ପାରନ୍ତିନି । ଏଥିରେ ମୁଁ ଅଧିକ ଆତ୍ମସନ୍ତୋଷ ପାଏ ।

ପ୍ରଶ୍ନ :- ଚିତ୍ରକଳା ପାଇଁ ଆପଣ କିଛି ସମ୍ମାନ କି ପ୍ରଶଂସା ପାଇଛନ୍ତି କି ?

ଉତ୍ତର :- ହଁ, ଭଗବାନଙ୍କ ଆଶୀର୍ବାଦରୁ କିଛି କିଛି ଭଲପାଇବା ସାଉଣ୍ଟି ପାରିଛି। "ମୋ ଭାବନାରେ ଜଗନ୍ନାଥ" ଦ୍ୱାରା ଆୟୋଜିତ ଏକ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲା। ବଟଲ୍ ଆର୍ଟ ରେ ମଧ୍ୟ ପ୍ରଥମ ସ୍ଥାନ ପାଇଥିଲି। Sambad, Samaj, Paramey, Orgus News, PPL News, K-News, Kalinga News, News Odisha, Pratinidhi Web channel ଆଦିରେ ମୋର ଚିତ୍ରକଳା ଓ ସାକ୍ଷାତକାର ମଧ୍ୟ ପ୍ରକାଶିତ ହୋଇଛି । ଏହି ସାଧନା ପାଇଁ କଳ୍ପତରୁ ପ୍ରତିଭା ସମ୍ମାନ-2022; ରେ ମଧ୍ୟ ମୁଁ ସମ୍ମାନିତ ହୋଇଛି ।

ପ୍ରଶ୍ନ :- ଓଡିଶାରେ ଚିତ୍ରକଳାର ସ୍ଥିତିକୁ ନେଇ ଆପଣ କଣ କହିବେ ?

ଉତ୍ତର :- ଉତ୍କୃଷ୍ଟକଳାକ୍ଷେତ୍ର-ଓଡିଶାର ଚିତ୍ରକଳା କାରୁକାର୍ଯ୍ୟର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଯେତେବେଳେ କୌଣସି କଳା ଆଦୃତି ଲାଭ କରେ ସେତେବେଳେ ତାର ସୃଷ୍ଟି କର୍ତ୍ତାକୁ କଳାକାର ରୂପେ ପରିଚୟ ମିଳେ। ଏବେ ବି କିଛି କିଛି କଳା ଓ କଳାକାର ଲୁକ୍କାୟିତ ଅବସ୍ଥାରେ ରହିଯାଉଛନ୍ତି। ମୁଁ ଯେତେବେଳେ ଏ କ୍ଷେତ୍ରରେ କାମ କରିବା ଆରମ୍ଭ

ISSN NO.
2582-208X

କଲି ମୋର ନିଜସ୍ୱ ଉତ୍ସାହ ହିଁ ମୋତେ ଆଗକୁ ବଢିବାରେ ସାହାଯ୍ୟ କରିଥିଲା। ହଁ, କିଛି ମାତ୍ରାରେ ଆମ ଓଡିଶାରେ କଳାକୁ ନେଇ ପ୍ରୋତ୍ସାହନ ଏବଂ ସୁଯୋଗର ଅଭାବ ରହିଛି । ସବୁଠାରୁ ବେଶି ବୋଧହୁଏ ଆମମାନଙ୍କର ନିଜସ୍ୱ ଉତ୍ସାହ ଓ ଆଗ୍ରହର ଅଭାବ ରହୁଛି। କଳାକୁ ସ୍ୱତନ୍ତ୍ର ଭାବେ ଯଦି ପ୍ରୋତ୍ସାହିତ କରାଯାଇ ପାରନ୍ତା ତେବେ ବୋଧେ କିଛି ଚିତ୍ରକାର ପ୍ରେରିତ ହୋଇପାରନ୍ତେ।

ପ୍ରଶ୍ନ :- ଚିତ୍ରକଳାକୁ ଆଧାର କରି ବୃତ୍ତିଗତ ଜୀବନ ଜାଁବା କଣ ସମ୍ଭବ ?

ଉତ୍ତର :- ହଁ , ନିଶ୍ଚିତ ରୂପେ ସମ୍ଭବ । ଅନେକ କରୁଛନ୍ତି ମଧ୍ୟ। ଆବଶ୍ୟକ କେବଳ ଆତ୍ମବିଶ୍ୱାସ ଏବଂ ଧୈର୍ଯ୍ୟ। ସେଥିପାଇଁ ଚିତ୍ରକଳା ପ୍ରତି ଗଭୀର ଧ୍ୟାନ ଦେବାକୁ ହେବ। ଫଳରେ ଅର୍ଥ ରୋଜଗାର ପନ୍ଥାଟି ସମ୍ଭବ ହୋଇପାରିବ । ପୂର୍ବତନ ରାଷ୍ଟ୍ରପତି କହୁଥିଲେ, ସେହି ସ୍ୱପ୍ନକୁ ଦେଖ, ଯାହା ତୁମକୁ ରାତିରେ ଶୋଇବାକୁ ଦେବ ନାହିଁ । ଏଣୁ ଚିତ୍ରକାର ଭାବେ ନିଜକୁ ସଂପୂର୍ଣ୍ଣ ସମର୍ପିତ କରି ଏଥିରେ ମନୋନିବେଶ କଲେ, ନିଶ୍ଚେ ସୁଫଳ ମିଳିପାରିବ ବୋଲି ମୋର ବିଶ୍ୱାସ ।

ପ୍ରଶ୍ନ :- ଆଜିର ଯୁବ ଚିତ୍ରକାରମାନଙ୍କୁ ଆପଣ କି ବାର୍ତ୍ତା ଦେବେ ?

ଉତ୍ତର :- ଚିତ୍ରକାର ଭାବରେ କେବେ କାହାର ନିନ୍ଦା ଅପବାଦ କରିବା ନାହିଁ, କି କେବେ ଭାଙ୍ଗି ପଡିବା ନାହିଁ । ଯେତେ ବି ବାଧା ବିଘ୍ନ ଆମ ଜୀବନରେ ଆସୁ ପଛେ ସେ ସବୁକୁ ଏଡାଇ ଖୁସି ହୋଇ ଆଗକୁ ବଢିବା। ନିଜର ସୃଜନକୁ ଏବଂ ସାଧାନାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା। ତେବେ ଯାଇ ଆମ ପରିଶ୍ରମ ନିଶ୍ଚେ ସାର୍ଥକତା ପାଇବ। ଜୟ ଜଗନ୍ନାଥ!

ଗେଙ୍ଗୁଟିଆ ( ତାଳଚେର )
ଅନୁଗୁଳ

ISSN NO.
2582-208X

# ସତ୍ୟ ଶାନ୍ତ କ୍ଷମା ଦୟା

ଅଭିଳାଶ ବାରିକ୍

ସତ୍ୟ ଶାନ୍ତ କ୍ଷମା ଦୟା ଗୁରିକ କର ଆଶ୍ରୟ ।
ଯଶୋଦା ନନ୍ଦନ କୃଷ୍ଣ ନଶ୍ଚେ ହୋଇବେ ସହାୟ ।
ଯମଦଣ୍ଡ ହାରି ହରି କେଶବ ବନମାଳୀଆ ।
ଆସର ଜମାଇ ବସିଛି କ୍ଷେତ୍ରେ ଘନ କାଳିଆ ॥
ଆରତ ନାଶନ ସେହି ଦୟାମୟ ଭ୍ବଅଗ୍ରାହୀ ।
ହିସାବ ନକାହ କରେ ସଭିଙ୍କ କଳା କହ୍ନାଇ ॥
ଇନ୍ଦିରା ଧବ ମାଧବ ନୀଳମଣି ବାସୁଦେବ ।
ବହନ ଚିନ୍ତ ସାଧକ ନରହରି ବାସୁଦେବ ॥
ବକାରୀ କଂସାରୀ ଭାବ ଭବତାପ ହେବ ଦୂର ।
ରହସ୍ୟମୟ ଠାକୁର ନାମ ଯାର ଭବେ ଆର ॥

ଡାକସେବା ବିଭାଗ,
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଏଇ ବୋଧେ ପ୍ରେମ



ଜନ୍ମଜୟ ନାୟକ

ସେ ଅଛି ମୋ ଭିତରେ
ମୁଁ ବି ଅଛି ତା' ଭିତରେ
ହେଲେ ବି କାହିଁ ବୁଝେନି ମନ
ସତେ କି ଯୋଜନ ଯୋଜନ ଦୂରେ ସେ ..

ଲାଜ ଜୁଡୁବୁଡୁ ତା ମହୁଆ ହସରେ
ମାଦକତା ମନେ ଭରେ,
ପ୍ରଣୟ ନିଶାରେ ଶିହରି ଉଠଇ
ପାହାନ୍ତିଆ ସପନରେ..

ମୋ ଅଙ୍ଗେଅଙ୍ଗେ ଆଙ୍କି ଦିଏ ପ୍ରେୟସୀ
ମଧୁର ମିଳନର ମିଠା ଦାଗ ହସିହସି,
ଲାଜରେ ବିରହ ଫଗୁଣ ଫେରିଯାଏ,
ମଧୁଝରା ଚାନ୍ଦିନୀ ଈର୍ଷାରେ ଜଳିଯାଏ..

ନିରିମାଖି ତା' ହରିଣୀ ଚାହାଣି
ମୋ ଠାରୁ ମୋତେ ନିଏ କିଣି
ତା' ଲମ୍ବାବେଣୀର କାଳିମାରେ
ଛନ୍ଦିହେଇଯାଏ ପୂର୍ଣ୍ଣ ଇନ୍ଦୁ
ହସିଦେଲେ ସେ ଗହନ ରାତିରେ
ତାରାମାନେ ବି ଆଖି ଫେରାଇପାରନ୍ତିନି...

ମୁଁ ଚାତକ ପରି
ତା' ପ୍ରୀତିବରଷାରେ ଭିଜେ
ସପନ ରାଇଜେ ପ୍ରାସାଦ ତୋଳେ
ସରଗପୁରୀର ପାରିଜାତ ସମ
ମୋ ଅଗଣାରେ ଫୁଟି ମୋତେ ମହକାଏ ସେ..

ISSN NO.
2582-208X

ତରଳିଯାଏ ମୁଁ ମହମ ସମ
ତା ପୀରତି ବହ୍ନିରେ
ଦୁଇ ପ୍ରାଣ ଏକାକାର ହେଇଯାଏ
ହଜିଯାଏ ମୋ ଅସ୍ତିତ୍ୱ
ପ୍ରେମବେଦୀର ଯଜ୍ଞକୁଣ୍ଡରେ..

ସିନ୍ଦୂରା ଫାଟିଲେ
ସପନର ନୀଡ ଭାଙ୍ଗିଯାଏ
ନିମିଷକେ ମୁଁ ହାରିଯାଏ
ମୁଁ ତୃଷାର୍ତ୍ତ ପଥିକ ସାଜେ
ମରୁମରୀଚିକା ପାଇଁ..

ତା' ପ୍ରତୀକ୍ଷାରେ ସବୁଋତୁ
ପ୍ରେମର ଫଗୁ ନେଇ ଆସେ
ଭାବନାରେ ଭିଜିଯାଏ ତନୁମନ
ପୁଣି ଆଶା ସବୁ ଝରିପଡେ
ପର୍ଣ୍ଣମୋଚୀ ଅରଣ୍ୟ ପରି..

ନିରୋଳାରେ ଗୁମୁରିକାନ୍ଦେ
ନିଜ ସହ ନିଜେ କଥାହୁଏ
ଅଭିମାନର ଆୟୁଷ ବଢେ
ମୁଠାଏ ବିଶ୍ୱାସ ବଞ୍ଚିବାର ରାହା ଦେଖାଏ..

ତଥାପି ହାରିବା ମୋ ଜାତକରେ ନାହିଁ
ଯେଣୁ ମୁଁ ଜଣେ ପ୍ରେମିକ
ଫେରିବା ବାଟକୁ ଚାହିଁ ବଞ୍ଚିବି
ଯେଣୁ ମୋ ପ୍ରେମ
ଜନ୍ମଜନ୍ମାନ୍ତରର ବନ୍ଧନ..

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଜୟ ମା ଦୁର୍ଗା



ଈଶ୍ୱରୀ ବେହେରା

ଜଂ ଜଂ ଜଗତ ଜନନୀ ଯୋଗମାୟା ରୂପି
ରଂ ରଂ ରଙ୍ଗାଧର ଆଦ୍ୟାଶକ୍ତ ବିଶ୍ୱବ୍ୟାପି
ଉଗ୍ରତାରା ଗୋ
ଉଶ୍ୱାସୀତ ଧର ବସୁନ୍ଧରା ଗୋ।।(୧)

ମୋହିନୀ ରୁପରେ ସୁର ଅସୁର ମୋହିଲୁ
ତ୍ରିପୁର ମୋହିନୀ ଶ୍ୟାମା ସୁଧା ପରସିଲୁ
ତୋ'ମହିମା ଗୋ
ଭେଦି ନପାରିଲେ ବେଦ-ବ୍ରହ୍ମା ଗୋ।।(୨)

ତ୍ରେତୟାରେ ରାମଚନ୍ଦ୍ର ପୂଜି ତୋ'ଚରଣ
ଶହେ ଅଷ୍ଟ ଶ୍ୱେତଦଳେ କଲେ ଆଭରଣ
ବରଦାୟୀ ଗୋ
ସୀତା ଉଦ୍ଧାର କରିବା ପାଇଁ ଗୋ।।(୩)

ଚଣ୍ଡ ମୁଣ୍ଡ ବିନାସିଲୁ ଦୁର୍ଦ୍ଧାନ୍ତ ଦାନବ
ଶମ୍ଭୁ ନଶମ୍ଭୁ ଯେ ବିଡ଼ାଳାକ୍ଷ ରକ୍ତବୀର୍ଯ୍ୟ

ISSN NO.
2582-208X

ଧ୍ୱଂସକରି ଗୋ
ବିନ୍ଧ୍ୟଗିରି ରହିଲୁ ଆବୋରି ଗୋ।।(୪)

ଦୁର୍ଗା ରୂପେ ଦେବକାର୍ଯ୍ୟ କରିଲ ପୂରଣ
ମଂହିଷାସୁର ବଧିଲ ଭବ ଦେଖାଇଣ
ଭବମୟୀ ଗୋ
ଭବଭୟ ଉଶ୍ୱାସିବା ପାଇଁ ଗୋ।।(୫)

କଂ-କଂ କଂ-କଂ କଙ୍କାଳମା ତୁ ନର କାଳକେ
ଖଂ-ଖଂ ଖଣ୍ଡା-ଖର୍ପରିଣୀ ନୃମୁଣ୍ଡ ମାଳକେ
ଦୟାମୟୀ ଗୋ
ଢାଳ ଶୁଭାଶିଷ କୃପାବହି ଗୋ।।(୬)

ଆଜିର ସମାଜେ ଛନ୍ତୁ ଯେତେ ନରାସୁର
ରଣଚଣ୍ଡୀ ରୂପେ କର ସମୂଳେ ସଂହାର
ଛିନ୍ନମସ୍ତା ଗୋ
ପୂର୍ଣ୍ଣକର ଈଶ୍ୱରୀ କାମନା ଗୋ।।(୭)

ପତିତପାବନୀ ଅଗ୍ନିରୂପା ଆଦିମାତା
ପତିତ-ଜନ ଉଦ୍ଧାର ପାଇଁ ଜଗଦ୍ଧିତା
ଅନ୍ନପୂର୍ଣ୍ଣା ଗୋ,
ଜଗତ-ଜନ ମଙ୍ଗଳ ପାଇଁ ଗୋ।।(୮)

ସୋର, ବାଲେଶ୍ୱର

ISSN NO.
2582-208X

# ଭଲପାଇବା



ସଙ୍ଗୀତା ମହାନ୍ତ

ଭଲ ପାଇବା ଗୋଟେ ଏମିତି ଶବ୍ଦ ତାହା ସବୁବେଳେ ମିଳେନାହିଁ ସମସ୍ତଙ୍କୁ । ଯାହାକୁ ସେଇ ଭଲ ପାଇବା ମିଳୁଛି ଆଉ ଯାହାଠାରୁ ମିଳୁଛି, ତାକୁ ରତ୍ନ ପରି ଯତ୍ନ କରିବା ଶିଖ କାହିଁକନା ସବୁବେଳେ ତାହା ସ୍ଥିର ହୋଇ ରହିପାରେ ନାହିଁ । ଭଲ ପାଉଥିବା ମଣିଷକୁ କିଛି ସମୟ ଦିଅ । ତା ମନର କଥାକୁ ବୁଝିବାକୁ ଚେଷ୍ଟା କର । ଯଦି ସେ ଅବୁଝା ହେଉଛି, ତାହେଲେ ତାକୁ ଏକା କିଛି ସମୟ ଦେଇ ତା ମନର ଅବୁଝା ପଣକୁ ବାହାର କରିଦିଅ ଯାହାଦ୍ୱାରା ସେ କଷ୍ଟ ଆଉ ଦୁଃଖ ପାଇବ ନାହିଁ କି ତୁମ ପାଇଁ ତା ମନରେ କିଛି ଖରାପ ଭାବନା ଜାତ ହେବନାହିଁ । ସେ ଯାହା ବି ଆଶା ଆଉ ଆକାଂକ୍ଷା ରଖୁଛି ତୁମ ଉପରେ ତୁମେ ହିଁ ତାର କାରଣ ହେଇ ଥାଇ ପାରେ । ତୁମେ ତାକୁ ସେତିକି ଦେଇଛ ବାରମ୍ବାର ଯେତେବେଳେ ସେ ଅନୁଭବ କରିବ ଯେ ମୋର ମହତ୍ତ୍ୱ କିଛି ନାହିଁ ଏଇ ପିଲ୍ ପାଖରେ ସେତେବେଳେ ନା ତାକୁ କହିବାକୁ ପଡେ ନାହିଁ ସେ ଆପେ ଆପେ ଦୂରେଇ ଯାଏ । ଯେତେବେଳେ ସେ ଦୂରେଇ ଯିବ ସେତେବେଳେ ତୁମେ ଯେତେ ଚେଷ୍ଟା କଲେ ବି ତା ଠାରୁ ଆଉ ସେ ଭଲ ପାଇବା ପାଇବ ନାହିଁ । ନିଜ ନିଜ ଭିତରେ ଏମିତି କରନି ଯାହାକି ସମ୍ପର୍କକୁ ଜାଣିଶୁଣି ଭାଙ୍ଗିଦେବ । ଭଲ ପାଇବା ଜଣା ପଡେନି । ଆପେ ଆପେ ଅଜାଣତରେ ହେଇଯାଏ । ହେଲେ ସେ ସମ୍ପର୍କ ଯେତେବେଳେ ଭାଙ୍ଗିଯାଏ, ସେଥିରେ ଦୁଇଜଣଙ୍କର ଅଭିମାନ ଆଉ ରାଗରୁ ହୋଇଥାଏ । ସବୁ କର, ହେଲେ ନିଜ ସମ୍ପର୍କକୁ ଜାଣିଶୁଣି ନଷ୍ଟ କରନି କି ତାକୁ ଏତେ ଉପେକ୍ଷା କରନାହିଁ ।

ତୁଳସୀପୁର, ମଠସାହି

ISSN NO.
2582-208X

# ସ୍ମୃତିର ରାତ୍ରି



ଜ୍ୟୋତି ପଧାନ

କେବେ ତ ମାଗି ନଥିଲି
ଦିଅ ମୋତେ ଐଶ୍ୱର୍ଯ୍ୟ ସୁଖ,
ପୋତିଦିଅ ଫୁଲର ସମ୍ଭାରରେ,
ଘେରିଯାଅ ନିଃସ୍ୱାର୍ଥ ପ୍ରେମର ଆସ୍ତରଣରେ ।
ନିଜେ ତ ସ୍ୱତଃସ୍ଫୂର୍ତ୍ତ ପଶିଗଲ
ହୃଦୟ ଝରକା ଡେଇଁ
ମିଳେଇ ଗଲ ପ୍ରାଣ ସ୍ପନ୍ଦନରେ,
ତେବେ ମୋର କ'ଣ ଭୁଲ ହେବ ?
ନିର୍ଜନ ମନରେ ତୁମକୁ ସ୍ଥାନଟିଏ ଦେଇ ।
ମାତ୍ର ଆଜି ମୁଁ
ଏ ନୀରବ ରାତ୍ରିର
ଅଥୟ ପ୍ରତିଧ୍ୱନି
ତାରକା ମେଳରେ ଶୁଣୁଛି
ମୋର ଅସହାୟତାକୁ
ଆକ୍ଷେପ କରୁଥିବା କଲବିଲ୍ ଧ୍ୱନି
ଯାହାକି ମୋ ଦୁର୍ବଳତାର
ନିଛକ ରୂପଚିତ୍ର ଆଙ୍କି ଦେଉଛି ।

ଓଡ଼ିଆ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ
ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ, ବରଗଡ଼

ISSN NO.
2582-208X

# ମେଘ



ଲତା ବେହେରା

ବରଷା ଋତୁରେ ଆକାଶ ଦେହରେ
କଳା ମେଘ ଦେଖା ଯାଏ
କଳା ମେଘ ଦେଖି ପୁଛକୁ ମେଲେଇ
ମୟୂର ଯେ ନାଚୁ ଥାଏ ।
ଧୋବ ଫର ଫର ବଗ ବଗୁଲୀ ଯେ
ଡେଣା ଝାଡି ଉଡି ଯାନ୍ତୁ
ତଳେ ଥାଇ ପିଲେ ଆକାଶକୁ ଚ୍ହିଁ
କଉଡିକୁ ମାଗୁ ଥାନ୍ତୁ ।
କଳା ଧଳା ବଉଦରେ ଆକାଶଟି
ଦେଖାଯାଏ କ ସୁନ୍ଦର
ବରଷା ଛାଡିଲେ ସୁରୁଯ ଆସିଲେ
ଦିଶେ କେଡେ ମନୋହର ।
ମେଘ ଦେହେ ଇନ୍ଦ୍ରଧନୁ ପଡି ଥାଏ
ସପ୍ତ ରଙ୍ଗରେ ସେ ଶୋହେ
ଝଲ୍ସି ଯାଏ ଆଖି ରହି ଥାଏ ଲଖି
ସବୁରି ମନକୁ ମୋହେ ।

ଖଣ୍ଡ ଖଣ୍ଡ ଧଳା ବାଦଲ ଧାଆଁଇ
ଆଖି ନେଉଥାଏ ଟାଣି
ଆକାଶ ବକ୍ଷରେ କଳା ମେଘ ହେଇ
ଝରଇ ବରଷା ପାଣି ।
ଏଇ ମେଘ ଦେହେ ଦିନରେ ସୁରୁଯ
ପୁରୁବ ଦିଗରୁ ଉଏଁ
ପଶ୍ଚିମ ଆକଶେ ଅସ୍ତ ଯାଏ ଯେବେ
ମନ ହୃଦୟକୁ ଛୁଏଁ ।
କେଡେ ମନଲୋଭି ଅସ୍ତଗାମୀ ସୂର୍ଯ୍ୟ
ଲୋହିତ ବର୍ଣ୍ଣେ ବିଚନ୍ଦ୍ର
ତନୁ ମନକୁ ସେ ହରଣ କରଇ
ହେଇଥାଏ କ ଚନ୍ଦ୍ରିତ ।
ସନ୍ଧ୍ୟା ସମୟରେ ମେଘ ଆକାଶରେ
ସନ୍ଧ୍ୟା ତାରା ଆସି ଥାଏ
ଜହ୍ନ ସହିତରେ ତାରାର ଗହଣେ
କ ସୁନ୍ଦର ଦେଖା ଯାଏ ।

ISSN NO.
2582-208X

ମେଘ ବାଦଲରେ ଜହ୍ନ ଧାଉଁ ଥାଏ
କଳା ମେଘ ଦିଏ ଢାଙ୍କି
କ୍ଷଣିକ ଭିତରେ କରି ଅତିକ୍ରମ
ଜହ୍ନ ମାରେ ପୁଣି ଉଙ୍କି ।
ଘୋର ଗର୍ଜନର ମେଘର ରାତିରେ
ଶ୍ରୀକୃଷ୍ଣ ଜନମ ହେଲେ
କଳା ମେଘ ଦେହେ ବିଜୁଳି ଆଲୁଏ
ବସୁଦେବ ଯାଉ ଥିଲେ ।
ଉଗ୍ରସେନ ରାଜା ପଥ ଓଗାଳଲେ
ମେଘରେ ବିଜିଜୁଳି ମାରେ
ଚତୁର୍ଦ୍ଧାମୂରତୀ ରୂପକୁ ଦେଖିଣ
ଶରଣ ଗଲେ ପୟରେ ।
ଏଇ ମେଘ ଯୋଗୁଁ ବୃଷ୍ଟି ହେଉଅଛି
ବୃଷ୍ଟିରୁ ଜଗତ ହସେ
ସବୁଜ ଶ୍ୟାମଳେ ହସଇ ପୃଥିବୀ
କେଡେ ସୌନ୍ଦର୍ଯ୍ୟ ସେ ଦିଶେ ।
ଗଛ ଯୋଗୁଁ ସିନା ମେଘର ଦେହରୁ
ଝରଇ ବରଷା ପାଣି
ଏବେ ମେଘ ଗତି ବଦଳାଇ ଦିଏ
ନର ଦେଲା ଗଛ ହାଣି ।
ଲଗାଇବା ବୃକ୍ଷ ହସିବ ଜଗତ
ସୁନ୍ଦର ଦିଶିବ ମହୀ
ମେଘକୁ ଦେଖିବା ଆକାଶ ବକ୍ଷରେ
ମାଟି ମାଆ କୋଳେ ରହି ।

ଜକା, ଢେଙ୍କାନାଳ

ISSN NO.
2582-208X

# ଭଲପାଏ ବୋଲି......

ଲକ୍ଷ୍ମୀପ୍ରିୟା ସେଠୀ

ମୁଖ ତୋ'ର ଦରଶନେ ଦୁଃଖ ଯାଏ ଭୁଲି
ନିଜ ଠାରୁ ତୋତେ ବେଶୀ ଭଲପାଏ ବୋଲି.....

ଜୀବନର ମାନେ କଛି ମୋର ଏଠି ନାହିଁ
କାଳଆରେ ତୋ' ବିନା ମୁଁ ଯାଏ ଅଧା ହୋଇ.....

ଏ ଆଖିରେ ଯେତେ ଲୁହ ଭରିଦବୁ ତୁହି
ଅଭିମାନ କରିବିନି କାଇଁ ଦେଲୁ କହି.....

ମୋ ଭଜନେ ସୁମରଣେ ତୋତେ ସ୍ମରୁଥିବି
ନିଶ୍ୱାସର ଅନ୍ତ ଯାଏଁ ନାମ ଜପୁଥିବି.....

ଲୋଡା ନାହିଁ ଏ ସଂସାରୁ ଧନ ରତ୍ନ ମାନ
ତୁହି ଏକା ଧନରେ ମୋ ସୁଖର ସପନ.....

ଏ ଦୁନିଆ ପର କରୁ ଯାଏ ଆସେ ନାହିଁ
ସାହା ମୋର ତୁହି ଖାଲି ହେ କଳା ଗୋସାଇଁ.....

ISSN NO.
2582-208X

ଜାଣି ନାହିଁ ପୂଜା ପାଠ ନାହିଁ ମୋର ଭକ୍ତ
ସେବୁଛିରେ ତୋତେ ମୁହିଁ ହୃଦୟରେ ରଖି.....

ତୋ'ର କୃପା ହେଲେ ପ୍ରଭୁ ଯିବି ତୋ'ର ଦ୍ୱାର
ଶରଣ ପଶିଛି ମୋତେ କରିବୁନ ପର.....

ପତିତପାବନ ବାନା ଦେଉଳକୁ ଗୁହିଁ
ଜଗିଥିବି ତୋ' ବାଟକୁ ଆଖି ଲୁହ ପିଇ.....

ଅପଲକ ନୟନେ ତୋ' ନୟନ ମିଶେଇ
ଗ୍ଲିଯିବ ଜୀବ ମୋର ତୋ'ର ନାମ ଗାଇ.....

ଦେଉଳ, ଯାଜପୁର

ISSN NO.
2582-208X

# ରଙ୍ଗ ନମ୍ବର



ଟଙ୍କଧର ସାହୁ

ନିଶବ୍ଦ ଧରଣୀ ରାଣୀ। ପରିବେଶ ଥିଲା ନିର୍ମଳ। ଏ ସମୟରେ କୋଇଲିର କୁହୁକୁହୁ ତାନ, କାଉର କାକା ଏବଂ କୁକୁଡ଼ାର କଁକଁ ଶବ୍ଦଟି ସମସ୍ତ ପରିବେଶକୁ କରିଥିଲା ଚଳଚଞ୍ଚଳ । ସମୟ ଥିଲା ସକାଳ ହେବାର ପ୍ରାକ୍ ମୂହୁର୍ତ୍ତ। କିଛି ସମୟ ପରେ  ସୂର୍ଯ୍ୟର ସକାଳୁଆ ସୁନେଲି କିରଣ  ଗଛ ଗୁଡ଼ିକର ପତ୍ର ଉପରେ ପଡ଼ି ଜକ୍‌ଜକ୍ କରୁଥାଏ। ପ୍ରକୃତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦେଖାଯାଉଥାଏ। ଏ ସମୟରେ  ନଦୀପଠାକୁ ଶୌଚ ହେବାକୁ ଆସିଥିବା କେତେ ଲୋକଙ୍କ ନଜର ପଡ଼ିଥିଲା  ଏକ ବୁଢ଼ା ବରଗଛ ତଳର ପତ୍ର ଉହାଡ଼ରେ ହାତଗୋଡ଼ ବନ୍ଧା ହୋଇ ପଡ଼ିଥିବା ଏକ ଝିଅ ଉପରେ। ସେମାନେ ତାକୁ ଭଲ ଭାବରେ ନିରୀକ୍ଷଣ କଲାପରେ ଠିକ୍ ଚିହ୍ନି ପାରିଥିଲେ ଯେ ସେ ହେଉଛି ତାଙ୍କ ଗାଁ ଗୋପାଳର ଝିଅ ନନ୍ଦିନୀ ବୋଲି।

ନନ୍ଦିନୀକୁ  ଏକ ମାସ ନପୁରୁଣୁ ସେ ମାଆ ଛେଉଣ୍ଡ ହୋଇଗଲା। ଗୋପାଳ ତାକୁ ଅତିକଷ୍ଟରେ ମୁଣ୍ଡ ଝାଳ ତୁଣ୍ଡେ ମାରି  ଏଡ଼ିକି ଟିଏ ରୁ ଏଡ଼ିକି ଟିଏ କରି ଗଢ଼ି ତୋଳିଲା। ନନ୍ଦିନୀ ଛୋଟ ଦିନରୁ ହିଁ ଭଲ ପାଠ ପଢୁଥିଲା। ମାଟ୍ରିକରେ ଭଲ ନମ୍ବର ରଖି ପାସ ମଧ୍ୟ କଲା ଆଉ ପାଖ ଗାଁ କଲେଜ ରେ ପ୍ଲସ ଟୁ ପଢିଲା। ଝିଅର ପାଠ ପଢ଼ା ପ୍ରତି ଅଧିକ ମନ ଥିବା ଦେଖି ଗୋପାଳ ତାର ଜମି ଖଣ୍ଡକ ବିକି ସେହି ପଇସାରେ ସହରର ଗୋଟେ ବଡ଼ ଭଲ କଲେଜରେ ପ୍ଲସ ଥ୍ରି ରେ ନାଁ ଲେଖାଇଦେଲା। ଘରୁ ବସରେ ଯିବା ଆସିବା ପାଇଁ ଝିଅକୁ ଅସୁବିଧା ହେବ ବୋଲି ହଷ୍ଟେଲରେ ରଖି ଦେଇଥିଲା ଆଉ ମଝିରେ ମଝିରେ ଯାଇ ଦେଖାକରି ଆସୁଥିଲା। ସୁବିଧା ଅସୁବିଧାରେ ବାପ ଝିଅ  ପଦେ ଦୁଃଖସୁଖ ହେବେ ବୋଲି ଦଶ ହଜାର ଟଙ୍କା ଦେଇ ସ୍ମାର୍ଟ ଫୋନ ଟିଏ ବି କିଣି ଦେଇଥିଲା। କଲେଜରେ କିଛିମାସ ପଢ଼ିବା ଭିତରେ ସେ ତାର କଥାବାର୍ତ୍ତା, ଚାଲିଚଳନ, ଭଲ ବ୍ୟବହାର ଦ୍ୱାରା ସମସ୍ତଙ୍କ

ISSN NO.
2582-208X

ପ୍ରିୟଭାଜନ ହୋଇପାରିଥିଲା। ତାର ସୁନ୍ଦର ଚେହେରା, ସାବୁନ ର ଧଳା ଫେଣ ପରି ଶରୀର କେତେ ପୁଅଙ୍କୁ ଆକର୍ଷିତ କରୁଥିଲା। ଏହାରି ଭିତରେ କେତେ ପୁଅ ତା ପଛରେ ପଡିଛନ୍ତି ହେଲେ ସେ କାହାରି କଥା ଶୁଣିନୀ ସମସ୍ତଙ୍କୁ ଅଣଦେଖା କରିଛି। ଏପରି କିଛିଦିନ ବିତିଗଲା ପରେ ଦିନେ ରାତିରେ ସମସ୍ତେ ଖାଇସାରି ଶୋଇବାକୁ ଯିବାବେଳେ ନନ୍ଦିନୀର ଫୋନକୁ ଆସିଥିଲା ଏକ ଅଜଣା ନମ୍ବରରେ କଲ୍। ସେ କିନ୍ତୁ ନୂଆଁ ନମ୍ବର ଦେଖି ପ୍ରଥମେ କଲ ଗ୍ରହଣ କରିନଥିଲା। କିନ୍ତୁ ଦୁଇ ତିନି ଥର ବାରମ୍ବାର କଲ ଆସିବାରୁ ସେ ବାଧ୍ୟ ହୋଇଥିଲା କଲ ଗ୍ରହଣ କରିବାକୁ ଆଉ ସେପଟୁ ଗୋଟେ ପୁଅର ମୋଟା ସ୍ୱର ରେ ଶୁଭା ଯାଉଥିଲା - " ହାଏ ନନ୍ଦିନୀ ... ତୁମେ କେମିତି ଅଛ .. ମୁଁ ତୁମକୁ ବହୁତ ଭଲପାଏ ନନ୍ଦିନୀ ..." ଏହି କଥାଶୁଣି ରାଗରେ ସେ ଫୋନ କାଟି ଦେଇଥିଲା। ତା ପରଦିନ ପୁଣି ସେହି ନମ୍ବରରେ କଲ୍ ଆସିଥିଲା କିନ୍ତୁ ସେ କିଛି କହିନଥିଲା। ଏପରି କିଛି ଦିନ ବାରମ୍ବାର କଲ ଆସିବାରୁ ତାର ଇଚ୍ଛା ନଥିଲେ  ମଧ୍ୟ ତାସହ କଥା ହେବାକୁ ବାଧ୍ୟ ହୋଇଥିଲା। ଏପରି ସେମାନେ କିଛିଦିନ କଥା ହେବା ଭିତରେ ପରସ୍ପରର ନିକଟବର୍ତ୍ତୀ ହେବାକୁ ଲାଗିଲେ। ଏହାରି ଭିତରେ  କେତେବେଳେ ଯେ ସେମାନଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା ନନ୍ଦିନୀ ଜାଣିପାରି ନଥିଲା । ରକିର ପ୍ରେମରେ ପାଗେଳି ହୋଇସାରିଥିଲା ନନ୍ଦିନୀ। ଭୁଲି ଯାଉଥିଲା ତାର ସବୁ ଭୋକ ଶୋଷ। ତା ସହ ରାତିରେ କଥା ହେଲାବେଳେ ସେ ଯେ ରହୁଛି ରାତି ଅନିଦ୍ରା। ତାର ସବୁ ସାଙ୍ଗସାଥୀ ଏବେ ତାପାଇଁ ହୋଇଯାଇଛନ୍ତି ପର କେବଳ ତାର ସ୍ୱପ୍ନର ମଣିଷ ହିଁ ଲାଗୁଛି ତାପାଇଁ  ନିଜର । ପାଠ ପଢା ପ୍ରତି ତାର ଆଉ ମନ ଲାଗୁନି । ଯିଏ ଦିନେ କଲେଜରେ ସମସ୍ତଙ୍କ ଠାରୁ ବେଶୀ ନମ୍ବର ରଖୁଥିଲା ଏବେ ସେ ସବା ଶେଷରେ। ତାର ଆଉ ମନେବି ପଡୁନି ଯେ ତାର ବାପା କେଉଁ ପରିସ୍ଥିତିରେ ତାର ଆଡ଼ମିଶନ କରାଇଥିଲା। ଏପରି କିଛିଦିନ ଗଲାପରେ ଦୁଇ ଜଣ ବାହା ହେବା ନେଇ ଘରେ କହିଥିଲେ ମଧ୍ୟ ରକିର ଘରଲୋକ ରାଜି ହୋଇନଥିଲେ ନନ୍ଦିନୀ ନୀଚ ଜାତିର ଝିଅ ବୋଲି। ସେମାନେ ଘର ଲୋକଙ୍କୁ କିଛି ନ ଜଣେଇ ହଷ୍ଟେଲରୁ ଲୁଚି ମନ୍ଦିରରେ ଯାଇ ବିବାହ କରିଥିଲେ। କିନ୍ତୁ ନନ୍ଦିନୀ ଆସି ରହୁଥିଲା ହଷ୍ଟେଲରେ। ମାତ୍ର ଉଭୟ ପ୍ରତ୍ୟେକ ଦିନ ଭେଟ ପଡ଼ି ରଖୁଥିଲେ ଶାରୀରିକ ସଂପର୍କ। ଏପରି କିଛିଦିନ ଗଲାପରେ ଗର୍ଭବତୀ ହୋଇଥିଲା ନନ୍ଦିନୀ। ସେ ମାଁ ହେବାକୁ ଯାଉଥିବା କଥା ରକିକୁ କହିବାରୁ ସେ ଡାକ୍ତରଖାନା ଯାଇ ଗର୍ଭ ନଷ୍ଟ କରାଇବାକୁ କହିଥିଲା, ହେଲେ ନନ୍ଦିନୀ ସେ କଥାରେ ରାଜି ହୋଇନଥିଲା। ହଷ୍ଟେଲରେ ରହିଲେ ସବୁକଥା ପଦାରେ ପଡିଯିବ  ବୋଲି ସେମାନେ

ISSN NO.
2582-208X

ଅନ୍ୟତ୍ର ଯାଇ କ୍ୱାଟର ଭଡ଼ା ନେଇ ରହିଥିଲେ। ଏହାରି ଭିତରେ ରକି ନନ୍ଦିନୀକୁ ଡାକ୍ତରଖାନାକୁ ଚେକ୍ଅପ୍ କରାଇବା ନାଁ ରେ ଡାକିନେଇ ତାର ଗର୍ଭ ନଷ୍ଟ କରିଦେଇଥିଲା। ପରେ ନନ୍ଦିନୀ ଏହା ଜାଣି ତା ନାଁରେ ଥାନାରେ ଏତଲା ଦେବ ବୋଲି କହିବାରୁ ସେ ନନ୍ଦିନୀକୁ ଦେଖେଇଥିଲା ତାର ଅସଲ ଚେହେରା। ସେହି ଦିନଠାରୁ ନନ୍ଦିନୀର ଜୀବନରେ ଛାଇ ଯାଇଥିଲା ଦୁଃଖର କଳା ବାଦଲ।

ରକି ଆଉ ନନ୍ଦିନୀ ସହ ଆଗଭଳି ଭଲରେ କଥାବାର୍ତ୍ତା କରୁନଥିଲା। ତାକୁ ଅନେକ ମାନସିକ ଓ ଦୈହିକ କଷ୍ଟ ଦେବାକୁ ବସିଥିଲା। ଦିନେ ତାକୁ ଅନ୍ଧାର କୋଠରୀ ଭିତରେ ବନ୍ଦ କରି ବହୁତ ମାଡ଼ମାରି ତାକୁ ତାର ଓଢ଼ଣୀରେ ହାତ ଗୋଡ଼ ବାନ୍ଧି ନେଇ ତାଙ୍କ ଗାଁ ମୁଣ୍ଡର ବରଗଛ ତଳେ ପକେଇଦେଇ ଆସିଥିଲା। ସକାଳେ ତାକୁ ପାଇଥିଲେ ତାଙ୍କ ଗାଁ ର କେତେଜଣ ଲୋକ, ସେମାନେ ତାକୁ ପାଖ ଡାକ୍ତରଖାନାକୁ ନେଇଯାଇଥିଲେ। ତାର ଚେତା ଫେରିଲା ବେଳକୁ ସେ ଡାକ୍ତରଖାନାରେ ଅଛି। ତା ମନରେ ଦେଖାଯାଉଥିଲା ପଶ୍ଚାତାପର ଭାବନା। ତାର ଆଖି ଆଗରେ ଝଲସି ଉଠୁଥିଲା ତାର ସେହି ଗରିବ ବାପାର କଥା ଯିଏ ତାକୁ ଏ ଦୁନିଆଁରେ ଠିଆ କରାଇଥିଲା, ମନେ ପଡୁଥିଲା ତାର ସେହି ରଙ୍ଗ ନମ୍ବରର ପ୍ରେମିକ କଥା ଯିଏ ତାର ଜୀବନକୁ ନର୍କ କରିଦେଲା। ସେ ଦେଖି ପାରୁଥିଲା ତାର ଭବିଷ୍ୟତର ଅମାମୟ କଳା କୀଟକୀଟ ଅନ୍ଧାରକୁ ।

ଯୁକ୍ତ ତିନି ତୃତୀୟ ବର୍ଷ ଛାତ୍ର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଜବାହରଲାଲ ମହାବିଦ୍ୟାଳୟ, ପାଟଣାଗଡ଼
ଜିଲ୍ଲା – ବଲାଙ୍ଗୀର/ଦୂରଭାଷ – ୭୮୪୬୮୫୭୦୭୦

ISSN NO.
2582-208X

# ଚୁମ୍ବନ



ଲିନା ମହାନ୍ତ

ଯେବେ ତୋର କୁଆଁ କୁଆଁ ଡାକ ଶୁଣିଲି
ଓଠରେ ହସ ଆଖିରେ ଲୁହ
ଦୁହେଁ ସାଥେ ଥିଲେ ମୋର,,
ଦେଖି ପାରି ନଥିଲି ମୁଁ ତତେ
ଖାଲି କରିଥିଲି ଅନୁଭବ
ବ୍ୟାକୁଳ ଥିଲି ଚୁମିବାକୁ ମଥା ତୋର ।।

ସତରେ ଅପୂର୍ବ ଆନନ୍ଦ ସେ ଚୁମ୍ବନର
ହୃଦୟେ ମମତା ଆଉ ସ୍ନେହ
ସତ ତୁ ମୋ ସପନର,,
ଥିଲା ବହୁଦିନ ହେବ ଅପେକ୍ଷା ତୋର
ଅନ୍ତ ହେଲା ଏତେଦିନେ ଆଜି
ତୁ ଉପହାର ମୋ ଜୀବନର ।।

ଜଗତସିଂହପୁର

ISSN NO.
2582-208X

# ହଁ, ମୁଁ ଈଶ୍ୱରଙ୍କୁ ଦେଖିଛି

ମକରଧ୍ୱଜ ସାହୁ

ହଁ ମୁଁ ଈଶ୍ୱରଙ୍କୁ ଦେଖିଛି
ବିଲରେ ବଣରେ ପାହାଡ ପ୍ରାନ୍ତରେ
ଖାଦ୍ୟ ଉତ୍ପାଦନ ବେଳେ
କୃଷକର ମୁଣ୍ଡ ଝାଳରେ,
ସକାଳ ପହରୁ କୋଇଲିର
ମନ୍ତ୍ର ମୁଗ୍ଧ ସଂଗୀତ ତାନରେ
ନଈ କୁଳୁ କୁଳୁ ନାଦରେ
ପୁଅ ପାଇଁ ଉପବାସରେ
ଦିନକାଟୁଥିବା ବୃଦ୍ଧ ବୃଦ୍ଧାଙ୍କ ଠାରେ,
ଶୁଖିଲା ଶୁଖିଲା ଓଠରେ,
ହଁ, ମୁଁ ଈଶ୍ୱରଙ୍କୁ ଦେଖିଛି
ଏଇ ଡାକ୍ତର ଖାନାରେ
ସ୍ୱମଚନ୍ଦାନୀ ଭଳି ଡାକ୍ତରଙ୍କ ହୃଦୟରେ,
ପାଉଣା ପାଉତିକୁ ଖାତିର ନକରି
ପାଠ ପଢାଉଥିବା ଶିକ୍ଷକଙ୍କ ଆତ୍ମ ତୃପ୍ତିରେ,
ତମେ ଈଶ୍ୱରଙ୍କୁ କାହିଁକି ଖୋଜୁଛ ?
ଟଙ୍କା ଧନ ଅବା ପଦ ମର୍ଯ୍ୟାଦା ପାଇଁ?
ଈଶ୍ୱର ତ ଦିଅନ୍ତୁ ଚରନ୍ତନ ଯାହା
ଜଗତକୁ ଭଲ ଯାହା,
ବିପଦ କାଳରେ ବନ୍ଧୁ ହେବ ଯାହା,
ସବୁରି ମାଲିକ ସିନା ସେ
କନ୍ତୁ ରଙ୍ଗ ଛଡାର ନୁହନ୍ତୁ
କ୍ଷଣ ସୁଖର ନୁହନ୍ତୁ,
ସେଇଥି ପାଇଁ ପର୍ ଗଲ୍‌ବେଳେ
କୁହାଇ ଦିଅନ୍ତୁ
ତାଙ୍କ ନାମ ସାଙ୍ଗେ ସତ୍ୟକୁ.....

ଟି. ଗଣ୍ଡପାଲି, ବିଜେପୁର
ବରଗଡ, ମୋ-୮୦୧୮୧୨୩୬୩୨

ISSN NO.
2582-208X

# ଆସିଲାଣି ଅଶିଣ



ପ୍ରକାଶ କୁମାର ଗୃନ୍ଦ

ଧୀରେ ଧୀରେ ପାଦ ଥାପି ଆସିଲାଣି ଅଶିଣ
ଆକାଶଟା ସଫା ଦିଶେ ନାହିଁ ମେଘ ମେଳଣ ।।
ମଳୟର ଛୁଆଁ ଏବେ ଲାଗିଲାଣି ମିଠାରେ
ହସିଲାଣି କାଶତଣ୍ଡୀ ଫୁଟି ନଈ ପଠାରେ ।।
ଗୁରିଆଡେ କ୍ଷେତ ସବୁ ଦିଶିଲାଣି ଶାଗୁଆ
ପୂଜାପାଇଁ ମଣ୍ଡପଟା ସଜ ହୁଏ ଆଗୁଆ ।।
ସଂଜ ହେଲେ ଜହ୍ନିଫୁଲ ଦିଶେ କେଡେ ସୁନ୍ଦର
ଫୁଟି ଡାଳେ ହସିଲେଣି ଯୁଇ ଜାଇ ମନ୍ଦାର ।।
ଜହ୍ନ ଏଠି ଦିଶୁଥାଏ ରୁପା ଥାଳ ପରିକା
ପବନରେ ଧାନଗଛ ଖେଳେ ଢେଉଢେଉକା ।।
ଝିଲିମିଲି ଆଲୁଅରେ ହସିଲାଣି ସହର
ଗାଆଁଗଣ୍ଡା ଖୁସି ସବୁ ପହରକୁ ପହର ।।
ଆଖି ଦେଖି ଲାଖିଯାଏ ମେଢ ଆଉ ତୋରଣ
ପାର୍ବଣକୁ ସାଥେ ନେଇ ଆସିଲାଣି ଅଶିଣ ।।

ଜୟପୁର ଶାସନ ପିପିଲି ପୁରୀ
ମୋ–୯୮୫୩୩୫୪୯୩୮

ISSN NO.
2582-208X

# ପ୍ରେମିକା ସୂର୍ଯ୍ୟ ହେଲେ ବାନ୍ଧବୀ ମୋର ଚନ୍ଦ୍ର

ଅନନ୍ତ ପ୍ରସାଦ ପ୍ରଧାନ

ଆପଣ କହିବାରୁ ମୁଁ ମୋର ଘଟିଯାଇଥିବା କାହାଣୀ ଆପଣଙ୍କ ଆଗରେ କହୁଛି। ଆପଣ ଶୁଣିବେତ ମୁଁ କହିବି। ତିନି ମାସର ଘଟଣା ଯାହାକ ତିନ ବର୍ଷ ତଳେ ଘଟିଥିଲା। ତିନି ଜଣ ଚରିତ୍ରକୁ ନେଇ । ମୁଁ +୨ ଶ୍ରେଣୀରେ ପଢୁଥାଏ । ପ୍ରେମ କଣ ଯାଣି ନଥାଏ । class କରିବା class ନ ଥିବା ସମୟରେ ଲାଇବ୍ରେରୀକୁ ଯାଇ ପାଠ ପଢିବା ମୋର ନିତିଦିନିଆ କାର୍ଯ୍ୟ ଥିଲା। ୧୦୦ ପିଲା class କରୁ ତାହା ମଧ୍ୟରୁ ୭୦ ଝିଅ କିନ୍ତୁ କେହିବି ଜଣେ ମୋତେ like କହିବା ଦେଖିନଥିଲି। ଲାଇବ୍ରେରୀ ଯେବେ ଠାରୁ ଗଲି ପ୍ରେମର ଦୁନିଆ ଦେଖିଲି। ଦିନକର ଯାଇ ଲାଇବ୍ରେରୀରେ ବସି ବହି ବଢୁଥାଏ । ଗୋଟେ ଝିଅ ଆସି ପାଖରେ ବସିଲା। ପେନ ନଥିବା କହି କଲମ ମାଗି ନେଲା । ଶୋସ କରୁଥିବା କହି ପାଣି ବଦଳରେ ମନକୁ ମୋ ଗ୍ରେବ୍ରିଲା । ମୋତେ ନିଦ ଆସୁଥିବା ଦେଖି ପାଣି ଡାକ ଦେଲା। ମୁରୁକ ମୁରୁକ ହସି ଆଖିର ଇସାରାରେ ମୋ ଦେହରେ ଶ୍ରୀହରଣ ଖେଳାଇ ଦେଲା।

ଯେବେ ଗଲି ଲାଇବ୍ରେରୀ ବହି ଛାଡି ତାକୁ ଖୋଜୁଥିଲି । ସେତ ଆସିନଥିଲା କିନ୍ତୁ ଆଉ ଏକ ବାନ୍ଧିବୀ ଆସିଲା ପାଖରେ ବସିଲା। ବସି ଚିତ୍ର ଆଙ୍କିଲା । ଚିତ୍ର ମୋର ମନଙ୍କୁ ଛୁଇଲା। ତାର ଚିତ୍ର ଦେଖି ମୁଁ କବିତା ଲେଖିଲି । ତାର ଚିତ୍ରରେ ଥିଲା ପକ୍ଷୀ ଦୁଇଟି ନଦୀ କୂଳ ଗଛ ଡାଳରେ ବସିଛନ୍ତି। ମୁଁ କବିତା ଲେଖିଲି "ହୋଇ ପାରନ୍ତିନି ପକ୍ଷୀ ଦୁହେଁ ଆମେ"। ପଞ୍ଜୁରୀ ମୁକ୍ତ ଖୋଲା ଆକାଶ, ଘୁରୀ ବୁଲୁଥିବା ପୃଥିବୀ ପୃଷ୍ଠ, ପ୍ରେମରେ ଭିଜିବା ପ୍ରେମ ଇତିହାସ ରଚିବା...

ମୁଁ ମୋ କବିତା ତାକୁ ଶୁଣାଇଲି । ସେ ଖୁସି ହେଲା ତାର ପରିଚୟ ଦେଲା ନା ତାର ଦୀପା। ମୁଁ ମୋର ପରିଚୟ ରଖିଲି ସନ୍ତୋଷ । ସବୁଦିନ ଆମ ଦୁଇ ଜଣଙ୍କର ଲାଇବ୍ରେରୀକୁ ଯିବା ସମୟ ସମାନ ହୋଇଗଲା। ସଂପର୍କ ନିବିଡ ହେଲା । ସଂପର୍କ ମାନେ ବାନ୍ଧବୀ । ବୁଲାବୁଲି ଠାରୁ ଖାଇବା ପିଇବା ଆମ ଦୁହିଁଙ୍କର ସମୟ ସମାନ ଥିଲା। ଏହି ସମୟରେ ପ୍ରଥମ

ISSN NO.
2582-208X

ଲାଇବ୍ରେରୀ ବାଲି ଦେଖା ହେଲା । ହସି ଦେଇ ନମ୍ବର ମାଗି ନେଲା। ଭଲ ପାଉଛି କହି ଘରକୁ ଡାକଲା । ଘରେ ସ୍ୱାଗତ କଲା ଅଧର ସ୍ପର୍ଶ କରି । ବାପା ମା ଭାଇ ଭଉଣୀ ସମସ୍ତଙ୍କ ପାଖରେ ମୋ ପରିଚୟ ରଖିଲା। ମୋର ବିଶ୍ୱାସ ବଢିଗଲା। ପ୍ରେମର ଦୁନଆରେ ହଜିଗଲି ପୃଥିବୀ ସାରା ପ୍ରେମକୁ ଆଣି ତାର ପାଦ ତଳେ ଫୁଲ ପରି ବିଛାଇଲି।

ମୋ ବାନ୍ଧବୀ କୁ ସବୁ ଲୁଗ୍ଭଇଥାଏ । କନ୍ତୁ ଦୀପା ମୋର ପାଦ ତଳେ ସାରା ପୃଥିବୀର ଖୁସି ଆଣି ବିଛାଇଥିଲା। ମୋର ବୁଝିବାର ଭୁଲ ଥିଲା। ଦୁଇ ଜଣକୁ ସମୟ ଦେଉଥିଲା ବେଶି ପ୍ରେମିକାକୁ । ପ୍ରେମିକାର ନାମ ଜାଣିବନକ, ତମେ ନପଗ୍ଭର ମୁଁ କହୁଛି, ନା ତାର "ଶାଗରର ଢେଉ" । ତାର ନାମରୁ କଛି ବୁଝି ପାରୁଛ। ସେ ଚର ସ୍ଥାଇ ନୁହେଁ, ସେ ସମସ୍ତଙ୍କ ଜୀବନରେ ଆସେ । ଯେଉମାନେ ସମୁଦ୍ର କୂଳରେ ବାଲି ଘର ତୋଳଥାନ୍ତ, ସେ ତାର ଡେଉ ରେ ବାଲି ଘର ଭାଙ୍ଗିବାକୁ ଆସେ । ସେଥିରୁ ସେ ଖୁସି ପାଏ । ମୋର ବାଲି ଘରଟିକୁ ଭାଙ୍ଗି ଦେଇ ସାରିଛି । ମୁଁ ତାକୁ ଅପେକ୍ଷା କରିନ ବରଂ ଭୁଲି ସାରିଛି। ଅପେକ୍ଷା କରିଛି ମୋର ବାନ୍ଧବୀ ଦୀପାକୁ । ଦୀପା ମୋର ଅଭିମାନୀ ପ୍ରିୟ ବାନ୍ଧବୀ । ମୁଁ ସବୁ ଲୁଗ୍ଭଇବାରୁ ସେ ଅଭିମାନ କରିଛି କନ୍ତୁ ତାର ଅଭିମାନରେ ବି ଲୁଚରହିଛି ମୋ ପତି ଭଲ ପାଇବା । ସେ ଫେରିବ ଆଉଚନ୍ଦ ଆଙ୍କିବ, ମୁଁ କବିତା ଲେଖିବି । କବିତାର ଶୀର୍ଷକ ରଖିବି "ପ୍ରିୟ ବାନ୍ଧବି"।

ବିଣାପୁର, କଣ୍ଟିଗଡିଆ, ଜିଲ୍ଲା-ଯାଜପୁର
Phone number- 6372353941
Gmail- anantap1997@gmail.com

ISSN NO.
2582-208X

# ଚାହିଁ ଚାହିଁ ତୋର ପ୍ରେମ ବାଟକୁ



ଯଶୋବନ୍ତ ନାୟକ

ଚାହିଁ ଚାହିଁ ତୋର ପ୍ରେମ ବାଟକୁ
ହେଲାଣି ମୋ ତନୁ କ୍ଷୀଣ,
କେବେ ତୁ ବୁଝିବୁ ମୋ ପ୍ରେମ ଭାଷାକୁ
ଭାଳୁ ଅଛି ପ୍ରତି କ୍ଷଣ .....!!!!

ତୋ ପ୍ରେମରେ ଟିକେ ଆଭାସ ଆସୁନି
ତୁ ଲାଜେଇ ରାଜ ରାଣୀ,
ମୋ ପ୍ରେମରେ ଲାଗେ ପୀରତି ର ରଙ୍ଗ
ସରମେ ଭିଜି ଗଲିଣି .....!!!!

ହସ ହସ ରେ ତୋ ପ୍ରେମ ଉଙ୍କି ମାରେ
ଚାହିଁ ଦେଲେ ମୁଁ ମରେ,
ନୀରିମାଖି ତୋର ନିରୀହ ମୁହଁରେ
ମନ କଥା କହ ଥରେ .....!!!!!

ISSN NO.
2582-208X

ଶୁଣିଯା ଲୋ ପ୍ରିୟା ମନ କଥା ମୋର
ପ୍ରେମରେ ତୋର ଯାଇଛି ହଜି,
ହୃଦୟ ଦେଇ ଭଲ ପାଉଅଛି ତୋତେ
ତୋ ପ୍ରେମରେ ମୁଁ ପାଗଳ ଆଜି....!!!!

ମୁଁ ଦିଓ୍ୱାନା ସାଜିଛି ପ୍ରେମରେ ତୋର
ଆଓ୍ୱାରା ପ୍ରେମିକ ଟିଏ ହୋଇ,
ପ୍ରଥମ ଦେଖାରେ ତୁମକୁ କରିଛି ନିଜର
ଏତେ ଭଲପାଏ ପାରୁନି କହି.....!!!!!

ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ. ନମ୍ବର –7735423033

ISSN NO.
2582-208X

# ଏଇତ ଜୀବନ ମୋର



ରାଧାରାଣୀ ରାଉଳ

ପାହାନ୍ତ ରାତିର କାକର ବିନ୍ଦୁ ମୁଁ

ନିମିଷକେ ହଜିଯିବି

ନିଶାର୍ଦ୍ଧ ରାତ୍ରିର ଗଙ୍ଗଶିଉଳି ମୁଁ

ହେଲେ ସକାଳକୁ ଝରିଯିବି

ମଶାଣି ଭୂଇଁର ଶିମିଳି ଫୁଲ ମୁଁ

ନାହିଁ ବାସଗନ୍ଧ ମୋର

ପୋଖରୀ କୂଳର ତୁଠ ପଥର ମୁଁ

ଖାଏ ସଭିଙ୍କ ପାଦ ପାହାର

ମରୀଚକା ପଥେ ତୃଷ୍ଣା ମଣିଷ ମୁଁ

ପାଣି ଖୋଜେ ଅହରହ

ଭଙ୍ଗା ହୃଦୟର ଦୁଃଖୀ ମଣିଷ ମୁଁ

ସୁଖ ପାଇବି କେମିତି କହ ॥

କଟିକଟା, ଯାଜପୁର

ISSN NO.
2582-208X

# ବିଦେଶ ଖବର

## ସାଉଦୀ ଆରବରେ ଓଡିଆ ଅନୁଷ୍ଠାନ "ରେ୍ସା" ର ୧୪ ତମ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ

ସୁଦୁର ସାଉଦୀ ଆରବର ରାଜଧାନୀ ରିୟାଦ ରେ ଅବସ୍ଥିତ ଓଡିଆ ସଂଗଠନ ରେସା (ରିୟାଦ ଓଡିଶା ସାଂସ୍କୃତିକ ତଥା ସାମାଜିକ ସଂଗଠନ) ର ୧୪ ତମ ବାର୍ଷିକ ଉତ୍ସବ ଅକ୍ଟୋବର ୧୪ ତାରିଖ ୨୦୨୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ର ବାହାରେ ଓଡିଆ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ରେସା ଅନୁଷ୍ଠାନ ବିଗତ କଛି ବର୍ଷ ଧରି ତାର ସଫଳ ପ୍ରୟାସ ଜାରି ରଖିଛି ।

ଚଳତ ବର୍ଷ ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ତଥା ବିହାର ଭଳି ଅନ୍ୟ ରାଜ୍ୟରୁ ସାଉଦି ଆରବରେ ଅବସ୍ଥିତ ପ୍ରବାସୀ ଭାରତୀୟ ସମ୍ପ୍ରଦାୟର ପ୍ରତିନଧୀ ତଥା ଜୁବେଲ ସହରରେ ଗଠିତ ଓଡିଆ ସଂଗଠନ ଉତ୍କଳିକା ଓ ଦମାମ ସହରରେ ଗଠିତ ଓଡିଆ ସଂଗଠନ କଳଙ୍ଗନର ସଦସ୍ୟ ତଥା ବିଭିନ୍ନ ପ୍ରଦେଶର ପ୍ରବାସୀ ଭାରତୀୟଙ୍କ ଉପସ୍ଥିତି ବିଶେଷ ପ୍ରେରଣା ଦାୟକ ହୋଇଥିଲା ।

ଏହି ଅବସରେରେ ବିଶିଷ୍ଟ ସମାଜସେବୀ ତଥା ଶିଳ୍ପପତି – ଉତ୍କଳଜ୍ୟୋତି ଡକ୍ଟର ଦେବ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରେସା ର ଏତାଦୃଶ ଲୋକାଭିମୁଖୀ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇବା ସହ, ଉତ୍ସବର ସଫଳତା ପାଇଁ ଶୁଭକାମନା କରିଥିଲେ । ବିଦେଶ ମାଟିରେ ଓଡିଆ ସଂସ୍କୃତି ଓ ସଦଭାବନାର ପ୍ରସାର ପାଇଁ ରେଜା ର କାର୍ଯ୍ୟକୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ ।

ରେସା ର ପରାମର୍ଶଦାତା ଶ୍ରୀ ମହମ୍ମଦ୍ ଫଜଲ୍ ହକ୍ ଉତ୍କଳୀୟ ସଂସ୍କୃତି ତଥା ଚଳତବର୍ଷ ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଓଡିଆ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଦେଶପ୍ରତି

ISSN NO.
2582-208X

ବଳଦାନର ଆଲୋକପାତ କରିଥିଲେ। ରେଜାର ସଚବ ଶ୍ରୀ ହାଡୁବନ୍ଧୁ ସାହୁ, ସମୟାନୁକ୍ରମେ ଅନୁଷ୍ଠାନ ର ବିକାଶ ବିଷୟରେ ସୂଚନା ଦେଇଥିଲେ।

୫୦୦ ରୁ ଉର୍ଦ୍ଧ ଦର୍ଶକଙ୍କ ଉପସ୍ଥିତିରେ ରେସା ର ୧୪ ତମ ବାର୍ଷିକ ସ୍ମରଣିକା ମୁଖ୍ୟ ଅତିଥି ଡକ୍ଟର ଦେବ ମହାନ୍ତ ଉନ୍ମୋଚନ କରିଥିଲେ। ସାଂସ୍କୃତିକ ସଚବ ଶ୍ରୀ ସିମାଞ୍ଚଳ ସାହୁ, ଉପସଭପତି ଶ୍ରୀ ଆଜିମ ଖାଁନ ଙ୍କ ତତ୍ୱାବଧାନରେ ତଥା ନୃତ୍ୟ ନର୍ଦ୍ଦେଶିକା ଶ୍ରୀମତି ଚଂନ୍ଦନା ପଟ୍ଟନାଏକ, ଶ୍ରୀମତୀ ଦୀପିକା ପାଣିଗ୍ରାହୀ, ଶ୍ରୀମତୀ ମେହବିଶ ଜିଲାନ, ଶ୍ରୀମତୀ ଶ୍ରଦ୍ଧାଞ୍ଜଳ ନାୟକ  ଓ ଶ୍ରୀମତୀ ଦୀପିକା ପାତ୍ରଙ୍କ ପ୍ରଶିକ୍ଷଣରେ କାର୍ଯ୍ୟକ୍ରମଟି ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା।

ଉତ୍ସବରେ ସ୍ୱାଗତ ଭାଷଣ, ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ତଥା ଲକ ଡ୍ର ସାଙ୍ଗକୁ ରେସା ପରିବାର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ଦୁମଧାମ୍ ରେ ପାଳତ ହୋଇଥିଲା। ସଂଗୀତ, ନୃତ୍ୟ ଭଳ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉତ୍କଳୀୟ ମହିଳା, ଯୁବା ତଥା ବାଳକ ଓ ବାଳକାଙ୍କ ଦ୍ୱାରା ପରିବେଶିତ ସମ୍ବଲପୁରୀ, ଓଡିଶୀ ପରି ପାରମ୍ପରିକ ଓ ଶାସ୍ତ୍ରୀୟ ନୃତ୍ୟ ଉପସ୍ଥିତ ସମସ୍ତ ପ୍ରବାସୀ ଓଡିଆ ତଥା ପ୍ରବାସୀ ଭାରତୀୟ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିଥିଲା।



ISSN NO.
2582-208X





ISSN NO.
2582-208X



(This report is received from Shri Debashis Raut, Riyadh)

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ବିଭିନ୍ନ ରୋଗର ମହୋଷଧି ପ୍ରସାରଣୀ, ବେଲ ଓ ତୁଳସୀ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସାରା ବିଶ୍ୱରେ ନିଜ ନିଜର ପରମ୍ପରିକ ଚିକିତ୍ସା ବିଜ୍ଞାନ ରହିଥିବା ବେଳେ ଆମ ଭାରତ ବର୍ଷରେ ଆୟୁ ର୍ବେଦୀ ଚିକିତ୍ସା ବିଜ୍ଞାନ ବହୁ ପୁରାତନ ଏବଂ ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟ ରକ୍ଷା ବିଜ୍ଞାନ ଭାବେ ପ୍ରାଧାନ୍ୟ ଦିଆଯାଉଅଛି । ଯୁଗ ଯେତେ ଆଧୁନିକ ହେଲେ ସୁଦ୍ଧା ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ରେ ବର୍ଣ୍ଣିତ ବିଭିନ୍ନ ଆୟୁର୍ବେଦ ଔଷଧୀୟ ବୃକ୍ଷ ର ପତ୍ର, ଫୁଲ, କାଣ୍ଡ, ଓ ଚେରମୂଳ କୁ ଔଷଧ ରୂପେ ବିନିଯୋଗ କରିବା ଆମ ଭାରତୀୟ ପରମ୍ପରା ମୌଳିକ ଚିକିତ୍ସା ପଦ୍ଧତି ର ଉପଯୋଗ ରହି ଆସିଛି ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ ।

ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ, ବିଭିନ୍ନ ରୋଗ ନିରୂପଣ ନିମନ୍ତେ ବାତ, ପିତ, କଫ, ତ୍ରିଦୋଷଜ  କୁ ଆଧାର କରି ଏବଂ ରୋଗୀର ନାଡିର ଗତି ବିଧିକୁ ଅନୁଧ୍ୟାନ କରି  ରୋଗର ନିଦାନ କରି ଚିକିତ୍ସା କରାଯାଇଥାଏ । ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ବିଭିନ୍ନ ରୋଗର ଉପସମ ଓ ପ୍ରତିରୋଧ ନିମନ୍ତେ ବିଭିନ୍ନ ଔଷଧୀୟ ବୃକ୍ଷଲତା ମଧ୍ୟରୁ ଗନ୍ଧପ୍ରସାରଣୀ, ବେଲ ଓ ତୁଳସୀ ଗଛର ମହତ୍ୱପୂର୍ଣ୍ଣ ଉପକାରିତା ରହିଛି ।

***ଗନ୍ଧପ୍ରସାରଣୀ*** :- ଏହି ଲତା ଭାରତର ସମସ୍ତ ଜାଗାରେ ଦେଖାଯାଇଥାଏ । ସ୍ୱାସ୍ଥ୍ୟ ନିମନ୍ତେ ଏହାର ମୁଖ୍ୟତଃ ପତ୍ର ବ୍ୟବହାର କରାଯାଉଥିବା ବେଳେ କାଣ୍ଡ ଓ ଚେର କୁ ମଧ୍ୟ ଔଷଧ ରୂପେ ବ୍ୟବହାର କରାଯାଇଥାଏ । ଗନ୍ଧପ୍ରସାରଣୀ ରେ ବିଭିନ୍ନ ରାସାୟନିକ ପଦାର୍ଥ ସହ ଭିଟାମିନ-C ରହିଥିବାରୁ ସ୍ୱାସ୍ଥ୍ୟ ପାଇଁ ବହୁ ରୋଗର ଉପସମ ହୋଇପାରିଥାଏ । ଶରୀର ବେଦନା ନାଶକ, ଏଣ୍ଟି ଅକ୍ସିଡେଣ୍ଟ, ରୁମାଟିଜମ, ପାରଲିସିସ (paralysis), ବିଭିନ୍ନ

ISSN NO.
2582-208X

ପ୍ରକାର ବଥ, ବାତ, ଅତିରିକ୍ତ ତରଳ ଝାଡା, ଆମଶୟ ଝାଡା, ବନ୍ଧ୍ୟାତ୍ୱ ଦୂରୀକରଣ, ଅନ୍ତ୍ରଶୂଳ ବେଦନାକୁ ଉପଶମ କରିବା, ପେଟରେ ବାୟୁ ବୃଦ୍ଧି ଆଦି ରୋଗରେ ଅମୃତ ତୁଲ୍ୟ କାମ କରିଥାଏ । ଏହାର ପତ୍ର, କଛି ପରିମାଣର ଅଦା, ରସୁଣ ଓ ଗୋଲମରିଚ କୁ ଶିଳରେ ବାଟି ତାକୁ ସିଝାଇ ଉଷୁମ ଥିବା ଅବସ୍ଥାରେ ସେବନ କଲେ ବିଭିନ୍ନ ଥଣ୍ଡା ଜନିତ ରୋଗ ଶୀଘ୍ର ଉପଶମ ହୋଇଥାଏ ।

*ବେଲପତ୍ର*:- ଆୟୁର୍ବେଦ ଚକିତ୍ସା ବିଜ୍ଞାନରେ ବେଲ ବୃକ୍ଷ ର ଫଳ, ପତ୍ର ଓ ଚେର ବିଭିନ୍ନ ଔଷଧ ରୂପେ ବ୍ୟବହାର ହେଉଥିବା ବେଳେ କାଣ୍ଡ ଓ ପତ୍ରକୁ ବିଭିନ୍ନ ଦେବ କାର୍ଯ୍ୟରେ ଉପଯୋଗ କରାଯାଇଥାଏ । ବେଲ ସାଧାରଣତଃ ଆସ୍ତମା, ଡ଼ାଇରିଆ ଓ ରକ୍ତ ରେ ଶର୍କରା ପରିମାଣ ହ୍ରାସ କରିଥାଏ (Reduce blood sugar) । ବେଲ ପତ୍ର ଭଗବାନ ଶିବଙ୍କୁ ସମର୍ପଣ କରାଯାଇଥାଏ, ଯଦ୍ୱାରା ମାନସିକ ସ୍ତରରେ ଆଧାତ୍ମିକ ଭାବନା ଜାଗ୍ରତ ହୋଇ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ବିଭିନ୍ନ ଦୁରାରୋଗ୍ୟ ଦୁରହେବାର ଶାସ୍ତ୍ର ରେ ଉଲ୍ଲେଖ ରହିଛି । ବେଲ ପତ୍ର ରେ ଆଧୁନକ ସ୍ୱାସ୍ଥ୍ୟ ବିଜ୍ଞାନ ମତରେ ଭିଟାମିନ -A, B1, B2, C ସମେତ କ୍ୟାଲସିୟମ, ପୋଟାସିୟମ, ଆଇରନ ଆଦି ଖଣିଜ ପଦାର୍ଥ ଭରପୁର ରହିଛି, ଯାହାକି ସ୍ୱାସ୍ଥ୍ୟ ପାଇଁ ହିତକାରକ ଅଟେ । ବେଲ ପତ୍ର ଖାଇବା ଦ୍ୱାରା ରାଜଯକ୍ଷ୍ମା, ଯକୃତ ଜନିତ ରୋଗ, ଅନ୍ତ୍ରା ଶୟର ସଂକ୍ରମଣ, ଉତ୍ତମ ହଜମ କ୍ରିୟା ଆଦି ରୋଗ ରେ ସୁଫଳ ମିଳଥାଏ । ବେଲ ଫଳ କୁ ଖାଇବା ଦ୍ୱାରା ଶରୀରରେ ଏଣ୍ଟି ବ୍ୟାକଟେରିଆଲ, ଏଣ୍ଟି ଫୋଙ୍ଗାଲ, ଆମଶୟ ଜନିତ ବିଭିନ୍ନ ରୋଗକୁ ଦୂର କରିଥାଏ । ବେଲରେ ଟେନିନ (TANNINS) ନାମକ ଏକ ପଦାର୍ଥ ରହିଛି ଯାହାକି ଶରୀରରେ ଡ଼ାଇରିଆ, ହୋଇଜା ଆଦି ସଂକ୍ରମଣକୁ ପ୍ରତିରୋଧ କରିଥାଏ । ବେଲ ପତ୍ର ଓ ଫଳ ଶରୀର ପାଇଁ ଥଣ୍ଡା ଜନିତ ଓ ପେଟ ଜନିତ ରୋଗ ରୁ ଆଶୁ ଉପକାର ଦେଇବା ସହ ଶରୀରର ପାଚନ ଗ୍ରନ୍ଥ ରେ ଶର୍କରା ର ମାତ୍ରା କୁ ସନ୍ତୁଳତ କରିବାରେ ସହାୟକ ହୋଇଥାନ୍ତି । ବେଲ ପତ୍ରରୁ ପ୍ରସ୍ତୁତି ତୈଳ ଦ୍ୱାରା ବିଭିନ୍ନ ଚର୍ମ ରୋଗ ସମୂଳେ ଉପଶମ ହୋଇଥାଏ । ବେଲ ଫଳ ରସ ସେବନ ଦ୍ୱାରା ରକ୍ତ ପରିଷ୍କାର ରେ ସହାୟକ ହୋଇ ବିଭିନ୍ନ ଜୈବ ପଦାର୍ଥ ରୁ ନିଃସୃତ ବିଷ କ୍ରିୟା ଜନିତ ଚର୍ମ ରୋଗ ଦୂର ହୋଇଥାଏ । ବେଲ ଫଳ ରସ ସହ କଛି ପରିମାଣର ଅଦା ଏବଂ ଗୁଡ଼ ମିଶାଇ ସେବନ କରିବା ଦ୍ୱାରା, ଶିଶୁ ମାନେ ସେବନ ନମନ୍ତେ ମାତୃତ୍ୱ କ୍ଷୀର ବୃଦ୍ଧି ପାଇ, ମାତୃତ୍ୱ କ୍ଷୀର ଅଭାବ ଜନିତ ସମସ୍ୟା ଦୂର ହୋଇଥାଏ ।

ISSN NO.
2582-208X

*_ତୁଳସୀ_*: – ଭାରତରେ ବିଭିନ୍ନ ପ୍ରକାର ଭେଦରେ ତୁଳସୀ ବୃକ୍ଷ ଦେଖା ଦେଇଥାଏ, ଯାହାକି କୃଷ୍ଣ ତୁଳସୀ, ରାମ ତୁଳସୀ, ବଣ ତୁଳସୀ, କର୍ପୁର ତୁଳସୀ, ମରୁଆ ତୁଳସୀ ଆଦି ଦେଖାଯାଇଥାଏ । ଏହା ସ୍ୱାସ୍ଥ୍ୟ ନିମନ୍ତେ ଔଷଧ ରୂପେ ବ୍ୟବହାର ହେଉଥିବା ବେଳେ ଦେବ କାର୍ଯ୍ୟ ତଥା ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟରେ ବ୍ୟବହାର ହୋଇଥାଏ । ଭଗବାନ ବିଷ୍ଣୁ, ଶିବ ଙ୍କୁ ତୁଳସୀ ପତ୍ର, ତୁଳସୀ ଜଟା ଆଦି ସମର୍ପଣ କରିବା ଦ୍ୱାରା ମାନସିକ ସ୍ତରରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୋଇ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ବିଭିନ୍ନ ଦୁଃସାଧ୍ୟ ରୋଗରୁ ଉପଶମ ହେବାର ଶାସ୍ତ୍ର ରେ ବର୍ଣ୍ଣିତ ହୋଇଛି ।

ତୁଳସୀ ପତ୍ର ସେବନ ଦ୍ୱାରା ଶରୀରର ବୃଦ୍ଧିକାରୀ ଓ ଶକ୍ତି ଦାୟକ ସମସ୍ତ ରସାୟନିକ ପ୍ରକ୍ରିୟା କୁ ସନ୍ତୁଳିତ କରିବା, ରକ୍ତରେ ଶର୍କରା ପରିମାଣ କୁ ସ୍ୱାଭାବିକ ରଖିବା, ରକ୍ତ ଚାପ, ଶାରୀରିକ ଅବସାଦ ହ୍ରାସ କରିବା, ସ୍ମରଣ ଶକ୍ତି ଏବଂ ବୌଦ୍ଧିକ ଶକ୍ତିର କୁ କ୍ରିୟାଶୀଳ କରିବା, ଉତ୍କଣ୍ଠା ଓ ଅବସାଦ କୁ ପ୍ରସମିତ କରାଇଥାଏ । ପ୍ରତିଦିନ ତୁଳସୀ ମିଶ୍ରିତ ଜଳ ସେବନ ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ଜୀବାଣୁ, ଭୁତାଣୁ, ବୀଜାଣୁ ଜନିତ ରୋଗ ଉପଶମ ହେବା ସହ ଶରୀରରେ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ତୁଳସୀ ପତ୍ରରସ, କିଛି ମାତ୍ରାରେ ଅଦାରସ, ଗୋଲମରିଚ ଗୁଣ୍ଡ, ମହୁ କୁ ମିଶ୍ରଣ କରି ଲେହ ସଦୃଶ୍ୟ ସେବନ କରିବା ଦ୍ୱାରା ଦୀର୍ଘ ଦିନର ଥଣ୍ଡା ଜନିତ ରୋଗ ଉପସମ ହୋଇଥାଏ ।

ମାତ୍ରାଧିକ ତୁଳସୀ ପତ୍ର ସେବନ କରିବା ଦ୍ୱାରା ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେବାର ସମ୍ଭାବନା ରହିଥାଏ, ଯଦ୍ୱାରା ବାନ୍ତି ହେବା, ଝାଡା ହେବା, ଛାତି ଜଳା ପୋଡା ହେବା ସହ ଯକୃତ ରେ ମଧ୍ୟ ଖରାପ ପ୍ରଭାବ ପଡ଼ିବାର ସମ୍ଭାବନା ରହିଥାଏ, ତେଣୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାଇ ଔଷଧ ରୂପେ ତୁଳସୀ କୁ ଉପଯୁକ୍ତ ଭାବରେ ବ୍ୟବହାର କରିବା ଉଚିତ ।

ଆୟୁର୍ବେଦ ଶାସ୍ତ୍ର ରେ ତୁଳସୀ ବୃକ୍ଷକୁ ସ୍ୱାସ୍ଥ୍ୟ ନିମନ୍ତେ ପ୍ରାଧାନ୍ୟତା ଦିଆଯାଇଥିବା ବେଳେ ଏହାକୁ ବାସ ଗୃହରେ ସ୍ଥାପନ କରିବା ଦ୍ୱାରା ପ୍ରଚୁର ପରିମାଣ ରେ ଅମ୍ଳଜାନ ପ୍ରଦାନ କରିବା ସହ ଉକ୍ତ ବୃକ୍ଷ ରୁ ନିର୍ଗତ ସୁଗନ୍ଧ ବାସ୍ନା ଶରୀର ପାଇଁ ବହୁ ଉପକାର କରିବା ସହ ମାନସିକ ସ୍ଥିତି କୁ ସକାରାତ୍ମକ ଭାବେ ସୁଦୃଢ ରଖାଇବାରେ ସହାୟକ ହୋଇଥାଏ ।

ISSN NO.
2582-208X

ମନୁଷ୍ୟ ଧରାପୃଷ୍ଠରେ ନିରୋଗ, ଦୀର୍ଘାୟୁ ଦିନ ବଞ୍ଚି ରହିବା ନିମନ୍ତେ ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ସ୍ୱାସ୍ଥ୍ୟ ଉପକାର ନିମନ୍ତେ ଯେଉଁ ସବୁ ବୃକ୍ଷ ଲତା ଆଦିର ଉପକାରିତା ବିଷୟରେ ବର୍ଣ୍ଣନା କରାଯାଇଛି । ସ୍ୱାସ୍ଥ୍ୟ ନିମନ୍ତେ ଉପଯୋଗ କରିବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶ ନେଇ ରୋଗ ଉପଶମ ନିମନ୍ତେ ବ୍ୟବହାର କରିବା ଦ୍ୱାରା ମନୁଷ୍ୟ ଅମୃତ ତୁଲ୍ୟ ଫଳ ପ୍ରାପ୍ତି ହେବା ସହ ବିଭିନ୍ନ ବୃକ୍ଷ ଲତା ଆଦିର ରହିଥିବା ପାର୍ଶ୍ୱପ୍ରତିକ୍ରିୟା ରୁ ମଧ୍ୟ ରକ୍ଷା ପାଇପାରିବ ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ଆଳୁ ଚଣା ଚାଟ୍



ଜୟନ୍ତୀ ଦେବୀ

**ସାମଗ୍ରୀ:**

ଏକ ଗ୍ଲାସ୍ ଚଣା, ଅଧା ଗ୍ଲାସ ମୁଗ
ଅଧା ଗ୍ଲାସ୍ ସିଝା ବୁଟ
୨ ଚାମଚ୍ ଚାଟ୍ ମସଲା,
୨ ଚାମଚ ଜିରା ପାଉଡର
୧ ଚାମଚ ନାଲି ଲଙ୍କା ଗୁଣ୍ଡା
ଆବଶ୍ୟକ ଅନୁଯାୟୀ ଲୁଣ
୩/୪ଟି ଆଳୁ, ୧/୨ କପ୍ ତେନ୍ତୁଳି ଚଟଣୀ
ଏକ କପ୍ ଦହି

**ପ୍ରସ୍ତୁତି ପ୍ରଣାଳୀ:**

ସିଝା ଚଣା, ମୁଗ, ବୁଟ ସହିତ ସମସ୍ତ ମସଲା, ଲଙ୍କା, ଲୁଣକୁ ମିଶାଇ ନିଅନ୍ତୁ । ଆଳୁକୁ ଛୋଟ ଛୋଟ ଖଣ୍ଡରେ କାଟି ଲାଲ୍ ହେବା ଯାଏ ଭାଜି ନିଅନ୍ତୁ । ଏକ ପାତ୍ରରେ ଏହି ଆଳୁକୁ ସଜାଇ ଉପରେ ଚଣା, ବଟର ମିଶ୍ରଣ ଦିଅନ୍ତୁ । ତା ଉପରେ ତେନ୍ତୁଳି ଚଟଣୀ ଏବଂ ଦହି ଦେଇ ପରଷନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ମୁଗଡାଲି ପକୁଡି



ଅଧ୍ୟାପିକା ରେ୍ଜାଲିନ୍ ବାରିକ୍

**ସାମଗ୍ରୀ:**

ଧନଆ ପତ୍ର - ଅଧବିଡା

ଭୃସଙ୍ଗ ପତ୍ର - ଅଧବିଡା

ଅଦା- ଛୋଟା ଖଣ୍ଡେ

କଞ୍ଚାଲଙ୍କା-୩ଟି, ମୁଗଡାଲି - ୧ କପ୍

ଛୋଟ ପିଆଜ - ଗୋଟିଏ

କଟା ପିଆଜ ଶଣ୍ଢା - ଅଧ କପ୍

ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ତେଲ

**ପ୍ରସ୍ତୁତି ପ୍ରଣାଳୀ:**

ମୁଗ ଡାଲିକୁ ଘଣ୍ଟାଏ ବତୁରାଇ ରଖନ୍ତୁ । ଘଣ୍ଟାଏ ପରେ ପାଣିରୁ ଛାଣି ଗ୍ରାଇଣ୍ଡିଂ କରିଦିଅନ୍ତୁ । ସମ୍ପୂର୍ଣ୍ଣ ଭାବେ ମସୃଣ କରନ୍ତୁ ନାହିଁ । ମୁଗଡାଳ ବଟାରେ ପିଆଜ କଞ୍ଚା ଲଙ୍କା, ପିଆଜ ଶଣ୍ଢା, ଧନଆ ପତ୍ର, ଭୃସଙ୍ଗ ପତ୍ର, ଅଦା ଆଦିକୁ ଚୁନା ଚୁନା କରି କାଟି ମିଶାନ୍ତୁ । ଲୁଣ ପକାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ । କଡେଇରେ ତେଲ ଗରମ କରି ଏହି ମିଶ୍ରଣକୁ ଛୋଟ ଛୋଟ ଗୁଳା କରି ଛାଣନ୍ତୁ । ବାଦାମି ରଙ୍ଗ ହୋଇ ଆସିଲେ ତେଲରୁ ବାହାର କରି ସହିତ ପରିବେଷଣ କରନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଛେନା ମୁଡୁକି



ଅଳକା ବାରିକ୍

## ଆବଶ୍ୟକ ଉପକରଣ:

ଏକ କେଜି ଖାଣ୍ଟି ଛେନା
୨ କେଜି ଚକ
ଆବଶ୍ୟକ ଅନୁସାରେ ଅଳେଇଚ ଓ ଗୁଜୁରାତି ଗୁଣ୍ଡ

## ପ୍ରସ୍ତୁତି ପ୍ରଣାଳୀ:

ଖାଣ୍ଟି ଛେନାକୁ କପଡାରେ ଗୁପି ଏଥିରୁ ପାଣିକୁ ସମ୍ପୂର୍ଣ୍ଣ ଭାବେ ନିଗାଡି ଦେବା ପରେ ଏହାକୁ ଖଣ୍ଡ ଖଣ୍ଡ କରି କଟାଯାଇଥାଏ । ଏଥିରେ ସାମାନ୍ୟ ଅଳେଇଚ ଓ ରୁଚ ଅନୁସାରେ ଗୁଜୁରାତି ଗୁଣ୍ଡ ମିଶାଇ ପାରିବେ । ଦୁଇ କଲୋ ଚକକୁ ବଡ କଡେଇରେ ସିରା ପ୍ରସ୍ତୁତି କରିବେ । ଚକ ସିରା ଗରମ ହେବା ପରେ ଏଥିରେ ଖଣ୍ଡ ଖଣ୍ଡ କରି କଟା ଯାଇଥିବା ଛେନାକୁ ଘଣ୍ଟାକୁ ଊର୍ଦ୍ଧ୍ୱ ସମୟ ରଖି ଫୁଟାଯାଇଥାଏ । ଏହା ପରେ ଚୁଲିରୁ କଡେଇକୁ ଓହ୍ଲାଇ ଛେନା ମୁଡୁକ ଥଣ୍ଡା କରି ଖାଇବାକୁ ଦିଆଯାଏ ।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X


# କଥାନି -
# ମମତା



ସତ୍ୟନାରାୟଣ ମିଶ୍ର

"ହରେ ଏ ସପୁର ! ତୋର୍ ପୁଓ ର୍ ଦେହେ ଇହାଦେ କେନ୍ତା ଅଛେ, ଜର ଛାଡ଼ଲା ନକିନି? ମାଲିକେନ୍ ସୁମୀ ତାଙ୍କର ନରିହେଁନ୍ କେଇ କଥା ପଚାରଲା ଉତୁରୁ ସପୁର କହେଲା "ନାଇଁ ଗୋ ନାନୀ  ଜର ତ ବିଲକୁଲ୍ ନାଇଁ ଛାଡୁଛେ । ହେତେ ହେତେ ଉସ ସୁଜା ଦିଆହେଲା ଯେ ସବୁ ଯାକ ପାଏନ୍ ଫାଟି ଗଲା । କାଁ ବେମାରି ଧରିଦେଲା ମୋର୍ ଗୁଟେ ବୋଲି ଧନ କେ"!  କହି କହି ରସୋ ରସୋ କାନ୍ଦି ଦେଲାସପୁର , ସୁମୀ କହେଲା "ହଏରେ ! ହେ ତୋର ପୋ କେ ସହର ର୍ ବଡ଼ ଡାକ୍ତର ପାଖ କେ ନେତୁ କି ନି ?

"ହଁ ନେଇ ଥିଲି ଗୋ  ! ଡାକ୍ତର କହେଲା ପୋ କେ ପରେ କିଡ୍ନୀ ବେମାରି । ଟଙ୍କା କୁଡେ କି ବାଇଶ ହଜାର ନି ଖର୍ଚ୍ଚ କଲେ ବନେ ନାଇଁ ହଏ । ମୁଇ ଇଟା ପାଢ଼ୀ ବାବୁ କେ କହେଲି ହେଦିନେ । ଟଙ୍କା ଦେଇଥ କାମ୍ କରି କରି ସୁଝି ଦେମି ବଏଲି ଯେ ହଁ ଦେଖମା କହିଛନ୍ .... , ପାଢ଼ୀ ବାବୁ ଘର ଆଡୁ ଚାହା କପ୍ ଧରି କରି କହି କହି ଆସଲେ "ହଁ, ଦେଖମା ବୋଲି ତ କହିଥିଲି ଯେ, ତୁଇ ଆମର ଲାଗି ଗୁଟେ କାମ କର୍ । ମୁଇ ତତେ କୁଡେ ନୁହେ ପଚାଶ ହଜାର ଟଙ୍କା ଦେମି । ଉସତ୍ ସଂଗେ ଡର ର୍ ମାଢ଼େ ସପୁର କହେଲା "କେଁ କାମ ବାବୁ  ! ମୋର୍ ବଲେ ଯଦି ସେ କାମ ହେଇ ପର୍ବା ତ ମୁଇ କର୍ମି । କହ କାଁ କାମ ? ପାଢ଼ୀ ବାବୁ କହେଲେ, ତୁଇ ତ ଦେଖୁଛୁ, ବିହାର୍ ଛ ବଛର୍ ହେଲା ଆମ ର୍ ଘରେ ଛୁଆ ଟେ ନାଇଁ ନ । ତୋର ନାନୀ ର୍  ମନ ଦୁଃଖ୍ । ଗୁଡ଼ି ଗମୀରା ପୂଜା ହୋମ ସବୁ ହେଲା, ଡାକ୍ତର୍ ଗୁନିଆ ସବୁ କଥା ବେକାର୍ ହେଲା ।  ଲୁକେ ବଂଝା ଘର ବୋଲି ନାଁ ଦେଲେ ନ । ତୁଇ ଆମକୁ ରକ୍ଷା କର ସପୁର  ! ମୋର୍ ଅଂଶୁ ତୁଇ ଛୁଆ ଟେ ଜନମ୍ କରି ଆମକୁ ଦେ। ଚମକି କରି ସପୁର କହେଲା " ଇଟା କେନ୍ତା କଥା

କହୁଛ ବାବୁ.. ଏ ନାନୀ ! ଦେଖ, ଶୁନ । ଛିଃ, ମୁଇ ତମର ଘର୍କେ ଆରୁ ନି ଆସେ ନ ।

ISSN NO.
2582-208X

ହାତ କେ ଧରି ପକେଇ କରି ସୁମୀ କହେଲା "ଆରେ ତୁଇ ଜେନ୍ତା ଭାବୁଛୁ ହେଟା ନାଇଁ ସେ। ଏଭେ ବିଜ୍ଞାନ ଯୁଗେ ଡାକ୍ତର ମାନେ ଗୁଟେ ଲୋକର୍ ଶୁକ୍ରାଣୁ କେ ନେଇ କରି ଜନେ ମାଇକିନା ର୍ ଗର୍ଭେ ରଖି ଦେସନ୍ । ଛୁଆ କେ ନ କି ଦଶ ମାସ ହେଲେ ବାହାର କରି କରି ସେ ଲୋକ କେ ଦେଇଦେସନ୍ । ତାର ବଦଲା ସେ ଧାଇ ମା ବଏଲେ ସରଗେଟ ମା କେ ଗୁର୍ଦୁ ଟଙ୍କା ଦିଆଯାଏ ସି । ତୁଇ ଆମର ଲାଗି ହେନ୍ତା ସରୋ ଗେଟ୍ ମଦର ହ, ମନା ନାଇଁ କର୍ ।

ସପୁର ନାଇଁ ନାଇଁ ହଉ ଥିଲା, ହେଲେ ତାର୍ ପୋ ର୍ ଲାଗି ଟଙ୍କା ଦର୍କାର୍ ଭାବି କରି ରାଜି ହେଲା । ସରୋଗେଟ୍ ମଦର ହେଲା ସେ । ତାର ପୋର୍ ଚିକିତ୍ସା ବି ଚଲେଇ ଥେ । ନଅ ମାସ ଉତୁରୁ ପୁଓ ଟେ ଜନମ୍ କଲା ହସ୍ପିଟାଲ ନ ଆରୁ ସେ ହସ୍ପିଟାଲ ନେ ତାର୍ ପୋର୍ ଡାକ୍ତରି ଚିକିତ୍ସା ଚାଲିଛେ ।

ଛୁଆ କେ ଦେଖି କରି ଚମକି ପଡଲେ ପାଢ଼ୀ ବାବୁ, ଛୁଆ ତ ବିକଳାଙ୍ଗ ଟେ । ଗୁଟେ ହାତ ନାଇଁ ନ, ବଡା ଦୁଖଃ ହେଇଗଲା ମନ । ଆଶା ଟା ମଉଲି ଗଲା ଝୁର୍ମୁରା ଫୁଲ ଲେଖେନ୍ । ସପୁର କେ ରାଗି କରି କହେଲେ "ତୋର ଦେହେ ର୍ ଯତନ୍ ଭଲ କରି ନାଇଁ ନେଇ ଥିବୁ ବୋଲି ଛୁଆ ଇଂତା ହେଇଛେ । ଦର୍କାର ନାଇଁ ମତେ ଇ ଛୁଆ, ତୁଇ ଜନମ କରିଛୁ ତୁଇ ରଖି ଥା" । ବଡା ଦୁଃଖ ଲାଗିଗଲା ସପୁର କେ । ଦୁଖଃ ର୍ ଉପୁରେ ଆରୁ ଗୁଟେ ଦୁଖଃ ହେଲା ତାର୍ ପୋ ର୍ ମରନ୍ ବାର୍ତା ଡାକ୍ତର ନୁ ଶୁନି କରି । ଗୁଟେ ପୋ ଜନମ୍ ତ ଆରୁ ଗୁଟେ ପୋ ର୍ ମରନ୍ । କାନ୍ଦି କାନ୍ଦି ଅଥା ହେଇଗଲା । ଛାତି କେ ପଥର କରି ଜନମ୍ କରିଥିବା ର୍ ହାତ ଖଣିଆ ପୋ କେ ଟେକି ନେଲା ତାର କୋଲ୍ କେ । ମୁହେଁ ଚୁମା ଟେ ଦେଇ କରି ଗୁରସ୍ ପିଆଲା । ଗୁଟେ ଆଖି ନୁ ଉହୁଲି ଆସୁ ଥେ ପୋ କେ ଗୁଏଇଁ ଥିବା ଦୁଖଃ ର୍ ଲହ ତ ଆରୁ ଗୁଟେ ନୁ ମମତା ର୍ ।

ସିନ୍ଧେକେଲ୍ ବଲାଙ୍ଗୀର
9583605915

ISSN NO.
2582-208X

# ମଦ



ସୁଜ୍ଞାନ ବାଘ

ଦେଶି ପିଇଲେ ଇଜତ୍ ଯାଉଛେ
ବିଦେଶୀ ପିଇଲେ ନାଇଁ
ଏନ୍ତା ଭ୍ବ୍'ନା ନାଇଁ କର ତୁମେ
ସେ ସମାନ୍ ନଶା ଭ୍ଇ ।।

ଫରକ୍ ଖାଲି ଏତ୍'କ ଯେ ଆଜ୍ଞା
ତୁମେ କାଚ ଗ୍ଲାସ୍ ଧରି ପିଇସ
ପାଉଜ୍ ପିଆ ଲୁକ୍ ଦାନ୍ତେ ଫାଡି କରି
ଢକ୍ ଢକ୍ ପିଇ ଦେସ ।।

ଦୁହି ମଦୁଆକୁ ତୁଲ୍'ନା କଲେ
ସେ ସମାନ୍ ଭ୍ଷା କହେସ
ଲେଖ୍'ଲି ବୋଲି ର୍ଗ୍ ନାଇଁ ହେବ
ଛାଡ୍ ବାକେ କର ଅଭ୍ୟାସ ।।

ISSN NO.
2582-208X

ସୁନା ମିତାନ୍ ପରିବାର୍ କେ ତୁମେ
ନଜର୍ ହାତେ ନାଇଁ ଭଙ୍ଗ
ପାରୁଛ ବଏଲେ ମଦୁଆ ସାଙ୍ଗ୍ ଛାଡି
ଜ୍ଞାନୀ ଲୁକ୍ କର୍ ସାଙ୍ଗେ ହୁଅ ସାଙ୍ଗ ।।

ଛୁଆ ପିଲ୍ କେନ୍ତା ମୁନୁଷ୍ ହେବେ
ସେ ଚେଷ୍ଟା ତୁମେ କର
ପାଠ୍ ପଢିକରି କରି ନକରି କଲେ
କର୍'ବ ଗାଡି, ମଟର୍, ଘର ।।

ବୌଦ୍ଧ
୭୭୪୯୯୭୧୨୭୬

ISSN NO.
2582-208X

# ଧଏନ୍ ରେ ମୁନୁଷ୍ ତୋର୍ ଜୀବନ୍



ମୀର୍‌ ବାଇ ପାଣିଗ୍ରାହୀ

ଧଏନ୍ ରେ ମୁନୁଷ୍ ତୋର୍ ଜୀବନ୍
ଗଛ୍ ଲତା ଦେଉଛୁ କାଟି
ଜାହାକେ ଦେଉଛୁ କୁଢେର୍ ଚୁଟା
ସେ ଖାଏଦ୍ ଦେସି ତୋର୍ ଟଟି ।
ତାର୍ ଲାଗି ଜୀବନ୍ ରଖିଛୁ ପରେ
ତାର୍ ଜୀବନ୍ ନେଉଛୁ ଲୁଟି
ଆଏନ୍ତା ଗୋଟେ ଦିନ୍ ଆଏବା ଜେ
ପାଏନ୍ ପବନ୍ ଲାଗି
ହେଉଥିବୁ ସାନ ଘାଟି ।
ଉଷୋ କସା ଦେସି ରୋଗ୍ ଦୁରେଇ
ଦଉଛେ ମୁହେଁ ଆହାର୍
ଖାଏଦ୍ ଦେଉଛେ,ବସ୍ ତର୍ ଦେଉଛେ
କରବୁ ତାହାକେ ଜୁହାର୍ ।
ଗୁଟେ ଠାନେ ଠିଆ ହେଇଛେ
ନେଉଛୁ ଜୀବନ ତାର୍
ଭଲ ମାଏଟ୍ ଟିକେ ନାଇଁ ପାଉଛୁ
ଦେଉଛୁ ଖାଲି ସାର୍ ।

ISSN NO.
2582-208X

ଉଦ୍ ମୁଦେଇ କରି ମରିଯିବୁ ଦେଖ୍
ନାଇଁ ପାଇ ପାରୁ ପବନ୍
ପାଏନ୍ ବୁନ୍ଦେର୍ ଲାଗି ଡହକ ବିକଲ୍
ହେଇଯିବା ଦିନେ ସପନ୍ ।
ତାର୍ ଛାଏ ଥି ଥକ୍ କା ମେଟାସୁ
ହେମା ହେ ବୁଆ କରି
ତାର୍ ଡାଲ୍ ପତର୍ ତୋର୍ ମାଁ ର୍ ପନତ୍
ଦେଉଛୁ ତାହାକେ ଚରି ।
ତାର୍ ମୁର୍ ଦାରେ ଅଚନ୍ତା ଶୁଇ ଦେଉଛୁ
ତାହାକେ ଶୁଇ ନାଇଁ ଦେବାର୍
ପୁଟି ପର୍ବନ୍ ତାର୍ ଜୀବନ ଖାଉଛୁ
କରୁଛୁ ଅସୁର୍ ବେଭର୍ ।
ମାହାପୁରୁ କେ କେଭେଁ ଦେଖୁଛୁ କାଏ
କେନ୍ତା ଦିଶ୍ ଶନ୍ ବଲି
ନାଇଁ ଦେଖି ଯଦି ଗଛ୍ ଲତା ଦେଖ୍
ନାଇଁ ମାର୍ ତାହାକେ ଜାଲି ।

ନୁଆ ପଡା, କୋମନା

ISSN NO.
2582-208X

# ମରଡି



ସୁନୀଲ କୁମାର ଅଗସ୍ତି

ବିନ୍ ମୋଲର୍ ଗରବ୍
ଅହଁକାର୍ ତମର୍ ତମକେ
ପଲସା ଫୁଲେ ଗୁପାଲ୍
ଗଲା ବଦଲି ତମର୍ ଠିକାନା ,
'ଛିଡା'ର୍ ସଙ୍ଗେ ଚେହେରା ଆଏ
ମୋର୍ କେଚ୍ କେଗ୍ବ
ପାଏସି କାହିଁ ମୁଁଇଁ
'କୁବେର୍'କଁର୍ ଠିକାନା,,
ତମର୍ ଧସକଲା ସପନେ
ଉଁଆଁସ୍ ଅଁନ୍ଧାରେ
ବୁଲ୍'ଲ ନୁରି ପୁନୀ ଜନ୍
କୁବେରକଁର୍ ଠିକାନା
କଲା ତମକେ ବାଇ,
ମତେ ଝୁରି ଝୁରି
ପଡଲା କାଏଁ 'ମରଡି'
ତମର୍ 'ଖୁସା' ଥିଁ ,

କାହିଁ ଗଲା ତମର୍
ହଁସିର୍ ବୁଏଡ୍
ମତେ ଦେଲ ପାସରି,,
ବଛର୍ ତିନ୍ କୁଏର୍
ଗଲା'ନ ଖସରି
ଇଫାଲେ ଖାଉଛେ ଖେକଡା
ଧାର୍ ଉଧାରର୍ 'ବାପ୍'ତା ପାଟ୍'
ତମର୍ ଲାଗତି ଯେନ୍ ଘିନ ଥିଲିଁ
ଶାଢ଼ୀ ସମଲପୁରୀ,,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

ISSN NO.
2582-208X

# କଁସର୍ ଅଭିମାନ୍



କୁମରଲାଲ ରଣା

କଁସ ବୋଏଲା ଯେ   ଦେବକୀ କେ ରିସେ
କିଆଁ ଧରମ୍ କରୁଛୁ
ଲୁଚେଇ ରଖିଛୁ   ଦୁହି ପୋକେ ତୋର୍
କାଏଁ କଥା ଯେ ଭାବୁଛୁ ॥୧॥

ନାଇ ଜାନବାର୍   କେଁତୋର୍ ବୁଧିକେ
କିଆଁଯେ ହେତକି ରିସ୍
କୁସ୍ନ ବଲରାମ   ଗୋପପୁରେ ରଖି
ହେଉଛୁ କେଁ କିସ୍ କିସ୍ ॥୨॥

ନାଇ ଜାନି ମୋର୍   କରାମତି ଗୁନ୍
ଗୁପତ୍ କରୁଛୁ  ମକେ
ମୋର୍  ହାତେ ଜଦ୍ଦି   ପଡିଯିବା ବୌଲେ
ମାରିଦେମି ତକେ ହକେ ॥୩॥

ଇ କଁସରଜାର୍   କରାମତି ଗୁନ୍
କେନ୍ ନାଇ ପାରେ ଜାନି
ଇନ୍ଦର ରଜାକେ   ଚଟନି ଖୁଆନି
କରିଦେଲି ତାକେ ହାନି ॥୪॥

ମୋର୍ ପାଦେ ଖଟେ   ମୋର୍ ପାଦ ସେବେ
ସେ ଅହକିରିଆ ଯମ୍
ତାକେ ତ ବାନ୍ଧିଛେ   ମଥୁରାକେ ଆନି
ତୋର ଭାଏଗ୍ କେଁ ଲମ୍ ॥୫॥

କୁବେର୍ ହାତୁନୁ   ଛଡେଇ ଆନିଛେ
ତାର୍ ପଦ୍ ଭାର୍  କେତେ
ବରୁନର୍ କଥା   ନାଇ କହନ
ମୋର୍ ଗୁନ୍ ଅଛେ ଜେତେ ॥୬॥

ତେତିଶ କୋଟିର୍   ଦେବତା ଥିଲେ
ସରଗ୍ ପୁରେ କେଁ ଲୁକି
ସବକେ ବାନ୍ଧିଲି   ହାତ ଗୋଡ୍ ତାକର୍
ନାଇ ଗଲେ କେ ବୁଚକି ॥୭॥

ନାରଦଠାନୁ ଯେ   ଖବର୍ ପାଇଛେଁ
କୁସ୍ନର୍ ଯେତେକ୍ କଥା
ଗୋପେ ରଜା ନନ୍ଦ   ରଖିଛେ ସୁନି
ଘୁରି ବୁଲୁଅଛେ  ମଥା ॥୮॥

ISSN NO.
2582-208X

ତାର୍ କାଏଁ ଗଲ୍ ମୋର୍ ଲାଗି ହକେ
କରୁଛେ ବଡା ଭୁର୍କୁଟି
ଦେଖାଯିବା ତାର୍ କେତେ ଅଛେ ପନ୍
କେନତା ହେବା ଯେ କଁଟି ॥୯॥
କେତେ ତାର୍ ଗୁନ୍ ରହିଛେ ପୁଇନ୍
କେନତି ଯେଇ ଲୁକବା
ଯେନତି ଗଲେ ସେ ହେତିକେ ଜିମି
ଆଗକେ ତ ଦେଖାଯିବା ॥୧୦॥
ପାତାଲ ସରଗ୍ ମରତ ଭୁବନ୍
ଯେନ ଠାନେ ଯାଇ ଲୁକୁ
ଖୋଜି ଖୋଜି କରି ଗୁଡେଇ ଗୁଡେଇ
ଲଗେଇ ଦେମି ତାକେ ଡାକୁ ॥୧୧॥
ମୋର୍ ସଇନ୍ ଯେତେକ ଅଛେ ଭରି
ସଭେ ଗୁଟେ ଗୁଟେ ଡାକୁ
ଯେନ୍ ଠାନେ ଯାଇ ଗୁପତନେ ରହି
ଯେନ୍ ଠାନେ ସେହୁ ଲୁକୁ ॥୧୨॥
କେତେ କର୍ମମତି ବଲ ମୋର୍ ଅଛେ
ସବକେ ଅଛେ ଯେ ଜନା
ମୋର୍ ହାତେ ତୁଇ ପରି ଗଲେ ତୋର
ବୁଧି ହେଇଜିବା ବନା ॥୧୩॥
ଅହକରିଆ ସେ ଗୋପ ପୁରିଆ
ଗହ୍ଲର ରଜା ସେ ନନ୍ଦ
ମୋର୍ କଥା କାଏଁ ନାଇ ଜାନ
କରୁଛେ କାଏଁଯେ ଫାନ୍ଦ ॥୧୪॥

ମହୁଆଭଟା ନୂଆପଡା

ISSN NO.
2582-208X


# ଯାହାର ବାଟେ ସେ
# (କଥାନି)



ପ୍ରକାଶ ମେହେର

ଦିନେ କେଛୋ ଆର୍ ଖର୍(ଠେକୁଆ) ଭିତରେ ହଁକା ବାଦି ହେଇଥିଲା । ହେଲେ ଖର୍ ଗରବ କରି କହି ଥିଲା ଯେ କେଛୋ . . .ତୁ ଇ ହାରି ଯିବୁରେ ହେଲେ ବିଚ୍ ର୍ କେଛୋ ସହି ଥିଲା ଆର୍ ତୁମ ପଡି ଦେଲା । ହଁ କା ବାଦି ନ ଖର୍ କାଂଏଁ ଜିତ୍ ସି ହାରି ଗଲା ।

ଫେର ଦିନେ ଖର୍ ଆରୁ କେଛୋର ଭେଟ ହେଲା ଗୁଟେ ଜଙ୍ଗଲ ପାଖର ମୁଡ଼ା ଠାନେ। ତେହେରୁ ଦୁଇ ଜନକର ଭିତରେ ଟିକେ ଗୋଲ୍ ମାଲ ଲାଗଲା । ଖର୍_କହୁଛେ କେଛୋ କେ . ..ହ ଏରେ ସେ ଦିନ ସେନା ତୁଇ ଜିତ୍ ଲୁ ମୁଁ ଇଁ ସୁଇ ପଡ଼ ନ ବଲି ହେଲେ ଆଏଜ୍ ଦେଖ ମା ।

କେଛୋ_ବ ଏଲା କାଣା ସେ ଦିନର ବା ଗିର ହଁକା ବାଦି କର ବୁ ।

ଖର୍_ହଁ, ଆଜି ଦେଖ୍ ମା ଗା ଜିତ୍ ବା କଏ ଜେ ?

କେଛୋ_ହେନ୍ତା ହେଲେ ଗୁଟେ କାମ ଟେ କର୍ ମା ଗା ତୁଇ ତ ମୁଁଇଁ ଭୀମ ବଲୁଛୁ ।

ଖର୍_ହଉ, କାଣା କର୍ କମା କହ ।

ISSN NO.
2582-208X

କେଛୋ_ଗୁଲ୍ ଆଏଜ୍ ତୁଇ ଇ ମୁଡ଼ାର ପାନ ଇ ଖଡ଼ ନୁ ସେ ଖଡ ଥରେ ପହଁରି ଆ ।

ଖଗ୍_ବେସି କଥା କହି କରି ବଲ ଦେଖା ଲ୍ ଆର୍ ପାନ ଝପେଇ ହେଲ୍ ।
କେଛୋ_ଦେଖ ଆଗ କେ ଯା....ଯା....ଜାନବୁ  ଖଗ୍_ବଲ ହେନ ନ ଭୁଙ୍ଗିଗଲ୍ ।

ତେହେରୁ କେଛୋ ବଏଲ୍ ମୁଇଁ ଇ ମୁଡ଼ାର ଇ ଖଡ଼ ନୁ ସେ ଖଡ ସାତ ଥର ବୁଲି ଆଏମି !
ଦେଖ୍ ବୁ ଦେଖ୍, ବଏଲ୍ ଆ ରୁ ବୁଲି ଆଏଲ୍ ।

ଖଗ୍‌ର୍ ବୁଦ୍ଧି ହଜିଗଲ୍ । ସେନୁ କେଛୋ ବଏଲ୍ ଆରେ ଖଗ୍ ହେଥିର ଲ୍‌ଗି କହେସନ୍ . . .
. . . ଯାହାର ବାଟେ ସେ. . . . . ନଜର ବୁଦ୍ଧି ନଜ କେ . . . .

କୁଲିଆବାହାଲ, ଦେଓଗାଁ
ବଲାଙ୍ଗୀର

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଡ୍ରାଗନ ର ଫଳ



ଡ଼ଃ ରଞ୍ଜିତ କୁମାର ସାହୁ

ଦୁଇ ମହଲ୍ ଉପରେ ବସି ଗପୁ ଗପୁ ଚମକ ପଡିଲ୍ ତନ୍ମୟ I ପ୍ରଥମ ଥର ପାଇଁ ତାହାର ସାଙ୍ଗ ବିକ୍ରମ ଘରକୁ ତାକୁ ଭେଟିବାକୁ ଯାଇଥାଏ I ତେଣୁ ବିକ୍ରମ ର ମାଆ ତାହାକୁ ରାତ୍ରି ଭୋଜନ ସାରି ଫେରିବାକୁ ନିମନ୍ତ୍ରଣ ଦେଇଥିଲେ I ତନ୍ମୟ ମଧ୍ୟ ଖୁସିରେ ହଁ କହିଦେଲ୍ ଆଉ ଦୁହେଁ ଗପିବାରେ ଲାଗିଗଲେ I

"ମୁଁ ଏତେ ଡେଙ୍ଗା ନାଗଫେଣୀ ଗଛ ଆଗରୁ ଦେଖି ନାହିଁ," ଝରକା ବାହାରେ ଥିବା ଏକ ସରୁଆ କଣ୍ଟାରେ ଭର୍ତ୍ତି ଗଛ ଆଡକୁ ଇଙ୍ଗିତ କରି ତନ୍ମୟ କହିଲ୍ I

"ସେଇଟା ନାଗଫେଣି ନୁହେଁ, ପିଟାୟା ଗଛ," ବିକ୍ରମ ଉତ୍ତର ଦେଲ୍ I

"ସେଇଟା ପୁଣି କଣ,"ତନ୍ମୟ ପଚ୍ଚରିଲ୍ I

"ଏହା ଏକ ପ୍ରକାରର ଫଳ ଗଛ I ମୂଳତଃ ମଧ୍ୟ ଏବଂ ଦକ୍ଷିଣ ଆମେରିକାରେ ଦେଖା ଯାଉଥିବା ଡ୍ରାଗନ୍ ଫ୍ରୁଟ ଆଜି ବିଶ୍ୱର ଅନେକ ଦେଶରେ ଲୋକପ୍ରିୟ ହୋଇ ପାରିଛି I ଏହା ଭିଟାମିନ ସି ଆଉ ଭିଟାମିନ ବି ରେ ଭରପୁର ହୋଇଥିବାରୁ ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି ରେ ସହାୟକ ହୋଇଥାଏ ଏବଂ ଚର୍ମ ପାଇଁ ମଧ୍ୟ ଉପକାରୀ ଅଟେ I ଏଥିରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକାରି I ଏଥିରେ ପୋଟାସିଅମ, ମାଗ୍ନେସିଅମ, କାଲସିଅମ, ଲୌହ, ଫୋସ୍ଫୋରସ ଏବଂ ସୋଡ଼ିଅମ ମଧ୍ୟ ଥାଏ I ଅନ୍ୟ ଫଳ ଭଳି ଏଥିରେ ତନ୍ତୁ ଥାଏ ଏବଂ ପାଚନ ରେ ସହାୟକ ହୁଏ I ପାଚିଲା ପାହାଳଟି ନାଲି ହେଇଥାଏ ଏବଂ ଏହାର ଆକୃତି ଯୋଗୁଁ ଏହାକୁ କିଛି ଲୋକ ଡ୍ରାଗନ ଫ୍ରୁଟ ବୋଲି ମଧ୍ୟ କୁହନ୍ତି I "

ISSN NO.
2582-208X

"ତୁ ଏତେ କଥା କେମିତି ଜାଣିଲୁ ?" ତନ୍ମୟ ପଚାରିଲା ।

"ବାପା ଏହି ଗଛ ଲଗେଇଲା ବେଳେ ମୋତେ କହିଥିଲେ । ଗୋଟିଏ ମଜା କଥା ହେଲା, ଏହାର ଫୁଲ ବହୁତ ସୁଗନ୍ଧମୟ ଏବଂ ରାତିରେ ଫୁଟେ । ତେଣୁ ଏହାର ପରାଗକୁ ବାଦୁଡ଼ି ଏବଂ ପତଙ୍ଗ ମାନେ ବିତରଣ କରି ଥାଆନ୍ତି ! କେହି କେହି ଏହାର ଫୁଲକୁ ଖାଦ୍ୟ ରୂପରେ ବ୍ୟାବାହାର କରନ୍ତି ଏବଂ ଶୁଖିଲା ଫୁଲକୁ ଚାହା ଭଳି ମଧ୍ୟ ବ୍ୟବହାର କରାଯାଏ," ବିକ୍ରମ କହିଲା ।"

"ମୋର ମଧ୍ୟ ଇଛା ହେଉଛି ଏହାକୁ ନେଇ ଆମ ବାଡ଼ିରେ ଲଗେଇବି," ତନ୍ମୟ କହିଲା ।

"ଏହାର ମଞ୍ଜି ଅଥବା କାଣ୍ଡ କୁ ରୋପଣ କରି ନୂଆ ଗଛ ସୃଷ୍ଟି କରା ଯାଇ ପାରେ । ତୁ ଚାହିଁଲେ ଖଣ୍ଡିଏ କାଣ୍ଡ ନେଇ ତୁମ ବାଡ଼ିରେ ମଧ୍ୟ ଲଗେଇ ପାରିବୁ । ଏହାର ଯତ୍ନ ନେବା ଖୁବ ସହଜ ମଧ୍ୟ । କିନ୍ତୁ କିଛି ବର୍ଷ ଅପେକ୍ଷା କରିବାକୁ ପଡିବ ଫଳ ଖାଇବାକୁ । ଆର ଥରକୁ ଆସିଲା ବେଳକୁ ନିଶ୍ଚୟ କିଛି ଫଳହୋଇଥିବ, ତୁ ଖାଇ ପାରିବୁ," ବିକ୍ରମ କହିଲା ।

ତନ୍ମୟ ଚାହିଁଥାଏ, ଝରକା ବାହାରେ ଥିବା ଗଛଟିରେ ଥିବା ଫୁଲ ଗୁଡିକ ଧୀରେ ଧୀରେ ଫୁଟିବାକୁ ଲାଗିଥିଲା ଆଉ ଏକ ସୁନ୍ଦର ମହକ ଭିତରକୁ ଆସିବାକୁ ଲାଗିଥିଲା । ଫୁଲ ଚାରି ପାଖେ ପତଙ୍ଗ ସବୁ ଘୁରିବାକୁ ଲାଗିଥିଲେ ।

ଏତିକି ବେଳେ ବିକ୍ରମର ବାପା କାମରୁ ଫେରିଲେ ଏବଂ ସମସ୍ତେ ରାତ୍ରି ଭୋଜନ ସାରିଲେ।

ତାହା ପରେ ବିକ୍ରମର ମାଆ କିଛି ନାଲି ଆଉ ଧଳା ଗୋଲ ଗୋଲ କଟା ହେଇଥିବା ଫଳ ଆଣିକି ଟେବୁଲ ଉପରେ ଥୋଇଲେ ଆଉ କହିଲେ, "ବିକ୍ରମର ବହୁତ ପସନ୍ଦ ସେଥିପାଇଁ ଆଜି ମଉସା ବଜାରରୁ ନେଇ ଆସିଛନ୍ତି କିଛି ଡ୍ରାଗନ ଫ୍ରୁଟ । ତଟକା ଫଳ ଦେହ ପାଇଁ ହିତ କାରକ ଏବଂ ଏହି ଫଳ ମଧ୍ୟ ଏକ ପୌଷ୍ଟିକ ଆହାର । ତନ୍ତୁ ମଉସାଙ୍କୁ ଏହାର ଜୁସ ପସନ୍ଦ ତେଣୁ ତାଙ୍କ ପାଇଁ ଜୁସ ତିଆରି ହେଇଛି । "

ISSN NO.
2582-208X



ଫଳ ଗୁଡିକରେ ଛୋଟ ଛୋଟ କଳା ରଙ୍ଗର ମଞ୍ଜି ସବୁ ଥାଏ । ନାଲି ରଙ୍ଗର ଫଳ ଗୁଡିକ ଦେଖିବାକୁ ଅଧିକ ଆକର୍ଷକ କିନ୍ତୁ ସୁଆଦ ରେ ବିଶେଷ ଭିନ୍ନ ନୁହେଁ । କଛି ଖଣ୍ଡ ଖାଇଲା ପରେ ତନ୍ମୟ ଘରକୁ ଫେରିବାକୁ ଲାଗିଲା ।

"ମୁଁ ମଧ ବାପାଙ୍କୁ କହିବି ଏହାକୁ ଆଣିବେ ଆଉ ଏହାର ମଞ୍ଜିକୁ ପୋତି ଗଛ କରିବି ଆଉ ଫଳ ହେଲେ ବିକ୍ରମକୁ ଡାକକ ଖୁଆଇବି, "ମନେ ମନେ ଭାବିବାକୁ ଲାଗିଲା ତନ୍ମୟ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଜେଜେଙ୍କ ପରିବା
# କଣା



ନୀଳମାଧବ ସାହୁ

ସକାଳୁ ସକାଳୁ ଜେଜେ ଖବର କାଗଜ ପଢ଼ିବା ସମୟରେ ଗୋଟିଏ ପରେ ଗୋଟିଏ ସତେଜ ପରିବା ଭର୍ତ୍ତି ଥିବା ଗାଡି ଯାଉଥିବା, ନିନା ସବୁଦିନେ ଦେଖୁଥାଏ । ତାର କିଛି ସମୟ ପରେ ଜେଜେ ଗୋଟିଏ କପଡା ବ୍ୟାଗ ବା ମୁଣି ଧରି ବାହାରି ପଡନ୍ତି ତାଜା ପରିବା କିଣିବା ପାଇଁ, ବେଳେବେଳେ ନିନା ବି ଜେଜେଙ୍କ ସାଙ୍ଗେ ଯାଇଥାଏ। ଦିନେ ଜେଜେ ଖବର ପଢୁଥିଲେ ଯେକେନ୍ଦ୍ର ସରକାର ଭାରତରେ ଥରେ ମାତ୍ର ବ୍ୟବହାର ହେଉଥିବା ନିର୍ଦ୍ଦିଷ୍ଟ ପଲିଥିନ ଯାହାକି ପରିବେଶରେ ଆବର୍ଜନା ଓ ପ୍ରଦୂଷଣ କରିବାରେ ମୁଖ୍ୟ ଭୂମିକା ନିଏ, ତାହାର ତିଆରି, ଗଚ୍ଛିତ ରଖିବା, କିଣାବିକା ଓ ବ୍ୟବହାରକୁ ନିଷେଧ କରିଛନ୍ତି । ଜେଜେ ଖବର ପଢ଼ିସାରିଲା ପରେ ସବୁଦିନ ପରି ପରିବା ଆଣିବା ପାଇଁ ବାହାରିପଡିଲେ ଓ ନିନା ବି ତାଙ୍କ ସାଙ୍ଗେ ବାହାରିପଡିଲା।

ଜେଜେଙ୍କୁ ଘାଣ୍ଟ ତରକାରୀ ପସନ୍ଦ ଥିବାରୁ ସେ ପାଖ ଅଂଚଳରେ ଚାଷ ହେଉଥିବା ଦେଶୀଆଳୁ, ବାଇଗଣ, ବୋଇତାଳୁ, ମହୁନାଡ, କଞ୍ଚା କଦଳୀ, ମୁନିକା, ଇତ୍ୟାଦି ପରିବା ନିଜେ ବାଛି ବାଛି ବାହାର କରୁଥିଲେ, ଯେପରି ଭଲ ଓ ତାଜା ପରିବା ଘରକୁ ନେଇ ଆସିବେ। ନିନା ସେ ମଧ୍ୟରେ ପରିବା ଦୋକାନରେ ପର୍ଯ୍ୟବେକ୍ଷଣ କରୁଥିଲା ଯେ କେଉଁ ଲୋକ କଣ ପରିବା ନେଉଛି ଓ ଜେଜେଙ୍କ ପରି ଅନ୍ୟମାନେ ଘରୁ ମୁଣି ନେଇ ଆସିଛନ୍ତି କି ନାହିଁ ।

ISSN NO.
2582-208X

ଜେଜେ ଓ ନିନା ପରିବା ନେଇ ଘରକୁ ପହଁଚିଲେ। କିଛି ସମୟ ପରେ, ନିନା ନିଜ ମନରେ ଥିବା ସବୁ ପ୍ରଶ୍ନ ଜେଜେଙ୍କୁ ପଚାରିବା ଆରମ୍ଭ କରିଦିଏ। ନିନା ପ୍ରଥମେ ପଚାରିଲା, ଜେଜେ, ସବୁ ଲୋକ ତୁମ ପରି କାହିଁ ମୁଣି ଆଣିନଥିଲେ ଯେ, ସମସ୍ତେ ପଲିଥିନରେ ପରିବା ନେଇ ଆସୁଥିଲେ ଆଉ ସରକାର ଯେଉଁ ପଲିଥିନ ନିଷେଧ କରିଛନ୍ତି ଲୋକେ ତାହା ମାନୁନାହାନ୍ତି। ଜେଜେ ଉତ୍ତରରେ କହିଲେ ଯେ ସରକାର ନିୟମ ବନେଇଦେଲେ କଣ ହେବ, ଲୋକେ ତ ନିଜେ ପରିବେଶ ପ୍ରତି ସଚେତନ ନୁହଁନ୍ତି ଓ ଯେତେ ମନା କଲା ପରେ ମଧ୍ୟ ଘରୁ ଗୋଟିଏ ବ୍ୟାଗ ବା ମୁଣି ନେଇ ଆସନ୍ତି ନାହିଁ ଓ ଦୋକାନୀକୁ ପଲିଥିନରେ ଭରି ଦେବାକୁ କହିଦିଅନ୍ତି। ଦୋକାନୀ ବି କଣ କରିବ, ନିଜ ବ୍ୟବସାୟ ପାଇଁ ଥରେ ବ୍ୟବହୃତ ହେଉଥିବା ପଲିଥିନ ଆଣି ରଖେ ଯାହାକି ଅନ୍ୟ କପଡା ବ୍ୟାଗ ଠାରୁ ଶସ୍ତା ହୋଇଥାଏ । ପଲିଥିନ ଯେବେଠୁ ବାହାରିଲାଣି ଲୋକେ ଧୀରେ ଧୀରେ ମୁଣି ବ୍ୟବହାର କରିବା କମାଇଦେଲେ ଓ ପଲିଥିନରେ ସବୁ ପ୍ରକାରର ଜିନିଷ ଆଣିବା ଏକ ପ୍ରକାରର ଅଭ୍ୟାସ ହୋଇଗଲା । କିନ୍ତୁ ପରିବେଶ ପ୍ରତି ହେଉଥିବା ଅସୁବିଧାକୁ କିଏ ଧ୍ୟାନ ଦେଲେ ନାହିଁ ।



ନିନା ପୁଣି ଜେଜେଙ୍କୁ ପଚାରିଲା, ପଲିଥିନ ଯୋଗୁଁ ପରିବେଶକୁ କ'ଣ କ୍ଷତି ହେଉଛି । ଜେଜେ ଉତ୍ତର ଦେଲେ ଯେ ଶହଶହ ବର୍ଷ ଧରି ପଲିଥିନ କ୍ଷୟ ନ ହୋଇ ମାଟିରେ ମିଶି ନ

ISSN NO.
2582-208X

ପାରିବାରୁ ଆମ ଆଖପାଖରେ ବହୁତ ଆବର୍ଜନା ସୃଷ୍ଟି କରୁଛି । ତାକୁ ଜଳାଇବା ଦ୍ଵାରା ସେଥିରୁ ନିର୍ଗତ ଗ୍ୟାସ ପରିବେଶକୁ ଦୂଷିତ କରିବା ସହ ବିଶ୍ଵ ତାପମାତ୍ରା ବୃଦ୍ଧି କରିବାରେ ସହାୟକ ହୁଏ । ପ୍ଲାଷ୍ଟିକ ଓ ପଲିଥିନର ବହୁଳ ବ୍ୟବହାର ଯୋଗୁଁ ମଣିଷଙ୍କ ଦେହରେ ବି ବିଭିନ୍ନ ମାରାତ୍ମକ ରୋଗ ଦେଖା ଦେଲାଣି ଓ କିଛି ବିଜ୍ଞାନ ଭିତ୍ତିକ ତଥ୍ୟ ଦର୍ଶାଇଛି ଯେ କେତେକ ଖାଦ୍ୟ ଓ ମଣିଷ ଶରୀରରେ ମଧ୍ୟ ମାଇକ୍ରୋ ପ୍ଲାଷ୍ଟିକ୍ ଥିବା ପ୍ରମାଣ ମିଳିଛି ।



ତାହାଲେ ଆମକୁ କଣ କରିବାକୁ ହେବ ବୋଲି ନିନା ଜେଜେଙ୍କୁ ପୁଣି ପ୍ରଶ୍ନ କଲା। ଜେଜେ ଉପଦେଶ ଦେଲେ ଯେ ଆମେ ଲୋକମାନେ ସଚେତନ ହୋଇ ଯଥା ସମ୍ଭବ ପଲିଥିନକୁ କମ ବ୍ୟବହାର କରିବାକୁ ପଡିବ। ପଲିଥିନର କୁପ୍ରଭାବ ବିଷୟରେ ମଧ୍ୟ ସମସ୍ତେ ଜାଣିବାକୁ ପଡିବ। ପରିବା କିମ୍ବା ସଉଦା କିଣି ଗଲାବେଳେ ସାଙ୍ଗରେ କପଡା ବ୍ୟାଗ ବା ମୁଣି ନେବା ଉଚିତ ଓ ଅନ୍ୟ ମାନଙ୍କୁ ଏହା ବିଷୟରେ କହିବାକୁ ବି ପଡିବ । ତୁ ମଧ୍ୟ ବିଦ୍ୟାଳୟରେ ସବୁ ସାଙ୍ଗଙ୍କୁ ଏ ବିଷୟରେ ସଚେତନ କରାଇବାକୁ ହେବ । ନିନା ବି ତା' ପର ଦିନ ସବୁ ସାଙ୍ଗଙ୍କୁ ଜେଜେଙ୍କ ଉପଦେଶ ବିସ୍ତୃତ ଭାବେ ଜଣାଇ ପରିବେଶର ଉପକାର ନିମନ୍ତେ ପଲିଥିନ ବ୍ୟବହାର ନ କରିବାକୁ କହିଲା ।

ସମରଝୋଳ, ଗଂଜାମ, ଓଡିଶା

ISSN NO.
2582-208X

# ରାଜା ହେବାକୁ ଯୋଗ୍ୟ କିଏ



ଅମରନାଥ ବାରିକ

ଗୋଟେ ଦେଶରେ ଅନ୍ତର୍ଯ୍ୟାମୀ ନାମକ ଜଣେ ମହାବଳୀ, ଜ୍ଞାନୀ ତଥା ପରମ ଦୟାଳୁ ରାଜା ଥିଲେ । ନାମଟି ଯେମିତି କାମଟି ମଧ୍ୟ ସେମିତି । ସେ ଅନ୍ତର୍ଯ୍ୟାମୀ ପରି ସମସ୍ତଙ୍କ ଅନ୍ତରର କଥାକୁ ଜାଣିପାରନ୍ତି, ଉଡ଼ିଗଲା ଚଢ଼େଇର ପେଟ କଥାକୁ ଜାଣିଲା ପରି । ଦାନଧର୍ମ କରିବାରେ ସେ ତିଳେ ହେଳା କରନ୍ତି ନାହିଁ । ଯଦି କେହି ଜଣେ ଭିକାରୀ ରାଜ ଦରବାରକୁ ଭିକ୍ଷା କରିବାକୁ ଆସି ଥାଆନ୍ତି, ତାହାଲେ ମଣିମା ତାଙ୍କୁ ପାଛୋଟି ନେଇ ତାଙ୍କର ସମସ୍ତ ପ୍ରକାର ଅଭାବ ପୂରଣ କରିଥାନ୍ତି । ସେଥିଲାଗି କେବଳ ରାଜ ଉଆଁସରେ ନୁହେଁ ବରଂ ପୁରା ଦେଶର ପ୍ରଜାମାନେ ତାଙ୍କୁ ଭଲପାଉଥିଲେ ।

ତାଙ୍କ ରାଣୀଙ୍କର ନାମ ଥିଲା ପୁଷ୍ପବତୀ । ସେ ରୂପରେ ପୁଷ୍ପଠାରୁ ଅତ୍ୟନ୍ତ ସୁନ୍ଦର ଓ କୋମଳ ଥିଲେ। ବାଟରେ ଚାଲିଗଲେ ସତେ ଯେମିତି ତାଙ୍କ ପାଦରୁ ମୁକ୍ତା ଝରିପଡେ । ତାଙ୍କ କଥା ଏତେ ମଧୁର ଏବଂ ନମ୍ର, ଭାଷାରେ କହି ହେବ ନାହିଁ । ଗୋଟିଏ ଚାଉଳରୁ ଗଢା । ଆଧ୍ୟାତ୍ମିକ ଚେତନାରେ ପରିପୂର୍ଣ୍ଣ ତଥା ସର୍ବଗୁଣ ସମ୍ପନ୍ନ ଥିଲେ । ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ତାଙ୍କ ପାଖରେ ରାଜ ସମ୍ପଦ ଥାଇ ବି ସୁଧା ଟିକେ ହେଲେ ବି ଗର୍ବୀ ଅହଙ୍କାରୀ ନଥିଲେ । ଆଉ ରହିଲା ବାକି କ୍ରୋଧ ! କ୍ରୋଧକୁ ସେ ନିଜ ଆୟତ୍ତର ଲଗାମରେ ବାନ୍ଧି ରଖିଥିଲେ । ଯାହା ତାଙ୍କୁ କେବେବି ଭେଦ କରିପାରିନଥିଲା ।

ISSN NO.
2582-208X

ହଁ ଏ କଥା ସତ, ରାଜଗାଦିରେ ବସିଥାଇ ମଧ୍ୟ ତାଙ୍କ ସ୍ୱାଭାବ ଅତି ସାଧାରଣ ଥିଲା । ରାଜା ହୋଇ ମଧ୍ୟ ପ୍ରଜାଙ୍କ ସାଙ୍ଗରେ ପ୍ରଜା ହୋଇ ଚଳୁଥିଲେ ।

ରାଜା ରାଣୀଙ୍କର ଦୁଇ ପୁତ୍ର ରାଜକୁମାର ଥିଲେ । ଜଣଙ୍କର ନାମ ଅଶ୍ୱଜିତ୍ ଯିଏକି ବଡ଼ ଭାଇ ଏବଂ ଅନ୍ୟ ଜଣଙ୍କର ନାମ ବିଶଜିତ୍ ଯିଏକି ସାନ ଭାଇ ଥିଲା । ସର୍ବଦା ସେମାନେ ଏକତ୍ର ଖାଇବା, ଶୋଇବା, ବୁଲିବା ଏମିତିକି ଜଣେ ଜଣଙ୍କୁ ନଦେଖିଲେ ରହିପାରନ୍ତି ନାହିଁ। କିନ୍ତୁ ସ୍ୱଭାବରେ ପାର୍ଥକ୍ୟ ତାଙ୍କୁ ଭିନ୍ନ ମଣିଷର ପରିଚୟ ଦେଉଥିଲା ।

ବିଶ୍ୱଜିତ୍ ସୁଧାର ପିଲାମାନଙ୍କ ସହିତ ମିଳାମିଶା କରୁଥିଲା ବେଳେ ଅଶ୍ୱଜିତକୁ ଜଣେ ଦୁଃସଙ୍ଗୀ ମିଳିଯାଇଥିଲା । କିନ୍ତୁ ବିଶ୍ୱଜିତ୍ ସତେ ଯେମିତି ପାଠରେ ବିଶ୍ୱକୁ ଜିତିପାରୁଥିଲା । ଦିନେ ଅଶ୍ୱଜିତର ସଙ୍ଗାତ ଅଶ୍ୱଜିତକୁ କହିଲା "ଆରେ ତୁ କାହିଁକି ଏତେ କଷ୍ଟ କରୁଛୁ ? ତୋ'ର ପଢ଼ିବାର କ'ଣ ଆବଶ୍ୟକ ? ତୋର ପିତାଶ୍ରୀ ଜଣେ ରାଜା ଆଉ ତୁ ଜଣେ ରାଜକୁମାର । ତୋ'ର ପୁଣି କ'ଣ ଅଭାବ ?" ସେ ତା' ସଙ୍ଗାତ କହିବା ଅନୁସାରେ ସେଦିନ ଠାରୁ ଆଉ ପାଠରେ ଧ୍ୟାନ ଦେଲା ନାହିଁ । ପଢ଼ା ଛାଡ଼ିଦେଇ ଏଣେ ତେଣେ ମନ ଲଗାଇଲା। ସମସ୍ତଙ୍କ ଘୃଣାର ପାତ୍ର ହେଲା। ହେଲେ ବିଶ୍ୱଜିତ୍ ପାଠରେ ଉତ୍ତୀର୍ଣ୍ଣ ହୋଇ ଜଣେ ଭଲ ମଣିଷଟିଏ ହୋଇପାରିଲା । କଥାରେ ଅଛି 'ଯେମିତି ସଂଗତ ସେମିତି ପ୍ରାପତ'।

ଦିନ ବିତିଗଲା ନଦୀର ପାଣି ପରି । କାଳର କରାଳ ଗତିରେ ରାଜାଙ୍କର ଅକାଳ ମୃତ୍ୟୁ ଘଟିଲା । ତାଙ୍କର ମୃତ୍ୟୁକୁ ନେଇ ଚିନ୍ତିତ ହୋଇପଡିଲେ ମହାରାଣୀ ପୁଷ୍ପବତୀ । ଶୋକର ଛାୟା ଖେଳିଗଲା ସାରା ରାଇଜରେ । ଭାଳେଣି ପଡ଼ିଲା ରାଜାଙ୍କ ଅନ୍ତେ ରାଜ୍ୟ ସମ୍ଭାଳିବି କିଏ? ଆଉ କିଏ ପିନ୍ଧିବ ସେ ରାଜ ମୁକୁଟ ? ପୁରା ରାଜ୍ୟରେ ଲହରି ଖେଳିଗଲା ଯେ ରାଜାଙ୍କର ତ ଦୁଇ ପୁତ୍ର, ତାଙ୍କ ଭିତରୁ ଯିଏ ଯୋଗ୍ୟ ସେ ହିଁ ରାଜା ହୁଅନ୍ତୁ । ଯେହେତୁ ତାଙ୍କ ପିତା ଜଣେ ବିଦ୍ୱାନ ରାଜା ଥିଲେ ନିଶ୍ଚୟ ତାଙ୍କ ପୁତ୍ରଙ୍କ ଶରୀରରେ ତାଙ୍କ ସାଧୁତାର ରକ୍ତ ପ୍ରବାହିତ ହେଉଥିବ । ତା' ଛଡା ରାଜ୍ୟ ସମ୍ଭାଳିବା କେଉଁ ସାଧାରଣ ବ୍ୟକ୍ତି ବିଶେଷଙ୍କ ପକ୍ଷରେ ସମ୍ଭବ ନୁହେଁ । ମହାମନ୍ତ୍ରୀ ତ ସବୁ ଜାଣନ୍ତି, ଦୁଇ ରାଜକୁମାରଙ୍କ ମଧ୍ୟରୁ ରାଜା ହେବାପାଇଁ ଉପଯୁକ୍ତ ପ୍ରାର୍ଥୀ କିଏ ? ସମସ୍ତ ପ୍ରଜା ମହାମନ୍ତ୍ରୀଙ୍କୁ କ୍ଷମତା ଦେଲେ ଦୁଇ ରାଜକୁମାରଙ୍କ ମଧ୍ୟରୁ ପରୀକ୍ଷା ନେଇ ଉପଯୁକ୍ତ ବିଚାର କରନ୍ତୁ କିଏ ରାଜଗାଦି ସମ୍ଭାଳିବେ !

ISSN NO.
2582-208X

ପରଦିନ ଘୋଷଣା ପାଇଁ ପାତ୍ରମନ୍ତ୍ରୀ ସୈନ୍ୟସେନା ଏବଂ ସମସ୍ତ ପ୍ରଜାମାନଙ୍କୁ ଆମନ୍ତ୍ରଣ କରାଗଲା ସଭାକୁ । ଅୟୋଜନ କରାଯାଇଥିବା ସଭାରେ ସମସ୍ତେ ଆସି ଉପସ୍ଥିତ ହୋଇଗଲେ । ଦୁଇ ରାଜକୁମାର ଦୁଇଟି ଆସନ ଉପରେ ବସି ମନେ ମନେ ଭାବୁଥାନ୍ତି କାହା ଉପରେ ଭାଗ୍ୟଲକ୍ଷ୍ମୀ ପ୍ରସନ୍ନ ହେବେ । ଏବେ ଘୋଷଣାର ସମୟ ଆସିଗଲା । ମହାମନ୍ତ୍ରୀ କହିଲେ, "ଶୁଣନ୍ତୁ, ମହାରାଜ ଯେତେବେଳେ ଜୀବିତ ଥିଲେ ସେତେବେଳେ ସମସ୍ତ ପ୍ରକାର ଆୟ ବ୍ୟୟର ହିସାବ ମୋତେ ରଖିବା ପାଇଁ ଆଦେଶ ଦେଉଥିଲେ । ପୁଣି ବର୍ଷ ଶେଷରେ ଏକକାଳୀନ ବାର୍ଷିକ ମୋଟ ଆୟ ବ୍ୟୟର ହିସାବ କରି ଆଗାମୀ ବର୍ଷ ପାଇଁ କର ନିର୍ଦ୍ଧାରଣ କରାଯାଉଥିଲା। ଚଳିତ ବର୍ଷ ମଧ୍ୟ ବାକି ଥିବା ହିସାବ କରାଯିବ । ଆଉ ଏହି ଆୟ ବ୍ୟୟର ହିସାବ ତଥା କର ନିର୍ଦ୍ଧାରଣ, ଆପଣ ଦୁଇ ରାଜକୁମାରଙ୍କ ମଧ୍ୟରୁ ଯେଉଁ ମହାଶୟ ନିର୍ଭୁଲ ଭାବରେ ଓ ଖୁବ୍ କମ୍ ସମୟରେ କରି ଦେଖାଇବେ ତାଙ୍କୁ ରାଜ ମୁକୁଟ ପିନ୍ଧାଇ ରାଜ୍ୟର ଭାର ଅର୍ପଣ କରାଯିବ ।

ଅଶ୍ୱଜିତ୍ ପାଠ ପଢାରେ ମନ ଦେଇ ନଥିବା ହେତୁ ହିସାବ ଦେଖି ଡରିଗଲେ । ଯାହା ଫଳରେ କି ସମସ୍ତ ରାଜଧିକାରରୁ ବଞ୍ଚିତ ହେଲେ କିନ୍ତୁ ବିଶ୍ୱଜିତ୍ ପାଠ ପଢ଼ାରେ ମନ ଦେଇ ଜଣେ ବିଦ୍ୱାନ ହୋଇଥିବାରୁ ସମସ୍ତ ହିସାବ ଯଥା ଶୀଘ୍ର ନିର୍ଭୁଲ ଭାବରେ କରିପାରିଥିଲେ । ତେଣୁ ସେ ହିଁ ରାଜା ହୋଇ ପ୍ରଜା ମାନଙ୍କୁ ସୁଖରେ ପାଳିଲେ ଓ ବହୁ ସୁନାମ ଅର୍ଜନ କଲେ।

ତେବେ କୁହ ପିଲାମାନେ ଏଥିରୁ ଆମେ କ'ଣ ଶିକ୍ଷା ପାଇଲେ ? ଯେ -: ପାଠ ଜୀବନର ମୂଳମନ୍ତ୍ର, ବାକି ସବୁ ଧନ ଦୌଲତ ଯାହା ରହିଲା ସେ ସବୁ କ୍ଷଣିକ, ଚିରସ୍ଥାୟୀ ନୁହେଁ । ପାଠ ପଢ଼ିଥିଲେ ଜଣେ ବଡ଼ ମଣିଷରେ ଗଣାଯିବ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ନଭେମ୍ବର - ୨୦୨୨

ISSN NO. 2582-208X

www.vedantimagazine.com

# ଜହ୍ନମାମୁଁ



ମୀନାକ୍ଷି ପାଢ଼ୀ

ଗେଲୁ ପଗ୍ଚରିଲ୍ ଗେଲିକୁ, "କହିଲୁ
କେତେ ଗୋଟି ମାମୁଁ ତୋଅର ?"
ଫୁଲେଇ ଗେହ୍ଲେଇ କହିଲ୍ଟି ଗେଲି,
"ତିନଗୋଟି ମାମୁଁ ମୋଅର।

ପ୍ରଥମ ଟି ହେଲେ ମୋ ବୋଉର ଭ୍ଇ
ଶରଧା କରନ୍ତୁ ଭ୍ଆରୀ,
ଦ୍ୱିତୀୟ ମାମୁଁ ଟି ଶୁଣି ଲ୍ଗେ ଡର
ବାଘମାମୁଁ ନାଁ ତାହାରି।

ତୃତୀୟ ମାମୁଁ ମୋ ସବୁଠୁ ନଆର୍
ସବୁଠାରୁ ପ୍ରିୟ ସେଇ,
ସଞ୍ଜ ନଇଁ ଗଲେ ନୀଳ ଆକାଶରେ
ଧୀରେ ଧୀରେ ଆସେ ଉଇଁ।

ନତି ସଞ୍ଜ ହେଲେ ତାର୍ ନାନୀ ଯେବେ
ମିଟି ମିଟି କରି ହସେ,

ISSN NO.
2582-208X

ମେଘ ବୋଇତରେ ଆସେ ଜହ୍ନମାମୁଁ
ଗ୍ଭଲିଯାଏ ଗ୍ଭତି ଶେଷେ।

ଶୀତଳ କରଣ ବିଞ୍ଚି ଦେଇ ଯାଏ
ବୋଳ ମମତା ମଧୁର,
ଦେହରେ ବାଜିଲେ ତା' ଥଣ୍ଡା କରଣ
ଦୁଃଖ ହୋଇଯାଏ ଦୂର।

ଅଜା ଘର ମାମୁଁ ଦିଅନ୍ତୁ ମିଠେଇ,
ବାଘ ମାମୁଁଙ୍କୁ ମୋ ପ୍ରଣାମ,
ହେଲେ ଜହ୍ନମାମୁଁ ଆଣିଦିଏ ମୋତେ
ନିତି ଗ୍ଭତି ନୂଆ ସପନ।"

ଶିକ୍ଷୟିତ୍ରୀ, ଚକଟୀ, ଗଞ୍ଜାମ

ISSN NO.
2582-208X

# ବୃକ୍ଷ ରୋପଣ



ଅରୁଣ କୁମାର ମେହେର

ଆସ ପିଲ୍ମାନେ ଆସ ହେ ମାଡି
ଗଛ ଲଗାଇବା ଧାଡି କ ଧାଡି ।।

ଅମୂଲ୍ୟ ସଂପଦ ଗଛ ଆମର
କରେ ନାହିଁ କେବେ ବନ୍ଧୁତ୍ୱ ଦୂର ।।

ଆନନ୍ଦେ କରିବା ବୃକ୍ଷ ରୋପଣ
ବୃକ୍ଷ ଆମ ପ୍ରକୃତ ବନ୍ଧୁ ଜାଣ ।।

ମୃତ୍ତିକା କ୍ଷୟରୁ ରୋକବ ସିଏ
ଜାଳେଣି ଆମକୁ ଯୋଗାଇ ଦିଏ ।।

ଖାଇବାକୁ ଦିଏ ଅନେକ ଫଳ
ପରଷେ ରଙ୍ଗ ବେରଙ୍ଗର ଫୁଲ ।।

ଖରାରେ ବାଟୋଇ ଆଶ୍ରୟ ନଏ
ପ୍ରଦୂଷଣ ମାତ୍ରା କମାଇ ଥାଏ ।।

ରହିଛି ଅନେକ ଔଷଧୀୟ ଗୁଣ
ଗୃହ ସମସ୍ତେ ଲଗାଇବା ଜାଣ ।।

ଗଛ ଯୋଗାଏ ଶୁଦ୍ଧ ଅମ୍ଳଜାନ
ଭୁଲିନାହିଁ କେବେ ବନ୍ଧୁତ୍ୱ ମାନ ।।

କହିଲି ବୁଝାଇ ତାହାରି ଗୁଣ
କରିବା ସମସ୍ତେ ବୃକ୍ଷ ରୋପଣ ।।

ବୁଟୁପାଲି, ଜିଲ୍ଲା –ବୌଦ୍ଧ
ମୋ –9583935009

ISSN NO.
2582-208X

# ଗୁଗୁ ହେ! ଗୁଗୁ



ନୀଳମଣି ଚାନ୍ଦ

ତୁମପାଇଁ ଅଛି  ରକତଗୋଲାପ ଫୁଲଟି
ତୁମ ପ୍ରିୟ ବୋଲି ବୁଝିଥିଲ ତାର ମୂଲଟି ।

ଭଲପାଇ ଖୋସୁଥିଲ କୁରୁତାରେ ତୁମର
ମୋତିଲାଲ, ସ୍ୱରୂପାଙ୍କ ଅଲିଅଳ କୁମର ।

ଶୂନଶାନ୍  ଆଜି ଲାଗଇ ଆନନ୍ଦଭବନ
ତୁମେ ନାହଁ ବୋଲି ଦୁଃଖରେ ସତେ ସେ ମଗନ ।

ପ୍ରଥମ ପ୍ରଧାନମନ୍ତ୍ରୀ ହେଲ ତୁମେ ଦେଶର
ଭଲ ଲାଗୁଥିଲ ଥିଲେ ଶେରଓ୍ୱାନ ବେଶର ।

ଜନ୍ମଥିଲ ତୁମେ ଏମିତିକା ଶୁଭବେଳରେ
ସମୟ ତ କାଟୁଥିଲ କୁନାକୁନ ମେଳରେ ।

ତୁମ ପଞ୍ଚଶୀଳ ନୀତି ବିଶ୍ୱ ଆଜି ପାଳଇ
ଗାନ୍ଧୀଙ୍କର ପଟ୍ଟଶିଷ୍ୟ ବୋଲି ମନେ ଭାଳଇ ।

ISSN NO.
2582-208X

ଦେଶ ପାଇଁ କାରାବାସ କଷଣଟି ସହିଲ
ଆପଣେଇ ନଅ ଶାନ୍ତ, ଅହିଂସାକୁ କହିଲ ।

ଯେବେ ଆସେ ତାରିଖଟି ନଭେମ୍ବର ଚଉଦ
ଯିଏ ଥାଉ ବାଙ୍କୀ, ବର୍ଦ୍ଧମାନ ଅବା ବଉଦ ।

ଥାଉ ଶିଶୁ ଗୌହାଟି କ ଗୋଆ, ଗୁଆମାଳରେ
ଫଟୋରେ ଚଢ଼ାଇ ଦିଏ ନେଇ ଫୁଲମାଳରେ ।

ଶିଶୁଦିବସଟି ଆଜି ସଭିଏଁ ତ କହନ୍ତୁ
ଗ୍ଭଗ୍ଭଙ୍କର ଜନ୍ମଦିନ ସବୁ ଗ୍ଭହିଁ ରହନ୍ତୁ ।

ଗ୍ଭଗ୍ଭ ଆହେ ଗ୍ଭଗ୍ଭ ପ୍ରିୟ ଜବାହର ଆମର
ମରି ବି ଅମର, ସାର୍ଥକ କରିଛ ନାମର ।

୨୭ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.
ମୋ: ୯୫୮୩୨୦୨୩୫୭

ISSN NO.
2582-208X

# ସକାଳ ଭାଙ୍ଗିଲା
# ବୋଉର ନିଦ

ପ୍ରଶାନ୍ତ କୁମାର ଦାଶ

ନିଦମଳ ମଳ ଆଖିକୁ ଆଉଁସି
ନିଦରୁ ଉଠିଲା ବୋଉ
ଅନ୍ଧାର ହଟିଲା ମନ୍ଦାର ଫୁଟିଲା
ଗଛରୁ ପଡିଲା ଓଉ ।।

ପାହାନ୍ତିତାରର ଫରଗ୍ଣ ଆକାଶେ
ମଉଳ ବୁଡ଼ିଲା ଜହ୍ନ
ଡାକଦେଲା କାଉ ଶୁଅନାହିଁ ଆଉ
କାମରେ ଲଗାଅ ମନ ।।

ବୋଉ ନିଦୁଉଠି ଦେଖିଲା ଗଛରେ
ଫୁଟିଲାଣି କେତେ ଫୁଲ
ଉଇଁବ ସୁରୁଜ ଆସିବ ସକାଳ
ଗାଆଁ ହେବ ଝଲ ମଲ ।।

ଫୁଲତୋଳ ବୋଉ ମାଳ ଗୁନ୍ଥୁଦେଲା
ଘରଠାକୁରଙ୍କୁ ଦେବ
ମଥାରେ ଓଢଣା ଟାଣିକ ବିଭୂଙ୍କୁ
ଭକ୍ତିରେ ଜୁହାର ହେବ ।।

ଦୂର ସହରରେ ବାପାଙ୍କ ଚାକରୀ
ଯିବେ ସେ ସଅଳ ଛୁଟି
ଗାଧୋଇବାପାଇଁ ବାପାତ ଗଲେଣି
ନଈକୁ ନିଦରୁ ଉଠି ।।

ଘରର ପାଇଟି ସାରିଦେଇ ବୋଉ
ଗାଧୋଇଲା ନଈଜଳେ
ସକାଳର ଖରା ବିଛେଇପଡିଲା
ଗଛଡାଳ ଫୁଲ ଫଳେ ।।

ଜଳଖିଆ କରି ଡାକଦେଲା ବୋଉ
ନିଦରୁ ଉଠିଯା କୁନା
ଜଳଖିଆ ଖାଇ ପାଠ ପଢ଼ିଯିବୁ
ଡ଼ାକଲାଣି ଆସି ମୁନା ।।

ବାପା ଜଳଖିଆ ଖାଇ ଚାଲିଗଲେ
ବୋଉ ରହିଥିଲା ଚାହିଁ
ମଥାରେ ଓଢଣାଟାଣି କହୁଥିଲା
ସୁନାପୁଅ କୁନା କାହିଁ ।।

ISSN NO.
2582-208X

ନଦୁଉଠି କୁନା ଚିକଦାନ୍ତ ଘଷି
ଖାଇଲା ଉପମା ଲୁଚ
ଦାଣ୍ଡଧୂଳ ଦେହେ ମିତାଲି ମାମାଲି
ଖେଳୁଥିଲେ ଦୁହେଁ ପୁଚ ।।

ପଢା ବହିଖାତା ଧରିଇ ହାତରେ
ବୋଉଟି କହିଲା ହସି
ଯାଆ ଧନମଣି ପାଠ ପଢ଼ିବୁତୁ
ପାଠଶାଳା ଘରେ ବସି ।।

ଭାଙ୍ଗିଦେଲା ଆସି ଝପଟି ସକାଳ
ବୋଉ ଆଖିତଳ ନଦ
ଘର ପରିବାର କାମକରି ବୋଉ
ଭୁଲିଗଲା ସବୁ ଖେଦ ।।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# କୁନି ଅତିଥି....



ରାଧାରାଣୀ ରାଉଳ

ଆସିଗଲେ ଆମ କୁନ ଅତିଥି

ହସାଇଲେ ଆଜି ସଭିଙ୍କୁ ବେଶି

ହସହସ ମୁହେଁ ପ୍ରେମରେ ବାର୍ତ୍ତା

ତା ପ୍ରେମରେ ଆମେ ହୋଇଲୁ ଶ୍ଵେତା

ବନ୍ଧୁ କରିଦେଲା ଆମକୁ ସେଇ

ତାର ବନ୍ଧୁ ଆମେ ଗଲୁରେ ହୋଇ

ଯେତେ କାମ ଥିଲେ ପଛେ କରିବୁ

ତା ହସରେ ଆମେ ବେଶି ହସିବୁ

ଲୁହକୁ ଆମର ଦେବ ଦୂରେଇ

ହସିଦେଲେ ଆମ କଳା କହ୍ନେଇ.....

କଟିକଟା, ଯାଜପୁର

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ




ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ପୂଜା ଖବର

(ନନ୍ଦନବିହାର ପୂଜା ସମିତି, ଭୁବନେଶ୍ୱର ଦ୍ୱାରା ହୋଇଥିବା ଦୁର୍ଗାପୂଜା ର କେତୋଟି ଛବି)



ISSN NO.
2582-208X





ISSN NO.
2582-208X



(Reported by: Shri Abhay Kumar Mishra)

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ -
## ଅକ୍ଟୋବର ସମୀକ୍ଷା


ଦେବଯାନୀ ସ୍ୱାଇଁ

ଦୁର୍ଗାପୂଜାର ମହକ ନେଇ ଏଥରକ "ବେଦାନ୍ତୀ" ଆସିଛି ମା' ଦୁର୍ଗାଙ୍କ ଅତି ସୁନ୍ଦର ଓ ଆକର୍ଷଣ ପ୍ରତିଛବିକୁ ନିଜ ପ୍ରଚ୍ଛଦ ପୃଷ୍ଠାରେ ସଜେଇ। ମା'ର ଆଗମନରେ ଚଳ ଚଞ୍ଚଳ ଏ ଧରା। ଚତୁଃପାର୍ଶ୍ୱରୁ ଭାସି ଆସୁଚି ଶଙ୍ଖ, ଘଣ୍ଟା ଶବ୍ଦ ସହିତ ମନ୍ତ୍ର ଉଚ୍ଚାରିତ ମା'ର ଆରାଧନା।

ମାତୃଶକ୍ତି ହେଉଚି ମହାଶକ୍ତି। ସେ ମମତାମୟୀ, କରୁଣାମୟୀ ପୁଣି ସ୍ୱାଭିମାନୀ ଆଉ ଧ୍ୱଂସକାରିଣୀ। ଆଜିର ସମାଜରେ ଶକ୍ତିସ୍ୱରୂପିଣୀ ସ୍ତ୍ରୀ ଜାତିକୁ ଯେଉଁଭଳି ଘରେ-ଘରେ ଅପମାନର ଶିକାର ହେବାକୁ ପଡୁଚି ସେଥିରୁ ଆମ ସମାଜକୁ ବାସ୍ତବିକ ଦୁର୍ଗା ସ୍ତ୍ରୀ ଶକ୍ତିର ଆଭାସ ନାହିଁ ବୋଲି ଉଲ୍ଲେଖ କରିଛନ୍ତି ପ୍ରତିଷ୍ଠାତା 'ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର'।

ସବୁଥର ଭଳି ଏଥରକ ମଧ୍ୟ ଭିତର ପୃଷ୍ଠାରେ "ସ୍ୱାସ୍ଥ୍ୟ ବିଭାଗ", "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ" ଲେଖା ସହିତ ରହିଛି ବିବିଧ ରୁଚି ସମ୍ପନ୍ନ ଶତାଧିକ ଆଲେଖ୍ୟ।

ପଠନର ପ୍ରାରମ୍ଭରେ ମା' ଦୁର୍ଗା ଙ୍କୁ ଆହ୍ୱାନ କରି କବିତାଟିଏ- "ଦେବୀ ପାଇଁ"। ଜୀବନ ସମ୍ବନ୍ଧରେ ଅନେକ ଗୁଡିଏ କବିତା ଏଥର। "ଜୀବନ"- ଏକ ଅବୁଝା ଗୀତଟିଏ, ଏଠି ଖାଲି ହସି ଶିଖିଲେ ହିଁ ବଞ୍ଚି ହୁଏ। ପୁଣି କେତେବେଳେ "ଜୀବନ" ଏକ ମହାଶୂନ୍ୟ- ଯେଉଁଠି ରୋଗ ଅଛି, ଭୋଗ ବି ଅଛି, ପ୍ରେମ ସହିତ ଛଳନା ବି ଅଛି। ଆହୁରି ପୁଣି

ISSN NO.
2582-208X

ଜୀବନ "ଗୋଟିଏ ଋତୁର ଫସଲ"– ଥରେ ଝଡି ଗଲେ ପତ୍ର, କଅଁଳେନି ଆଉ କେବେ ନା ଫୁଟେ ଆଉ ଥରେ ପୁଷ୍ପ। ଭାବ ଭକ୍ତିରେ ପାଠକ ମାନ ଙ୍କୁ ସମ୍ମୋହିତ କରୁଥିବା କବିତା ଗୁଡିକ– "ସର୍ବ ଅନ୍ତର୍ଯାମୀ", "ଭାବଗ୍ରାହୀ", "ବନମାଳୀ କ୍ଷେତ୍ରମଣ୍ଡଳୀ", "ତୁମେ ଜଗତ ନିୟତି", "ସ୍ଵର୍ଗ ଦ୍ଵାର" –ପାପ ପୂଣ୍ୟର ହିସାବ ସେ ହିଁ ଏକା। କାଳେ ଆସିଯିବ ଖୋଜି ଖୋଜି ଘର "ଦୁଆର ରଖିଛି ମେଲା"। "ଦାସକାଠିଆ" ରେ ଯେଉଁ ମନୋରଂଜନ – ତା ସାଥେ କି କେବେ ସମାନ ହୋଇବ ଆଜିକାଲିର ଏ ଟେଲିଭିଜନ!! "ଚାହାଣୀ କହେ କାହାଣୀ" କବିତାଟି ମନକୁ ଓଦା କରୁଥିବା ବେଳେ "ଉତ୍କଳ ସନ୍ତାନ" ରେ ଓଡିଆ ଜାତିର ଭିଜା ଭିଜା ବାସ୍ନା।

ଗଳ୍ପ ଆଲେଖ୍ୟରେ, ନିକୋବରୀ ମାନଙ୍କ ଜୀବନଶୈଳୀ ଉପରେ ବହୁତ କିଛି ତଥ୍ୟ ଉପସ୍ଥାପନା କରାଯାଇଛି "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ। ପ୍ରେମୀ ଯୁଗଳ ଅନୁପ ଓ ମଧୁସ୍ମିତା ଙ୍କ ପଞ୍ଚମ ଭେଟ ହେଇଯାଇଛି ହେଲେ ଅନୁପ ତା ବିଷୟରେ କିଛି ସତ ଗୋପନ କରି ରଖିଚି। କଣ ସେ ସତ ଜାଣିବାକୁ ଚାହିଁଲେ ନିଶ୍ଚୟ ପଢନ୍ତୁ "ଦକା– ପଚଂମ ଭେଟ"। "ଉଠ୍ ପୁଟୁର୍" ରେ ଅଭି ପହଞ୍ଚି ଯାଇଛି ଜିଲ୍ଲା ସ୍କୁଲ୍ ର କାରୁକାର୍ଯ୍ୟ କରା ବିରାଟ ଲୁହାର ଫାଟକ ପାଖରେ। ଐତିହ ସମ୍ପନ୍ନ "ବୋଡାସମ୍ବରରେ ଶକ୍ତି ପୂଜା"। "ବିଚ୍ଛିନ୍ନାଞ୍ଚଳ 'ସିଂହଭୂମି'ରେ 'ପହେଳି'ର ବିଶେଷତ୍ଵ"। "ଆତ୍ମ ସନ୍ତୋଷ" ଓ "ସାଇ ଦର୍ଶନ" ଭଳି କିଛିଟା ଅଲୋଡା ସତ୍ୟ। ଏମିତି ଏମିତି ବହୁତ କିଛି ଗଳ୍ପ ରହିଚି ପଢିବାକୁ ହେଲେ ଆଗାମୀ ଦିପାବଳୀ ଲାଗି ସଫାଇ କାର୍ଯ୍ୟର ଲମ୍ବା ତାଲିକା ମୋତେ ବାରମ୍ବାର ବିବ୍ରତ କରୁଚି। ଆପଣମାନେ କିନ୍ତୁ ସବୁ ମନେ କରି ପଢିବେ। ଶିଶୁ ବିଭାଗରେ ଥିବା "କାଙ୍କଡ କଷି"ର ବିଶେଷତା ଓ "ବାଘ ମାମୁଁ" କବିତାଟି ପଢିବାକୁ ଭୁଲିବେନି।

ଦୀପାବଳିର ଶୁଭକାମନା।

ଜୟ 'ବେଦାନ୍ତୀ' , ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ମତାମତ

ବେଦାନ୍ତୀର ଅକ୍ଟୋବର ସଂଖ୍ୟାଟି ୩୭୯ ପୃଷ୍ଠାର ଏକ ସଫଳ ଓ ସାର୍ଥକ ପ୍ରୟାସ କହିଲେ ଯଥାର୍ଥ ହେବ। ମୋ କବିତାକୁ ଦେବୀଙ୍କ ଧରାବତରଣ ଅବସରରେ ପ୍ରକାଶିତ କରିଥିବାରୁ ଆପଣଙ୍କୁ ତଥା ବେଦାନ୍ତୀ ଟିମକୁ ଅଶେଷ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି। ବେଦାନ୍ତୀର ଅଜସ୍ର ସଫଳତା କାମନା କରୁଛି।

ସୌଭାଗ୍ୟବନ୍ତ ମହାରଣା, ସମ୍ବଲପୁର

ପୁରାଣର ମନୋରମ କାହାଣୀ ମଧ୍ୟରେ ରାଜନୈତିକ ପଙ୍କିଳତାରେ ଉବୁଟୁବୁ କିଛି ଦାନବଙ୍କ ପାଇଁ ସମାଜର ଦୁରବସ୍ଥାରେ ଦେବୀଙ୍କୁ ଆହ୍ୱାନର ସମ୍ପାଦକୀୟ ଅଭିବ୍ୟକ୍ତି ସମୋନ୍ନତ । ସବୁ ସୁନ୍ଦର ।

ଦୀପ୍ତିମୟୀ ସାହୁ, ଗେଙ୍ଗୁଟିଆ (ତାଳଚେର),ଅନୁଗୁଳ

ସଂପୂର୍ଣ୍ଣ ଭାବେ ଇ ପତ୍ରିକାଟିର ଲେଖା ଗୁଡିକ ଅତି ମାର୍ମିକ ଓ ଉଚ୍ଚକୋଟିର ହୋଇଛି। କବିତା ଗୁଡିକ ମନଛୁଆଁ। ରୋଷେଇ ପୃଷ୍ଠାର ଆକର୍ଷଣ ବେଶ୍ ନିଆରା। ସଂପାଦକୀୟ ପୃଷ୍ଠାରେ ବାସ୍ତବତାର ଛାପ। ସଂପାଦକ ଙ୍କୁ ଆନ୍ତରିକ ଅଭିନନ୍ଦନ ସହ ଧନ୍ୟବାଦ ।

ବାଲ୍ମିକୀ ନାୟକ, ବାଙ୍ଗାଲୋର

ISSN NO.
2582-208X

# ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୧/୨୦୨୨ | ଗୋଷ୍ଠାଷ୍ଟମୀ |
| ୦୨/୧୧/୨୦୨୨ | ଅଁଳା ନବମୀ, ଜଗଦ୍ଧାତ୍ରୀ ପୂଜା ଓ ରାଧାଙ୍କ ପାଦ ଦର୍ଶନ |
| ୦୪/୧୧/୨୦୨୨ | ବଡ ଏକାଦଶୀ, ଭୀଷ୍ମ ପଞ୍ଚକ ବ୍ରତ |
| ୦୫/୧୧/୨୦୨୨ | ଗରୁଡା ଦ୍ୱାଦଶୀ ଓ ତୁଳସୀ ବିବାହ |
| ୦୬/୧୧/୨୦୨୨ | ବଡଓଷା |
| ୦୭/୧୧/୨୦୨୨ | ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ୦୮/୧୧/୨୦୨୨ | ରାସ ପୂର୍ଣ୍ଣିମା, ବାଲିଯାତ୍ରା, ଚନ୍ଦ୍ରଗ୍ରହଣ, କାର୍ତ୍ତିକେଶ୍ୱର ପୂଜା, କାର୍ତ୍ତିକ ବ୍ରତ ସମାପନ |
| ୦୯/୧୧/୨୦୨୨ | ଛାଡଖାଇ |
| ୧୩/୧୧/୨୦୨୨ | ସୀତା ବିବାହ |
| ୧୪/୧୧/୨୦୨୨ | ଶିଶୁ ଦିବସ |
| ୧୬/୧୧/୨୦୨୨ | ବିଛା ସଂକ୍ରାନ୍ତି, ପ୍ରଥମାଷ୍ଟମୀ, କାର୍ତ୍ତିକେୟ ପୂଜା |
| ୧୭/୧୧/୨୦୨୨ | କାଞ୍ଜିଅଁଳା ନବମୀ ଓ ମାର୍ଗଶୀର ଗୁରୁବାର |
| ୨୨/୧୧/୨୦୨୨ | ଶିବଚତୁର୍ଦ୍ଦଶୀ ଉପବାସ ଓ ଦେବ ଦୀପାବଳୀ ଆରମ୍ଭ |
| ୨୩/୧୧/୨୦୨୨ | ମଧ୍ୟ ଦେବ ଦୀପାବଳୀ, ମହୋଦଧି ଅମାବାସ୍ୟା |
| ୨୪/୧୧/୨୦୨୨ | ମାଣବସା ଓଷା |
| ୨୬/୧୧/୨୦୨୨ | ରମ୍ଭା ତୃତୀୟା |
| ୨୯/୧୧/୨୦୨୨ | ଓଢଣ ଓ ପ୍ରାବରଣ ଷଷ୍ଠୀ |


ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା - vedantimagazine@gmail.com/ editor.vedantimagazine@gmail.com

## ଅକ୍ଟୋବର ମାସର ବିଜେତାଙ୍କ ନାମ



ISSN NO.
2582-208X

ମାଲିକ ଆସିବେ ଘରକୁ ଏବେ
ଚାହିଁକି ବସିଛି ମୁହିଁ
ଜତ୍ନ ନଅନ୍ତୁ ସେ ଭରି ମୋହରି
କେମିତି ଭୁଲିବି ମୁହିଁ
ପଶୁ ବୋଲି ମୋତେ କେବେ ଭାବନ୍ତୁନ
ମନେ ରଖିବି ନଷ୍ଟେ ମୁହିଁ

ରବୀନ୍ଦ୍ର କୁମାର ପଣ୍ଡା, ଓ୍ୱାଲମି, ପ୍ରତାପନଗରୀ, କଟକ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com କୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ ।  ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**